

ମଇ ୨୦୨୪ • ୫୦ଟଙ୍କା
ରେବତୀ
ଆମ ମାଟିର ସ୍ୱର
website :
www.rebatee.in


# ପେନ୍ ଇନ୍ ବୁକ୍ସ ପ୍ରକାଶିତ
# କେତୋଟି ବହୁଳ ବିକ୍ରିତ ଉପନ୍ୟାସ





**ସୁସମାଚାର**
ଶୁଭ୍ରାଂଶୁ ପଣ୍ଡା





**କିଶୋରୀ ଅସ୍ମିତାର ହତ୍ୟାରହସ୍ୟ**
ସ୍ୱରୂପ କୁମାର ନାୟକ




**ଅନ୍ଧାରର ଇତିହାସ**
ମିଶ୍ୟୋଗ ରଞ୍ଜନ ପାତ୍ର




**ବଢ଼ିପାଣିର ଦାନ୍ତ**
ପ୍ରସନ୍ନ କୁମାର ମିଶ୍ର




**ସାରିଆ ନାନୀ**
ବିରଜା ମହାପାତ୍ର





**ବାଞ୍ଝ**
ବନମାଳୀ ସାହୁ





**କାଳଦାସ**
ବିଭୁ ହୋତା





**ରାଜନନ୍ଦିନୀ**
ସଂଯୁକ୍ତା ମହାପାତ୍ର





**ଶିଳ୍ପ ଭାଗବତ**
ଶୁଭ୍ରାଂଶୁ ପଣ୍ଡା





**ନିର୍ବାପିତ ନୀହାରିକା**
ଜୀବନ କୃଷ୍ଣ ମହାପାତ୍ର




**ମୁକ୍ତା**
ଦେବାଶିଷ ପଣ୍ଡା




**ଇତର**
ଶୁଭ୍ରାଂଶୁ ପଣ୍ଡା




**ଯୁଯୁତ୍ସା**
ଅଳଙ୍କାର ଆଚାର୍ଯ୍ୟ




**ବିଦାୟ ବେଳାର ସୂର୍ଯ୍ୟ**
ତାପସ ରଞ୍ଜନ ରାଉତ




**ନେପଥ୍ୟେ**
ରଶ୍ମି ମିଶ୍ର

## ଆମାଜନ୍ ଓ ନିର୍ବାଚିତ ବହି ଦୋକାନ ସମେତ ଆମ କାର୍ଯ୍ୟାଳୟରେ ଉପଲବ୍ଧ

scan on mobile camera to buy

**PEN IN BOOKS**
an imprint of **Odia Media Private Limited**
M-6/51, Acharya Vihar, Bhubaneswar-751013
Contact: 0674 254 0203, peninbooks@gmail.com
www.peninbooks.com

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଷଷ୍ଠ ବର୍ଷ : ୭ମ ସଂଖ୍ୟା, ମଇ ୨୦୨୪ ■ Vol-6, Issue : 07, May 2024

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ
**ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ଣ୍ଣ
- ଚିତ୍ରକଳା : ସୁସ୍ମିତା ମିଶ୍ର, ସଞ୍ଜୟ ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

**Bhubaneswar Office**
Rebatee Media House Pvt. Ltd.
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**
Editor : Rebati Ama Matira Swara
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/-**
■ ବାର୍ଷିକ : **୭୯୦ ଟଙ୍କା ମାତ୍ର** ■ Annual : **INR 790/-**

ରେବତୀ
ଆମ ମାଟିର ସ୍ୱର


୪ ସମ୍ପାଦକୀୟ : ସୁସ୍ଥ ପରିବାର ଗଠନ.... : ସୁବାସିନୀ ଜେନା

୯ ମାନନୀୟେଷୁ: ଆଦମପୁରର ଆକାଶ: ଉଦୟ ନାରାୟଣ ଦାସ

୧୮ ପର୍ବପର୍ବାଣି : ଚନ୍ଦନଯାତ୍ରାର ଚମକ: ବିଚିତ୍ରା ଦାଶ

୨୪ ଦେବଭୂମି : ନିତ୍ୟରାସର ନିଧିବନ: ଡ. ପ୍ରଫୁଲ୍ଲ କୁମାର ପାଣି


୨୮ ସଂସ୍କୃତି : ଓଜସ୍ୱୀ ଓଡ଼ିଶୀ: ଜାହ୍ନବୀ ମିଶ୍ର

୩୨ ଭଲବହି : ଟଙ୍କିକିଆ ମଣିଷର ମୂଲ୍ୟ: ପ୍ର. ନଟବର ଶତପଥୀ

୩୮ ପର୍ଯ୍ୟଟନ: ହାମିଲଟନ ସିଂହ...: ସୁଷମା ପରିଡ଼ା









୪୬ ଦିବ୍ୟ-ଅନୁଭବ : ଡା. ସରୋଜିନୀ ଷଡ଼ଙ୍ଗୀ
୫୦ ପରମ୍ପରା : ସମ୍ବେଦନା ମିଶ୍ର
୫୩ ଆଇନ କାନୁନ୍ : ସ୍ନିଗ୍ଧା ତ୍ରିପାଠୀ
୫୪ ଦ୍ୱି-ପ୍ରଚ୍ଛଦ : ଶୁଭଶ୍ରୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ

ଧାରାବାହିକ କାବ୍ୟ

୫୬ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

ସମକାଳ କବିତା

୫୭ : ଡକ୍ଟର ନୀଳମଣି ପରିଡ଼ା
ଶୁଭଶ୍ରୀ ଶୁଭସ୍ମିତା ମିଶ୍ର
୫୮ : ମମତା ଦାଶ
ପ୍ରୀତିଲେଖା ଦାସ




## ସମ୍ପାଦକୀୟାଂଶ...

××× ଆଜିର ମାଇକ୍ରୋ ପରିବାରରେ ପିଲାଟିଏ କେଉଁଠି ଏକାକୀ ଶୈଶବ ବିତାଉଛି ତ କେଉଁଠି ଜଣେ ଆୟା ବା ଘରର ଚାକରାଣୀ ସହ ସମୟ ବିତାଉଛି । ଅନେକ ସମୟରେ ତ ଦେଖାଯାଉଛି ଘରର ସ୍ୱାମୀସ୍ତ୍ରୀ ଉଭୟେ ଚାକିରି କରୁଥିବା ଯୋଗୁଁ ସାରାଦିନ ଘର ବାହାରେ ରହନ୍ତି । ବିଚରା ସାନପିଲାଟି ଘର ଭିତରେ ତାଲାବନ୍ଦ ହୋଇ ପଡ଼ିଥାଏ, ନହେଲେ କାହା ଦାୟିତ୍ୱରେ ଥାଏ । ସେଠି ନଥାଆନ୍ତି ଜେଜେମା, ନା ଥାଆନ୍ତି ଜେଜେବାପା । ନା ପରିବାରର ଅନ୍ୟ କେହି । ତେଣୁ ଏପରି ଏକ ନିଃସ୍ୱ ଓ ନିଃସଙ୍ଗ ପରିବେଶ ଭିତରେ ବଡ଼ ହେଉଥିବା ପିଲାଟିଏ ବଡ଼ ହୋଇ କେଉଁ ସୁସ୍ଥ ସମାଜ ଗଠନର ଏକ ଅଂଶ ହୋଇ ପାରିବ, ଆସନ୍ତୁ ଥରେ ଚିନ୍ତା କରିବା । ଏବେ ମଧ୍ୟ ସମୟ ଅଛି । ପରିବାରକୁ ସୁସ୍ଥ, ସୁଶୃଙ୍ଖଳିତ ଏବଂ ବାତ୍ସଲ୍ୟମୟ କରି ଗଢ଼ି ତୋଳିବା ପାଇଁ ନିଜ ନିଜ ପରିବାରରେ ବାପାମାଆଙ୍କୁ ରଖନ୍ତୁ ।

ସୁବାସିନୀ ଜେନା














୮୫ କଥା-କାହାଣୀ-୨ : ସରୋଜ ଦାସ
୯୦ ପୁଷ୍ପବିତାନ : ଶ୍ୱେତା ରାଉତ
୯୬ ଆତ୍ମଜୀବନୀ : ଜୟନ୍ତୀ ରଥ
୧୦୦ ସୌନ୍ଦର୍ଯ୍ୟ-ଚର୍ଚ୍ଚା : ଡକ୍ଟର ପ୍ରୀତିପଦ୍ମା ପଣ୍ଡା
୧୦୨ ସ୍ୱାସ୍ଥ୍ୟ-ଚର୍ଚ୍ଚା : ରବୀନ୍ଦ୍ର କୁମାର ବିଶ୍ୱାଳ
୧୦୪ ରୋଷେଇଶାଳ-୧ : ଅବିନାଶ ସାହୁ
୧୦୫ ରୋଷେଇଶାଳ-୨ : ଗୀତିକା ଜ୍ୟୋତିପର୍ଣ୍ଣା

୧୦୬: ଶେଷପୃଷ୍ଠା : ସାହିତ୍ୟିକର ସ୍ୱଧର୍ମ : କୃଷ୍ଣ କୁମାର ମହାନ୍ତି

୫୯ : ପ୍ରଭାକର ଶତପଥୀ
ଅନୀତା ପାଣି
୬୦ : ନନ୍ଦ କିଶୋର ସିଂହ
କମଳିନୀ କାସ୍ତ
୬୧ : ଚିନ୍ମୟ ବିବେକ
ବସନ୍ତ ବେହେରା
୬୨ : ବୃନ୍ଦାବନ ଦାସ
ଶର୍ମିଷ୍ଠା ସାହୁ
୬୩ : ନୃସିଂହ ତରାଇ
ଶୁଭ ନାରାୟଣ ସ୍ୱାଇଁ
୬୪ : ପ୍ରବୀଣ କୁମାର କବି
୬୫ : ରବି ଶତପଥୀ
ରାମଚନ୍ଦ୍ର ଦାଶ
୬୬ : ଗୋଦାବରୀଶ ମିଶ୍ର
ମୁକୁଳ ମିଶ୍ର
୬୭ : ପୀତାମ୍ବର ମହାପାତ୍ର
ପ୍ରଭାତ ନଳିନୀ ମହାପାତ୍ର
୬୮ : ଲିପିକା ଦାସ
ଶ୍ୟାମାକିଙ୍କର ମହାନ୍ତି
୬୯ : ଶୁଭେନ୍ଦୁ ଦାସ
ଶିବ ଶଙ୍କର ଦାସ
୭୦ : ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ
ସନ୍ତୋଷ କୁମାର ମେହେର
୭୨ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ
୭୮ କଥା-କାହାଣୀ-୧ : ଚିତ୍ତରଞ୍ଜନ ଚିରଞ୍ଜିତ





ପ୍ରଚ୍ଛଦ ଭାବନା : ରବୀନ୍ଦ୍ର କୁମାର ବିଶ୍ୱାଳ
ପ୍ରଚ୍ଛଦ ମଡେଲ୍ : ଜସ୍ମିନ ସାହୁ, ସମ୍ବଲପୁର
ଉଚ୍ଚତା : ୫ ଫୁଟ୍ ୨ ଇଞ୍ଚ
ବୃତ୍ତି : ମଡେଲିଂ
ରୁଚି : ନୃତ୍ୟ ଓ ଗୀତ ଗାଇବା
ଶିକ୍ଷା : ଦଶମ
ପ୍ରଚ୍ଛଦ ଫଟୋଗ୍ରାଫି : ସଞ୍ଜୀବ ଫଟୋଗ୍ରାଫର, ସମ୍ବଲପୁର
ମେକ୍‌ଅପ୍ : ହିଡ୍ରେନ୍ ବିଉଟୀ ପାର୍ଲର, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ, ସୋନପୁର
ଫଟୋଶୁଟ୍ ସ୍ଥାନ : ସମ୍ବଲପୁର

**ମଲାଟ କଥା :** ଜଳ ହିଁ ଜୀବନ । ଜଳ ଜୀବନର ପ୍ରତିଟି ମୁହୂର୍ତ୍ତ ପାଇଁ ଲୋଡ଼ା । ବଂଚିବା ପାଇଁ ଜଳର ଆବଶ୍ୟକତାକୁ ଅସ୍ୱୀକାର କରିହେବ ନାହିଁ । ପ୍ରତିଟି ତୃଷାର୍ତ୍ତ ପ୍ରାଣକୁ ଶୀତଳିତ କରିଥାଏ ଏହି ଜଳ । ଆଜି ସମଗ୍ର ବିଶ୍ୱରେ ତାପମାତ୍ରାର କ୍ରମାଗତ ବୃଦ୍ଧି ମଣିଷକୁ ଅସ୍ତବ୍ୟସ୍ତ କରୁଥିବା ବେଳେ ଜଳ ସଙ୍କଟ ମଧ୍ୟ ଏକ ଚିନ୍ତାଜନକ ସ୍ଥିତିରେ ଅଛି । ତାପମାତ୍ରା ବୃଦ୍ଧି ମଣିଷକୁ ବେହାଲ କରିଛି । ଜଳ-ନିର୍ଭର ପ୍ରାଣୀମାନେ ଡହଳ ବିକଳ ହେଉଛନ୍ତି । ଜଳ ଟିକିଏ ପାଇଁ କେଉଁ ସୁଦୂର ପଲ୍ଲୀର ନାରୀଟେ କଳସ କାଖରେ ଯାଇଥାଏ ଜଳାଶୟ ପାଖକୁ । କଳସ ଭରା ଜଳ ନେଇ ସେ ଫେରେ ପରିବାରକୁ । ସେହି ଜଳଭରା କଳସ କାଖରେ ପଲ୍ଲୀବାଳା ହିଁ ଏ ମାସର ପ୍ରଚ୍ଛଦ ।

ସମ୍ପାଦକୀୟ

# ସୁସ୍ଥ ପରିବାର ଗଠନ ହିଁ ସୁସ୍ଥ ସମାଜର ମନ୍ତ୍ର

ନାରୀ ପରିବାରର ପ୍ରମୁଖ ଅଂଗ । କାରଣ ପରିବାରକୁ ଉଚିତ ମାର୍ଗରେ ପରିଚାଳିତ କରିବା ପାଇଁ ନାରୀର ଭୂମିକା ଅନସ୍ୱୀକାର୍ଯ୍ୟ । ଯଦିଓ ପୁରୁଷର ଅବଦାନକୁ ଅସ୍ୱୀକାର କରି ହେବନି, କିନ୍ତୁ ପରିବାରର ପ୍ରତିଟି ସଦସ୍ୟ ସହିତ ସମୟର ବହୁଳାଂଶ ବିତାଇଥାଏ ଜଣେ ନାରୀ । ସେ ମାଆ ରୂପରେ ହେଉ କି ପତ୍ନୀ ରୂପରେ । ପରିବାର ଗଠନରେ ନାରୀର ଭୂମିକା ସର୍ବଦା ଅଗ୍ରଗଣ୍ୟ ।

ବର୍ତ୍ତମାନ ସମୟରେ ପରିବାର ଗଠନର ନିୟମରେ ନାନା ପ୍ରକାର ପରିବର୍ତ୍ତନ ଆସିଛି । ଭାରତୀୟ ପରମ୍ପରାରେ ଯୌଥ ପରିବାରର ଯେଉଁ ଚିତ୍ରଟି ଆମ ଆଗରେ ଭାସିଉଠେ, ସେ ଯୌଥ ପରିବାରର ପରମ୍ପରା ଆଜି ଆଉ ନାହିଁ । ଅର୍ଥାତ୍ ଯୌଥ ପରିବାର ଗଠନର ଯାବତୀୟ ପ୍ରଥା-ପରମ୍ପରା ଆଜିର ସମୟରେ ଆଉ ତିଷ୍ଠି ପାରିନାହିଁ । ପରିବାରର ଯେଉଁ ମୂଳ ଆଧାର, ତାହା ଆଜି ଭୂପତିତ । ଯେଉଁ ପାରିବାରିକ ବନ୍ଧନର ଶକ୍ତିରେ ଗଢ଼ି ଉଠୁଥିଲା ଯୌଥ ପରିବାରର ମୂଳଦୁଆ, ସେ ବିଶ୍ୱାସ ଓ ଆସ୍ଥା ଆଜି ଆଉ ଦେଖିବାକୁ ମିଳୁନାହିଁ । ସମୟ ଓ ଯୁଗର ପରିବର୍ତ୍ତନ ସହିତ ଆମ ପାରିବାରିକ ପରମ୍ପରା ବି ବିବର୍ତ୍ତିତ ।

ଭାରତରେ ଯୌଥ ପରିବାରର ପରମ୍ପରା କାହିଁ କେଉଁ କାଳରୁ ପ୍ରଚଳିତ ହୋଇ ଆସୁଥିବା ବେଳେ ଆଜିର ସମୟରେ କ୍ୱଚିତ୍ ଗୋଟେ ଦୁଇଟି ଯୌଥ ପରିବାରର ସନ୍ଧାନ ମିଳେ । ଯୌଥ ପରିବାରର ସବୁଠୁ ବଡ଼ କଥାଟି ହେଲା ଅନୁଶାସନ ଓ ଶୃଙ୍ଖଳା । ଗୋଟେ ବଡ଼ ପରିବାରରେ ଯେଉଁଠି ବାପାମାଆ ଓ ସେମାନଙ୍କ ସନ୍ତାନସନ୍ତତି ବ୍ୟତୀତ ଜେଜେବାପା, ଜେଜେମା, ବଡ଼ବାପା, ବଡ଼ମା, ଦାଦାଖୁଡ଼ୀ, ପୁତୁରାଝିଆରୀ, ପୁତୁରା ବୋହୂ, ନାତିନାତୁଣୀ- ଏମିତି ଅନେକ ସଦସ୍ୟସଦସ୍ୟା ଏକ ସୂତ୍ରରେ ବାନ୍ଧିହୋଇ ଚଳୁଥିଲେ, ସେପରି ପରିବାର ଆଉ ଦୃଶ୍ୟ ହେଉନାହିଁ କି ପାରିବାରିକ ବନ୍ଧନର ସେଇ ସଶକ୍ତ ରଜ୍ଜୁଟି ଆଉ ସଶକ୍ତ ହୋଇ ରହିନାହିଁ । ଯୌଥ ପରିବାରର ନିୟମ ଓ ଶୃଙ୍ଖଳା ଭିତରେ ସମସ୍ତେ ବାନ୍ଧି ହୋଇ ଏକମନ ଏକପ୍ରାଣରେ କାଳାତିପାତ କରିବା କେବଳ ମହାଭାରତୀୟ ପରମ୍ପରାରେ ସମ୍ଭବ । ଗୋଟିଏ ଯୌଥ ବା ସଂଯୁକ୍ତ ପରିବାରରେ ପୁଅଟିଏ ବିବାହ ପରେ ଅଲଗା ନରହି ସ୍ତ୍ରୀ ସହିତ ନିଜ ବାପାମାଆ, ଭାଇଭଉଣୀଙ୍କ ସାଙ୍ଗରେ ମିଳିମିଶି ରହିବାର ଦେଖାଯାଏ । ଏହିକ୍ରମରେ ପରିବାରର ସଦସ୍ୟସଦସ୍ୟା ସଂଖ୍ୟା ବି ବଢ଼େ ଏବଂ ଏହା ସାଙ୍ଗକୁ ଯୌଥ ପରିବାରଟି ମଧ୍ୟ ପ୍ରସାରିତ ହୁଏ । ଏତେ ସଦସ୍ୟଙ୍କ ଏକତ୍ର ରହଣି ଭିତରେ ମତ ମତାନ୍ତର ବା ମନୋମାଳିନ୍ୟ କ୍ୱଚିତ ଦେଖିବାକୁ ମିଳେ । କାରଣ ପରିବାରର ବରିଷ୍ଠତମ ସଦସ୍ୟଙ୍କ ନିଷ୍ପତ୍ତି ଓ ପରାମର୍ଶକୁ ଅନ୍ୟମାନେ ସମ୍ମାନ କରିବା ସହ ମାନନ୍ତି । ମାତ୍ର ଆଜିର ସମୟରେ ପରିବାର ଭାଙ୍ଗିରୁଜି ଛୋଟରୁ ଛୋଟ ହେବା ସତ୍ତ୍ୱେ, ପାରିବାରିକ କଳହ ଓ ସମସ୍ୟା ସମାନୁପାତରେ ବଢ଼ି ଯାଇଛି । ଆଜି ଆମେ ଆଧୁନିକ ସମୟରେ ବସବାସ କରୁଥିବା ବେଳେ 'ମାଇକ୍ରୋ ଫ୍ୟାମିଲି' ବା 'ଅଣୁ ପରିବାର' ଭିତରେ ଜୀବନ ବଞ୍ଚୁଛି । ଏହି ଅଣୁ ପରିବାର କହିଲେ ସ୍ୱାମୀ-ସ୍ତ୍ରୀ ଏବଂ ସେମାନଙ୍କର ଗୋଟିଏ କି ଯୋଡ଼େ ସନ୍ତାନ । ବାସ୍ । ଏତିକିରେ ସୀମିତ ଆଜିର ପରିବାର । ବାପାମାଆ, ଜେଜେବାପା ଜେଜେମା କଥା ଛାଡ଼ନ୍ତୁ, ଏ ପରିବାରର ଏକମାତ୍ର ସନ୍ତାନ ବି ବିବାହ ପରେ ଅଲଗା ରହିବାର ଦେଖାଯାଏ । ଫଳରେ ପାରିବାରିକ ବନ୍ଧନର ସେ ଯେଉଁ ସୁଖଦ ପରମ୍ପରା ଆଉ ଦୃଷ୍ଟିଗୋଚର ହୁଏ ନାହିଁ । ଛୋଟ ପରିବାର, ଖୁସି ପରିବାର- ଏପରି ଏକ କଥା କେବଳ ସ୍ଲୋଗାନ୍ ଭିତରେ ସୀମିତ ରହିଯାଇଛି । କାର୍ଯ୍ୟତଃ ଏପରି ଏକ ଛୋଟ ପରିବାରରେ ଖୁସି ତ ନିରୁଦ୍ଦିଷ୍ଟ ଥାଏ, ଅଧିକନ୍ତୁ ପରିବାରର ଦୁଇ ତିନିଜଣ ସଦସ୍ୟଙ୍କ ଭିତରେ ମଧ୍ୟ ନା ଥାଏ ସହମତି, ନା ଥାଏ ବୁଝାମଣା ।

ଆମେ ଜାଣୁ ଯେ, ଏକ ସୁସ୍ଥ ସମାଜ ଗଠନ ଦିଗରେ ଗୋଟେ ସୁସ୍ଥ ପରିବାରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଯଦି ପରିବାରଟିଏ ଆଜିର ସମୟରେ ବିଶୃଙ୍ଖଳିତ, ତେବେ 'ସମାଜ' ସ୍ୱତଃ ବିଶୃଙ୍ଖଳିତ ହେବ ହିଁ ହେବ । ଏ ଦିଗରେ ଚିନ୍ତାଭାବନା କରିବାର ସମୟ ଉପନୀତ । ପରିବାରର ଏକତାକୁ ଆଦୌ ଅଣଦେଖା କରାଯିବା ଉଚିତ୍ ନୁହେଁ । ଯେଉଁ ଯୌଥ ପରିବାରର ଦାୟାଦ ଆମେମାନେ, ସେଇ ମାଟିରେ ଛିଡ଼ା ହୋଇ ଆମେ ଏକକ ପରିବାରର ଡିଣ୍ଡିମ ପିଟୁଛୁ ସତ, ହେଲେ ଆମ ଭିତରୁ କିଏ ଲୁଟି ନେଇଛି ଆମର ସେଇ ପାରିବାରିକ ଏକତା, ପାରିବାରିକ ଶୃଙ୍ଖଳା, ପାରିବାରିକ ସଂସ୍କାର ? ଏ ପ୍ରଶ୍ନର ଉତ୍ତର କେବେ ଖୋଜିବାକୁ ଚେଷ୍ଟା କରୁନା ଆମେ । ଆମେ ବରଂ ଏଇ ଆଶାରେ ଆଗକୁ ବଢୁ ଯେ, ଆମେ କେତେ ବେଶୀ 'ଏକକ' ହୋଇ ପାରିବୁ । କେତେ ବେଶି 'ମାଇକ୍ରୋ' ହୋଇ ପାରିବୁ !

ପ୍ରତ୍ୟେକ କଥାର ଏକ ସୀମା ଓ ଶୃଙ୍ଖଳା ଥାଏ । ତାହା ପ୍ରାକୃତିକ ହେଉ ଅବା ମନୁଷ୍ୟକୃତ । ଆମକୁ ମାନିବା ଦରକାର । ଆମେ ଯେଉଁ ଯେଉଁ ସମୟରେ ଏ ସୀମାରେଖାକୁ ଭାଙ୍ଗିଛୁ, ସେବେ ସେବେ ହିଁ ଆମକୁ ଗ୍ରାସିଛି ଏକ ବିଶୃଙ୍ଖଳା । ଗୋଟେ ପରିବାରରୁ ପିଲାଟିଏ ଅନେକ କଥା ଶିଖେ । କେବଳ ଶିଖିବା ନୁହେଁ, ପିଲାଟିଏ ଜନ୍ମ ସମୟରୁ ପାଏ ଅନେକଙ୍କ ସ୍ନେହ, ଆଦର ଓ ଆବେଗ ଭରା ପରିବେଶ । ସେପରି ଏକ ପରିବେଶରେ ବଡ଼ ହୋଇ ସେ ନିଜକୁ ସେଇ ଶିକ୍ଷା ସଂସ୍କାରରୁ ବିଚ୍ୟୁତ ହେବାକୁ ଦିଏ ନାହିଁ । ସୁତରାଂ ଯୌଥ ପରିବାରର ନୈତିକତାବୋଧ ଆଜି ବି ଜରୁରୀ । କାରଣ ଆଜିର ମାଇକ୍ରୋ ପରିବାରରେ ପିଲାଟିଏ କେଉଁଠି ଏକାକୀ ଶୈଶବ ବିତାଉଛି ତ କେଉଁଠି ଜଣେ ଆୟା ବା ଘରର ଚାକରାଣୀ ସହ ସମୟ ବିତାଉଛି । ଅନେକ ସମୟରେ ତ ଦେଖାଯାଉଛି ଘରର ସ୍ୱାମୀସ୍ତ୍ରୀ ଉଭୟେ ଚାକିରି କରୁଥିବା ଯୋଗୁଁ ସାରାଦିନ ଘର ବାହାରେ ରହନ୍ତି । ବିଚରା ସାନପିଲାଟି ଘର ଭିତରେ ତାଲାବନ୍ଦ ହୋଇ ପଡ଼ିଥାଏ, ନହେଲେ କାହା ଦାୟିତ୍ୱରେ ଥାଏ । ସେଠି ନଥାଆନ୍ତି ଜେଜେମା, ନା ଥାଆନ୍ତି ଜେଜେବାପା । ନା ପରିବାରର ଅନ୍ୟ କେହି । ତେଣୁ ଏପରି ଏକ ନିଃସ୍ୱ ଓ ନିଃସଙ୍ଗ ପରିବେଶ ଭିତରେ ବଡ଼ ହେଉଥିବା ପିଲାଟିଏ ବଡ଼ ହୋଇ କେଉଁ ସୁସ୍ଥ ସମାଜ ଗଠନର ଏକ ଅଂଶ ହୋଇ ପାରିବ, ଆସନ୍ତୁ ଥରେ ଚିନ୍ତା କରିବା । ଏବେ ମଧ୍ୟ ସମୟ ଅଛି । ପରିବାରକୁ ସୁସ୍ଥ, ସୁଶୃଙ୍ଖଳିତ ଏବଂ ବାତ୍ସଲ୍ୟମୟ କରି ଗଢ଼ି ତୋଳିବା ପାଇଁ ନିଜ ନିଜ ପରିବାରରେ ବାପାମାଆଙ୍କୁ ରଖନ୍ତୁ । ସେମାନେ ହିଁ ଶିଖାଇବେ ପିଲାଙ୍କୁ ସଂସ୍କାର ଓ ରୀତିନୀତି । ପରିବାର ତ ଶିକ୍ଷାର ମୂଳଦୁଆ । ଆମେ ପରିବାରକୁ ପରିବାର ଭଳି କରି ରଖିବା ଦିଗରେ ପ୍ରୟାସ ନ କରି ପରିବାରକୁ ନର୍କ କଲେ, ନର୍କଭୋଗର କଷ୍ଟ ଆମକୁ ହିଁ ଭୋଗିବାକୁ ପଡ଼ିବ- ଏକଥା କେହି ଭୁଲିଯିବା ଉଚିତ୍ ନୁହେଁ ।

**ସମ୍ପାଦିକା**






## କବିତାସବୁ ଆତ୍ମାକୁ ଆବୋରି ବସିଛନ୍ତି

● ଶ୍ରଦ୍ଧେୟ 'ରେବତୀ' ସଂପାଦନା ଟିମ୍ ସାରସ୍ୱତ ନମସ୍କାର । ଦୁଇ ଦିନ ହେବ 'ରେବତୀ' ଏପ୍ରିଲ ସଂଖ୍ୟା ପଢୁଛି ତ ପଢୁଛି ! କେବଳ ପ୍ରକାଶିତ କବିତାଗୁଡିକ ହିଁ ପଢୁଛି ! ପ୍ରଫେସର ପ୍ରଫୁଲ୍ଲ ମହାନ୍ତିଙ୍କ 'ଦ୍ରୌପଦୀ' କବିତାରୁ ଆରମ୍ଭ କରି ପ୍ରତ୍ୟେକ କବିତା ଦୁଇଥର ତିନିଥର ପଢୁଛି, ତାର ଆନ୍ତରିକ ଆବେଗକୁ ହୃଦୟର ପ୍ରତି ଧଡକନ୍‌ରେ ଅନୁଭବ କରିବାକୁ ଚେଷ୍ଟା କରୁଛି । ପ୍ରତ୍ୟେକ କବିତା ଏକୁ ଆରେକ ବଳି ବଳବାନ୍ । ଶଂକରୀ ଭାଷା ଓ ଶବ୍ଦର ଯାଦୁଗରୀ, ଲୁହ-କୋହ-କାରୁଣ୍ୟର କେମଷ୍ଟ୍ରି ( ଦିଲୀପ କୁମାର ସ୍ୱାଇଁ), ରକ୍ତ, ତେଜ, ବୀର୍ଯ୍ୟର ସମ୍ମିଳନ(ଓଡିଆ କବିତାର ଧୂଆଁ ଓ ଧୂନ୍) ବିମୁଗ୍ଧ କଲା । ଏକବିଂଶ ଶତାବ୍ଦୀର କବିତାର ମାଟି, ମଣିଷ, ମାଟି ମନସ୍କତା, ଅରମାରମ୍ଭ, ବ୍ୟର୍ଥ ଜୀବନର କଥା (ଡକ୍ଟର ଗୌତମ ଜେନା), ଜ୍ୱଳନ, ସ୍ୱପ୍ନ, କଳ୍ପନା, ସ୍ମୃତି ସବୁ କିଛି ମିଳିଲା ଏହି କବିତାଗୁଡିକରୁ ! ବହୁତ ବହୁତ ବଧାଇ ପ୍ରକାଶିତ କବିମାନଙ୍କୁ, ସଂପାଦନା କରିଥିବା କୃଷ୍ଣ ଭାଇ ଓ ତାଙ୍କ ସହଯୋଗୀଙ୍କୁ । କବିର ନିବିଡ ଅବବୋଧ, ଆତ୍ମିକ ଚେତନାର ହରରଙ୍ଗୀ ସମନ୍ୱୟରେ କବିତାଗୁଡିକ ସମୃଦ୍ଧ ! ଅନେକ କବିତା ଭଲ ଲାଗିଲା । ବେଶୀ ଭଲ ଲାଗିଲା ଶ୍ରୀଦେବଙ୍କ 'କେନ୍ଦରା କାନ୍ଦ', ଶୁଭଶ୍ରୀଙ୍କ 'ପୁଣି ଥରେ', ଦୁର୍ଗା ପ୍ରସାଦ ପଣ୍ଡାଙ୍କ 'ଏ ବେଳାରେ ତୁ କଉଠି ଅଛୁ , ଅଖିଳ !' ପ୍ରତୀକ୍ଷା ଜେନାଙ୍କ 'ଦୁର୍ଘଟଣା ପରେ' ଏବଂ ଅନ୍ୟ ସମସ୍ତ କବିତା, ବିଶେଷ କରି ପ୍ରଫୁଲ୍ଲ ସାର୍‌ଙ୍କ 'ଦ୍ରୌପଦୀ'ର କୋମଳ ଗାନ୍ଧାର । କବିତା ବିଷୟକ ଆଲେଖ୍ୟଗୁଡିକ ବି ଚମତ୍କାର । ମାତ୍ର ଛୋଟ ଫଣ୍ଟ ଓ ଲାଇନ୍ ଭିତରେ ଥିବା ସ୍ପେସ୍ କମ୍ ହେତୁ ପଢିବା ପାଇଁ କଷ୍ଟ ହେଲା । ଅନୁରୋଧ, ଲାଇନ୍ ସ୍ପେସ୍ ବଢାନ୍ତୁ । ପେଜ୍ ବଢିବା ସହିତ ଖର୍ଚ୍ଚ ବଢିପାରେ, ତେବେ ଗୋଟେ ଆର୍ଟିକିଲ୍ କମେଇ ଦିଅନ୍ତୁ । ଗପ ପଢିନି ଏ ପର୍ଯ୍ୟନ୍ତ । କବିତାଗୁଡିକ ଆତ୍ମାକୁ ଆବୋରି ରଖିଛନ୍ତି ।

**ସୁମିତ୍ରା ମିଶ୍ର,** କୋଳଥିଆ, ଭୁବନେଶ୍ୱର

## ଏଥରର କବିତାଗୁଡ଼ିକ ବେଶ୍ ମନଛୁଆଁ

● ମୁଁ ଆଜି 'ରେବତୀ' ପାଇଲି । କବି ଓ କବିତା ସମ୍ବନ୍ଧୀୟ ଏତେ କଥା ପଢ଼ିବାକୁ ସୁଯୋଗ ମିଳିଲା । ଏ ସଂଖ୍ୟାର କବିତା ଗୁଡ଼ିକ ଖୁବ୍ ମନଛୁଆଁ ।

**ବିଜୟ କୁମାର ଜେନା,**
ଦାମନଯୋଡି

## କଥାଶିଳ୍ପୀ ରାମଚନ୍ଦ୍ର ବେହେରାଙ୍କ ଲେଖା ପଢି ସ୍ତବ୍ଧ ହେଲି


● 'ରେବତୀ' ଏପ୍ରିଲ ୨୦୨୪ ସଂଖ୍ୟାର ସମସ୍ତ ଲେଖା ପଢିଲି । କଥା ଶିଳ୍ପୀ ରାମଚନ୍ଦ୍ର ବେହେରାଙ୍କ ଭିନ୍ନ ଆଲେଖ, 'ଗୋଟିଏ ନାଟକର ନିୟତି' ପଢିଲା ପରେ ମୁଁ କିଛି ସମୟ ସ୍ତବ୍ଧ ହେଇ ରହି ଗଲି । ଜଣେ ସତ ମଣିଷକୁ କଥାଶିଳ୍ପୀ କେମିତି ଟ୍ରିଟ୍ କରି ତାକୁ ଗୋଟେ କଥାର ଚରିତ୍ର କରନ୍ତି ତା ତାଙ୍କର ଏହି ଲେଖାରୁ ଜାଣିହୁଏ । ଲେଖକଙ୍କ ପଡୋଶୀ ଧରଣୀଧର ମହାକୁଡ । ସେଇ ପରିବାର ସହିତ ଲେଖକଙ୍କ ପରିବାରର ଖୁବ୍ ଭଲ ସମ୍ପର୍କ । ଲେଖକ ତାଙ୍କ ଠୁଁ ଆଦ୍ୟ ଜୀବନରେ ପାଠ ସହିତ ରାମାୟଣ ଓ ମହାଭାରତ ଶିଖିଛନ୍ତି । ଲେଖକ ପାଠ ପଢ଼ିବା ପାଇଁ ବାହାରକୁ ଯାଇଛନ୍ତି । ତାପରେ ଚାକିରୀ । ଘରକୁ ଆସିବା କମି ଯାଇଛି । ଘରକୁ ଆସିଲେ ବୋଉ କୁହନ୍ତି, ତୁ ଯାଇ ବଡ ବାପାଙ୍କୁ ଦେଖା କରି ଆ । ବଡବାପା ପକ୍ଷାଘାତ ରୋଗରେ ପଡ଼ି ଆଉ ବିଛଣାରୁ ଉଠି ପାରୁ ନଥିଲେ । ଜୀବନ ନର୍କ ହେଇ ଯାଇଥିଲା । ସତକଥା ହେଲା ଲେଖକ ଶେଷ ଯାଏଁ ଆଉ ତାଙ୍କୁ ଭେଟି ନାହାନ୍ତି । ତାଙ୍କର ସାହସ ନଥିଲା ସେ ତାଙ୍କର ଏମିତି ଅବସ୍ଥାରେ ସାମ୍ନା କରିବାକୁ । ଏଇ କଥା ପରବର୍ତ୍ତୀ ସମୟରେ ତାଙ୍କ ମୁଣ୍ଡକୁ ଆକ୍ରାନ୍ତ କରିଛି । ସେଇ ବିଷୟବସ୍ତୁକୁ ନେଇ ସେ ତାଙ୍କ ପରବର୍ତ୍ତୀ ଜୀବନରେ ଗପ ଓ ନାଟକ ଲେଖିଛନ୍ତି । ଆପଣ ମାନେ ସେଇ ଗପ ପଢିଲେ ଜାଣି ପାରିବେ କେମିତି ସତ ମଣିଷକୁ ନେଇ କଳ୍ପନାର ଚରିତ୍ର ନିର୍ମାଣ କରି ହୁଏ । ଏବେ କବିତାର ତର୍ଜମା କଥା କହିବି । ଏ ସଂଖ୍ୟାଟି କବିତା ପ୍ରସଙ୍ଗ ଥିବାରୁ ଏଥିରେ କବିତାର ଆଙ୍ଗିକ, ଆତ୍ମିକ ଦିଗକୁ ନେଇ ମନୋଜ୍ଞ ଆଲୋଚନା କରିଛନ୍ତି ଡକ୍ଟର ଦିଲୀପ କୁମାର ସ୍ୱାଇଁ, ଡକ୍ଟର ଶିଶିର ବେହେରା, ଡକ୍ଟର ଗୌତମ ଜେନା, ବିଶ୍ୱରଞ୍ଜନ ଦାସ, ଡକ୍ଟର ଭରତ ବେହେରା, ଈପ୍‌ସିତା ଷଡ଼ଙ୍ଗୀ ଓ ଡକ୍ଟର ସଂଘମିତ୍ରା ଭଞ୍ଜ ମହୋଦୟା । ସବୁ ଆଲୋଚନାର ଦିଗ ଓ ଦିଗନ୍ତ ଭିନ୍ନ ଓ ନିଆରା । ଏହା କବିତାର ରୂପରେଖ ଜାଣିବା ପାଇଁ ଖୁବ୍ ସଂଗ୍ରହଣୀୟ । ଏହା ମଧ୍ୟ କବିତା ଉପରେ ଗବେଷଣା କରୁଥିବା ଅଧ୍ୟୟନରତ ଛାତ୍ରଙ୍କ ପାଇଁ ଆବଶ୍ୟକ । ଏ ସଂଖ୍ୟାରେ କବିତାରେ ମୋତେ ବିମୋହିତ କଲେ, କବି ଅଶ୍ୱିନୀ ମିଶ୍ର, ଅମରେନ୍ଦ୍ର ଖଟୁଆ, ଶୁଭଶ୍ରୀ ଲେଙ୍କା, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଦୁର୍ଗା ପ୍ରସାଦ ପଣ୍ଡା, ସମରେନ୍ଦ୍ରନାଥ ମହାପାତ୍ର, ସୁରେନ୍ଦ୍ର ପାଣିଗ୍ରାହୀ, ଡାକ୍ତର ସରୋଜିନୀ ଷଡ଼ଙ୍ଗୀ ଓ ଯୀଶୁକ୍ରିଷ୍ଟ ଦାସ ଇତ୍ୟାଦି । ଏସବୁ କବିତା ଭିତରେ ଜୀବନ ଓ ଯନ୍ତ୍ରଣା ଅଛି । ବିଶେଷ କରି ସମରେନ୍ଦ୍ରଙ୍କ କବିତାର ଶେଷ କେତେ ଧାଡ଼ି ମୋ ଆଖିକୁ ଓଦା କରିଦେଲା । ଭୁବନେଶ୍ୱରୀ ପଣ୍ଡାଙ୍କ ଗପ 'ଦ୍ୱନ୍ଦ୍ୱ'ରେ ଗୋଟିଏ ନିଛକ କଥା ଗାଳ୍ପିକା ବ୍ୟକ୍ତ କରିଛନ୍ତି । ପାଳିତ ପିଲା କେତେ ଅଂଶରେ ଗ୍ରହଣୀୟ, ତା ଏଇ ଗପ ପଢିଲେ ତାର ଉତ୍ତର ମିଳିବ । ଖୁବ୍ ସୁନ୍ଦର ଗପ । ସସ୍ମିତା ମିଶ୍ରଙ୍କ ଚିତ୍ର ନିଶ୍ଚୟ ପ୍ରତି ଲୋକଙ୍କୁ ଆକର୍ଷିତ କରିବ । ଶେଷକୁ ସମ୍ପାଦନା କଥା । ସତକଥା ମାତୃତ୍ୱ ଅଭିଶାପ ନୁହେଁ,ଏହା ବରଦାନ,ଏଇ କଥା ସମ୍ପାଦିକା ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । 'ଶେଷପୃଷ୍ଠା'ରେ କୃଷ୍ଣ କୁମାର ମହାନ୍ତି ସାହିତ୍ୟର ଅସହିଷ୍ଣୁତା ବିଷୟରେ ଦୃଷ୍ଟାନ୍ତ ଦେଇ ଅତି ସରଳ ଭାବରେ ପ୍ରତି ଥର ପରି ଗୋଟେ ବଡ ଦର୍ଶନ ବର୍ଣ୍ଣନା କରିଛନ୍ତି । ପ୍ରତି ସଂଖ୍ୟାରେ ସେ ଗୋଟିଏ ଗୋଟିଏ ନୂଆ କଥା ଆମ ସାହିତ୍ୟକୁ ନେଇ କହୁଛନ୍ତି, ଯାହା କାଳ ଉପଯୋଗୀ ।

**ଉଦୟ ନାରାୟଣ ଦାସ,** ଚୂନଭାଟି କଲୋନୀ, ବାଲେଶ୍ୱର, ଫୋନ: ୭୭୩୫୯୫୧୩୮୪

## ଓଡ଼ିଆ କବିତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସମ୍ପାଦିକାଙ୍କର ଏ ଦୁଃସାହସକୁ ସଲାମ୍ କରୁଛି

● ମୋର ନମସ୍କାର ନେବେ । ଅପ୍ରେଲ୍ ସଂଖ୍ୟା 'ରେବତୀ' ଦେଖି ଆଚମ୍ବିତ ହେଲି । ଓଡ଼ିଆ କବିତାକୁ ମୁଖ୍ୟ ପ୍ରସଙ୍ଗ କରି ଏକ ଲୋକପ୍ରିୟ ପାରିବାରିକ ପତ୍ରିକା ବାହାର କରିବା ନିହାତି ଦୁଃସାହସିକତା ଛଡ଼ା ଅନ୍ୟ କିଛି ନୁହେଁ । କାରଣ ବଜାର ଚାହିଦାରେ ଓଡ଼ିଆ କବିତାର ଓଜନ କେତେ ସେ କଥା ସମ୍ପାଦିକା ବା ସମ୍ପାଦନା ମଣ୍ଡଳୀ ଚିନ୍ତା କରିନାହାନ୍ତି । ଓଡ଼ିଆ କବିତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସମ୍ପାଦିକାଙ୍କର ଏ ଦୁଃସାହସକୁ ସଲାମ୍ କରୁଛି । ଏ ସଂଖ୍ୟାରେ ଅନେକଗୁଡ଼ିଏ ଭଲ କବିତା ତ ବାହାରିଛି । ତେବେ କବି ଓ କବିତାକୁ ନେଇ ଆଲୋଚନାଗୁଡ଼ିକ ବେଶ୍ ଉପାଦେୟ ହୋଇପାରିଛି । ବିଶେଷକରି, ସମାଲୋଚକ ଡକ୍ଟର ଗୌତମ ଜେନାଙ୍କ 'ମାଟି, ମଣିଷ ବନାମ ମାଟି ମନସ୍କବାଦ', ଡକ୍ଟର ଦିଲୀପ ସ୍ୱାଇଁଙ୍କ 'ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା: କିଛି ଧୂଆଁ କିଛି ଧୂନ୍', ଆଲୋଚିକା ଈପ୍‌ସିତା ଷଡ଼ଙ୍ଗୀଙ୍କ 'ଓଡ଼ିଆ କବିତା: ଚାରିକେ ଚାରି', ସମୀକ୍ଷକ ଡକ୍ଟର ଶିଶିର ବେହେରାଙ୍କ 'ଓଡ଼ିଆ କବିତାରେ ବସନ୍ତ' ଏବଂ ଡକ୍ଟର ବିଶ୍ୱରଂଜନ ଦାସଙ୍କ 'କବି ହୃଦାନନ୍ଦ ପାଣିଗ୍ରାହୀଙ୍କ କବିତାର ଡାକ' ପ୍ରଭୃତି ମୋତେ ଅନୁପ୍ରାଣିତ ଓ ଅହ୍ଲାଦିତ କଲା । ଓଡ଼ିଶାର ନିରୁତା ସାହିତ୍ୟ ପତ୍ରିକାମାନେ ଯୋଉ କାମ କରି ପାରୁନଥିଲେ ତାହା 'ରେବତୀ' କରି ଦେଖାଇ ଥିବାରୁ ଆଉ ଥରେ ଧନ୍ୟବାଦ ଜଣାଇ ରହୁଛି ।

**ସମରେନ୍ଦ୍ରନାଥ ମହାପାତ୍ର,** ସହଦେବଖୁଣ୍ଟା, ବାଲେଶ୍ୱର, ଫୋନ: ୭୦୦୮୩୩୦୭୪୫


SG
SMILE GOLD
100% Hall Marked Jewellery
BIS
Desire meets
A New Style
Mob: +91-9438019696/ 9438029797
Plot No: B-38,Fancy Market,Saheed Nagar,Bhubaneswar

## କଥାକାର ରାମଚନ୍ଦ୍ର ବେହେରା ଭଲ ଲାଗିଲେ

● 'ରେବତୀ'ର ଏପ୍ରିଲ୍ ସଂଖ୍ୟାରେ ଅଭିନେତ୍ରୀ ଏଲିନାଙ୍କ ଚମତ୍କାର ଏକ ଆବେଗପୂର୍ଣ୍ଣ ଭଙ୍ଗୀର ଫଟୋ ପତ୍ରିକାକୁ ଆକର୍ଷଣୀୟ କରିଛି । ସଂପାଦିକା ସୁବାସିନୀ ମା'ମ୍ ପ୍ରତି ସଂଖ୍ୟାରେ ଆମ ପାରିବାରିକ, ବିଶେଷତଃ ନାରୀ ଜୀବନକୁ ନେଇ ଉପାଦେୟ ସମ୍ପାଦକୀୟ ଲେଖନ୍ତି । ଏଥର ମାତୃତ୍ୱକୁ ନେଇ ଲେଖାଟି ନାରୀର ମାତୃପଣର ମହନୀୟତାକୁ ସ୍ପଷ୍ଟ କରିଛି । ଏ ସଂଖ୍ୟାକୁ ଅଧିକ ଆକର୍ଷଣୀୟ କରିଛି ଆମ ସମୟର ବିଶିଷ୍ଟ ତଥା ସର୍ବାଧିକ ପାଠକଙ୍କ ପ୍ରିୟ କଥାକାର ରାମଚନ୍ଦ୍ର ବେହେରାଙ୍କ 'ଜୀବନ ଯେମିତି'ର ଆଲେଖ୍ୟ । ସେ କ'ଣ ଲେଖନ୍ତି ଯେତିକି ଗୁରୁତ୍ୱପୂର୍ଣ୍ଣ, ତା'ଠାରୁ କେମିତି ଲେଖନ୍ତି ସେଇଟା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ । ତାଙ୍କ ଲେଖାର ଶୈଳୀ ହିଁ ତାଙ୍କ ସୃଜନର ଐଶ୍ୱର୍ଯ୍ୟ । କେତେ ଆକର୍ଷଣୀୟ ଭାବରେ ତାଙ୍କର ଏ ଅନୁଭବକୁ ରଖିଛନ୍ତି ! ଆଲେଖ୍ୟର ଶେଷ ପାରାଟି ପ୍ରତି ଲେଖକ ପାଇଁ ତାଙ୍କ ଅନୁଭବର ଏକ ସାର୍ଥକ ଓ ବାସ୍ତବ ଭାଷ୍ୟ । ଡକ୍ଟର ଦିଲୀପ କୁମାର ସ୍ୱାଇଁ ଓଡିଆ କବିତା ପାଇଁ ଏକବିଂଶ ଶତାବ୍ଦୀର ପ୍ରେକ୍ଷାପଟଟି କେତେ ପ୍ରଯୁଜ୍ୟ, ତା'ର ଏକ ଚମତ୍କାର ଆକଳନ କରିଛନ୍ତି । ଡକ୍ଟର ଗୌତମ ଜେନାଙ୍କ ଉତ୍ତର ସହସ୍ରାବ୍ଦୀ ଓଡିଆ କବିତାରେ କିପରି ମାଟି, ମାଟିମନସ୍କତା ଓ ମଣିଷ ଜୀବନକୁ ନେଇ କବିତାର କାରୁକାର୍ଯ୍ୟ ନିର୍ମାଣ କରାଯାଇଛି ,ତାହା ସୁନ୍ଦର ଭାବରେ ଆଲୋଚନା କରିଛନ୍ତି । ଡକ୍ଟର ସଂଘମିତ୍ରା ଭଞ୍ଜଙ୍କ 'ଆଧୁନିକ କବିତାରେ ବିଶ୍ୱଚେତନା' ମଧ୍ୟ ଏକ ଉପାଦେୟ ଆଲୋଚନା । 'ମୁଁ'ତ୍ୱର ଅତିକ୍ରମଣ ହିଁ ସାର୍ବଜନୀନ ବିଶ୍ୱପ୍ରାଣତା, ଏହା ବିଭିନ୍ନ ଉଦାହରଣ ଆଧାରରେ ପ୍ରମାଣିତ କରିଛନ୍ତି । ଏ ଦୁଇଟି ଆଲୋଚନା କବିତା ପାଇଁ ସ୍ୱତନ୍ତ୍ର ସ୍ୱାକ୍ଷର ହେଲେ ହେଁ ନିୟମିତ ସ୍ତମ୍ଭ କ୍ରମରେ ଡକ୍ଟର ଶିଶିର ବେହେରାଙ୍କ 'ବସନ୍ତ'କୁ ନେଇ ଆକଳନଟି ସୁଖପାଠ୍ୟ ହୋଇଛି । ଏ ମାସର ପ୍ରସଙ୍ଗ 'ଓଡିଆ କବିତା' ହୋଇଥିବାରୁ ବିଭିନ୍ନ ପ୍ରସଙ୍ଗ ପାଇଁ ଭିନ୍ନ ଭିନ୍ନ ଆଲେଖ୍ୟ ପ୍ରସ୍ତୁତ କରିଥିବା ଡକ୍ଟର ବିଶ୍ୱରଂଜନ ଦାସ, ଡକ୍ଟର ଭରତ ବେହେରା, ସୁବ୍ରତ କୁମାର ଦାସ, ଈପ୍ସିତା ଷଡ଼ଙ୍ଗୀଙ୍କ ଆଲୋଚନାମାନ ବହୁତ ଭାବଗର୍ଭକ ହୋଇଛି । ସଂଯୋଜିତ କବିତା ଗୁଡିକ ଓ ଗପ ଦୁଇଟି ସୁସମ୍ପାଦିତ ଓ ସୁଖପାଠ୍ୟ । 'ଶେଷପୃଷ୍ଠା'ରେ କୃଷ୍ଣ କୁମାର ମହାନ୍ତିଙ୍କ 'ସାହିତ୍ୟରେ ଅସହିଷ୍ଣୁତା' ସାମ୍ପ୍ରତିକ ସମୟର ଏକ ଅନୁଭବ୍ୟ ଉପାଦାନ । ସୁତରାଂ ଏହାର ନିରାକରଣ ପାଇଁ ସେ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ଅନୁସରଣ କଲେ ସାହିତ୍ୟିକଟି ସର୍ବପ୍ରିୟ ହୋଇ ପାରିବ, ଅନ୍ୟଥା ନିଜକୁ ବଡ ଲେଖକ ବୋଲାଉଥିବା ଅହଙ୍କାରୀ ମାନଙ୍କୁ ସମୟ ତାର ତୀବ୍ର ତୋଡରେ କୁଆଡେ ଭସାଇ ନେବ ।

**ରବି ପଣ୍ଡା,** ଭୁବନେଶ୍ୱର, ଫୋନ୍: ୯୪୩୭୨୭୫୮୦୮

# ଲେଖକଲେଖିକାଙ୍କ ପାଇଁ ନିୟମାବଳୀ

● 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପ୍ରକାଶ ପାଏ । ବେଶ୍ କିଛି ସଂଖ୍ୟା ପାଇଁ ରଖା ଯାଇଥାଏ ବିଶେଷ ପ୍ରସଙ୍ଗମାନ ।

● ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ପରିବାର ଓ ଜନଜୀବନ ଉପଯୋଗୀ ସକାରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ । ସାହିତ୍ୟ ଏହାର ଏକ ଅଂଶ ମାତ୍ର ।

● 'ରେବତୀ' ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ 'ରେବତୀ' ସେଇମାନଙ୍କର ହେବ, ସବୁବେଳେ ।

● ଏଥିପାଇଁ ଫିଚରଧର୍ମୀ ଲେଖା (ଜେରକ୍ସ କପି ନୁହେଁ) ବର୍ଷସାରା ଗ୍ରହଣ କରାଯାଏ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହି ରଖୁଛି ।

● କେଉଁ ବିଷୟରେ ଫିଚର୍ ପ୍ରସ୍ତୁତ କରିବେ, ସେ ସମ୍ବନ୍ଧିତ ସବିଶେଷ କଥା ସମ୍ପାଦକୀୟ କାର୍ଯ୍ୟାଳୟରୁ ଆଗ ଜାଣିନେବେ । ସେଠାରୁ ସବୁଜ ସଂକେତ ପାଇଲେ ନିର୍ଦ୍ଧାରିତ ସମୟସୀମା ଭିତରେ ଲେଖା ପଠାଇବେ । ପଠାଇବାର ଛଅମାସ (କିମ୍ବା ଅଧିକ ସମୟ)ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନୋନୀତ ଲେଖାଟି ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇପାରେ ।

● ଗଳ୍ପ, କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପଠାଇବା ପୂର୍ବରୁ ପଚାରି ନିଅନ୍ତୁ । କାରଣ ଏଥିପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । ଗଳ୍ପ/କବିତା ଜଣେ ଲେଖକର ବର୍ଷକରେ ଦୁଇଥର ପ୍ରକାଶ ପାଇବ । ଲଗାତାର କବିତା ଗଳ୍ପ ପଠାଇବେ ନାହିଁ ।

● ଅନୁବାଦ ଲେଖା ପ୍ରକାଶ ପାଏ ନାହିଁ କି ପୁସ୍ତକ ସମୀକ୍ଷା ବା ପୁସ୍ତକ ଆଲୋଚନା ମଧ୍ୟ ପ୍ରକାଶ ହୁଏନା । ଏଥିପାଇଁ ଅନୁରୋଧ ନ କରିବାକୁ ଅନୁରୋଧ ।

● 'ରେବତୀ' ପାଇଁ ଯେଉଁମାନେ ଫିଚର୍ ଲେଖିବାକୁ ଆଗ୍ରହୀ ସେମାନେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକର କେବଳ ସଫ୍ଟ କପି ଇ-ମେଲ୍ ମାଧ୍ୟମରେ ପଠାଇବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍‌ରେ ବ୍ୟବହୃତ ଫଟୋ ଆଦୌ ପଠାଇବେ ନାହିଁ । ଏସବୁରେ ଫଟୋର ଗୁଣବତ୍ତା ହ୍ରାସ ପାଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶିତ ହେବ ।

● ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ୟୁନିକୋଡ଼୍‌ରେ ପଠାଉଥିଲେ ଦୟାକରି ଆକୃତି ଶାରଳା ଲିପିରେ କନ୍‌ଭର୍ଟ କରି ଆବଶ୍ୟକୀୟ ସଂଶୋଧନ ପରେ ହିଁ ମେଲ୍‌କୁ ପଠାନ୍ତୁ । ହ୍ୱାଟ୍ସଆପ୍‌ରେ ଲେଖା କି ଫଟୋ ଗ୍ରହଣୀୟ ନୁହେଁ । e-mail: **rebati.rebati2018@gmail.com**

● ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।

● 'ରୋଷେଇ' ପାଇଁ ଯେକୌଣସି ଆଗ୍ରହୀ ମହିଳା/ପୁରୁଷ, ସେ ଲେଖିକା/ଲେଖକ ହୋଇନଥିଲେ ମଧ୍ୟ ୩ଟି ରାନ୍ଧଣା ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ ସିଧାସଳଖ ଇ-ମେଲ୍‌ରେ ।


● ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ । ପ୍ରକାଶିତ ଲେଖା/ଫଟୋ ପାଇଁ କୌଣସି ପାରିତୋଷିକ ଦିଆଯାଏ ନାହିଁ ।

● ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ରହିବେ ନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କବିତା ବା କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।

● 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ ହେବ ।

ସମ୍ପର୍କ: ସମ୍ପାଦିକା : 'ରେବତୀ', ଓ.ଟି. ରୋଡ୍, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର-୧, ଫୋନ: ୭୦୦୮୮୪୫୯୨୦
ଇ-ମେଲ୍:rebati.rebati2018@gmail.com

# ଆଦମପୁରର ଆକାଶ



# ସୃଜନ ପୃଥିବୀର ଅରୁଣସ୍ତମ୍ଭ: ଅରୁଣ ଖିଲାର


**ଉଦୟ ନାରାୟଣ ଦାସ**

ଚୂନଭାଟୀ କଲୋନୀ, ଗୋପାଳ ଗାଁ,
ବାଲେଶ୍ୱର-୭୫୬୦୦୧
ଫୋନ୍: ୭୭୩୫୯୫୧୩୮୪


ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ବିମଳ ଦାସ
ଫଟୋ ସୌଜନ୍ୟ: କୃଷ୍ଣ ମହାନ୍ତି

**ଶ୍ରଦ୍ଧାର ଏକ ଦେବାଳୟ ସେ । ଆତିଥେୟତାର ଏକ ବତୀଘର । ଚିଠିର ଚଳନ୍ତି ସାଗର । ତାଙ୍କ ସ୍ନେହ ଓ ଭଲପାଇବାର ପୁଷ୍କରିଣୀରେ ଫୁଲ ହୋଇ ଫୁଟିଥାନ୍ତି ସାହିତ୍ୟର ଛୋଟବଡ଼ ତାରକା । ପଢିବା ତାଙ୍କର ବ୍ରତ । ଲେଖକଙ୍କ ସହିତ ମିତ୍ରଭାବରେ ବନ୍ଧା ତାଙ୍କ ଜୀବନ । ବୋଧେ ସାରା ଜୀବନ ସେ ପଢିଛନ୍ତି ରାଶି ରାଶି ବହି ଓ ପତ୍ରିକା । ଏମିତି କ୍ୱଚିତ ଲେଖକ ଥିବେ ଯାହାଙ୍କୁ ସେ ପଢିନଥିବେ ବା ପରିଚିତ ହେଇନଥିବେ । ଗୋଲ ଗୋଲ ସଜଡ଼ା ଅକ୍ଷରରେ ତାଙ୍କର ଚିଠି ଆଜି ଅନେକଙ୍କ ସ୍ମୃତି । ଚିଠିରେ ଭରିଥାଏ କେତେକେତେ ସାହିତ୍ୟର କଥା । ସମୟର କଥା । ଜୀବନର କଥା । ଚିଠି ମଣିଷ ସେ । ସେ ହେଲେ ସଭିଙ୍କ ପ୍ରିୟ ଅରୁଣ ମଉସା ଓରଫ ଅରୁଣ ଖିଲାର ।**



ଲେଖକ ଉଦୟ ନାରାୟଣ ଦାସ

## ଉପକ୍ରମଣିକା

ଓଡ଼ିଆ ସାହିତ୍ୟରେ ସେ ଗପ କି କବିତା କି ପ୍ରବନ୍ଧ ଲେଖି ନାହାନ୍ତି । ତଥାପି ସେ ଓଡ଼ିଶାର ସାରସ୍ୱତ ସାଧକମାନଙ୍କ ପାଖରେ ଶ୍ରଦ୍ଧା ଓ ସମ୍ମାନର ପାତ୍ର । ସେ ଜଣେ ନିଆରା ପାଠକ ଆମ ସାହିତ୍ୟର । ପ୍ରତି ପତ୍ରପତ୍ରିକାରେ ପ୍ରକାଶିତ ଲେଖାକୁ ସେ ତନ୍ନତନ୍ନ କରି ପଢ଼ନ୍ତି, ବିଶ୍ଳେଷଣ କରନ୍ତି । ପୋଷ୍ଟକାର୍ଡ଼ରେ ଭଲ ଲେଖାର ଲେଖକଙ୍କ ପାଖକୁ ଦୁଇଧାଡ଼ି ଚିଠି ଲେଖନ୍ତି, ସେ ହୋଇଥାନ୍ତୁ ପ୍ରବୀଣ କି ନବୀନ । ଏଇ ଚିଠି ପାଇଲେ ଲେଖକମାନେ ଉତ୍ସାହିତ ହୁଅନ୍ତି ଓ ଚିଠି ପ୍ରେରକଙ୍କ ପ୍ରତି ସମ୍ମାନ ଜଣାନ୍ତି । ଏବେ କିନ୍ତୁ ଆଉ ପୋଷ୍ଟକାର୍ଡ଼ର ସମୟ ନାହିଁ । ହେଲେ ତାଙ୍କର ପତ୍ରିକା ପଢ଼ା ବନ୍ଦ୍ ହେଇନି । ସେ ସମୟ ଅନୁସାରେ ଫେସ୍‌ବୁକ୍, ହ୍ୱାଟ୍‌ସ୍‌ଆପ୍‌ରେ ବି ଲେଖା ପଢୁଛନ୍ତି । ପୁଣି ଫୋନ୍ ନମ୍ବର ସଂଗ୍ରହ କରି ଲେଖକମାନଙ୍କୁ ଫୋନ୍ କରି ଲେଖାର ଭଲମନ୍ଦ ଦିଗମାନ ଜଣାଉଛନ୍ତି । ଯେମିତି ଏହା ତାଙ୍କର ଦୈନିକ ରୁଟିନ୍ କାମ । ବୟସ ତାଙ୍କର ଅଶୀରୁ ଅଧିକ । ତଥାପି ସାହିତ୍ୟ ପଢ଼ା ଭିତରେ ତାଙ୍କର ଜୀବନ ବିତେ । ଖୁବ୍ ଅଜବ ଖିଆଲ୍‌ର ଏଇ ମଣିଷ ଜଣକ ଭଦ୍ରକ ଏନ୍‌ଏଚ୍ ରାସ୍ତା ପାଖ ଆଦମପୁରରେ ରୁହନ୍ତି ସପରିବାର । ଏଇ ଆମ ସମସ୍ତଙ୍କ ପ୍ରିୟ ସାହିତ୍ୟ ମଣିଷ, ଅରୁଣ ମଉସା ଓରଫ୍ ଅରୁଣ ଖିଲାର ।

## ମଉସାଙ୍କ ଘରକୁ ଯାତ୍ରା

ଗତବର୍ଷ ମାର୍ଚ୍ଚ ମାସ । ବନ୍ଧୁ କୃଷ୍ଣବାବୁଙ୍କ ଏକ ଦାୟିତ୍ୱ ମୋତେ କଲବଲ କରୁଥାଏ । ସେ ଯେଉଁ ଦାୟିତ୍ୱ ଯେତେବେଳେ ମୋତେ ଦେଇଛନ୍ତି, ସେତିକି ଭରସା କରି ହିଁ ଦେଇଥାନ୍ତି । ତେଣୁ ମୁଁ ତତ୍ପର ହୋଇ ଉଠେ ଓ ଯତ୍‌ପରନାସ୍ତି ଭଲ ଭାବେ କରିବାକୁ ଲାଗିପଡ଼େ । ଏଥର ସେ ଅରୁଣ ଖିଲାରଙ୍କ ଉପରେ ଏକ ଆଲେଖ 'ରେବତୀ' ପତ୍ରିକା ପାଇଁ ଚାହିଁଲେ ମୋ ଦ୍ୱାରା କରେଇବାକୁ । ମୁଁ ସହସା ହଁ କହିଲି । ସୁତରାଂ ମୋ ମନ ଉଦ୍‌ବେଳିତ ହେଉଥାଏ ଅରୁଣ ମଉସାଙ୍କ ଘରକୁ ଯିବା ପାଇଁ । କାହାକୁ କିଛି ନ ଜଣାଇ ସକାଳ ନଅ ଘଟିକାରେ କାର୍ ଧରି ପହଞ୍ଚିଗଲି ତାଙ୍କ ନିବାସରେ । ସେ ଅଚାନକ ତାଙ୍କ ଘର ଅଗଣା ଭିତରକୁ ଏକ କାର୍ ପଶିବାର ଦେଖି ଦୌଡ଼ି ଆସିଲେ । କାର୍‌ରୁ ମୁଁ ଓହ୍ଲାଉଥିବା ଦେଖି ସେ ଚମକି ଯାଇ କହିଲେ, "ଆରେ, ଉଦୟବାବୁ, ଆପଣ ଏତେ ସକାଳେ ମୋ ଘରେ ?"

ମୁଁ କହିଲି, "ମୋର ମନ ବଳିଲା ଆଜି ଦିନଟି ଆପଣଙ୍କ ସହିତ ଗପସପରେ କଟାଇବାକୁ । ଆପଣଙ୍କ ଜୀବନଚର୍ଯ୍ୟା ଶୁଣିବାକୁ ପ୍ରବଳ ଇଚ୍ଛା ମୋର ।"( ମୋତେ ନିର୍ଦ୍ଦେଶ ଥାଏ ଅସଲ ଉଦ୍ଦେଶ୍ୟ ଗୋପନ ରଖିବାକୁ, କାରଣ ସେ ନିଜ ସମ୍ପର୍କରେ କିଛି ପ୍ରଚାର ପ୍ରସାର ପାଇଁ ସର୍ବଦା କୁଣ୍ଠା ପ୍ରକାଶ କରି ଆସିଛନ୍ତି କୃଷ୍ଣବାବୁଙ୍କ ପାଖରେ । )

ସେ କହିଲେ, "ମୁଁ ସାମାନ୍ୟ ସାଧାରଣ ମଣିଷ । ସାହିତ୍ୟ ସୃଷ୍ଟି କରିନାହିଁ । କିଛି ପଢ଼ିଛି ପତ୍ରିକା ଓ ବହି ଏବଂ କିଛି ଚିଠି ଲେଖିଛି ।"

ମୁଁ କହିଲି, "ଆଜି ସମୟରେ ତ ଜଣେ ନିରୋଳା ପାଠକ ମିଳିବା କାଠିକର । କେତେଜଣ ଆଜିର ସମୟରେ ଲେଖାକଙ୍କୁ ପଢ଼ି ଲେଖକକୁ ଚିଠି ବା ଫୋନ୍ କରି ଉତ୍ସାହିତ କରୁଛନ୍ତି ?"

ସେ ମୋ ପ୍ରଶ୍ନର କିଛି ବି ଉତ୍ତର ନଦେଇ ଚୁପ୍ ରହିଲେ । ଯା ଭିତରେ ସେ ମୋତେ ଓ ଡ୍ରାଇଭର୍‌କୁ ନେଇ ତାଙ୍କ ବୈଠକ ଘରକୁ ବସାଇ ସାରିଥିଲେ । ମୋ ଆଖି ଚାରି ଆଡ଼କୁ ବୁଲି ଯାଉଥାଏ । ଦେଖିଲି ତାଙ୍କ ପଢ଼ା ଟେବୁଲ୍ ଓ ଚୌକି ପାଖ ଆଲମିରାରେ ଭର୍ତ୍ତି ହୋଇଥିଲା, ଅନେକ ପତ୍ରପତ୍ରିକା ଓ ବହିପତ୍ର । ଡ୍ରାଇଭର୍‌କୁ ସୋଫାରେ ବସାଇ ମୋତେ ବାଧ୍ୟ କଲେ ତାଙ୍କ ଉଦ୍ଦିଷ୍ଟ ଚୌକିରେ ବସିବାକୁ । ସେ କବି ବସନ୍ତ ମୁଦୁଲିଙ୍କ ଗୋଟେ ମର୍ମସ୍ପର୍ଶୀ କବିତାକୁ ତାଙ୍କ କାଚ ତଳେ ରଖିଛନ୍ତି । କବିତାଟିର ପ୍ରଥମ ପଦଟି ଥିଲା: "କାହାର ନିର୍ବାସନ ଦଣ୍ଡରେ / କାହାର ମୋହ ପାଶରେ / ମୋହିତ ନୁହେଁ ମୁଁ / ମୁଁ ଯେଉଁଠି ଥିଲି / ଠିକ୍ ସେଇଠି ଅଛି, ସେଇ ବିନ୍ଦୁରେ / ଶିଶୁର କୁଆଁ କୁଆଁରେ, ଶବର ଓଠରେ / ଭିକାରୀର ଭିକ୍ଷାଥାଳରେ କୃତଘ୍ନ ଛାଇର ସାମ୍ନାରେ, କବିର କବିତାରେ / ପ୍ରେମିକାର ଚିଠିରେ, ଏକ୍କା ପକ୍ଷୀର ଗୀତରେ / ମୁଁ ସବୁଠି ଅଛି, ଗୋପନରେ / ଖୁବ୍ ଗୋପନରେ ।"(ବସନ୍ତ ମୁଦୁଲି)

ଏ କବିତାର ବିଦ୍ରୋହୀ ସ୍ୱର ମୋତେ ମୁଗ୍ଧ କଲା । ସାମ୍ନାରେ ଟଙ୍ଗା ହୋଇଥିବା କବିଙ୍କ ଗୋଟେ ଫଟୋ, ଯେଉଁଥିରୁ ବାରି ହେଉଥିଲା ତାଙ୍କ ଭିତରେ ଥିବା ଅନେକ ସ୍ୱପ୍ନର ସମ୍ଭାର ଓ ତାରୁଣ୍ୟର ମାଦକତା । ମୁଁ ଥାକରୁ କବି ବସନ୍ତଙ୍କ ଗୋଟେ କବିତା ବହି ଆଣି ପଢ଼ିଲି ।

ଅରୁଣ ମଉସା ତାଙ୍କ ଚିରାଚରିତ ଧଳାଧୋତି ଓ ପଞ୍ଜାବୀ ପିନ୍ଧି ହାତରେ ଜଳଖିଆ, ପାଣିବୋତଲ ଧରି ପହଞ୍ଚି ଯାଇଥିଲେ ତାଙ୍କ ନାତୁଣୀ ଅନନ୍ୟା ସହିତ । ଖୁବ୍ କମ୍ ସମୟ

ଭିତରେ ସେ ନାତିକୁ କହି ପାଖ ଜଳଖିଆ କେଣ୍ଟିନ୍‌ରୁ ଜଳଖିଆ ମଗାଇ ସାରିଥିଲେ । ନିଜେ ମଉସା ମୋତେ ଓ ଡ୍ରାଇଭର୍‌କୁ ପରଷି ଦେଲା ସମୟରେ କହୁଥିଲେ, "ଏ ମୋ ନାତୁଣୀ । ସବୁ କାମରେ ମୁଁ ତା'ର ସାହାଯ୍ୟ ଲୋଡୁଛି । ମୋବାଇଲ୍ ମେସେଜ୍ ଇତ୍ୟାଦି ପଢ଼ିବାରେ ସେ ମୋତେ ସାହାଯ୍ୟ କରେ ।"

ମୁଁ କହିଲି, "ମଉସା ଆପଣ କାହିଁକି ବ୍ୟସ୍ତ ହେଇ ଏସବୁ ମଗାଇଲେ ? ମୁଁ ଆସିଛି ଆପଣଙ୍କ ସହିତ କିଛି ଆନ୍ତରିକ ଗପ ହେବା ପାଇଁ । ଆପଣ ଟିକେ ବସନ୍ତୁ । ଗପସପ ହେବା ।"

ମୋ ପାଖରେ ପଡ଼ିଥିବା ଗୋଟେ ଚୌକିରେ ସେ ବସିଲେ । ତାଙ୍କ ଘରବାରିର ନିରବ ପରିବେଶକୁ ଏନ୍‌ଏଚ୍‌ରେ ଯାଉଥିବା ଗାଡ଼ିମଟରର ଘୁଁ ଘାଁ ଶବ୍ଦ ଭାଙ୍ଗୁଥିଲା । ଘରବାରି ଆମ୍ବଗଛରୁ କୋଇଲିର ମୃଦୁ କୂଜନ ଓ ବଉଳର ସୁରଭିତ ବାସ୍ନା ମୋତେ କେଉଁ ଗୋଟେ ଅଜଣା ସ୍ୱପ୍ନପୁରୀ ଭିତରକୁ ନେଇଯାଉଥିଲା । ତା' ଭିତରେ ମଉସାଙ୍କ ମୁହଁର ଚିର ଅମ୍ଳାନ ଟହଟହ ସ୍ମିତ ହାସ୍ୟରେଖା ମୋତେ ମୋହିତ କରୁଥିଲା । ସେଇ ହସ ଭିତରେ ଥିଲା ତାଙ୍କର ନିଷ୍କପଟ ପ୍ରେମ ଓ ଆନ୍ତରିକପଣ ।

ମଉସା କହିଲେ, "ଆପଣଙ୍କ ମାଉସୀ ଭଦ୍ରକରେ ମୋ ଝିଅ ସୁନନ୍ଦା ପାଖରେ ଅଛନ୍ତି । ଏଠୁ କାମ ସାରି ଆମେ ସେଠିକୁ ଯିବୁ । ସେଇଠି ମାଉସୀଙ୍କ ରନ୍ଧା ଆପଣ ଖାଇବେ ।"

ମଉସାଙ୍କୁ ତାଙ୍କ ପିଲାଦିନ କଥା ମୁଁ ପଚାରିଲି । ମଉସାଙ୍କ ଜନ୍ମସ୍ଥାନ ଚିଙ୍ଗୁଡ଼ିପୁର, ଭଣ୍ଡାରୀ ପୋଖରୀ । ଏବେକାର ଘରଠୁ ଦକ୍ଷିଣକୁ ୭ କି.ମି. ଦୂର । ତାଙ୍କର ସେଇ ଘରେ ସେ ଜନ୍ମ ହୋଇଥିଲେ ୧୨ ସେପ୍ଟେମ୍ବର ୧୯୩୮ରେ ।

ଗାଁ ସ୍କୁଲ୍‌ରେ ସେ ପଞ୍ଚମ ଶ୍ରେଣୀ ଯାଏଁ ପାଠ ପଢ଼ିଲେ । ତାଙ୍କ ବାପା କଲିକତାରେ ଚାକିରି କରିଥିଲେ । ବଡ଼ଭାଇ ଗାଁରେ ଗୋଟେ ତେଜରାତି ଦୋକାନ କରିଥିଲେ । ତଥାପି ତାଙ୍କ ଘରେ ରାଜ୍ କରୁଥିଲା ଆର୍ଥିକ ଦୁରବସ୍ଥା । ଏଇ କାରଣରୁ ସେ ୧୯୫୫ ମସିହାରେ ବଡ଼ଭାଇଙ୍କ ସହିତ କଲିକତା ଚାଲିଗଲେ । କଲିକତାରେ ବାପା ତାଙ୍କର ଗୋଟେ ଅଫିସ୍‌ରେ ଅଳ୍ପ ଦରମାରେ ରଖେଇ ଦେଲେ । ସେ ସେଠି ଡାକହାକ ଶୁଣୁଥିଲେ । ଯାହା କିଛି କାମ ସେ ଖୁବ୍ ଶୃଙ୍ଖଳାରେ କରୁଥିଲେ । କିନ୍ତୁ ତାଙ୍କ ଭିତରେ ଗୋଟେ ଅଦମ୍ୟ ଇଚ୍ଛା ଥିଲା ସେ ବେଶି ପାଠ ପଢ଼ିବେ ।

ସେ ତାଙ୍କ ବାପାଙ୍କୁ ପାଠ ପଢ଼ିବା କଥା କହିଲାରୁ ବାପା ତାଙ୍କୁ କଲିକତାରେ ବ୍ରଜବନ୍ଧୁ ନୈଶ୍ୟ ବିଦ୍ୟାଳୟରେ (ଓଡ଼ିଆ) ସ୍କୁଲ୍‌ରେ ନାମ ଲେଖାଇ ଦେଇଥିଲେ । ସେଇ ସ୍କୁଲ୍‌ରେ ଏକଦା ଔପନ୍ୟାସିକ କଣ୍ଢୁରୀ ଚରଣ ଦାସ ପାଠ ପଢ଼ିଥିଲେ । ଏପରିକି ସାହିତ୍ୟିକ ଗୋପୀନାଥ ବେହେରା ବି ସେଇ ସ୍କୁଲ୍‌ରେ ତାଙ୍କଠୁଁ ଚାରିବର୍ଷ ସିନିୟର ଥିଲେ । ସେଇ ସ୍କୁଲ୍‌ରେ ମଉସା ଷଷ୍ଠ ଶ୍ରେଣୀରୁ ନବମ ଶ୍ରେଣୀ ଯାଏଁ ପଢ଼ିଥିଲେ । ସ୍କୁଲରେ ଥିବା ସମୟରେ ତାଙ୍କ ସାହିତ୍ୟ ପ୍ରତି ପ୍ରବଳ ଅନୁରାଗ ବଢ଼ିଲା । ସେ ବଙ୍ଗଳା ଓ ଓଡ଼ିଆ ସାହିତ୍ୟର ପ୍ରଚୁର ଉପନ୍ୟାସ ପଢ଼ିଲେ । ସେଇଠି ଗୋଟେ ପୁରୁଣା ପାଠାଗାର ଥିଲା । ସେଇ ପାଠାଗାରର ଅନେକ ପୁରୁଣା ବହି ସବୁ ସେ ତାଙ୍କ ଅବସର ସମୟରେ ବସି ପଢୁଥିଲେ । ସେ ବଙ୍ଗଳାର ଶରତ ଚନ୍ଦ୍ର, ବଙ୍କିମ୍ ଚନ୍ଦ୍ର, ବିମଳ ମିତ୍ର, ସୁବୋଧ ଘୋଷ ଓ ଆଶାପୂର୍ଣ୍ଣା ଦେବୀଙ୍କ ବହି ସହିତ ବିଭୂତି ପଟ୍ଟନାୟକ ଓ କଣ୍ଢୁରୀ ଚରଣଙ୍କ ଉପନ୍ୟାସ ବି ପଢୁଥିଲେ । ପଢ଼ିବା ପାଇଁ ତାଙ୍କ ଭିତରେ ଥିଲା ଗୋଟେ ପ୍ରବଳ ଉଦ୍ଦୀପନା । କିନ୍ତୁ ତାଙ୍କୁ ଆଉ କଲିକତାର ରହଣି ଭଲ ଲାଗି ନଥିଲା । ସେ ପାଉଥିବା ପଚାଶ ଟଙ୍କା ମାସିକ ଦରମାରୁ ଅନେକ ଉପନ୍ୟାସ ବହି ସବୁ କିଣି ପକାଉଥିଲେ । ଏଇ ସମୟରେ ତାଙ୍କ ଚିଙ୍ଗୁଡ଼ିପୁରର ବିଲବାଡ଼ି, ମଣିଷ, ଝରଣା, ପୋଖରୀ, ସଞ୍ଜୁଆଣୀ ଜହ୍ନ, ବର୍ଷା, ଆମ୍ବକଷି, ସାଙ୍ଗମାନଙ୍କ ସହ ବାଗୁଡ଼ିଖେଳ, ଗାଈଗୋଠ, ଗାଈଆଳ ପିଲା ସଞ୍ଜୁଆଳି ଗୀତ ତାଙ୍କୁ ସ୍ୱପ୍ନରେ ଦେଖା ଦେଲେ । ସେ ସବୁ କିଣିଥିବା ବହିର ସମ୍ବଳକୁ ଧରି କଲିକତାରୁ ଗାଁକୁ ଫେରି ଆସିଲେ ଗୋଟେ ଦିନ ।

## ବୈବାହିକ ଜୀବନ

ଗାଁରେ ପହଂଚିଥିଲେ ୧୯୬୧ ମସିହାରେ । ଭଦ୍ରକରୁ ସେଇ ବର୍ଷ ତାଙ୍କ ପାଇଁ ଝିଅ ଠିକ୍ ହେଲା ବିବାହ ପାଇଁ । ରମାମଣୀ ମାଉସୀଙ୍କର ସେ ପାଣି ଗ୍ରହଣ କଲେ । ଖୁବ୍ ମଧୁମୟ ହେଲା ତାଙ୍କ ବୈବାହିକ ସମ୍ପର୍କ । ମାଉସୀ ଜୀବନ ସଂଗ୍ରାମର ପ୍ରତି କ୍ଷେତ୍ରରେ ତାଙ୍କ ସହ ତାଳ ଦେଇ ଚାଲିଲେ ।

ମଉସା ବଡ଼ଭାଇଙ୍କ ତେଜରାତି ଦୋକାନରେ ପରିବାର ପ୍ରତିପୋଷଣ ପାଇଁ ବସିଲେ । ଜୀବନ ଯାତ୍ରାରେ ତାଙ୍କ ପିଲାମାନେ ଆସିଲେ – ସୁନନ୍ଦା, ଅବିନାଶ, ଅମିତାଭ, ସୁଚିସ୍ମିତା ।

ଦୋକାନ ଭିତରେ ବି ତାଙ୍କର ସାହିତ୍ୟ ପ୍ରତି ରୁଚି କେବେ ବି କମି ନଥିଲା । ସେ ଓଡ଼ିଆରେ ପ୍ରକାଶିତ ସବୁ ଖବରକାଗଜ ପଢୁଥିଲେ । ସେଇ ସମୟରେ ପ୍ରକାଶିତ ପତ୍ରିକା ନିଆଁଖୁଣ୍ଟା, ଆସନ୍ତାକାଲି, ଡଗର, ଝଙ୍କାର ଇତ୍ୟାଦି ପତ୍ରିକା ପଢୁଥିଲେ । ସେ ବି କଣ୍ଢୁରୀ ଚରଣଙ୍କ ରହସ୍ୟ

**ସମ୍ବର୍ଦ୍ଧନା/ସମ୍ମାନ**

ତରଙ୍ଗ ସାଂସ୍କୃତିକ ସଂଘ, ଭୁବନେଶ୍ୱର
ଦର୍ଶନ ସାରସ୍ୱତ ସମ୍ମାନ – ଭୁବନେଶ୍ୱର
ଜଗତ ଜନନୀ ସମ୍ମାନ – ଭଦ୍ରକ
ଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦ ସମ୍ମାନ – ଭଦ୍ରକ
କାଦମ୍ବିନୀ ପ୍ରିୟ ପାଠକ ସମ୍ମାନ – ଭୁବନେଶ୍ୱର
ଶାଳନ୍ଦୀ ବହି ମେଳା ସମ୍ମାନ – ଭଦ୍ରକ



▶ ଉଦୟ ଅରୁଣର ଉଦାତ୍ତ ଉଚ୍ଚାରଣ : ଅରୁଣ ଖ୍ଲାର

ଉପନ୍ୟାସ ଓ ବିଭୂତିଙ୍କ ସାମାଜିକ ସଦ୍ୟ ପ୍ରକାଶିତ ଉପନ୍ୟାସ ସବୁ କିଣି ପଢୁଥିଲେ ।

## ତାଙ୍କ ଚିଠି ଲେଖା

ପତ୍ରିକାରେ ଯେଉଁ ଯେଉଁ ଲେଖକଙ୍କ କବିତା, ଗପ ଓ ପ୍ରବନ୍ଧ ପଢୁଥିଲେ ସେସବୁ ତାଙ୍କ ଭିତରେ ଗଭୀର ରେଖାପାତ କଲା । ୧୯୮୬ ମସିହାରୁ ସେ ଲେଖକମାନଙ୍କୁ ତାଙ୍କ ମନର ଅଭିଳାଷ ଓ ଲେଖା ପ୍ରତି ଶ୍ରଦ୍ଧା ବିଷୟରେ ଚିଠି ଲେଖିବା ଆରମ୍ଭ କଲେ । ଭଲଲେଖା ପଢ଼ିସାରିଲେ ସେ ଚିଠି ନିଶ୍ଚୟ ଲେଖିବେ । ତାଙ୍କର ପ୍ରଥମ ଚିଠି ଥିଲା କବି ବ୍ରଜନାଥ ରଥଙ୍କୁ । କବିଙ୍କ ପ୍ରତ୍ୟୁତ୍ତର ମଉସାଙ୍କୁ ଆହୁରି ଉତ୍‌ପ୍ରେରିତ କରିଥିଲା । ସେ ଉତ୍ସାହିତ ହେଇ କବି ରମାକାନ୍ତ ରଥ, ରାଜେନ୍ଦ୍ର ପଣ୍ଡା, ସୀତାକାନ୍ତ ମହାପାତ୍ର, ବିଭୂତି ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତିଙ୍କ ପାଖକୁ ଚିଠି ଲେଖି ସୁନ୍ଦର ସୁନ୍ଦର ଉତ୍ତର ପାଇଥିଲେ । ଚିଠି ଲେଖା ଧୀରେ ଧୀରେ ତାଙ୍କ ନିଶା ହୋଇଗଲା ଜୀବନରେ ।



କବି ସୁରେଶ ନାୟକଙ୍କ ସହିତ ଅରୁଣ ଖିଲାର

ସେ ବହୁ ଲେଖକଙ୍କୁ ପୋଷ୍ଟକାର୍ଡ଼ରେ ଚିଠି ଲେଖିଲେ । ଦାସିଆ ଅଜାଙ୍କ ଠାରୁ ମଉସାଙ୍କ ଚିଠି ଥିଲା ଗୋଟେ ନୂତନ ଫର୍ମରେ ଚିଠି ଲେଖା । ମଉସାଙ୍କ ଚିଠିରେ ଥିଲା ସାହିତ୍ୟ, ଅଭିମତ ଓ ସୁନ୍ଦର ପାରିପାଟୀ । ଏପରିକି ଓଡ଼ିଶାରେ କେହି ଲେଖକ ତାଙ୍କ ଚିଠିରୁ ବାଦ୍ ପଡ଼ି ନଥିଲେ । ପ୍ରତି ସାହିତ୍ୟ ସାଧକଙ୍କ ବହି ଥାକରେ ଥିଲା ମଉସାଙ୍କ ସ୍ମରଣୀୟ ଚିଠି ।

ତାଙ୍କ ଚିଠି ସଂଗୃହୀତ ହେଲେ ଆମ ଓଡ଼ିଆ ସାହିତ୍ୟରେ ଚିଠି ସାହିତ୍ୟର ଗୋଟେ ବିଭାଗ ଦୃଶ୍ୟ ହୁଅନ୍ତା । ତାଙ୍କର ମୋ ପାଖକୁ ଗୋଟେ ଚିଠିର ନମୂନା ଏଠି ମୁଁ ଦେଉଛି, ଯେଉଁଥିରୁ ଜାଣି ହେବ ସାହିତ୍ୟ ପ୍ରତି ତାଙ୍କ ପ୍ରତିବଦ୍ଧତା ଓ ଲେଖକଙ୍କ ପ୍ରତି ଉତ୍‌ପ୍ରେରଣା ।

ସ୍ନେହର ଉଦୟବାବୁ, ୮.୮.୯୬

ମୋର ଶୁଭେଚ୍ଛା ନେବେ । କୌଣସି ପ୍ରକାରରେ କ୍ଷମତା, ସାମାଜିକ ସମ୍ମାନ, ପୁରସ୍କାର ଇତ୍ୟାଦି କେବେହେଲେ କାହାର ଇଚ୍ଛାଧୀନ ବ୍ୟାପାର ନୁହେଁ । ଈଶ୍ୱରଙ୍କ ଇଚ୍ଛା ଉପରେ ଏହା ନିର୍ଭର କରିଥାଏ । ତା' ନହେଲେ ପ୍ରଚଣ୍ଡ ପ୍ରତିଭାଧର, ଆନ୍ତର୍ଜାତିକ ସାହିତ୍ୟିକ ମନୋଜ ଦାସ ଏ ପର୍ଯ୍ୟନ୍ତ ଭାରତର ସର୍ବୋଚ୍ଚ ପୁରସ୍କାର ପାଇ ସାରିଥାନ୍ତେ । ଆପଣଙ୍କୁ ମୋର ଗୋଟିଏ ପରାମର୍ଶ, ପୁରସ୍କାର କି ସମ୍ମାନ ମିଳିବ ତ ମିଳୁ- ତାକୁ ସ୍ୱାଗତ କରିବାରେ ବାଧା ନାହିଁ । କିନ୍ତୁ ପୁରସ୍କାର ଆପଣଙ୍କ ପଛରେ ଗୋଡ଼େଇ ଆସି ପହଞ୍ଚୁ । ଅନ୍ୟମାନଙ୍କ ଭଳି ଆପଣ ଯେମିତି ପୁରସ୍କାର ପଛରେ ନ ଗୋଡ଼ାନ୍ତି ।"

ମଉସା ଏମିତି ହୃଦୟସ୍ପର୍ଶୀ ଚିଠି ଲେଖନ୍ତି । ଚିଠିର ମର୍ମ ଖୁବ୍ ଉଚ୍ଚସ୍ତରର । ତାଙ୍କର ଏଇ ଚିଠିକୁ ଲକ୍ଷ୍ୟ କରି ମୁଁ ଲେଖାଲେଖି କରୁଛି, ହେଲେ ପୁରସ୍କାର ପଛରେ ଗୋଡ଼ାଇ ନାହିଁ କେବେ ବି । ମଉସା ଏମିତି ପ୍ରତି ସାହିତ୍ୟିକଙ୍କୁ ଚିଠି ମାଧ୍ୟମରେ କଠୋର ନିନ୍ଦା ପରାମର୍ଶ ଓ ପ୍ରେରଣା ଦେଇଥାନ୍ତି ।

## ବଡ଼ଝିଅ ସୁନନ୍ଦାଙ୍କ ବିବାହ ଓ କବି ବସନ୍ତ ମୁଦୁଲି



▶ ବୟସର ସବୁ ବାଧାକୁ ଯିଏ ଭାଙ୍ଗି ଦିଅନ୍ତି ସେ ଅରୁଣ ଖିଲାର

ବଡ଼ଝିଅ ସୁନନ୍ଦାଙ୍କୁ ସେ ଜୁଲାଇ ୧୯୮୨ ମସିହାରେ କବି ବସନ୍ତ ମୁଦୁଲିଙ୍କ ସହିତ ବିବାହ ଦେଲେ । ବସନ୍ତଙ୍କ କବି ପ୍ରତିଭା ଦେଖି ସେ ତାଙ୍କୁ ଜ୍ୱାଇଁ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସେତେବେଳେ ବସନ୍ତ ଯାଜପୁରର ମାଇନର ସ୍କୁଲ୍‌ରେ ହିନ୍ଦୀ ଶିକ୍ଷକ ଥିଲେ । ବିବାହ ପରେ ପରେ ମଉସାଙ୍କ ପ୍ରରୋଚନାରେ ପ୍ରକାଶ କଲେ ତାଙ୍କର ପ୍ରଥମ କବିତା ପୁସ୍ତକ, 'ଯିଏ ଯେଉଁ ଅଛ' । ଏଇ ବହି ପ୍ରକାଶ ହେଲା ପରେ ମଉସା ଗର୍ବିତ ହୋଇ ବହିର କବିତା ତାଙ୍କ ବାନ୍ଧୁମାନଙ୍କୁ ପଢ଼ାଇ ଶୁଣାଉଥିଲେ । ସେ ଗର୍ବରେ କହୁଥିଲେ, "ମୋ ଜ୍ୱାଇଁ ଜଣେ ଅନନ୍ୟ କବି ପ୍ରତିଭାର ଅଧିକାରୀ ।" ଏଇ ଗୋଟେ ପଦ କଥାରୁ ତାଙ୍କର କବିଙ୍କ ପ୍ରତି କେତେ ଶ୍ରଦ୍ଧା ଓ ସମ୍ମାନ ତାହା ଉପଲବ୍ଧ ହୁଏ ।

୧୯୮୨ ମସିହାରୁ ୧୫ ଜୁନ୍ ୧୯୮୬ ମସିହା ଖୁବ୍ କମ୍ ବର୍ଷ କାଳ ବକ୍ଷରେ । ଏହାରି ଭିତରେ କବିଙ୍କର ପୁଅଟେ ଜନ୍ମ ନେଇଥିଲା । ସେଇ ବର୍ଷ ରଜରେ ମଉସାଙ୍କ ଘର ଖୁସିରେ ଉଚ୍ଛୁଳି ପଡୁଥିଲା । ଏଇ ସମୟରେ ରାତି ଏଗାରଟାରେ ରାସ୍ତା ଦୁର୍ଘଟଣାରେ ବସନ୍ତଙ୍କ ଦେହାନ୍ତ ହୋଇଗଲା । ମଉସାଙ୍କ ସବୁ ସ୍ୱପ୍ନ ଭାଙ୍ଗିଗଲା ଅତି ନିକଟରୁ କବିଙ୍କ ମୃତ୍ୟୁକୁ ସାମ୍ନା କରି ।

ମଉସା ଭାବପ୍ରବଣ ହୋଇ କୁହନ୍ତି, "କବିଙ୍କ ଜୀବନଚର୍ଯ୍ୟାର ଥିବା ଅସରନ୍ତି କ୍ଲେଶ ଓ ଯନ୍ତ୍ରଣାର କଥା । ତାଙ୍କର ଦୁଃଖ ସହ ସଂଘର୍ଷ ଥିଲା, ଜୀବନର ପରିଧି । ମୋ ଜ୍ୱାଇଁଙ୍କ କାବ୍ୟ ଉଚ୍ଚାରଣର ମୌଳିକ ମନ୍ତ୍ର ଥିଲା ବିପ୍ଳବୀ ଚେତନା ଓ ବେସାଲିସ୍ ଜୀବପଯାପନ ।"

ସେ ଆହୁରି ମର୍ମାହତ ହେଇ ମୋତେ କହୁଥିଲେ, "ମୁଁ ଜାଣି ନଥିଲି ସେ ଏମିତି ହଠାତ୍ ସ୍ୱପ୍ନ ଦେଖାଇ ପୁଣି ହଜିଯିବେ ବୋଲି । ସେ ନଥାଇ ବି ମୋ ଭିତରେ ଅଛନ୍ତି ।"

ଏମିତି କଥାସବୁ କହିଲା ବେଳେ ତାଙ୍କ ଆଖିରୁ ବହି ପଡୁଥିଲା ଅବିଶ୍ରାନ୍ତ ଲୁହର ଧାର ।

## ମଉସାଙ୍କ କିଞ୍ଚିତ୍ ଲେଖାଲେଖି କଥା

ମୁଁ ମଉସାଙ୍କୁ କଥା ପ୍ରସଙ୍ଗରେ ପଚାରିଥିଲି, "ଆପଣ କେବେ ସାହିତ୍ୟ ଲେଖିଛନ୍ତି ?"

ସେ ଠୋ ଠୋ ହସିଲେ ଓ କହିଲେ, "ମୁଁ କି ପାଠ ପଢ଼ିଛି ଯେ ସାରଗର୍ଭକ ତାତ୍ତ୍ୱିକ ଲେଖା ଲେଖି ପାରିବି ? ଲେଖା ପ୍ରତି ମୁଁ ବିଶେଷ ଧ୍ୟାନ ଦେଇନାହିଁ ?"

"ତଥାପି ?" ମୁଁ ପଚାରିଲି ।

ସେ ଟିକେ ଚିନ୍ତାମଗ୍ନ ହେଲେ । କହିଲେ, "ମୁଁ ବହୁ ପୂର୍ବରୁ ମୀନାବଜାର ଶିଶୁଲେଖା ବିଭାଗରେ ଲେଖୁଥିଲି । ଚଳଚ୍ଚିତ୍ରର ଅଶ୍ଳୀଳତା ବିଷୟରେ ବି ଲେଖିଛି । ବେଶି ସାମ୍ବାଦିକତାର କଥା ଲେଖିଛି ସମାଜ, ପ୍ରଜାତନ୍ତ୍ର ଓ କଳିଙ୍ଗ ମେଲ୍‌ରେ ।"

ଟିକେ ନିଃଶ୍ୱାସ ନେଇ ସେ ପୁଣି କହିଲେ, "ହେଲେ ସାହିତ୍ୟିକମାନଙ୍କ ସାହିତ୍ୟ-କୃତି ସମ୍ପର୍କରେ ଚିଠି ଲେଖି ମୁଁ ସାରସ୍ୱତ ଆନନ୍ଦ ଲାଭ କରିଛି ।"

## ଜୀବନଚର୍ଯ୍ୟା

ମଉସାଙ୍କ ଜୀବନଚର୍ଯ୍ୟା ଥିଲା ଖୁବ୍ ନିରାମୟ ଓ ସରଳ । ୮୨ବର୍ଷ ବୟସର

Ohm

PVC HDPE Pipes & Fittings

# OHM PIPES PVT. LTD.




"An ISO 9001-2015 Certified Company"

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

ବି ସେ ସକାଳ ୫.୩୦ରେ ଉଠି ଦୁଇଘଣ୍ଟା ଯୋଗରେ ବସନ୍ତି । ତା'ପରେ ଶୌଚ ଓ ସ୍ନାନ, ଠାକୁରପୂଜା । ଠାକୁର ଘରେ ଶ୍ରୀଜଗନ୍ନାଥ ତାଙ୍କର ଆରାଧ୍ୟ ଦେବତା । ଠାକୁରଙ୍କ ସାମ୍ନାରେ ସେ ବହୁ ସମୟ ଧ୍ୟାନସ୍ଥ ହୁଅନ୍ତି ଓ ପରମବ୍ରହ୍ମଙ୍କ ସତ୍ତାକୁ ସେ ଖୋଜନ୍ତି ତଲ୍ଲୀନ ହୋଇ ।

ତାଙ୍କର ଖାଦ୍ୟ ଖୁବ୍ ସାଧାରଣ । ନିରାମିଷ ଭୋଜନ ତାଙ୍କର ପସନ୍ଦ । ଦ୍ୱି'ପ୍ରହରରେ ଭାତ, ଡାଲି, ଶାଗ, ଭଜା ଓ ସନ୍ତୁଳା ଏବଂ ରାତିରେ ଦୁଇପଟ ରୁଟି ଓ ଟିକେ ଡାଲ୍ମା ହେଲେ ତାଙ୍କର ପରମ ଆତ୍ମତୃପ୍ତି ।

ଦ୍ୱିପ୍ରହରରେ ଖାଇସାରିଲା ପରେ ସେ କିଛି ସମୟ ବିଶ୍ରାମ ନିଅନ୍ତି । ଦିନକୁ ଏ ବୟସରେ ବି ଛଅଘଂଟା ଖବରକାଗଜ, ପତ୍ରପତ୍ରିକା, ବହି, ଫୋନ୍ ଇତ୍ୟାଦିରେ ବିତାଇ ସେ ସାରସ୍ୱତ ଆନନ୍ଦ ଲାଭ କରନ୍ତି ।

ସନ୍ଧ୍ୟାବେଳେ ସେ ଅଧଘଣ୍ଟାଏ ଜଗନ୍ନାଥ ଦାସଙ୍କ ଭାଗବତ ପଢ଼ିବା ଭିତରେ ବିଭୁପ୍ରେମରେ ତଲ୍ଲୀନ ହୁଅନ୍ତି । ତାଙ୍କର ପୋଷାକ ବେଶ୍ ପାରମ୍ପରିକ । ସଦାସର୍ବଦା ଧଳା ଧୋତି ଓ ପଞ୍ଜାବୀ । ଏ ପୋଷାକ ପିନ୍ଧିଲେ ତାଙ୍କ ବୟସ ଜଣା ପଡ଼େ ନାହିଁ । ସବୁ ସମୟରେ ସେ ଖୁବ୍ ସୁଲଭ ହସରେ ଚିରପ୍ରଫୁଲ୍ଲ ଥାଆନ୍ତି । ଏହି ପୋଷାକ କୋଡ୍ ସେ କଲିକତାରୁ ହିଁ ପିନ୍ଧିବା ଆରମ୍ଭ କରିଥିଲେ ଓ ତାହା ଆଜିଯାଏଁ ଧରି ରଖିଛନ୍ତି ।

## ବସନ୍ତ ମୁଦୁଲିଙ୍କ ସ୍ମୃତି ସମାରୋହ ଓ ମଉସାଙ୍କ ସଂପୃକ୍ତି

ମଉସାଙ୍କ ଉଦ୍ୟମରେ ଗଠିତ ହେଲା ବସନ୍ତ ମୁଦୁଲି ସ୍ମୃତି ସଂସଦ । ସେ



▶ ସହଧର୍ମିଣୀ ଓ ଦୁଇପୁତ୍ର ଅବିନାଶ ଓ ଅମିତାଭଙ୍କ ସହିତ ଅରୁଣ ଖିଲାର

ଏଥିପାଇଁ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି । ସେ କୁହନ୍ତି, "ଏଇ ଅନୁଷ୍ଠାନ ବଂଚିବା ପାଇଁ ମୋ ଭିତରେ ଗୋଟେ ନୂତନ ଜାଗୃତି ସୃଷ୍ଟି କରୁଛି । ଏଇ ଅନୁଷ୍ଠାନର ପକ୍ଷରୁ କବିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଭଦ୍ରକ କଲେଜରେ ଅନୁଷ୍ଠିତ ହୋଇଥିଲା । ଏହାର ସିଂହଭାଗ ଅର୍ଥ ନିଜେ ମଉସା ସଂଗ୍ରହ କରି ଦେଇଥିଲେ । କବି ପତ୍ନୀ ସୁନନ୍ଦା ତାଙ୍କ ଦରମାରୁ ଅର୍ଥ ପ୍ରଦାନ କରୁଥିଲେ । ଏଇ ସଂସଦର ପକ୍ଷରୁ ପ୍ରଦତ୍ତ **'କବି ବସନ୍ତ ମୁଦୁଲି କବିତା ପୁରସ୍କାର'**ର ପ୍ରଥମ ବିଜିତା ଥିଲେ କବି **ସୁନୀଲ ପୃଷ୍ଟି** । ପୁରସ୍କାର ଗୋଟେ ନିରପେକ୍ଷ ବିଚାରକମଣ୍ଡଳୀ ଦ୍ୱାରା ନିର୍ଣ୍ଣିତ ହୁଏ । ଏଥିରେ କାହାରି ହାତ ନଥାଏ ପକ୍ଷପାତିତା କରିବା ପାଇଁ । ଏଇ ଅନୁଷ୍ଠାନରେ ଗାଳ୍ପିକ **ପବିତ୍ର ପାଣିଗ୍ରାହୀ** ସଭାପତି ଥିଲାବେଳେ କବି **କୃଷ୍ଣ କୁମାର ମହାନ୍ତି** ସମ୍ପାଦକର ଦାୟିତ୍ୱ ନିଭାଉଛନ୍ତି ।

ମଉସା କୁହନ୍ତି, "ଏଇ ଅନୁଷ୍ଠାନରୁ ପୂର୍ବରୁ ପୁରସ୍କୃତ ହୋଇଥିବା କବିମାନେ ପରବର୍ତ୍ତୀ ସମୟରେ ବିଶିଷ୍ଟ କବି ହିସାବରେ ବହୁ ଉର୍ଦ୍ଧ୍ୱକୁ ଯାଇଛନ୍ତି ।" ସେ ଗର୍ବରେ କିଛି କବିଙ୍କ ନାମ ବି ଉଚ୍ଚାରଣ କରନ୍ତି । ସେମାନେ ହେଲେ ସୁନୀଲ ପୃଷ୍ଟି, କୁମାର ହାସାନ, ଆଶୁତୋଷ ପରିଡ଼ା, ସୌଭାଗ୍ୟବନ୍ତ ମହାରଣା, ପବାସିନୀ ମହାକୁଡ଼, ଅପର୍ଣ୍ଣା ମହାନ୍ତି, ସେନାପତି ପ୍ରଦ୍ୟୁମ୍ନ କେଶରୀ, ରାମକୃଷ୍ଣ ସାହୁ, ସୁଚେତା ମିଶ୍ର, ଅଖିଳ ନାୟକ, ପୀତାମ୍ବର ତରାଇ, ଅକ୍ଷୟ ବେହେରା, ଅଜୟ ପ୍ରଧାନ, ବାସୁଦେବ ସୁନାନୀ, ବୀଣାପାଣି ପଣ୍ଡା, ଭରତ ମାଝୀ, ଅରୂପାନନ୍ଦ




▶ ଚା'ରେ ଚର୍ଚ୍ଚା : ସମ୍ପାଦକ ହରିହର ଶୁକ୍ଳ ଓ କବି ସରୋଜ ବଳଙ୍କ ସହିତ ଅରୁଣ ଖିଲାର

ପାଣିଗ୍ରାହୀ, ଅଖିଳ ନାୟକ ଓ ତୁହିନାଂଶୁ ରଥ ଇତ୍ୟାଦି ।

ଏଇ ପୁରସ୍କାର କବିଙ୍କୁ ପରବର୍ତ୍ତୀ କବିତା ରଚନା ପାଇଁ ଉତ୍ସାହ ଦେଉଥିବାରୁ ମଉସା ଖୁସି ବ୍ୟକ୍ତ କରନ୍ତି । ସେ କୁହନ୍ତି, "ଏହା ମୋ ଜ୍ୱାଇଁଙ୍କ ଅତୃପ୍ତ ଆତ୍ମାକୁ ନିଶ୍ଚେ ସାତ୍ତ୍ୱିକ ସୁଖ ପ୍ରଦାନ କରିବାରେ ସହାୟକ ହେଉଛି ।"

## ମଉସାଙ୍କ ସ୍ମୃତିର ଚାଳଘର

ଆଦମପୁର ଏନ୍‌ଏଚ୍‌କୁ ଲାଗି ଗୋଟେ ଚାଳଘର । ପଛକୁ ପକ୍କାଘର । ପକ୍କାଘରେ ରୁହନ୍ତି ମଉସା ଓ ପରିବାର ଲୋକେ । ଘର ଉପରେ ବସନ୍ତ ମୁଦୁଲି ସ୍ମୃତି ସଂସଦର ପାଠାଗାର । ଏଇ ପାଠାଗାରକୁ ଏକ ରାଜ୍ୟସ୍ତରୀୟ ପାଠାଗାର କରିବା ପାଇଁ ମଉସା ଆପ୍ରାଣ ଉଦ୍ୟମ କରୁଛନ୍ତି । ଅହରହ ଘୁରନ୍ତି । ପାଠାଗାରର ଗୋଟେ ପ୍ରକୋଷ୍ଠରେ ବସନ୍ତ ମୁଦୁଲିଙ୍କ ଫଟୋ ସବୁ ସଂଗୃହୀତ । ଅନ୍ୟ ପ୍ରକୋଷ୍ଠରେ ଲୋକମାନଙ୍କ ଅନୁଗ୍ରହରୁ ମିଳିଥିବା ଆଲମିରାରେ ମଉସା ସଜାଡ଼ି ରଖିଛନ୍ତି ଥାକଥାକ ମୂଲ୍ୟବାନ ଓ ଦୁଷ୍ପ୍ରାପ୍ୟ ବହିସବୁ, ଯାହା ମଉସାଙ୍କ ସମ୍ପଦ । ଏ ଘର ନିର୍ମାଣ ପାଇଁ ପୂର୍ବତନ ସାଂସଦ ଓ ସାହିତ୍ୟସାଧକ ବୈଷ୍ଣବ ଚରଣ ପରିଡ଼ା ୨୦୧୭ ମସିହାରେ ଏମ୍.ପି. ଲ୍ୟାଡ୍‌ରୁ ପନ୍ଦର ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ।

ହେଲେ ଏଇ ପ୍ରାସାଦରେ ରହିବା ପୂର୍ବରୁ ମଉସା ଆଗରେ ଥିବା ଚାଳଘରେ ରହୁଥିଲେ । ସେଇ ଅନେକ ସ୍ମୃତି ବିଜଡ଼ିତ ଚାଳଘରର ଚାବି ଖୋଲି ସକାଳ ସନ୍ଧ୍ୟାରେ ଘର ଭିତରକୁ ଯାଇ ବୁଲିଲେ ପରମ ଶାନ୍ତି ଓ ଆତ୍ମିକ ସୁଖ ପାଆନ୍ତି ମଉସା ।

## ଚିଙ୍ଗୁଡ଼ିପୁର ଗାଁରେ ମଉସାଙ୍କ ଷଠିଘର

ମୁଁ ତାଙ୍କ ଗାଁ ଚିଙ୍ଗୁଡ଼ିପୁର ଘର କଥା ପଚାରିଲେ ସେ ଭାବପ୍ରବଣ ହୋଇ ଯାଉଥିଲେ । ସେ ଏବେ ବି ଗାଁକୁ ଯାଆନ୍ତି । ସେଇଠି ଅଛି ତାଙ୍କ ଷଠିଘର ଓ ଅନେକ ମଧୁର ସ୍ମୃତି । ତାଙ୍କ ଉଜୁଡ଼ି ପଡ଼ିଥିବା ତେଜରାତି ଦୋକାନ ବି । ଏତେ ବୟସ ଅତିକ୍ରାନ୍ତ ହେବା ଭିତରେ ସେ ଗାଁର ଅନେକ ସ୍ମୃତିକୁ ଭୁଲି ନାହାନ୍ତି । ମନେ ପଡ଼ନ୍ତି ତାଙ୍କ ପ୍ରିୟ ବାପା ମାଆ । ସେଇ ବାପା ମାଆଙ୍କୁ ସେ ବେଳେବେଳେ ସେମାନଙ୍କ ପାଇଁ ନିର୍ମିତ ସମାଧି ଭିତରେ ଯାଇ ଖୋଜନ୍ତି ।

ଧ୍ୟାନରେ ଅନେକ ସମୟ ରହି ହାତଯୋଡ଼ି ସେଇ ଦୁଇଜଣଙ୍କୁ ସ୍ମରଣ କରନ୍ତି । ବାପା ଗାଁରେ ଚାରି ଏକର ଜାଗା କିଣିଥିଲେ କଲିକତାରେ ଚାକିରି ପଇସା ସଂଗ୍ରହ କରି । ସେଇ ଜାଗା ଏବେ ବି ଅଛି । ସେଇ ଜାଗା ଭାଇମାନଙ୍କ ଭିତରେ ଭାଗ ହୋଇ ଭାଗଚାଷରେ ଲାଗିଛି । ଗାଁରେ ଭାଇମାନେ ସେମାନଙ୍କ ପରିବାର ଧରି ରହୁଛନ୍ତି । ମଉସା ଥମ୍‌ଥମ୍ ହୋଇ କୁହନ୍ତି, "ମୋ ଗାଁ ମୋ ପାଇଁ ପୃଥିବୀର ସର୍ବଶ୍ରେଷ୍ଠ ତୀର୍ଥସ୍ଥାନ । ବାପାମାଆଙ୍କ ସମାଧି ହେଉଛି ମୋ ପାଇଁ ସର୍ବଶ୍ରେଷ୍ଠ ପବିତ୍ର ମନ୍ଦିର ।"

## ଗ୍ରାମୀଣ ରାଜନୀତି ଓ ମଉସା

ଯୌବନ ସମୟରୁ ପ୍ରୌଢ଼ ହେବା ଯାଏଁ ସେ ଗାଁରେ ସ୍ୱଚ୍ଛ ଓ ନିର୍ମଳ ସ୍ୱାୟତ୍ତଶାସନ ପାଇଁ ଅହରହ ପରିଶ୍ରମ କରିଛନ୍ତି । ତାଙ୍କର ଲୋକପ୍ରିୟତା ପାଇଁ ସେ ୧୯୬୨ରୁ ୧୯୯୧ ଯାଏଁ ଚାରିଥର ଗାଁ ସରପଞ୍ଚ ନିର୍ବାଚନରେ ଜିତି ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତରେ ପରିଣତ କରିଥିଲେ । ଧୀରେ ଧୀରେ ଗାଁ ରାଜନୀତିରେ ଆବର୍ଜନା ପଶି ଆସୁଥିଲା । ଯାହାର ଫଳ ସ୍ୱରୂପ ୧୯୯୧ ପଞ୍ଚାୟତ ନିର୍ବାଚନରେ ତାଙ୍କୁ ହାରିବାକୁ ପଡ଼ିଲା । ସେଇଠୁ ସେ ନେଲେ ରାଜନୀତିରୁ ସନ୍ନ୍ୟାସ । ସେ ଗାଁ ମାଟି ଓ ମଣିଷର ସେବାକୁ ଜୀବନର ମୂଳମନ୍ତ୍ର କରିଛନ୍ତି ସେହିଦିନ ଠୁଁ । ସେତେବେଳେ ସେ ଜନତାପାର୍ଟିରେ ସକ୍ରିୟ ସଭ୍ୟ ଥିଲେ । ଆଜି ବି ତାଙ୍କ ଭିତରେ ତଥାପି କିଛି କିଛି ରାଜନୀତିର ଉଦ୍ଦାମତା ବାରି ହୋଇପଡ଼େ ।

## ଦାସିଆ ଅଜା ଓ ଅରୁଣ ମଉସା


▶ ମାଆ ତୁମେ ସୀମାହୀନ ମମତାର ମନ୍ଦିର : ମାଆଙ୍କ ସହିତ ଅମିତାଭ ଖିଲାର

ବାଲେଶ୍ୱରର ପ୍ରଥିତଯଶା କବି ବ୍ରଜନାଥ ରଥଙ୍କ ପ୍ରତିଟି ବିପ୍ଳବୀ କବିତା ତାଙ୍କ ଜୀବନକୁ ଉଦ୍‌ବେଳିତ କରେ । ସେ କେବେକେବେ ବାଲେଶ୍ୱର ଆସିଲେ, କବିଙ୍କୁ ଭେଟୁଥିଲେ ଓ ତାଙ୍କ ଅମାୟିକ ବ୍ୟବହାରରେ ସେ ପ୍ରୀତ ହେଉଥିଲେ । ବ୍ରଜବାବୁଙ୍କର ବି ପ୍ରିୟ ଯୁବକବି ଥିଲେ କବି ବସନ୍ତ ମୁଦୁଲି ।

ମଉସା କହନ୍ତି, "ମୁଁ ଟଙ୍କା ଓ ଅର୍ଥ ଠୁଁ ବହିକୁ ବେଶି ଭଲପାଏ । ମୋତେ ଜଣେ ଲକ୍ଷେ ଟଙ୍କା ଦେଲେ ଯେତିକି ଖୁସି ନ ହେବି, ଭଲ ବହି ଦାନ କଲେ ମୁଁ ତା'ଠୁ ବେଶି ଖୁସି ହେବି ।"

ଏମିତି କଥା ହେଉହେଉ ଗୋଟେ ବିମୂର୍ତ୍ତ ମୁହୂର୍ତ୍ତରେ ସେ ଦାଶରଥି ଅଜାଙ୍କ ପ୍ରସଙ୍ଗରେ କଥା ହୋଇଥିଲେ । ଗୋଟେ ସନ୍ଧ୍ୟାରେ କେଉଁଠୁ କେମିତି ତାଙ୍କ ଘର ଠିକଣା ସଂଗ୍ରହ କରି ପହଞ୍ଚି ଯାଇଥିଲେ ଅଜା । ଗୋଟେ ରାତି ସେ ମଉସାଙ୍କର ଅତିଥି ହୋଇଥିଲେ । ଅଜାଙ୍କୁ ସେ କିଛି ବହି ବି ପ୍ରଦାନ କରିଥିଲେ । ଅଜା ସେସବୁକୁ ଗୋଟେ ଅଖାରେ ଭର୍ତ୍ତି କରିଥିଲେ । ଶେଷକୁ ଅଜା ବହି ବୋଝ ଧରି ବାହାରିଲା ବେଳେ ମଉସା ତାଙ୍କୁ ଶହେ ଟଙ୍କା ଦେଇ କହିଥିଲେ, "ଆପଣ ଏଇ ଟଙ୍କାରେ ଆପଣଙ୍କ ପାଠାଗାରର ଉନ୍ନତି କରିବେ । ମୋର ଆଉ ବେଶି ଦେବାକୁ ସାମର୍ଥ୍ୟ ନାହିଁ ।" ଅଜାଙ୍କୁ ଏତିକି କହି ଟଙ୍କା ଦେଲା ବେଳେ ଅଜା କହିଥିଲେ, "ତୁମର ଏ ଅକୁଣ୍ଠ ଓ ପବିତ୍ର ଦାନ ନିଶ୍ଚେ ମୁଁ ସଠିକ୍ କାମରେ ନିୟୋଜିତ କରିବି । ବିଶ୍ୱାସ ରଖ ।"

### ଅରୁଣ ଖିଲାରଙ୍କ ପ୍ରିୟ



ପ୍ରିୟ ମଣିଷ – କୃଷ୍ଣ
ପ୍ରିୟ କବି – ବ୍ରଜନାଥ ରଥ
ପ୍ରିୟ ଲେଖକ – ବିଭୂତି ପଟ୍ଟନାୟକ
ପ୍ରିୟ ଖାଦ୍ୟ – ନିରାମିଷ ଅନ୍ନ
ପ୍ରିୟ ବହି – ବସନ୍ତ ମୁଦୁଲି ଶ୍ରେଷ୍ଠ କବିତା
ପ୍ରିୟ ପୋଷାକ – ଧୋତି ଓ ପଂଜାବୀ ବେଙ୍ଗଲୀ ମାର୍କା
ପ୍ରିୟ ଆଦର୍ଶ ମଣିଷ – ଦାସିଆ ଅଜା
ପ୍ରିୟ ଦୁଃଖ – କ୍ୱାଇଁ ବସନ୍ତଙ୍କ ବିୟୋଗ
ପ୍ରିୟ ସ୍ୱପ୍ନ – ପାଠାଗାରର ଉନ୍ନତି
ପ୍ରିୟ ଠାକୁର – ଶ୍ରୀଜଗନ୍ନାଥ
ପ୍ରିୟ ଦାନ – ଦାସିଆ ଅଜାଙ୍କୁ ୧୦୦ ଟଙ୍କା ପ୍ରଦାନ
ପ୍ରିୟ ଅବସୋସ – ଗୟା ଯାଇ ବାପା ଓ ମାଆଙ୍କ ଶ୍ରାଦ୍ଧ ଦେଇ ନପାରିବା
ପ୍ରିୟ ଅନୁଭବ – ଜୀବନରେ ପ୍ରେମ ନ କରିବା
ପ୍ରିୟ ସମ୍ବର୍ଦ୍ଧନା – କାଦମ୍ବିନୀ ପାଠକ ସମ୍ମାନ
ପ୍ରିୟ ଦୁର୍ବଳତା – ବସନ୍ତ ମୁଦୁଲିଙ୍କ ପୁଅ (ନାତି ପାର୍ଥସାରଥୀ)

ମଉସା କହନ୍ତି, "ଦାଶିଆ ଅଜା ଜଣେ ମହାନ୍ ସନ୍ଥ ମଣିଷ ଓ ସଂଗ୍ରାହକ । ତାଙ୍କ ସେବାର ପଟାନ୍ତର ନାହିଁ । କିଛି ଲୋକ ଦାସିଆ ଅଜା ପରେ ମୋତେ ଉଚ୍ଚାରଣ କରନ୍ତି । କିନ୍ତୁ ତାଙ୍କ ସହ ମୁଁ କେବେ ବି ତୁଳନୀୟ ନୁହେଁ । ସେ ସୂର୍ଯ୍ୟ ହେଲେ ମୁଁ ଜୁଳୁଜୁଳିଆ ପୋକଟେ ମାତ୍ର ।"

ମୋ ପାଖରେ ମାତ୍ର କିଛି ବହି ଅଛି । ସେସବୁ ରଖିବା ପାଇଁ ଏଯାଏଁ ମୁଁ ଆଲମିରା ଠିକ୍ କରିପାରି ନାହିଁ । ହେଲେ ଦାସିଆ ଅଜା ମହାନ୍ ସଂଗ୍ରାହକ । ସେ ବହି କେବଳ ନୁହେଁ, ପୁରୁଣା ଟଙ୍କା ପଇସା, ପଥରଠୁଁ ଆହୁରି କେତେକେତେ ସ୍ମରଣୀୟ ଜିନିଷ ତାଙ୍କ ସଂଗ୍ରହାଳୟରେ ରଖିଥିଲେ । ମରିବା ଯାଏଁ ଅଜା ଏସବୁ ସଂଗ୍ରହ ପାଇଁ ଗାଁ ଗାଁ ବୁଲି ଅନେକ କ୍ଲେଶ ସହିଛନ୍ତି ।"

ମୁଁ ପଚାରିଥିଲି "ଆପଣ ଗାଁ ଛାଡ଼ି, ଏନ୍‌ଏଚ୍ ପାଖକୁ ଆସିଲେ କାହିଁକି ?" ସେ କହିଲେ, "ଗାଁରେ ଚାରିଭାଇଙ୍କ ସଂସାର ବଢ଼ିଲାରୁ ରହିବା ପାଇଁ ଘର ଅକୁଳାଣ ହେଲା । ବାଧ୍ୟ ହୋଇ ମୁଁ ଏଇ ଜାଗାକୁ ଚାଲି ଆସିଲି ।"

ମଉସାକୁ ଭଲ ପାଉଥିବା ମଣିଷମାନଙ୍କ କଥା ପଚାରିଲେ ସେ ଗୋଟେ ଲମ୍ବା ତାଲିକା ଉପସ୍ଥାପନ କରନ୍ତି ।

ସେଇ ତାଲିକାରେ କିଛି ନାମ ସ୍ମରଣ କରି ସେ କହିଥିଲେ – ବ୍ରଜନାଥ ରଥ, କମଳକାନ୍ତ ଲେଙ୍କା, ଭଗବାନ ନାୟକ ବର୍ମା, ଅଚ୍ୟୁତାନନ୍ଦ ପତି, ଅଚ୍ୟୁତାନନ୍ଦ ସାମଲ, ସୁଧାକର ନନ୍ଦ,

### ଅକ୍ଷରେ ଅକ୍ଷରେ ଅରୁଣ ଖିଲାର

ନାମ – ଅରୁଣ ଖିଲାର
ବାପା – ସ୍ୱର୍ଗତ ବାଉଲି ଖିଲାର
ମାଆ – ସ୍ୱର୍ଗତା ହରପ୍ରିୟା ଦେବୀ
ପୈତୃକ ଘର – ଚିଙ୍ଗୁଡ଼ିପୁର, ଭଣ୍ଡାରୀପୋଖରୀ
ଜନ୍ମ ତାରିଖ – ୧୨.୦୯.୧୯୩୮
ପାଠ – ନବମ ପାସ୍
ଫୋନ୍ ନମ୍ବର – ୯୪୩୯୦୫୭୦୫୧
୮୨୪୯୧୦୪୨୦୯
ସନ୍ତାନସନ୍ତତି – ବଡ଼ଝିଅ ସୁନନ୍ଦା
ବଡ଼ ପୁଅ – ଅବିନାଶ
ମଝିଆ ପୁଅ – ଅମିତାଭ
ସାନ ଝିଅ – ସୁଚିସ୍ମିତା

ରଜନୀକାନ୍ତ ମହାନ୍ତି, ପବିତ୍ର ପାଣିଗ୍ରାହୀ, କୃଷ୍ଣକୁମାର ମହାନ୍ତି, ଶ୍ରୀଦେବ, ସୁରେନ୍ଦ୍ର ନାୟକ, ନିରାକର ଦାସ, ସ୍ୱର୍ଗତ ପ୍ରମୀଳା ଶତପଥୀ ଓ ସରୋଜ ବଳ ପ୍ରମୁଖ ।

## ଜୀବନର ବାକି ସ୍ୱପ୍ନ

ମଉସାଙ୍କୁ ମୁଁ ପଚାରିଥିଲି, "ଆପଣ ଆଉ କ'ଣ କରିପାରି ନାହାନ୍ତି ବୋଲି ଭାବନ୍ତି ?" ସେ ଟିକେ ଗମ୍ଭୀର ହୋଇ କହିଲେ, "ମୁଁ ଆଉ କେତେ ବଡ଼ ଲୋକଟେ କି ?" ଆଉ ଏ ଜୀବନର ଅଧିକ କ'ଣ ବା କରିପାରିଥାନ୍ତି ? ମୋତେ ମୋ ପିଲା ଓ ସଂସାର ନେଇ ଈଶ୍ୱର ଯେତିକି ଖୁସି ଦେଇଛନ୍ତି ସେତିକି ମୋର ପ୍ରାପ୍ୟ ବୋଲି ମୁଁ ଧରି ନେଇଛି । ମୋର ଆଉ ଦୁଃଖ ବୋଲି କିଛି ନାହିଁ । ଯଦିବି କିଛି ଥାଏ ମୁଁ ଭାବିନିଏ ତାହା ଈଶ୍ୱରଙ୍କ ଇଚ୍ଛା ଓ ମୋର ପ୍ରାରବ୍ଧ ।"

## ବସନ୍ତ ମୁଦୁଲିଙ୍କ ବିୟୋଗ

ବସନ୍ତଙ୍କ ବିୟୋଗ ହେଲା ୧୯୮୬ ପହିଲି ରଜ ତାରିଖ ୧୫ ଜୁନ୍ । ସେ ଜ୍ୱାଇଁ ନିମନ୍ତ୍ରଣରେ ଶଶୁର ଘରକୁ ଆସିଥିଲେ । ଶଳାଶାଳୀ, ଶଶୁର ଓ ଶାଶୁ ସହତ ବାଡ଼ି ଆମ୍ବଗଛ ତଳେ କେତେକେତେ ସ୍ୱପ୍ନମୟ କଥା ସେ ହେଉଥିଲେ । ମଉସା ଖୁସି ଥିଲେ । ହଠାତ୍ ଗୋଟେ ପିଅନ ଆଣି ଗୋଟେ ଚିଠି ଧରାଇ ଦେଲେ । ଚିଠିଟି ଥିଲା ସି.ଟି. ପାସ୍ କରିଥିବା ସୁନନ୍ଦାଙ୍କ ଶିକ୍ଷକତା ପାଇଁ ସାକ୍ଷାତକାର । ଏତିକି ଦେଖିଲା ପରେ ଖୁସିରେ ବିଭୋର ବସନ୍ତ ଶଳା ସହିତ ଭଦ୍ରକ ସିନେମା ଦେଖିବାକୁ ଗଲେ । ରାତି ୯ଟାରେ ଫେରିଲେ । ପୁଣି ବାରିକପୁରକୁ ଯିବାକୁ ହେଲା ଗୋଟେ ଜରୁରୀ କାମରେ । ଫେରିଲା ବେଳକୁ ରାତି ୧୦ଟା ହୋଇ ଯାଇଥିଲା । ଏନ୍ଏଚ୍ ରାସ୍ତାର ଦୁର୍ବୃତ୍ତମାନେ ଲୁଟିବା ପାଇଁ ପଥର ପକାଇ ଦେଇଥିଲେ । ସେଇ ପଥରରେ ବସନ୍ତଙ୍କ ଗାଡ଼ି ବାଡ଼େଇ ହୋଇ ଛିଟିକି ଗଲା ଓ ସଙ୍ଗେସଙ୍ଗେ ସେଇଠି ତାଙ୍କ ମୁଣ୍ଡ ଫାଟି ଜୀବନ ଶେଷ ହୋଇଗଲା । ସରିଗଲା ବସନ୍ତଙ୍କ ପ୍ରବହମାନ କବିତାର ନିର୍ଝରିଣୀ ।

ଏତିକି କହିଲା ବେଳେ ମଉସା ଛୋଟପିଲା ପରି କଇଁକଇଁ କାନ୍ଦିଉଠିଲେ । ମୁଁ ତାଙ୍କ ଆଖି ପୋଛିଦେଲି ଗାମୁଛାରେ । ଥରଥର ଗଳାରେ ସେ କହିଲେ, "ଏହା ହିଁ ମୋ ଜୀବନର ଶ୍ରେଷ୍ଠତମ ଦୁଃଖର ଦିନ ।" ମୁଁ ସୁନନ୍ଦାର ଲଙ୍ଗଳା ହାତ ଓ କପାଳ ଦେଖିଲେ ସେଇ ହତଭାଗ୍ୟ କବିଙ୍କ ମୁହଁ ମୋ ଆଖି ଆଗକୁ ଆସିଯାଏ । ତାହାକୁ ଦେଖିଲେ ତା' ଭିତରେ ମୁଁ ବସନ୍ତଙ୍କୁ ଦେଖିପାରେ । ସେ ଯେମିତି କେଉଁ ଅନ୍ତରୀକ୍ଷରେ ରହି ମୋତେ କହୁଛି, "ବାପା ମୋ ଅଧୁରା ସ୍ୱପ୍ନକୁ ସାକାର କରନ୍ତୁ ।"


ବସନ୍ତ ମୁଦୁଲି ମଉସାଙ୍କ ସାହାଯ୍ୟ ନେଇ ଜୀବଦ୍ଦଶା ଭିତରେ ପ୍ରକାଶ କରିଥିଲେ କବିତା ବହି – 'ଯିଏ ଯେଉଁଠି ଅଛି' । ତାଙ୍କ ମୃତ୍ୟୁ ପରେ ମଉସାଙ୍କ ଉଦ୍ୟମରେ ତାଙ୍କର ବହି 'ବସନ୍ତ ବର୍ଣ୍ଣମାଳା', 'ବିଭୋର ବସନ୍ତ' ଓ 'ବସନ୍ତଙ୍କ ଶ୍ରେଷ୍ଠ କବିତା' ପ୍ରକାଶିତ ହୋଇଛି ।

## ସମ୍ବର୍ଦ୍ଧନା

ଅନେକ ସାହିତ୍ୟ ସଭାରୁ ମଉସାଙ୍କୁ ଆମନ୍ତ୍ରଣ ଆସିଛି । ଜଣେ ଉତ୍ତମ

## କୃଷ୍ଣ କୁମାର ମହାନ୍ତି ଯାହା କୁହନ୍ତି

ଅରୁଣସ୍ତମ୍ଭ ସେ ମୋ ଜୀବନର । ଏମିତି ମଣିଷ କମ୍ ପାଇଥିବି ଜୀବନରେ, ଯିଏ ଅମାପ ଭଲପାଇବାରେ ପୋତି ଦେଇଥିଲା ବେଳେ କେବେ ପର କରି ଦେଇ ନାହାନ୍ତି । କେଉଁ ଦଶନ୍ଧି ତଳେ ପରିଚୟ ହେଇଥିଲା ମନେ ନାହିଁ । କିନ୍ତୁ ମନେଅଛି ପ୍ରତିଟି ଚିଠିରେ ତାଙ୍କର ଚର୍ଚ୍ଚା ଓ ସ୍ନେହଶ୍ରଦ୍ଧା । ଆଜି ବି ଅତୁଟ ଆମର ଏଇ ସମ୍ପର୍କ । ଫୋନ୍ ନକଲେ ରାଗନ୍ତି ସେ, ମୁଁ ବି କେଉଁ କମ୍ । ତା'ପରେ ରାଗରୋଷ ସରିଯାଏ । ନର୍ମାଲ୍ । ଅରୁଣ ଖିଲାରଙ୍କୁ କିଏ ବା ନ ଜାଣନ୍ତି ଓଡ଼ିଶାରେ ? ହୁଏତ ଏବେର ନବପିଢ଼ି ପାଖରେ ସେ ଅଚିହ୍ନା ହୋଇ ପାରନ୍ତି କିନ୍ତୁ ନବପିଢ଼ିଙ୍କ ତାଲିକା ତାଙ୍କ ତୁଣ୍ଡରେ ଫୁଟୁଥାଏ ।



ବୟସ ତାଙ୍କୁ ନୁଆଇଁ ପାରିନାହିଁ । ଆଜି ବି ସେ ସେମିତି ୨୦ ବର୍ଷ ତଳେ ଯାହା ଦିଶୁଥିଲେ । ଧଳା ପଞ୍ଜାବୀ ଓ ଧୋତି ଛଡ଼ା ଆଉ କୌଣସି ନବାବୀ ପୋଷାକ ପିନ୍ଧିବାର ଦେଖିନାହିଁ ମୁଁ । ଅନେକ ଅନେକ ସାହିତ୍ୟିକ ଓ ସାହିତ୍ୟ ଘଟଣାମାନଙ୍କୁ ନେଇ ଆମର ଗପସପର ଶେଷ ନାହିଁ । ସେ ଓ ମୁଁ ବୟସର ବ୍ୟବଧାନରେ ପିତାପୁତ୍ର ହେଲେ ବି ଆମେ ବେଶ୍ ବନ୍ଧୁ ଭଳି ଚଳୁ ।"

## ବସନ୍ତ ମୁଦୁଲିଙ୍କର କିଛି ଚିଠି ଶ୍ୱଶୁରଙ୍କୁ

● ଆପଣ ଏବେ ମୋ ପାଇଁ ଏବଂ ମମି ପାଇଁ ଭୀଷଣ ଚିନ୍ତାଗ୍ରସ୍ତ, ଯାହା ମୁଁ ମମି ପାଖରୁ ଶୁଣିଲି । ମାତ୍ର କାହିଁକି ? ମଣିଷ ଯାହା ଋହେଁ ତାହା ପାଏନା । ଆଉ ଯାହା ପାଏ ତାହା କେବେ ସେ ଆଶା କରି ନଥାଏ । ଯାହା ଭବିତବ୍ୟ ତାହା ଘଟେ । ପିଲାମାନେ କ'ଣ ତାହା ପିତୃବ୍ୟମାନେ ସଠିକ୍ କରି ପାରିବେ ନାହିଁ ।

● ବମ୍ବେ ଇଲାକାରୁ ଆପଣ ପ୍ରଚୁର ଅନୁଭୂତି ନେଇ ଫେରିଛନ୍ତି । ଆପଣ ପରିଦର୍ଶନ କରିଥିବା ସ୍ଥାନମାନଙ୍କ ଉପରେ ଯେଉଁ ମନୋଭାବ ପୋଷଣ କରିଛନ୍ତି, ତାହା ହୁଏତ ମୋ ପାଇଁ ଭିନ୍ନ । ଆପଣ ଜଣେ ପରିଦର୍ଶକ ରୂପେ ଯାହା କେବଳ ବିଋରିଛନ୍ତି । ଆପଣ ବମ୍ବେର ମେରାଇନ୍ ଡ୍ରାଇଭ୍ ଦେଖିଥାଇ ପାରନ୍ତି, ହେଲେ ସେହି ସହର ତଳି ଅଂଚଳରେ ଜୀବନକୁ ବାଜିମାରି ବଂଚୁଥିବା ନିଃସ୍ୱ ମଣିଷର ହୁଏତ ଜୀବନ ପ୍ରବାହକୁ ଦେଖିଛନ୍ତି କି ? ହୁଏତ ଦେଖି ନଥିବେ । ଦେଖିବେ କିପରି ଦୀପ ତଳ ଅନ୍ଧାର । ଋରିଆଡ଼େ ଅନ୍ଧକାରର ଆତଙ୍କରାଜ ।

● ଆପଣ ଦେଖିବେ, ହଠାତ୍‌ଏ ପୃଥିବୀର ଅନ୍ଧକାର ସୁଡ଼ଙ୍ଗ ଭିତରେ ମଶାଲଟିଏ ଜାଳିଦେଇ ମୁଁ କ୍ରୁଶବିଦ୍ଧ ହେବି, ଗୁଡ଼ାଏ ମୂର୍ଖଙ୍କ ହାତରେ । ତାହା ହିଁ ହେବ ମୋ ଜୀବନର ନିର୍ବାଣ । ପୂର୍ଣ୍ଣତା, କବିତାର ଶାପମୁକ୍ତି ।

● ତଥାପି ବଂଚିବି । ଢ଼ୋକେ ପିଇ ଦଣ୍ଡେ ଜିଇଁ ଅନ୍ୟମାନଙ୍କ ମୁହଁରେ ହସର ଇନ୍ଦ୍ରଧନୁ ସୃଷ୍ଟି କରିବି ।

● ମୁଁ ଯେଉଁ ପୃଥିବୀ ଖୋଜୁଥିଲି, ଏ ପୃଥିବୀ ତା' ନୁହେଁ । ମୁଁ ଯେଉଁ ଜୀବନ ଖୋଜୁଥିଲି, ଏ ଜୀବନ ତା' ନୁହେଁ । ମୁଁ ଯେଉଁ ସମ୍ପର୍କ ଖୋଜୁଥିଲି ଏ ସମ୍ପର୍କ ତା' ନୁହେଁ ।

● ଏବେ ପ୍ରତି ମୁହୂର୍ତ୍ତରେ ପ୍ରତିଟି ଶବ୍ଦରେ କେବଳ ଦାରିଦ୍ର୍ୟର ଘନଘଟା । ପୁଣି ବଂଚିବାର ରାହାବାଳି । କେମିତି ବଂଚିବି ।



ଏଇସବୁ ବସନ୍ତଙ୍କର ଚିଠିକୁ ଅରୁଣ ଖିଲାର ଯତ୍ନରେ ଗୋଟେ ବାକ୍ସରେ ରଖିଛନ୍ତି । କେତେବେଳେ ଦୁଃଖ ହେଲେ ବା ବସନ୍ତଙ୍କ କଥା ମନକୁ ଆସିଲେ ସେ ଖୋଲି ପଢ଼ନ୍ତି ଓ ନିଜେ ନିଜେ ନିରୋଳାରେ କାନ୍ଦନ୍ତି ।

ପାଠକ ହିସାରେ ସମଗ୍ର ଓଡ଼ିଆ ସାରସ୍ୱତ ଜଗତରେ ତାଙ୍କର ପ୍ରସିଦ୍ଧି । ଅନେକ ସାହିତ୍ୟ ଅନୁଷ୍ଠାନ ବି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ତେବେ ସମ୍ବଲପୁରରେ ଗୋଟେ ସାହିତ୍ୟ ସଭାକୁ ଯିବା କଥା ସେ ଏଯାଏଁ ଭୁଲି ନାହାନ୍ତି । କବି ବ୍ରଜନାଥ ରଥ, କାଳୀପଦ ପଣ୍ଡା, ଶ୍ରୀଦେବ, ପବିତ୍ର ପାଣିଗ୍ରାହୀଙ୍କ ଏକତ୍ର ଯାତ୍ରା ଓ ରହଣିର ସୁଖଦ ମୁହୂର୍ତ୍ତ ସେ ଭୁଲି ପାରନ୍ତି ନାହିଁ । ଏହା ତାଙ୍କ ଜୀବନର ଏକ ଅଭୁଲା ସ୍ମୃତି ।

ସେହିପରି ମଉସା 'କାଦମ୍ବିନୀ' ପତ୍ରିକା ସମ୍ପାଦିକା ଇତି ସାମନ୍ତଙ୍କ ଜନ୍ମମାଟି କଲରାବାଙ୍କ ଗାଁକୁ ଯିବାର ଅନନ୍ୟ ଅନୁଭବ କଥା କୁହନ୍ତି । ସେଇ ଜନ୍ମମାଟିର ଉନ୍ନତି ପାଇଁ ଅଚ୍ୟୁତ ସାମନ୍ତ ଓ ଇତି ସାମନ୍ତଙ୍କ ପ୍ରଚେଷ୍ଟା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ସେଠି ନିର୍ମିତ ଆଦର୍ଶ ସ୍କୁଲ୍, ସବୁଜ ବନାନୀ, ମନ୍ଦିର ଇତ୍ୟାଦିର ଶୋଭା ଅବର୍ଣ୍ଣନୀୟ ବୋଲି ସେ ସ୍ୱୀକାର କରନ୍ତି । ପୁଣି ସେଠି ତାଙ୍କୁ ଦିଆ ଯାଇଥିବା ଆତିଥ୍ୟ ଓ ସମ୍ବର୍ଦ୍ଧନାର ନିଆରା ଭାବକୁ ଦେଖି ସେ କୃତକୃତ୍ୟ ହୋଇ ଯାଉଥିଲେ ।

ଏଇ ପରିପ୍ରେକ୍ଷୀରେ ସେ ମୋତେ ଆଉ ଗୋଟେ ବି କ୍ଷୋଭର କଥା କହିଲେ । କେଉଁ ଗୋଟେ ପାଖ ସହରର ପୁରାତନ ସାହିତ୍ୟ ଅନୁଷ୍ଠାନ ତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିମନ୍ତ୍ରଣ କରିଥିଲେ ବି ସେ ଯାଇନଥିଲେ । ଆୟୋଜକଙ୍କ ଦାୟିତ୍ୱହୀନତା ତାଙ୍କୁ ବ୍ୟଥିତ କରିଥିଲା ।

## ସୁନନ୍ଦାଙ୍କର ଘର

ମଉସା କହିଲେ, "ଚାଲନ୍ତୁ ଏବେ ଝିଅ ସୁନନ୍ଦା ଘରକୁ । ଭଦ୍ରକକୁ ଯିବା । ସେଇଠି ଆପଣ ମାଉସୀଙ୍କୁ ଭେଟିବେ ।"

ଆମେ ପ୍ରସ୍ତୁତ ହେଲୁ ଫେରିବାକୁ । ଆଉଥରେ ମୁଁ ମଉସାଙ୍କ ସହିତ ଉପରକୁ ଯାଇ ପାଠାଗାରର ବହିଥାକ ଓ ବସନ୍ତ ମୁଦୁଲିଙ୍କ ଫଟୋସବୁ ଦେଖିଲି । ମଉସା ମୋ ସହିତ ଯାଇଥିବା ଡ୍ରାଇଭର୍‌କୁ କିଛି ଟଙ୍କା ଦେବାକୁ ଗଲାବେଳେ ମୁଁ କହିଲି, "ତା' କଥା ମୁଁ ବୁଝିବି । ମଉସା, ଆପଣ କିଛି ପଇସା ଦେବା ଆବଶ୍ୟକ ନାହିଁ ।"

ମଉସା କହିଲେ, "ଆପଣ ତ ଦେବେ, ହେଲେ ଆମ ଘରର ପରମ୍ପରା ଓ ବିଧି, ଆମ ଘରକୁ ଭାରିଆ, ଗଉଡ଼, ବାରିକ, ବ୍ରାହ୍ମଣ ଆସିଲେ ଆମେ ବିଦାକି ହିଁ ଦେବୁ । ଏହା ଆମର ଇଜ୍ଜତ । ସେଇ ହିସାବରେ ମୁଁ ଡ୍ରାଇଭର୍‌ଙ୍କୁ ଦେଉଛି ।"

ମୁଁ ଆଉ କିଛି କହିଲି ନାହିଁ । କିନ୍ତୁ ମୁଁ ତାଙ୍କର ମଣିଷପଣିଆ ତଉଲୁ ଥିଲି । ମଣିଷ ବେଶି ପାଠ ନପଢୁ, ଧନ ନଥାଉ ହେଲେ ମାନବିକତା ହିଁ ବଡ଼କଥା ।

ସୁନନ୍ଦାଙ୍କ ଘର ଭଦ୍ରକ ସହର ଭିତରେ । ଆମେ ତାଙ୍କ ଘରକୁ ପ୍ରବେଶ କଲା ମାତ୍ରେ ସୁନନ୍ଦାଙ୍କ ଆତିଥ୍ୟ ମୋତେ ଚକିତ କଲା । ତାଙ୍କର ଶିକ୍ଷକତା ଚାକିରି ଆଉ ଅଳ୍ପଦିନ ବାକି ଥିଲା । (ଏ ଲେଖା ପ୍ରକାଶ ପାଇବା ବେଳକୁ ବୋଧେ ସେ ଅବସର ନେଇ ସାରିଥିବେ ।) ମଉସାଙ୍କ ପରି ଝିଅ ତାଙ୍କର ଥିଲେ ସରଳ ଅମାୟିକ ଓ ଅତିଥିପରାୟଣା ।  ସୁନନ୍ଦା ତାଙ୍କ ମାଆ ସହିତ ମିଶି କେତେ କେତେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିଥିଲେ ।

ସେଯାଏଁ ମାଉସୀଙ୍କ ସହିତ ମୋର ସାକ୍ଷାତ ହେଇ ନଥିଲା । ସେ ଘର ଭିତରେ ଥିଲେ । ଯେମିତି ପୂର୍ବକାଳରେ ସ୍ତ୍ରୀଲୋକମାନେ ଘରକୁ କୁଣିଆ ଆସିଲେ ଲୁଚି ରୁହନ୍ତି । ମଉସା ମାଉସୀଙ୍କୁ ଡାକି କହିଲେ, "ଇଏ ଆମ ଉଦୟ ବାବୁ । ଆମ ପୁଅ ପରି । ଲାଜ କାହାକୁ କରୁଛ ?"

ସେ ମୁଣ୍ଡରେ ତଥାପି ଓଢ଼ଣା ଦେଇ ସଲ୍ଲଜରେ ମୋ ସାମ୍ନା ଚୌକିରେ ବସିଲେ । ମୁଁ ମୋର ଅଭିନନ୍ଦନ ଜଣାଇଲି । ମାଉସୀ ଖୁବ୍ ଶାନ୍ତ ସ୍ୱଭାବର ଥିଲେ । ଖୁବ୍ ବିନୟ ମଧୁର ବଚନରେ ସେ କେଇପଦ ମାପିଚୁପି ମାର୍ଜିତ କଥା ମୋ ସହିତ କରୁଥିଲେ ।

ମୁଁ ମଉସାଙ୍କୁ ଗୋଟେ ଅଚାନକ ପ୍ରଶ୍ନ ପଚାରିଲି, "ମଉସା, ମାଉସୀଙ୍କୁ ଆପଣ ପ୍ରେମ କରି ବାହା ହେଇଥିଲେ ନା ବାହାଘର ପାରମ୍ପରିକ ଥିଲା ?" ମ ଉ ସ । ଜୋର୍‌ରେ ହସିଲେ । କହିଲେ, "ଆମ ସମୟରେ ପ୍ରେମ ଫ୍ରେମ କିଛି ନଥିଲା । ମା' ଝିଅ ଓ ପୁଅ ବିବାହ ପୂର୍ବରୁ କଥା କହିବାକୁ ଭୟ କରୁଥିଲେ । ପାପ ମଣୁଥିଲେ । ପୁଣି ମୋର ବିବାହ ହେବାକୁ ଇଚ୍ଛା ନଥିଲା । ମୁଁ ଚାହୁଁଥିଲି ଜୀବନ ତମାମ ବହି ପଢ଼ି ସନ୍ନ୍ୟାସ ଜୀବନ ବିତାଇବାକୁ । ହେଲେ ବାପା ବାଧ୍ୟ କରି ଏଇ ରମାମଣିଙ୍କ ସହ ମୋ ଜୀବନ ଯୋଡ଼ିଦେଲେ ଯେ ଏଯାଏଁ ତାହା ରହିଛି ସବୁ ଝଡ଼ଝଞ୍ଜା ସତ୍ତ୍ୱେ ।"

▼ପୁସ୍ତକ ହିଁ ପ୍ରାଣ : ଭୁବନେଶ୍ୱର ପୁସ୍ତକମେଳାସ୍ଥିତ 'ରେବତୀ' ଷ୍ଟଲ୍‌ରେ ରବୀନ୍ଦ୍ର ବିଶ୍ୱାଳଙ୍କ ସହିତ ଅରୁଣ ଖିଲାର




## ଫେରନ୍ତି ସମୟ

ଏମିତି ହାଲୁକା କଥା ହେଉ ହେଉ ସମୟ ଅପରାହ୍ଣ ତିନିଟା ହୋଇ ଯାଇଥିଲା । ଆକାଶରେ ଅସରାଏ କଳାହାଣ୍ଡିଆ ମେଘ ଘୋଟି ଆସିଲା । ମୁଁ ଫେରିବା ପାଇଁ ମଉସାଙ୍କୁ ବିଦାୟ ମାଗିଲି । ମଉସା କହିଲେ, "ଆପଣଙ୍କୁ ଛାଡ଼ିବାକୁ ଇଚ୍ଛା ହେଉନାହିଁ । ଆଜି ରାତିଟା ଥିଲେ ଆମେ ଆହୁରି ବହୁ କଥା ହେଇଥାନ୍ତେ ।"

ମଉସା ଏମିତି । କେହି ଘରକୁ ଆସିଲେ ସେ ଜୋର୍ କରି ଅଟକାନ୍ତି ଏପରି ଅକପଟ ଆତିଥ୍ୟ ଆଜିକାର ସମୟରେ ମିଳେନା । ସେ ଏତିକି କହୁକହୁ ଘର ଭିତରକୁ ଯାଇ ଗୋଟେ ବେଗ୍‌ରେ ବସନ୍ତ ମୁଦୁଲିଙ୍କ ଶ୍ରେଷ୍ଠ କବିତା ବହି ସହିତ ଭଦ୍ରକ ପାଳୁଅ ଲଡୁ ବଢ଼ାଇ ଦେଇ କହିଲେ, "ଏ ବହିର ସବୁ କବିତା ପଢ଼ିବେ ଓ ତା' ଭିତରେ ବସନ୍ତଙ୍କୁ ଅନୁଭବିବେ ।" ମୁଁ କହିଲି, "ବହି ଦେଲେ ଠିକ୍ । ହେଲେ ମିଠା କାହିଁକି ଦେଲେ ?"

ସେ କହିଲେ, "ମୋ ଘରକୁ ଆସି ଖାଲି ଫେରିବେ କେମିତି ?"

ତାଙ୍କର ଏଇ ଶେଷ କଥା ମୋତେ ଥରେଇ ଦେଲା । ମୁଁ ଆଖି ଲାଲ୍ କରି ପୋଛିଲି, ଯେମିତି କାନ୍ଦିଥିଲି ଅନେକ ବର୍ଷ ତଳେ ବାପାଙ୍କୁ ଛାଡ଼ି ସହରରେ ରହିବାକୁ ଆସିଲା ବେଳେ ।

ମଉସା ମୋତେ ଆଲିଙ୍ଗିନେଲା ବେଳେ ମୁଁ ଅନୁଭବ କରିପାରୁଥିଲି ମଉସାଙ୍କ ଛାତିରେ ଅନେକ ଅବଦମିତ ଦୁଃଖ, ଗ୍ଳାନି ଓ ଯନ୍ତ୍ରଣା ଅଛି । ହେଲେ ସେସବୁକୁ ସେ ଲୁଚାଇ ରଖିଛନ୍ତି ଯେମିତି ସେସବୁ ତାଙ୍କ ବହୁ ସଂଚିତ ଗୁପ୍ତ ସମ୍ପତ୍ତି ।

ମୁଁ କାର୍ ଭିତରକୁ ପଶିଲା ବେଳେ ମଉସା, ମାଉସୀ ଓ ସୁନନ୍ଦା ମଉଳା ଫୁଲର ମନ ନେଇ ଅନାଇଥିଲେ ମୋ ଫେରନ୍ତା କାର୍‌କୁ । ଅଗତ୍ୟା ଫେରିଲି ମନରେ କୃଷ୍ଣବାବୁଙ୍କୁ ଶତ ଧନ୍ୟବାଦ ଦେଇ ଯେ ମୋତେ ଏପରି ଏକ ଭଲ ମଣିଷ ସହିତ ଗୋଟିଏ ଦିନ ବିତେଇବାର ସୁଯୋଗ କରେଇ ଥିବାରୁ ।

# ଚନ୍ଦନଯାତ୍ରାର ଚମକ



# ଶ୍ରୀକ୍ଷେତ୍ରେ ଚନ୍ଦନଯାତ୍ରା

**ବିଚିତ୍ରା ଦାଶ**
ଶ୍ରୀମୟ, ଇନ୍ଦ୍ରଦ୍ୟୁମ୍ନ ଛକ, ଟିକରପଡା,
ପୁରୀ-୭୫୨୦୦୨
ଫୋନ:୯୪୩୮୫୦୪୫୮୯

ଫଟୋ ସୌଜନ୍ୟ: ଲେଖିକା

**ଚନ୍ଦନଯାତ୍ରା ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ ଧରି ପାଳିତ ହେଉଥିବା ଏକ ପର୍ବ । ଏହା ବୈଶାଖ ଶୁକ୍ଲ ତୃତୀୟା (ଅକ୍ଷୟ ତୃତୀୟା)ଠାରୁ ଜ୍ୟେଷ୍ଠ ଶୁକ୍ଲ ଚତୁର୍ଦ୍ଦଶୀ (ସ୍ନାନପୂର୍ଣ୍ଣିମାର ପୂର୍ବଦିନ) ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରିଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ (ଜ୍ୟେଷ୍ଠ ଶୁକ୍ଲ ଚତୁର୍ଦ୍ଦଶୀ) ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ ।**

ଉତ୍କଳର ପରିଚୟକୁ ସୁସଂଗଠିତ ଭାବରେ ବିଶ୍ୱ ଜନମାନସରେ ଦୀର୍ଘକାଳ ପର୍ଯ୍ୟନ୍ତ ଦୃଢୀଭୂତ କରି ସଂରକ୍ଷିତ ରଖିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ପ୍ରତୀକର ଆବଶ୍ୟକତା ଶାସକମାନଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇଥିଲା । ଉକ୍ତ ଆବଶ୍ୟକତା ଅନୁଯାୟୀ ବୃହତ୍ତର ଦୁର୍ଗ ନିର୍ମାଣ ସୌଧ, ମନ୍ଦିର ଆଦିର ବିଶ୍ଳେଷଣାତ୍ମକ ଅନୁଶୀଳନ ଦ୍ୱାରା ବିଜ୍ଞ ବ୍ୟକ୍ତିଙ୍କ ଉପଦେଶ ଅନୁସାରେ ଶ୍ରୀକ୍ଷେତ୍ରରେ ଏକ ସୁଦୃଶ୍ୟ ମନ୍ଦିର ବୃହତ୍ ଆକାରରେ ଦକ୍ଷିଣ ଭାରତରୁ ଉତ୍କଳକୁ ଅଧିକାର କରିଥିବା ଗଙ୍ଗବଂଶୀୟ ନରପତିଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ମନ୍ଦିର ଜୀର୍ଣ୍ଣ ଉଦ୍ଧାର କାର୍ଯ୍ୟ ଉତ୍କଳୀୟ ପରମ୍ପରା ଅନୁସାରେ କରାଯାଇଥିଲା । ଗଙ୍ଗବଂଶୀୟମାନେ ଦାକ୍ଷିଣାତ୍ୟର ମୂଳ ଅଧିବାସୀ ହେତୁ ନିଜର ଶାସନର ସ୍ଥାୟୀତ୍ୱକୁ ଦୀର୍ଘଜୀବୀ କରିବା ନିମନ୍ତେ ଏକ ପ୍ରତୀକର ଆବଶ୍ୟକତା ତତ୍ ସମୟରେ ଅନୁଭୂତ ହୋଇଥିଲା । ବିଜ୍ଞବ୍ୟକ୍ତିଙ୍କ ବିଚାରଧାରାରୁ ସୃଷ୍ଟି ହୋଇଥିବା ଏକ ଐକ୍ୟବଦ୍ଧତା ସୁସଂଗଠିତ ଦର୍ଶନକୁ ଜନ୍ମଲାଭ କରାଇବାରେ ସହାୟକ ହୋଇଥିଲା । କାଳଗର୍ଭରେ ଉକ୍ତ ବିଜ୍ଞବ୍ୟକ୍ତି ମାନଙ୍କର ଦୂରଦୃଷ୍ଟିସମ୍ପନ୍ନ ଜ୍ଞାନ ଇତିହାସରେ ଦୃଷ୍ଟିଗୋଚର ହେଉଥିଲେ ମଧ୍ୟ ସେମାନଙ୍କର ନାମ ଏବଂ କର୍ମ ପ୍ରଚ୍ଛଦପଟରେ ରହିଯାଇଛି । କାଳ ହେଉଛି ବନ୍ୟା ପ୍ଲାବନ ହୋଇଥିବା ଏକ ନଦୀ ସଦୃଶ । ବନ୍ୟାପ୍ଲାବିତ ସମୟରେ ପ୍ଲାବିତ ଜଳ ସଙ୍ଗରେ ବହୁତ ପଟୁ ମାଟି ଆସି ଶସ୍ୟଶ୍ୟାମଳ କ୍ଷେତ୍ରକୁ ଆଚ୍ଛାଦିତ କଲା ପରି ଉତ୍କଳଦେଶକୁ ବହୁତ ଶାସକ ଶାସିତ କରିଯାଇଛନ୍ତି । କିନ୍ତୁ ଗଙ୍ଗବଂଶୀୟଙ୍କ ଦ୍ୱାରା ପୁନଃ ପ୍ରତଷ୍ଠିତ ଶ୍ରୀଜଗନ୍ନାଥଙ୍କ ଯାନିଯାତ୍ରା, ପର୍ବପର୍ବାଣି ଅନ୍ୟ ଦିନାଙ୍କ ପର୍ଯ୍ୟନ୍ତ ଅକ୍ଷୂର୍ଣ୍ଣ ରହିଛି । ସୌଭାଗ୍ୟବଶତଃ ମୁଁ ନିଜକୁ ଭାଗ୍ୟବତୀ ଭାବରେ ପ୍ରଭୁଙ୍କ ଶ୍ରୀଚରଣରେ ଶତକୋଟି ପ୍ରଣାମ ସର୍ବଦା ଅର୍ପଣ କରୁଛି । ଶ୍ରୀକ୍ଷେତ୍ରର ଗାରିମାମୟ ଇତିହାସର ପୃଷ୍ଠାକୁ ଓଲଟାଇଲେ ଭାରତବର୍ଷର ସନ୍ଥ, ଦାର୍ଶନିକମାନଙ୍କ ସେବା ସମର୍ପଣ ଭାବ ରୋମାଞ୍ଚିତ କରୁଛି । ଧର୍ମାଚାର୍ଯ୍ୟ ମାନଙ୍କର ଉପଦେଶ ଗୁଡିକୁ ସଠିକ୍ ଭାବରେ ଅନୁଶୀଳନ କରି ଶ୍ରୀବିଗ୍ରହଙ୍କୁ ପୂଜା ଅର୍ଚ୍ଚନାରେ ସମୟାନୁସାରେ ସଂଯୋଜିତ କରି ଏକ ବୃହତ୍ତର ମୂର୍ତ୍ତି ପୂଜନର ଧାରା ପୃଥିବୀ ଅଧିବାସୀମାନଙ୍କୁ ଚମତ୍କୃତ କରାଉଛି । ବୈଦିକ ସମାଜର ନିଷ୍ପ୍ରଭତା ଉପାରାନ୍ତ କ୍ଷତ୍ରୀୟ ଋଷିଷ୍ଠୁଳଙ୍କର ଅଭ୍ୟୁତ୍ଥାନ (ବିଶ୍ୱରଥ) ବିଶ୍ୱାମିତ୍ରଙ୍କ ଆହ୍ୱାନ ଦ୍ୱାରା ଭାରତବର୍ଷରେ ଏକ ନୂତନ ପରମ୍ପରା ସଂଗଠିତ ହୋଇଥିଲା । ସ୍ୱାଧୀନ ଭାବରେ ବିଚରଣ କରିବାର କ୍ଷମତା ଉପନିଷଦ କାଳଖଣ୍ଡରେ ସଙ୍କୁଚିତ ହୋଇ ଜ୍ଞାନଚର୍ଚ୍ଚା ରାଜାମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେବାରେ ଲାଗିଲା । ଦଶରଥଙ୍କର ରାଜସଭାରେ କୁଳ ପୁରୋହିତ ଭୂମିକାରେ ବଶିଷ୍ଠଙ୍କର ଭୂମିକା ଉଚ୍ଚକୋଟୀର ଥିଲେ ମଧ୍ୟ ତତ୍ ଉପରାନ୍ତ ଶକ୍ତିମୁନୀ ନିଜସ୍ୱ ଚେଷ୍ଟା ଦ୍ୱାରା ବୈଦିକ ସମାଜର ପୁନରୁତ୍‌ଥାନ ନିମନ୍ତେ ଯଥାକିଞ୍ଚିତ୍ ଚେଷ୍ଟାକୁ ତ୍ରିଶଙ୍କୁଙ୍କ ସ୍ୱର୍ଗାରୋହଣ ବିଶ୍ୱାମିତ୍ରଙ୍କ ଦ୍ୱାରା ସମ୍ଭବ ହୋଇ ପାରିଥିଲା । ଏହାଦ୍ୱାରା ଶକ୍ତିମୁନୀଙ୍କ ଉପରାନ୍ତ ପରାଶରଙ୍କ ଆବିର୍ଭାବ ଉପନିଷଦୀୟ କାଳକୁ ଅନ୍ତ ଘଟାଇ ଦର୍ଶନମାନଙ୍କରେ ଆଲୋଚନା ପର୍ଯ୍ୟାଲୋଚନାକୁ ପରୋକ୍ଷରେ ପ୍ରୋତ୍ସାହିତ କରିଥିଲେ । ଦର୍ଶନ ଶାସ୍ତ୍ର ଦୁଇଭାଗରେ ବିଭକ୍ତ ଯଥା: ଆସ୍ତିକ ଓ ନାସ୍ତିକ । ଆସ୍ତିକ ଦର୍ଶନ ବୈଦିକ ଚିନ୍ତନକୁ ସମର୍ଥନ କରନ୍ତି । ନାସ୍ତିକ ଦର୍ଶନ ବ୍ୟକ୍ତିବାଦକୁ ସମର୍ଥନ କରନ୍ତି । ବୈଦିକ ସମାଜ ଅଗଣିତ ଋଷିଙ୍କ ଦ୍ୱାରା ଏକ ଅକ୍ଷୟ ଗ୍ରନ୍ଥ । ଏହା ସୃଷ୍ଟିର ଚିରନ୍ତନ ସତ୍ୟକୁ ବହନ କରେ । ବର୍ତ୍ତମାନ ସମୟରେ ଆସ୍ତିକ ନାସ୍ତିକ ଦର୍ଶନର ସ୍ଥିତି ସୁଦୃଢ ଅଛି । ପରାଶରଙ୍କ ଉପରାନ୍ତ ବ୍ୟାସ ଜୈମିନିଙ୍କ ଯୁଗର ଆରମ୍ଭ ଭାରତବର୍ଷରେ ବୈଦିକ ଉପନିଷଦ କାଳର ଦେବ ଦେବୀମାନଙ୍କର ଆକାରର ବର୍ଣ୍ଣନାକୁ ସଦୃଶ ରୂପ ଦେବାରେ ବିଶେଷ ଧ୍ୟାନ କେନ୍ଦ୍ରୀଭୂତ କରିଥିଲେ ତଦ୍ୱାରା ଅଷ୍ଟାଦଶ ପୁରାଣ, ଶ୍ରୀମଦ୍ ଭାଗବତ ଆଦିର ରଚନା ଦେବଭୂମିରେ ଯଜ୍ଞାନୁଷ୍ଠାନ ପରିବର୍ତ୍ତେ ମୂର୍ତ୍ତିପୂଜନର ଧାରା ପ୍ରବାହିତ ହେବାକୁ ଲାଗିଲା । ପୁରାଣ ଯୁଗୀୟ ଦେବ ଦେବୀମାନଙ୍କର ଜନ୍ମସ୍ଥଳୀ, ବିହାରସ୍ଥଳୀ ଆଦି ପୁଣ୍ୟଭୂମିରେ ବିବେଚନା ହେବାକୁ ଲାଗିଲା । ବୈଦିକ ଯୁଗର ବୃହତ୍ତର ଯଜ୍ଞାନୁଷ୍ଠାନ ସ୍ଥାନ ଯେପରି ଖ୍ୟାତି ଅର୍ଜନ କରିଥିଲେ ସେହିପରି ପୁରାଣ ପୁରୁଷଙ୍କ ସ୍ଥାନର ମହିମା ଜନମାନସରେ ପ୍ରସାରିତ ହେବାକୁ ଲାଗିଲା । ଉକ୍ତ ପ୍ରସାର ପ୍ରଚାରର ଧାରା ଅଦ୍ୟଦିନ ପର୍ଯ୍ୟନ୍ତ ଜନସମାଜରେ ପ୍ରବାହିତ ହେବାକୁ ଲାଗିଛି । ଭାରତବର୍ଷର ବିଭିନ୍ନ ଶତାବ୍ଦୀରେ ରାଜ୍ୟଶାସନ ବ୍ୟବସ୍ଥା ବିବିଧତା ପୂର୍ଣ୍ଣ ରହିଥିଲେ ମଧ୍ୟ ବୈଦିକ ଭାବନା ଉପନିଷଦୀୟ କାଳର ଉପଦେଶାତ୍ମକ ପଙ୍କ୍ତି ଦାର୍ଶନିକମାନଙ୍କର ସାମାଜିକ କ୍ରିୟାର ସଠିକ୍ ରୂପାୟନ ପୁରାଣ କାଳର ପଞ୍ଚଦେବ ଦେବୀଙ୍କ ଉପାସନାର ପଦ୍ଧତି ଗୁଡିକ ଜୀବନ୍ତ ଆକାରରେ ଭାରତର ମନ୍ଦିରମାନଙ୍କରେ ସୁସଂଗଠିତ ଭାବରେ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସୁଚାରୁ ରୂପେ ପାଳିତ ହେଉଛି । ସମୟର ସ୍ରୋତରେ ଉତ୍‌ଥାନ ପତନ, ରାଷ୍ଟ୍ର ବିପ୍ଲବ, ବିଦ୍ରୋହ, ସଂଘର୍ଷ ମଧ୍ୟରେ ସାଂସ୍କୃତିକ ଧାର୍ମିକ ଭାବନାକୁ ଏକତ୍ର କରି ଜୀବିତ ରଖିବାର କଳା ପୃଥିବୀର କତିପୟ ଦେଶମାନଙ୍କରେ ସମ୍ଭବ ହୋଇଛି । ଦେଶର ସାର୍ବଭୌମତ୍ୱ ରକ୍ଷା କରିବା ନିମନ୍ତେ ବଳିଦାନର ନିଦର୍ଶନ ସ୍ୱରୂପ ଇତିହାସ ପୃଷ୍ଠାରେ ବହୁତ ମହାନ୍ ବୀରମାନଙ୍କର କାର୍ଯ୍ୟାବଳୀ ଦୃଷ୍ଟିଗୋଚର ହେଉଛି । ଭାରତ ଇତିହାସରେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ



▶ ଲେଖିକା ବିଚିତ୍ରା ଦାଶ



ଠାରୁ ଆରମ୍ଭ କରି ପଞ୍ଚମ ଶତାବ୍ଦୀ ବୌଦ୍ଧଙ୍କର ପ୍ରଭାବ ଭାରତବର୍ଷରେ ଅକ୍ଷୁର୍ଣ୍ଣ ରହିଥିଲା । ଗୁପ୍ତ ସାମ୍ରାଜ୍ୟର ପତନ ଉପରାନ୍ତ ଭାରତବର୍ଷରେ ବୈଦିକ ଭାବନାର ପୁନରୁତ୍‌ଥାନ ଘଟିଥିଲା । ଉକ୍ତ ଉତ୍‌ଥାନର ଅଗ୍ରଦୂତ ଭାବରେ ଦାକ୍ଷିଣାତ୍ୟର ମହାନ୍ ଆଚାର୍ଯ୍ୟଙ୍କ ମଧ୍ୟରେ ଶଙ୍କରଙ୍କ ଅବଦାନ ସମାଜ ପ୍ରତି ଅତୁଳନୀୟ ଅଟେ । ପଶ୍ଚିମ ପ୍ରାନ୍ତରୁ ସଂଗଠିତ ରାଷ୍ଟ୍ର ପ୍ରୋତ୍ସାହିତ ଦାର୍ଶନିକ ଭାବନାଗୁଡିକୁ ଦୃଢ ଭାବରେ ପ୍ରତିହତ କରି ପାରିଥିଲେ । ଶଙ୍କର ଶୈବାଲମ୍ବୀ ହେଲେ ମଧ୍ୟ ବେଦାନ୍ତ ଦର୍ଶନକୁ ସାଦରେ ଗ୍ରହଣ କରିଛନ୍ତି । ବ୍ୟାସଙ୍କର 'ବ୍ରହ୍ମସୂତ୍ର'କୁ ସରଳ ଭାଷାରେ ଟୀକା କରିଥିଲେ । ଦକ୍ଷିଣ ଭାରତରେ ଜନ୍ମିତ ମାଧବାଚାର୍ଯ୍ୟ ବିଷ୍ଣୁ ଉପାସନାକୁ ଗୁରୁତ୍ୱ ଦେଇ ମନୁଷ୍ୟ ଦ୍ୱାରା ନିର୍ମିତ ମୂର୍ତ୍ତିକୁ ସାକ୍ଷାତ୍ ପରଂବ୍ରହ୍ମ ଭାବରେ ଉପାସନାକୁ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହାଦ୍ୱାରା ପଶ୍ଚିମାନୀତ ଦ୍ୱୟ ଦାର୍ଶନିକ ଭାବ ଭାରତବର୍ଷରେ ସଂପୂର୍ଣ୍ଣ କବଳିତ କରିବାକୁ ସୁଯୋଗ ଦେଇନଥିଲେ । ତଦ୍ୱାରା ଦକ୍ଷିଣ ଭାରତରେ ଅକ୍ଷୂର୍ଣ୍ଣ ଭାବରେ ବିଶାଳ ମନ୍ଦିରମାନ ଦଣ୍ଡାୟମାନ । ଗୁଜୁରାଟର ଦ୍ୱାରକା ସୋମନାଥ ମନ୍ଦିର, ପଶ୍ଚିମାଗତ ଭିନ୍ନ ଦାର୍ଶନିକ ଚିନ୍ତାଧାରା ବ୍ୟକ୍ତିଙ୍କ ଦ୍ୱାରା ଲୁଣ୍ଠିତ ହୋଇଥିଲା । ବୈଷ୍ଣବବାଦର ସଂପ୍ରସାରଣ ଯୋଗୁଁ ଦ୍ୱାଦଶ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ବୃହତ୍ତର ସାଂସ୍କୃତିକ ନବ ଜାଗରଣ ସମ୍ଭବପର ହୋଇଥିଲା । ଉକ୍ତଧାରାର ଶାଖା ସଦୃଶ ଉତ୍କଳରେ ପଞ୍ଚ ମହାପୁରୁଷଙ୍କ ଅଭ୍ୟୁତ୍‌ଥାନ ଏବଂ ଚୈତନ୍ୟ ମହାପ୍ରଭୁ ଶ୍ରୀକ୍ଷେତ୍ରରେ ସହାବସ୍ଥାନ ବୈଷ୍ଣବାୟନରେ ରୂପାନ୍ତିରତ କରିବା ପାଇଁ ଉତ୍କଳୀୟ ସମାଜରେ ଏକ ଆଲୋଡନ ସଂଗଠିତ ହୋଇଥିଲା । ଅଷ୍ଟମ ଶତାବ୍ଦୀ ଯଯାତି କେଶରୀଙ୍କ ସାକ୍ତ ଉପାସନା ତତ୍ ପଶ୍ଚାତ୍ ଶୈବ ଉପାସନାର ଧାରା ଏକାମ୍ରକାନନରେ ଦୃଷ୍ଟିଗୋଚର ହୁଏ ଲିଙ୍ଗରାଜ ମନ୍ଦିର ତତ୍‌ସଂଲଗ୍ନ ଅନ୍ୟାନ୍ୟ ଶୈବାୟନରୁ । ଗଙ୍ଗବଂଶର ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ଦ୍ୱାରା ସୂର୍ଯ୍ୟ ଉପାସନା କୋଣାର୍କ ମନ୍ଦିର ପୂର୍ବ ଭାରତରେ ଏକ ନିଦର୍ଶନ ସ୍ୱରୂପ ଅଟେ । ପରସ୍ପର ଠାରୁ ସ୍ୱଳ୍ପ ଦୂରରେ ବିଷ୍ଣୁକ୍ଷେତ୍ର, ଶୈବକ୍ଷେତ୍ର, ସୂର୍ଯ୍ୟକ୍ଷେତ୍ର ଅବସ୍ଥାନ ଏହା ପୃଥିବୀରେ ଏକ ବିରଳ ଦୃଷ୍ଟାନ୍ତ ଅଟେ । ଉତ୍କଳରେ ମହାବିଷୁବ ସଂକ୍ରାନ୍ତିକୁ ଆଡମ୍ବର ସହକାରେ ପାଳନ କରାଯାଏ । ଏହା ସୌରବର୍ଷର ପ୍ରଥମ ଦିବସ ହେତୁ ଭାରତବର୍ଷରେ ବିଭିନ୍ନ ନାମରେ ଗ୍ରହଣ କରାଯାଇଥାଏ । ବଙ୍ଗଳାରେ 'ପହିଲା ବୈଶାଖ୍' ଏକ ମୁଖ୍ୟ ପର୍ବ ଅଟେ । ପରିତାପର ବିଷୟ ଶ୍ରୀକ୍ଷେତ୍ରରେ ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ ଅଟେ । ସେହିପରି ଲିଙ୍ଗରାଜଙ୍କର ଅଶୋକାଷ୍ଟମୀରେ ରୁକୁଣା ରଥ ଉତ୍କଳରେ ପ୍ରସିଦ୍ଧ । କିନ୍ତୁ କୋଣାର୍କ ମନ୍ଦିରରେ ସୂର୍ଯ୍ୟଙ୍କର ରଥ ସଦୃଶ ମନ୍ଦିର ନିର୍ମିତ ହୋଇଥିଲେ ମଧ୍ୟ ରଥ ପରମ୍ପରା ସୂର୍ଯ୍ୟ ମନ୍ଦିର ସାଙ୍ଗରେ ଯୋଡି ହୋଇନାହିଁ । ପୌରାଣିକ ଯୁଗରେ ସୂର୍ଯ୍ୟ ରଥାରୁଢ ହୋଇ ମହାଶୂନ୍ୟରେ ବିଚରଣ କରୁଥିବାର କିମ୍ବଦନ୍ତୀରେ ଲିପିବଦ୍ଧ ଅଛି । ମାଘମାସ ଶୁକ୍ଳ ସପ୍ତମୀ ତିଥିରେ ସୂର୍ଯ୍ୟମନ୍ଦିର ସନ୍ନିକଟ ସମୁଦ୍ର ତଟରେ ଚନ୍ଦ୍ରଭାଗା ଠାରେ ମେଳା ଅନୁଷ୍ଠିତ ହୁଏ । ପୌରାଣିକ କଥାବସ୍ତୁକୁ ଆଧାର କଲେ ଶ୍ରୀକୃଷ୍ଣଙ୍କର ପୁତ୍ର ଶାମ୍ବ ସୂର୍ଯ୍ୟଙ୍କୁ ଉପାସନା କରି ଦୂରହ ବ୍ୟାଧିରୁ ଆରୋଗ୍ୟ ଲାଭ କରିଥିଲେ । ଏହା ଉପରାନ୍ତ ଚନ୍ଦ୍ରଭାଗା ଠାରେ ସୂର୍ଯ୍ୟ ଦର୍ଶନ କରି ନିଜର ଦୀର୍ଘଜୀବନ କାମନା କରିଥିଲେ ।

ଦ୍ୱାରକାପୁରୀର ଅଧିବାସୀ ହୋଇ ପଶ୍ଚିମତଟ ଆରବ ସାଗର କୂଳରୁ ଆସି ଶ୍ରୀକ୍ଷେତ୍ର ନିକଟସ୍ଥ ଅର୍କକ୍ଷେତ୍ରରେ ସୂର୍ଯ୍ୟଙ୍କୁ ପ୍ରଣିପାତ ଜଣାଇଥିଲେ । ସୂର୍ଯ୍ୟ ଦର୍ଶନ ଉତ୍କଳ ଅଧିବାସୀଙ୍କ ପ୍ରାତଃ ସ୍ନାନାନ୍ତେ ଏକ ନିତ୍ୟ କର୍ମ ଅଟେ । ପ୍ରତାପରୁଦ୍ର ଦେବଙ୍କ ସମୟରେ ସୂର୍ଯ୍ୟବଂଶୀ ମାନଙ୍କର ପ୍ରଭାବ ଜନ ସମାଜରେ ଉଚ୍ଚତର ସୋପାନକୁ ସ୍ପର୍ଶ କରିଥିଲା । କିନ୍ତୁ ବିଧିର ବିଡମ୍ବନା ଦକ୍ଷିଣରାଜ୍ୟଙ୍କ ସାଙ୍ଗରେ ନିରନ୍ତର ଯୁଦ୍ଧରତ ହେବା ଦ୍ୱାରା ନିଜର ପ୍ରିୟପତ୍ନୀ ଏବଂ ପୁତ୍ରକୁ ହରାଇଥିଲେ । ପତ୍ନୀ ବନ୍ଦୀ ହେବା ପରେ ନାଚାର ହୋଇ ନିଜର ଅଲିଅଳି କନ୍ୟାକୁ ବୃଦ୍ଧରାଜା କୃଷ୍ଣଦେବ ରାୟଙ୍କୁ ଅର୍ପଣ କରିଥିଲେ । ଏହା ଗୋଟିଏ ହୃଦୟ ବିଦାରକ ଘଟଣା ଉତ୍କଳବାସୀଙ୍କ ପାଇଁ ଥିଲା । ପ୍ରତାପରୁଦ୍ର ଦେବଙ୍କ ଅନ୍ତିମ ସମୟରେ ବଙ୍ଗଦେଶ ପଟୁ ଓଡିଶାକୁ ବିଧର୍ମୀଙ୍କ ଦ୍ୱାରା ଆକ୍ରମଣ ଉତ୍କଳର ସାଂସ୍କୃତିକ ମୂଲ୍ୟବୋଧରେ ବଙ୍ଗୀୟ ସଂସ୍କୃତିର ଅନୁପ୍ରବେଶ ଘଟିଥିଲା । ଗଙ୍ଗବଂଶୀୟଙ୍କ ଦ୍ୱାରା ନିର୍ମିତ ବୃହତ୍ତର ରାଜପ୍ରାସାଦ ମହାନଦୀର ତ୍ରିକୋଣ ଭୂମିରେ ନିର୍ମିତ ହୋଇଥିଲା । ବର୍ତ୍ତମାନ ସମୟର କଟକନଗରୀ ଉତ୍କଳର ପୁରାତନ ରାଜଧାନୀ ଅଟେ । ବଙ୍ଗ ଶାସକଙ୍କ ଦ୍ୱାରା ଉତ୍କଳର ସାମୁଦ୍ରିକ ତଟବର୍ତ୍ତୀ ଅଞ୍ଚଳକୁ ଅଧିକାର କରି ଏକ ଦୃଢ ଶାସନ ବ୍ୟବସ୍ଥା ଚଳାଇବା ନିମନ୍ତେ ଚେଷ୍ଟା କରିଥିଲେ । ମରାଠାଙ୍କ ଦ୍ୱାରା ପରାହତ ହେଲା ପରେ ଉତ୍କଳର ନିଜସ୍ୱ ସାଂସ୍କୃତିକ ମୂଲ୍ୟବୋଧର ପୁନଃ ଉତ୍‌ଥାନ ସମ୍ଭବପର ହୋଇଥିଲା । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପରି ମାଘ ମାସରେ ଅଧୁନା କୋଣାର୍କରେ ସୌର ରଥଯାତ୍ରା (ସୌର ଗୁଣ୍ଡିଚା) ୧୬୧୧ ଖ୍ରୀଷ୍ଟାବ୍ଦରେ ସଂଗଠିତ ହେଉଥିବାର ପ୍ରମାଣ ମିଳେ । ଲିଙ୍ଗରାଜ ମହାପ୍ରଭୁଙ୍କ ଚୈତ୍ର ମାସରେ ଶୈବଗୁଣ୍ଡିଚା ଅନୁଷ୍ଠିତ ହେଉଅଛି । ଆଶ୍ୱିନ ମାସରେ ସାକ୍ତ ଗୁଣ୍ଡିଚା (ଗୁପ୍ତ ଗୁଣ୍ଡିଚା) ଭାବରେ ଖ୍ୟାତ ।

ଚତୁଃ ବୈଷ୍ଣବମାନଙ୍କ ସମୟାନୁସାରେ ଶ୍ରୀକ୍ଷେତ୍ରରେ ପ୍ରଭାବ ବୃଦ୍ଧି ହେତୁ ଶ୍ରୀଗୁଣ୍ଡିଚା ଯାତ୍ରା ବିଶ୍ୱ ବିଖ୍ୟାତ ଅଟେ । ଅଷ୍ଟାଦଶ ପୁରାଣ ମଧ୍ୟରେ ବ୍ରହ୍ମପୁରାଣ ଅନ୍ୟତମ । ସେଥିରେ ୨୪୫ ସର୍ଗ ଏବଂ ୧୩୭୮୩ ଶ୍ଳୋକ ରହିଛି । ପ୍ରଥମ ଭାଗ ୪୨ ସର୍ଗରେ ଉତ୍କଳ ଦେଶ ବର୍ଣ୍ଣନାରେ ପୁରୁଷୋତ୍ତମ କ୍ଷେତ୍ର ସମ୍ପର୍କରେ





HIGHLAND
A Highland Group Entity
HIGHLAND
Highland Ajisen
FARM FRESH VANNAMEI SHRIMPS
Highland Ajisen
Highland Oishii
PRODUCT OF INDIA
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in



ବର୍ଣ୍ଣନା କରାଯାଇଛି । ଏହି କ୍ଷେତ୍ରରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ବିରାଜମାନ କରୁଥିବା ଏବଂ ସେ ସାକ୍ଷାତ ମୁକ୍ତିଦାୟକ ପୁରୁଷୋତ୍ତମ ବୋଲି ସେଥିରେ ଉଲ୍ଲେଖ ଅଛି । ଦଶ ଯୋଜନ ପରିମିତ ପୁରୁଷୋତ୍ତମ କ୍ଷେତ୍ର ଏକ ଦୁର୍ଲ୍ଲଭ ସ୍ଥାନ ଅଟେ । ରାଜା ଇନ୍ଦ୍ରଦ୍ୟୁମ୍ନ ଏଠାରେ ମହାପ୍ରଭୁଙ୍କ ପ୍ରତିମା ନଦେଖି ଚିନ୍ତାମଗ୍ନ ହୋଇଥିଲେ । ଯଜ୍ଞ, ଦାନ, ତପ ଏବଂ ହୋମ କରି ମହାପ୍ରଭୁ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିଥିଲେ । ଦାରୁବ୍ରହ୍ମଙ୍କ ସ୍ୱରୂପ ସମ୍ପର୍କରେ ବ୍ରହ୍ମପୁରାଣରେ ବର୍ଣ୍ଣନା ଅଛି । ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରାର୍ଥନା ଅନୁସାରେ ରଥଯାତ୍ରା ହେଉଅଛି । ଏହାଛଡା ଦ୍ୱାଦଶ ଯାତ୍ରାର ମହାତ୍ମ୍ୟ ସଂପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଅଛି । ଶ୍ରୀକ୍ଷେତ୍ରରେ ବର୍ଷକ ମଧ୍ୟରେ ମୁଖ୍ୟ ଦ୍ୱାଦଶ ଯାତ୍ରା, ନିଳାଦ୍ରୀ ମହୋଦୟ (ଶ୍ରୀମନ୍ଦିରକୁ ଶ୍ରୀବିଗ୍ରହଙ୍କ ଆଗମନ) । ଦ୍ୱାଦଶ ଯାତ୍ରାର ଅୟମାରମ୍ଭ ସ୍ନାନଯାତ୍ରା (ଜ୍ୟେଷ୍ଠ ପୂର୍ଣ୍ଣିମା), ଶ୍ରୀଗୁଣ୍ଡିଚା ଯାତ୍ରା (ଆଷାଢ ଶୁକ୍ଳଦ୍ୱିତୀୟା), ଦେବ ଶୟନ ଯାତ୍ରା (ଆଷାଢ ଶୁକ୍ଳ ଏକାଦଶୀ), ଦକ୍ଷିଣାୟନ ଯାତ୍ରା (ଦକ୍ଷିଣାୟନ ସଂକ୍ରାନ୍ତି), ପାର୍ଶ୍ୱ ପରିବର୍ତ୍ତନ (ଭାଦ୍ରବ ଶୁକ୍ଳ ଏକାଦଶୀ), ଦେବ ଉତ୍‌ଥାପନ (କାର୍ତ୍ତିକ ଶୁକ୍ଳ ଏକାଦଶୀ), ପ୍ରାବରଣ ଯାତ୍ରା (ମାର୍ଗଶୀର ଶୁକ୍ଳ ଷଷ୍ଠୀ), ପୁଷ୍ୟାଭିଷେକ (ପୌଷ ପୂର୍ଣ୍ଣିମା), ଉତ୍ତରାୟଣ (ମକର ସଂକ୍ରାନ୍ତି), ଦୋଳ ଉତ୍ସବ (ଦୋଳ ପୂର୍ଣ୍ଣିମା), ଦମନକ ଚୋରି ଉତ୍ସବ (ଚୈତ୍ରଶୁକ୍ଳ ଚତୁର୍ଦ୍ଦଶୀ), ଚନ୍ଦନଯାତ୍ରା (ବୈଶାଖ ଶୁକ୍ଳ ତୃତୀୟାରୁ ୨୧ ଦିନ ବାହାର ଚନ୍ଦନ ଓ ତା'ପରେ ୨୧ ଦିନ ଭିତର ଚନ୍ଦନ) ।

ବୈଶାଖ ମାସ ଶୁକ୍ଳ ଦ୍ୱିତୀୟା ଦିନ ଅଧରାତ୍ରୀରେ ଏକ ସୁନ୍ଦର ବେଦୀ ନିର୍ମାଣ କରାଯାଏ । ଏହି ବେଦୀରେ ଚୁନ ଲିପାଯାଏ । ବେଦୀର ଚତୁଃପାର୍ଶ୍ୱକୁ ଆବୃତ୍ତ କରାଯାଏ ସୁନ୍ଦର ଧଳାବସ୍ତ୍ରରେ । ଏହା ମଧ୍ୟରେ ରଖାଯାଏ ଇନ୍ଦ୍ରାସନ, ସୁନ୍ଦର ଚାନ୍ଦୁଆଟିଏ ଟଙ୍ଗାଯାଏ । ଇନ୍ଦ୍ରାସନ ଉପରେ ରହେ ସୁବର୍ଣ୍ଣ ନିର୍ମିତ ଏକ ସୁନ୍ଦର ପାତ୍ର । ପୂଜକ ଏହା ସନ୍ନିକଟରେ ଉପବେଶନ କରନ୍ତି । ସେ କୃଷ୍ଣ ଲୌହ ମିଶ୍ରିତ ଏକ ପାତ୍ରରେ ଘୋରା ଚନ୍ଦନ, ଅଗରୁ, କୁଙ୍କୁମ, କସ୍ତୁରୀ ଓ କର୍ପୁର ରଖି ପଞ୍ଚତୀର୍ଥ ଜଳ, ତା ମଧ୍ୟକୁ ଢାଳି ଗୋଳାଇ ଦିଅନ୍ତି । ଏହାପରେ ଏହାକୁ ସୁବର୍ଣ୍ଣ ପାତ୍ରରେ ନିଆଯାଏ ଶ୍ରୀଜଗନ୍ନାଥଙ୍କ ନିକଟକୁ । ଏହାକୁ ଶଙ୍ଖ, ଚାମର, ଛତ୍ର ସହ ଥରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା କରାଇ ଶ୍ରୀବିଗ୍ରହ ସମ୍ମୁଖରେ ରଖାଯାଏ । ଏହାକୁ ଅର୍ଚ୍ଚନା କରାଯାଏ ଗନ୍ଧ ପୁଷ୍ପ ଓ ଅକ୍ଷତ ଦ୍ୱାରା । ପୂଜକ ଶ୍ରୀସୁକ୍ତ ପାଠ ପୂର୍ବକ ଏହାକୁ ଲେପନ କରନ୍ତି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ । ମହାପ୍ରଭୁଙ୍କର ଏହି ଚନ୍ଦନ ଲାଗି ହୁଏ ତୃତୀୟା ତିଥିର ଆଦ୍ୟ ଭାଗରେ, ଚନ୍ଦନ ଲାଗି ସମାପ୍ତ ପରେ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ ହୁଏ ବସ୍ତ୍ର ଓ ମାଲ୍ୟ । ଶ୍ରୀଜଗନ୍ନାଥଙ୍କ ପୂଜା ପାଇଁ ଆସେ ଅନେକ ପ୍ରକାର ସୁସ୍ୱାଦୁ ଖାଦ୍ୟ ଦ୍ରବ୍ୟ । ତାମ୍ବୁଳ ମଧ୍ୟ ଅର୍ପଣ କରାଯାଏ । ପୁରାଣରେ ଉଲ୍ଲେଖ ଅଛି ଏହି ଦିନ ଅକ୍ଷୟ ନାମକ ଦୈତ୍ୟର ନିଧନ ହୋଇଥିଲା ।



ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ଭିତରେ ଚନ୍ଦନଯାତ୍ରା ଖୁବ୍ ଆଡ଼ମ୍ବରପୂର୍ଣ୍ଣ ରାଜକୀୟ ଯାତ୍ରା । ଦୀର୍ଘକାଳ ବ୍ୟାପୀ ଯାତ୍ରା କହିଲେ ସମସ୍ତେ ବୁଝନ୍ତି ଏହି ଯାତ୍ରାକୁ । ପ୍ରତ୍ୟହ ଦ୍ୱିପ୍ରହର ଭୋଗ ପରେ (ମଧ୍ୟାହ୍ନ ଧୂପ) ଯାତ୍ରା ଭୋଗ କରାଯାଏ । ଏହାପରେ ଶ୍ରୀମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ (ଲକ୍ଷ୍ମୀ ଓ ସରସ୍ୱତୀ) ମଣିବିମାନରେ ଯାତ୍ରା କରନ୍ତି ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀକୁ । ମଣିଖଚିତ ହୋଇଥିବାରୁ ଏହି ବିମାନକୁ ମଣିବିମାନ କୁହାଯାଏ । ତାଙ୍କ ପଛ ପାଲିଙ୍କିରେ ଯାତ୍ରା କରନ୍ତି ରାମ ଓ କୃଷ୍ଣ । ଏହି ପାଲିଙ୍କିକୁ ୬ଜଣ ବିମାନବଡୁ ସେବକ ବହନ କରନ୍ତି । ସ୍ୱ ସ୍ୱ ବିମାନରେ ଆରୁଢ଼ ହୋଇ ପଞ୍ଚ ମହାଦେବ ମଧ୍ୟ ନରେନ୍ଦ୍ରରେ ନୌକାବିହାର ପାଇଁ ଯାତ୍ରା କରନ୍ତି । ଶ୍ରୀକ୍ଷେତ୍ରର ରଥଦାଣ୍ଡରେ, (ପବିତ୍ର ବଡ଼ଦାଣ୍ଡରେ) ପ୍ରଥମ ୨୧ ଦିନ ପରେ ଅନ୍ୟ ୨୧ ଦିନ ପ୍ରତିମାମାନେ ଶ୍ରୀମନ୍ଦିର ବାହାରକୁ ଯାତ୍ରା କରନ୍ତି ନାହିଁ କିନ୍ତୁ ବାହାର ଚନ୍ଦନ ପରି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଚାଲିଥାଏ ଚନ୍ଦନଲାଗି, ଆଲଟ ଲାଗି, ପଣାଲାଗି ଓ ଭୋଗ ପ୍ରଭୃତି ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ । ବିଜେ ପ୍ରତିମାମାନଙ୍କୁ ଆଜ୍ଞାମାଳ ଦିଆଯିବା ପରେ ଚନ୍ଦନମଣ୍ଡପ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କରନ୍ତି ଠାକୁରମାନେ । ସିଂହଦ୍ୱାରରୁ ସେମାନଙ୍କ ପଟୁଆରରେ ଯୋଗ ଦିଅନ୍ତି ପଞ୍ଚ ମହାଦେବମାନଙ୍କର ବିଜେ ପ୍ରତିମାମାନ । ପଞ୍ଚ ମହାଦେବ କପାଳମୋଚନ, ମାର୍କଣ୍ଡେଶ୍ୱର, ଯମେଶ୍ୱର, ନୀଳକଣ୍ଠ, ଲୋକନାଥ । ଅନଙ୍ଗ ଭୀମଦେବ ଶ୍ରୀଜଗନ୍ନାଥଙ୍କୁ ଉତ୍କଳର ସର୍ବମୟ କର୍ତ୍ତା ଏବଂ ସ୍ୱୟଂସେବକ ଭାବରେ ନିଜକୁ ପ୍ରତିପାଦିତ କରିବା ନିମନ୍ତେ ୨୧ ଦିନାତ୍ମକ ଯାତ୍ରାରେ ନାଗା, ମେଢ଼, ଗୋଟିପୁଅ, ଭଜନ, କୀର୍ତ୍ତନ, ପଣ୍ଡିତ, ରାଜାନୁବର୍ଗଙ୍କ ଯାତ୍ରା ଓ ପଟୁଆର ରଥଦାଣ୍ଡରେ ଶୋଭାବର୍ଦ୍ଧନ କରିଥାଏ । ବଡ଼ଦାଣ୍ଡର ସ୍ଥାନେ ସ୍ଥାନେ ନିର୍ମାଣ ହୋଇଥାଏ ଛାମୁଣ୍ଡିଆ । ଏହାରି ତଳେ ବିଶ୍ରାମ କରନ୍ତି ଦେବ ପ୍ରତିମାମାନେ । ରାଜନଅର ଦ୍ୱାର ପାଖ ବନଯାଗ ସ୍ଥାନରେ କିଛି ସମୟ ଅପେକ୍ଷା କରନ୍ତି ଠାକୁର ପ୍ରତିମାମାନେ । ଏଠାରେ ସମାହିତ ହୁଏ ରଥ ଅନୁକୂଳ କାର୍ଯ୍ୟ । ଶ୍ରୀମନ୍ଦିର ଠାରୁ ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରେ ପ୍ରାୟ ୩୨ ଗୋଟି ଯାଗାରେ ପନ୍ତିଭୋଗ କରାଯାଏ ।

ନରେନ୍ଦ୍ର ପୁଷ୍କରିଣୀରେ ଦୁଇଗୋଟି ଭାସମାନ ବିମାନ ନିର୍ମାଣ କରାଯାଇଥାଏ । ଦୁଇ ଦୁଇଟି ନୌକା ଏକତ୍ର ସଂଯୋଗ ହୋଇ ଦୁଇଟି ଭାସମାନ ବିମାନ ହୋଇଥାଏ । ଚନ୍ଦନ ଚକଡ଼ାକୁ ସୁନ୍ଦର ଭାବରେ ସଜ୍ଜିତ କରାଯାଇଥାଏ । ବିଭିନ୍ନ ପ୍ରକାର ଫଳ ପୁଷ୍ପ ବୃହତ୍ତର ତୋରଣରେ ଟଙ୍ଗା ଯାଇଥାଏ । ସୁନ୍ଦର ଚାନ୍ଦୁଆ ଦ୍ୱାରା ତୋରଣକୁ ମଣ୍ଡିତ କରାଯାଇଥାଏ । ପୁଷ୍କରିଣୀ ମଧ୍ୟରେ ଥିବା



ଚନ୍ଦନ ମଣ୍ଡପ ମଧ ଠାକୁରମାନେ ବିଜେ କରିବେ ବୋଲି ସଜାଇ ହୋଇ ଅପେକ୍ଷାରେ ଥାଏ । ଠାକୁରମାନଙ୍କର ପାଲିଙ୍କି ଓ ବିମାନ ସବୁ ଚନ୍ଦନ ଚକଡ଼ାରେ ପହଞ୍ଚେ । ପାଞ୍ଚ ବାଡ଼ରେ କର୍ପୂର ଜଳ ମଣୋହି ହେବାର ବିଧି ରହିଛି । ଏହାପରେ ରାମକୃଷ୍ଣ ବିଜେ କରନ୍ତି ବଡ଼ ଚାପରେ ଥିବା ନିଜ ଆସ୍ଥାନକୁ । ପଞ୍ଚ ମହାଦେବଙ୍କ ପାଇଁ ସିଂହାସନ ଥାଏ ରାମକୃଷ୍ଣଙ୍କର ଆସନର ପଛକୁ । ପଞ୍ଚ ମହାଦେବମାନେ ନିଜର ସେହି ସିଂହାସନରେ ବିଜେ ହୁଅନ୍ତି । ଏହି ଚାପର ନାମ 'ଭଦ୍ରା' । ପଛ ଚାପରେ ସିଂହାସନରେ ଲକ୍ଷ୍ମୀ, ସରସ୍ୱତୀଙ୍କ ସହିତ ଶ୍ରୀମଦନମୋହନ ବିଜେ କରନ୍ତି । ଏହି ଚାପର ନାମ 'ନନ୍ଦା' । ଚାପ ଉପରେ ପ୍ରସାଦ ଲାଗି ସହିତ ବିଡ଼ିଆ ମଣୋହି ହୁଏ । ଏହାପରେ ପୁଷ୍କରିଣୀ ଚାରିପଟେ ଥରେ ବୁଲି ଆସନ୍ତି । ତତ୍ ପଶ୍ଚାତ୍ ଦୁଇଟି ଚାପକୁ ଏକାଠି କରାଯାଏ । ବଡ଼ ଚାପରୁ ଶ୍ରୀମଦନମୋହନଙ୍କ ଚାପକୁ ବିଜେ କରନ୍ତି ରାମକୃଷ୍ଣ । ବିଧି ମୁତାବକ ବନ୍ଦାପନା ଓ ଚାମର ଆଲଟ କାର୍ଯ୍ୟ ସମ୍ପନ୍ନ କରାଯାଏ । ଏହି କାର୍ଯ୍ୟ ସମାପ୍ତ ପରେ ଚନ୍ଦନ ମଣ୍ଡପକୁ ବିଜେ ହୁଅନ୍ତି ଠାକୁରମାନେ । ସେଠାରେ ଥିବା ଚନ୍ଦନକୁଣ୍ଡରେ ବୁଡ଼ି ରୁହନ୍ତି ଦେବ ବିଗ୍ରହମାନେ । ଶ୍ରୀମଦନମୋହନ, ଲକ୍ଷ୍ମୀ, ସରସ୍ୱତୀଙ୍କ ପାଇଁ ଚନ୍ଦନ ମଣ୍ଡପରେ ମଧ୍ୟଭାଗରେ ଥାଏ ଚନ୍ଦନ କୁଣ୍ଡ । ପୂର୍ବ ଭାଗରେ ଚନ୍ଦନକୁଣ୍ଡରେ ଶ୍ରୀରାମକୃଷ୍ଣ, ପଶ୍ଚିମ ପାର୍ଶ୍ୱର ଚନ୍ଦନକୁଣ୍ଡରେ ପଞ୍ଚୁ ପାଣ୍ଡବଙ୍କ ପାଇଁ ଉଦ୍ଦିଷ୍ଟ । ଜଳଲାଗି ଶେଷ ପରେ ବିଧି ପୂର୍ବକ ଦେବ ବିଗ୍ରହମାନଙ୍କୁ ଚନ୍ଦନକୁଣ୍ଡରୁ ଅନ୍ତର କରାଇ ସେମାନଙ୍କୁ ବିବିଧ ପୁଷ୍ପରେ ଭୂଷିତ କରି ଶୀତଳ ମଣୋହି ଶେଷ କରାଯାଏ । ଏହାପରେ ମାଣ୍ଡୁଅ ଭୋଗ ଲାଗେ ଦେବ ବିଗ୍ରହମାନଙ୍କୁ । ଏହି ମାଣ୍ଡୁଅ ଭୋଗ ପ୍ରସ୍ତୁତ ହୋଇଥାଏ ନରେନ୍ଦ୍ର ଚକଡ଼ା ରୋଷରେ । ଠାକୁରମାନଙ୍କୁ ଏହିଠାରେ ବିଡ଼ିଆ ମଣୋହି ହୋଇଥାଏ । ଦିନ ଭିତରେ ଦୁଇଥର ଚାପ ହୋଇଥାଏ । ଦିନ ଓ ରାତି ଉଭୟ ଚାପକୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ସମାଗମ ହୋଇଥାଏ । ଦିନ ଚାପର ରୀତି ଅନୁଯାୟୀ ଠାକୁରମାନେ ରାତି ଚାପକୁ ବିଜେ କରନ୍ତି । ରାତି ଚାପରେ ସାମାନ୍ୟ ପ୍ରଭେଦ ରହିଥାଏ । ଦେବ ବିଗ୍ରହମାନେ ଚାପରେ ନରେନ୍ଦ୍ର ପୁଷ୍କରିଣୀର ଚାରିକଡ଼ରେ ଥରେ ନବୁଲି ତିନିଥର ବୁଲନ୍ତି । ଏହାପରେ ଚାପ ପୁଷ୍କରିଣୀ ତଟ ପ୍ରଦେଶରେ ଅଟକିଲେ ନିଜ ନିଜ ବିମାନରେ ଠାକୁରମାନେ ବିଜେ ହୋଇ ବହୁ ଆଡ଼ମ୍ବରରେ ପ୍ରତ୍ୟାବର୍ତ୍ତନ କରନ୍ତି ଶ୍ରୀମନ୍ଦିରକୁ । ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ପଞ୍ଚ ମହାଦେବମାନେ ସ୍ୱ ମନ୍ଦିରକୁ ବାହୁଡ଼ା ବିଜେ କରନ୍ତି । ଏହି ରାତ୍ରୀ ଚାପ ଚାଲେ ୨୧ ଦିନ ପର୍ଯ୍ୟନ୍ତ ।

ଶ୍ରୀକ୍ଷେତ୍ରର କ୍ରମଃବିକାଶ ଧାରାରେ ଭାରତବର୍ଷର ବିଭିନ୍ନ ପ୍ରାନ୍ତର ଶାସକମାନେ ଏବଂ ଶୈବ, ସାକ୍ତ, ବୈଷ୍ଣବ ଧର୍ମାବଲମ୍ବୀଙ୍କ ଆଚାର୍ଯ୍ୟଗଣ ଶତତ ଚେଷ୍ଟାର ପ୍ରତିଫଳନ ହେଉଛି ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ଦିନଚର୍ଯ୍ୟାର ଶ୍ରୀବିଗ୍ରହଙ୍କର ଦୈନନ୍ଦିନ ନୀତିକାନ୍ତିକୁ ପରିମାର୍ଜିତ, ପରିବର୍ଦ୍ଧିତ, ଉଚ୍ଚକୋଟୀର ସ୍ଥାନରେ ସ୍ଥାପିତ କରିବା ନିମନ୍ତେ ଶତତ ଚେଷ୍ଟାର ପ୍ରତିଫଳନ ମାତ୍ର । ଅଧୁନା ଭାରତୀୟ ପରମ୍ପରାର ନିଦର୍ଶନ ସ୍ୱରୂପ ରଥଯାତ୍ରାରେ ଶ୍ରୀବିଗ୍ରହମାନଙ୍କର ମନ୍ଦିର ମଧ୍ୟରୁ ବାହାରି ରଥାରୁଢ଼ ହୋଇ ରଥଦାଣ୍ଡରେ ଗୁଣ୍ଡିଚା ମନ୍ଦିରକୁ ଗମନ ଏବଂ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ଚନ୍ଦନ ଯାତ୍ରାରେ ରାଜକୀୟ ଭଙ୍ଗୀରେ ବିଭିନ୍ନ ସଂପ୍ରଦାୟଙ୍କ ଗହଣରେ ରାଜ ପ୍ରତିନିଧିଙ୍କ ଉପସ୍ଥିତିରେ ସଙ୍ଗୀତର ତାଳେ ତାଳେ ଉତ୍କଳୀୟ ସମରକଳା ପ୍ରଦର୍ଶନ ସହିତ ସଙ୍ଗୀତ, ଭଜନ ଆଦିର ପରିବେଷଣ ଅପରାହ୍ନ କାଳରେ ପୁରାଣ ବର୍ଣ୍ଣିତ ରାଜଦାଣ୍ଡମାନଙ୍କରେ ପ୍ରଭୁ ଶ୍ରୀରାମକୃଷ୍ଣଙ୍କର ଗମନର ଅବିକଳ ଚିତ୍ର ପ୍ରତିଫଳନ ହେଉଛି । ଏହାର ବର୍ଣ୍ଣନା ପୁରାଣ ଏବଂ ଉପପୁରାଣରେ ବର୍ଣ୍ଣିତ ହୋଇଛି । ଦୀର୍ଘକାଳ ରାଜନୈତିକ ଉତ୍ଥାନ ପତନ ମଧ୍ୟରେ ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍କଳୀୟ ପରମ୍ପରା ମଧ୍ୟରେ ସଂଜୀବିତ ହୋଇ ରହିଛି ।





# ନିତ୍ୟରାସର ନିଧିବନ

# ବୃନ୍ଦାବନର ରହସ୍ୟମୟୀ ନିଧୁବନ


**ଡକ୍ଟର ପ୍ରଫୁଲ୍ଲ କୁମାର ପାଣି**

ଜିରିଡ଼ାମଳି, ଏ.ଜି. ଅଫିସ ପାଖ, କାମାକ୍ଷାନଗର,
ଢେଙ୍କାନାଳ-୭୫୯୦୧୮
ଫୋନ : ୬୩୭୨୪୫୯୯୬୦


ଫଟୋ ସୌଜନ୍ୟ: ଲେଖକ

**‘ନିଧୁବନ’ର ରହସ୍ୟକୁ ଏ ପର୍ଯ୍ୟନ୍ତ ଅନୁଦ୍‌ଘାଟିତ । ହଜାର ହଜାର ବର୍ଷ ଧରି ମନୁଷ୍ୟ କୃଷ୍ଣ ଭକ୍ତିରେ ତଲ୍ଲୀନ ହୋଇ ନିଧୁବନର ଲୋକକଥା ବିଶ୍ୱାସ ଉପରେ ନିର୍ଭର କରି ଆସିଛି । ଜଗତ ବିଖ୍ୟାତ ରାଧାକୃଷ୍ଣଙ୍କ ରାସଲୀଳା ପାଇଁ ଏହି ନିଧୁବନ ଉତ୍ସର୍ଗୀକୃତ । ରାତ୍ରିର ଘନ ଅନ୍ଧକାରରେ ଏହା ମଧ୍ୟକୁ ମନୁଷ୍ୟ କ’ଣ ପଶୁପକ୍ଷୀ ମଧ୍ୟ ପ୍ରବେଶ କରନ୍ତି ନାହିଁ । ଦିବା ସମୟରେ ସହସ୍ର ସଂଖ୍ୟାରେ ବାନର ଓ ବିହଙ୍ଗ ବିଚରଣ କରନ୍ତି, ମାତ୍ର ସନ୍ଧ୍ୟା ହେଲେ ନିଧୁବନ ପରିତ୍ୟାଗ କରି ନିଜ ନିଜର ଠିକଣା ସ୍ଥାନକୁ ଚାଲିଯାନ୍ତି ।**



◀ ଲେଖକ ଡ. ପ୍ରଫୁଲ୍ଲ କୁମାର ପାଣି



ବୃନ୍ଦାବନ ଧାମ ହେଉଛି ଏକ ମହତ୍ୱପୂର୍ଣ୍ଣ ଧାର୍ମିକ, ପବିତ୍ର ଆଧ୍ୟାତ୍ମିକ କ୍ଷେତ୍ର । ମଥୁରାନଗରୀ ଠାରୁ ଏହାର ଦୂରତ୍ୱ ମାତ୍ର ବାର କିଲୋମିଟର । ୮୪କୋଶ ଅଞ୍ଚଳକୁ ନେଇ ବୃନ୍ଦାବନ ଧାମ ପରିବ୍ୟାପ୍ତ । କାଳକ୍ରମେ ଏହି ସ୍ଥାନ ବୈଷ୍ଣବପନ୍ଥୀମାନଙ୍କ ଭକ୍ତି ଆନ୍ଦୋଳନର ମୁଖ୍ୟ ଧାମ ଭାବରେ ପ୍ରସିଦ୍ଧି ଲାଭ କରିଛି । ଛୋଟବଡ ମିଶି ପାଖାପାଖି ପାଞ୍ଚ ହଜାର ମନ୍ଦିର ଏଠାରେ ରହିଛି ଓ କିଛି ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲି ଆସିଛି । ପୌରାଣିକ ମତରେ ଭଗବାନ ଶ୍ରୀକୃଷ୍ଣଙ୍କ ବାଲ୍ୟକାଳର ଅଲୌକିକ ଜୀବନ ତଥା ଗୋପୀ ଗୋପାଙ୍ଗନାମାନଙ୍କ ସହିତ ଲୀଳାଖେଳାର ମାନବୀୟ ଲୀଳା ଏହିଠାରେ ଘଟିଥିଲା । ଧର୍ମ ସଂସ୍ଥାପନା ପାଇଁ ମାନବ ରୂପରେ ପ୍ରଭୁ ଶ୍ରୀକୃଷ୍ଣ କାରାଗୃହରେ ଜନ୍ମ ନେଇ ମଥୁରା ମାଟିକୁ ପବିତ୍ର କରିଛନ୍ତି । ମଥୁରା ମୁଖ୍ୟ ମନ୍ଦିରର ଗର୍ଭଗୃହ ଲୌହ ନିର୍ମିତ ବନ୍ଦୀଶାଳାରେ ଶ୍ରୀକୃଷ୍ଣଙ୍କ ଜନ୍ମ ସ୍ଥାନ ଦର୍ଶନ କଲେ ପ୍ରାଣରେ ଅପୂର୍ବ ଏକ ଦିବ୍ୟସତ୍ତାର ଅନୁଭବ ସଂଚାର ହୁଏ । ମନେପଡିଯାଏ ଜନ୍ମାଷ୍ଟମୀ ଦିବସର ଦେବକୀଙ୍କ କରୁଣ କାହାଣୀ, ଘନ ଅନ୍ଧକାର ବର୍ଷଣମୁଖର ରାତି, ବିଜୁଳି ଘଡଘଡିର ଛାତିଥରା ଦୃଶ୍ୟ । ବୃନ୍ଦାବନର ମୁଖ୍ୟସ୍ଥାନ ମଧ୍ୟରେ ନନ୍ଦ ଭବନ, କେଶବଦେବ ମନ୍ଦିର, ଗିରି ଗୋବର୍ଦ୍ଧନ, ରାଧାକୃଷ୍ଣ ମନ୍ଦିର, ଭାଣ୍ଡିରବନ ଅନ୍ୟତମ । ଗିରି ଗୋବର୍ଦ୍ଧନ ପାହାଡ଼ ପରିକ୍ରମା ଅତ୍ୟନ୍ତ ପୁଲକପ୍ରଦ । ବାଳକ ଶ୍ରୀକୃଷ୍ଣ ଇନ୍ଦ୍ରଙ୍କ କୋପରୁ ଗୋକୁଳବାସୀଙ୍କୁ ରକ୍ଷା କରିବା ପାଇଁ ଗିରି ଗୋବର୍ଦ୍ଧନକୁ ବାମ ହାତର କନିଷ୍ଠ ଅଙ୍ଗୁଳିରେ ଟେକି ଧରିଥିଲେ । ଭାଣ୍ଡିରବନ ହେଉଛି ବୃନ୍ଦାବନର ଆଉ ଏକ ରମଣୀୟ ସ୍ଥାନ । ଗୋପାଳ ବାଳକମାନଙ୍କ ସହିତ ନନ୍ଦଲାଲାଙ୍କ ଯାବତୀୟ ଲୀଳାର ଗାଥାକୁ ବହନ କରିଥାଏ ଏହି ବନ । ଏଠାରେ ଥିବା ବଟବୃକ୍ଷ (ବଂଶୀବଟ) ମୂଳରେ ତ୍ରିଭଙ୍ଗୀ ଠାଣିରେ ବଂଶୀ ବାଦନ କରନ୍ତି କାହ୍ନା । ବଂଶୀର ଅପୂର୍ବ ସ୍ୱନ ଶ୍ରବଣ କରି ସକଳ ଜୀବଜନ୍ତୁ ସ୍ଥିର ହୋଇ ହଜି ଯାଉଥିଲେ କିଛି କ୍ଷଣ ପାଇଁ । ଗୋପାଙ୍ଗନାମାନେ ପାଗଳ ହୋଇ ଉଠୁଥିଲେ ଏହି ବଂଶୀସ୍ୱନର ମାଦକତାରେ । ଷୋଳସହସ୍ର ଗୋପାଙ୍ଗନାଙ୍କ ଗହଣରେ ଗୋପୀଜନବଲ୍ଲଭ ମୟୂରଚୁଳିଆ କୃଷ୍ଣ ଦିବ୍ୟରାସ ରଚନା କରୁଥିଲେ । ଏବେ ଏହି ନିଘଞ୍ଚ ଶାନ୍ତ କୋମଳ ପରିବେଶ ମଧ୍ୟରେ କୁଟୀର ସ୍ଥାପନ କରି ବହୁ କୃଷ୍ଣପ୍ରେମୀ ଉପାସନାରେ ତଲ୍ଲୀନ ଅଛନ୍ତି ।

## ବୃନ୍ଦାବନର ସ୍ୱରୂପ ସଂପର୍କରେ ଏକ ସୁନ୍ଦର ଶ୍ଳୋକ

‘ବୃନ୍ଦାୟା ତୁଳସ୍ୟା ବନମ୍ ବୃନ୍ଦାବନ’ : ଅର୍ଥାତ୍ ଯେଉଁଠାରେ ତୁଳସୀ ବଣ ବହୁଳ ଭାବରେ ଉପଲବ୍ଧ ହୋଇଥାଏ ସେହି ସ୍ଥାନ ହେଲା ବୃନ୍ଦାବନ । ଏହି ପବିତ୍ର ଧାମର ମୁଖ୍ୟ ଆକର୍ଷଣ ହେଉଛନ୍ତି ବାଙ୍କେ ବିହାରୀ ମନ୍ଦିର । ଲୋକକଥା ଅନୁଯାୟୀ ମହାନ ସଙ୍ଗୀତ ସମ୍ରାଟ ହରିଦାସଙ୍କ ଭକ୍ତି ସଙ୍ଗୀତରେ ପ୍ରୀତ ହୋଇ ବାଙ୍କେ ବିହାରୀ ତାଙ୍କୁ ସ୍ୱପ୍ନାଦେଶରେ କହିଥିଲେ- ତୁମର ସାଧନା ସ୍ଥଳୀର ଜମି ବିଶାଖା



ଭେଟ ଆମ ମାଟିର ସ୍ୱର



କୁଣ୍ଡ ନିକଟରେ ଅବସ୍ଥିତ । ହରିଦାସ ଭୂମି ପୂଜନ କରି ସେହି ଅପୂର୍ବ ମୂର୍ତ୍ତିଙ୍କୁ ବାହାର କରି ସେଠାରେ ବାଙ୍କେ ବିହାରୀ ମନ୍ଦିର ସ୍ଥାପନ କରିଥିଲେ । ଆନୁମାନିକ ପନ୍ଦର ଶହ ଶତାବ୍ଦୀ ବେଳକୁ ସ୍ୱାମୀ ହରିଦାସଜୀଙ୍କ ଆଗମନ ଏଠାକୁ ହୋଇଥିଲା । ତାଙ୍କର ଅପୂର୍ବ ଦିବ୍ୟତା, ଅଗାଧ ପ୍ରେମରେ ରଚିତ ଭଜନାବଳୀ ଆଜି ମଧ ବୃନ୍ଦାବନର ଉଜ୍ଜଳତା ଓ ମଧୁରତାକୁ ପରିଲକ୍ଷିତ କରେ । ତାଙ୍କ ଦ୍ୱାରା ରଚିତ 'ଶ୍ୟାମା କୁଞ୍ଜବିହାରୀ ଭଜନାବଳୀ'ରେ ଏହିସବୁ ନିତ୍ୟ ଲୀଳା ପ୍ରତିପାଦିତ ହୋଇଛି । ସ୍ୱାମୀଜୀ ହେଉଛନ୍ତି ସେହି ମହାପୁରୁଷ ଯିଏ ବୃନ୍ଦାବନକୁ ପ୍ରଥମେ ଆସିଥିଲେ । ଆନୁମାନିକ ୧୫୭୩ ମସିହାରେ ବାଦ୍‌ଶାହା ଆକବର ହରିଦାସଙ୍କ ଶିଷ୍ୟ ତାନସେନଙ୍କ ସହିତ ଏହି ପବିତ୍ର ସ୍ଥଳକୁ ଦର୍ଶନ କରି ଦିବ୍ୟ ଅନୁଭବ ଲାଭ କରିଥିଲେ ।

ବୃନ୍ଦାବନର ଆକର୍ଷଣୀୟ ପରିସରରେ ନିଧିବନର ଅପୂର୍ବ ସୌନ୍ଦର୍ଯ୍ୟ ପଲ୍ଲବିତ ଓ ଜୀବନ୍ତ । ଏହାର ଗଭୀର ଆଧ୍ୟାତ୍ମିକ ବାତାବରଣ ସହିତ ଭଗବତ୍ ଅନୁଭୂତି ଅତ୍ୟାଧୁନିକ ମଣିଷଜୀବନକୁ ଆହ୍ଲାଦିତ କରିଥାଏ । ଏହି ନିଧିବନର ରହସ୍ୟକୁ ଏ ପର୍ଯ୍ୟନ୍ତ କେହି ଉନ୍ମୋଚନ କରିପାରି ନାହାଁନ୍ତି । ହଜାର ହଜାର ବର୍ଷ ଧରି ମନୁଷ୍ୟ କୃଷ୍ଣ ଭକ୍ତିରେ ତଲ୍ଲୀନ ହୋଇ ନିଧିବନର ଲୋକକଥା ବିଶ୍ୱାସ ଉପରେ ନିର୍ଭର କରି ଆସିଛି । ଜଗତ ବିଖ୍ୟାତ ରାଧାକୃଷ୍ଣଙ୍କ ରାସଲୀଳା ପାଇଁ ଏହି ନିଧିବନ ଉତ୍ସର୍ଗୀକୃତ । ରାତ୍ରିର ଘନ ଅନ୍ଧକାରରେ ଏହା ମଧକୁ ମନୁଷ୍ୟ କ'ଣ ପଶୁପକ୍ଷୀ ମଧ ପ୍ରବେଶ କରନ୍ତି ନାହିଁ । ଦିବା ସମୟରେ ସହସ୍ର ସଂଖ୍ୟାରେ ବାନର ଓ ବିହଙ୍ଗ ବିଚରଣ କରନ୍ତି, ମାତ୍ର ସନ୍ଧ୍ୟା ହେଲେ ନିଧିବନ ପରିତ୍ୟାଗ କରି ନିଜ ନିଜର ଠିକଣା ସ୍ଥାନକୁ ଚାଲିଯାନ୍ତି । ବାନର ଓ ପକ୍ଷୀମାନେ କାହିଁକି ରାତ୍ରକାଳରେ ଏଇ ବନକୁ ପରିତ୍ୟାଗ କରୁଛନ୍ତି ତାହା ଜାଣିବା କାଠିକର ପାଠ ଏବଂ ରହସ୍ୟମୟ । ଯେଉଁ ମଣିଷ ଜିଦ୍ ଧରି ଏଠାରେ ରାତ୍ରି ଅବସ୍ଥାନ କରି ରାଧାକୃଷ୍ଣଙ୍କ ଲୀଳା ଦେଖିବାକୁ ଚାହିଁଛି ତା' ଜୀବନ ଚାଲି ଯାଇଛି । ସେଇ ମୃତ ବ୍ୟକ୍ତିମାନେ ଗୋଟିଏ ଗୋଟିଏ ପଥରରେ ରୂପାନ୍ତରିତ ହୋଇଛନ୍ତି । ସର୍ବସାଧାରଣ ବିଶ୍ୱାସ ଏବେବି ରାତ୍ର କାଳରେ ନିଧିବନ ମଧରେ ରାଧାକୃଷ୍ଣ ଗୋପୀମାନଙ୍କ ରାସଲୀଳା ଉଜ୍ଜୀବିତ ଅଛି । ନିଧିବନ ପ୍ରକୃତରେ ନିତ୍ୟ ବୃନ୍ଦାବନ । ଯମୁନା ନଦୀ ତଟରେ ନିଧିବନ ଏକ ରମଣୀୟ କୁଞ୍ଜ । ଏଠାରେ ବିଶାଳ ତୁଳସୀ ବୃକ୍ଷମାନ ବିନା ଜଳରେ ଯୁଗଳବନ୍ଦୀ ଅବସ୍ଥାରେ ପରସ୍ପରକୁ ହାତ ଧରାଧରି ହୋଇ ନୃତ୍ୟ କରିଥାନ୍ତି । ଏହି ଯୋଡି ଯୋଡି ତୁଳସୀବୃକ୍ଷକୁ ଜଣେ କୃଷ୍ଣ ଆଉ ଜଣେ ରାଧା ଓ ଗୋପୀ ବୋଲି ଲୋକେ ବିଶ୍ୱାସ କରିଥାନ୍ତି । ଏଇ ବୃକ୍ଷସବୁ ଦେଖିବାକୁ ଶୁଷ୍କ ଲାଗନ୍ତି ଓ ପାଣି ବିନା ବଞ୍ଚିଥାନ୍ତି । କିନ୍ତୁ ଏହାର ପତ୍ର ସବୁବେଳେ ସତେଜ ଓ ସବୁଜ ଦେଖାଯାଏ । ଆମେ ସର୍ବତ୍ର ଦେଖୁ ଗଛମାନେ ଉର୍ଦ୍ଧ୍ୱଗାମୀ ହୋଇ ବଢନ୍ତି । ମାତ୍ର ଏହି ତୁଳସୀଗଛ ଗୁଡିକ ନିମ୍ନଗାମୀ ହୋଇ ବଢନ୍ତି । ପ୍ରତୀୟମାନ ହୁଏ କୃଷ୍ଣ ଯେପରି ତାଙ୍କ ସଖୀମାନଙ୍କ ସହିତ ନୃତ୍ୟ ରତ ଅଛନ୍ତି । ଏପରି ବିଶାଳ ତୁଳସୀବଣ ଅନ୍ୟତ୍ର କେଉଁଠାରେ ଦେଖାଯାଏ



ନାହିଁ । ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନ ଛାଡି ମଥୁରା ଗଲେ ତା'ପରଠାରୁ ମା'ରାଧାରାଣୀ ଶ୍ରୀକୃଷ୍ଣଙ୍କୁ ଝୁରି ଝୁରି ତାଙ୍କରି ସ୍ମୃତିରେ କାନ୍ଦି କାନ୍ଦି ଏହି ନିଧୁବନରେ ସମୟ ଅତିବାହିତ କରୁଥିଲେ । ଭଗବାନ ଶ୍ରୀକୃଷ୍ଣ ରାଧାଙ୍କୁ ସାକ୍ଷାତ କରିବା ପାଇଁ ପ୍ରତିଦିନ ଅଦୃଶ୍ୟ ରୂପରେ ଏଠାକୁ ଆସୁଥିଲେ ।

ଏହି ନିଧୁବନ ମଧ୍ୟରେ ଏକ ରଙ୍ଗମହଲ ରହିଛି ଯାହା ଭଗବାନ ଶ୍ରୀକୃଷ୍ଣଙ୍କ ଶୟନକକ୍ଷ । ଲୋକମାନଙ୍କର ବିଶ୍ୱାସ ରହିଛି ଯେ ମଧ୍ୟରାତ୍ରରେ ଭଗବାନ ଶ୍ରୀକୃଷ୍ଣ ରାଧା ଗୋପୀମାନଙ୍କ ସହ ରାସ ରଚିବା ପାଇଁ ଆସନ୍ତି ଓ ରାସ ପରେ ପରେ ଏହି ରଙ୍ଗମହଲରେ ରାତ୍ରିଯାପନ କରିଥାନ୍ତି । ରଙ୍ଗମହଲରେ ରାଧାକୃଷ୍ଣଙ୍କ ନିମନ୍ତେ ରଖା ଯାଇଥିବା ଚନ୍ଦନ ପଲଙ୍କକୁ ସଂଧ୍ୟା ୭ଟା ପୂର୍ବରୁ ସଜାଇ ଦିଆଯାଏ । ଭଗବାନଙ୍କର ଯାହାସବୁ ପ୍ରିୟ ଜିନିଷ ସହିତ ଗୋଟିଏ ଲୋଟା ପାଣି, ରାଧାଙ୍କ ଶୃଙ୍ଗାର ସାମଗ୍ରୀ, ଦନ୍ତମଞ୍ଜନ ନିମନ୍ତେ ଦାନ୍ତକାଠି ଏବଂ ମୁଖବାସ ପାନ ରଖା ଯାଇଥାଏ । ରଙ୍ଗମହଲ ମନ୍ଦିରକୁ ସକାଳ ୫ଟାରେ ଖୋଲିଲା ବେଳକୁ



ଦେଖାଯାଏ ପଲଙ୍କର ବିଛଣା ଅସ୍ତବ୍ୟସ୍ତ, ଲୋଟାର ପାଣି ଶୂନ୍ୟ,ଦାନ୍ତକାଠି ଚର୍ବିତ ଓ ପାନ ମଧ୍ୟ ବ୍ୟବହୃତ ହୋଇଛି । ଏହି ରଙ୍ଗମହଲରେ ଭକ୍ତମାନେ କେବଳ ଶୃଙ୍ଗାର ସାମଗ୍ରୀ ଭୋଗ ଲଗାଇ ପ୍ରସାଦ ସ୍ୱରୂପ ପାଇଥାନ୍ତି । ପଣ୍ଡିତ ବ୍ରଜବାସୀଙ୍କ ଅନୁସାରେ ଭଗବାନ ଶ୍ରୀକୃଷ୍ଣଙ୍କର ନିଧୁବନ ବହୁତ ପ୍ରିୟ ଅଟେ । ପ୍ରତି ରାତିରେ ଭଗବାନ କୃଷ୍ଣ ବାଙ୍କେ ବିହାରୀ ମନ୍ଦିରରୁ ବାହାରି ରଙ୍ଗମହଲକୁ ଆସି ଶ୍ରୀରାଧା ଏବଂ ଗୋପୀମାନଙ୍କ ସହିତ ରାସ ରଚିଥାନ୍ତି । ଏହି ନିଧୁବନରେ ଗୋଟିଏ କୂଅ ମଧ୍ୟ ଅଛି ଯାହାକୁ କୃଷ୍ଣ ତାଙ୍କ ବଂଶୀରେ ଖୋଳି ରାଧା ଓ ଲଳିତାଙ୍କ ଶୋଷ ମେଣ୍ଟାଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ରାଧା ଏହି ବଂଶୀକୁ ଚୋରାଇ ନେଇଥିଲେ । ତେଣୁ ସେହି ସ୍ଥାନରେ ବଂଶୀଚୋର ରାଧା ମନ୍ଦିରଟିଏ ମଧ୍ୟ ରହିଛି । ଏହି ନିଧୁବନ କୁଞ୍ଜ ଏକ ଅଦ୍ଭୁତ ଆନନ୍ଦର ଅନୁଭୂତି ଦେଇଥାଏ । ଜନସାଧାରଣଙ୍କ ବିଶ୍ୱାସ ଅଛି ଏଇ ରାସକୁ ଦେଖିବା ବ୍ୟକ୍ତି ଅନ୍ଧ ହୋଇଯାଏ । ତେଣୁ ଜନସାଧାରଣ ଏହି ସ୍ଥାନରେ ରାତିରେ ରହିବା କିମ୍ବା ଆସିବା ସୁରକ୍ଷିତ ନୁହେଁ ବୋଲି ମଣିଥାନ୍ତି । ଏହାର ଆଖପାଖରେ ଥିବା ଲୋକମାନଙ୍କ ଘରମାନଙ୍କରେ ଝରକା ଦେଖିବାକୁ ମିଳେ ନାହିଁ । ଲୋକମାନଙ୍କର ଭୟ ଥାଏ ଯଦି ଏହି ଝରକା ମଧ୍ୟ ଦେଇ ଭଗବାନଙ୍କ ରାସଲୀଳା କିଏ ଦେଖିଦିଏ ତେବେ ନିଜର ଜୀବନ ହାରିବାକୁ ପଡେ ।



ଶ୍ରୀମଦ୍ ଭାଗବତର ଦଶମ ସ୍କନ୍ଧରେ ଉଲ୍ଲେଖ ଅଛି ଭଗବାନ ଶ୍ରୀକୃଷ୍ଣ ଶରଦ ପୂର୍ଣ୍ଣିମା ତିଥି ଯମୁନା କୂଳରେ ଗୋପୀମାନଙ୍କ ସହିତ ମହାରାସଲୀଳା କରିଥାନ୍ତି । ଜନଶ୍ରୁତି ଅନୁସାରେ ଆଜି ମଧ୍ୟ ଶରଦ ପୂର୍ଣ୍ଣିମାରେ ନିଧୁବନରେ ବିଶେଷ ରାସଲୀଳା ଅନୁଷ୍ଠିତ ହେଉଛି ।

# ଓଜସ୍ୱୀ ଓଡ଼ିଶା



# ଓଡ଼ିଶୀ ନୃତ୍ୟ : ଏକ ପର୍ଯ୍ୟାଲୋଚନା


## ଜାହ୍ନବୀ ମିଶ୍ର

ମାର୍ଫତ : ଜୟନ୍ତ ମହାପାତ୍ର, ୪/୧୩୦୨,
କେଶର ଏକ୍‌ଜୋଟିକା, ସେକ୍ଟର- ୧୦,
ବ୍ୟାଙ୍କ ଅଫ୍ ଇଣ୍ଡିଆ ପାଖ, ଖାରଘର,
ନବୀ ମୁମ୍ବାଇ-୪୧୦୨୧୦
ଫୋନ: ୯୧୩୬୧୧୯୭୫୩


ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ବିମଳ ଦାସ
ଫଟୋ ସୌଜନ୍ୟ: ଲେଖିକା



ଲେଖିକା ଜାହ୍ନବୀ ମିଶ୍ର

"ଯତୋ ହସ୍ତାଃ ତତୋ ଦୃଷ୍ଟିଃ
ଯତୋ ଦୃଷ୍ଟିଃ ତତୋ ମନଃ
ଯତୋ ମନଃ ତତୋ ଭାବଃ
ଯତୋ ଭାବୋ ତତୋ ରସଃ ।"

ଅର୍ଥାତ ଯେଉଁଠି ହସ୍ତ, ସେଇଠି ଦୃଷ୍ଟି, ଯେଉଁଠି ଦୃଷ୍ଟି ସେଇଠି ମନ ରହେ । ଯେଉଁଠି ମନ ଥାଏ ସେଇଠି ଭାବ ଆସେ, ଆଉ ଯେଉଁଠି ଭାବ ଆସେ ସେଇଠି ଉତ୍ପନ୍ନ ହୁଏ ରସ ।



ନୃତ୍ୟର ଏ ପରିଭାଷାକୁ ସାର୍ଥକତା ପ୍ରଦାନ କରିବାରେ ଓଡ଼ିଶୀ ନୃତ୍ୟ ଅନ୍ୟତମ । ଓଡ଼ିଶୀ ନୃତ୍ୟ କହିଲେ ମନରେ ଝଲସି ଉଠନ୍ତି ଉଜ୍ଜ୍ୱଳ ରଙ୍ଗର ଓଡ଼ିଶାର ହସ୍ତତନ୍ତ ପାଟଲୁଗା ପରିହିତା, ମୁଣ୍ଡରେ ଟାହିଆ, କପାଳରେ ସୁଦୃଶ୍ୟ ଟୋପା ଆଉ ଚିତା, ଓଡ଼ିଶାର ନିଜସ୍ୱ ରୂପା ତାରକସିର ଅଳଙ୍କାରରେ ମଣ୍ଡିତା ନର୍ତ୍ତକ, ନର୍ତ୍ତକୀମାନଙ୍କର ଅପୂର୍ବ ଅଙ୍ଗଭଙ୍ଗୀରେ ନୃତ୍ୟ । ଓଡ଼ିଶୀ ନୃତ୍ୟ ମୁଖ୍ୟତଃ ଭକ୍ତି ଆଉ ପ୍ରେମରସ ଉପରେ ଆଧାରିତ ଓଡ଼ିଶୀ ରାଗ ଓ ଗୀତ ଉପରେ ପରିବେଷଣ କରାଯାଇଥାଏ । ତେଣୁ ଏ ନୃତ୍ୟ ଯେ କେବଳ ଦେଖଣାହାରୀଙ୍କୁ ମନ୍ତ୍ରମୁଗ୍ଧ କରେନି, ଏହା ତା'ର ଚିନ୍ତା ଆଉ ଚେତନାର ଉତ୍ତରଣରେ ସହାୟକ ମଧ୍ୟ ହୋଇଥାଏ । ବିଖ୍ୟାତ ନୃତ୍ୟଗୁରୁ ପଦ୍ମବିଭୂଷଣ କେଳୁଚରଣ ମହାପାତ୍ର କହନ୍ତି- "ଓଡ଼ିଶୀ କେବଳ ମନୋରଂଜନ ପାଇଁ ଏକ ନୃତ୍ୟ କଳା ନୁହେଁ, ବରଂ ଏହା ପ୍ରେରଣା ପ୍ରଦାୟକ ଓ ମଣିଷର ଉତ୍ତରଣରେ ସହାୟକ ହୋଇଥାଏ । ଲୋକେ କୁହନ୍ତି ମୁଁ ନୃତ୍ୟ କରେ, କିନ୍ତୁ ପ୍ରକୃତରେ ନୃତ୍ୟ ମାଧ୍ୟମରେ ମୁଁ ଈଶ୍ୱରଙ୍କୁ କରୁଣ ପ୍ରାର୍ଥନା କରିଥାଏ ।"

ଭାରତର ପ୍ରମୁଖ ଆଠଟି ଶାସ୍ତ୍ରୀୟ ନୃତ୍ୟ ଭିତରୁ ଓଡ଼ିଶୀ ନୃତ୍ୟ ଗୋଟିଏ । ପୁରାତନ ତତ୍ତ୍ୱ ଅନୁସାରେ ଏହା ଭାରତର ଜୀବନ୍ତ ନୃତ୍ୟକଳା ମଧ୍ୟରୁ ଗୋଟିଏ । ଏହାର ତ୍ରିଭଙ୍ଗୀ ଠାଣି ବା ଦେହର ତିନୋଟି ଅଙ୍ଗ ମୁଣ୍ଡ, ଛାତି ଓ ଅଣ୍ଟାର ସ୍ୱାଧୀନ ଗତି ହେତୁ ଏହା ଅନ୍ୟ ଭାରତୀୟ ନୃତ୍ୟ ପରମ୍ପରା ଠୁ ଭିନ୍ନ ।

୧୯୫୮ ମସିହାରେ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟର ଆଖ୍ୟା ମିଳେ । କାଇଁ କେଉଁ ହଜାର ହଜାର ବର୍ଷ ତଳେ ଓଡ଼ିଶା ମାଟିରେ ଜନ୍ମନେଇଥିବା ଏ ନୃତ୍ୟଟି ସମୟର କଷଟି ପଥରରେ ଘଷି ମାଜି ହେଇ ଦିନକୁ ଦିନ ଋଦ୍ଧିମନ୍ତ ହେବା ସହିତ ନିଜର ମୌଳିକତାକୁ ବଜାୟ ରଖି ପାରିଥିବାରୁ ଆଜି ମଧ୍ୟ ଏହା ଲୋକପ୍ରିୟତାର ଶୀର୍ଷରେ ।

ଓଡ଼ିଶୀ ଏକମାତ୍ର ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଯାହା ବିଶ୍ୱ ପ୍ରସିଦ୍ଧ ଗାୟକ ମାଇକେଲ ଜ୍ୟାକସନ୍‌ଙ୍କ ୧୯୯୧ର ସୁପରହିଟ୍ ମ୍ୟୁଜିକ ଆଲବମ୍ 'ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍'ରେ ସ୍ଥାନ ପାଇଚି ।

### ଇତିହାସ

ଓଡ଼ିଶୀ ନୃତ୍ୟର ପୁରାତନତତ୍ତ୍ୱକୁ ଆକଳନ କରି ବସିଲେ, ବିଚାରକୁ ଆସେ ଭରତ ମୁନୀଙ୍କ ଦ୍ୱାରା ସଂସ୍କୃତରେ ରଚିତ କାବ୍ୟ 'ନାଟ୍ୟଶାସ୍ତ୍ର' । ନାଟ୍ୟ ଶାସ୍ତ୍ରରେ ବର୍ଣ୍ଣିତ ଥିବା ୧୦୮ ପ୍ରକାରର ମୌଳିକ ସମଷ୍ଟିର ସଂପୂର୍ଣ୍ଣ ସାମଞ୍ଜସ୍ୟତା ଓଡ଼ିଶୀ ନୃତ୍ୟ ସହ ରହିଚି । ଏହାର ପ୍ରଥମ ସଂପୂର୍ଣ୍ଣ ସଙ୍କଳନ ଖ୍ରୀଷ୍ଟପୂର୍ବ ୨୦୦ରୁ ଖ୍ରୀଷ୍ଟାବ୍ଦ ୨୦୦ ମଧ୍ୟରେ ଶେଷ ହେଇଥିବାର ଅନୁମାନ କରାଯାଏ । ଏଥିରେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟମାନଙ୍କର ପରିବେଷଣ ଶୈଳୀ, ଅଙ୍ଗ ଭଙ୍ଗୀମାନଙ୍କ ବିଷୟରେ ବିସ୍ତୃତରେ ବର୍ଣ୍ଣନା କରାଯାଇଛି । ନାଟ୍ୟଶାସ୍ତ୍ରରେ ଚାରୋଟି ପ୍ରଭୃତି (ଅଭିବ୍ୟକ୍ତ ବିତରଣର ପଦ୍ଧତି)- ଅଭନ୍ତି, ଦାକ୍ଷିଣାତ୍ୟ, ପାଞ୍ଚାଳି ଏବଂ ଓଡ୍ରା-ମୋଗଧୀର ଉଲ୍ଲେଖ ରହିଚି । ଓଡ୍ରା ବର୍ତ୍ତମାନର ଓଡ଼ିଶାକୁ ବୁଝାଏ ।

ଉଦୟଗିରିର ମଞ୍ଚପୁରୀ ଗୁମ୍ଫାରେ ନୃତ୍ୟ ଏବଂ ସଙ୍ଗୀତଜ୍ଞଙ୍କ ଖୋଦିତ ଚିତ୍ର ପ୍ରଦର୍ଶିତ ହୋଇଚି ଏବଂ ଏହା ଖ୍ରୀଷ୍ଟପୂର୍ବ ପ୍ରଥମ କିମ୍ବା ଦ୍ୱିତୀୟ ଶତାବ୍ଦୀରେ ଜୈନ ରାଜା ଖାରବେଳଙ୍କ ସମୟରେ



ନିର୍ମିତ ହୋଇଥିଲା । ଏହା ଓଡ଼ିଶୀ ନୃତ୍ୟର ସବୁଠୁ ପୁରାତନ ଖୋଦିତ ଚିତ୍ର । ହାତିଗୁମ୍ଫା ଖଣ୍ଡଗିରି ଓ ଉଦୟଗିରିରେ ମଧ୍ୟ ଏତାଦୃଶ୍ୟ ଖୋଦିତ ଚିତ୍ର ଦେଖିବାକୁ ମିଳେ ।

## ମଧ୍ୟଯୁଗୀୟ ଯୁଗ

ଓଡ଼ିଶାରେ ବିଶେଷ କରି ଆସିଆ ପର୍ବତ ଶ୍ରେଣୀ ପରିସରରେ ଥିବା ହିନ୍ଦୁ, ଜୈନ ଏବଂ ବୁଦ୍ଧ ପ୍ରତ୍ନତାତ୍ତ୍ୱିକ ସ୍ଥାନଗୁଡ଼ିକ ଏବଂ ଲଳିତଗିରି, ରତ୍ନଗିରି, ଅଲତଗିରିରେ ଥିବା ମନ୍ଦିରଗୁଡ଼ିକରେ ଓଡ଼ିଶୀ ନୃତ୍ୟର ଲେଖା ଓ ଖୋଦିତ ଚିତ୍ର ଦେଖିବାକୁ ମିଳେ । ବୌଦ୍ଧ ଧର୍ମର ଦେବତା ଯେମିତି ହେରୁକା, ବଜ୍ରବରାହୀ ଏବଂ ମରିଚିଙ୍କ ମୂର୍ତ୍ତୀ ଓଡ଼ିଶୀ ନୃତ୍ୟ ଭଙ୍ଗୀରେ ପ୍ରଦର୍ଶିତ କରାଯାଇଛି ।

ଗୁଜୁରାଟରୁ ଆବିଷ୍କୃତ ହୋଇଥିବା ଜୈନମାନଙ୍କ ପାଣ୍ଡୁଲିପି 'କଳ୍ପସୂତ୍ର'ରେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ଅଙ୍ଗଭଙ୍ଗୀମାନଙ୍କ ବିଷୟରେ ଯେମିତିକି ସମପାଦ, ତ୍ରିଭଙ୍ଗୀ ଏବଂ ଚଉକ ବର୍ଣ୍ଣନା ରହିଚି, ଯାହା ଓଡ଼ିଶୀ ନୃତ୍ୟ ଶୈଳୀର ଅନ୍ତର୍ଭୁକ୍ତ । ତେଣୁ ଏଥିରୁ ଅନୁମେୟ ଓଡ଼ିଶୀ ନୃତ୍ୟର ପ୍ରସାର ଓଡ଼ିଶା ବାହାରେ ଦୂରଦୂରାନ୍ତରେ ମଧ୍ୟ ଥିଲା । ଅନେକ ଜୈନ ପାଣ୍ଡୁଲିପିରେ ଓଡ଼ିଶୀ ନୃତ୍ୟର ଛବି, ମାର୍ଜିନ ଏବଂ ମଲାଟରେ ଦେଖିବାକୁ ମିଳେ । ଯାହା ଏହାର ଲୋକପ୍ରିୟତାକୁ ସୂଚାଇଥାଏ ।

ହିନ୍ଦୁଗ୍ରନ୍ଥ ଯେମିତି 'ଅଭିନୟ ଚନ୍ଦ୍ରିକା', 'ଅଭିନୟ ଦର୍ପଣ' ଓଡ଼ିଶୀ ନୃତ୍ୟର ପାଦ, ହାତ, ଠିଆ ହୋଇଥିବା ସ୍ଥିତି, ଗତିବିଧି ଏବଂ ନୃତ୍ୟ ସଙ୍ଗୀତର ବିସ୍ତୃତ ବିବରଣୀ ପ୍ରଦାନ କରନ୍ତି ।

ଭୁବନେଶ୍ୱରର ପର୍ଶୁରାମେଶ୍ୱର ମନ୍ଦିର, ବୈତାଳ ମନ୍ଦିର, ଶିଶିରେଶ୍ୱର ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ମାର୍କଣ୍ଡେଶ୍ୱର ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର, ଲିଙ୍ଗରାଜ ମନ୍ଦିର, ମେଘେଶ୍ୱର ମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିର ଏବଂ କୋଣାର୍କର ସୂର୍ଯ୍ୟ ମନ୍ଦିରର ବହିର୍ଭାଗରେ ଖୋଦିତ ନର୍ତ୍ତକୀ ଓ ନାୟକମାନଙ୍କର ଅଙ୍ଗଭଙ୍ଗୀ ଓ ମୁଦ୍ରାରୁ ଓଡ଼ିଶୀ ନୃତ୍ୟର ପରମ୍ପରା ସମୃଦ୍ଧ ହୋଇଥିବା ଜଣାଯାଏ ।

ହୀରାପୁରର ଚଉଷଠି ଯୋଗିନୀ ମନ୍ଦିର ଭଳି ତନ୍ତ୍ର ମନ୍ଦିରମାନଙ୍କରେ ଥିବା ଯୋଗିନୀମାନଙ୍କ ମୁଦ୍ରାରେ ଓଡ଼ିଶୀ ସହ ସମାନତା ପରିଲକ୍ଷିତ ହୋଇଥାଏ । ଓଡ଼ିଶୀ, ଓଡ଼ିଶାର ଶିବ, ବିଷ୍ଣୁ ଓ ବାକି ମନ୍ଦିର (କୋଣାର୍କର ସୂର୍ଯ୍ୟ ମନ୍ଦିର)ରେ ଥିବା ମୂର୍ତ୍ତିରେ ମଧ୍ୟ ଦେଖିବାକୁ ମିଳେ ।

ଅଷ୍ଟମ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଲିଖିତ କବିତା ଗ୍ରନ୍ଥ ଏବଂ ଦ୍ୱାଦଶ ଶତାବ୍ଦୀରେ ଜୟଦେବଙ୍କ ଦ୍ୱାରା ଭକ୍ତିରସ ସମ୍ବଳିତ 'ଗୀତା ଗୋବିନ୍ଦ' ଗ୍ରନ୍ଥ ଓଡ଼ିଶୀ ନୃତ୍ୟର ଅଭି ଉପରେ ବିଶେଷ ପ୍ରଭାବ ପକାଇଥିଲା । ଓଡ଼ିଶାର ମନ୍ଦିରମାନଙ୍କରେ 'ମାହାରୀ' (ଦେବଦାସୀ ବା ମନ୍ଦିରର ନୃତ୍ୟଶିଳ୍ପୀ), ଏହି ଭକ୍ତିରସ ପୂର୍ଣ୍ଣ କବିତାମାନଙ୍କ ମାଧ୍ୟମରେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଥିଲେ ।

'ଗୋଟିପୁଅ' ନାଚ ଓଡ଼ିଶୀ ନୃତ୍ୟକଳାର ଅନ୍ୟ ଏକ ଅଙ୍ଗ । ଉତ୍କଳର ରାଜା ପ୍ରତାପରୁଦ୍ର ଦେବଙ୍କ ଶାସନକାଳରେ ଏହାର ଆରମ୍ଭ ଓ ବିକାଶ ହୋଇଥିଲା ବୋଲି ଜଣାଯାଏ । ସେ କାଳର ମୁସଲମାନ ଶାସନ କାଳରେ ପରଦା ପ୍ରଥାର କଠୋରତା ହେତୁ 'ମାହାରୀ' ଓ 'ଦେବଦାସୀ'ଙ୍କ ନାଚରେ ବାଧା ପଡ଼ିବାରୁ, ଗୋଟିପୁଅ ନାଚର ବିକାଶ ଘଟିଥିଲା । ଏଥିରେ ପୁଅମାନେ ନର୍ତ୍ତକୀମାନଙ୍କ ପରି ବେଶଭୂଷା ହୋଇ ନୃତ୍ୟ ପ୍ରଦର୍ଶନ କରନ୍ତି ।

## ମୋଗଲ ଆଉ ବ୍ରିଟିଶ ଶାସନ କାଳ

ଦ୍ୱାଦଶ ଶତାବ୍ଦୀ ପରେ ଓଡ଼ିଶାରେ ଥିବା ମନ୍ଦିର ଆଉ ବୌଦ୍ଧମଠ ଓ ପୀଠ ଯେମିତିକି ପୁଷ୍ପଗିରି, ମୋଗଲ ଆକ୍ରମଣର ଶିକାର ହେଇ ଅନେକ କ୍ଷୟକ୍ଷତି ସହିଥିଲେ । ଫିରୋଜ ଶାହା ତୋଗଲକ ୧୩୬୦-୧୩୬୧ ଶତାବ୍ଦୀରେ ପୁରୀ ଜଗନ୍ନାଥ ମନ୍ଦିର ଆକ୍ରମଣ କରି ଅନେକ କ୍ଷୟକ୍ଷତି ଘଟାଇବା ସହିତ

ନୃତ୍ୟ ମଣ୍ଡପଗୁଡ଼ିକ ନଷ୍ଟ କରିଦେଇଥିଲା । ଭାରତର ସୁଲତାନ ଏବଂ ମୋଗଲ ଯୁଗରେ ମନ୍ଦିର ନୃତ୍ୟଶିଳ୍ପୀମାନଙ୍କୁ ସୁଲତାନଙ୍କ ପରିବାର ଏବଂ ଦରବାରରେ ମନୋରଞ୍ଜନ ପାଇଁ ନୃତ୍ୟ ପରିବେଷଣ କରିବାକୁ ବାଧ୍ୟ କରାଯାଉଥିଲା ।



ବ୍ରିଟିଶ ଶାସନ କାଳରେ, ଉପନିବେଶ ସରକାରଙ୍କ ଅଧିକାରୀମାନେ ମନ୍ଦିର ପରମ୍ପରାକୁ ପରିହାସ କରିଥିବା ବେଳେ ଖ୍ରୀଷ୍ଟିୟାନ ମିଶନାରୀମାନେ ଓଡ଼ିଶୀ ତଥା ଅନ୍ୟାନ୍ୟ ହିନ୍ଦୁ ମନ୍ଦିର ନୃତ୍ୟ କଳା ଉପରେ ଅନୈତିକ ଟିପ୍ପଣୀ ମାଧ୍ୟମରେ କ୍ରମାଗତ ଆକ୍ରମଣ କରିଥିଲେ । ଖ୍ରୀଷ୍ଟିଆନ ମିଶନାରୀମାନେ ୧୮୯୨ ମସିହାରେ 'ନୃତ୍ୟ ବିରୋଧି ଆନ୍ଦୋଳନ' ଆରମ୍ଭ କରିଥିଲେ । ନୃତ୍ୟଶିଳ୍ପୀ ମାନେ ୟୁରୋପୀୟମାନଙ୍କ ଦ୍ୱାରା ବେଶ୍ୟା ଭାବରେ ବାରମ୍ବାର କଳଙ୍କିତ ହୋଇଥିଲେ । ଏ ଅବଧି କାଳରେ ଓଡ଼ିଶୀ ନୃତ୍ୟ ଓ ନୃତ୍ୟଶିଳ୍ପୀମାନଙ୍କ ଅବସ୍ଥାରେ ଖୁବ୍ ବିପର୍ଯ୍ୟୟ ଓ ଅଧୋଗତି ଦେଖିବାକୁ ମିଳିଥିଲା ।

## ସ୍ୱାଧିନତା ପରବର୍ତ୍ତୀ ସମୟ

ବ୍ରିଟିଶ ଶାସନ କାଳରେ ପ୍ରଚଳିତ ଥିବା ମନ୍ଦିର ନୃତ୍ୟ ନିଷେଧ ଓ ସାଂସ୍କୃତିକ ଭେଦଭାବ ବିରୋଧରେ ସ୍ୱାଧୀନତା ପରେ ହିନ୍ଦୁମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ଆନ୍ଦୋଳନ । ଫଳ ସ୍ୱରୂପ ଓଡ଼ିଶୀ ସହିତ ଅନ୍ୟାନ୍ୟ ଭାରତୀୟ ନୃତ୍ୟମାନଙ୍କର ପୁନଃ ବିକାଶ ଘଟିଥିଲା ।

ଲକ୍ଷ୍ମୀପ୍ରିୟା ମହାପାତ୍ର ୧୯୪୮ ମସିହାରେ କଟକର ଅନ୍ନପୂର୍ଣ୍ଣା ପ୍ରେକ୍ଷାଳୟରେ ଓଡ଼ିଶୀ ଅଭିନୟର ଏକ ଖଣ୍ଡ ପରିବେଷଣ କରିଥିଲେ ଯାହା ଏହାର ସମସାମୟିକ ପୁନର୍ଜୀବନ ପରେ ପ୍ରଥମ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ଭାବେ ପ୍ରଦର୍ଶିତ ହେଇଥିଲା ।

ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ଗୁରୁ ମାୟାଧର ରାଉତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୫୫ ମସିହାରେ 'ମୁଦ୍ରା ବିନିଯୋଗ' ଓ 'ସଞ୍ଚରିଭାବ'କୁ ଓଡ଼ିଶୀ ନୃତ୍ୟ ଶୈଳୀର ଅନ୍ତର୍ଭୁକ୍ତ କରାଇଥିଲେ ଏବଂ 'ଶୃଙ୍ଗାର ରସ'କୁ ଗୀତ ଗୋବିନ୍ଦ ଅଷ୍ଟପଦୀରେ ଚିତ୍ରଣ କରାଇଥିଲେ ।

ଗୁରୁ କେଳୁଚରଣ ମହାପାତ୍ର, ପଙ୍କଜ ଚରଣ ଦାସ, ଦେବ ପ୍ରସାଦ ଦାସ ଏବଂ ରଘୁନାଥ ଦତ୍ତ, ଓଡ଼ିଶୀ ନୃତ୍ୟକୁ ପୁନର୍ଜୀବିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସଂଯୁକ୍ତା ପାଣିଗ୍ରାହୀ, ସୋନାଲ




ମାନସିଂ, କୁମକୁମ ମହାନ୍ତିଙ୍କର ଓଡ଼ିଶୀ ନୃତ୍ୟର ବିଦେଶରେ ପ୍ରଚାର ପ୍ରସାର ଓ ଲୋକପ୍ରିୟ କରାଇବାରେ ସକ୍ରିୟ ଭୂମିକା ରହିଚି ।

ଓଡ଼ିଶୀ ନୃତ୍ରଶିଳ୍ପୀ ଓ ଗୁରୁ ବୈଶାଳି ମହାନ୍ତିଙ୍କ ପ୍ରଚେଷ୍ଟାରେ ଅକ୍ସଫୋର୍ଡ଼ ଓଡ଼ିଶୀ କେନ୍ଦ୍ର ନାମରେ ଜଣାଶୁଣା ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ଜାନୁୟାରୀ ୨୦୧୬ ରୁ ଏକ ଓଡ଼ିଶୀ ନୃତ୍ୟ କେନ୍ଦ୍ର ଖୋଲା ଯାଇଚି ।

୨୦୧୫ ମସିହାରୁ ଭାରତୀୟ ବୈଷୟିକ ଅନୁଷ୍ଠାନ ଭୁବନେଶ୍ୱର, ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀକୁ ତା'ର ସ୍ନାତକ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିଚି । ଏହା କୌଣସି ଶାସ୍ତ୍ରୀୟ ନୃତ୍ୟକୁ ପାଠ୍ୟକ୍ରମରେ ଯୋଡ଼ିବାରେ ପ୍ରଥମ ବୈଷିକ ଅନୁଷ୍ଠାନ ।

## ସିଦ୍ଧାନ୍ତ

ପୁରାତନ ସମୟରୁ ଅତ୍ୟାଧୁନିକ ସମୟକୁ ଓଡ଼ିଶୀ ନୃତ୍ୟର ଏ ନିରବଚ୍ଛିନ୍ନ ଧାରାକୁ ନିରେଖି ଦେଖିଲେ ଲାଗେ ଅନନ୍ୟ ଏ ନୃତ୍ୟକଳାଟି, ଏତେ ଘାତ ପ୍ରତିଘାତ ସତ୍ତ୍ୱେ ବିଲୁପ୍ତ ନହେଇ, ଏବେ ବି ବଞ୍ଚିଚି ଓ ପରିପୁଷ୍ଟ ହେବାରେ ଲାଗିଚି- ତେଣୁ ଯଥାର୍ଥରେ ଓଡ଼ିଶୀ ନୃତ୍ୟକଳାକୁ କାଳଜୟୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।




# ଟଙ୍କିକିଆ ମଣିଷର ମୂଲ୍ୟ



# ଫୁସୁଲାଉଥିବା କବିତା: ଶୁଣ ଶୁଣ ଟଙ୍କିକିଆ ଜନତା


## ପ୍ରଫେସର ନଟବର ଶତପଥୀ

ସି-୧୧୬୭, ସେକ୍ଟର-୬, ସିଡ଼ିଏ
କଟକ-୭୫୩୦୧୪
ଫୋନ: ୯୯୩୭୧୬୮୬୬୦


ଫଟୋ ସୌଜନ୍ୟ: ରେବତୀ ମିଡ଼ିଆ

**କ୍ରୁର ଉପହାସ, ଚରମ ବ୍ୟଙ୍ଗ, ତୀବ୍ର ଅସନ୍ତୋଷର ବର୍ଣ୍ଣନା 'ଟଙ୍କିକିଆ ମଣିଷ' ଅନ୍ତର୍ଗତ ସ୍ୱର । କାବ୍ୟସ୍ୱର ନୁହେଁ, ପୀଡ଼ିତ ଚେତନାର ପ୍ରତିନିଧି; ସବୁଠି ହତଶ୍ରୀର ଉଦାରତା ବ୍ୟାପ୍ତ, ମଣିଷର ପରିଚୟ ଆଧାରକାର୍ଡ଼, ପାନ୍‌କାର୍ଡ଼, ଏଟିଏମ୍ । ଏଗୁଡ଼ିକ ରୁମ ପରି ଦେହରେ ଖଞ୍ଜିଥିଲେ ହିଁ ଜଣେ ଇଣ୍ଡିଆନ୍; ସେଠି ଚିରହାସ୍ୟୋଜ୍ଜ୍ୱଳ ଋଷିମୁନିଙ୍କ ଭାରତ ନଥାଏ । ଇଣ୍ଡିଆ ସର୍ବତୋଭଦ୍ର ବ୍ରତବିଧିରେ ଚିରୋଜ୍ଜ୍ୱଳ ଅନିର୍ବାଣ ଦୀପ; ଇଣ୍ଡିଆ ହୁକୁମକାରୀର କ୍ଷମତାଗାଦି । ଆହା କେତେ ଶୀଘ୍ର ବଦଳିଗଲା ମୋ ଭାରତ ତାଙ୍କ ଇଣ୍ଡିଆରେ !**

ଏବେ ମଣିଷର ଚିତ୍ର ଆଙ୍କିବା କଷ୍ଟ ହେଲାଣି ବୋଲି ଯଦି କେହି କହନ୍ତି, ତେବେ ଅନୁଭବ ହୋଇପାରେ ଯେ ସେ ମଣିଷ ଦେଖି ନାହାଁନ୍ତି, କିମ୍ବା ମଣିଷ ବାସ କରୁଥିବା ଜଙ୍ଗଲର ବାହାରକୁ ଯାଇ ନାହାଁନ୍ତି, କି ନିଜ ଜଙ୍ଗଲ ଧାରରେ ବେଳେବେଳେ ସୁଲଭ ସିନେମା ଚିତ୍ର ପରି ଝଲଝଲ ଆଖି ଝଲସା ରୂପ କେତୋଟି ଅନୁଭବକୁ ଆଣି ପାରିନାହାଁନ୍ତି । ତାତ୍ପର୍ଯ୍ୟ ଯେ ଗୋଟିଏ ଭୋଗବାଦୀ ହୁତାଶନର ଶିଖରରେ ପହଞ୍ଚିବା ପରେ ବ୍ୟକ୍ତିର କାର୍ଯ୍ୟକଳାପ ବିଚ୍ଛିନ୍ନତାର ଶିରସ୍ତ୍ରାଣରେ ସୁରକ୍ଷା-ସ୍ୱପ୍ନ କଳନା କରୁଥିବା ପରି ମନେହୁଏ । ଉପସ୍ଥିତ କାଳ ଏକ ତରଫା ଭାବେ ବ୍ୟକ୍ତି ସୁଖଜର୍ଜର, ଏଣୁ ବିଚ୍ଛିନ୍ନତା ହୋଇପଡ଼ିଛି ଯୁଗର ଏକ ପ୍ରଚଣ୍ଡ ବ୍ୟାଧି । ସେଇ ବ୍ୟାଧି ଆମର ଯାବତୀୟ ଅତୀତର ସମାଜମୋହକୁ କେବଳ ମୂଲ୍ୟହୀନ କରିନାହିଁ, ଜୀବନ ସହ ତାର ସଂପର୍କକୁ ଅସ୍ୱୀକାର କରିବା ଅବସ୍ଥା ଭୋଗୁଛି । ଏହିପରି ଏକ ମାରାତ୍ମକ ଅବସ୍ଥାରେ, ବହୁ ଖୁସିର କଥା କବି **ସମରେନ୍ଦ୍ର ନାଥ ମହାପାତ୍ର**ଙ୍କ କବିତା ଆମ ପାଇଁ ଆଶ୍ୱସ୍ତିକର ପରିବେଶ ସୃଷ୍ଟି ସମର୍ଥ ହୋଇପାରେ । ଶ୍ରୀ ମହାପାତ୍ରଙ୍କର 'ଟଙ୍କିକିଆ ମଣିଷ' ଓ 'କବିତା ସାରା ଜୀବନ' କବିତାଗ୍ରନ୍ଥ ଦୁଇଟି ଆଲୋଚନାକୁ ଆସିପାରେ ।

### ।। ଏକ ।।

କବିତାକୁ କବି ଜୀବନ ବୋଲି ଧରିନେଲେ, ଗୋଟିଏ କଥା ସ୍ପଷ୍ଟ ହୁଏ ଯେ କବିତା ପରି ଜୀବନ ଅବୋଧ୍ୟ, କାରଣ ପଦ ଗୁଡ଼ିକ ଅବୋଧ୍ୟ ହେଲେ ହୁଏ କବିତା, ଅବୋଧ୍ୟତା ହିଁ କବିତାର ଭାଗ୍ୟ ଓ ତାର ପ୍ରଥମ ପୁରୁଷ କବି ହେବେ ଯଥାର୍ଥ ଜୀବନବାଦୀ ଓ ସଂସାରର ସବୁ ଦୁଃଖର ଯନ୍ତ୍ରଣା ତାଙ୍କର ଅସ୍ଥିମଜ୍ଜା ଭେଦ କରି କେଉଁ ଏକ ତୂରୀୟସ୍ତରରୁ ଜୀବନ ଝରରେ ପ୍ରବାହିତ ହେବାକୁ ବାଧ୍ୟ । କାରଣ ବିଶ୍ୱାସ ଅଛି ଯେ ଯାହା ସୁରାସୁର କରିପାରନ୍ତି ନାହିଁ, ତାହା ମଣିଷ କରିପାରେ । 'ମନୁଷ୍ୟଃ କୁରୁତେ ତଦ୍ଧୁ ଯନ୍ନଶକ୍ୟଂ ସୁରାସୁରେଃ' ବୋଲି ମାର୍କଣ୍ଡେୟ ପୁରାଣ କହିଲେ । ମଣିଷ ପକ୍ଷେ ଅସାଧ୍ୟତା କିଛି ନାହିଁ- ସ୍ୱୟଂ ବ୍ରହ୍ମା କୁଆଡ଼େ ଧରାମଣ୍ଡଳର ଯାବତୀୟ ପ୍ରାଣୀ ସୃଷ୍ଟି କରିବା ପରେ ତଥାପି ଅସନ୍ତୁଷ୍ଟ ହୋଇ ତାଙ୍କ ସୃଷ୍ଟିର ଅଷ୍ଟମ ସର୍ଗରେ ତିଆରି କରିଥିବା ପ୍ରାଣୀଟି ହେଲା ଦିବ୍ୟ ସୁନ୍ଦର, କିନ୍ତୁ ସେ ହେଲା ଅନ୍ୟ ନିର୍ଭର, ତୁଷ୍ଟିକାମୀ; ଅର୍ଥାତ୍ ତାକୁ ତୁଷ୍ଟି କରିବାକୁ ଆବଶ୍ୟକ ହେଲା । ପ୍ରକୃତ ପକ୍ଷରେ ଯିଏ ଅନ୍ୟ ନିର୍ଭର, ଯିଏ ଅନ୍ୟ ପ୍ରଦତ୍ତ ବସ୍ତୁରେ ନିଜର ଭୋଗଭାଗ୍ୟ ନିର୍ଦ୍ଧାରଣ କରେ ସେ ନିଜର ତୃପ୍ତି ପାଇଁ ପରମୁଖାପେକ୍ଷୀ ହିଁ ହୋଇଥାଏ । ତେବେ ବ୍ରହ୍ମା ନିଜର ଦେବ ସୃଷ୍ଟିରେ ଅସନ୍ତୁଷ୍ଟ ହୋଇ ଶେଷଥର ପାଇଁ ଉଦ୍ୟମ କଲେ ଓ ନବମ ସର୍ଗରେ ରଚନା କଲେ 'ମଣିଷ', ଯିଏ ଦେବ ଅଂଶ ଅଧିକାରୀ ହେଲେ ହେଁ ଆତ୍ମନିର୍ଭର । ବିରଞ୍ଚି ବିରଚନରେ ମଣିଷ ପକ୍ଷରେ ଅସହଜ ଅସମ୍ଭବ ବସ୍ତୁ ନାହିଁ ବୋଲି କୁହାଯାଏ । କବି ପକ୍ଷରେ ଶବ୍ଦ ସାମର୍ଥ୍ୟ ହେଉଛି ସୃଜନଲୀଳାର ପ୍ରଥମ ସଂପଦ, ଶବ୍ଦ ଉପରେ ଆଧିପତ୍ୟ, ଏଣୁ କବି ଶବ୍ଦାଧିପତି । ଏଇଟି ବାଣୀରୂପୀ ସ୍ୱର୍ଗୀୟ ବସ୍ତୁ । ଶବ୍ଦର ଉତ୍କୁସ୍ଥଳ ପ୍ରକୃତି, ହୃଦ୍‌ବେଦିରେ ତାର ନୃତ୍ୟ ବୀଣାର ଝଂକାର ଶୁଭେ । ଏହି ଝଂକାରକୁ ସମାହିତ କରି ନିଜ ହୃଦ୍-ମନ ଭୂମିରେ ଉତ୍ତୀର୍ଣ୍ଣ କରି ପାରିଲେ କବିତାର କାୟା ଗଢ଼ି ହୋଇଯାଏ । ଏଇଟି କଳା, ସମଧିଶୀ; ଅର୍ଥାତ୍ ଗୋଟିଏ ବସ୍ତୁ ଉପରେ ଆଉ ଏକ ବସ୍ତୁର ଆରୋପ । କବି ସମରେନ୍ଦ୍ର କହିବେ- "ପ୍ରଜାପତିର ରଙ୍ଗୀନ ଡେଣାରେ / କେବେ ଝୁଲାଇ ଦିଅନ୍ତି / ବସନ୍ତର ନୀଳନୀଳ ସ୍ୱପ୍ନ ତ / କେବେ ଫୁଲର ପାଖୁଡ଼ାରେ / ବୋଳି ଦିଅନ୍ତି ପ୍ରୀତିର ରଙ୍ଗ / ଶବ୍ଦମାନେ କେମିତି ଆସନ୍ତି ଯାଆନ୍ତି / କହିବା ବଡ଼ କଠିନ ।" (ସେଇ ଶବ୍ଦମାନେ) ଶବ୍ଦ ଆସିଲେ ଆଉ ଯାଏ ନାହିଁ; କବିର ହୃଦୟ 'ବାୟାବସା', ଉବତରଙ୍ଗର ଉଚ୍ଚ ତାଳଗଛର ବରଡ଼ା ତଳେ ଦୋହଲିବା ତାର ଭାଗ୍ୟ, "ଶୂନ୍ୟର ମହାଶୂନ୍ୟ, ଅଣୁରୁ ପରମାତ୍ମା ଯାଏ", ସବୁ ତ ଶବ୍ଦାତୀକା । ଶବ୍ଦ ଓ କବି ନିରୁତାନ୍ତ ନିରୁପାଖ୍ୟ ସତ୍ତା ଏକାତ୍ମ । "ହାଡ଼ମାଂସ ନିଶ୍ୱାସର ସାହାନାଇ ବଜାଇ / ଶିରାରେ ସ୍ନାୟୁରେ ଖୋଦେଇ / ଜୀବନ ଯୁଦ୍ଧର ସଂଘାତ ସବୁକୁ ହାଡ଼ର କଲମରେ ରକ୍ତର ସ୍ୟାହି ଦେଇ / କେତେ ଆଉ ଲେଖିଥାନ୍ତି... ।"

କବିତା ଅଶେଷ ଭାବର ଏକ ମର୍ତ୍ତ୍ୟ ଭୂମି । ସ୍ୱର୍ଗଭୂମିର ଅଛି ଅବଶେଷ, ସେଇଟି ଆଦୌ ଅଖଣ୍ଡ ନୁହେଁ; ଖଣ୍ଡିତ ବରାବର, କାରଣ କବି କଳ୍ପନା ମାଟିର ଧୂସର ବାସ୍ତବତାରେ ଅତୃପ୍ତ ହୋଇ ନୀଳିମ ପବନର ପର୍ଯ୍ୟାପ୍ତ ଅସୀମତା ଆଡ଼କୁ ଟାଣି ହୋଇ ସେଥିରେ ସଂଚାର କରେ । ମାତ୍ର ସେ ସଂଚାର କ୍ଷଣିକ । ପୁଣି ସେ ମାଟିକୁ ଫେରେ । ଏହା ଏକ ଲୀଳା । ମାଟି ଓ ଆକାଶ (ଅନ୍ୟ କଥାରେ ଅନ୍ତରାଶ୍ରିତ ଅପାର୍ଥିବ ଚେତନ ଜଗତ) ଲୀଳାର ଦୁଇ ଚରମ ଅନ୍ତଃବିନ୍ଦୁ; କବି କଳପନା-ଧନୁର ଦୁଇଟି କୋଟୀ । ସେଇ ଧନୁର ତୀର ହେଉଛି କଥ୍ୟବସ୍ତୁ । ସେ ବସ୍ତୁଟି ପ୍ରକାଶିତ ହେବା ସେତେ ସହଜ ନୁହେଁ, ଅର୍ଥାତ୍ କବି କହିବାକୁ ଯେତେ ଉଦ୍ୟମ କଲେ ମଧ୍ୟ ତାହା ସଂପୂର୍ଣ୍ଣ ଆତ୍ମ ପ୍ରକାଶ କରିପାରେ ନାହିଁ, "ଯଦି ମୁଁ କହି ପାରନ୍ତି / ନିଜ ମନ ତଳର କଥା ଓ ଛାତି ତଳର ଯନ୍ତ୍ରଣା ସବୁକୁ / କେତେ ହାଲ୍‌କା ହୋଇଯାନ୍ତା ମନ / କେତେ ରଙ୍ଗୀନ ହୋଇଯାଆନ୍ତା ଏ ଜୀବନ ।" (ବକ୍ତବ୍ୟ) ଅଥଚ କବିକୁ ଭୋଗିବାକୁ ହୁଏ ତାର ଭାଗ୍ୟ (!) ସେଇଟି- "ବରଗଛଟିଏ ପରି ଦୁଃଖ / ଛିଡ଼ା ହୋଇଛି / ଗାଁ ମୁଣ୍ଡରେ"...ଖୁବ୍ ଚିନ୍ତାସ୍ପର୍ଶୀ ଚିତ୍ରକଳ୍ପ; ଦୁଃଖ ଗୋଟିଏ "ବିଘ୍ନପଦ ଏକାକୀ ଛିଡ଼ା ବରଗଛ ।" ନୁହେଁ ତ ଆଉ କଣ ! Thy desire



▶ ଲେଖକ ନଟବର ଶତପଥୀ




ରେବତୀ ଆମ ମାଟିର ସ୍ୱର

a barian tree, standing alone the trap...**(A.L.alexandre)** ଏହି ସ୍ଥିତିରେ ଯାହା ପୂର୍ବାର୍ଜିତ ବା ପୂର୍ବ ନିର୍ଦ୍ଧାରିତ ତେବେ ସ୍ୱପ୍ନ ଦେଖିବା ନିରର୍ଥକ । ଭାଗ୍ୟର ଖେଳ ସର୍ବତ୍ର ବିଜୟ ମହୋତ୍ସବରତ, ଏ ବେଳେ ଜୀବନର ଉଦ୍ୟମ ସଂଗ୍ରାମ ଭୂମିକୁ ପଛ କରିବା ସ୍ୱାଭାବିକ । ଭାଗ୍ୟ କିନ୍ତୁ ବୁଢ଼ାଲୋକ ନୁହେଁ, ସେ ଯୁଆନ ପରି କାହୁଁ ଆସେ, ନିଜର ଦୌରାତ୍ମ୍ୟ ଦେଖାଏ ଓ ଚାଲିଯାଏ (ବୁଢ଼ାଲୋକ) । ଜୀବନ ହିଁ ଏଇପରି ଯେ "ମୃତ୍ୟୁକୁ ଡରିଡରି ଶେଷରେ ଯାଏ ମରିବାକୁ ।" ଯଦି ଜୀବନ ହୁଏ "କୁଆଡୁ ଆସେ ଓ କୁଆଡ଼େ ଯାଏ ପରି ଏକ ସମୟର ଗତି ତେବେ କାହିଁକି ମାୟା ଲଗାଇ ବାୟା କରେ ମନକୁ ?" କବି 'ସଂସାରର ବାୟା ମଣିଷ' ବୋଲି ଜଗତ ଉପଲବ୍ଧି ଚିରନ୍ତନ ବାସ୍ତବ କଥାକୁ ସମରେନ୍ଦ୍ର ମାନିନେବା ଅସାର୍ଥକ ବାକ୍ୟ ହେଉ ନାହିଁ; କିନ୍ତୁ ସଂଗ୍ରାମୀ ହୋଇ କାହାକୁ ବିରୋଧ କରିବା ଯେ ଅନିଶ୍ଚିତ ସମାଜ ସତ୍ୟ ବିଷୟକୁ ଅସ୍ୱୀକାର କରି ହେବ ନାହିଁ । କବି ସ୍ୱଦେହରେ ଯେଉଁ ସମୟର ତାଡ଼ନା ଭୋଗନ୍ତି, ସେଇଟି ଏକ ବ୍ୟବସ୍ଥାଗତ ମୂଲ୍ୟବୋଧ । ଏହି ବ୍ୟବସ୍ଥାରେ ପ୍ରଥା ଓ ଚଳଣି ଅନିୟତବୃତ୍ତି ବୋଲି କହିହେବ ନାହିଁ । ସବୁ ନିର୍ଦ୍ଧାରିତ, ସ୍ଥିର ଓ ଗତାନୁଗତ । ସେହି ବ୍ୟାମୋହ ଭିତରେ- "ହାର ମାନିଗଲା ଇଚ୍ଛା /ଧରା ପଡ଼ିଗଲା ଅପାରଗ ପଣିଆ / ଉବୁକି ଉଠିଲା ଦୁଃଖ ସବୁ ପୁରୁଣା ଦିନର ।" (ଧିକ) ଏହି ସ୍ଥିତିରେ କାଗଜଡଙ୍ଗା ଖେଳ ପରି ବାଲୁତସ୍ୱପ୍ନ ବ୍ୟାହତ ହେବା ହିଁ ବିଧିନିର୍ଦ୍ଦିଷ୍ଟ ଚିତ୍ର । ଆହା, ମଣିଷ କାଗଜଫର୍ଦ୍ଦ ପରି କେତେ ସଂକ୍ଷିପ୍ତ (ବାମନ), ଲୁହ ଯେଉଁଠି ମୂଲ୍ୟହୀନ, ସେଇଠି ମଣିଷର ଜୀବନ ଏକ ଅପରିଚିତ ବିପର୍ଯ୍ୟସ୍ତ ଜଂଗଲ । କାଳିଦାସଙ୍କୁ ଜିଜ୍ଞାସିଲେ କହିବେ, 'ପ୍ରାଂଶୁଲଭ୍ୟେ ଫଳେ ଲୋଭାଦୁଦ୍‌ବାହୁରିବ ବାମନଃ', ରଘୁବଂଶ ୧/୩, ଅର୍ଥାତ୍ ଡେଙ୍ଗା ମଣିଷର ହାତ ଯେଉଁ ଫଳ ପାଇପାରେ, ମୁଁ ମୂଢ଼ (ବାମନ) ତାକୁ ଆଶା କରି ଉପହାସର ପାତ୍ର ହେବି । ସଂଜର ସଳିତା ଦେବ ରଂଜନ କରିପାରେ, ମାତ୍ର ଅନ୍ଧକାର ଦୂରେଇ ପାରେ ନାହିଁ । ଆଜିର ଏ.ଆଇ. ସଭ୍ୟ ମଣିଷର ଉଚ୍ଚତାକୁ ଖର୍ବ କରିବାକୁ ସତତ ପ୍ରୟାସୀ, ଏହା କଣ ବାମନର ଏକ ନୂତନ ସଂସ୍କରଣ ( ?)

କବି ସମରେନ୍ଦ୍ରନାଥ ସ୍ୱଦେହରେ ଭୋଗୁଛନ୍ତି କି ଅନୁରୂପ ଭାଗ୍ୟ ? ବିଷାଦ ଘାରୁଛି କି ଅନିଶ୍ଚିତ ଜୀବନ ଯାତ୍ରାର ଗମ୍ଭିର ଗ୍ଲାନି ? 'ଯିବି କୁଅଡ଼େ' ? ତାଙ୍କ ମାଧ୍ୟମରେ କର୍ମନିସ୍ପୃହଜୀବୀର ଆତଙ୍କ ପ୍ରାତ୍ୟହିକ ନିତ୍ୟକର୍ମର ଜଂଜାଳାନ୍ତେ କଣ କରାଯାଏ ଅବଶିଷ୍ଟ କାଳ ? କେତେ ଆଉ ପୁରୁଣା ଅଭ୍ୟାସକୁ ଦୋହରାଇ ହେବ ? ଖବରକାଗଜ, ଚିଠିପତ୍ର, ଟିଭିର ଚିତ୍ର ବା ଆଉ କିଛି ସମୟକୁ ଗ୍ରାସ କରିବାକୁ ଅନିଚ୍ଛୁକ, ଘର ବୋଲି ଯାହା ବୁଝାଯାଏ- ସ୍ତ୍ରୀ, ପିଲାପିଲି, ଜଂଜାଳର ମୋହବର୍ତ୍ତି ଏକ ଅପୂର୍ବ ସମ୍ବନ୍ଧ ସେ ସବୁ ଏବକୁ ଗଳାର ହାର ହୋଇ ପାରୁନାହିଁ । ପ୍ରତ୍ୟେକ ସ୍ୱାଧୀନ ଓ ନିଜ ନିଜର ମହିମାରେ ଜଡ଼ିତ ବ୍ୟସ୍ତ ଧୂସର । ଘର ଏଣିକି କହିଲେ "କବାଟ, ଝର୍କା, ଟିଭି, ଫ୍ରିଜ : ଏବେ ଯିବି କୁଆଡ଼େ ମୁଁ, କୁଆଡ଼େ ଯିବି ?" ଏଇ ପଞ୍ଚାକ୍ଷର ଜପ କଣ ଆଧୁନିକ ସଂସ୍କୃତି ? ଏକ ବିରାଟ ଶୂନ୍ୟତା ଏବଂ ପ୍ରାଣମୟ କୋଷରୁ ବସ୍ତୁମୟ ଭଣ୍ଡାର ଆମର ତଥାକଥିତ ସ୍ୱର୍ଗପୁରୀ ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ! ବି ସମରେନ୍ଦ୍ର ଆଜିର ବହୁ ଦୁର୍ବଳତାକୁ ଦେଖାଇଛନ୍ତି କି ? ଆମର ଗୋପନ ସତ୍ୟକୁ ଉଖାରିଛନ୍ତି କି ? ଆଉ ପରିବାର ନାହିଁ, ଏହା କଣ ମିଛ ? ତାଙ୍କ କାବ୍ୟପୁରୁଷ ଦୁଇଟି କବିତା ଉପରେ ଅଧିକ କେନ୍ଦ୍ରୀଭୂତ, ଗୋଟିଏ 'ଶବ୍ଦକୋଷ' ଅନ୍ୟଟି 'କବିତା ସାରା ଜୀବନ', ଦୁଇଟି ସାର୍ଥକ । ଶବ୍ଦ ହିଁ କବିର ଜୀବନ, ଭବିଷ୍ୟତର ପୁଞ୍ଜି, ଯଶ ବା ଅପଯଶର ନିଅଁ, ସାର୍ଥକତା ବା ପରାଜୟର ମାପକାଠି, କବି ଶବ୍ଦଗର୍ଭ । ଶବ୍ଦବାସ କବିର ଚେତନାଭୂମି । କହିଲେ ଯେ- ଶବ୍ଦ ଥାଏ ଓଁକାରର ଅୟମାରମ୍ଭରେ / ଶବ୍ଦ ଥାଏ ନିଃଶ୍ୱାସର ଅନ୍ତିମ ସ୍ପର୍ଶରେ / ଶବ୍ଦ ଥାଏ ସ୍ୱପ୍ନଙ୍କର ସ୍ୱୟଂବର ଓ କଳ୍ପନାଙ୍କ ସହବାସରେ । (ଶବ୍ଦକୋଷ) । ଓଁକାର, ନିଃଶ୍ୱାସ, ସ୍ୱୟଂବର, ସହବାସ- ଏହି ଚାରୋଟି ଆୟାମରୁ ଶବ୍ଦର ଗନ୍ତାଘର ଭେଦି ହୁଏ ସିନା ତାହାର କୌତୁକ ଓ କୋଳାହଳକୁ କେତେ ମନ୍ଥନ କରିହୁଏ ? "ଜାଣେନା ଶବ୍ଦହୀନତା / ଓ ଶବ୍ଦମୟତା ଭିତରେ ଫରକ / ଜାଣେନା ସେ ମୂକ କି ନିର୍ବାକ / ଯିଏ ସର୍ବାଙ୍ଗରେ ଘେରି ରହିଥାଏ । ମୋର ପ୍ରତିଟି ପଲକ । (ଶବ୍ଦକୋଷ) ଏ ଦ୍ୱନ୍ଦ୍ୱ କାହିଁକି ? କଣ ରହସ୍ୟ ? ସତରେ କବି ଶବ୍ଦାତୀକା ? ଅବଶ୍ୟ / ଯେଉଁଥିରୁ ଅର୍ଥ ପ୍ରତୀତି ଆସେ ତାହା ଶବ୍ଦ । ମାତ୍ର ଏତିକିରେ ଅର୍ଥ ସୀମିତ ହେଉଥିଲେ କଥା ସରନ୍ତା । ମାତ୍ର ତାହା ହୁଏ ନାହିଁ । ଶବ୍ଦାତୀକା ହିଁ ଯଥାର୍ଥରେ ଶବ୍ଦାତୀତ; ଉଭୟ ଅନିବାର୍ଯ୍ୟ, ବିଷ୍ଣୁ । ଏଣୁ 'ଗୈରିକ, ସ୍ୱର୍ଣ୍ଣ ବି ତାର / ଆତ୍ମିକ ଆତ୍ମିକ ।' (ଶବ୍ଦକୋଷ) ଶବ୍ଦ ରହସ୍ୟ ଶକ୍ତି ଭେଦ ସାମାନ୍ୟ କଥା ନୁହେଁ । ଶୁକ୍ଳ ଯଜୁର୍ବେଦ କହିବେ, 'ଶବ୍ଦାଡ଼ମ୍ବରାଘାତ', ଅର୍ଥାତ୍ ବଡ଼ ଆଡ଼ମ୍ବରର ମହୋତ୍ସବ, ଶବ୍ଦ ମହୋତ୍ସବ । କବିର ସାମଗ୍ରିକ ଚେତନ ଭୂମି ସେହି ଆଡ଼ମ୍ବରମୟ ଆଲୋକଧର୍ମୀ ସଂପଦରେ ସ୍ନାତ ହେବାକୁ ପଡ଼େ । ଯାସ୍କ ନିରୁକ୍ତରେ ଏହାର ପ୍ରଗୁଣ ଦର୍ଶାଇ କହିଲେ । ବ୍ୟାପ୍ତିମତ୍ତ୍ୱାତୁ

▼ ସମରେନ୍ଦ୍ରନାଥ ମହାପାତ୍ରଙ୍କ କବିତା ବହି 'ଟଙ୍କିକିଆ ମଣିଷ'




ଶବ୍ଦସ୍ୟାଣୀୟସ୍ତ୍ୱଚ୍ଚ ଶବ୍ଦେନ ସଂଜ୍ଞାକରଣଂ ବ୍ୟବହାରାର୍ଥଂ ଲୋକେ, ନିରୁକ୍ତ ୧/୨ । ଅର୍ଥାତ୍ ସଂସାରରେ ନିତିଦିନିଆ ବସ୍ତୁର ସୂଚନା ଦେବା ପାଇଁ ଶବ୍ଦ ବ୍ୟବହାର କରାଯାଏ, କାରଣ ଏହାର କ୍ଷେତ୍ର ବହୁ ବ୍ୟାପକ ତଥା ସୂକ୍ଷ୍ମ । ଜୀବନ ସଂସାର ହିଁ ଶବ୍ଦ ସଂସାର । ଲୋକ ବ୍ୟବହାର ସଂସାର । "ଅର୍ଥପ୍ରତୀତୟେ ଗୀତଃ ଶବ୍ଦ ଇତ୍ୟଭିଧୀୟତେ" ଭ୍ରମହ- କାବ୍ୟାଳଂକାର । କବି ସମରେନ୍ଦ୍ର ଏଇଠି ହିଁ ତାଙ୍କର 'ଶବ୍ଦକୋଷ'ର ଅନୁସଂଧାନ ଶେଷ କରୁଛନ୍ତି ଏବଂ ପୁଣି ଶେଷ କରୁଛନ୍ତି 'କବିତା ସାରା ଜୀବନ'ରେ- "ତଥାପି ପାଉନି ଖୋଜୁଥିବା ଶବ୍ଦଟିଏ ।" ଶବ୍ଦ ଅସହଜ ଏକ ଅନ୍ୱେଷଣ ବୃତ୍ତି । କବିତା ସେହି ଅସମାପ୍ତ ଅସହଜ ବୃତ୍ତିର ଶେଷ ଫଳ ବୋଲି ମଧ୍ୟ କହିହେବ ନାହିଁ, କବିତା ଶେଷ ହୁଏ ନାହିଁ, ଆରମ୍ଭ ଥାଇ ନଥାଏ ଅବଶେଷ । ଜୀବନର ଶେଷ ନାହିଁ, ବ୍ୟକ୍ତିର ଅଛି ଅନ୍ତିମା, କବିତା ଅନନ୍ତିମା । ସାରାଜୀବନ, ଯୋଉ କବିତାଟି ଲେଖୁଚି / ଜାଣେନା ସରିବକି ନାହିଁ / ସରିବା ପୂର୍ବରୁ ମୋର ଚାଲିବା ଏଇ ପୃଥିବୀରେ ।" (କବିତା ସାରା ଜୀବନ)

କବି ସିସିଫସ୍ । 'ସସେମିରା' । ଭାଗ୍ୟ ବହନ କରିବା ତାର ହୁଏତ ଧର୍ମ । ଯନ୍ତ୍ରଣାକ୍ତ ଦେହ, ଅସ୍ଥିର କାତର ବେଦନାର୍ତ୍ତ ଶରୀର । ତାହା ହିଁ ବାସ୍ତବ । ତାହା ବିନା ଉପଲବ୍ଧି ଅପ୍ରଚୁର । ସଂସ୍କାର ଅସମାପ୍ତ । କବିତା ଏଇ ଅସମାପ୍ତ ସଂସ୍କାରର ଭୂମି । ସମରେନ୍ଦ୍ର ଠିକ ବୁଝିଛନ୍ତି ଓ ଠିକ ବାଗରେ କହିଛନ୍ତି ସିସିଫସ ପରି ପଥର ଟେକିବା ହିଁ ନିୟତି, ସାଧନାର କର୍ମଭୂମି । ସେ ଭୂମି । ନ୍ୟାୟ ଦର୍ଶନରେ କୁହାଯାଉଛି "ଆପ୍ତୋପଦେଶଃ ଶବ୍ଦଃ" (ଅର୍ଥାତ ଯିଏ ପଦାର୍ଥର ଧର୍ମ ସାକ୍ଷାତ କରି ଯଥା ଅର୍ଥ ଜ୍ଞାପନ ଇଚ୍ଛା ହେତୁ ଉପଦେଶ ଦିଅନ୍ତି ସେ ଆପ୍ତ, ଅର୍ଥାତ୍ ଯଥାର୍ଥ ବକ୍ତା ।




◄ 'ଟଙ୍କିଆ ମଣିଷ'ର ସ୍ରଷ୍ଟାଙ୍କ ସୁଲଭ ହସ : ସପରିବାର କବି ସମରେନ୍ଦ୍ରନାଥ ମହାପାତ୍ର

ତାଙ୍କର ଉପଦେଶ ହେଉଛି ବାକ୍ୟ । ଏଥିରୁ ଶବ୍ଦବୋଧ ପ୍ରତୀତ ହୁଏ । କବି ଏହି ବକ୍ତାର ଧର୍ମ ହିଁ ପାଳନ କରିବେ । ତଦ୍‌ଭିନ୍ନ ତାଙ୍କର କର୍ମ ନାହିଁ । ଶବ୍ଦ ଅର୍ଥ ଜ୍ଞାପନ ନବ ରମ୍ୟଭକ୍ତି ବିଶାରଦ । ଶବ୍ଦାର୍ଥ ଜାଣିଲେ କବିତା ରଚନା କରିହୁଏ ନାହିଁ, ବା କବିତାର ରମ୍ୟତା ଶବ୍ଦାର୍ଥର ବାହ୍ୟାର୍ଥ ନିର୍ଭର ନୁହେଁ । ଅଧ୍ୟବସାୟ ଶାସ୍ତ୍ରଧନ ବାଙ୍ମୟ ଲୋଚନ ତିଆରି କରେ ଏବଂ ନବୀନ ଭକ୍ତିର ଛଟାରେ ଅଲୌକିକତା ରଚନା କରେ । ଏପରି କରିପାରିଲେ କବିପଣ ହୁଏ ଉତୀର୍ଣ୍ଣ ।

॥ ଦୁଇ ॥

କବିତାର ଭାଷା ପରୋକ୍ଷ ବୋଲି କୁହାଯାଏ । କବି ଭାବ ପରୋକ୍ଷ ପ୍ରେମୀ । ଅତୀତରେ ଆମ ଗ୍ରାମ-ସଂସ୍କୃତିର ସାଧାରଣ ନରନାରୀମାନେ ନିଜର ନିତ୍ୟ ସରଳ ଜୀବନ ବୋଧର ଅଭିଜ୍ଞତାରୁ ଗୋଟିଏ ଗୋଟିଏ ପଦ ମୌଖିକ ରୀତିରେ ବାଢ଼ି ଦେଉଥିଲେ । ସେ ସବୁକୁ ଆମେ ଛଟା, ଦାୟିକା, ନାଁଦିଆ ଆଦି ଭାବେ ଚିହ୍ନୁ ଓ ଜାଣୁ ଯେ ସଂସ୍କୃତିର ଏଇ ଅଭିନବ ଦିଗନ୍ତଟି କେତେ ଜୀବନ୍ତ ଓ ସରସ । ପରୋକ୍ଷପଣରେ ଥାଏ ଚିନ୍ତନ କ୍ଷେତ୍ରର ବଳଶାଳୀ ମାଧୁର୍ଯ୍ୟ, ଚେତନ କ୍ଷେତ୍ରର ସର୍ଜନଶୀଳ ଶକ୍ତି । ସର୍ଜନଶୀଳତା ସର୍ବତ୍ର ଲୋକୋତ୍ତର ଆହ୍ଲାଦ କାରିଣୀ ଓ ନବନବ ଭାବୋନ୍ମେଷର ଅପୂର୍ବ କାହାଣୀ । ଅତୀତର ପଦ୍ୟାତ୍ମକ ରୀତି ଛନ୍ଦ ନିର୍ଭର ଥିଲା । ସେଇ ଛନ୍ଦ ପ୍ରବୃତ୍ତି ଆଜିର କବିତାରେ ସୁପ୍ତ; ଅର୍ଥାତ୍ ପଦ ଶେଷରେ ଧ୍ୱନ୍ୟାତ୍ମକ ମିଳନ ପକ୍ଷପାତି ନୁହେଁ; କିନ୍ତୁ କବିତାର୍ଥ ସଂକୁଚିତ ଅବୟବରେ ଗତିଶୀଳ ହୋଇ ଗୋଟିଏ ସଂକ୍ଷିପ୍ତ ଅର୍ଥ ପ୍ରକଟ କରିଥାଏ । ଏହାର ଉଦାହରଣ ପାଠକେ ଦେଖିବାକୁ ପାଇବେ ସମରେନ୍ଦ୍ର ମହାପାତ୍ରଙ୍କର କବିତା ଗ୍ରନ୍ଥ 'ନାୟକ'ର ଭିନ୍ନ ଭିନ୍ନ କବିତାରେ । କେତୋଟି ଉଦାହରଣ ନିଆଯାଉ-

(୧) କବିତା 'ଛଦ୍ମବେଶୀ', ପ୍ରସଙ୍ଗ ବାରୁଦ, କ୍ଷୁଧା, ଅନ୍ଧ, ଖୋଳପା । ଏଇ ଚାରୋଟି ବସ୍ତୁର ଅନ୍ତରାଳରେ ନିଆଁ, ରକ୍ତ, ବଂଶୀ, ତୃଷା ଯଥାକ୍ରମ ଆତ୍ମଗୋପନ କରିଥାଏ । ଯେମିତି ଛଦ୍ମବେଶ ତାଳ ଲୁଚି ରହିଥାଏ ଅସଲ ଲୋକଟି ।

(୨) 'ମୃଗୟା'– ବନ୍ଧୁକ ଚାଳନାଦକ୍ଷ ମୃଗୟା ବିଶାରଦ ନିଷ୍କମ୍ପ, ଶିକାର ପିପାସାରୁ ମାଂସର ଫୁଲ ଝିଙ୍କିନେବା ପରି ସାମର୍ଥ୍ୟକୁ ନିଜର ଅହଙ୍କାର ମନେ କରିବା ସ୍ୱାଭାବିକ । ଶିକାରୀ ଅପରପକ୍ଷ ଜୀବର ଅହଙ୍କାର ବିରୋଧରେ ନିଜର ଲକ୍ଷ୍ୟ ସାଧନ ସମର୍ଥ ପୌରୁଷକୁ ନେଇ ଅନ୍ଧକାରର ଓଢ଼ଣି ତଳେ ବି ନିର୍ବିଘ୍ନ ଗତି କରିପାରେ ।

(୩) A Dream not Dreampt, କବିତାଟିଏ ମନେ ପଡୁଛି । ଯେଉଁ ସ୍ୱପ୍ନ ମଣିଷ ଚାହେଁ ଦେଖିବାକୁ, ତାହା ଆସେ ନାହିଁ । ଯାହା ଆସେ ମନସ୍ତତ୍ତ୍ୱବିଦ କହିବେ କେବେ ଥରେ ଅବଚେତନ ସ୍ତରରେ ତାହା ଉଙ୍କି ମାରିଥିଲା dreams are messages from the unconscious to the conscious. ଏହାକୁ ଧରି ମନସ୍ତତ୍ତ୍ୱବିତ୍ ମନର ଚାରୋଟି ପ୍ରକାର୍ଯ୍ୟ ସ୍ଥିର କରିଛନ୍ତି, ଯଥା....

Intellect

Sensation ⟵⟶ Intuition


Emotion

ସମରେନ୍ଦ୍ର ବାବୁ 'ସ୍ୱପ୍ନାବେଶ' କବିତାଟି ଲେଖିଲେ ଯେ ସ୍ୱପ୍ନର କଥାରେ । ତା ଲୋମଶ ଦେହର ଅନ୍ଧାରରେ / ମୁଁ ଡରି ଯାଉଚି / ଗୋଟାପଣେ ଥରୁଚି / ସ୍ୱପ୍ନ ସ୍ୱପ୍ନ ନୁହେଁ, ଅସ୍ଥିର ମନର ଭାବପ୍ରକାଶ । ମନରେ କେଉଁ ଅତଳ ଗହ୍ୱର ଭୟଙ୍କର ବାଘ ଭାଲୁ ସିଂହଙ୍କ ବାସସ୍ଥାନ । ତାହା ଅଲକ୍ଷ୍ୟରେ ଆମର ଭାବାବେଗରେ ଆତ୍ମପ୍ରକାଶ କରେ, ଅଧିର କରେ, ମନର ସବୁ ବୌଦ୍ଧିକ ସ୍ଥିତିକୁ ଦୋହରାଇ ଦୋହରାଇ ଆଚ୍ଛନ୍ନ କରେ । ସେଇ ଅବସ୍ଥାରେ ବୀଜପତ୍ର ପରି ଆଉ କଅଁଳି ପାରେନା ଭିନ୍ନ କିଛି ଭୋଗ ବା ଯନ୍ତ୍ରଣାର ଫୁଲ ।

(୪) 'ସକାଳ' – ସ୍ୱପ୍ନବିତ୍‌ମାନେ କହନ୍ତି 'ସକାଳ ହିଁ ଯୁବକ', ଅର୍ଥାତ୍ ଗତ ଦିନର ଦର୍ପଣ ଉପରୁ ଧୂଳି ଝାଡ଼ି ହୋଇଯାଏ ଓ ଆଉ ଏକ ସଂଭାବନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ । "ରାଶି ରାଶି କ୍ଲାନ୍ତି ପୋଛି / ନରମ ରୁମାଲ ପରି / ମୁଁ ବଂଚିଛି, ଜୀବନକୁ / ଡଙ୍ଗା ଭଳି ଭସେଇ ଲୁହରେ / ସକାଳ ଆସୁଛି ମୋର / ପ୍ରତାରଣାହୀନ ଆତ୍ମପ୍ରତ୍ୟୟରେ / ସକାଳ ପ୍ରତାରଣା କରେ ନାହିଁ, ଯେପରି ଗତ ରାତିରେ ମୁହୂର୍ତ୍ତ ଗୁଡ଼ିକ ଥିଲା ପ୍ରତାରଣା ପରି ।"

(୫) କବିତା, ବିଶେଷତଃ ଆଜିର ଲେଖା ଅସଂଲଗ୍ନ ଚିନ୍ତାରାଜିର ଦର୍ପଣ । ଦିନ ଥିଲା କବି ଭିତରେ ସାମାଜିକ ବିଭବଗୁଡ଼ିକ ମେଳି ହୋଇ ଯେପରି ଗୋଟିଏ ସ୍ରୋତର ଆବେଗ ରୂପେ ଆସୁଥିଲେ କବି ପାଖକୁ । ପଦ୍ୟମୟତାରେ ଭରି ଦେଉଥିଲେ କବିର ଆହ୍ଲାଦମୟ ଚେତନା ଜଗତକୁ । ପଦର ଧାଡ଼ି ଧାଡ଼ି ଫୁଲ ଭିତରେ ଅସଂଲଗ୍ନ ଭାବ ଗୋଟିଏ ହେବ ତ ରୂପ ନେଇ ରସାଳ ହୋଇ ଉଠୁଥିଲା । ମାତ୍ର କବିତାର ଯୁଗ ଆସିଲା, ପଦର ବନ୍ଧ ଖୋଲିଗଲା; ସଂହତି ହଟିଗଲା । ଏବେ ସବୁ ଅସଂହତ, ଅସଂଲଗ୍ନ; ଚିନ୍ତା ପରି ଭାବ ବିକ୍ଷିପ୍ତ । ସମରେନ୍ଦ୍ର ବାବୁଙ୍କ କବିତା ଏଇ ରୀତିର, ଅନ୍ୟ ଅନେକଙ୍କ ପରି । ତେବେ ଆଜିର ବହୁ କବିଙ୍କ ପରି ସେ ରସର କବିତା ଲେଖିବେ ନାହିଁ, ରୂପର କବିତା ପ୍ରତି ଟାଣି ହେବେ, ହୋଇଛନ୍ତି । ତେବେ ଏଇ ରସ ଓ ରୂପଟି କଣ ? ରସ ଆହ୍ଲାଦକ । ରୂପ ଆଂଗିକମୟ । କବିତାର ଶରୀର ନାନା ଶାବ୍ଦିକ କାରୁକାର୍ଯ୍ୟ ମଣ୍ଡିତ । ଚିନ୍ତା କୁଆଡ଼େ, ଅଭିଜ୍ଞତା ଅନ୍ୟ ଆଡ଼େ, କବିତାର ପଙ୍କ୍ତି ବଳ କଷୁଛି ଶାବ୍ଦିକ ରୂପକାନ୍ତିର ଆଡ଼ମ୍ବରରେ । ସେ ସବୁ ପ୍ରତୀକ ବା ଚିତ୍ରକଳ୍ପ ଦର୍ପଣରେ ଝଲି ଉଠୁଛି । କବି ପାଠକକୁ ବାଧ୍ୟ କରୁଛି ତାର ବିଚ୍ଛିନ୍ନ ବା ଖଣ୍ଡିଆଖଣ୍ଡିଆ ଭାବ ପାଖକୁ ଦର୍ପ ସହିତ ଆଗେଇବା ପାଇଁ । କବିର ଅହଂକାର ସୂର୍ଯ୍ୟପରି ଜଳି ଉଠେ ଚିନ୍ତାକୁ ରୂପକଚ୍ଛାଶ୍ରିତ କରିବାରେ । ପାଠକ ସେଇଟିକୁ ବୁଝିଲେ କବିର ବିଚ୍ଛିନ୍ନ ଚିନ୍ତାକୁ କାଚ ଟ୍ୟୁବ୍‌ରେ ପ୍ରଜାପତି ପୁରାଇବା ପରି ଏକ ଦୁଃସାଧ୍ୟ ବ୍ରତ ପାଳନ କରିବା ପରି ମନେକରେ । 'ନାୟକ' କବିତା ଗ୍ରନ୍ଥ ଅତୀତରେ ରୋମାଞ୍ଚ, ରୋମାଣ୍ଟିକ ଆବେଗରେ ଅତି ଉଗ୍ର । ଯେପରି, କାଦମ୍ବିନୀକୁ, ନିର୍ବାସନଠୁ ନିର୍ବାଣ ଯାଏଁ, ପୌରୁଷ ପରି କେତୋଟି କବିତା । "ତମର ଶତ ପ୍ରତାରଣାକୁ / ଭାଙ୍ଗିଦେବି / ଦଂଶନ ସବୁକୁ ଚୁମିନେବି, ନୀଳକଣ୍ଠ ପରି / ଶୋଷିଯିବି ଦୁଃଖଦ ଜ୍ୱାଳାକୁ ।" "ମୋ' ଛାତିକୁ ଚିରି ଦେଉଥିବା ତମର / ଶବ୍ଦର ଶରମାନଙ୍କୁ / ଜାବୁଡ଼ି ଧରି / ରକ୍ତରେ / ଜୁବୁବୁବୁ ହେବି ପଛେ / ପାଦ ବଢ଼ାଇଚି ତ /ଆଉ ଫେରିବିନି / ଜମା ଫେରିବିନି ।" ସଂକ୍ଷିପ୍ତ କବିତା; ଭାବଟି ମୂହ୍ୟାକାରରେ ଅପ୍ରମିତ । ପ୍ରମିତ କିନ୍ତୁ ଭାବର ପସରା । ପୌରୁଷର ଏଇ ଉଦ୍ଦଣ୍ଡ ଗୁଣ ଅତି ଚମତ୍କାର ରୂପ ନେଇଛି । ନୀଳକଣ୍ଠ ପରି ଉପମା ଭିତରେ । କହିବେ ଆଧୁନିକ ସମାଲୋଚକ ନୀଳକଣ୍ଠ ମିଥର ଆୟୋଗ ଭିତରେ

▼ ସମରେନ୍ଦ୍ରନାଥ ମହାପାତ୍ରଙ୍କ ହାତରେ 'ଟଙ୍କିକିଆ ମଣିଷ'



ଅବତରି ଆସିଛି ପୁରାଣର ବିଷଭକ୍ଷ ସମ୍ବାଦ ।

(୬) ଏଇଠୁ ଆଗେ ଗୋଟିଏ ସୂତ୍ର ପାଇବା । ରୂପର କବିତା ନାମରେ ଆଧୁନିକ କବିତାର ମନ୍ତ୍ର କବିତା ସଂଦୀପ୍ତ ହେଉଛି ରୂପକଳ୍ପ ଭିତରେ । ସମରେନ୍ଦ୍ର ବଡ଼ କୃପଣ ରୂପକଳ୍ପ ବିଧାନରେ । ମାତ୍ର ଯେତେଟି ଭାବନାର ଦ୍ୱାରାଘାତ କରିଛି ସେସବୁ ତତ୍କାଳିକ ଅନୁଭୂତିକୁ ସାନ୍ଦ୍ରତା ଦେଇଛି । ଯେପରି:

(କ) ସକାଳ ସଞ୍ଜ ମହଲଣେ / ସୋରିଷ ଫୁଲିଆ କ୍ଷେତର / ଶୀତ ପରି ବତୁରି ଯାଏ / ମୋ ଛାତି ତଳେ । ଖାସ୍ ତମ ପାଇଁ ।

(ଖ) ମୃତ ପ୍ରେମିକା ମୋର / ଜହ୍ନରାତି ପରି ଧଳା / ଶାଢ଼ିପିନ୍ଧି କେବେ ଆସେ ସ୍ୱପ୍ନରେ / ମୃତ ପ୍ରେମିକ ମୋର ।

ଜହ୍ନପକ୍ଷ ରାତିରେ ଧଳା ଶାଢ଼ି ପିନ୍ଧି ଅଭିସାରିକା ଅଭିସାର ସ୍ଥଳକୁ ଯାଏ ବୋଲି ତାହାକୁ ଶାସ୍ତ୍ର ଶୁକ୍ଳାଭିସାର ବୋଲି କହିଛି । ଏବେ କବି ସମରେନ୍ଦ୍ର ମୃତ ପ୍ରେମିକାକୁ ଶୁକ୍ଳାଭିସାରିକା ନାୟିକା ରୂପରେ ଦେଖୁଛନ୍ତି । ସ୍ୱପ୍ନର ଜଗତ ତିମିରାନ୍ଧମୟ । ତା ଭିତରେ ଶୁକ୍ଳାଭିସାର କଥାଟି ବେଶ୍ ରୋମାଣ୍ଟିକ ।

(ଗ) ଫୁଲର ନରମ ପାପୁଡ଼ା ପରି / ପ୍ରିୟ ମୋର ମାଟିର ସହର । ଏବଂ ଦିନରାତି ସାରା ସ୍ୱପ୍ନ / ବାୟାପକ୍ଷୀ ବସା ପରି ଝୁଲନ୍ତ ଜୀବନ । ନିଜସ୍ୱ ସଂଳାପ । ଝୁଲନ୍ତ ଜୀବନ ବାୟାପକ୍ଷୀର ବସା ପରି । ଗୋଟିଏ ପକ୍ଷରେ ବସା ନିର୍ଭରତାର ଅନ୍ୟ ପକ୍ଷରେ ଝୁଲନ୍ତ ଅବସ୍ଥା- ବଡ଼ ଅସ୍ଥିରତାର ଭାବ ଆଣେ ।

(ଘ) ଶୀତ ସକାଳର କୁହୁଡ଼ି ପରି / ତମର ସ୍ମୃତିସବୁ ମିଳେଇ ଯାଉଚି । ସନ୍ନ୍ୟାସ ।

(ଙ) ନାଚିବାକୁ ଆସିଚି ତ / ଥେଇ ଥେଇ ନାଚିବି ଖଣ୍ଡିଆ ଭୂତ ପରି । ନର୍କାରୋହଣ ।

ନରକରେ ନାହିଁ ସ୍ୱାଧୀନତା । ସେଇଠି ନାଚିବା ଖଣ୍ଡିଆ ଭୂତର ନାଚ ପରି । ପ୍ରସଙ୍ଗତଃ, ଖଣ୍ଡିଆ ଭୂତ ଶୁଷ୍କ ଶୂନ୍ୟସ୍ଥାନରେ ଆକସ୍ମିକ ଆତ୍ମପ୍ରକାଶ କରେ । ନରକରେ ପୃଥ୍ୱୀବାସୀର ପରିଚୟ ଏହାଠାରୁ ଭିନ୍ନ ନୁହେଁ ।

(ଚ) ମୋର ପରାଜିତ ପୌରୁଷ / ଉପେକ୍ଷିତ ଅନୁରାଗ ପ୍ଲାଷ୍ଟିକ ଫୁଲ ପରି । ନିତ୍ୟ ନିୟମିତ ।

ପ୍ଲାଷ୍ଟିକ ଫୁଲ ସରସତାହୀନ, ଔଜ୍ଜ୍ୱଲ୍ୟ ଦମିତ । ସେହିପରି ପରାଜିତ ପୌରୁଷ । ଚିତ୍ରକଳ୍ପ କବିତାକୁ ଏକ ନିର୍ଦ୍ଦିଷ୍ଟ ଅବବୋଧ ଦିଏ, ଭାବ ପରିସରକୁ କରେ ସଂକ୍ଷିପ୍ତ । କଳାତ୍ମକତାର ଏଇ ପୋଷାକ ପିନ୍ଧି କବି ନିଜର ଭାବଜଗତର ଝୁଲା ମୁଣି ପାଠକ ଆଗରେ ଝାଡ଼ିଦିଏ । ଅର୍ଥାତ୍ ଆଉ 'ମୋର କିଛି ନାହିଁ', ଆପଣ ମହାପ୍ରୁ ଏତିକିରେ ଶାନ୍ତ ହୁଅନ୍ତୁ ।

**॥ ତିନ୍ ॥**

ଏବେ 'ଟଙ୍କିକିଆ ମଣିଷ' । ଆଦୌ ବିସ୍ମୟର କଥା ନୁହେଁ, ସମରେନ୍ଦ୍ର ବାବୁ ଏପରି ଏକ ଅଭିଧା ଖଞ୍ଜିବାରେ ମଣିଷ ପଛରେ, ବସ୍ତୁତଃ ଏକ ବିଶେଷଣ ଭାବେ । ଶତାବ୍ଦୀର ପର୍ଯ୍ୟାପ୍ତ ସମଭିବ୍ୟାହାର ପୃଷ୍ଠଭୂମିରେ ମଣିଷର ଏହିପରି ବିଶେଷଣ ଚକିତ କରିପାରେ ନାହିଁ । ଏଇ ବିଶେଷଣରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ଟଙ୍କିକିଆ ମଣିଷ କଣ ବୁଝିପାରେ ଦେଶ ଓ ବିଶ୍ୱର କଥା । ପେଟ ଚାଖଣ୍ଡ ଚାରିପାଖରେ ସେ ଗଢ଼ିଥିବା ଆଉ କେଇଟି ପ୍ରାଣୀ ପାଇଁ ସେ ହୋଇଯାଏ ଲହୁଲୁହାଣ । "ମନୁଷ୍ୟଃ କୁରୁତେ ତତ୍ତୁ ଯନ୍ନଂ ଶକ୍ୟଂ ସୁରାସୁରୈଃ" ସୁରାସୁର କରି ପାରୁନଥିବା କାମଟି ମଣିଷ କରିପାରେ ବୋଲି ଦିନେ ମାର୍କଣ୍ଡେୟ କହିଥିଲେ, ଏବେ ସେ ମଣିଷ ପେଟଚାଖଣ୍ଡ ପାଇଁ କେତେକେତେ ସଂଗ୍ରାମ କରୁନାହିଁ ! କଣ ଏଇଥିପାଇଁ ଯେ ଶାସ୍ତ୍ର ମଣିଷର କରଣି ଉପରେ ବିଶ୍ୱାସ କରେ ବୋଲି ? ପ୍ରକୃତିର ଦୃଶ୍ୟ ସୁନ୍ଦର କିନ୍ତୁ ମଣିଷର ପ୍ରକୃତି ସୁନ୍ଦରତର । ଏହି ସୌନ୍ଦର୍ଯ୍ୟ, ଯେ ସେ ନିଜକୁ ବିନିମୟ କରିପାରେ । ମଣିଷ ଭୋଗେ, କିନ୍ତୁ ସେଇ ଭୋଗିବା ଭିତରେ ସେ କରିପାରେ ସମନ୍ୱୟ । ଏହି ସମନ୍ୱୟ ପ୍ରକୃତି ସହିତ ଓ ଚାରିପାଖର ମଣିଷ ସହିତ । ଏଇଟି ମାର୍କସ୍‌ବାଦୀ ତତ୍ତ୍ୱରେ 'Self Mediating' ବ୍ୟାପାର କୁହାଯାଏ । ଅର୍ଥାତ୍ ଦୁଃଖ ଓ ତତ୍‌ଚାଳିତ ଲଢ଼େଇ କରି ମଣିଷ ଆତ୍ମସମୀକ୍ଷା କରେ; ଆତ୍ମ ସଂଗଠନ ପ୍ରକ୍ରିୟା ଭିତରେ ସେ ପ୍ରକୃତିର ଜୀବ ହେତୁ ନିଜ ଚାହିଦାର ମୂଲ୍ୟାଙ୍କନ କରେ ।

"କହିବ କି ବାବୁ / କୋଉ କାମକୁ ତମର ନ ହୋଇଛି ଭାଜନ ?/ ନଳା ନର୍ଦ୍ଦମାଠଉଁ ପାଣିବୁହା / ପୁଅର ବ୍ରତଠଉଁ ଝୁଅ ବାହା / ଘର ମରାମତିଠଉଁ କୋର୍ଟରେ ସାକ୍ଷୀଦିଆ / କୋଉଥିରେ ବା ନ ଲଗେଇଚ ଆମକୁ !" **(ଟଙ୍କିକିଆ ମଣିଷ)** ଏଇ ଖେଦୋକ୍ତି ଏକ ଅସମ ସମାଜର ଇତିହାସ; ଯେଉଁଟି ଦୀର୍ଘ ସଭ୍ୟତାର ପଥରେ ଅଶୁଳ ଏବଂ ଅବ୍ୟାହତ । ଅନ୍ୟ ନାମ ଏଇ ଇତିହାସର, ଭୋକ । ଭୋକର ପଛରେ ଅସମାନତା ହେଉଛି ସାମାଜିକ ଲକ୍ଷଣର ଗୋଟିଏ ଛବି । ଗଣତନ୍ତ୍ରର ଶାସନ, ବେଳେବେଳେ ଅନୁଭୂତ ହୁଏ ରାଜତନ୍ତ୍ର ବା ସାମରିକତନ୍ତ୍ର ଠାରୁ ବଳି ଏକ ଅଭିଶାପ । କାରଣ ଗଣତନ୍ତ୍ରରେ ଛଳନା ଅଧିକ । ପ୍ରତ୍ୟେକ ପାଞ୍ଚବର୍ଷରେ ଭୋଟ ବେଳେ ନିରୀହ ଅର୍ଥହୀନ ଲୋକର ଘର ନେତାର ସ୍ୱର୍ଗଭୂମି ବୋଲି ଘୋଷିତ ହୁଏ । ଶାଗ ପଖାଳକୁ ମହାପ୍ରସାଦ ପରି ତୃପ୍ତିର ଅଖଣ୍ଡ ସଂପଦ ବୋଲି ଘୋଷଣା କରାଯାଏ । ଭାରତୀୟ ଗଣତନ୍ତ୍ର ଅପ୍ରତିହତ ବିକାଶ ମାର୍ଗରେ ଗତି କରିପାରୁନାହିଁ ବୋଲି ଯାହା ଅଭିଯୋଗ ହୁଏ ତାର ମୂଳ ନିଦାନ ରାଜନୀତିକ ବା କ୍ଷମତାକେନ୍ଦ୍ର ଠାରୁ ଦୂରବର୍ତ୍ତୀ ଅଂଚଳରେ ସ୍ପଷ୍ଟ । ଏହାର ଅର୍ଥ ଶାସନ କେନ୍ଦ୍ର ପରିଧିସ୍ଥ ଉପଭୋକ୍ତାଙ୍କ ପାଖରେ ପହଂଚିବା ସଂଭବ ହେଉ ନାହିଁ । ଫଳରେ କେନ୍ଦ୍ରର ଆକର୍ଷଣୀ ଶକ୍ତି ଉପରେ ଅବିଶ୍ୱାସ ବଢୁଛି ।

ସ୍ୱାଧୀନ ଦେଶର ଜନପ୍ରଜା ଭୋକରେ ମରିବା ଆଦୌ ବିଚିତ୍ର ଘଟଣା ନୁହେଁ, ତାର କାରଣ ଖୋଜା ପାଇଁ କମିଶନ ବସେ ଯାର ଫଳ କେବେ ବାହାରି ପାରେ ନାହିଁ । କମିଶନ ପ୍ରବଣ ଶାସନତନ୍ତ୍ର ଗଣତାନ୍ତ୍ରିକ ପଦ୍ଧତିର ଗୋଟିଏ ବଡ଼ ଆତ୍ମରକ୍ଷା କୌଶଳ । କ୍ଷମତାନ୍ଧ ଶାସକଦଳର ଏଇଟି ଲକ୍ଷଣ ଓ ଜନ ଅସନ୍ତୋଷକୁ ଚପାଇବାର ଗଣତାନ୍ତ୍ରିକ ପଦକ୍ଷେପ । ଦେଶଜନ ଏହି ଆଚରଣରେ ଗୋଟିଏ ପଦ ଭାଗ୍ୟର ନିର୍ଦ୍ଦେଶ ବୋଲି ଘୋଷି ହେଉଥାଏ, ଯେ, 'ଭୋକରେ ଜନମ, ଭୋକରେ ମରଣ' । ଭୋକ ସହିବା ଠାରୁ ଅନ୍ୟ ବଡ଼ ସହନୀୟ ବିଷୟ ନାହିଁ, କିନ୍ତୁ ଯିଏ ମଣିଷକୁ ଭୋକରେ ରଖେ ତାଠାରୁ ବଡ଼ ପାପୀ ଅପକର୍ମୀ ମଣିଷ କେହି ନାହିଁ । ସଭ୍ୟ ମଣିଷର ଏପରି ଆଚରଣ ସଭ୍ୟତାର ମାନଦଣ୍ଡରେ ଇତିହାସର ନିର୍ମମ ତମ ସଂସ୍କୃତି । ମଣିଷ ସଭ୍ୟତା ବଢ଼ିଛି । ତାର ପ୍ରତିମାନ ସ୍ୱରୂପ ନଭଶ୍ଚୁମ୍ବୀ ଅଟ୍ଟାଳିକା ମୁଣ୍ଡ ଟେକିଛି; କିନ୍ତୁ ଯିଏ ଏହି ମୁଣ୍ଡଟେକା ଅଟ୍ଟାଳିକା ପାଇଁ ରକତ ନିଗାଡ଼ିଲା ସେ ଛାଇ ଟିକେ ପାଇବାରୁ ହେଲା ବଞ୍ଚିତ । ଭୋକ ଧରି ଛାଡ଼ିଥିଲେ ଭିଟାମାଟି, ଭୋକ ଧରିକି ଫେରିଲେ ମଧ୍ୟ (ଭୋକ ପାଇଁ ପଦେ କବିତା) । ନଦୀ ମାତୃକା ସଚରାଚର ମା'; ତାର ପାଣିରେ ଅଧିକାର ଯେପରି ଧନୀର ସେହିପରି ମଧ୍ୟ ଗରିବର; ସର୍ବପିପାସା ପୂର୍ଣ୍ଣହା । ମାତ୍ର ବାସ୍ତବରେ ଜଳ କଟକଣା ସବୁଠି ଅପ୍ରତିହତ; ଖାଦ୍ୟ ଦିନେ

କ୍ଷୁଧାର ସେବକ ଥିଲା; ଏବେ ତା ସହ ମିଶିଛି ଜଳ । କବି କଣ କରିବେ ? ପ୍ରତିସ୍ୱର କିପରି ହେବ ତାଙ୍କର ? ଗରିବ ଠୁ ଜମି ନେଲେ କଳକାରଖାନା ନାମରେ, ଜଙ୍ଗଲ କାଟିଲେ, କାରଖାନା ପାଇଁ ନଇ ନାଳରେ ପାଣି ବନ୍ଧାହେଲା । ମହାନଦୀ ବିକ୍ରିହେଲା । ଗରିବ ଦୁଆରଦେଇ ବହି ଯାଉଥିବା ନଦୀର ପେଟ ଶୁଖିଗଲା; କୁହାଗଲା ତାର ପାଣିରେ ନାହିଁ ତୁମର ଅଧିକାର । କବି ଏଇ ଦାରୁଣ ସମସ୍ୟା ଚିତ୍ରର ଅପରପକ୍ଷରେ ଚିହାଉଛନ୍ତି: "ଆମେ ଧରିବୁନି କେମିତି / ବାଡ଼ି ଓ ବନ୍ଧୁକ / ମାରିବୁନି କାହିଁକି / ତୁମ ପରି ରକ୍ତପୋଷୀ ପୋକ", (ସାଆନ୍ତେ) ମାତ୍ର ଏ କଥାରେ କେତେ ଅଛି ଜୋର୍ ? ଲଢ଼େଇ ପାଇଁ ଦରକାର ସମାଜ ସଚେତନତା ମୂଳକ ରାଜନୀତିକ ଶିକ୍ଷା ଓ ଗଣ ସଂଗଠନ ଏବଂ ଗୋଟିଏ ସର୍ବହରା ଦଳ । ରାଜନୀତିକ ଶିକ୍ଷା ପାଇଁ ଶ୍ରେଣୀବିଭକ୍ତ ସମାଜର ଦ୍ୱନ୍ଦ୍ୱ ଓ ତାହାକୁ ଚିହ୍ନି ଚିହ୍ନାଇବାର କୌଶଳ ଅନିବାର୍ଯ୍ୟ । ଲଢ଼େଇପ୍ରିୟ ରାଜନୀତିକ ସଂଗଠନ ଆମ ଦେଶରେ ନାହିଁ ବା ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ନାମକୁ ମାତ୍ର ପରିଚୟ ଦେଇ ବଂଚିଛି । ଶାସନର ପ୍ରତ୍ୟେକ ସ୍ତର କ୍ଷମତା ଓ ବ୍ୟକ୍ତିସ୍ୱାର୍ଥାନ୍ଧ ମାନଙ୍କର କୋଳାହଳରେ ପରିପୂର୍ଣ୍ଣ । ଏପରି ଏକ ସମୟ ସଂକଟଗ୍ରସ୍ତ; ବସ୍ତୁତଃ କବି ଓ ସମାଜ ସଚେତନ ବ୍ୟକ୍ତିମାନଙ୍କ ପକ୍ଷରେ ବିକଳ୍ପ ସଂଧାନର କାଳ । ଦୁର୍ଭାଗ୍ୟ, ସେପରି ଏକ ସମୟ କେବେ ଆସିବ ନାହିଁ, ଯଦି ଶିକ୍ଷିତ ଶ୍ରେଣୀର ରାଜନୀତିକ ଶିକ୍ଷା ପର୍ଯ୍ୟାପ୍ତ ନହୁଏ ।

କବିତା ବିଚ୍ଛିନ୍ନ ମନୋଗ୍ରହର ଉଚ୍ଚାରଣ, ବିକ୍ଷିପ୍ତ ଚିନ୍ତାର ସମାହାର; ସର୍ବତ୍ର, ସଦାବେଳେ । ଏଣୁ ବିବିଧଫୁଲର ହାର ପରି ଏକ ସ୍ୱତନ୍ତ୍ର ରୂପ ଥାଏ । ଉପରେ କହିଛି କବିତାର ରୂପ ତାର ଆଙ୍ଗିକକୁ ଧରି; ଭାବ ଏଇଠି ଦ୍ୱିତୀୟ ଶ୍ରେଣୀର ଚଉକି । କବି ପ୍ରଜାପତି ପରି ଚଉକିଡିଆଁ ଫୁଲ ସେବା କରିବାକୁ ବାଧ୍ୟ । 'ଟଙ୍କିଆ ମଣିଷ', ଶୁଣିବାକୁ ଭଲ, ବାସ୍ତବତାର ନିର୍ମୋକ ଖୋଲା ଏକ ବର୍ଣ୍ଣନା । କବିତା ଗ୍ରନ୍ଥରେ ଗ୍ରନ୍ଥିତ ଦୁଇଟି କବିତା ମନକୁ ଛୁଇଁଛି, 'ବୁଢ଼ାବଳଦ' ଓ 'ବୁଦ୍ଧିଜୀବୀ' । କରୋନା କାଳରେ ସବୁଠି ତାଲା ଅବସ୍ଥାରେ ବୁଦ୍ଧିଜୀବୀ ବୁଢ଼ା, ଯିଏ ଦିନେ ସଭାସମିତିରେ କାଟୁଥିଲେ, ଜୀବନ, ଏବେ ନିଃସଂଗ, ପୁଅଝିଅ ବିଦେଶରେ; ଏକାକୀତ୍ୱକୁ ଆଜିର ବିରାଟ ସଂକଟ ମନେ କରୁଥିବା କେହି ବ୍ୟକ୍ତି କଣ କରିବେ ? ଅପରପକ୍ଷରେ 'ବୁଢ଼ାବଳଦ' ହେଉଛି ବୟସ୍କ ଘରୁଆ, ଯତ୍ସାମାନ୍ୟ ପେନ୍ସନ୍ ଭୋଗୀ । ସ୍ତ୍ରୀ ରୋଗିଣି, ପୁଅବୋହୂ ଚାକିରିରେ ବାହେଲ୍ । ବୁଢ଼ା କଣ କରିବେ ? ଲୁଗାପଟା ଇସ୍ତିରି କରିବେ, ଟା କରି ଖଟରେ ଦେବେ ପୁଅବୋହୂକୁ, ଇତ୍ୟାଦି । ଏ କଥାରେ ଅସୁବିଧା କେଉଁଠି; ଏଇଟି କଣ ସମସ୍ୟା ? କବି ଲେଖନୀ ଉପଲବ୍ଧିର ମାଧ୍ୟମ । ଜୀବନର ତ୍ରାସ କବି ଭୋଗ କରେ ନାହିଁ, ଉପଲବ୍ଧି କରେ ଓ ସେହି ବୋଧ ଭିତରେ ପ୍ରତିଫଳିତ ଦୁଃଖ; ହେଉ ପଛେ ତାହା ଏକ ବ୍ୟକ୍ତିର କାହାଣୀ, ବ୍ୟକ୍ତି ତ ଜଣେ ପ୍ରତିନିଧି । ମନୁଷ୍ୟ ମାତ୍ରେ ମୂର୍ତ୍ତିମାନ ବିରୋଧାଭାସ, ଅସଙ୍ଗତିର ବିଡ଼ା । ବାର୍ଦ୍ଧକ୍ୟରେ ସଂସାର ଜଂଜାଳକୁ ଆମ ସମାଜ ସ୍ୱୀକାର କରେନାହିଁ, କାରଣ ଜୀବନସାରା ଖଟଣି ଓ କର୍ତ୍ତବ୍ୟର ଖୁଣ୍ଟରେ ଯୋଚା ବ୍ୟକ୍ତିଟି ଚାହେଁ ସୁସ୍ଥି, ଆରାମ । ସମାଜବ୍ୟବସ୍ଥାନୁରୂପ ବ୍ୟକ୍ତିର କର୍ମ । କିନ୍ତୁ କବି ତ ଚେତନାଭୋଗୀ । ତାଙ୍କର ଚେତନାଟି ସମାଜ ବିଚ୍ଛିନ୍ନ ହେବା ଦୁଷ୍କର । ତେଣୁ ସେ ଭୋଗନ୍ତି; ବର୍ଣ୍ଣିତ ଚରିତ୍ରଟି ତାଙ୍କର ପ୍ରତିନିଧି । ୱାର୍ଡ୍ସୱାର୍ଥ କଣ୍ଠରେ ଶୁଣନ୍ତୁ–

"Have I not reason to lament / what man has made of man?" ମୁଁ କଣ କ୍ଷୁନ୍ନ ହେବି ନାହିଁ, ମଣିଷ ମଣିଷକୁ କିପରି କରି ରଖିଛି କଥାଟିରେ ?

'ମୁଁ ଗରିବ ଘରର ସୁନା / ମତେ ସ୍ୱପ୍ନର ଦେଖିବା ମନା' 'ମୁଁ ଗରିବ ଘରର ସୁନା' କବିତା, ନିଖିଳ ପ୍ରାଣର ସ୍ୱପ୍ନଭଙ୍ଗା କାହାଣୀର ପ୍ରତିନିଧି; ଜନମିଛୁ ଯଦି ଗରିବ ଘରେ– "ମାଜିପକା ବାସନକୁସନ ଧୋଇପକା ଲୁଗାପଟା / ଝଅଟ ଗାଧୋଇ ପଡ଼ି ପଡ଼ିଶା ହାଣ୍ଡିଶାଳରେ / ଚୁଲି ହୋଇ ଜଳିଯା / ଭାତ ହେଇ ଫୁଟିଯା / ପେଜ ହେଇ ଗଳିଜା ନାଳରେ, ନର୍ଦ୍ଦମାରେ / ଲାଲ୍ପରୀ ହେଇ ପାରିବୁନି ତୁ ଆକାଶରେ ।" ତୋର ନାହିଁ ସ୍ୱପ୍ନ, ଗେହ୍ଲା ହେବାର ଅଧିକାର । ନାହିଁ ଡେଣା ମେଲି ଉଡ଼ିବାର ଅଧିକାର, "ତୁ ବୁଲି ପାରିବୁନି ବାସ୍ନାର ବଗିଚାରେ ।"

କାଳ ସଂତ୍ରସ୍ତ; ଜୀବନ ଆହତ; ସ୍ୱପ୍ନ ପରାସ୍ତ: ବସ୍ତୁତଃ ମଣିଷ ବାମନ । ଉଚ୍ଚ ଉଚ୍ଚ ଆଶା, ଲମ୍ବା ସ୍ୱପ୍ନ, ଚଉଡ଼ା ସାହସ, ମୋଟାମୋଟା ଅହଂକାର ଭିତରେ ବଢୁଥିବା

▼ କନ୍ୟା ରନ୍ ସହିତ କବି ସମରେନ୍ଦ୍ର



ଗୋଟିଏ ମଣିଷ ସମାଜ ଆତ୍ମଭୋଗ ପିପାସାଜର୍ଜର । ଏଇ ବାସ୍ତବ ଚିତ୍ର, ଅନ୍ୟ ଜଣକୁ କରିପାରେ କି ସେପରି ଜୀବନ ପାଇଁ ଉତ୍ସାହିତ ? ବାମନ ବିଚରା କ୍ଷୋଭରେ କାଟେ କାଳ । ସୋମନେ ଯଶ ହରାଇଲେ ହତାଶ ହୁଅନ୍ତି, ଅଥଚ ସବୁଆଡୁ ନିରାଶ ମଣିଷର ଭାଗ୍ୟ ହିଁ ବାମନ ହୋଇ ରହିବା । ବାମନ କାୟିକ ଅଂଶ ସଂକ୍ଷିପ୍ତି ନୁହେଁ; ଆଶା ଭଙ୍ଗର ମଣିଷ ହିଁ ବାମନ । ବାମନ ମଣିଷ ହୁଏ ନାହିଁ, କାରଣ ବିଂଶବାହୁ ନୁହେଁ ସେ । ସଂସାର ଭୋକ୍ତା ବିଂଶବାହୁମାନେ ଆକାଶ ଛୁଇଁ ଆଶାକୁସୁମ ଫୁଟାଇ ପାରନ୍ତି; କିନ୍ତୁ ବାମନ ? ସେ'ତ ମଣିଷ ହିଁ ନୁହେଁ ।

କ୍ରୂର ଉପହାସ, ଚରମ ବ୍ୟଙ୍ଗ, ତୀବ୍ର ଅସନ୍ତୋଷର ବର୍ଣ୍ଣନା 'ଟଙ୍କିଆ ମଣିଷ' ଅନ୍ତର୍ଗତ ସ୍ୱର । 'ରାଗିବି' କବିତାଟି ଯେମିତି କାବ୍ୟସ୍ୱର, ପୀଡ଼ିତ ଚେତନାର ପ୍ରତିନିଧି; ସବୁଠି ହତଶ୍ରୀର ଉଦାରତା ବ୍ୟାପ୍ତ, ମଣିଷର ପରିଚୟ ଆଧାରକାର୍ଡ଼, ପାନ୍କାର୍ଡ଼, ଏଟିଏମ୍ । ଏଗୁଡ଼ିକ ରୁମ ପରି ଦେହରେ ଖଞ୍ଜିଥିଲେ ହିଁ ତୁମେ ଇଣ୍ଡିଆନ୍; ସେଇଠି ଚିରହାସ୍ୟୋଚ୍ଛଳ ଋଷିମୁନିଙ୍କ ଭାରତକୁ ପାଇ ହେବ କି ? ଇଣ୍ଡିଆ ସର୍ବତୋଭଦ୍ରର ବ୍ରତବିଧିରେ ଚିରୋଜ୍ଜ୍ୱଳ ଅନିର୍ବାଣ ଦୀପ; ଇଣ୍ଡିଆ ହୁକୁମକାରୀର କ୍ଷମତାଗାଦି । ଆହା କେତେ ଶୀଘ୍ର ବଦଳିଗଲା ମୋ ଭାରତ ତାଙ୍କ ଇଣ୍ଡିଆରେ !

ପର୍ଯ୍ୟଟନ

# ହାମିଲ୍ଟନ୍ ସିଂହ



# ସଫାରୀରେ ଦିନେ



# କାନାଡ଼ାର ହାମିଲଟନ୍ ଲାୟନ୍ ସଫାରୀ

**ସୁଷମା ପରିଜା**

ଶାରଳା ଭବନ, ପୋତାପୋଖରୀ
ନୂଆବଜାର, କଟକ
ଫୋନ: ୯୩୩୭୨୭୨୬୪୭

ଫଟୋ ସୌଜନ୍ୟ : ଲେଖିକା

ପ୍ରକୃତି କୋଳରେ ସାଧାରଣ ଜୀବନଯାପନ କରୁଥିବା ଜୀବଜନ୍ତୁଙ୍କୁ ଦେଖିବାକୁ କାହାକୁ ବା ଭଲ ନଲାଗେ ? ମୁଁ କାନାଡ଼ାରେ ଥିବାବେଳେ ଥରେ ପୁଅ କହିଲା, "ଚାଲ୍ ଆଜି ଗୋଟିଏ ଭଲ ଚିଡ଼ିଆଖାନାକୁ ବୁଲିଯିବା ।" ଓଡ଼ିଶାର ନନ୍ଦନ କାନନ ବ୍ୟତୀତ ଆଉ କୌଣସି ଚିଡ଼ିଆଖାନା ଦେଖି ନଥବା ମୁଁ ଆତର ହୋଇଗଲି ବିଦେଶ ମାଟିର ସେ ଚିଡ଼ିଆଖାନା ଦେଖିଯିବା ଲାଗି । ସେଥିପାଇଁ ଆନୁସଙ୍ଗିକ ବ୍ୟବସ୍ଥାରେ ଲାଗିପଡ଼ିଲେ ପୁଅବୋହୂ । ଗୁରୁବାର ଥିବାରୁ ଆମେ ବାହାରେ ଖାଇବା ସମ୍ଭବ ନଥିଲା, ତେଣୁ ଘରୁ ପରଟା, ମଟରଆଳୁ ତରକାରୀ, ସିମେଇ କ୍ଷୀରି ତିଆରି କରି ସାଙ୍ଗରେ ନେଇ ଠିକ୍ ଦିନ ଦଶଟା ବେଳକୁ ବାହାରି ପଡ଼ିଲୁ ଆମେ । ପୁଅ କହିଲା ଏଠାରୁ ପ୍ରାୟ ଶହେ ଚାଳିଶି କିଲୋମିଟର ଦୂରରେ ଅବସ୍ଥିତ ହାମିଲଟନ୍ ସିଂହ ସଫାରୀକୁ ଯିବା, ହାଇୱେରେ ଗଲେ ଦୁଇଘଣ୍ଟା ଲାଗିବ । ଆମ ଘର ଠାରୁ ଅଳ୍ପ କିଛି ଦୂରକୁ ଗଲେ ହାଇୱେ ଆରମ୍ଭ । ଏଠାରେ ହାଇୱେରେ ଗାଡ଼ି ଚଳାଇବା ବଡ଼ କଷ୍ଟକର ବ୍ୟାପାର, ହାଇୱେ ସିନା ଗୋଟିଏ ହେଲେ ସେଥିରେ ବିଭିନ୍ନ ଜାଗାରେ ଭିନ୍ନ ଭିନ୍ନ ପ୍ରକାର ସ୍ପିଡ୍ ଲିମିଟ୍ ନିର୍ଦ୍ଧାରିତ କରାଯାଇଛି । କେଉଁଠି ୧୦୦ କି.ମି. ତ ଆଉ କୋଉଠି ୮୦ କିମି, ଆଉ କୋଉଠି ୫୦ କିମି, ଆଉ କୋଉଠି କୋଉଠି ୬୦ କିମି ଆଉ କୋଉଠି ୭୦ କିମି, ସେଗୁଡ଼ିକ କୁଆଡ଼େ ରାସ୍ତାରେ ଚାଲୁଥିବା ଲୋକସଂଖ୍ୟାକୁ ଆଧାର କରି ନିର୍ଦ୍ଧାରିତ ହୋଇଛି ବୋଲି ବୋହୂ କହିଲା । ଦୁଇ ପଟରେ ଅତି କମ୍‌ରେ ଆଠଟି କରି ଲେନ୍ ରହିଛି ଯିବା ଆସିବା କରିବା ଲାଗି । ହଜାର ହଜାର ସଂଖ୍ୟାରେ କାର୍, ବସ୍, ଟ୍ରକ୍ ସବୁ ସାଏଁ ସାଏଁ କରି ଦୁଇ ପଟ ଦେଇ ଚାଲି ଯାଉ ଥାଆନ୍ତି, ମୋ ଦେହ ଶୀତେଇ ଯାଉଥାଏ । ମୁଁ ଖାଲି ପୁଅକୁ କହୁଥାଏ, "ଧୀରେ ବାବା, ଧୀରେ" ଆଉ ମନେମନେ ମାଆ ଚଣ୍ଡୀଙ୍କୁ ଡାକୁଥାଏ । ବୋହୂ କହୁଥାଏ, "ଏଠି ଟ୍ରାଫିକ୍ ନିୟମ ଖୁବ୍ କଡ଼ା ବୋଉ ! ସମସ୍ତଙ୍କ ପାଇଁ ନିର୍ଦ୍ଧାରିତ ନିୟମ ରହିଛି, ତମେ ଜମା ବ୍ୟସ୍ତ ହୁଅ ନାହିଁ, ସୁବ୍ରତ ଭଲ ଗାଡ଼ି ଚଲାନ୍ତି ।" ଗାଡ଼ି ଚାଲିଥାଏ ସେମିତି ଲମ୍ବା ରାସ୍ତାରେ । ଷାଠିଏ, ସତୁରୀ କିଲୋମିଟର ପରେ ଟରଣ୍ଟୋ ନଗରୀ ଦେଖାଗଲା, ଚାରିପଟେ ସୁଉଚ୍ଚ ଅଟ୍ଟାଳିକା ସବୁ ଧାଡ଼ି ଧାଡ଼ି ହୋଇ ମୁଣ୍ଡ ଟେକି ଆକାଶକୁ ଛୁଇଁଲା ଭଳି ଠିଆ ହୋଇଛନ୍ତି, ରାସ୍ତା ସାରା ବିଜୁଳି ଆଲୁଅ ଖୁଣ୍ଟମାନଙ୍କରେ ଫୁଲ କୁଣ୍ଡ ସବୁ ଏମିତି ସଜା ହୋଇ ରହିଛନ୍ତି ଯେ ଲାଗିବ ସେଇ ଖୁଣ୍ଟମାନଙ୍କରେ ରଙ୍ଗ ବେରଙ୍ଗର ଫୁଲ ଫୁଟିଛି । ଚାରିଆଡ଼ ପରିଷ୍କାର ପରିଚ୍ଛନ୍ନ, ଦୋକାନ ବଜାର ସବୁ ରାସ୍ତା ତଳକୁ ନିର୍ଦ୍ଧାରିତ ସ୍ଥାନମାନଙ୍କରେ, କୋଉଠି ଟିକିଏ ବ୍ୟତିକ୍ରମ ନାହିଁ । ପାଦ ଚଲା ରାସ୍ତା ଅଲଗା, ଭିନ୍ନକ୍ଷମମାନଙ୍କ ରାସ୍ତା ଅଲଗା, ଗାଡ଼ି ଚାଲିବାକୁ ରାସ୍ତା ଅଲଗା । ସବୁ ଜାଗାରେ ମାର୍କିଂବୋର୍ଡ଼, ଇଆଡ଼େ ମୋଡ଼ ଅଛି, ଇଆଡ଼େ କ୍ରସିଂ ଅଛି, ଏପଟ ଦେଇ ଓଭରଟେକିଂ ମନା ଇତ୍ୟାଦି ଇତ୍ୟାଦି । ଖୁବ୍ ସତର୍କ ହୋଇ ଗାଡ଼ି ଚଳାଉଥାଏ ପୁଅ ମୋର । ତତ୍ ସହିତ ଜିପିଏସ୍ ଦେଖି ରାସ୍ତା ବଦଳାଉଥାଏ । ଆହୁରି କିଛି ବାଟ ଆଗକୁ ଯିବାରୁ ପଡ଼ିଲା । ଟରଣ୍ଟୋ ପିଅରସନ୍ ଏୟାରପୋର୍ଟ । ଏଇ ଏୟାରପୋର୍ଟରେ ଆସି ଆମେ ଓହ୍ଲାଇଥିଲୁ, ତେଣୁ ଜାଣି ହେଲା ସ୍ଥାନଟି । ରାସ୍ତା ଉପରକୁ ଖୁବ୍ ସୁନ୍ଦର ଦିଶୁଥିଲା, ଅନେକ ଗୁଡ଼ାଏ ବିମାନ ମଧ୍ୟ ମୁଣ୍ଡ ଉପର ଦେଇ ଉଡ଼ିଯାଉଥିଲେ ।

ପ୍ରାୟ ଶହେ ଦଶ କିଲୋମିଟର ପରେ ପଡ଼ିଲା ଗୋଟିଏ ମୋଡ଼ । ସେଇଠି ଲେଖା ରହିଛି ହାମିଲଟନ୍ ସିଂହ ସଫାରୀକୁ ଯିବା ପାଇଁ ରାସ୍ତା । ସେଇଠୁ ଆରମ୍ଭ ହେଲା ସାଧାରଣ ରାସ୍ତା । ବିରାଟ ବିରାଟ ଗଛ ସବୁ ଝଙ୍କାଳିଆ ହୋଇ ବଢ଼ିଛନ୍ତି, ଜଙ୍ଗଲିଆ ରାସ୍ତା ସାପ ଭଳି ଅଙ୍କାବଙ୍କା ହୋଇ ଲମ୍ବି ଯାଇଛି ଆଗକୁ ଆଗକୁ । ଆମ ଭଳି ଆହୁରି ଅନେକ ଦର୍ଶକ ମଧ୍ୟ ଚାଲିଛନ୍ତି ସପରିବାର କାର୍ ନେଇ । କିଛି ସମୟ ପରେ ଦେଖାଗଲା ଗୋଟିଏ ବୋର୍ଡ଼୍, ଯେଉଁଥିରେ ଲେଖାଥିଲା: "ଆଗରେ ହିଂସ୍ର କିନ୍ତୁ ବାହାରି ପାରନ୍ତି, ଦୟାକରି କାର୍‌ର ଝରକା ବନ୍ଦ ରଖନ୍ତୁ, ହାତ ମୁହଁ ବାହାରକୁ ରଖନ୍ତୁ ନାହିଁ ।" ସେଇଠୁ ଆରମ୍ଭ ହୋଇଛି ଅଭୟାରଣ୍ୟର ଇଲାକା । ଟିକିଏ ଆଗରେ ଟୋଲ୍‌ଗେଟ୍ । ସତର୍କ ସୂଚନା ଲେଖା ଯାଇଛି: Trespassers will be eaten । କାର୍‌ମାନଙ୍କର ଲମ୍ବା ଲାଇନ୍ ଲାଗିଛି ସେଠାରେ । ବଡ଼ ବୋର୍ଡ଼ଟିଏ ଲାଗି ବାରିଅର୍‌ଟେ ଲାଗିଛି । ଯାତ୍ରୀଙ୍କ ମାହାସୁଲ୍ ଲେଖା ଅଛି ବୋର୍ଡ଼ରେ । ଦୁଇବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ କୌଣସି ଦେୟ ନାହିଁ, ତା'ଠାରୁ ଅଧିକ ବୟସ୍କ ପିଲାଙ୍କ ଲାଗି ଦେୟ କୋଡ଼ିଏ ଡଲାର୍, ବୟସ୍କ ଲୋକମାନଙ୍କ ପାଇଁ ଦେୟ ତିରିଶ ଡଲାର ଆଉ ଯୁବକ, ଯୁବତୀମାନଙ୍କ ପାଇଁ ଦେୟ ସଇଁତିରିଶ ଡଲାର୍, ଆମ ପାଇଁ ନିର୍ଦ୍ଧାରିତ ମାହାସୁଲ୍ ଦେଇ ଆମେ ପଶିଲୁ ଅଭୟାରଣ୍ୟ ଭିତରକୁ । ଟିକେଟ୍ ସହିତ ସେଠାରେ ଥିବା ମହିଳା ଅଧିକ୍ଷକ ଜଣକ ରୁଟ୍ ମ୍ୟାପ୍ ଏବଂ ସୋ ଡିଟେଲ୍ସ ଲେଖାଥିବା କାଗଜପତ୍ର ବଢ଼ାଇଦେଲେ ପୁଅ ହାତକୁ । କାର୍ ପାର୍କିଂ ସ୍ପେସ୍‌ରେ ଗାଡ଼ି ରଖି ଆମେ ସେଇ କାଗଜପତ୍ର ଦେଖିଲୁ, ସେଥିରେ ସବୁ ସମୟ ନିର୍ଘଣ୍ଟ ଲେଖାଅଛି କେଉଁଠି, କେତେବେଳେ, କେତେ ସମୟ ଧରି କେଉଁ ସୋ ଚାଲିବ, ସିଂହ ସଫାରୀ ଭିତରକୁ



▶ ଲେଖିକା ସୁଷମା ପରିଜା




ଯାତ୍ରା ବନ୍ଦ ହେବ କେତେବେଳେ ଇତ୍ୟାଦି ଇତ୍ୟାଦି । ସେତେବେଳକୁ ଦିନ ବାରଟା ବାଜି କୋଡ଼ିଏ ମିନିଟ୍ । ଏବେ ହାତୀଙ୍କ ପହଁରା ସୋ ଚାଲିଛି, ଆମେ ଗଲୁ ସେଇଠିକି । ଗୋଟାଏ ବଡ଼ ପୋଖରୀ ମଧ୍ୟରେ ବଡ଼ଛୋଟ ମିଶି ଚାରି ଛଅଟି ପହଁରୁଛନ୍ତି । ମହିଳା ଟ୍ରେନର୍ ତାଙ୍କ ଆଡ଼କୁ ବଲ୍ ଫୋପାଡୁଛନ୍ତି ଆଉ ହାତୀ ମାନେ ସେମାନଙ୍କ ଶୁଣ୍ଢରେ ସେ ସବୁ ବଲ୍‌କୁ ଆଣୁଛନ୍ତି ପହଁରି ପହଁରି । ଶୁଣ୍ଢରେ ପାଣି ନେଇ ପିଲାମାନଙ୍କ ଆଡ଼କୁ ଫିଙ୍ଗୁଛନ୍ତି, ପିଲାମାନେ ଖୁସିରେ ତାଳି ମାରି ନାଚୁଛନ୍ତି । ମୋ ନାତୁଣୀ ଯାଇ ସେଇ ପିଲାମାନଙ୍କ ଭିତରେ ଠିଆ ହେଲା, ହାତୀ ଶୁଣ୍ଢରେ ପାଣି ପକାଇଲା ତା' ଉପରକୁ, ଓଃ କି ଖୁସି ତା'ର । ଆମେ ମଧ୍ୟ ସେଠାରେ ଛିଡ଼ା ହୋଇ ସେଇ ଖେଳକୁ ଉପଭୋଗ କଲୁ । ଦଶ ପନ୍ଦର ମିନିଟ୍‌ରେ ସରିଲା ଖେଳ । ହାତୀମାନେ ଗାଧୁଆପାଧୁଆ ସାରି ଉପରକୁ ଉଠିଲେ ତାଙ୍କ ବାସସ୍ଥଳୀକୁ ଯିବା ପାଇଁ, ଲମ୍ବା ଲାଇନ୍ କରି ରାସ୍ତା ପାର ହୋଇ ସେମାନେ ଚାଲିଲେ । ପୁଅ କହିଲା, "ଏବେ ଚାଲ ଖିଆପିଆ କରିବା, ତା'ପରେ ଯିବା ସିଂହ ସଫାରୀ ଭିତରକୁ ।" ସେଠାରେ ଦର୍ଶକମାନଙ୍କ ଖାଇବା ପିଇବା ପାଇଁ ଗୋଟାଏ ବଡ଼ ଶେଡ୍ ରହିଛି ଯେଉଁଥିରେ ଦୁଇଶହରୁ ଅଧିକ ଲୋକ ଏକକାଳୀନ ବସି ଖିଆପିଆ କରିପାରିବେ । ଆମେ ସେଇଠି ବସି ଖାଇଲୁ, ହ୍ରଦଟି ସେଇ ପାଖରେ ତେଣୁ ସିଗଲ୍ ଆଉ କାନାଡିଆନ୍ ବତକମାନେ ଦଳଦଳ ହୋଇ ଘୁରି ବୁଲୁଥାନ୍ତି ସେଠି । ଆହୁରି କିଛି ଲୋକ ମଧ୍ୟ କିଏ ଗଛ ମୂଳେ, କିଏ ଘାସ ଉପରେ ବସି ଖିଆପିଆ କରୁଥାନ୍ତି, ହେଲେ ଯିଏ ଯାହାର ଅଳିଆ ନେଇ ଫୋପାଡୁଥାଆନ୍ତି ପାଖରେ ଥୁଆ ହୋଇଥିବା ଡଷ୍ଟବିନ୍‌ମାନଙ୍କ ଭିତରେ । ସେଥିପାଇଁ ଏତେ ଲୋକ ଗହଳି ହେଲେ ମଧ୍ୟ ଜାଗାଟି ଏକବାର ପରିଷ୍କାର ପରିଚ୍ଛନ୍ନ ଥାଏ । ଆମେ ଖାଇସାରିବା ବେଳକୁ ଦିନ ସାଢ଼େ ଗୋଟାଏ ।

ସେଇଠୁ ଗାଡ଼ିରେ ବସି ବାହାରି ପଡ଼ିଲୁ ସିଂହ ସଫାରୀ ଭିତରକୁ । ସବୁ ଜାଗାରେ ମାର୍କିଂ ବୋର୍ଡ଼ 'କାର୍‌ର ଝରକା ବନ୍ଦ ରଖନ୍ତୁ, ହାତ ମୁହଁ ବାହାରକୁ ରଖନ୍ତୁ ନାହିଁ', ଜନ୍ତୁ ମାନଙ୍କୁ ସାବଧାନ ରୁହନ୍ତୁ ।' ପ୍ରତି ଶହେ ହାତ ଦୂରରେ ସଫାରୀର ପୋଲିସ୍ ଗାଡ଼ି ପଇଁତରା ମାରୁଥାନ୍ତି, କେହି ଜଣେ ଯଦି ନିୟମ ଭାଙ୍ଗି କିଛି କଲା, ତେବେ ସାଏଁ କରି ପୋଲିସ୍ କାର୍ ହାଜର ହାଇଯିବ ତା' ପାଖରେ । ଖୁବ୍ ସତର୍କତାର ସହିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ରାସ୍ତାରେ ଗାଡ଼ି ଚଲାଇ ଚଲାଇ ଯିବାକୁ ହେବ ସଫାରୀ ଭିତରକୁ । ଏକବାର ପ୍ରାକୃତିକ ପରିବେଶ ମଧ୍ୟରେ ରଖା ଯାଇଛି ଭୟଙ୍କର ହିଂସ୍ର ଜନ୍ତୁମାନଙ୍କୁ । ସମସ୍ତଙ୍କ ପାଇଁ ସ୍ଥିରୀକୃତ ହୋଇଛି ସ୍ୱତନ୍ତ୍ର ସ୍ଥାନ, ସବୁଠି ଲେଖା ହୋଇଛି ଜନ୍ତୁମାନଙ୍କ ବିବରଣୀ । ପ୍ରଥମରେ ପଶୁ ପଶୁ ଦେଖିଲୁ ପଶୁରାଜ ସିଂହମାନଙ୍କୁ, କୃତ୍ରିମ ଗୁମ୍ଫା ସବୁ ତିଆରି ହୋଇଛି, ଝରଣା ଅଛି, ଘଞ୍ଚ ଜଙ୍ଗଲ ମଧ୍ୟରେ ବଡ଼ଛୋଟ ମିଶି ଅନେକ ପ୍ରଜାତିର ସିଂହମାନଙ୍କୁ ଖୋଲା ସ୍ଥାନରେ ଛାଡ଼ି ଦିଆଯାଇଛି, ମନଖୁସିରେ ଯିଏ ଯାହାର ପରିବାର ଧରି ଆନନ୍ଦରେ ଚରାବୁଲା କରୁଛନ୍ତି । ସିଂହମାନଙ୍କ ସହିତ ଆହୁରି ଅନେକ ଜୀବଜନ୍ତୁ ରହିଛନ୍ତି ସେଇ ସଫାରୀ ଭିତରେ । ବଣ ଭାଲୁ, ଗଣ୍ଡା, ନୀଳଗାଈ, ଲାମା, ଚମରିଗାଈ, ହରିଣ, ସମ୍ବର, କୁଟୁରା, ବାରାସିଂହା, ଓଟପକ୍ଷୀ, କୃଷ୍ଣସାର, ଜିରାଫ୍, ଜେବ୍ରା, କଙ୍ଗାରୁ, ବିଭିନ୍ନ ପ୍ରଜାତିର ମାଙ୍କଡ଼, ଇତ୍ୟାଦି ଇତ୍ୟାଦି ଅନେକ ପଶୁ । ସମସ୍ତଙ୍କୁ ଦେଖି ଦେଖି କେତେବେଳେ ଦୁଇ ତିନି ଘଣ୍ଟା ବିତିଗଲା, ଜଣା ପଡ଼ିଲାନି । ପୁଅ କହିଲା, "ଏଠାରୁ ବାହାରି ଗଲେ ସିନା ଅନ୍ୟ ସୋ ସବୁ ଦେଖିବା ।" ତେଣୁ 'ଠ' ଭଳି ବୁଲି ବୁଲି ପୁଣି ବାହାରି ଆସିଲୁ ସଫାରୀ ଭିତରୁ । ଆହୁରି ଅନେକ କିଛି ଦେଖିବାକୁ ଅଛି, ତେଣୁ ଆଗକୁ ଆଗକୁ ଚାଲିଲୁ ।

ସିଂହ ସଫାରୀରୁ ବାହାରକୁ ଆସିଲା ପରେ କାର୍ ପାର୍କିଂରେ ରଖି ଆମେ ଅଭୟାରଣ୍ୟର ଅନ୍ୟ ପଟକୁ ଆସିଲୁ । ସେଠାରେ ରହିଛି କେତୋଟି ମିନି ଷ୍ଟାଡ଼ିୟମ, ଯେଉଁଠି ବିଭିନ୍ନ ପ୍ରଜାତିର ଜୀବଜନ୍ତୁଙ୍କ ଖେଳ ଦେଖାଉ ଥାଆନ୍ତି ପ୍ରଶିକ୍ଷଣ ପ୍ରାପ୍ତ ଟ୍ରେନର୍‌ମାନେ । ଆହୁରି ଅଛି ଗୋଟିଏ ୱାଟର୍ ପାର୍କ ଯେଉଁଟି ଆମ ରାଜ୍ୟରେ ଥିବା ୱାଟର୍ ପାର୍କ ଠାରୁ ଦଶ କି କୋଡ଼ିଏ ଗୁଣା ବଡ଼ ଆଉ ଉନ୍ନତମାନର । ମୋ ନାତୁଣୀ ଖାଲି ଛକପକ ହେଉଥିଲା ସେଇ ପାର୍କକୁ ଯିବାକୁ, ତେଣୁ ଆଗ ସେଠାକୁ ଗଲୁ । ବିଭିନ୍ନ ବୟସର ଦର୍ଶକମାନଙ୍କ ପାଇଁ ସେଠାରେ ଖେଳିବାର ବ୍ୟବସ୍ଥା ରହିଛି । ପିଲାମାନଙ୍କ ମଧ୍ୟରେ ବି ବୟସାନୁଯାୟୀ ଖେଳିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ବିରାଟ ଗୋଟିଏ ପଡ଼ିଆରେ ପାଚେରୀ ଘେରା ସୁନ୍ଦର ସାମ୍ରାଜ୍ୟ ବିସ୍ତାର କରି ଗଢ଼ା ହୋଇଛି ସେଇ ସ୍ଲାଶ୍ ପ୍ୟାଡ୍ ବା ୱାଟର୍ ପାର୍କ ଟି । ତା’ ଭିତରକୁ ଯାଇ ପୋଷାକ ପତ୍ର ବଦଳେଇ ପୁଅ ବି ବାହାରିଲା ଖେଳିବାକୁ, ବୋହୂ ତା ଝିଅକୁ ନେଇଗଲା ଖେଳାଇବାକୁ, ଆମେ ବୁଢ଼ାବୁଢ଼ୀ ଦୁଇଟା ସେଇ ପୁଲ୍ ପାଖରେ ପଡ଼ିଥିବା ବେଞ୍ଚ୍ ଉପରେ ବସି ଆଇସ୍‌କ୍ରୀମ୍ ଖାଇଖାଇ ଉପଭୋଗ କରୁଥିଲୁ ସେଇ ଦୃଶ୍ୟସବୁ । ପିଲାରୁ ବୁଢ଼ା ଯାଏଁ ସମସ୍ତେ ଖେଳୁଥିଲେ ସେଠି । ସବୁ ଖେଳ ଖେଳିଖେଳି ଦୁଇଘଣ୍ଟା ବିତି ଯାଇଥିଲେ ମଧ୍ୟ ମୋ ନାତୁଣୀ ମୋଟେ ବାହାରୁ ନଥିଲା ପାଣି ଭିତରୁ, ବହୁତ କଷ୍ଟରେ ବାହାରକୁ ଆସିବାକୁ ମନେଇଲେ ତା’ ବାପା ମାଆ । ସେଠାରେ ଥିବା ଗାଧୁଆଘରେ ଗାଧୁଆପାଧୁଆ ସାରି ବାହାରକୁ ଆସି ଆମେ ସମସ୍ତେ ସୋ ଦେଖିବା ଲାଗି ଆଗେଇଲୁ ସେ ସବୁ ଷ୍ଟାଡ଼ିୟମ ଆଡ଼କୁ ।



ପ୍ରଥମେ ପହଞ୍ଚିଲୁ ଛଞ୍ଚାଣ ସୋରେ । ସୋ ପାଇଁ ଉଦ୍ଦିଷ୍ଟ ମିନି ଷ୍ଟାଡ଼ିୟମରେ ପହଞ୍ଚି ଗୋଟିଏ ଗ୍ୟାଲେରୀ ଉପରେ ବସିଲୁ ଆମେ । ବାହାରିଲେ ଜଣେ ମହିଳା ଟ୍ରେନର୍ ହାତରେ ବଡ଼ ଛଞ୍ଚାଣଟିଏ ଧରି । ହସହସ ମୁହଁରେ ସମସ୍ତଙ୍କୁ ଅଭିବାଦନ ଜଣାଇ ନିଜର ପରିଚୟ ଦେଲା ପରେ ପକ୍ଷୀଟିର ବିଶେଷତ୍ୱ ତା’ର ଶୀକାର କରିବାର ଶୈଳୀ, ତା’ର ଜୀବନଧାରଣର ଶୈଳୀ ସବୁ ଗୋଟିଏ ଗୋଟିଏ କରି ବୟାନ କଲେ । ତାପରେ ଦେଖାଇଲେ ତାଙ୍କ ଟ୍ରେନିଂର କମାଲ୍ । ହିଂସ୍ର ପକ୍ଷୀଟିଏ ମଧ୍ୟ କେମିତି ଟ୍ରେନର୍‌ର କଥା ମାନି ମାଇଲ୍ ମାଇଲ୍ ଉପରକୁ ଉଠିଯାଇ ପୁଣି ତଳକୁ ଖସି ଟ୍ରେନର୍ ଆରମ୍ଭ ହାତରେ ଧରି ଉଡ଼ାଇ ଦେଇଥିବା ପାରାଟି ଥଣ୍ଟରେ ଧରି ଉଡ଼ିଗଲା ଉପରକୁ, ସେଇଟା ଦେଖିଲା ଭଳି ଦୃଶ୍ୟଟିଏ ଥିଲା । ସେମିତି ଦୁଇ ତିନୋଟି ଦେଶର ଛଞ୍ଚାଣ ଧରି ସେ ଖେଳ ଦେଖାଇଲେ । ମୋଟ ଦଶ ମିନିଟ୍‌ର ସୋ ଥିଲା ସେଇଟି । ଦର୍ଶକମାନଙ୍କୁ ପୁଣି ଥରେ ଅଭିବାଦନ ଜଣାଇ ସେ ସମାପ୍ତ କଲେ ଟ୍ରେନର୍ ଜଣକ । ସେଇଠୁ ଉଠି ଆମେ ଚାଲିଲୁ ବିଭିନ୍ନ ପ୍ରଜାତିର ପେଚାମାନଙ୍କୁ ରଖା ଯାଇଥିବା ସ୍ଥାନକୁ । ଆମକୁ ଏଠି ଅପରିଚ୍ଛନିଆ ଦେଖା ଯାଉଥିବା ସେଇ ପକ୍ଷୀଟିର ଅନେକ ସୁନ୍ଦର ରୂପ ଦେଖିବାକୁ ମିଳିଲା ।

ତା’ପରେ ଆମେ ଗଲୁ ଆଉ ଗୋଟିଏ ସେମିତି ମିନି ଷ୍ଟାଡ଼ିୟମକୁ । ସେଠାରେ ଚାଲିଥିଲା ‘ଏଲିଫ୍ୟାଣ୍ଟ୍ ସୋ’ ଅର୍ଥାତ୍ ହାତୀଙ୍କ ଖେଳ । ଏଠାରେ ମଧ୍ୟ ସେଇ ମହିଳା ଟ୍ରେନର୍ । ହାତୀମାନେ କିନ୍ତୁ ସଂପୂର୍ଣ୍ଣ ଭାରତୀୟ । ପ୍ରଥମେ ଟ୍ରେନର୍ ଜଣକ ହସ ହସ ମୁହଁରେ ସମସ୍ତଙ୍କୁ ଅଭିବାଦନ ଜଣାଇ ନିଜର ପରିଚୟ ଦେଲା ପରେ ହାତୀଟି କେଉଁ ଦେଶର, ହାତୀଟିର ବିଶେଷତ୍ୱ, ତା’ର ଖେଳ କରିବାର ଶୈଳୀ, ତା’ର ଜୀବନଧାରଣର ଶୈଳୀ ସବୁ ଗୋଟି ଗୋଟି କରି ବୟାନ କଲେ । ତାପରେ ଦେଖାଇଲେ ତାଙ୍କ ଟ୍ରେନିଂର କମାଲ୍ । ବିରାଟକାୟ ହାତୀଟି ଆମ ଏଠାରେ ସର୍କସରେ ଦେଖାଇବା ଭଳି ଗଣେଶ ପୂଜା କଲା, ଶୁଣ୍ଢରେ ବାଲ୍‌ଟି ଧରି ଠାକୁରଙ୍କୁ ଗାଧୁଆପାଧୁଆ କରି ଧୂପ, ଦୀପ, ସିନ୍ଦୂର, ଫୁଲମାଳ ଦେଇ ନଡ଼ିଆ ଭାଙ୍ଗିଲା, ତା’ପରେ ପ୍ରଣାମ କଲା । ଦର୍ଶକମାନଙ୍କ ଖୁସି ଦେଖେ କିଏ ? ହୁଇସିଲ୍, ଆଉ କରତାଳି ମାଡ଼ରେ ଉଛୁଳି ଉଠିଲା




SUPRATIK INFRAVENTURES
LIFESTYLE Project - II
Limited 2 & 3 BHK
Flat Available
RERA
APPROVED
7205330222
sales@supratikinfraventures.com
Follow us on :
/ supratikinfraventures
www.supratikinfraventures.com
Branch Office : Alupur, Near Laxminarayan Temple
O. T. Road, Balasore - 756001



ଷ୍ଟାଡ଼ିୟମଟି । ଆମେ ବି ଜୋର୍‌ରେ ତାଳି ମାରିଲୁ ।

ତା'ପରେ ଆସିଲା ଆଉ ଗୋଟେ ହାତୀ । ସିଏ ଶୁଣ୍ଢରେ ରଙ୍ଗତୂଳୀ ଧରି କାନ୍‌ଭାସ୍‌ରେ ଚିତ୍ର ଆଙ୍କିଲା, ସୁନ୍ଦର ସୁନ୍ଦର ଫୁଲ ସବୁ ଆଙ୍କି ଦର୍ଶକମାନଙ୍କୁ ଆମୋଦିତ କଲା । ତା'ପରେ ଆସିଲା ଆଉ ଗୋଟେ ହାତୀ । ସେ ଫୁଟ୍‌ବଲ୍ ଖେଳିଲା ଟ୍ରେନର୍ ସାଥିରେ । ଦର୍ଶକମାନଙ୍କ କରତାଳି ମାଡ଼ରେ ଉଛୁଳି ଉଠିଲା ଷ୍ଟାଡ଼ିୟମ । ଆମ ଭାରତୀୟ ହାତୀମାନଙ୍କର ଏମିତି ସୁନ୍ଦର ଖେଳ ସବୁ ଦେଖି ଆମକୁ ମଧ୍ୟ ଖୁବ୍ ଖୁସି ଲାଗିଲା । ଲାଗୁଥିଲା ଯେମିତି ଦର୍ଶକମାନଙ୍କ ସେଇ କରତାଳି ଆମମାନଙ୍କୁ ଗର୍ବିତ କରୁଛି, ଭାରତୀୟ ବୋଲି ସ୍ୱାଭିମାନ ଆସୁଥିଲା ଆମ ମନରେ । ସୋ ସରିଲା ପନ୍ଦର ମିନିଟ୍‌ରେ । ସେଠାରୁ ବାହାରି ଆଉ ଗୋଟିଏ ସେମିତି ମିନି ଷ୍ଟାଡ଼ିୟମରେ ପହଞ୍ଚିଲୁ ।

ସେଇଠି ପହଞ୍ଚିଲା ପରେ ଆରମ୍ଭ ହେଲା ପ୍ୟାରଟ୍ ସୋ' । ଏଠାରେ ମଧ୍ୟ ସେଇ ମହିଳା ଟ୍ରେନର୍‌ମାନେ ବିଭିନ୍ନ ଦେଶର ବିଭିନ୍ନ ପ୍ରଜାତିର ପକ୍ଷୀ ଯଥା ଭାରତର ମୟୂର, କଜଳପାତି, କୋଇଲି, କୁମ୍ଭାଟୁଆ, ପାରା, ଗଞ୍ଜା, କୁକୁଡ଼ା, ଶୁଆ ଏବଂ ଥାଇଲାଣ୍ଡର ସୁନ୍ଦର ସୁନ୍ଦର ଶୁଆମାନଙ୍କୁ ଆଣି ମିଉଜିକ୍‌ର ତାଳେ ତାଳେ ସେମାନଙ୍କ ବିଷଦ ବିବରଣୀ ପ୍ରଦାନ କରି ସେମାନଙ୍କୁ ଗୋଟି ଗୋଟି କରି ଦେଖାଇଲେ, ଶେଷରେ ଆସିଲା ଭାରତୀୟ ଶାରୀ । ସେଇ କଥା କୁହା ଶାରୀଟିକୁ ଏମିତି ଭାବରେ ଟ୍ରେନିଂ ଦେଇଛନ୍ତି ସିଏ ତା' ନାଆଁ କହୁଛି, ଖାଇବାକୁ ଦେଲେ ଧନ୍ୟବାଦ କହୁଛି, ହ୍ୟାଲୋ ହାଣ୍ଡସମ୍ କହୁଛି । ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲା ସ କାନାଡ଼ାର ଜାତୀୟ ସଂଗୀତ 'ଓ କାନାଡ଼ା...'ର ମୁଖଡ଼ାଟି ସୁନ୍ଦର ଭାବରେ ଗାଉଛି । ସମସ୍ତେ ସାବାସୀ ଦେଇ ଉତ୍ସାହିତ କରୁଥିଲେ ସେଇ ଶାରୀକୁ । ସୋ ଶେଷ ହେଲା ବେଳକୁ ପୁଣି ଥରେ ଖୁବ୍ ସୁନ୍ଦର ସେଇ ରଙ୍ଗ ବେରଙ୍ଗର ଶୁଆ, କାକାତୁଆ ଗୁଡ଼ିକ ଆଣି ଦର୍ଶକମାନଙ୍କୁ ଦେଖାଇ ସେମାନଙ୍କ ସହିତ ଫଟୋ ଉଠାଇବା ଲାଗି ସୁଯୋଗ ଦେଲେ ଟ୍ରେନର୍‌ମାନେ । ସମସ୍ତଙ୍କୁ ଅଭିବାଦନ ଜଣାଇ ସମସ୍ତଙ୍କୁ ହାତ ହଲାଇ ବିଦାୟ ଜଣାଇଲେ ।



ସେଇଠି ପାଖରେ ଅଛି ଗୋଟିଏ ଛୋଟିଆ ଷ୍ଟେସନ୍ । ସେଇଠୁ ଟୟ ଟ୍ରେନ୍‌ରେ ବସି ଲେକ୍ ଚାରିପଟେ ବୁଲି ବୁଲି ଆହୁରି କିଛି ଜଳଜନ୍ତୁମାନଙ୍କୁ ଦେଖିବାର ସୁବିଧା ଅଛି । ସେଇ ଛୋଟ ଟୟ ଟ୍ରେନ୍‌ର ଡ୍ରାଇଭର୍ ମଧ୍ୟ ଜଣେ ମହିଳା । ପ୍ଲାଟ୍‌ଫର୍ମରେ ପହଞ୍ଚିଲା ପରେ ହସିହସି ଟୟ ଟ୍ରେନ୍‌ରେ ବସିବା ଲାଗି



ସେ ଦ୍ୱାର ପାଖରେ ରହି ଆମନ୍ତ୍ରଣ କରୁଥାନ୍ତି, ଆମେ ଯାଇ ବସିଲୁ ସେଥିରେ । ଆମ ଭଳି ଆହୁରି ଅନେକ ଦର୍ଶକ ମଧ୍ୟ ବସିଲେ ସପରିବାର । ମହିଳା ଡ୍ରାଇଭର୍ ଜଣକ ଟ୍ରେନ୍‌ର ଗେଟ୍ ଲକ୍ କରି ନିଜର ଡ୍ରାଇଭିଂ ସିଟ୍ ପାଖକୁ ଗଲେ, ନିଜର ପରିଚୟ ପ୍ରଦାନ କରି ଯାତ୍ରାର ସବିଶେଷ ବିବରଣୀ ସହିତ ଆମେ କ'ଣ କ'ଣ ଜୀବଜନ୍ତୁଙ୍କ ସେଇ ଯାତ୍ରା କାଳରେ ଦେଖିବୁ ତାହା ମଧ୍ୟ ଜଣାଇଲେ । ପତାକା ଦେଖାଇ ସିଟି ମାରି ଟ୍ରେନ୍ ଗଡ଼ିଲା ଆଗକୁ ଆଗକୁ । ଲେକ୍ ଭିତରେ କଇଁଛ, କୁମ୍ଭୀର, କଙ୍କଡ଼ା ଦେଖିବାକୁ ମିଳିଲା । ତତ୍ ସହିତ ଆରପଟେ ଥିବା ହରିଣ ପଲ,ବଣୁଆ ଛେଳି ପଲ, ମେଣ୍ଢାପଲମାନଙ୍କୁ ଦେଖିଲୁ । ଟୟ ଟ୍ରେନ୍‌ଟି କୋଉଠି ସୁଡ଼ଙ୍ଗ ଭିତରେ ତ କୋଉଠି ବ୍ରିଜ୍ ଉପରେ 'ଠ' ଭଳି ଯାତ୍ରା କରି ପୁଣି ଫେରିଲା ସେଇ ଷ୍ଟେସନ୍‌କୁ । ମହିଳା ଡ୍ରାଇଭର୍ ଜଣକ ଇଞ୍ଜିନ୍ ବନ୍ଦ କରି ବାହାରକୁ ଆସି ଗେଟ୍ ଖୋଲିଲା ପରେ ଆମେ ସମସ୍ତେ ଓହ୍ଲାଇ ଆସିଲୁ । ପୁଣି ଥରେ ବିଦାୟ କଳୀନ ଅଭିବାଦନ ଜଣାଇ ସମସ୍ତଙ୍କୁ ହସି ହସି ବିଦାୟ ଦେଲେ ମହିଳା ଡ୍ରାଇଭର୍ ଜଣକ ।



ସେଠାରୁ ବାହାରି ଆଉ ଟିକିଏ ଆଗେଇ ଗଲେ ପଡ଼ିବ ବୋଟିଂ ସେଣ୍ଟର । ଆମେ ସମସ୍ତେ ବୋଟ୍ ପାଖରେ ପହଞ୍ଚିଲା ବେଳକୁ ସେଠି ମଧ୍ୟ ଜଣେ ମହିଳା ଡ୍ରାଇଭର୍ ଅଛନ୍ତି । ଦୁଇଟି ମୋଟର୍ ବୋଟ୍ ରହିଛି ସେଠାରେ, ଗୋଟିଏ ଫେରିଲେ ଆଉ ଗୋଟିଏ ଯିବ, ଲେକ୍ ଭିତରେ ଦର୍ଶକମାନଙ୍କୁ ନେଇ ବୁଲେଇବାକୁ । ଆମେମାନେ ଯାଇ ବୋଟ୍ ଭିତରେ ବସିଲୁ, ଆହୁରି କିଛି ଲୋକମାନେ ମଧ୍ୟ ବସିଲେ, ମହିଳା ବୋଟ୍ ଚାଳିକା ଜଣକ ନିଜର ପରିଚୟ ପ୍ରଦାନ କରି ଯାତ୍ରା ସମ୍ପର୍କରେ ସବିଶେଷ ବିବରଣୀ ଦେଲା ପରେ ବୋଟ୍ ଚାଳିକା ଜଣକ ଡ୍ରାଇଭର୍ ସିଟ୍‌ରେ ବସି ଇଞ୍ଜିନ୍ ଷ୍ଟାର୍ଟ କଲେ, ଲେକ୍ ଭିତରେ ବୁଲେଇ ଦେଖାଇଲେ କେଉଁଠି ଲେମୁର,ତ କେଉଁଠି ବେବୁନ୍‌ମାନଙ୍କୁ । ପ୍ରାୟ କୋଡ଼ିଏ ମିନିଟ୍‌ର 'ଠ' ଭଳିଆ ଯାତ୍ରା ପରେ ଆମେ ଫେରିଲୁ ପୁଣି ଥରେ ସେଇଠିକି, ଯୋଉଠୁ ଆମେ ଯାତ୍ରା ଆରମ୍ଭ କରିଥିଲୁ ।

ବୋଟ୍ ଚାଳିକା ଜଣକ ଡ୍ରାଇଭର୍ ସିଟ୍ ଛାଡ଼ି ଆସି ବୋଟ୍‌ର ଦ୍ୱାର ଖୋଲିଲା ପରେ ଆମେ ସମସ୍ତେ ଓହ୍ଲାଇ ଆସିଲୁ । ସେଇଠି ବୋଟିଂର ସେଦିନ ସନ୍ଧ୍ୟାର ଶେଷ ଯାତ୍ରୀ ଥିଲୁ ଆମେ । ଧୀରେ ଧୀରେ ଚାଲି ଚାଲି ଆମେ ଆଗେଇଲୁ ବାହାର ଆଡ଼କୁ । ସେତେବେଳକୁ ଘଣ୍ଟାରେ ବାଜିଥିଲା ସନ୍ଧ୍ୟା ସାତଟା ଚାଳିଶ । ଖରା ତେଜ ଦେଖି ଲାଗୁଥାଏ ସତେ ଯେମିତି ଦିନ ଚାରିଟା ବାଜିଛି । ସନ୍ଧ୍ୟା ପାଞ୍ଚଟା ପରେ ସିଂହ ସଫାରୀ ଭିତରକୁ ଯିବା ମନା । ଏବେ ସବୁ ଦର୍ଶକମାନେ ଫେରିବାର ବେଳ । ସେଇଠି ଅଛି ଗୋଟିଏ ଛୋଟ ରେଷ୍ଟୁରାଣ୍ଟ୍ । ଆମେ ସବୁ ଯାଇ ସେଇ ରେଷ୍ଟୁରାଣ୍ଟରେ ଚାହା ଜଳଖିଆ ଖାଇ ବାହାରି ଆସିଲୁ କାର୍ ପାର୍କିଂ ପାଖକୁ । ସେତେବେଳକୁ ରାତି ଆଠଟା । ସଞ୍ଜ ନଇଁ ନଥାଏ ତଥାପି । ଆମେ ସଫାରୀ ରାସ୍ତା ପାର୍ ହୋଇ ହାଇୱେରେ ପହଞ୍ଚିଲା ବେଳକୁ ରାତି ଆଠଟା ପଚିଶି ମିନିଟ୍, ଷ୍ଟ୍ରିଟ୍ ଲାଇଟ୍ ସବୁ ଜଳିଲେଣି ଅନେକ ଆଗରୁ । ଧୀରେ ଧୀରେ ସାବଧାନ ହୋଇ ଗାଡ଼ି ଚଳାଉଥାଏ ମୋ ପୁଅ । ଦିନମାନ ଦୌଡ଼ି ଦୌଡ଼ି ଦୌଡ଼ି ଆମେ ସମସ୍ତେ ହାଲିଆ ହୋଇଯାଇଥିଲୁ, ଆଖିରେ ଆଖିଏ ଲେଖାଏଁ ନିଦ ଧରି ସମସ୍ତେ ଟଳଟଳ । କେମିତି ଘରେ ପହଞ୍ଚି ଖାଲି ଧୁଆଧୋଇ ହୋଇ ଶୋଇ ପଡ଼ିବୁ ସେଇ ଚିନ୍ତା । ଘର ପାଖାପାଖି ଗୋଟିଏ 'ଟିମ୍ ହଟନ୍'ରୁ ପିଜାଟିଏ କିଣି ଘରକୁ ଫେରିଲୁ, ଯାହାର ଇଚ୍ଛା ହେବ ସିଏ ଖାଇବ ବୋଲି । କିନ୍ତୁ ଗାଧୁଆ ପାଧୁଆ ସାରି କିଏ କୁଆଡ଼େ ଥକିହାରି ଶୋଇ ପଡ଼ିଲେ । ଆଜିର ହାମିଲ୍‌ଟନ୍ ସିଂହ ସଫାରୀର ଯାତ୍ରାଟି କ୍ଳାନ୍ତିକର ହେଲେ ମଧ୍ୟ ସୁଖକର ଥିଲା । ସେଠାରେ ଦେଖିଥିବା ସବୁ ଦୃଶ୍ୟ ଜୀବନରେ କେବେ ବି ଭୁଲି ହେବ ନାହିଁ ।



# ତାସ୍‌ମାନିଆର ତାଣ୍ଡବ

# ନିଉଜିଲ୍ୟାଣ୍ଡରୁ ନିବେଦନ


## ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା,
ଲିଙ୍କରୋଡ୍, କଟକ - ୭୫୩୦୧୨
ଫୋନ୍: ୯୪୩୭୦୫୫୦୦୭


**ଈଶ୍ୱର ବିଶ୍ୱାସୀ ଆମେ ସଦାସର୍ବଦା ତାଙ୍କର କୃପା ଲୋଡ଼ିଥାଉ । ଏମିତିରେ କୁହାଯାଏ ସେ ଇଚ୍ଛା ନକଲେ ଗଛର ପତ୍ରଟିଏ ବି ହଲେ ନାହିଁ । ଏକଥା ଅବଶ୍ୟ ସତ୍ୟ ଯେ ଆମେ ଯାହା ଭୋଗ କରୁ ତାହା ତାଙ୍କର କୃପା, ଆମେ ଯାହା ପାଉନା ତାହା ତାଙ୍କର ଇଚ୍ଛା । ସୁତରାଂ ତାଙ୍କ କୃପା ଓ ତାଙ୍କର ଇଚ୍ଛା, ଉଭୟଟି ଆମ ପାଇଁ ମଙ୍ଗଳ । ଈଶ୍ୱରଙ୍କ ପ୍ରତି ଆମର ଏଇ ଅଗାଧ ବିଶ୍ୱାସ ବେଳେ ବେଳେ ଈଶ୍ୱରଙ୍କ ଉପସ୍ଥିତିକୁ ପ୍ରମାଣିତ କରିଥାଏ । ଆମ ଜୀବନରେ ଏମିତି କିଛି ଆଶ୍ଚର୍ଯ୍ୟକର ଘଟଣା ଘଟେ, ଲାଗେ ସତେ ଯେପରି ଈଶ୍ୱର ନିଜେ ଆସି ଆମକୁ ଉଦ୍ଧାର କଲେ । ଏପରି କିଛି ଦୈବୀ ଅନୁଭବକୁ ନେଇ ଆମର ଏ ବିଭାଗ । ଆପଣଙ୍କ ଜୀବନରେ ଘଟିଥିଲେ ଲେଖି ପଠାନ୍ତୁ ।**


ଲେଖିକା ସରୋଜିନୀ ଷଡ଼ଙ୍ଗୀ

ସମୟ ଓ ଜୀବନର ଆଶ୍ଚର୍ଯ୍ୟମୟ ସଂଯୋଗ । କେତେବେଳେ ସେମାନେ ଦୁଇଟି ସରଳରେଖାରେ ଗତି କରନ୍ତି ତ' ଆଉ କେତେବେଳେ ସୁନ୍ଦର ଭାବରେ ଗୋଟିଏ ଦୋଛକିରେ ଏକତ୍ର ହୋଇଯାଆନ୍ତି । ଏକ ମନୋରମ ମିଶ୍ରଣରେ ଇନ୍ଦ୍ରଧନୁର ସାତ ରଙ୍ଗ ବୋଳି ହୋଇଯାଏ ଦୁହିଁଙ୍କ ଦେହରେ, ସେତେବେଳେ ଦୁହେଁ ହୋଇଉଠନ୍ତି ବୈଚିତ୍ର୍ୟମୟ ଏବଂ ଆଉ କେତେବେଳେ ଅଦ୍ଭୁତ କ୍ଲେଶରେ ଦୁହେଁ ହୋଇଯାଆନ୍ତି ବିଷାଦମୟ । ଦୁହେଁ ଦୁହିଁଙ୍କ ପାଖରେ ଆଣ୍ଠୁ ଭାଙ୍ଗି ବସନ୍ତି, କୋଳାକୋଳି ହୁଅନ୍ତି, ନିଜ ନିଜର ଦୁଃଖ, ସୁଖରେ ପରସ୍ପରକୁ ଆପ୍ଲୁତ କରିଦିଅନ୍ତି ଏବଂ ପୁଣିଥରେ ବାଟ ଭାଙ୍ଗି ଚାଲିଯାଆନ୍ତି । ବିଦାୟର ଏଇ ଅପୂର୍ବ ମୁହୂର୍ତ୍ତରେ କେତେବେଳେ ଦୁହିଁଙ୍କ ଆଖିରେ ଥାଏ କୋହ, କ୍ଲେଶ, ଦୁଃଖ ଏବଂ ବିଷାଦର ଲୁହ ସମୁଦ୍ର ତ ଆଉ କେତେବେଳେ ଅନୁଭବ, ଅନୁରାଗ, ସୁଖ ଏବଂ ଐଶ୍ୱର୍ଯ୍ୟର ଆନନ୍ଦାଶ୍ରୁ ଯାହା ଦୁଇ ଆଖିପତାରୁ ଝରି ନଯାଇ ଅଟକି ଯାଏ ଏବଂ ସାରା ଜୀବନ ଏକ ଅନୁପମ ସ୍ମୃତି ହୋଇ ଜୀବନକୁ କରିଦିଏ ପରିପୂର୍ଣ୍ଣ ତଥା ସ୍ୱୟଂସମ୍ପୂର୍ଣ୍ଣ । ଏମିତି ଏକ ବର୍ଣ୍ଣାଢ୍ୟ ସ୍ମୃତିର ଅସରନ୍ତି ଭଣ୍ଡାର ଥିଲା ନିଉଜିଲ୍ୟାଣ୍ଡ୍, ଯାହା ରୂପରେ, ଗୁଣରେ ତଥା ଐଶ୍ୱର୍ଯ୍ୟରେ ଥିଲା ଅପରୂପା ।

ମୁଁ ଓ ମୋର ସ୍ୱାମୀ ଡାକ୍ତର ରମାରମଣ ଷଡଙ୍ଗୀ ପି.ଜି.ଆଇ., ଚଣ୍ଡୀଗଡରୁ ଯଥାକ୍ରମେ ଏମ୍.ଡି ଓ ଏମ୍.ସି.ଏଚ୍‌ର କୋର୍ସ ସାରି, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ଯୋଗ ଦେଲୁ । ସେ ହାର୍ଟ ସର୍ଜରୀ ଓ ମୁଁ ଗାଇନୋକୋଲୋଜି ଡିପାର୍ଟମେଣ୍ଟ୍‌ରେ କାମ କରିବା ଆରମ୍ଭ କଲୁ ।

ଜଗନ୍ନାଥଙ୍କର ଅପାର କୃପାରୁ ଡାକ୍ତର ଷଡଙ୍ଗୀ ଓପନ୍ ହାର୍ଟ ସର୍ଜରୀରେ ଦୁଇ ବର୍ଷ ଉଚ୍ଚତର ଟ୍ରେନିଂ ପାଇଁ ମନୋନୀତ ହେଲେ । ସେ ଅଫର ଆସିଥିଲା ନିଉଜିଲ୍ୟାଣ୍ଡ୍‌ର ଡୁନେଡିନ୍ ପବ୍ଲିକ ହସପିଟାଲରୁ । ପ୍ରଥମେ ଡାକ୍ତର ଷଡଙ୍ଗୀ ଏୟାରପୋର୍ଟରୁ କଲିକତା ଗଲେ । ସେଇଦିନ ଭୁବନେଶ୍ୱର ଏୟାରପୋର୍ଟରେ କିଛି ସମୟ ପାଇଁ ବ୍ରିଗେଡିୟରର ଜେନେରାଲ ✓ ମାନେସ୍କାଙ୍କ ସହ ସାକ୍ଷାତ କରିବାର ସୁଯୋଗ ଆମକୁ ମିଳିଥିଲା । ଡାକ୍ତର ଷଡଙ୍ଗୀ କଲିକତାରୁ ସିଙ୍ଗାପୁର ଏୟାରଲାଇନସ୍‌ରେ ସିଙ୍ଗାପୁର ଯାଇ ସେଠୁ ଅକ୍‌ଲ୍ୟାଣ୍ଡ, କ୍ରାଏଷ୍ଟଚର୍ଚ୍ଚ ଏବଂ ଡୁନେଡିନ୍‌ରେ ପହଞ୍ଚିଲେ । ନିଜେ ବିଶିଷ୍ଟ ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ, ପ୍ରଫେସର ଜେ.ଜେ. ମଲୟ ଗାଡି ଚଲାଇ ଏୟାରପୋର୍ଟରୁ ଡାକ୍ତର ଷଡଙ୍ଗୀଙ୍କୁ ରିସିଭ୍ କରିଥିଲେ ଓ ହସ୍‌ପିଟାଲ୍‌ର କ୍ୟାମ୍ପସରେ ଛାଡିଥିଲେ । ଡାକ୍ତର ଷଡଙ୍ଗୀ ଡୁନେଡିନ ହସପିଟାଲ୍‌ର ହାର୍ଟ ସର୍ଜରୀ ବିଭାଗରେ ଯୋଗ ଦେଇ ସମୟ ଅଭାବରୁ ଫୋନ୍ କରିପାରି ନଥିଲେ । ଆମର ମଧ୍ୟ ନିଉଜିଲ୍ୟାଣ୍ଡ୍ ଉପରେ କିଛି ଧାରଣା ନଥିଲା । ଶେଷରେ ମୁଁ ପୁଅ ସିଦ୍ଧାର୍ଥ ଓ ଝିଅ ସୋନାଲି ପୃଥିବୀ ମାନଚିତ୍ର ଉପରେ ପେଟେଇ ପଡି ଗ୍ଲୋବ୍‌କୁ ଧରି ଦେଖିଲୁ । ବିଶାଳ ପ୍ରଶାନ୍ତ ମହାସାଗର ଭିତରେ ଦକ୍ଷିଣ ମେରୁ ପାଖରେ ଦ୍ୱୀପଟିଏ ନିଉଜିଲ୍ୟାଣ୍ଡ୍ ଏବଂ ଏହି ଦେଶର ସବୁଠାରୁ ଦକ୍ଷିଣକୁ ଡୁନେଡିନ ସହର ।

ସେଠି ଡାକ୍ତର ଷଡଙ୍ଗୀଙ୍କର ଦୁଇ ବର୍ଷର ଟ୍ରେନିଂ । ସରିବାକୁ ଆହୁରି ୨ମାସ ଥିଲା, ମୋର ମଧ୍ୟ କଲପୋସ୍କୋପି ଓ ଅଲଟ୍ରାସାଉଣ୍ଡ୍‌ରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଟ୍ରେନିଂ ନେବା ପାଇଁ ଅନୁମତି ମିଳିଗଲା । ମୋ ସାଙ୍ଗରେ ପୁଅ, ଝିଅ ମଧ୍ୟ ବାହାରିଲେ । କଲିକତାରୁ ସିଙ୍ଗାପୁର ଏୟାରଲାଇନ୍ସରେ ଯାଇ ସିଙ୍ଗାପୁରର ଚାଙ୍ଗୀ ଏୟାରପୋର୍ଟରେ ପହଞ୍ଚିଲୁ । ଏହା ସାରା ପୃଥିବୀର ସବୁଠାରୁ ସୁନ୍ଦର ଏୟାରପୋର୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଚାଙ୍ଗୀ ଏୟାରପୋର୍ଟର ଚାକଚକ୍ୟରେ, ସୌନ୍ଦର୍ଯ୍ୟରେ ଓ ସାଜସଜ୍ଜା ଶୈଳୀରେ ଆମେ ଅଭିଭୂତ ହୋଇଯାଇଥିଲୁ । କେଉଁଠି କୃତ୍ରିମ ଗଛ, ଜଳ ଓ ଫୁଲର ମାଧୁର୍ଯ୍ୟ, ଲାଗୁଥାଏ ସତେ ଯେମିତି ଜୀବନ୍ତ ଗଛରେ ଗୁଡାଏ ଫୁଲ ଫୁଟିଛି । ଏସବୁ ସୌନ୍ଦର୍ଯ୍ୟ ସହ ଖାପଖୁଆଇ ଝଲସୁଥିଲା ଅସଂଖ୍ୟ ଡିଉଟି ଫ୍ରି ସପ୍, ଯେଉଁଠି ଅନେକ ପ୍ରକାରର ସୌଖିନୀ ପ୍ରସାଧନ ସାମଗ୍ରୀ ମିଳୁଥିଲା ।

ସିଙ୍ଗାପୁରରୁ ଅକ୍‌ଲ୍ୟାଣ୍ଡ, ଅକ୍‌ଲ୍ୟାଣ୍ଡରୁ କ୍ରାଏଷ୍ଟ୍‌ଚର୍ଚ୍ଚ ଏବଂ କ୍ରାଏଷ୍ଟଚର୍ଚ୍ଚରୁ ଡୁନେଡିନ, ଦୀର୍ଘ ୨୦ ଘଣ୍ଟାର ଯାତ୍ରା, ସେଠି ପହଞ୍ଚି ଡୁନେଡିନ ହସ୍‌ପିଟାଲ୍‌ରେ ଜଏନ୍ କଲି । ସକାଳ ୮ଟାରୁ ୫ଟା ଯାଏଁ ଡିଉଟି । ୱିକ୍ ଏଣ୍ଡ୍‌ରେ କେବଳ ବାହାରକୁ ଯିବା ପାଇଁ ସମୟ ମିଳେ । ଡୁନେଡିନ୍ ଏଭଳି ଗୋଟିଏ ସ୍ଥାନ, ଯେଉଁଠିକି ବିଶାଳ ପ୍ରଶାନ୍ତ ମହାସାଗର ଛୋଟ ଚଗଲି ଝିଅଟିଏ ଭଳି ଛିଟ ଫ୍ରକ ପିନ୍ଧି ଫାଜିଲାମି କରି ସହର ଭିତରକୁ ପଶି ଆସିଛି । ଡୁନେଡିନର ସବୁଠାରୁ ଉଚ୍ଚ ପାହାଡ ଉପରକୁ ଯାଇ ଦେଖିଲେ ଲାଗେ, ଗୋଟିଏ ପଟେ ପ୍ରଶାନ୍ତ ମହାସାଗର ତାର ବିଶାଳ ଗଭୀରତା ଓ ବିପୁଳ ଜଳ ସମ୍ଭାରକୁ ନେଇ ଭୀମ, ଶାନ୍ତ ଅଥଚ ଗମ୍ଭୀର, ଆଉ ପାହାଡର ଆର ପଟେ ଅଗଭୀର ମହାସାଗରର ଧାରେ ସ୍ରୋତ, ଫୁଲ ଭାରରେ ସୁନ୍ଦର ଓ ଚଳଚଞ୍ଚଳ ।

କୁଇନ୍‌ସ୍‌ଲ୍ୟାଣ୍ଡ ଡୁନେଡିନର ଦକ୍ଷିଣକୁ ଅବସ୍ଥିତ ଏବଂ ଏହା ନିଉଜିଲ୍ୟାଣ୍ଡ୍‌ର ସବୁଠାରୁ ରମଣୀୟ ସ୍ଥାନ । ବସ୍‌ରେ ମାଇଲ ମାଇଲ ଧରି ଗଲାବେଳେ ସାରା ରାସ୍ତା ବର୍ଷା ହେଉଥିଲା । ରାସ୍ତାର ଦୁଇ



ପାର୍ଶ୍ୱରେ ଥିବା ସୁଉଚ୍ଚ ପାହାଡ ଉପରୁ ଧାର ଧାର ବର୍ଷା, ଝରଣା ଭଳି ଝରି ଯାଉଥିଲା । ଲାଗୁଥିଲା ଯେମିତି ପ୍ରଭୁ ସହସ୍ର ସହସ୍ର କ୍ଷୀର ଧାର ପର୍ବତ ଉପରୁ ପୃଥିବୀକୁ ଝରାଇ ଦେଉଥିଲେ ଏବଂ ଏ ମାଟିକୁ ଶସ୍ୟ ଶ୍ୟାମଳା କରି ଦେଉଥିଲେ ।

ସକାଳୁ ଉଠିବା ବେଳକୁ କୁଇନ୍ସ୍‌ଲ୍ୟାଣ୍ଡ ଆମ ପାଇଁ ଅନାକାଂକ୍ଷିତ ସୌନ୍ଦର୍ଯ୍ୟର ପସରା ମେଲାଇ ଅପେକ୍ଷା କରିଥିଲା । ବଡ ବଡ କାଚ ଝରକା ଦେଇ ବାହାରର ପାହାଡ ପର୍ବତ, ଶ୍ୟାମଳ ବନାନୀ, ମେଘ, ପବନ ଓ ହ୍ରଦ ଦିଶୁଥିଲା, ଯାହା ଉପରେ ସୂର୍ଯ୍ୟକିରଣ ପଡି ଚକ୍ ଚକ୍ ଦେଖା ଯାଉଥିଲା । ଚୁନା ଚୁନା ମେଘ ସବୁ ହାତ ପାଆନ୍ତାରେ ଝୁରୁ ଝୁରୁ ହୋଇ ଝରି ଯାଉଥିଲେ । ଯେମିତି ସୁନ୍ଦର, ସଫେଦ ଶିମିଳି ତୁଳା ସବୁ ପବନରେ ଉଡି ବୁଲୁଛନ୍ତି । ବିଖ୍ୟାତ ଔପନ୍ୟାସିକ ସାର୍ ରୁଡିୟାଡ କ୍ରିପ୍‌ଲିଙ୍ଗ୍ କୁଇନ୍ସ୍‌ଲ୍ୟାଣ୍ଡ ଓ ନିଉଜିଲ୍ୟାଣ୍ଡ୍‌କୁ ତାଙ୍କ ବହିରେ ପୃଥିବୀର ସବୁଠାରୁ ରମଣୀୟ ସ୍ଥାନ ବୋଲି ବର୍ଣ୍ଣନା କରିଛନ୍ତି ।

ତେବେ ସବୁଠାରୁ ଭୟଙ୍କର ପରିସ୍ଥିତି ଉପୁଜିଥିଲା ଯେତେବେଳେ ଆମେ ତାସ୍‌ମାନିଆ ସାଗର ଭିତରେ ଜାହାଜରେ ଭ୍ରମଣ କରୁଥିଲୁ । ଆମେ ଜାହାଜ ପାଇଁ ଟିକେଟ୍ ବୁକ୍ କରି ସାରିଲା ପରେ, ଯେତେବେଳେ ତାସ୍‌ମାନିଆ ସାଗର କୂଳକୁ ଗଲୁ ସେତେବେଳେ ଆମ ଆଖି ଆଶ୍ଚର୍ଯ୍ୟରେ ବିସ୍ଫାରିତ ହୋଇଗଲା । ଚାରୋଟି ଅଳ୍ପ ବୟସର ମଧ୍ୟମ ସ୍ୱାସ୍ଥ୍ୟ ଥିବା ଝିଅ ଲଙ୍ଗର ପକା ଯାଇଥିବା ଜାହାଜରୁ ଦଉଡି ଖୋଲିଲେ । ସମୁଦ୍ର କୂଳରୁ ବୋଟ୍‌ରେ ଆମେ ଜାହାଜ ପାଖରେ ପହଞ୍ଚିଲୁ ଏବଂ ନିର୍ଦ୍ଧାରିତ ସିଟ୍‌ରେ ବସିଲୁ । ଚାରି ଝିଅଙ୍କ ମଧ୍ୟରୁ ଜଣେ ଜାହାଜ ଚାଳକ ବା କପ୍ତାନ ଏବଂ ୩ ଝିଅ ନାବିକ ଥିଲେ । ପ୍ରଥମେ ତ ବିଶ୍ୱାସ ହେଲାନି, ଏହି ଚାରିଜଣ ଛୋଟ ଝିଅଙ୍କ ତତ୍ତ୍ୱାବଧାନରେ କିପରି ଆମେ ଅଶାନ୍ତ ତାସ୍‌ମାନିଆ ସାଗର ଭିତରେ ଭ୍ରମଣ କରିବୁ ! ଲେଡି କ୍ୟାପଟେନ୍ ଜଣକ ଜାହାଜ ଚଲାଇବା ଆରମ୍ଭ କଲେ ଏବଂ ଯେତେବେଳେ କିଛି ମାଇଲ ଚାଲି ଆସିଲା, ସେ ବାଁ ହାତରେ ଷ୍ଟିଅରିଂ ଧରି ଡାହାଣ ହାତରେ ସ୍ପିକର୍ ଧରି କମେଣ୍ଟ୍ରି ଦେବାକୁ ଆରମ୍ଭ କଲେ । କେଉଁଠି ଗଭୀର ଜଳ ତରଙ୍ଗ ତ, କେଉଁଠି ସିଲ୍ ମାଛର ଲମ୍ବା ଲାଇନ୍ । କ୍ରମେ କ୍ରମେ ଜାହାଜ ଗଭୀର ଜଳ ତରଙ୍ଗରେ ପ୍ରବେଶ କଲା । ଠିକ୍ ସେତିକିବେଳେ ସାମୁଦ୍ରିକ ଝଡ ଆରମ୍ଭ ହୋଇଗଲା । ତାସ୍‌ମାନିଆ ସାଗର ଯେ ଏତେ ଅଶାନ୍ତ ହୋଇପାରେ, ତା ଆମ ଧାରଣା ବାହାରେ ଥିଲା । ସାମୁଦ୍ରିକ ଝଡରେ ସାରା ଜାହାଜ ଦୋହଲି ଯାଉଥିଲା ଏବଂ ସମୁଦ୍ରର ଉତ୍ତାଳ ଢେଉ ଏତେ ଉପରକୁ ଉଠୁଥିଲା ଯେ, ଆମକୁ ଲାଗୁଥିଲା ସୁଉଚ୍ଚ ଜୁଆର ଯେମିତି ଜାହାଜ ଭିତରକୁ ପଶି ଆସିବ ଓ ଆମେ ତାସ୍‌ମାନିଆ ସାଗରରେ ପଡି ନିଶ୍ଚିହ୍ନ ହୋଇଯିବୁ । କାତରରେ ଆଖି ବୁଜି ହାତ ଯୋଡିଲୁ ପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ । ସେ ଜାହାଜରେ ବିଭିନ୍ନ ଦେଶର ଯାତ୍ରୀ ଥିଲେ ଏବଂ ଅଧିକାଂଶ ଖ୍ରୀଷ୍ଟିଆନ୍ ଥିଲେ । ସେମାନେ ସମସ୍ତେ ହାତ ଯୋଡି ଯୀଶୁଙ୍କୁ ପ୍ରାର୍ଥନା କରିବା ଆରମ୍ଭ କରିଦେଇଥିଲେ । ଶହ ଶହ ଯାତ୍ରୀଙ୍କ ମଧ୍ୟରୁ ଆମେ ଚାରିଜଣ କେବଳ ଇଣ୍ଡିଆନ୍ । ଆମେ ଦୁହେଁ ଓ ପୁଅ-ଝିଅ, ଭୟରେ ମୁଁ ଆଖି ବୁଜି ଦେଇଥିଲି । ଯଦି ଜାହାଜ ବୁଡିଯାଏ ତେବେ କଣ କରିବା ଆମେ ? ଆମେ ଚାରିଜଣ ଆଖି ବୁଜି ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରିବା ଆରମ୍ଭ କରିଦେଲୁଁ । ପ୍ରାୟ ଅଧଘଣ୍ଟା ପରେ ସାମୁଦ୍ରିକ ଝଡ ଓ ଉଚ୍ଚ ଜୁଆର ଆସ୍ତେ ଆସ୍ତେ କମି ଆସିଲା ଏବଂ ସମୁଦ୍ର ଶାନ୍ତ ହେଲା ଏବଂ ଶାନ୍ତ ହୋଇ ଆସିଲା କ୍ରମେ କ୍ରମେ ତାସ୍‌ମାନିଆ ସାଗରର ଭୀମ ମୂର୍ତ୍ତି ଓ ତାଣ୍ଡବ ନୃତ୍ୟ । ଜାହାଜ କୂଳ ଆଡକୁ ଆସିଲା ଏବଂ ନୌକାରେ ନିରାପଦରେ ଆମେ କୂଳକୁ ଆସିଲୁ । ତଥାପି ତାସ୍‌ମାନିଆ ସାଗର କୂଳରେ ଲାଗି ରହିଥିଲା ଝିପିଝିପି ବର୍ଷା ଓ କୋହଲା ପାଗ ।



ମୋ ମନ କିନ୍ତୁ ଥିଲା ପ୍ରଭୁଙ୍କର

ପଦ୍ମପାଦରେ । ଏତେ ଦୂରରୁ ପୃଥିବୀର ଦକ୍ଷିଣମେରୁ ପାଖରୁ କେମିତି ପ୍ରଭୁ ଆମର ଡାକ ଶୁଣି ପାରିଲେ ? ଲାଗୁଥିଲା ସତେ ଯେମିତି ଗରୁଡସ୍ତମ୍ଭ ପାଖରେ ରହି ଆକୁଳରେ ଡାକିଲେ ରତ୍ନ ସିଂହାସନ ଛାଡି ପ୍ରଭୁ ଭକ୍ତ ପାଖକୁ ଚାଲି ଆସନ୍ତି, ସତରେ ସେମିତି ସୁଦୂର ନିଉଜିଲ୍ୟାଣ୍ଡ୍‌ରୁ ଆମ ଚାରିଜଣଙ୍କର ଆକୁଳ ନିବେଦନ ଶୁଣି ଥମାଇ ଦେଲେ ଅଶାନ୍ତ ସାମୁଦ୍ରିକ ଝଡ, ଉତ୍ତାଳ, ପ୍ରଳୟ ଜଳ, କୁଆରକୁ ବଶୀଭୂତ କରି କୁନି କୁନି ଢେଉରେ ପରିଣତ କରିଦେଲେ ଏବଂ ସମୁଦ୍ରର ତାଣ୍ଡବ ନୃତ୍ୟକୁ ଲାସ୍ୟ-ନୃତ୍ୟରେ ପରିଣତ କରିଦେଲେ ? ଭକ୍ତିରେ, ଶ୍ରଦ୍ଧାରେ, ସ୍ନେହରେ ମୋର ଦୁଇ ଆଖି ପରିପୂର୍ଣ୍ଣ ହୋଇଗଲା, ପଲକରୁ ଉଛୁଳି ଆସୁଥିଲା ଉଦ୍‌ଗତ ଅଶ୍ରୁର ଧାର, କପାଳରେ ମୋର ଚିକ୍ ଚିକ୍ କରୁଥିଲା ମୁକ୍ତା ଭଳି ବିନ୍ଦୁ ବିନ୍ଦୁ ଝାଳ । ସର୍ବୋପରି ମୋର ଶରୀର ରୋମାଞ୍ଚିତ ହୋଇ ଉଠୁଥିଲା, କୃତଜ୍ଞତାରେ ଏବଂ ମୋର ଦୁଇ ଆଞ୍ଜୁଳାରେ ଭରି ରହିଥିଲା ଯେଉଁ ନୈବେଦ୍ୟ, ସେ ପରମ କାରୁଣିକଙ୍କ ପାଇଁ ଥିଲା ଭକ୍ତିର ଅର୍ଘ୍ୟ ।



ଠାକୁରଙ୍କୁ ଅନେକ କିଛି ମାଗିବାର ଇଚ୍ଛାରେ ଯେତେବେଳେ, ବାଇଶି ପାହାଚ ଡେଇଁ ଶ୍ରୀମନ୍ଦିରରେ ପହଞ୍ଚେ ଏବଂ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଗରେ ହାତ ଯୋଡି ଆଖି ବୁଜି ପ୍ରଣାମ ମୁଦ୍ରାରେ ଠିଆ ହୁଏ କେଉଁ ଆଡେ ଉଭାଇ ଯାଏ ସେ ଇଚ୍ଛା । ପଣତ ପାତି ଦେଲେ କାଳେ ତାଙ୍କ କରୁଣାର କୈବଲ୍ୟରୁ ଚିରୁଡାଏ ମୋର ପଣତ ସାଉଁଟି ନେବ ସେଇ ଆଶାରେ ଆଶାୟୀ ଥାଏ ମୁଁ ଚିରକାଳ । ପ୍ରଭୁଙ୍କୁ ମାନସଚକ୍ଷୁରେ ଦର୍ଶନ କଲେ, ବିହ୍ୱଳ ହେବାର ମୁହୂର୍ତ୍ତ ଆସିଯାଏ, ପାଶୋର ହୋଇଯାଏ ବ୍ୟକ୍ତିତ୍ୱ, ସତ୍ତା ସବୁକିଛି, ଦେବ ଦୁର୍ଲ୍ଲଭ ଭକ୍ତିର ଏ ନିବିଡ ଅନୁଭବ ନିମିଷକେ ଦେଇଥାଏ କୋଟି କୋଟି ଜନ୍ମର ପୁଣ୍ୟ । ବେଳେବେଳେ ନୀଳାଞ୍ଚନଙ୍କର କୃପାର ଗୋଟିଏ ବିନ୍ଦୁ ହୋଇଥାଏ ଜୀବନର ପରମ ପ୍ରାପ୍ତି । ଭକ୍ତର ଜୀବନ ପରିଧିକୁ ସେ ଓହ୍ଲାଇ ଆସନ୍ତି କେତେବେଳେ ସକାଳର ଖରା, ମଧ୍ୟାହ୍ନର ଜ୍ୱଳନ୍ତ ସୂର୍ଯ୍ୟ ତ ଆଉ କେତେବେଳେ ଅପରାହ୍ନ ଓ ରାତିର ନୈଶ ଚନ୍ଦମା ହୋଇ । ଆଖି ବୁଜି ତାଙ୍କର ନାନା ଅବତାର କଥା ଭାବୁ ଭାବୁ ସେ ଉଭା ହୁଅନ୍ତି ସୂକ୍ଷ୍ମାତିସୂକ୍ଷ୍ମ ଅଶ୍ରୁ ବିନ୍ଦୁରେ ନାଦବ୍ରହ୍ମ ହୋଇ, ପୁଣି ପଦ୍ମଫୁଲର କେଶରରେ ମଧୁଭ୍ରମର ହୋଇ । କେତେବେଳେ ଆକାଶକୁ ଚାହିଁଲେ ତାଙ୍କର ବିଶ୍ୱରୂପ ଦୃଷ୍ଟିଗୋଚର ହୁଏତ କେତେବେଳେ ସେ ପ୍ରତିଭାତ ହୁଅନ୍ତି ହୃଦୟରେ ଏକ ମୁଗ୍ଧ ସମାହିତ ସୂକ୍ଷ୍ମାତିସୂକ୍ଷ୍ମ ରୂପରେ । ସେ ଆସନ୍ତି ଭକ୍ତର ଭକ୍ତି ଡୋରିରେ ବନ୍ଧା ହୋଇ ବିଭିନ୍ନ ରୂପରେ ବିଭିନ୍ନ ଭାବରେ, ବିଭିନ୍ନ ଅବତାରରେ, ବିଭିନ୍ନ ସ୍ଥାନରେ ଏବଂ ସେ ଉଭା ହୁଅନ୍ତି ଭାବପୂର୍ଣ୍ଣ ଡାକରେ । ସହସ୍ର ସହସ୍ର କୋଶ ଦୂରରେ ଭକ୍ତର ଅନାବିଳ ଭକ୍ତିର ଡାକ ତାଙ୍କୁ ଶୁଭିଯାଏ, ନହେଲେ ମୋ ଭଳି ଅକିଂଚନର ଡାକ ଶୁଣି ସେ ଆମକୁ ଏତେ ବଡ ବିପତ୍ତିରୁ ରକ୍ଷା କରିଥାନ୍ତେ କେମିତି ?

ନା ହଂ ତିଷ୍ଠାମି ବୈକୁଣ୍ଠେ, ଯୋଗୀନାଂ ହୃଦୟେ ନ ଚ
ମଦ୍ ଭକ୍ତା ଯତ୍ର ଗାୟନ୍ତି, ତତ୍ର ତିଷ୍ଠାମି ନାରଦଃ ।

ମୋ ଆଖି ଆଗରେ କେବଳ ଉଭା ଥିଲେ ବଡ ଠାକୁର, ରଜତ ଗିରିନିଭଧ୍ୟାନ ଗମ୍ଭୀର ମୂର୍ତ୍ତି, ଜ୍ୟୋତ୍ସ୍ନା ସ୍ନାତ ଅନନ୍ତ ଆକାଶ ପରି ବିପୁଳ ସୁନ୍ଦର ଗୌର ତନୁ ତାଙ୍କର, ସେ ପ୍ରଲମ୍ବିତ ବିଶାଳ ଭୁଜରେ କେରି କେରି ନକ୍ଷତ୍ରର ମାଳ, ବିଚିତ୍ର ନୀଳାଞ୍ଜନଙ୍କର ଅଜସ୍ର ଜ୍ୟୋତିରେ ଏ ବହ୍ମାଣ୍ଡ ନିମିଷକେ ଅପୂର୍ବ ଦ୍ୟୁତିରେ ଦ୍ୟୁତିମାନ ହୋଇଯାଏ । ତାଙ୍କ ଦେହର ଦିବ୍ୟମାଳ, ଦିବ୍ୟ ପଟ୍ଟବସ୍ତ୍ର, ଦିବ୍ୟ ସୁଗନ୍ଧରେ ତାଙ୍କର ବିଶ୍ୱରୂପ ପ୍ରକଟିତ ହୋଇଥାଏ । ଏହା କେବଳ ଜ୍ଞାନ ନେତ୍ରରେ ହିଁ ଦେଖି ହୋଇଥାଏ । ତାଙ୍କ ମହିମାକୁ ଯିଏ ଶ୍ରବଣ, କୀର୍ତ୍ତନ, ସ୍ମରଣ, ପ୍ରମାଣ, ସନ୍ଦନ, ବନ୍ଦନ, ସଖ୍ୟପଣ, ଭୃତ୍ୟପଣ ଓ ଆତ୍ମ ସମର୍ପଣ କରେ ସେ ସିଦ୍ଧି ଲାଭ କରେ । ଅଭୟ ବରଦାନର ମୁଦ୍ରାରେ ଯିଏ ଚିରନ୍ତନ ପ୍ରତିଭାତ ହୁଅନ୍ତି, ସେଇ ପରମତମ, ଶ୍ରେଷ୍ଠତମ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ମୋର ବିନମ୍ର ପ୍ରଣାମ ।





# ପଣାର ପଣକିଥା

# ପଣାର ବିଶେଷତା


**ସମ୍ବେଦନା ମିଶ୍ର**

ପ୍ଲଟ ନମ୍ବର - ୯୫୯/୧୦ , ସମ୍ବିତ ଭିଲା
ଘାଟିକିଆ, ଭୁବନେଶ୍ୱର-୭୫୧୦୨୯
ଫୋନ: ୯୯୩୭୭୨୩୫୭୯


ମୁଖ୍ୟପୃଷ୍ଠ ମଡେଲ: ମଧୁସ୍ମିତା ମହାନ୍ତି

**ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହ ପଣାର ସମ୍ପର୍କ ଅତି ନିବିଡ । କୁହାଯାଏ 'ପଣା'ରେ ରହିଛି ଓଡ଼ିଆଙ୍କର ପ୍ରାଣ । ଗ୍ରୀଷ୍ମଦିନରେ 'ପଣା'ର ଆଦର ବଢ଼ି ଯାଇଥାଏ । ଓଡ଼ିଆଙ୍କର ଘରେ ଘରେ ସର୍ବତ ବା ପଣା କେତେବେଳେ ଲେମ୍ବୁ ମିଶ୍ରିରେ ତ ଆଉ କେତେବେଳେ ବେଲପଣାରେ ହୋଇଥାଏ ।**



▶ ଲେଖିକା ସମ୍ବେଦନା ମିଶ୍ର

ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହ ପଣାର ସମ୍ପର୍କ ଅତି ନିବିଡ । କୁହାଯାଏ 'ପଣା'ରେ ରହିଛି ଓଡ଼ିଆଙ୍କର ପ୍ରାଣ । ଗ୍ରୀଷ୍ମଦିନରେ 'ପଣା'ର ଆଦର ବଢ଼ି ଯାଇଥାଏ । ଓଡ଼ିଆଙ୍କର ଘରେ ଘରେ ସର୍ବତ ବା ପଣା କେତେବେଳେ ଲେମ୍ବୁ ମିଶ୍ରିରେ ତ ଆଉ କେତେବେଳେ ବେଲପଣାରେ ହୋଇଥାଏ । ସନାତନ ଧର୍ମାନୁସାରେ ଜଳଦାନ ଠାରୁ ବଳି ପୁଣ୍ୟ କାର୍ଯ୍ୟ ଆଉ କିଛି ନାହିଁ । ତେଣୁ ବିଭିନ୍ନ ପର୍ବପର୍ବାଣିରେ ଦେବାଦେବୀଙ୍କୁ ଭୋଗ ଲଗେଇବା ସହ ପାନୀୟ ଭାବରେ ପଣାକୁ ଓଡ଼ିଆମାନଙ୍କ ଚଳଣିରେ ଦେଖିବାକୁ ମିଳେ ।

ପଣାର ସଂସ୍କୃତ ନାମ ହେଉଛି 'ପ୍ରପାନକ' ଅର୍ଥାତ 'ଗୁଡ' ବା 'ନବାତ' ମିଶ୍ରିତ ପାନୀୟ । ଏହି ନାମ ଅପଭ୍ରଂଶ ହୋଇ ପରେ ଓଡ଼ିଆମାନଙ୍କ ପାଖରେ 'ପଣା' ନାମରେ ପରିଚିତ ହୋଇଛି । ଶ୍ରୀମନ୍ଦିରର ଛପନ ଭୋଗ ମଧ୍ୟରେ 'ପଣା' ଭୋଗ ଅନ୍ୟତମ । ଶ୍ରୀମନ୍ଦିରରେ ପଣା କେବେଠାରୁ ପ୍ରଚଳିତ ହେଲା, ସେ ନେଇ କୌଣସି ଲିଖିତ ଇତିହାସ ନାହିଁ । ତେବେ ଚୈତ୍ର ସଂକ୍ରାନ୍ତିରୁ ବୈଶାଖ ସଂକ୍ରାନ୍ତି ଯାଏଁ ଏକ ମାସ ସମଗ୍ର ଦେଶରେ ବିଭିନ୍ନ ପର୍ବପର୍ବାଣି ପାଳନ ସହ ପଣାପାନ ପରମ୍ପରା ରହିଛି । ଗ୍ରୀଷ୍ମ ଉତ୍ତାପ ବଢୁଥିବାରୁ ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ 'ପଣାପାନ' ହେଉଛି ଏକ ବୈଜ୍ଞାନିକ ଚିନ୍ତନ, ଯାହାକୁ ସାଂସ୍କୃତିକ ଜୀବନ ଭିତରେ ମିଶାଇ ଦିଆଯାଇଛି ।

ବିଶ୍ୱାସ କରାଯାଏ, ୮ମ ଓ ୯ମ ଶତାବ୍ଦୀ ଆଡକୁ ବୌଦ୍ଧ ଧର୍ମର ବିଲୁପ୍ତି ସହ 'ଦେବୀ ଉପାସନା' ଜନଜୀବନକୁ ପ୍ରବେଶ କରିଥିଲା । ସେ ସମୟରେ ପ୍ରଥମେ 'ପଣା' ପ୍ରଚଳନ ହୋଇଥିଲା । ସେତେବେଳେ ରାଜାରାଜୁଡ଼ାମାନେ ଇଷ୍ଟଦେବୀମାନଙ୍କ ଉଦେଶ୍ୟରେ ପଣା ଅର୍ପଣ କରୁଥିଲେ । ଓଡ଼ିଶାରେ 'ଭୌମକର ରାଜବଂଶ' ଠାରୁ ପଣା ସଂସ୍କୃତି ଆରମ୍ଭ ହୋଇଥିବା ବିଶ୍ୱାସ ରହିଛି ।

## ମହାବିଷୁବ ବା ପଣା ସଂକ୍ରାନ୍ତି

ଓଡ଼ିଆ ମାସ ଅନୁଯାୟୀ ବୈଶାଖ ମାସର ପ୍ରଥମ ଦିନରେ ପାଳିତ ହୋଇଥାଏ ବିଷୁବ ସଂକ୍ରାନ୍ତି ବା ଓଡ଼ିଆ ନୂଆବର୍ଷ । ବିଶ୍ୱାସ ରହିଛି, ବିଷୁବ ସଂକ୍ରାନ୍ତିରେ ସୂର୍ଯ୍ୟ ନିଜ କିରଣ ମାଧ୍ୟମରେ ଜନସମାଜ ଉପରେ ନବଶକ୍ତି ଓ ନବଚେତନା ସଂଚାର କରନ୍ତି । ଏହି ସଂକ୍ରାନ୍ତିରେ ସୂର୍ଯ୍ୟ ମେଷ ରାଶିକୁ ଚଳନ ହେଉଥିବାରୁ ଏହି ସଂକ୍ରାନ୍ତିକୁ ମେଷ ସଂକ୍ରାନ୍ତି ମଧ୍ୟ କୁହାଯାଇଥାଏ ।

ଏହି ଦିନରୁ ଓଡ଼ିଆ ନୂଆବର୍ଷ ଆରମ୍ଭ ହେଉଥିବାରୁ ଓଡ଼ିଶାର ଘରେ ଘରେ ଏହି ଦିନ ଦେବାଦେବୀଙ୍କଠାରେ ସ୍ୱତନ୍ତ୍ର ପୂଜା, ଭୋଗ, ହୋମ ଆଦି ହୋଇଥାଏ । ଏକ ଛୋଟ ଠେକିରେ ପାଣି ଓ ପଣା ପୂର୍ଣ୍ଣ କରି ତୁଳସୀ ଚଉରା ମୂଳରେ ବାଉଁଶ ସାହାଯ୍ୟରେ ଶିକାରେ ପୂରାଇ ଟଙ୍ଗା ଯାଇଥାଏ । ଏହାକୁ ବସୁନ୍ଧରା ଠେକି କୁହାଯାଏ । ଠେକିରେ ଥିବା ଛୋଟ କଣାରେ ଦିଆଯାଇଥିବା ଦୁବଘାସ ଜରିଆରେ ଧୀରେ ଧୀରେ ପାଣି ଝରେ ଯାହା ତୁଳସୀ ଚଉରା ଉପରେ ପଡିଥାଏ । ଏହି ଦିନ ଛତୁଆ, ଦହି, ଗୁଡ, କଦଳୀ ଓ ନଡ଼ିଆକୁ ମିଶାଇ ତୁଳସୀ ଚଉରା ପାଖରେ ଭୋଗ ଲଗା ଯାଇଥାଏ । କୁହାଯାଏ ଏହି ସଂକ୍ରାନ୍ତି ପର ଠାରୁ ସୂର୍ଯ୍ୟଙ୍କ କିରଣ ବୃଦ୍ଧି ପାଇବା ସହ ହଜମ ଶକ୍ତିର ମଧ୍ୟ ବୃଦ୍ଧି ହୋଇଥାଏ । ତେଣୁ ଏହି ସଂକ୍ରାନ୍ତି ରେ ବୁଟଛତୁଆ ଓ ବେଲପଣା ପରି ଗରିଷ୍ଠ ସାମଗ୍ରୀକୁ ଭୋଗ କରାଯାଇଥାଏ ।

ଏହି ଦିନ ସାଇପଡିଶା, ବନ୍ଧୁବାନ୍ଧବମାନଙ୍କୁ ପଣା ବଣ୍ଟା ଯାଇଥାଏ । ପଣା ସଂକ୍ରାନ୍ତି ପର ଠାରୁ ରାସ୍ତାକଡ଼ରେ ପଥିକମାନଙ୍କ ତୃଷା ନିବାରଣ ପାଇଁ ବିଭିନ୍ନ ସ୍ଥାନରେ ଜଳଛତ୍ରମାନ ଖୋଲା ଯାଇଥାଏ । ଏହି ସଂକ୍ରାନ୍ତି ଦିନ ବୃକ୍ଷଜଗତ ଏବଂ ଜୀବଜଗତଙ୍କୁ ଜଳ ପ୍ରଦାନ କରା ଯାଉଥିବାରୁ କେହି କେହି ଏହି ସଂକ୍ରାନ୍ତିକୁ 'ଜଳ ସଂକ୍ରାନ୍ତି' ବୋଲି ମଧ୍ୟ କହିଥାନ୍ତି ।

ପଣା ସଂକ୍ରାନ୍ତିକୁ ହନୁମାନଙ୍କ ଜନ୍ମଦିବସ ବା ହନୁମାନ ଜୟନ୍ତୀ ରୂପେ ମଧ୍ୟ ପାଳନ କରାଯାଏ । ହନୁମାନ ଅତ୍ୟନ୍ତ ପଣା ପ୍ରିୟ । ସେଥିପାଇଁ ସମସ୍ତ ହନୁମାନ ମନ୍ଦିର ଓ ବିଶେଷକରି ପୁରୀ ସହରରେ ଥିବା ଜାଗା ଆଖଡ଼ାଗୁଡ଼ିକରେ ହନୁମାନଙ୍କୁ ପଣା ଭୋଗ ଲାଗି କରାଯାଇ ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଏ ।

## ଶ୍ରୀଜଗନ୍ନାଥ ଓ ପଣା

ପଣା ଭୋଗ ମହାପ୍ରଭୁଙ୍କର ଦୈନନ୍ଦିନ ନୀତି ସମେତ ବିଶେଷ ପର୍ବମାନଙ୍କରେ ମଧ୍ୟ ଲାଗି ହୋଇଥାଏ । ସାଧାରଣତଃ ଶ୍ରୀମନ୍ଦିର ଭୋଗ ପରମ୍ପରାରେ ତିନି ପ୍ରକାରର 'ପଣା' ସଂଯୋଜିତ ହୋଇଛି – 'ଦୈନନ୍ଦିନ ପଣା', 'ଅଣସର ପଣା' ଓ 'ଅଧରପଣା' । ତେବେ ରଥ ଉପରେ ଅନୁଷ୍ଠିତ ଅଧରପଣା ହେଉଛି 'ସର୍ବବୃହତ ପଣା' ଭୋଗ । ସେହିପରି ମହାପ୍ରଭୁମାନେ ରତ୍ନ ସିଂହାସନ, ଅଣସରପିଣ୍ଡି, ଆଡପମଣ୍ଡପ, ସ୍ନାନମଣ୍ଡପ ଓ ପହଣ୍ଡିବିଜେ ସମୟରେ ବିରାଜମାନ କରୁଥିବା ବେଳେ ପଣା ଭୋଗ ହେବାର ବିଧି ରହିଛି ।



**ଦୈନନ୍ଦିନ ପଣା :** ଶ୍ରୀମନ୍ଦିରରେ ପ୍ରତ୍ୟେହ ଅନୁଷ୍ଠିତ ଷାଠିଏ ପ୍ରକାରର ଭୋଗ ମଧ୍ୟରେ ଦୈନନ୍ଦିନ ପଣା ଅନ୍ୟତମ । ଏହି ପଣା କେବଳ କ୍ଷୀର, ନବାତ ଖଣ୍ଡ, କର୍ପୂର ଇତ୍ୟାଦି ପଡି ପ୍ରସ୍ତୁତ ହୋଇଥାଏ । ଦୈନନ୍ଦିନ ନୀତି ବ୍ୟତୀତ ଅଣସର ସମୟରେ ପ୍ରତିଦିନ ୧୪ ସାନ ଓଳି ଓ ୧୪ ବଡ଼ ଓଳି କୁ ମିଶାଇ ୨୮ ଓଳି ପଣା ଅର୍ପଣ ହୋଇଥାଏ । ସେହିପରି ଚନ୍ଦନ ଯାତ୍ରା ୪୨ ଦିନଯାକ ୪ ବାଡ଼ରେ ୧୯ ଓଳି, ପଣା ସଂକ୍ରାନ୍ତି ଦିନ ୩୧ ଓଳି ପଣା, ଦୋଳପୂର୍ଣ୍ଣମୀ ଦିନ ୯ ଓଳି ପଣା, ମକର ସଂକ୍ରାନ୍ତି ଦିନ ୮ ଓଳି ପଣା ଓ ପୁଷ୍ୟାଭିଷେକ ଦିନ ୪ ଓଳି ପଣା ଭୋଗ ହୋଇଥାଏ ।

**ଅଧର ପଣା :** ଶ୍ରୀମନ୍ଦିରର ଭୋଗ ପରମ୍ପରାରେ ଅଧରପଣା ସ୍ୱତନ୍ତ୍ର । ଏଥିରେ ସାଧାରଣ ପଣା ଠାରୁ ଅଧିକ ଛେନା, ସର, ଛାଚି, କର୍ପୂର ଓ ଜାଇଫଳ ମିଶାଯାଏ । ସୁନାବେଶ ଏକାଦଶୀ ପରଦିନ ସିଂହଦ୍ୱାର ସମ୍ମୁଖରେ ଛିଡା ହୋଇଥିବା ତିନି ରଥ ଉପରକୁ ତିନିଟି ବଡ଼ ବଡ଼ ମାଟିପାତ୍ରରେ ପଣା ରଥାରୂଢ ତିନି ଦିଅଁଙ୍କ ପାଇଁ ଅଣାଯାଇଥାଏ । ପାତ୍ରଗୁଡ଼ିକର ଉଚ୍ଚତା ତିନି ଦିଅଁଙ୍କ 'ଅଧର' ବା 'ଓଠ' ପର୍ଯ୍ୟନ୍ତ ପହଞ୍ଚିଲା ଭଳି ନିର୍ମିତ ହୋଇଥାଏ । ପରେ ମହାପ୍ରଭୁଙ୍କୁ ସମର୍ପଣ କରାଯାଇ ସେହି ପଣା ହାଣ୍ଡି ଭାଙ୍ଗି ଦିଆଯାଏ । ବିଶ୍ୱାସ କରାଯାଏ, ରଥଯାତ୍ରା ବେଳେ ରଥରେ ରହି ତିନି ଦିଅଁଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ଦେବଦେବୀଙ୍କର ସହ ଚଣ୍ଡୀଚାମୁଣ୍ଡା, ଅଶରୀରୀ, ଭୂତପ୍ରେତଙ୍କ ପାଇଁ ଏହି ଅଧରପଣା ନୀତି ଉଦ୍ଦିଷ୍ଟ ଥାଏ ।

**ଅଣସର ପଣା :** ସ୍ନାନପୂର୍ଣ୍ଣମୀ ପରେ ଶ୍ରୀଜୀଉମାନେ ଜ୍ୱରରେ ପୀଡିତ ହୋଇ ଅଣସର ଗୃହରେ ଥିବାବେଳେ ସେଠାରେ ସେମାନଙ୍କୁ ଅଣସର ପଣା ଲାଗି କରାଯାଏ । ପୌରାଣିକ କଥା ଅନୁସାରେ, ଅଣସର ଘରେ ବିଦ୍ୟାପତି ବଂଶର ସେବକମାନେ ୧୫ ଦିନ ଧରି କର୍ପୂର ମିଶା ମିଶ୍ରି ପଣା ଭୋଗ ଲଗାଇ ପୂଜା କରିବେ ଏବଂ ମିଶ୍ରି ପଣାରେ କ୍ଷୀର-ସର ମିଶାଇ, ପରଂବ୍ରହ୍ମଙ୍କୁ ଚିନ୍ତା କରି ସମର୍ପଣ କରିବେ ବୋଲି ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଥିଲେ । ଏହି କ୍ଷୀର-ସର ମିଶା ମିଶ୍ରି ପଣା ପତି ମହାପାତ୍ର ସେବକ ଅଣସର ତାଟି ଭିତରେ ଦାରୁଦେବତାମାନଙ୍କୁ ସମର୍ପଣ କରନ୍ତି । ପରେ ଦଇତା ସେବକମାନେ ସେହି ଭୋଗରେ ଅଧିକ କ୍ଷୀର-ସର ଓ ମିଶ୍ରି ମିଶାଇ ଭକ୍ତମାନଙ୍କୁ ବିତରଣ କରନ୍ତି ।



## ଚୈତ୍ର ମଙ୍ଗଳବାର ପଣା

ମଙ୍ଗଳା ହେଉଛନ୍ତି ମଙ୍ଗଳମୟୀ ମାତୃଶକ୍ତି । ମାଆ ମଙ୍ଗଳାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପଣା ଭୋଗ ଦିଆଯିବାର ପରମ୍ପରା ରହିଛି । ପୂର୍ବ କାଳରେ ହାଡ଼ଫୁଟି, ବସନ୍ତ, ହଇଜା ଆଦି ରୋଗ ହୋଇଥିଲେ ବି ଏହାକୁ ଦେବୀଙ୍କର କୋପ ଭାବି ତାଙ୍କୁ ସନ୍ତୁଷ୍ଟ କରିବା ଲାଗି ପାନ ଭୋଗ ଦିଆଯାଉଥିଲା । ଏବେ ବିଶେଷ କରି ଚୈତ୍ରମାସର ମଙ୍ଗଳବାରରେ ପନ୍ଥେଇ ପୂଜାରେ ପଣା ଭୋଗ ପ୍ରଦାନ କରାଯାଉଛି । ଏହି ଚୈତ୍ର ମଙ୍ଗଳବାର ପୂଜାରେ ମହିଳାମାନେ ପିଲାଙ୍କର ମଙ୍ଗଳ କାମନା କରି ଦାଣ୍ଡରେ କୋଠି ବା ପନ୍ଥେଇ କରନ୍ତି ଏବଂ ସେଥିରେ ଚନ୍ଦନ, ସିନ୍ଦୂର ଆଦି ଦେଇ କଳସ ବସାନ୍ତି । ଧୂପ ଦୀପ ଦେଇ ପୂଜା କରିବା ସହ ପନ୍ଥେଇରେ ମାଆ ମଙ୍ଗଳାଙ୍କର ଉଦେଶ୍ୟରେ କ୍ଷୀର ଫଳମୂଳ, ଉଖୁଡା ଆଦିରେ ପ୍ରସ୍ତୁତ ପଣା ଭୋଗ ଦେଇଥାନ୍ତି ।

## ଆଳି ପଣା

ପୂର୍ବରୁ ବାହାଘର ସମୟରେ ବର ସହିତ ବରଯାତ୍ରୀମାନଙ୍କୁ ବି ଉଚ୍ଚ ସମ୍ମାନ ଦିଆଯାଉଥିଲା । କୌଣସି ବରଯାତ୍ରୀଙ୍କ ଚର୍ଚ୍ଚାରେ ଯେପରି ତ୍ରୁଟି ରହିନଯାଏ, ସେଥିପ୍ରତି କନ୍ୟାପକ୍ଷ ଲୋକେ ବିଶେଷ ଯତ୍ନ ଦେଉଥିଲେ । ବରଯାତ୍ରୀମାନେ କନ୍ୟାଘରେ ପହଞ୍ଚିବା ପରେ ସେମାନଙ୍କର ସତ୍କାର ପାଇଁ ଯେଉଁ ପ୍ରଥମ ପାନୀୟ ବା ଜଳ ଯୋଗ ଦିଆ ଯାଉଥିଲା ତାକୁ ଆଳି ପଣା କୁହାଯାଇଥାଏ । ଏହା ଏକ ସମ୍ମାନର ପ୍ରସଙ୍ଗ ଥିଲା । ଏଥିରେ ଆପ୍ୟାୟିତ ହୋଇ ସାରିବା ପରେ ହିଁ ବରଯାତ୍ରୀମାନେ ଭୋଜି ଖାଇବାକୁ ଯାଉଥିଲେ । ଏବେ ମଧ୍ୟ କେତେକ ସ୍ଥାନରେ ଆଳି ପଣା ପରମ୍ପରା ପ୍ରଚଳିତ ଅଛି ।

## ଓଡ଼ିଶାରେ ପ୍ରଚଳିତ ପଣା

**ଲେମ୍ବୁ ମିଶ୍ରି ପଣା :** ମାଟିପାତ୍ରର ଶୀତଳ ଜଳରେ ମିଶ୍ରି ମିଶାଇ ସେଥିରେ ସାମାନ୍ୟ ଲେମ୍ବୁରସ ମିଶାଇ ଏହାକୁ ପ୍ରସ୍ତୁତ କରାଯାଏ ।

**ବେଲ ପଣା :** ପାଚିଲା ବେଲର ରସରେ ଚିନି ବା ଗୁଡ ସହ ଦହି, ନଡ଼ିଆ ଓ ଗୋଲମରିଚ ଗୁଣ୍ଡ ମିଶାଯାଇ ବେଲ ପଣା ପ୍ରସ୍ତୁତ କରାଯାଏ । ପଣା ସଂକ୍ରାନ୍ତିରେ ବିଶେଷ କରି ବେଲ ପଣା ପ୍ରସ୍ତୁତ ହୋଇଥାଏ ।

**ଛେନା ପଣା :** ଏହି ପଣା ମହାପ୍ରଭୁ ଜଗନ୍ନାଥଙ୍କର ବେଶ ପ୍ରିୟ । ଖାସ କରି ପଣାସଂକ୍ରାନ୍ତିରେ ଛେନା ପଣା ପ୍ରସ୍ତୁତ ହୁଏ ଓ ମହାପ୍ରଭୁଙ୍କୁ ଲାଗି କରାଯାଏ । ଛେନାକୁ କଦଳୀ, କ୍ଷୀର, ନଡ଼ିଆ କୋରା ସହ ଭଲରେ ଚକଟା ଯାଏ । ସେଥିରେ ସ୍ୱାଦ ଅନୁସାରେ ଅଳେଇଚ ଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ଛେଚା ଅଦା ଆଦି ପକାଯାଏ । ଏହି ପଣା ତୃଷ୍ଣା ନିବାରକ, ବଳ କାରକ ଓ ସୁନିଦ୍ରା ମଧ୍ୟ ପ୍ରଦାନ କରିଥାଏ ।

**ଝରପଣା :** ପଶ୍ଚିମ ଓଡ଼ିଶାରେ ଏହି ପଣା ଲୋକପ୍ରିୟ । ଏହା ସାଧାରଣତଃ ପାଲୁଅରେ ମିଶ୍ରି ଓ ପାନମହୁରୀ ପକାଇ ପ୍ରସ୍ତୁତ ହୋଇଥାଏ ।

**ଆମ୍ବ ପଣା :** ଆମ୍ବକୁ ସିଝାଇ ତାର ରସରେ ପାଣି, ଚିନି ବା ମିଶ୍ରି ମିଶାଇ ଏହା ପ୍ରସ୍ତୁତ ହୋଇଥାଏ । କେତେକ ସ୍ଥାନରେ କଞ୍ଚା ଆମ୍ବ ରସରୁ ମଧ୍ୟ ଆମ୍ବ ପଣା ପ୍ରସ୍ତୁତ କରାଯାଏ ।

**ଦହି ପଣା :** ଏହା ସବୁଠାରୁ ଲୋକପ୍ରିୟ । କେହି କେହି ଏହାକୁ ଲସି ମଧ୍ୟ କହିଥାନ୍ତି । ବସା ଦହିରେ ଚିନି କିମ୍ବା ଗୁଡ ସହ ଗୋଲମରିଚ ଏବଂ ଗୁଜୁରାତି ଗୁଣ୍ଡକୁ ବିନିଯୋଗ କରି ଏହାକୁ ପ୍ରସ୍ତୁତ କରାଯାଏ । ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ନଡ଼ିଆ କୋରା, କାଜୁ କିସ୍‌ମିସ୍ ଓ ରାବିଡି ମିଶାଯାଇଥାଏ ।

**ଫଳ ପଣା :** କଦଳୀ, ସେଓ, ଅଙ୍ଗୁର, ଡାଳିମ୍ବ ସହ ନଡ଼ିଆ କୋରା, ଗୋଲମରିଚ ଗୁଣ୍ଡ, ଚିନି ବା ନବାତ ଓ ସାମାନ୍ୟ ଦହି ଦେଇ ଏହି ପଣା ପ୍ରସ୍ତୁତ କରଯାଏ । ବିଶେଷକରି ଦେବଦେବୀଙ୍କର ପୂଜାରେ ଫଳ ପଣା ଲାଗି କରାଯାଏ ।

ଆଇନକାନୁନ



ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପ ିଗତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।

## ଆଇନ ପରାମର୍ଶ - ୨୮

# ସମ୍ବିଧାନର ୧୦ଟି ଅଧିକାର ସମ୍ପର୍କରେ ଜାଣନ୍ତୁ




**ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**

ଭୁବନେଶ୍ୱର ବାର୍ ଏସୋସିଏସନ୍

ଫୋନ : ୯୩୦୯୧୧୯୬୨୫


ଅନେକ ଅଧିକାର ରହିଛି, ଯାହା ବିଷୟରେ ଆମ ଜନସାଧାରଣ ଜାଣିବାର ଆବଶ୍ୟକତା ରହିଛି ।

### ୧. ଗର୍ଭବତୀ ମହିଳାଙ୍କ ପାଇଁ ଜରୁରୀ କାନୁନ୍

ମାତୃତ୍ୱ ଲାଭ ଅଧିନିୟମ ୧୯୭୧ ଅନୁସାରେ କୌଣସି କମ୍ପାନୀ ଗର୍ଭବତୀ, ମହିଳାଙ୍କୁ ଚାକିରୀରୁ ବାହାର କରିପାରିବ ନାହିଁ । ଏପରି କଲେ ୩ବର୍ଷ ପର୍ଯ୍ୟନ୍ତ ଦଣ୍ଡ ଭୋଗ କରିବାକୁ ପଡ଼ିବ ।

### ୨. ଟ୍ରାଫିକ ଚାଲାନ୍ ସହ ଜଡ଼ିତ ଅଧିନିୟମ

୨୦୧୬ ଅନୁସାରେ ଯଦି ଆପଣଙ୍କ କୌଣସି ଦିନ ହେଲମେଟ୍ ବିନା ଚାଲାଣ୍ କଟୁଛି ବା ଅନ୍ୟ କାରଣରୁ କାଟି ଦିଆଯାଏ ତା'ହେଲେ ସେହିଦିନ ସେହି ଅପରାଧ ପାଇଁ ଆପଣଙ୍କ ଚାଲାଣ୍ କଟିବ ନାହିଁ ।

### ୩.ଲିଭ୍‌ଇନ୍ ରିଲେସନ୍‌ସିପ୍ ଅପରାଧ କି ?

ଘରୋଇ ହିଂସା ଅଧିନିୟମ ୨୦୦୫ ଅନୁସାରେ ଯଦି ପୁରୁଷ ବା ମହିଳା ଲିଭ୍ ଇନ୍ ରିଲେସନ୍‌ସିପ୍‌ରେ ରହିବାକୁ ଚାହୁଁଛନ୍ତି, ତେବେ ଏଇଟା ଅପରାଧ ନୁହେଁ । କେବଳ ଏତିକି ନୁହେଁ ସେମାନଙ୍କ ଠୁଁ ଜନ୍ମ ନେଇଥିବା ସନ୍ତାନ ମଧ୍ୟ ଅପରାଧ ନୁହେଁ ଏବଂ ସନ୍ତାନର ପିତାର ସମ୍ପତ୍ତିରେ ମଧ୍ୟ ସମ୍ପୂର୍ଣ୍ଣ ଅଧିକାର ଅଛି ।

### ୪. ମହିଳାଙ୍କ ଗିରଫ ସହ ଜଡ଼ିତ କାନୁନ୍

ସେକ୍‌ସନ୍ ୪୪ ଅପରାଧିକ ପ୍ରକ୍ରିୟା ଅନୁସାରେ କୌଣସି ମହିଳାଙ୍କୁ **ସକାଳ ୬ଟା ପୂର୍ବରୁ ଏବଂ ସଂଧ୍ୟା୬ଟା ପରେ ଗିରଫ କରିବାର ଅଧିକାର**




**ନାହିଁ ।**

### ୫. ଫାଇଭ୍‌ଷ୍ଟାର୍ ହୋଟେଲରେ ନିଶୁଳ୍କ ଟଏଲେଟ୍ ବ୍ୟବହାର ଅଧିକାର

ଭାରତୀୟ ସଲାଇସ୍ ଆକ୍ଟ ୧୮୮୭ ଅନୁସାରେ କୌଣସି ପାଞ୍ଚ ତାରକା ହୋଟେଲରେ ଆପଣଙ୍କୁ ଫ୍ରିରେ ପାଣି ପିଇବା ହେଉ କିମ୍ବା ଟଏଲେଟ୍‌ର ବ୍ୟବହାର କରିବା ପାଇଁ କିଏ ବି ରୋକି ପାରିବ ନାହିଁ ।

### ୬. ଘରମାଲିକ ଜ୍ବରଦସ୍ତି ଘର ଖାଲି କରିପାରିବେ ନାହିଁ

ଦିଲ୍ଲୀ ହାୟର୍ ମ୍ୟାନେଜମେଣ୍ଟ୍ ଆକ୍ଟ ୧୯୫୮, ପାର୍ଟ ୧୪ ଅନୁସାରେ ଯଦି ଆପଣ ଦିଲ୍ଲୀରେ ରୁହନ୍ତି ତେବେ ଘରମାଲିକ ଆପଣଙ୍କୁ ଆଗରୁ ନଜଣାଇ ଜବରଦସ୍ତି ଘର ଖାଲି କରିବାର ଅଧିକାର ନାହିଁ ।

### ୭. ପ୍ରତ୍ୟେକ ନାଗରିକଙ୍କୁ ଏ କାନୁନ୍ ଜାଣିବା ଆବଶ୍ୟକ

Most retail Value Act 2014 ଅନୁସାରେ କୌଣସି ଦୋକାନୀ କୌଣସି ବସ୍ତୁ ପାଇଁ ମୂଲ୍ୟ ଠୁଁ ଅଧିକ ରାଶି ମାଗି ପାରିବ ନାହିଁ । କିନ୍ତୁ କଂଜ୍ୟୁମର ଅଧିକତମ ଖୁଚୁରା ମୂଲ୍ୟ ଠୁ କମ୍‌ରେ ବସ୍ତୁ କିଣିବା ପାଇଁ ଦୋକାନୀଙ୍କୁ କହି ପାରିବେ ।

### ୮. ଏଫ୍.ଆଇ.ଆର୍ ଦର୍ଜ କରିବା ପାଇଁ ପୋଲିସ୍ ମନା କରିପାରିବେନି


Indian Penal Code 166A ଭାରତୀୟ ଦଣ୍ଡ ସଂହିତା ଅନୁସାରେ ଏକ ପୋଲିସ ଅଧିକାରୀ ପ୍ରାଥମିକ ଏଫ୍.ଆଇ.ଆର୍ ଦର୍ଜ କରିବା ପାଇଁ ମନା କରି ପାରିବେ ନାହିଁ । ମନା କରିଲେ ତାଙ୍କୁ ୬ ମାସରୁ ୧ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଭୋଗିବାକୁ ହେବ ।

### ୯. ଟ୍ୟାକ୍ସ ଚୋରୀ ମାମଲାରେ ଗିରଫଦାରୀ ପୂର୍ବରୁ ନୋଟିସ୍ ପଠା ହେବା ଆବଶ୍ୟକ

Earring Tax Act ଆୟକର ଅଧିନିୟମ ୧୯୬୧ ଅନୁସାରେ ଟ୍ୟାକ୍ସ ଚୋରୀ ମାମଲାରେ କର ସଂଗ୍ରହ ଅଧିକାରୀଙ୍କର ଆପଣଙ୍କୁ ଗିରଫଦାର କରିବାର ଅଧିକାର ରହିଛି । କିନ୍ତୁ ଗିରଫଦାର ପୂର୍ବରୁ ତାଙ୍କୁ ଆପଣଙ୍କୁ ନୋଟିସ୍ ପଠାଇବାକୁ ପଡ଼ିବ । କେବଳ ଟ୍ୟାକ୍ସ କମିଶନର୍ ନିର୍ଦ୍ଧାରଣ କରିବେ ଆପଣଙ୍କୁ କେତେଦିନ **କଷ୍ଟଡିରେ ରହିବାକୁ ହେବ ।**

### ୧୦.ଡ୍ୟୁଟିରେ ନଥିବା ପୋଲିସ୍ ଅଧିକାରୀଙ୍କୁ ଶୁଣିବାକୁ ହେବ ଅଭିଯୋଗ

ପୋଲିସ୍ ଆକ୍ଟ ୧୮୬୧ ଅନୁସାରେ ପୋଲିସ୍ ଅଧିକାରୀ ସବୁ ସମୟରେ ଡ୍ୟୁଟିରେ ଥାନ୍ତି । ପୋଲିସ ୟୁନିଫର୍ମ ପିନ୍ଧି ହେଉ କି ନହେଉ । ଯଦି କୌଣସି ବ୍ୟକ୍ତି ପୋଲିସ ଅଧିକାରୀଙ୍କୁ ଅଭିଯୋଗ କରେ ତେବେ ପୋଲିସ୍ ଅଧିକାରୀ ପୀଡ଼ିତଙ୍କୁ କହି ପାରିବେ ନାହିଁ ଯେ ସେ ଡ୍ୟୁଟିରେ ନାହାଁନ୍ତି ।




ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ପ୍ରଚ୍ଛଦ କଳ୍ପନା : ରବୀନ୍ଦ୍ର କୁମାର ବିଶ୍ୱାଳ
ପ୍ରଚ୍ଛଦ ମଡେଲ୍ : ଶୁଭଶ୍ରୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ,ଭୁବନେଶ୍ୱର
ଉଚ୍ଚତା : ୫ ଫୁଟ୍ ୪ଇଞ୍ଚ୍
ବୃତ୍ତି : ଅଭିନୟ
ଶିକ୍ଷା : ଦ୍ୱାଦଶ ଶ୍ରେଣୀ
ରୁଚି : ନାଚ
ପ୍ରଚ୍ଛଦ ଫଟୋଗ୍ରାଫି : ଏ.ଜେ. ଫଟୋୱାଲା, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କମ୍ପ, ସୋନପୁର
ମେକ୍ଅପ୍ ଓ କଷ୍ଟ୍ୟୁମ୍ : ପୂର୍ଣ୍ଣିମା ଆଚାର୍ଯ୍ୟ
ସ୍ଥାନ : ମଧୁସୂଦନ ପାର୍କ, ଭୁବନେଶ୍ୱର

ଲେଣ୍ଡର

# ୨୦୨୪ ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

**ପର୍ବପର୍ବାଣି**

୦୧/୦୫/୨୦୨୪ : ଶ୍ରମିକ ଦିବସ
୧୦/୦୫/୨୦୨୪ : ଅକ୍ଷୟ ତୃତୀୟା
୧୬/୦୫/୨୦୨୪ : ସୀତା ନବମୀ
୨୩/୦୫/୨୦୨୪ : ଚନ୍ଦନ ଓ ବୁଦ୍ଧ ପୂର୍ଣ୍ଣିମା

### ୨୦୨୪ ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | | |

### ୨୦୨୪ ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ୨୦୨୪ ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ୨୦୨୪ ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ୨୦୨୪ ଜୁନ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ୨୦୨୪ ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ୨୦୨୪ ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ୨୦୨୪ ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ୨୦୨୪ ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ୨୦୨୪ ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୮ | ୨୮ |
| ୨୯ | ୩୦ | ୩୧ | | | | |

ଧାରାବାହିକ କାବ୍ୟ

# ଦ୍ରୌପଦୀ-୩୯

## ପ୍ରଫୁଲ୍ଲ କୁମାର ମହାନ୍ତି

ଉତ୍ସାହର ପରିଶ୍ରମରେ ଗରମିଗଲା ପବନ
ରାଜ୍ୟର ଗୌରବ ପାଇଁ ଲାଗିଗଲେ ସବୁ
ଯେମିତି ସେମାନେ ହେବେ ରାଜଚକ୍ରବର୍ତ୍ତୀ
ଇନ୍ଦ୍ରପ୍ରସ୍ଥ ବି ବିଭବରେ ହେବେ ସମଭାଗୀ
ଫଳଫୁଲ ପରିବା ବୋଝେଇ ନୌକା
ତରଙ୍ଗ ଉଠାଇଲେ କୋସ କୋସ ଧରି
ଗଙ୍ଗା ଶତଦ୍ରୁ ପାଣି ହେଲା ଫେଣ ଭରା
ଭରା ଶଗଡ଼କୁ ଦଉଡ଼ାଇ ଦେଲେ ବଣ ପାହାଡ଼ରେ
ମୁଣ୍ଡରେ ବୋହିଲେ ବସ୍ତା ଟୋକେଇ ଭରା
ବିଦେଶରୁ ଆସିଥିବା ରସାଳ ସାମଗ୍ରୀ
ଗଢ଼ିଲେ ରାଜାଙ୍କ ପାଇଁ ଅତିଥି ନିବାସ
ସାଧୁସନ୍ଥ ସୈନ୍ୟ ପାଇଁ ସୁରମ୍ୟ ଆବାସ
ଘୋଡ଼ା ଗୋରୁ ଲାଗି ନିର୍ମଳ ଶିବିର
ଭରିଦେଲେ ସବୁ ଘରେ ଆରାମର ଅପୂର୍ବ ଦରବ
ବିପୁଳ ସାମଗ୍ରୀ ଖଞ୍ଜିଦେଲେ ସେବାକାରୀ
ଯେମିତି ରହିବ ନାହିଁ ଲୋଡ଼ିବାର ଅବକାଶ

ଗଢ଼ିଦେଲେ ରାସ୍ତାଘାଟ ପାଟ ପୁଷ୍କରିଣୀ
ଶୋଭିଲେ ମନଲୋଭା ରୂପାଜଳ ଛଳଛଳ
ବାଟୋଇଙ୍କ ତୃଷା ବଢ଼ାଇଲେ ରମ୍ୟ ବ୍ୟବସ୍ଥାରେ ।
ଯଜ୍ଞ ସମିଧ ଘୃତ ଧୂପ ଦୀପର ଭଣ୍ଡାର
ସାଜିଦେଲେ ବିଧି ଅନୁସାରେ ପବିତ୍ର ଭାବରେ
ଥୋଇବା କାଟିବା ବାନ୍ଧିବା କୋଳାହଳ
ସୃଷ୍ଟି କଲା ମଣିଷର ଶକ୍ତିର ଗହଳ

ପ୍ରକୃତିର ପ୍ରତିରୂପ ପରି ଆଙ୍କିଦେଲେ
ଚିତ୍ରକଳା ଝଲସାଇ ପାହାଚ ବାରଣ୍ଡା କାନ୍ଥ
ଯେମିତି ଲାଗିଯିବ ଆଖି ମନ ହେବ
ଆସିଲେ କି ଦେବ ପୂରୀ ନୂଆ ଧରଣୀକୁ !

ଦ୍ୱିପ୍ରହର ସୂର୍ଯ୍ୟ ଯେବେ ଲୁଟିନେଲା ଛାଇ
ବାହାରିଲେ ଦ୍ରୌପଦୀ ସୂର୍ଯ୍ୟ ମୁଣ୍ଡାଇ
ସୁନ୍ଦର ହସ ହସି ଦେଶମାତା ପରି
ଡାକିଲେ ସବୁ ପୁରୁଷ ନାରୀଙ୍କୁ ଆସ ମୋର



ଡ. ପ୍ରଫୁଲ୍ଲ କୁମାର ମହାନ୍ତି

ପ୍ରିୟ ନାଗରିକ ମୋ ଦେଶର ଦକ୍ଷ କାରିଗର
ଗାଧୁଆ ସାରି ଆସ ବାଢ଼ିଦେବି ଯାହା
ରାନ୍ଧିଛି ମୁଁ ତୁମ ପାଇଁ ପ୍ରେମ ସରାଗରେ
ଖଇନିଅ ପେଟ ଭରି ଦଣ୍ଡେ ଗଡ଼ିଯାଅ
ତାପରେ କରିବ କାମ ସାଜିବ ପୃଥିବୀ ।

ସମସ୍ତଙ୍କୁ ଆପଣାଇ ଖୁଆଇଲା ଦ୍ରୌପଦୀ
ନାନା ଅନ୍ନ ବ୍ୟଞ୍ଜନରେ ମଧୁର ହସରେ
ଆଉ ନିଅ ଆଉ ନିଅ କହି ଠିଆ ହେଲା
ଶେଷ ବ୍ୟକ୍ତି ଭରାପେଟେ ଉଠିବା ପର୍ଯ୍ୟନ୍ତ
ସନ୍ତୋଷରେ ଭରିଗଲା ଦ୍ରୌପଦୀର ଆଖି ।

ଏ ମଧ୍ୟରେ ଭାରତର ସବୁ ରାଜା ସନ୍ଥ
ନିମନ୍ତ୍ରଣ ପାଇ ସବୁ ଲାଗିଗଲେ ପ୍ରସ୍ତୁତିରେ
ନିଜ ମର୍ଯ୍ୟାଦାର ଅନୁରୂପ ସାଜବାଜ
ରଥ ଅଶ୍ୱ ବେଶ ସାଜି ରାଜ ଉପହାର
ସଜାଡ଼ି ଆରମ୍ଭ କଲେ ପଥଶ୍ରମ ଯାତ୍ରା
ସତେ କି ଭାରତବର୍ଷ ଜାଗ୍ରତ ଚଞ୍ଚଳ
ଦେଖିବାକୁ ଯୁଧିଷ୍ଠିର ଯଜ୍ଞ ଅନୁଷ୍ଠାନ
ହାତୀଘୋଡ଼ା ସେନା ରଥୀ କଲେ ଅଭିଯାନ
ପାହାଡ଼ିଆ ବନରାସ୍ତା ଭରିଗଲା
ମଣିଷର କୋଳାହଳ ଯାତ୍ରା ଶବ୍‌ଦରେ
ବଣପଶୁ ଭୟ ଉଜାଗର ବାଧିଲାନି
ଭାରତ ମିଳନ ପର୍ବ ଦର୍ଶନ ଆଶାରେ ।

କୃଷ୍ଣ ପଠାଇଥିଲେ ସ୍ୱତନ୍ତ୍ର ଚିଟାଉ
ବିନମ୍ର ନିବେଦନ କରିଥିଲେ ଯୁଧିଷ୍ଠିର
ବିଭୀଷଣ, ହନୁମାନଙ୍କର ଉପସ୍ଥିତି ପାଇଁ
ଖୁସିରେ ସ୍ୱୀକାର କରି କୃଷ୍ଣ ନିମନ୍ତ୍ରଣ
ବାହରିଲେ ଯୁଗଜିତା ପ୍ରଚଣ୍ଡ ନାୟକ
ଦେଖିବାକୁ ଯୁଧିଷ୍ଠିର ଯଜ୍ଞ ଆୟୋଜନ ।

ଧନୁ ପରି ଅର୍ଦ୍ଧ ଗୋଲାକାର
ସଜା ହେଲେ ସ୍ୱାଗତ ତୋରଣ
ଚଲାପଥେ ସଜା ହେଲା ଚାନ୍ଦୁଆର ଛାତ
ଶୀତଳ ଛାଇ ପାଇଁ ହେଲା ଆୟୋଜିତ
ଫୁଲ ସୁଗନ୍ଧରେ ସ୍ୱାଗତ ଗୀତରେ
ସୁନ୍ଦରୀ କୁମାରୀ ମାନେ ହେଇଥିଲେ ଠିଆ
ପଥଶ୍ରାନ୍ତ ରାଜା ପାରିଷଦ ଗଣଙ୍କର
ବିନୋଦନ ପାଇଁ ଢାଳିବାକୁ ଫୁଲଝରୀ :
ଇନ୍ଦ୍ରପ୍ରସ୍ଥ ସାଜିଥିଲା ନବବଧୂ ପରି
ଆର୍ଯ୍ୟାବର୍ତ୍ତର ସରାଗ ମଞ୍ଚରେ
ସୁନାଝରା ଜଳଛିଟା ସୁଗନ୍ଧ ଶୀତଳ
ଫୁଲ ପାଖୁଡ଼ାର ମହକ କୋମଳ
ନମ୍ର ଆଘାତରେ ପୁଲକିତ ହୋଇ

ସ୍ୱାଗତ ନୃତ୍ୟର ତରଙ୍ଗିତ ଢେଉ
ଆଲିଙ୍ଗନ କରୁଥିଲା ରାଜ ଅତିଥିକୁ
ମହାନ୍ ଭାରତର କଳା ଓ ସଂସ୍କୃତି
ପାଛୋଟି ଆଣୁଥିଲା ସ୍ୱାଗତ ମଞ୍ଚକୁ
ମାଟି ଆକାଶର ମୁକ୍ତ ସୀମା ଛୁଇଁ



ଅନନ୍ତ ଅସୀମର ମୁଗ୍ଧ ଭୂମିକୁ:

ସବୁଠି ଥିଲେ ଅର୍ଜନ ଅତିଥି ନିବାସ
ଛାଉଣୀ ଘୋଡ଼ାଶାଳ ନାଟ୍ୟ ମଣ୍ଡପ
କଳାକାର ଅଭ୍ୟାସ କକ୍ଷରେ
ନାଟ୍ୟଗୁରୁ ମହଲରେ ଶୁଣାଇବା ପାଇଁ
ବିନମ୍ର ଉତ୍ସାହବାଣୀ ଖୁସି ପ୍ରଦର୍ଶନ ପାଇଁ ।

ନଦୀତଟରୁ ଭଣ୍ଡାର ରୋଷେଘର ଯାଏ
ବୁଲୁଥିଲେ ଭୀମ ଥଟ୍ଟା ପରିହାସ କରି
ସୃଷ୍ଟି କରି ଲଘୁ ପରିବେଶ ମୋହୁଥିଲେ
କର୍ମରତ ଯୁବକ ମେଳରେ
ନୌକା ଶଗଡ଼ରୁ ବୋହି ଆଣୁଥିଲେ
ମହଣ ମହଣ ଫଳ ପରିବା ଚାଉଳ ଡାଲି
ବିଦେଶୀ ମହକର ସତେଜ ସଂଭାର ।

ରାଜା ଯୁଧିଷ୍ଠିର ଦେଖୁଥିଲେ ବାରମ୍ବାର
ନିମନ୍ତ୍ରଣ ତାଲିକା ନାମ ନିରେଖି ପରଖି
ଋଷି ବିଜ୍ଞଜନ ସର୍ବୋପରି କୃଷ୍ଣ
ଦେଉଥିଲେ ପରାମର୍ଶ ତୃଟି ବିଚ୍ୟୁତିରେ
ଅର୍ଥ ପଦାର୍ଥ ମିଷ୍ଟାଚାର ଔଚିତ୍ୟ
କରୁଥିଲେ ରକ୍ଷା ସବୁ ନୈତିକତା ।

କୃଷ୍ଣ ଥିଲେ ଶତଚକ୍ଷୁ ଶତବାହୁ
ଉଦୟରୁ ଅସ୍ତ ଯାକେ ଅସ୍ତରୁ ଉଦୟ ଯାକେ
ମୁହୂର୍ତ୍ତର ସଞ୍ଚାଳକ ଗତ ଆଗତର
ସନ୍ଧିକ୍ଷଣ ଯୋଗ ବିଯୋଗର
ସାର୍ଥକ ନାୟକ ।

'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୦୩୬୨୩

# ମିଶ୍ରରାଗ

ଡକ୍ଟର ନୀଳମଣି ପରିଡ଼ା

କେନ୍ଦ୍ରାପଡ଼ାର ସଦର ମହକୁମାରୁ ପାଟକୁରା ଗରଦପୁର ବ୍ଲକ୍
ଅଧ୍ୟାପକ ସୁସାହିତ୍ୟିକ ତପନ ପତିଙ୍କ ପତିସାହି ବାସଭବନକୁ
ସକାଳୁ ସକାଳୁ ସପରିବାର କାର୍ ଚଢ଼ି ଆମେ ସବୁ ଯାତ୍ରା କଲୁ
ଦି'ଦିନର ଅବିଶ୍ରାନ୍ତ ଝଡ଼ିବର୍ଷା ପରେ ସୂର୍ଯ୍ୟଙ୍କ ଉଦୟ-ଉତ୍ସବ
କଅଁଳ ସୂର୍ଯ୍ୟାଲୋକରେ ଦେଶ ଦୁନିଆଁ ଗାଁଗଣ୍ଡା ଝଲସୁଥିଲା ।

ଶୀତଦିନ ଧାନକଟା ସରି ହଳାସବୁ ଉଠି
କ୍ଷେତ ମୁଗବୁଣା ପାଇଁ ପରବର୍ତ୍ତୀ ପର୍ଯ୍ୟାୟ-ପ୍ରସ୍ତୁତ ମାଟି
ଆଖୁ ପନିପରିବା ନଈମାଛ ଦେଶୀ କୁକୁଡ଼ା
ଗାଉଁଲି ଛେଳି ମାଂସ ଛକ ପେଣ୍ଠସ୍ଥଳୀରେ ପ୍ରଲୁବ୍ଧ କରେ
ସଭିଏଁ ଆକର୍ଷିତ ମନଲୋଭା ବାସ୍ତବ ଦୃଶ୍ୟାବଳୀରେ ।

ଚିତ୍ରୋତ୍ପଳା ଲୁଣା ନିରିମାଖି ନିସ୍ତରଙ୍ଗ ନଈସବୁ ବହୁଥିଲେ
ଅଙ୍କାବଙ୍କା ଅପ୍ରଶସ୍ତ ଉଠାଣି ଗଡ଼ାଣି ଆଗକୁ ଲମ୍ବିଛି ରାସ୍ତା
ସୌନ୍ଦର୍ଯ୍ୟର ଚିତ୍ରପଟ୍ଟ ଶୋଭା ଗେଣ୍ଡୁଫୁଲ ଉଦ୍ୟାନରୁ ପ୍ରକଟିତ
ମେହେନ୍ଦିପୁର ନଇଲିପୁର କଥାକାର ଗିରୀଶ ସାହୁଙ୍କ ଗାଁ ଟପି
ଆମେ ଗନ୍ତବ୍ୟସ୍ଥଳରେ ପହଞ୍ଚିଗଲୁ ।

ସକାଳର ପର୍ଯ୍ୟାପ୍ତ ଶୁଭ୍ର ଆଲୋକ ଦିନତମାମ୍ ବିଚ୍ଛୁରିତ
ବିରହ ଅନୁରାଗର ଫେଣ୍ଟାଫେଣ୍ଟି ମିଶ୍ରିତ ଛନ୍ଦାଛନ୍ଦି ଭାବାବେଗ-ସ୍ୱର
ସମ୍ପର୍କର ପିରାମିଡ଼୍ ମଣିଷକୁ ଚିରହରିତ୍ ଉର୍ଦ୍ଧ୍ୱାୟିତ
ଚେତନାରେ ଧରି ରଖିଛି
ଆମେ ସ୍ୱପ୍ନଭୁକ୍ ପଦ୍ମଭୁକ୍ ଶସ୍ୟଭୋଜୀ ମଣିଷ
ଶୂନ୍ୟତାର ହ୍ରଦ ମଝିରେ ବିଦ୍ୟମାନ ଝିଲି ମିଲି ପଲ୍ଲୀ ଗାଁଡ଼ିକ
ଆକାଶର ଜ୍ୟୋତିଷ୍ମାନ ଉଜ୍ଜ୍ୱଳ ନକ୍ଷତ୍ର ପରିକା ଦିଶେ
ଆମର ତ୍ୱରିତ ଧାବମାନ ଗତି ଫୁଲ-ଚନ୍ଦନ-ବିହ୍ୱଳ ପଣ ସର୍ବସ୍ୱ ।

♥ ୪୭ ନୟନ ବିହାର, ପୋ-ପାଣ୍ଡିରୀ,
ଠାକୁରପାଟଣା, କେନ୍ଦ୍ରାପଡ଼ା-୭୫୪୪୨୫୦,
ଫୋନ: ୮୭୬୩୧୦୯୮୯୫



▲ ଡକ୍ଟର ନୀଳମଣି ପରିଡ଼ା

# ରାଷ୍ଟ୍ରବାର୍ତ୍ତା

ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

ଏ ବିବର୍ତ୍ତିତ ସମୟ ଆମକୁ ଟାଣି ନେଉଛି
ଏକ ନିଶ୍ଚିତ ଅନ୍ଧତ୍ୱ ଆଡକୁ, ଆମ ଆଖିରେ ନାହିଁ ପରଳ,
କିନ୍ତୁ ଆମେ ସମସ୍ତେ ଏଥର ଅନ୍ଧ !

ଏଥର ଆମେ ସମସ୍ତେ ଜଣେ ଜଣେ ଗାନ୍ଧାରୀ
ଏ ସମୟ ହିଁ ଆମ ଆଖିରେ ଜୋର କରି ବାନ୍ଧି ଦେଉଛି ଅନ୍ଧ ପୁଟୁଳି,
ଆମେ ପ୍ରତିବାଦ କରି ପାରୁନେ, କାରଣ
ପ୍ରମାଣ ଦେବାର ଅଛି ନିଜ ଆନୁଗତ୍ୟର !

ଆମ ପାଖ ଘର ପୁଅ ଯିବ ଯୁଦ୍ଧ ଲଢିବାକୁ,
ଆମ ପାଖଘର ପୁଅ ହେବ ଖୁଦିରାମ
ଆମ ପଡୋଶୀ ପୁଅ ହିଁ ଫାଶୀରେ ଚଢିବା ଆଗରୁ କହିବ;
'ମେରା ରଙ୍ଗଦେ ବସନ୍ତି ଚୋଲା,
ଇନ୍ କିଲାବ୍ ଜିନ୍ଦାବାଦ୍ ।'

ଆମ ସମସ୍ତଙ୍କ ଆଖିରେ ଗାନ୍ଧାରୀଙ୍କ ଅନ୍ଧ ପଟ୍ଟିକା
ବିଶ୍ୱାସ କରନ୍ତୁ ଏ ପଟି ଆମେ ନିଜେ ନିଜର ଆଖିରେ ବାନ୍ଧି
ଅନ୍ଧ ହେବାର ଚମତ୍କାର ଅଭିନୟ କରି ପାରୁଛେ !

ଏ ମଞ୍ଚର ମାୟାରେ ଆମେ ଭୁଲି ଯାଉଛେ ଯେ'
ବାତ୍ସଲ୍ୟର ଆକଟ ଦେଖି ନଥିବା ସବୁ ଆସନ୍ତା କାଲିର ଶିଶୁ ଜଣେ ଜଣେ
ଦୁର୍ଯ୍ୟୋଧନ ଓ ଦୁଃଶାସନ ହୁଅନ୍ତି, ଏମାନେ ହିଁ
ଆମନ୍ତ୍ରଣ କରନ୍ତି ଗୋଟେ କୁରୁକ୍ଷେତ୍ର ।

ଯାହାର ଆରମ୍ଭ ହୁଏ ଗୋଟେ କୁରୁସଭାରୁ !

ଗାନ୍ଧାରୀର ଅନ୍ଧ ପଟ୍ଟିକାର ତଳେ ଯେଉଁ ସ୍ତିମିତ ଅଗ୍ନି ରହିଥାଏ ତାହା ଜମାରୁ
ଯଥେଷ୍ଟ ନୁହେଁ , ରାଷ୍ଟ୍ରକୁ ମହା ପତନରୁ ଉଦ୍ଧାର କରିବାକୁ !

ଗାନ୍ଧାରୀ ହେବା ଖୁବ ସହଜ ସତରେ,
ଆଖି ବୁଜି ଦେଇ ହୁଏ ସମଗ୍ର ମାନବତାକୁ !

ସମୟକୁ ଦୋଷ ଦେଇ, ଈଶ୍ୱରଙ୍କୁ ଅଭିଶାପ ଦେଇ
ଆମେ ହୁଏତ ଗାନ୍ଧାରୀଙ୍କ ଚରିତ୍ରାଭିନୟ ଖୁବ୍ ଭଲ କରିବା,

କିନ୍ତୁ ଯେଉଁ ମହାସମରର ବୀଜ ଆମେ ନିଜେ ନିଜ ହାତରେ ପୋତି ଦେବା
ଭାରତବର୍ଷର ମାଟିରେ, ତାର ତିକ୍ତ ଫଳ ଆମକୁ ହିଁ ଖାଇବାକୁ ହେବ,

ଆସନ୍ତା କାଲିର ସୂର୍ଯ୍ୟୋଦୟରେ
ନିଜ ଭବିଷ୍ୟତର ମୃତପିଣ୍ଡ ଉପରେ ପାଦ ଥାପି !

♥ ଶତାବ୍ଦୀନଗର, ଭୁବନେଶ୍ୱର-୩
ଫୋନ: ୯୮୬୧୭୮୮୯୯୯



▲ ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

# ଜନ୍ମଦିନରେ

## ମମତା ଦାଶ

ଗେଟ୍ ଯାଏଁ କେହି ବଳେଇ ଦେବାକୁ
ଆସିଲେ ନାହିଁ, ମୁଁ ବି ପଛକୁ ଚାହିଁ
ଦେଖିଲି ନାହିଁ କାହାର ପ୍ରତିକ୍ରିୟା ।

ତାଙ୍କର ଜନ୍ମଦିନ ।
ଦହିବରା ଆଳୁଦମ୍, ଚାଟ୍,
ଛେନା ଝିଲ୍ଲି, ରସମଲାଇ ।
ପରିବାର ଆତ୍ମୀୟଙ୍କ ଗହଳରେ
ସେ କେକ୍ କାଟିଲା ବେଳେ
ତାଙ୍କ ଆଖି ଡୋଳାରେ ମୁଁ ଦେଖିଲି
ଭାସି ଯାଉଛି, ସେ ଓ ମୁଁ,
ଗୋଟିଏ ମାତ୍ର ଜନ୍ମଦିନର ସହସ୍ର
ଯୁଗ ଯୁଗାନ୍ତର, ହେ ଈଶ୍ୱର !

ସେ ମୋ ଆଖିକୁ
ଚାହିଁ ତଳକୁ ମୁହଁ ପୋତିଦେଲେ ।
ମୁଁ କାନ୍ଦିଛି ?

ଗେଟ୍ ଉପରେ ମାଳତୀ କଢ଼ର ଖରା,
କିଛି ପ୍ରଜାପତିଙ୍କ ପରାଗ ମୋ ହାତ ପାପୁଲିରେ ।
ଏବେ ତାତି ବାହାରେ
ଅଥଚ ମୁଁ ଚାଲୁଛି ଝୀନ ନେଳି କୁହୁଡି ଭିତରେ ।

ମୋର ଖାଲି ମନେ ପଡୁଛି
'ଆହା ! ତାଙ୍କର
ଓଠ କଡରେ ଲାଗିଥିବା
କଫି ରଙ୍ଗର କେକ୍ ଖଣ୍ଡିକ
ମୋ ଆଙ୍ଗୁଠି କି ଓଠରେ
ପୋଛିଦେଇ ପାରିଲିନି ଯାହା ।

♥ ୪୦୫, ଅର୍କିଡ୍ ପ୍ରାଇଡ୍, ଶ୍ରୀରାମ ନଗର,
ସୋମନାଥପୁର, ଭୁବନେଶ୍ୱର-୭୫୧୦୦୨,
ଫୋନ: ୯୪୩୮୧୦୬୩୧୭



▲ ଫଟୋ ମମତା ଦାଶ



▲ ଚିତ୍ର : ଶିଳ୍ପୀ ଅନୁପ୍ରିୟା

# ଭୋକ

## ପ୍ରୀତିଲେଖା ଦାସ

ଯା...
ଧାଁ...
ଡେଁ...
କୁଦ୍...
ଭୋକ ପକ୍ଷୀର ଗୀତ ।

ଭୋକ ଗୋଟେ ବାରମାସୀ ଚଢେଇ,
ଡେଣା ତା'ର
ମହୁ ରଙ୍ଗର ।

ମୋତେ ଚଳଚଞ୍ଚଳ ରଖୁଥିବା
ମୋତେ କୃତାର୍ଥ କରୁଥିବା
ମୋର ଭୋକମାନେ
ଭୋକ ମାନଙ୍କର ପୀଡାମାନେ
ସବୁବେଳେ ଯେ'
ଡେଙ୍ଗା ତାଳଗଛ ହୋଇ
ମୋ' ଭିତରେ ଠିଆ ହେବାର
ମୁଁ ଦେଖିଛି,
ତା' ନୁହେଁ ;
ମୁଁ ବି ଦେଖିଛି
ସେହି ସାର୍ଥକତାର ମହିମ୍ନ ଆଭାରେ
ଝଲସି ଉଠିବାର, କେବେ କେବେ
ଦୂବଘାସର ମୁହଁ ।

ଭୋକ ତ ଭୋକ
ଖଙ୍କା ପେଟିଆ କୁକୁରର ଜିଭରୁ
ବହି ପଡୁଥିବା
ଥପ୍ ଥପ୍ ଲାଳ ହେଉ
କିମ୍ବା, କଦମ୍ବ ବନରେ
ଝମ୍ ଝମ୍
ରାଧା ପାଦର ଘୁଙ୍ଗୁର ।

ସେ ତ
ବେଗବାନ୍ ଅଦମ୍ୟ ଘୋଡସବାର୍;
ଚେତନରୁ ଅଚେତନ ଯାଏଁ
ସଞ୍ଚରଣ ତା'ର ।

ଭୋକ ମାନଙ୍କର ହରିତ୍ ରଙ୍ଗର ଛାଇ
ମୋତେ କିନ୍ତୁ
ପ୍ରଲୁବ୍ଧ କରି ଆସିଛି
ସାରାକାଳ ।

କଳିବାକୁ ଚାହିଁନି ଏଣୁ ମୁଁ
କେଉଁ ଭୋକ ବଡ
କେଉଁ ଭୋକ ସାନ,
କେଉଁ ଭୋକ ସନ୍ତୁ
ଆଉ, କେଉଁ ଭୋକ ମୋର ସଇତାନ ।

ମୁଁ ତ ବାସ୍ !
କେବେ ନୌକା ହେଇଛି
କେବେ ବଉଳା କୁମ୍ଭୀର,
କେବେ ବୋଧିଦ୍ରୁମ ହେଇଛି
କେବେ ହେଇଛି
ଫାଶୀ ଦିଆ ବରଗଛ ।

ଆଖି ବିଛେଇ ଅପେକ୍ଷାରେ
ସଦାକାଳ ଥାଏ ଭୋକ ।

ନିଜ ଛାଇରେ ବି
ଲୁଚି ବସିଥାଏ ବାଘ,
ଆଦିମ ପଣର ବିଭୋରତାରେ
ଚାଟି ହେଉଥାଏ
ନିଜ ଦାନ୍ତ,ନଖ ।

ନିଆଁ ଧରି ନ ଥିବା ଚୁଲିରେ
ଭାତ ହୋଇ ଫୁଟୁଥାଏ କେବେ ଭୋକ,
ପୁଣି କେବେ
ଭୋକ ଖାଇ ଯାଉଥାଏ
ପାଣିକୁ,ହାଣ୍ଡିକୁ,ଚୁଲିକୁ ।

♥ ଭୋଇସାହି, ବାଲେଶ୍ୱର
ଫୋନ: ୯୮୫୩୩୪୪୬୮୮



▲ ଫଟୋ ପ୍ରୀତିଲେଖା ଦା

# ଆମ ଘର

## ପ୍ରଭାକର ଶତପଥୀ

ଡାକିଲି : ଆ', ଘରକୁ ଆ',
ମୋ' ଘରକୁ,
ଏବେ, ଏଇ ମୁହୂର୍ତ୍ତରେ ।

ନା, ଏବେ ନୁହେଁ
ଆଉ କେବେ ।

ସେ ଡରୁଥିଲା
ନା ସୁରକ୍ଷା ଖୋଜୁଥିଲା ?

ସେ ନଥିଲା,
ନିଜ ଭିତରେ ନଥିଲା,
ଡରୁଥିଲା ଡରକୁ,
ନିଜକୁ ।


ତା ସାମ୍ନାରେ ଠିଆ ହୋଇ
ଧୀରେ ପାଦ ବଢ଼ାଇଲି ଆଗକୁ,
ସେ ଧରି ପକାଇଲା ମୋ ହାତ
ପାଦରେ ପାଦ ମିଳାଇ
ଚାଲୁ ଚାଲୁ ଆଗକୁ
ଚାହିଁଲା ଆକାଶକୁ

କହିଲା :
ତୋ' ଘର ନୁହେଁ,
ମୋ ' ଘର ନୁହେଁ,
ଚାଲ, ଚାଲୁ ଚାଲୁ ରଚିଦେବା ଘର
ମହାଶୂନ୍ୟରେ ନୂଆ ଏକ ଘର,
ଆମ ଘର ।

♥ ବନମାଳିପୁର, ଭାୟା- ଧର୍ମଶାଳା,
ଯାଜପୁର-୭୫୫୦୦୮,
ଫୋନ: ୯୪୩୮୭ ୯୦୦୯୫



▲ ପ୍ରଭାକର ଶତପଥୀ



▲ ଚିତ୍ର : ଶିଳ୍ପୀ ଦୀନବନ୍ଧୁ ସାହୁ

# କଡ଼ଲେଉଟା ବେଳେ

## ଅନୀତା ପାଣି

ଜୀବନକୁ ବୁଝୁ ବୁଝୁ
ଜୀବନଟା ସରିଯାଏ ,
କାଲି ହବ କାଲି ହବ
କିଏ ଜାଣିଚି କଣ ହବ ।

ଗାଁ ଦାଣ୍ଡ ବାଟି ଖେଳ
ଲକ୍ଷ୍ୟ ତାର ଜିଣିବାର ,
ଜିତିଲେ ଛାତି ଫୁଲେ
ଜିତୁ ଜିତୁ ହାରିଗଲେ
ହୃଦୟ ଚହଲେ ,
ଜିତିବା ହାରିବାର ଦିକୂଳରେ
ଜୀବନ ଯାଉଛି କୁଆଡେ ?

ଯାହାକୁ ନେଇ ଦେଖିହୁଏ ସପନ
ଆଧା ବାଟେ ଛିଣ୍ଡି ଗଲେ ଡୋର
ନଇ ମଝିରେ ଜୀବନ ଟଳମଳ
ଜିତିବାର ସଂଭାବନା ଦେଖି
କିଏ ମାଗିନିଏ କବଚ କୁଣ୍ଡଳ ?
ଯାଚିଦେଇ ଛଳନାର ପଶାପାଲି ଖେଳ ।

ପାଟଛତି ବଦଳରେ କଷାୟ ବସନ
ଅଜ୍ଞାତ ବାସ,ବନବାସୀ ଜୀବନ
ପୁଣି ଧନୁତୀର ହାତେ ଦେଇ
ମାପିଦିଏ କଳ,ବଳ,କୌଶଳ, ଜ୍ଞାନ
ଅସ୍ଥିର ଚକ୍ରାକାର ମୀନନୟନ
ଲକ୍ଷ୍ୟ ଭେଦିଲେ ରାଜନ
ସୂତାଖିଏ ହଲିଗଲେ
ରାଜାରୁ ରଙ୍କ କେତୋଟି ସୋପାନ ?

ଜୀବନ ରଣଭୂମିରେ
କାଳ କଡଲେଉଟା ବେଳେ
ନିଜ ସହ ନିଜେ ଲଢ଼ିପାରିଲେ ହେଲା
ଛଦ୍ମବେଶୀ ସମୟକୁ କିଏ ବା ଚିହ୍ନିଛି
ନିଜେ ନିଜକୁ ଚିହ୍ନିପାରିଲେ ହେଲା
କାହାର ସକ୍ଷମ ଅଛି ଯେ
ରୋକିଦେବ ସମୟର ପଥ ?

କେତେ ପାଇଲି କେତେ ହଜେଇଲି
ହିସାବ ଖାତାରେ ଲେଖୁ ଲେଖୁ
ସରିଯାଏ ଜୀବନ
ରହିଯାଏ କଥା ଅଧୁରା ଗୋପନ ।

♥ ପଦ୍ମେଶୟ,ସୌଭାଗ୍ୟ ନଗର,
ଅନୁଗୋଳ-୭୫୯୧୨୨,
ଫୋନ:୮୩୨୭୭୦୫୯୭୦



▲ ଅନୀତା ପାଣି

# ଶାନ୍ତା

## ନନ୍ଦ କିଶୋର ସିଂହ

ଶାନ୍ତା !
ନୁହେଁ ସେ ମୋ ବାଲ୍ୟସାଥି
ଅଥବା ପ୍ରେମିକା
ତଥାପି କାହିଁକି ତା' ପାଇଁ
ମନେ ଏତେ ଚିନ୍ତା !

ଭେଟିନି ମୁଁ ସାମ୍ନା ସାମ୍ନି
ଜାଣିନି ବି ରଙ୍ଗ ତାର
ଗୋରା କଳା ଅଥବା ସାବଳି
ହେଲେ ଡାକରେ ମୁଁ ପାଇଥିଲି
ତାର ଏକ ଚିଠି ହାତଲେଖା ।
ପଢ଼ିଦେଲେ ଲାଗୁଥିଲା କବିତା କବିତା
ମସ୍ତିଷ୍କ ମୋ ହେଲା ଭାରକ୍ରାନ୍ତା ।

ପଠାଇନି ତା'ର ଏକ ଫଟୋ
ମୋବାଇଲ୍ ଯୁଗରେ କି
ଭିଡ଼ିଓ କଲ୍ ଥରେ ବି କରିନି ।
ତଥାପି ସ୍ୱପ୍ନେ ସେ ଆସେ
ଚାହାଣିରେ କି ଅପୂର୍ବ ଛଟା
ସତେ କି ସେ କାଳିଦାସ
ଭଞ୍ଜ ଅବା ମାନସିଂ ନାୟିକା ।

ଶୁଣିଛି ମୁଁ ବାଲ୍ୟକାଳୁ
ପାଦ ଦୁଇ ପୋଲିଓ ଆକ୍ରାନ୍ତା
ତଥାପି ସେ ଭାଙ୍ଗି ପଡ଼ିନାହିଁ
ଟେବୁଲ ପାଖରେ ବସି
ଲେଖି ଚାଲେ ଅଜସ୍ର କବିତା
ସାମନାରେ ଜଗନ୍ନାଥ ଫଟୋ
କଳାକଳା ଦୁଇ ଆଖି
ନେଇଯାଏ ଭାବନାରେ ତାକୁ
ଅଜନ୍ତାରୁ ଦୂର ଆଣ୍ଟାର୍କିକା ।



▲ ଚିତ୍ର : ଶିଳ୍ପୀ ନିକୁଞ୍ଜ ବିହାରୀ ଦାସ

ଅକସ୍ମାତେ ପାଏ ଦିନେ
ତାର ପାଣ୍ଡୁଲିପି
ତହିଁରେ ମୁଁ ବିଦ୍ୟାପତି
ସେ ମୋର ଲଳିତା

ଏପାରିରେ ଥାଉ ଅବା
ସେ ପାରିରେ ଥାଉ
ନୀଳ ମାଧବଙ୍କ ପାଇଁ
ତାର ବଡ଼ ଚିନ୍ତା !

ଜାଣି ପାରିଲିନି ତାକୁ
ବୁଝି ପାରିଲିନି ତାକୁ
ରହସ୍ୟମୟୀ ମୋ ପାଖେ
ରହିଗଲା ଶାନ୍ତା
କେମିତି ମୁଁ ବିଦ୍ୟାପତି
ସେ ହେଲା ଲଳିତା !

♥ କୋରେଇ,ଯାଜପୁର-୭୫୫୦୨୨
ଫୋନ: ୯୮୬୧୪୩୫୨୯୯



# ସେ

## କମଳିନୀ କାନ୍ତ

ସମର୍ପଣର ଭାବ ନେଇ
ନିଜକୁ ସଅଁପି ଦେବା ପରେ
କେଉଁ ଅମାରର କୁଞ୍ଚିକାଠି
ତା କାନିରେ ଝୁଲୁଛି ଯେ
ସେ ନିଦକରେ ନିଦେଇବ ।

ହେତୁ ହେଲା ଦିନୁ
ଏ ସହର ତାକୁ ଆଉ ସେ
ଏ ସହରକୁ ବୁଝିଛି ।
ଯେଉଁଠି ଭୋକର ଭୟ
ଭୂତାଣୁର ଭୟକୁ ତୁଚ୍ଛ ମଣୁଥାଏ,
ସେଇଠି ଲଜ୍ଜାର ଓଢ଼ଣା ତଳେ
ମୁହଁ ଲୁଚେଇବ କିଏ !

ଯେବେ ଭାତହାଣ୍ଡିରେ ଭୋକମାନେ
ଗବ ଗବ ହୋଇ ଫୁଟୁଥିଲେ,
ସେବେ କେହି ତ ଆସିନଥିଲେ
ସେମାନଙ୍କ ରାହାରେ ଆହା ମିଶେଇବାକୁ !
ଛଅ ନୁହେଁ କି ନଅ ନୁହେଁ
ମାସ ମାସ କେମିତି ବା
ନ ସଜାଡନ୍ତା ତା ଅଧାଭଙ୍ଗା ଚୁଲି ଗାତକୁ !

ଗୋତ୍ରହରା କହି
ନିଆଁ ପାଣି ବାସନ୍ଦ କର ପଛେ
ତଥାପି କେବେ ସେ ହୁଏ
ନିରାଶ ଉଦାସ ଦ୍ୱିପ୍ରହର
ତ କେବେ ଧୂମାଳିଆ ଗୋଧୂଳି
ପୁଣି କେବେ ମୁହଁ ସଞ୍ଜ ବେଳର ଜହ୍ନ ।

ଢଳ ଢଳ ଯୌବନରେ
ଅନାହାର ମୃତ୍ୟୁ
କେବେ କାହାକୁ ଛୁଇଁଚି ନା ଛୁଇଁବ ।
ଆଜି ବି ଆଖିଏ ସ୍ୱପ୍ନ ଲହଡି ଭାଙ୍ଗୁଛି
ନିଶୂନ ନିଃଶବ୍ଦ ରାଜରାସ୍ତାରେ...

♥ ସା/ପୋ: ଭୀମପୁରା, ରେମୁଣା, ବାଲେଶ୍ୱର
ଫୋନ : ୮୨୪୯୮୫୨୦୫୧



# ମିଳୁ ନଥିବା ଠିକଣା

**ଚିନ୍ମୟ ବିବେକ**

ଏହା ଲେଖା ହେବା ପର୍ଯ୍ୟନ୍ତ
ଠିକଣା ମିଳି ପାରିନାହିଁ ତମର ।
କେଉଁଠି କିପରି ତମେ ଥାଅ
ତାହା ଆମ୍ଭଙ୍କୁ ଅଗୋଚର ।

ମୋ ନାଁରେ ଯେତିକି ଅଭିଯୋଗ ପତ୍ର
ତମକୁ ଦର୍କାର
ସେଲୁଲାର୍ ଜେଲ୍ ଆଣ୍ଡାମାନ୍‌ର
ସବୁ ଶୁଣ
କିନ୍ତୁ ମାଡ୍‌କାଲାଙ୍କ ରୋଲ୍
କ'ଣ କମ୍ ତମର ?
କାହାକୁ କୋପେ ବର
ବା ତପରେ
କା' ପ୍ରେମରେ ଗଦଗଦ ହେଇ
ପୂରେଇ ଥାଅ ଅଭୀଷ୍ଟ
କାହାକାହାକୁ ଜନ୍ମରୁ ଟେକି ଦେଇଥାଅ ହସ୍ତିନାପୁର
କିଏ ଘିଅ ଅନ୍ନ ମଟନ୍‌ରେ ସୁ' ସା'ତ
କା' ଭାଗ୍ୟରେ ଲେଖା ନଥାଏ
ଦି'ଓଳିକି ମୁଠାଏ ଅନ୍ନ
ସବୁଥିରେ ତୁମେ ବେଫିକର୍

ଭୋଗିଯୋଗୀ ନେତାନେତ୍ରୀଙ୍କ ଯୁଗରେ
ତମର ବା' କି ଦରକାର
ତାଙ୍କ କଚ୍ଛା କି କାନି ଧଇଲେ
ଧସେଇ ପଶିବା ସମ୍ଭବ ତିନିପୁର ।

ଅମୁକ ନିବାସ ପରି
ତମର ଥା'ନ୍ତା ଯଦି ଗୋଟେ ଦରବାର
ତାକୁ ଘେରଉ କରି
ହୋଇ ସାରନ୍ତାଣି ଛାରଖାର ।

ନିରୁଦ୍ଦିଷ୍ଟତା ସତ୍ତ୍ୱେ ତମର
ଚର୍ଚ୍ଚା ଜାରି ରହିଥାଏ ସର୍ବତ୍ର
କିନ୍ତୁ, ଫିଟିପାରେ ନାହିଁ ଗୁମର ।

♥ ପଲ୍ଲୀ, ବାଲିପୁଟ, ପୁରୀ-୭୫୨୦୪୫
ଫୋନ: ୯୪୩୭୨୮୫୬୨୩



▶ କବି ଚିନ୍ମୟ ବିବେକ

# ଆସ ଦର୍ପଣ ଦେଖିବା

**ବସନ୍ତ ବେହେରା**

ପାନିଆ ଓ ପାଉଡ଼ର ଥୋଇଦିଅ
ଆସ ଦର୍ପଣ ଦେଖିବା
କେଶକୁ ସେମିତି ଆଲୁଳାୟିତ ଛାଡ଼ିଦେବା
ବେଶରୁ କାଢ଼ି ନେବା ସାଜ୍ଞ ଶିରସ୍ତ୍ରାଣ ଆଭୂଷଣ
ଦର୍ପଣରୁ ନୁହଁ
ନିଜ ନିଜ ମୁହଁରୁ ଝାଡ଼ି ନେବା ଧୂଳି ଓ ଧୂର୍ତ୍ତତା ।

ଆସ, ନେପଥ୍ୟ ନଥିବା ଏକ ନାଟକରେ ଅଭିନୟ କରିବା
ମଞ୍ଚରୁ ଲିଭେଇ ଦେବା ଇନ୍ଦ୍ରଧନୁର ହାଲ୍ଲୋଳ
ନାଁରୁ ସାଙ୍ଗିଆ
ନାମଫଳକରୁ ପଦବୀ
ସିଂହାସନରୁ ଗାମ୍ଭୀର୍ଯ୍ୟ
କବିତାରୁ ଚାତୁର୍ଯ୍ୟ ।

ଅଧା ଅଧା ହସିବାନି
ଅଧା ଅଧା କାନ୍ଦିବାନି ବି
ହସିଲେ ଅରଣ୍ୟ ଥରେଇ ଦେବା
କାନ୍ଦିଲେ ଆକାଶ ଫଟେଇ ଦେବା
ଆସ, ଥରଟେ ବଣ ମଣିଷ ହେବା ।

ରାଣ ଖାଇବାନି ପ୍ରିୟଜନର
ଦ୍ୱାହି ଦେବାନି ଧର୍ମର
ସାକ୍ଷୀ ରଖିବାନି ଆକାଶକୁ
ସିଧା ସିଧା ପରସ୍ପର ଆଖିକୁ ଚାହିଁବା
ଯାହା କହିବା ଛାତିରେ ହାତ ରଖି କହିବା ।

ଚର୍ମରୁ ଛଳନାର ଛାଲ ଉତାରି ଦେଇ
ଥରଟେ ଅନ୍ତତଃ ଆସ ନିର୍ବସ୍ତ୍ର ହେବା
କିଏ କେମିତି ଦୁଶୁଛୁ, ଦେଖିବା ।

ଆସ ନୂଆ କରି ଦର୍ପଣ ଦେଖିବା ।

♥ ସୁନାପୁର, ଗଞ୍ଜାମ-୭୬୧୦୦୯,
ଫୋନ: ୯୫୫୬୯୮୯୫୪୨



▶ କବି ବସନ୍ତ ବେହେରା

# ଗପପରି କିଛି

**ବୃନ୍ଦାବନ ଦାସ**

ରାତି ପାହିବାର ଢେର୍ ଆଗରୁ
ମୃତ ଇଚ୍ଛାମାନେ
ଆଖି ମଳିମଳି ଉଠି ବସନ୍ତି କୋକେଇରୁ
ଅଣ୍ଟା ସଳଖି ପୁଣି ଚାଲିବାକୁ ହେବ
ସୁଖ ଟିକକ ତଲାସରେ ।

ଅଜଣା ପକ୍ଷୀର କଳକୂଜନ ଶୁଣଉଥାଏ ସ୍ରୋତ
ଦୁଃଖକୁ  ନିଜ କୋଳରେ ଛପଉଥାଏ ବୋଲିତ'
ଅନ୍ଧାର ଛିଞ୍ଚୁଥାଏ
ଟୋପେ ଟୋପେ ସଞ୍ଜୀବନୀ
ନିତି ମରି ନିତି ଜୀଇବାର କେଉଁ ମନ୍ତ୍ରରେ ।

ବେଶି ଦୂର ନଥାଏ ପହଞ୍ଚିବାକୁ
ଆଲୁଅ ଆସିବା ଆଗରୁ
ପାଦସବୁ ପହଞ୍ଚି ସାରିଥାନ୍ତି ତା' ପାଖରେ ।

ଗୋଟେ ନିଷ୍ପାପ ସକାଳର କଅଁଳ ଖରା
ଶିଶିର ଭିଜା ଫୁଲ
ପକ୍ଷୀଙ୍କର କିଚିରିମିଚିରି ଗୀତ ସବୁଙ୍କୁ
ପଛରେ ଛାଡ଼ି ପାଦ ଆଗାଆନ୍ତି ଯେ
ଆଉ ଫେରନ୍ତିନି ।

କିଛି ବଦଳେନା
ଆରମ୍ଭ ହଏ ପୁଣି ସେଇ ପୁରୁଣା କଥା
ଇଟାଭାଟିର ରଡ଼ନିଆଁରେ ସପନ ସବୁ ଜଳେ
ଉଜୁଡ଼ା କ୍ଷେତ କୋହରେ ସିଝିସିଝି
ଗଡ଼ାଏ କିଏ ଲୁହ
ଲମ୍ବା ଧାଡ଼ିରେ
ଭିଡ଼ ଜମେଇ ଦିଅନ୍ତି ଅସରନ୍ତି ଭୋକ ।

ଦୌଡୁଥାଏ ଦିନ, ବଢୁଥାଏ ଧାଁ, ଦୌଡ଼
କ୍ରମଶଃ ଖରାରେ ଖଇ ଫୁଟୁଥାଏ
ଫୁଲ ମଉଳି ଯାଉଥାନ୍ତି
ପକ୍ଷୀମାନେ କେଉଁଠି ନା' କେଉଁଠି
ତୀରବନ୍ଧ ହେଉଥାନ୍ତି
ପାଦ, ପାପର ପଙ୍କରେ ହଜଉଥାଏ ଠିକଣା ।

କେଉଁ ସଭାରେ
ରାଜନୀତିର ଓସ୍ତାଦ୍ ଶୁଣେଇ ଚାଲୁଥାଏ
କେତେ ରଙ୍ଗୀନ କଥା
ଲାଗୁଥାଏ ସତ...ଭାରି ସତ ।



♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ,
ଡେରାବିଶ, କେନ୍ଦ୍ରାପଡ଼ା-୭୫୪୨୮୯
ଫୋନ: ୯୭୭୭୮୪୩୦୩୧

# କେଡ଼େ ସହଜରେ

**ଶର୍ମିଷ୍ଠା ସାହୁ**

କେଡ଼େ ସହଜରେ ସ୍ମୃତିକୁ
ଆଡ଼େଇ ଦେଇ ହେଉଛି ଆଜିକାଲି ।

ଯିଏ ଯିବାର କଥା, ଚାଲି ଯାଇଛି ।
କେଡ଼େ ସହଜରେ ମାନି ନେଇ ହେଉଛି
ବିଚ୍ଛେଦ ଆଜିକାଲି ।

ଏବେ ଏଇଠି ଅଛି ସୂର୍ଯ୍ୟ,
ଗୋରା ଗାଲରେ ନାଲି ଆଭା ପରି ଦିଶୁଛି ।
କିଛି ସମୟ ପରେ ଡେଇଁ ଚାଲିଯିବ ପାହାଡ଼ ଛାତିକୁ ।
ପରେ ପରେ ତାର ଶୂନ୍ୟସ୍ଥାନକୁ ଆବୋରି
ବାହୁନୁଥିବ ପାହାଡ଼ ଶୀର୍ଷ ।
ବାହୁନା ବି ଶୁଭୁଥିବ ଗୀତ ପରି ।
କେଡ଼େ ସହଜରେ
ଦୁଃଖକୁ ଗୀତ କରି
ଗାଇ ହେଉଛି ଆଜିକାଲି !

ଏଇ ଯେ ପକ୍ଷୀ ଉଡ଼ିଗଲା,
ଜାଣି ପାରିଲାନି ଗଛ କିଛି ବି ।
ପତ୍ରସବୁ ପାଚି ଝଡ଼ି ଯିବାକୁ ତିଆର୍ ।
ନିର୍ବିକାର ଗଛ
ଆକାଶକୁ ଅନେଇ ରହିଛି ।
କେଡ଼େ ସହଜରେ ନିଜକୁ
ଭୁଲିଯାଇ ହେଉଛି ଆଜିକାଲି !

ଘରଟିଏ ଭାଙ୍ଗି
କାନ୍ଥ ପାଲଟି ଯାଇଛି ।
ଯିଏ ଯାହା ପାରୁଛି ଲେଖୁଛି କାନ୍ଥରେ ।
ଝଡ଼ପବନ, ବର୍ଷା ବିଜୁଳିରେ
ଠିଆ ହୋଇଛି ସେ ଭୂତ ପରି ।
ଛାତ ଆଉ ନାହିଁ,
କିନ୍ତୁ ଛାତିମାନଙ୍କରେ ସ୍ପନ୍ଦନ ଅଛି ।
କେଡ଼େ ସହଜରେ ଖୋଲା ମଇଦାନରେ
ଚଉବାହା ମେଲାଇ ଜୀବନ ଚାଲିଛି ।
କେଡେ ସହଜରେ
ଲିଭେଇ ଦେଇ ହେଉଛି
ପାପୁଲିରୁ ରେଖା ଆଜିକାଲି !

♥ ସି/୫, ଏମ୍‌ସିଏଲ, ହିଙ୍ଗୁଳା କ୍ଷେତ୍ର,
ବଳରାମ ଟାଉନସିପ୍, ନେହେରୁ ଶତାବ୍ଦୀନଗର
ତାଳଚେର, ଫୋନ:୯୪୩୭୨୪୯୩୮୭



# କ୍ଷୁଧା

## ନୃସିଂହ ତରାଇ

ଯେଉଁ ଯୁଦ୍ଧରେ
ହାରୁଚି ବାରବାର
ସେଇ ଯୁଦ୍ଧ
ମୋତେ ଲଢ଼ିବାକୁ ହେଉଚି
ପ୍ରତିଥର ।

ପ୍ରତି ମୁହୂର୍ତ୍ତରେ ହାରିଯିବାର
ନିରଙ୍କୁଶ ଭୟ
ପ୍ରତି ମୁହୂର୍ତ୍ତରେ
ମୁଁ ନିରସ୍ତ୍ର .....
ପ୍ରତି ମୁହୂର୍ତ୍ତରେ
କାପୁରଷପଣିଆର
ପିନ୍ଧୁଚି ମୁକୁଟ ।

ଯେଉଁ ଯୁଦ୍ଧ ଲଢୁଚି
ପ୍ରତିଦିନ, ପ୍ରତିଥର
ସେ ଯୁଦ୍ଧରେ ପରାହତ
ଜରଜର ଲହୁ
ଯୁଦ୍ଧ ... ଯୁଦ୍ଧ .... ଯୁଦ୍ଧ
ରେ ରେ କାର କରି
ଝପଟି ଆସୁଚି
ଶତ୍ରୁର ତରଓ୍ୱାଲ ।

ପେଟ ମୋର ଶୂନ୍ୟ ଥାଳ



▲ ଚିତ୍ର : ଶିଳ୍ପୀ ଉଷା ମଣ୍ଡ

ଖୋଲା ଆକାଶ- ଦେହ
ମନ ଖାଁ ଖାଁ-
ନିଛାଟିଆ ଖରାବେଳ,
ରିକ୍ତ କଳରବ
ପରାଣ ପିଡିତ ପାଦ
ହାତ ହାତେଇ ପାରୁନି
କେଉଁ କଉଶଳ, ଛଳ
ଯେଉଁ କଉଶଳରେ ଲଭିବ
ଯୁଦ୍ଧ-ଜୟ ।

ପ୍ରତିଥର କ୍ଷତଭରା ଦେହରେ
ପ୍ରବଂଚନାର ସହସ୍ର ଚିତ୍କାର
ତୀର ତ୍ରୀଶୂଳ ପ୍ରହାର
କେତେ ବା ସାମର୍ଥ୍ୟ
ଏ ଯୁଦ୍ଧ ଜିତିବାକୁ
ଏକା ଏକଲବ୍ୟ ।

ସକାଳର ସୂର୍ଯ୍ୟରେ ଝଟକୁଚି
ଚିରାଚରିତ ପରାଜୟର ଅପୁଷ୍କ ରାଗ
ସକାଳର ଆଦ୍ୟ ଓଁକାରରେ
ଯୁଦ୍ଧର ନିନାଦ
ବଂଚିବାର ସମ୍ଭାବନାରେ
ଲୁଚିଚି ଯୁଦ୍ଧର ଶେଷ ଆସ୍ଫାଳନ
ତଥାପି, ଲଢୁଚି ଯୁଦ୍ଧ
ଲଢ଼ିବି ଏ ଯୁଦ୍ଧ ।

♥ ପୂର୍ବତଟ ରେଳବାଇ, ଭୁବନେଶ୍ୱର
ଫୋନ: ୭୯୭୮୩୮୧୨୧୩



▶ ନୃସିଂହ ତରାଇ

# ଚକ୍ରଧର

## ଶୁଭ ନାରାୟଣ ସ୍ୱାଇଁ

**ଚକ୍ରଧର !**
**ହୁଏତ ରାତି ପାହିଲେ**
**ବଦଳି ନପାରେ ତୋ ମୋ ଭାଗ୍ୟ**
**ସରି ନପାରେ ଋଷ୍ ୟୁକ୍ରେନ ଯୁଦ୍ଧ**
**ଗାଜା ଷ୍ଟ୍ରିପ୍‌ରେ ସବୁକିଛି**
**ମାଟିରେ ମିଶିଗଲା ପରେ ବି**



▶ ଶୁଭ ନାରାୟଣ ସ୍ୱାଇଁ

**ବଦଳି ନପାରେ**
**ହମାସ୍ କବ୍‌ଜାରେ ଥିବା**
**ଇସ୍ରାଏଲ୍ ପଣବନ୍ଦୀଙ୍କ ଭାଗ୍ୟ**
**ତଥାପି ତୁ ଦେଖିବୁ**
**ମରିମରି ବଞ୍ଚିଥିବ ମଧ୍ୟବିତ୍ତ !**
**ହାତ ନପାଇଲେ ବି**
**ବାରମ୍ବାର ଜହ୍ନକୁ ବଢାଉଥିବ ହାତ ।**

**ନୂଆ ବର୍ଷ ନୂଆ ଇସ୍ତାହାର କଥା**
**ମୋତେ କହନାରେ ଚକ୍ରଧର !**
**ତୋ ପାଇଁ ମୋ ପାଇଁ**
**ନୂଆ କଣ ପୁରୁଣା କଣ**
**ସବୁବେଳେ ତ ସେଇ ନିଅଣ୍ଟିଆ ଜୀବନ,**
**ବୁଝି ହୁଏନା ଖଣ୍ଡେ ରୁଟିକୁ**
**କେତେ ଚିରୁଡା କଲେ**
**ବଞ୍ଚି ରହିବ ପିଲାଙ୍କ ସପନ ।**

**ଆମେ ତ ପଣା ନାଁରେ ପାଣି ପିଇବା ଲୋକ**
**ଜେରୁଜଲମ୍‌ରେ ଈଶ୍ୱରମାନେ ମରୁଥିବା ବେଳେ**
**ଆମେ ଉଗାଣ୍ଡାର ପତ୍ର କୁଡିଆରେ**
**ଶୋଇବା ଲୋକ,**
**ପିଲାଙ୍କ ପାଇଁ ତାଖଣ୍ଡେ ସ୍ୱପ୍ନ ଦେଖୁ ଦେଖୁ**
**ପ୍ରତି ମୂହୂର୍ତ୍ତରେ ଆମେ**
**ବଳତ୍କାରକୁ ଭୋଗୁଥିବା ଲୋକ**
**ଆମର ପୁଣି ଇଛା ଗୋଟିଏ କ'ଣ ଯେ**
**ଆମେ ତ ଚୁପ୍‌ଚାପ୍**
**ଚତୁର୍ଥ ଧାଡିରେ ବସିବା ଲୋକ ।**

**ତଥାପି ଆ' ଚକ୍ରଧର !**
**ଟିକେ ମିଛି ମିଛିକା ହସିବା**
**ସତସତିକା କାନ୍ଦିବା**
**ଗଙ୍ଗା କୂଳରେ ବସି**
**ନିଜ ଆଖିର ଲୁହରେ ଦୀପଟେ ଜାଳିବା**
**ଖୋଜିଲେ ସବୁକିଛି ମିଳେ ନାହିଁ ବୋଲି**
**ଜାଣିଥିଲେ ସୁଦ୍ଧା**
**ଖୋଜିବା କାହିଁ ପାଇଁ ଛାଡିବା**

♥ ପ୍ଲଟ୍ ନଂ-୧୧୧, ହଂସପାଳ, ଭୁବନେଶ୍ୱର,
ଫୋନ:୮୪୮୦୧୯୬୫୩୨

# ପାଦ

## ପ୍ରବୀଣ କୁମାର କବି

ସେ ପାଦ ଲକ୍ଷ୍ମୀପାଦ ନା କୁଟପାଦ
ମୁଁ ଜାଣେନା ,
ସେ ପାଦ ଝୋଟି ସାଉଁଟେ ନା ଲହୁ
ମୁଁ ଜାଣେନା !

କୋଉଠୁ ତାର ଉତ୍ପତ୍ତି
କୋଉଠି ହୁଏ ସେ ଲୀନ
ମୁଁ ଜାଣେନା,
କାହାକୁ ସେ ଭଲପାଏ
ଘୃଣା କରେ କାହାକୁ
ମୁଁ ଜାଣେନା !

ତଥାପି ବି ନିତି ନିତି ମୁଁ ଦେଖୁଥାଏ ସେ ପାଦ
ଛୁଉଁଥାଏ
ଲୋଡୁଥାଏ
ଅନୁସରଣ କରୁଥାଏ ତାକୁ
ଖୁବ୍ ସଯତ୍ନରେ ।

ବେଳେବେଳେ ସେ ଥାଇ ବି ନଥାଏ
ଆଉ ନଥାଇ ବି ଥାଏ ସବୁଠି
ଦେହରେ
ଦାହରେ
ଶ୍ୱାସରେ
ସ୍ପର୍ଶରେ
କଣ୍ଟାରେ
ଫୁଲରେ
ଆଉ ଫୁଲଶେଯରେ ବି !



▲ ଚିତ୍ର : ଶିଳ୍ପୀ ମାନମୟୀ ରଥ

ଫି’ ଦିନ ସକାଳେ
ଆଖି ଖୋଲିଲେ ମୁଁ କିଛି ପାଏକି ନପାଏ
ପାଏ ଗୋଟେ ପାଦଚିହ୍ନ,
ଯାହାଠି ସମାଧିସ୍ଥ ଥାନ୍ତି
କିଛି ମାଟି
କିଛି ବାଟ,
କିଛି କ୍ଷତ,
କିଛି ସ୍ୱପ୍ନ ।
ହେଲେ ପ୍ରତିଥର ସେ ଚିହ୍ନକୁ ଛୁଇଁବା ପୂର୍ବରୁ ହିଁ
ସେ ଲିଭିଯାଏ
ଆଉ କାହା ପାଦର ସ୍ପର୍ଶରେ !

ତେଣୁ,
ତାକୁ ବୁଝିବାକୁ ମୁଁ ଅସମର୍ଥ ସବୁକାଳ !

ସେ ପାଦ !
କାହାର ଚିମୁଟେ ଆଶ୍ଲେଷ ପାଇଁ
ଯିଏ ନିଜକୁ ସମର୍ପି ଦେଇପାରେ
ଆଉ କାହା ପାଖରେ
ସେ ପାଦ
କାହାର କାଣିଚେ ଦ୍ୱେଷରେ
ଯେ ତାର ସଂପୂର୍ଣ୍ଣ ଅସ୍ତିତ୍ୱକୁ ବି
କବଳିତ କରି ନେଇପାରେ ।

ହଁ,
ଯୋଉଠି ସ୍ୱପ୍ନ, ସେଇଠି ତାର ସ୍ପର୍ଶ
ଯୋଉଠି ସ୍ୱପ୍ନଭଙ୍ଗ ସେଇଠି ତା ଚିହ୍ନ !

ସେ ପାଦ ପାଇଁ ଯେତେ ସବୁ ମାଟି
ମାଟି ପାଇଁ ବାଟ, ବାଟ ପାଇଁ ବାଟୋଇର ପ୍ରେମ
ପ୍ରେମ ପାଇଁ ଜୀବସତ୍ତା ଡହଳ ବିକଳ,
ତଥାପି ବି ଏଠି ନିତି ନିତି ଲୋଡା ପଡେ ମହୁ
ମହୁ ପାଇଁ ଫୁଲ, ଫୁଲ ପାଇଁ ପରାଗସଂଗମ ।

ହଁ,
ସେ ପାଦରୁ ଯେବେ ବି ଝରିଛି ମହୁ
ମରିଛି ଗୋଟେ ମହୁମାଛି ,
ସେ ପାଦରୁ ଯେବେ ବି ଝରିଛି ରେଣୁ
ସରିଛି ଗୋଟେ ଫୁଲର ଯୌବନ ।

ସେ ପାଦରେ ଯେବେ ବି ଲାଗିଛି ଅଳତା
ଉଠିଛି କାହାର ନା କାହାର କୋକେଇ,
ସେ ପାଦରେ ଯେବେ ବି ଲାଖିଛି କଣ୍ଟା
ଗାଢ଼ ହେଇଛି କାହାର ନା କାହାର ତ କ୍ଷତ !

ତଥାପି ବି ସେ ପାଦ
ଶିଖେଇଚି ଚାଲି, ଦେଖେଇଛି ବାଟ
ବାଟ ଯଦି ତୁମେ ଭୁଲ, କଣ ଦୋଷ ତାର !

ସେ ପାଦ ଅଛି ବୋଲି ତ
ଏ ପୃଥ୍ୱୀ ଅଛି, ଅଛି ଏ ପୃଥ୍ୱୀରେ ଜୀବନ
ବାଟ ସାରା ଏତେ ଫୁଲ ଏତେ କଣ୍ଟା
ଏତେ ପୁଣି ଯାତନା କଷଣ

ସେ ପାଦ ଯେବେ ବି ଖୋଜିଛି ବାଟ
ପୂର୍ଣ୍ଣଚ୍ଛେଦ ପଡ଼ି ଯାଇଛି ଆଉ କାହା ବାଟରେ,
ସେ ପାଦ ଯେବେବି ନାଇଛି ପାଉଁଜି
ଶିକୁଳି ଲାଗିଛି କାହାର ନା କାହାର ପାଦରେ,

ସେ ପାଦ ଯେବେ ବି ଚୁମିଛି ଫୁଲକୁ
ରକ୍ତାକ୍ତ ହୋଇଛି ଆଉ କାହା ଗାଲ
ସେ ପାଦ ଯେବେ ବି ଝୁମିଛି ନାଚରେ
ପାଷାଣ ପାଲଟି ଯାଇଛି ଆଉ ଜଣେ କିଏ !

ତଥାପି ତ ସେଇ ପାଦ ସୃଷ୍ଟି କରିଛି ଏ ଫୁଲ
ଏ ଫଗୁ, ଫଗୁଣ, ବଂଶୀ ଓ ବସନ୍ତ
କଣ୍ଟା ଯଦି ତୁମେ ମାଡ଼, କଣ ଦୋଷ ତାର !!


♥ ମଦନପୁର, ସାଇଁକୁଳ,
କେନ୍ଦୁଝର-୭୫୮୦୪୩
ଫୋନ:୭୬୦୯୦୭୭୦୨୩




▲ କବି ପ୍ରବୀଣ କୁମାର କବି

# ସମୟ ଭଲ ନାହିଁ

## ରବି ଶତପଥୀ

ଆଜିକାଲି ଆଉ
ସମୟ ଭଲ ନାହିଁ ଚାରୁଲତା !
ବିଶ୍ୱାସର ସବୁ ପାହାଡ଼ ଛାତିରେ
ଜଳୁଛି ଅଖଣ୍ଡ ନିଆଁ,
ସରାଗର ସବୁ ନଈ ତୁଠରେ
ଶୋଇଛି ଭୋକିଲା ଅଜଗର ।
ସବୁ ମାୟାବୀ ଫୁଲ ବଗିଚାରେ
ଆହତ ନିରୀହ ପ୍ରଜାପତି ।

ଏ ଅସତ୍ୟ ସହରକୁ
ଅବିଶ୍ୱସ୍ତ କହି
ଆଶ୍ୱାସନାର କେଉଁ ଅରଣ୍ୟକୁ
ଏବେ ଯାଇ ହେବ ଚାରୁଲତା !
ସବୁ ଆକାଶ ତଳେ
ହସୁଛି ଝଡ଼ର ତାଣ୍ଡବ
ସବୁ ଫଟାମାଟିର ଆଁରେ
ଏବେ ଅଭାବର ଅସରନ୍ତି ଶୋଷ ।

ଏମିତି ଗୋଟେ ଅସମୟରେ
ଭରସାର କେଉଁ ଡଙ୍ଗାରେ ବସି
କେମିତି ଏ ବଢ଼ିଲା ନଈ
ପାର୍ ହୋଇପାରିବା ଚାରୁଲତା !
କ୍ଳାନ୍ତ ଲାଗିଲାଣି ବୋଲି
କାହାକୁ ପଦେ କହି ଦେଇ
କେଉଁ ପରିତ୍ୟକ୍ତ ପାନ୍ଥଶାଳାରେ
କାଟି ହେବ ଦୁଇ ଘରି ଦିନ ।

ଏବେ ଏ ସନ୍ଦେହର ଅଂଧାର ଭିତରେ
ଜହ୍ନରେ ବି ଆଲୁଅ ନାହିଁ ଚାରୁଲତା !
ଏମିତି ଏ ମିଛ ମିଛ ସଂପର୍କର
ଗହଳିରେ ହଜିଗଲା ବେଳେ
ଲାଗୁଛି ଆଗ ପରି ଆଉ
ସୁଆଦ ନାହିଁ ଜୀବନରେ ।

♥ ଅଧ୍ୟାପକ: ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ଫୋନ: ୯୪୩୭୭୮୪୮୫୯



▲ ଡଃ ରବି ଶତପଥୀ



▲ ଚିତ୍ର : ଶିଳ୍ପୀ ସମିତା ପାଣିଗ୍ରାହୀ

# ପାପୁଲିଏ ସ୍ୱପ୍ନ

## ରାମଚନ୍ଦ୍ର ଦାଶ

ସ୍ୱପ୍ନମାନେ ସତ ନୁହଁନ୍ତି
ଅନେକଦିନୁ ଛାଡ଼ିଦେଇଛି ସେମାନଙ୍କୁ
ଛାୟାଲୋକର ଚିତ୍ରକକ୍ଷରେ ।

ସେମାନ ନଥିଲା ବେଳେ
ଉଭା ହୁଅନ୍ତି ସେଠି
ଏକାଦଶ ସ୍କନ୍ଦର ଜଗନ୍ନାଥ
ଶୂନ୍ୟସଂହିତାର ଅଚ୍ୟୁତାନନ୍ଦ
ଭାବସମୁଦ୍ରର ବଳରାମ
ସ୍ତୁତି ଚିନ୍ତାମଣିର ଭୀମଭୋଇ ତ
ମହିମଣ୍ଡଳର ଅରକ୍ଷିତ ଦାସ ।
ସେ ଅରାକ ଟାଙ୍ଗରମାଟି
ସେଦିନ ପଲ୍ଲବି ଉଠେ
ଶଷ୍ୟଶ୍ୟାମଳା ହେଇ ।

କିଏ କୋଉଁଠି ଥାନ୍ତି
ଛାଡ଼ବାଡ଼ର ସ୍ୱପ୍ନମାନେ
ଡକାହକା ହେଇ ଆସନ୍ତି
ଅସାଡ଼ ହେଇ ପଡ଼ିଥିବା
ସ୍ୱପ୍ନର ବାସିମଡ଼ା ମାନଙ୍କୁ
ସତ୍କାର କରନ୍ତି ମଶାଣିରେ
ଘୁଷୁରି ପରି ଜାକିଜୁକି ହେଇ
ଶୋଇ ପଡ଼ନ୍ତି
ରେବ କି କପାଳି ନଈପଠାରେ ।

ସକାଳ ହେଲେ ସେମାନେ ଉଠନ୍ତି
କଞ୍ଚାନିଦରୁ
ସ୍ୱପ୍ନ ଓ ଜୀବନ ଫେଣ୍ଟାଫେଣ୍ଟିକୁ ନେଇ
ହାଟ ବସେ
ଦାଣ୍ଡିପଡ଼ିଆ ଚାଳିଆରେ ।

କେତେକେତେ ଅବୁଝା
ଗରାଖମାନେ ଯାଆନ୍ତି
ସ୍ୱପ୍ନର ସଉଦା କିଣନ୍ତି
ଛାତି ଉପରେ
ଉପର ଠାଉରିଆ ହସ ହସନ୍ତି
ଛାତି ତଳେ
ଲୁଚିଥାଏ ନିଆଁଫୁଲ ।

ପୁଣି ଚାଲେ ବାଘବଜାରି ଖେଳ
ଗୋଟିପୁଅ ନାଚ
ଲାଉତୁମ୍ବାରେ ସ୍ୱର ଝଂକାର ତ
କୁଣ୍ଢେଇ ଧରିବାକୁ
ପ୍ରେମକୁ ସାରାକାଳ ।

ଅଦିନ କୁହୁଡ଼ି ଭିତରେ
ଲୁଚି ଯାଇଥାଏ
ମୋହଭଙ୍ଗର ପାତଳ ଅନ୍ଧାର ।

ସେ ଭୌତିକ ଖୋଳପାରୁ
ମୁକୁଳି ଆସିଥିବା ପ୍ରଜାପତି
କୋନମତେ ରାସ୍ତାର ମୂଳ ଧରିଥିବା
ସେ ଅଧାନଙ୍ଗଳା ଜୀବନମାନେ
ହୁମୁହୁମୁ ହୁଅନ୍ତିନି ସେମାନଙ୍କ କଥାରେ
ବୋଳି ହବାକୁ ଅସନା କାଦୁଅ କି
ମଡ଼ମଡ଼ ଭାଙ୍ଗିଯିବାକୁ ଆଉଥରେ ।

ଯେତେ ଯାହା କଲେ ବି
ଶରଣ ଗଚ୍ଛାମିର
ଜୟଧ୍ୱନି ପକେଇବା ବେଳକୁ
ହୃଦୟର ଗଳିକନ୍ଦିରେ
କୋଉଁଠି କେମିତି
ପାପୁଲିଏ ସରିକି ସ୍ୱପ୍ନ ରହି ଯାଇଥାଏ ।

♥ ସା/ପୋ: ଦଶରଥପୁର ଜି: ଯାଜପୁର
ଫୋନ:୯୪୩୮୦୬୨୩୮୦



▲ ଡଃ ରାମଚନ୍ଦ୍ର ଦାଶ

# ମୁଁ ଶବ୍ଦର ଯୋଗୀଟିଏ

## ଗୋଦାବରୀଶ ମିଶ୍ର

ଶବ୍ଦ ମାଗିବାକୁ
ମୁଁ ସେଇଦିନୁ ବସିଛି
ଧ୍ୟାନମୁଦ୍ରରେ, ସମୟର ବଡ଼ଦାଣ୍ଡରେ
କିଛି ଶବ୍ଦ ପାଇଗଲେ ମୁଁ ହୁଏ ଉଭ୍ରାନ୍ତ, ଉନ୍ମାଦ
ମୁଁ ହୁଏ ଉଭଟ ।
ଶବ୍ଦର ବୋଧିଦ୍ରୁମ ତଳେ
ମୁଁ ନୀରବ ସନ୍ୟାସୀଟିଏ ବର୍ଷ ବର୍ଷ ।
କାହାର ସ୍ପର୍ଶରେ ମୁଁ ଉଜାଗର !
ବିସ୍ତାରିତ ଆଉ ବିମୋହିତ !!
ଗୋଟିଏ ମୁହୂର୍ତ୍ତରେ
ମୁଁ ଖୋଜିପାଏ
ନିଗୁଢ଼ ଜୀବନର ପରିଭାଷା ।
ମତେ ଶବ୍ଦ ଦିଅ ପ୍ରଭୁ
ମତେ ଶବ୍ଦ ଦିଅ ।

ମୋ ଜୀବନ ବୀଣାର ଧ୍ୱନିରେ ତୁମେ
ମୋ ମନ ସମୁଦ୍ରରେ ତୁମେ ।
ତୁମେ ତରଙ୍ଗ, ତୁମେ ବର୍ଣ୍ଣ ବର୍ଣ୍ଣାଳୀ
ରୂପ-ରୂପାନ୍ତର, ଦୃଶ୍ୟ-ଦୃଶ୍ୟାନ୍ତର
ସହସ୍ର ସମର୍ପଣ ।
ତୁମେ ପୁଷ୍ପବରଣ, ପଦ୍ମସମ୍ଭବ
ଅକ୍ଷ, ଅକ୍ଷାଂଶ, ଭାଗ୍ୟ, ଭଗ୍ନାଂଶ
ଇତିହାସ, ଭୂଗୋଳ, ଅଙ୍କ, ଅଙ୍କନ ।
ଭାବିବାକୁ ମୋତେ; କହିବାକୁ
ଆଉ ଲେଖିବାକୁ ଶବ୍ଦ ଦିଅ
ହେ ଶବ୍ଦ ସମ୍ରାଟ ।

♥ ଅରବିନ୍ଦ ନଗର, ଲେଙ୍କୁଡ଼ିପଦା,
ନୟାଗଡ଼-୭୫୨୦୭୦
ଫୋନ: ୯୪୩୮୧୮୨୪୭୦


▲ ଚିତ୍ର : ଶିଳ୍ପୀ ଦେବେନ୍ଦ୍ରଲାଲ ନାଏକ

# ମହମ

## ମୁକୁଲ୍ ମିଶ୍ର

ପ୍ରେମ ଗପଟେ ସରିଗଲେ
କବିତା ପାଲଟି ଯାଏ କାଳେ !

ଯେଉଁ ଲାଜ ଓ ଶିହରଣରେ ଆଜି
ଅଟକିଛି ନିଃଶ୍ୱାସ,
ଲୁଣ ହେଇ ମିଶିଯିବ ଲୁହରେ ଦିନେ ।
ମୁଁ ଜାଣେ ।

ଅଭିମାନୀ ବନ୍ୟାରେ
ଆପ୍ଲୁତ ଏ ଆଖି ।
ଆଖି ପତାରେ ବୁଣା
ଭ୍ରମର ବୁଢ଼ିଆଣି ଜାଲ ।
ଏଇଠୁ ଇ ଆରମ୍ଭ ସତ ପ୍ରେମର ସେ ମିଛ ସକାଳ !

ଓଠ ଫାଙ୍କ ହସରୁ ମନ ଯାଏଁ
ଦୋହ ଲୁଚି ଛୁଇଁ ଫେରିଯିବାର
ଗୋଟେ ଅପହଞ୍ଚ ପୋଲ ।
ମୁଁ ତଥାପି ଧରି ରଖିଛି ହାତ ।

କଥା ଥିଲା
ମୋ ଛାତିରେ ଝରଣା ଆଉ
ତମେ ଅଣ୍ଟିରେ ଫଗୁଣ ଭରି ଆଣିବ ।

ଗୋଟେ ନାଁ ନଥିବା ଗାଁ ପରି ବିରଳ
ଏ ପ୍ରେମ
ଦର୍ପଣ ନଥିବା ଘର ଭିତରେ
ବିକଳ ହେଉଥିବା ରୂପସୀ ପରି ଏ ନିରୀହ
ଆବେଗ ସବୁକୁ
ଏକ୍‌ଦମ୍ ତୁଳା ପରି
ଶୂନ୍ୟରେ ଫୁଙ୍କି ଦେବା ।

ତମ ଆଖିରୁ ପଢି ମତେ
ଆବୃତ୍ତି କରିବାକୁ ଥିବା ଏ କବିତା
ଆଜି ନ ପଢିଲେ
ହୁଏତ ପଢାଯାଇ ନ ପାରେ ଆଉ କେବେ ବି !

କେବେ ବି ଆଉ ଖୋଲି ନ ପାରେ,
ଶେଷ ଚୁମ୍ବନର ତୃପ୍ତିରେ ମୁଦା ଏ ଆଖି ।

ପାଣି ପରି ନିଗିଡ଼ି ଯିବ ସମୟ,
ମହମ ହେଇ ଆମେ ତରଳିଲା ବେଳେ ।
ମହମ ହେଇ ଠିକ୍
ସରି ଆସୁଥିବା ବେଳେ
ପାଖୁଡ଼ାଏ ଶୁଖିଲା ଫୁଲରେ
ସାଇତା ହେଇ ରହିଯିବ ଆମ ସଜ ବସନ୍ତ !

ହଁ, ପ୍ରେମ ଗପଟେ ସରିଗଲେ
କବିତା ପାଲଟି ଯାଏ କାଳେ,
କିଛି ଗପ ଆରମ୍ଭ ହେଇଯାଏ ବି
ପ୍ରେମ କବିତା ସରିଗଲା ପରେ ।

♥ ବଲାଙ୍ଗୀର


▲ ଡ଼ଃ ଗୋଦାବରୀଶ ମିଶ୍ର


▲ ଡ଼ଃ ମୁକୁଳ ମିଶ୍ର

# ଆବେଗ

## ପୀତାମ୍ବର ମହାପାତ୍ର

ପାଗ ବେଶ୍ କୋହଲା ଥିଲା
କୁହୁଡ଼ି ଘେରି ରହିଥିଲା
ସାରା ଆକାଶକୁ,
ବର୍ଷା ବି ଗୁଣ୍ଡି ଝାଡୁଥିଲା
ଉତ୍ତରା ପବନରେ
ଦେହ ଖୁବ୍ ଶୀତେଇ ଉଠୁଥିଲା,
ଯଦିଓ, ମୁଁ ପ୍ୟାଣ୍ଟସାର୍ଟ, କୋର୍ଟ
ଓ ଟୋପି ପିନ୍ଧିଥିଲି ମୁଣ୍ଡରେ
ଯିବି ନଯିବି ଭାବୁଥିଲି
ମୋ ନିତ୍ୟକର୍ମ କିନ୍ତୁ
ସକାଳୁ ସାରି ଦେଇ
ଅପେକ୍ଷା କରିଥିଲି ବସ୍‌କୁ ।

ତମର ଆବେଗ ଭରା ନିମନ୍ତ୍ରଣ
ବାରମ୍ବାର ମନ୍ଥି ପକାଉଥିଲା
ମୋର କର୍ଣ୍ଣ ଗହ୍ୱରକୁ,
ଆସିବ- ନିଶ୍ଚୟ ଆସିବ
ତମକୁ ଅପେକ୍ଷା କରିଛି ସଭାମଞ୍ଚ
ଶୁଣିବା ପାଇଁ ବି ଅପେକ୍ଷା କରିଛନ୍ତି
କବି ଓ ସାହିତ୍ୟିକ ବୃନ୍ଦ ।

ମୋ ଘର ଠାରୁ ତମ ସଭାକକ୍ଷ
ଢ଼େର୍ ଦୂର
ଶହେ କି.ମି.ରୁ ଊର୍ଦ୍ଧ୍ୱ
ପାଖାପାଖି ସମୁଦ୍ର କୂଳ
ଆହୁରି ଅନ୍ଧାରୁଆ ଦିଶୁଥିଲା ମତେ
ଯିବି କି ନଯିବି
ଭାବିପାରୁ ନଥିଲି ।

ବସ୍‌ଟିଏ ଆସିଲା ଏବଂ ଡାକିଲା
ବାବୁ ଆସ ଆସ
ସିଟ୍ ଅଛି
ବାଟରେ ରହିବନି କୋଉଠି ।

ଆଉ କିଛି ଭାବିବା ପୂର୍ବରୁ
ଚଢ଼ିଗଲି ବସ୍ ଉପରକୁ
ମନ ଦୌଡୁଥିଲା ତମ ପାଖକୁ
ବସ୍‌ର ଗତି ସହ ତାଳ ଦେଇ,
ଡେରି ହେଉ ପଛେ
କିଏ ମତେ ଶୁଣୁ କି ନଶୁଣୁ
ସଭା ସରିଥାଉ କି ନଥାଉ
ତମେ ତ ଥିବ
ଅନ୍ତତଃ ତମ ସହ ଦେଖା ହେବ ଟିକେ
ବହୁଦିନ ପରେ ।

ସମ୍ପାଦକ: 'ଆଷାଢ଼',
ହନୁମନ୍ତ ବ୍ରହ୍ମପୁର, ମଧଶାସନ,
ଜଗତସିଂହପୁର
ଫୋନ: ୯୯୩୭୬୩୧୫୪୪



ଫଟୋ ପୀତାମ୍ବର ମହାପାତ୍ର

# ବିଶ୍ୱାସର ପ୍ରତିଶ୍ରୁତି

## ପ୍ରଭାତ ନଳିନୀ ମହାପାତ୍ର

ଆକାଶର ପ୍ରତ୍ୟୟ ଠୁ
ମାଟିର ଆଶ୍ଳେଷ ଯାଏଁ
ସଂଚରି ଯାଏ କିଛି ଆବେଗର ମୁହୂର୍ତ୍ତ,
ମାଗିନିଏ ନିଜକୁ ଫେରି ପାଇବାର
ଗୋଟେ ସ୍ନିଗ୍ଧ ଆକୁଳତା,
କିଛି ଅନ୍ତରଂଗ ବିଶ୍ୱାସର
ଆଞ୍ଜୁଳାଏ ଲୋଡିଲାପଣ ।

କେମିତି ଧାଏଁ ସାଗରକୁ
ଗୋଟେ ଏକ୍‌ଲା ନଈ,
କୋଉ ଦମ୍ଭରେ ଡେଇଁଯାଏ
ବନ୍ଧବାଡ, ପାହାଡ଼, ସୁଡଂଗ ଆଉ
ସତ୍ତା ହରାଏ ଶେଷରେ ମୁହାଣ ପାଖରେ ।

ପାଖରେ ଥାଏ
କିଛି ଆବେଗର ପ୍ରତିଶ୍ରୁତି,
କିଛି ପାଇବାର ଆଶ୍ୱାସନା,
ସେଥିପାଇଁ ଡରେନା ସେ
ଅନ୍ଧାର ରାତିକୁ,
ଏ ପୃଥିବୀ ସୁପ୍ତ ଥାଏ
ଆକାଶରେ ମିଟ୍ ମିଟ୍ କରୁଥାନ୍ତି ତାରା
ସେ ଆଶ୍ୱସ୍ତିର ନିଃଶ୍ୱାସ ନିଏ ଓ
ଲୀନ ହୁଏ ପ୍ରାପ୍ତିର ମହାସମୁଦ୍ରରେ ।

ମୁହାଣରେ ପହଞ୍ଚିଲେ
ନଈର ଥାଏ କି କିଛି ଦୁଃଖ,
କିଛି କ୍ଷତର ପୀଡା,
ହରେଇବାର ଦୁଃସ୍ୱପ୍ନ,
ଖାଲି ଗୋଟେ ପରିପୂର୍ଣ୍ଣତାର ସନ୍ତୋଷରେ
ନଈ ଆଦରି ନିଏ ସେଇ
ମୁଗ୍ଧ ତନ୍ମୟତାକୁ
ଓ ଭୁଲିଯାଏ ନିଜର ପରିଚୟ ।

ନିଜେ ନିଜକୁ କହେ
ଏଇ ତ ମୋ ଜୀବନର ସିଦ୍ଧି,
ମୋର ସଫଳତା,
ନିଜକୁ ସମର୍ପି ଦେବାର ଅସୀମ ସୁଖ ।

ନଈ ଆତ୍ମହରା ହୁଏ ଓ
ଗାଏ କୁଳୁକୁଳୁ ଖୁସିର ଗୀତ ।

ଅବସରପ୍ରାପ୍ତ ପ୍ରାଧ୍ୟାପିକା
ସାମରାଇପୁର, ଭଦ୍ରକ,
ଫୋନ:୯୪୩୭୧୯୩୯୪୦

ଫଟୋ ପ୍ରଭାତ ନଳିନୀ ମହାପାତ୍ର



# ଯୁଦ୍ଧ

## ଲିପିକା ଦାସ

ବିନା ଯୁଦ୍ଧରେ ଗଢା ହୁଏନି କିଛି ବି
ନା ଦେଶ ନା ଭାଗ୍ୟ ।

ଅତଏବ, ରାସ୍ତା ସବୁ ନିଜେ ନିଜେ
ନିଆଁରୁ ପାଣିଧାର ପାଲଟି ଯାଆନ୍ତୁ
କ୍ୟାଲେଣ୍ଡର ଓ ତାରିଖମାନେ
ବନ୍ଦ କରି ଦିଅନ୍ତୁ ତଦାରଖର ଦାୟିତ୍ୱ,
ଅନ୍ୟମାନେ ଚାହିଁବା ମୁତାବକ
ଚୁପ୍ ପଡିଯାଆନ୍ତୁ ପୁରୁଣା ଓ
ଆସନ୍ନ ଗଭୀର କ୍ଷତ
ଅସ୍ତ୍ରମାନଙ୍କୁ ହେଲେ ମହଲତ ଦେଇହୁଅନ୍ତା ଏଇଠି ।

କମା ପରେ କେବେ ଶେଷ ହେଲାଣି ଧାଡି ?
ଶେଷ ହୁଏନି ପିତ୍ତଳ ଗିନାରେ
ନିଜ କଟାମୁଣ୍ଡର ରକ୍ତ ସାଇତି ରଖିବା
ଶେଷ ହୁଏନି ସୀମାରେଖା ବୋଲି ଗାର
ଯେଉଁ ଗାରର ଏପାଖେ ଓ ସେପାଖରେ
ଗୁଣ୍ଡ ଗୁଣ୍ଡ ହେଇ ଖସି ପଡୁଥାଏ ଜହ୍ନ
ଜଳି ଯାଉଥାଏ ଶିରି ଶିରି ଧାନବିଲ
ମହ ମହ ମହୁଲ ଫୁଲ ।

ଘୃଣାର ସରଞ୍ଜାମ ମାନଙ୍କୁ ପଜେଇ ପଜେଇ
ସଭ୍ୟତା ଗଢିବା ଛଡା
ଆଉ କିଛି ଉପାୟ ନାହିଁ ଆସନ୍ତାକାଲିର କପାଳରେ,
ଯିଏ ଯେତେବାର ଗପକୁ ସତ
ସତକୁ ଗପ କରିବାର କଳା ଜାଣେ
ସିଏ ରକ୍ତରେ ତିଆରି ଘରମାନଙ୍କୁ ନେଇ
ବେଶ୍ ବାଗରେ ଆଙ୍କେ
ସମୃଦ୍ଧ ଦେଶମାନଙ୍କର ମାନଚିତ୍ର ।

ବର୍ଷ ବର୍ଷ ପୁରୁଣା ଯୁଦ୍ଧରେ ବି
ଧ୍ୱଂସର କାହାଣୀ ଲେଖେ ଉତ୍ତରମେରୁର ପୃଥିବୀ ।



▲ ଚିତ୍ର : ଶିଳ୍ପୀ ଉତ୍ତମା ଜେନା

ମୁଠାଏ ଭାତ କି ପଟେ ରୁଟି ଅଭାଗ୍ୟ ଯେଉଁଠି
ସେଇଠି ଲୁହର ଛାଲି ପଡ଼ି ଯାଇଥିବା
ଟୁକୁରା ଟୁକୁରା ଛାତିମାନେ ସବୁ ଶରଣାର୍ଥୀ
ଆଃ, ଆଶ୍ଚର୍ଯ୍ୟ ହୁଅନି
ସେଠିକାର ପବନକୁ ପଚାରି ବୁଝ ଥରେ
ଅନ୍ଧାରର ଅସଲ ଅବସ୍ଥା ।

ବାରୁଦରେ ଫାଳ ଫାଳ ଦେହ
ଆଉ ଫୁଲରୁ ଖସି ପଡୁଥିବା
ପରସ୍ତ ପରସ୍ତ ସଜ ପାଖୁଡ଼ା
କ'ଣ ଥାଇପାରେ ସେମାନଙ୍କ ଶେଷ ଇଚ୍ଛା
ପ୍ରତିହିଂସା ନା ପ୍ରାର୍ଥନା !

ଆଖିପତାକୁ ଆକାଶ କରିହୁଏନା
ଭାଗ୍ୟ ଗଢିଲା ବେଳେ
କେଜାଣି କିଏ ଜିଣି ଯାଉଥାଏ
ମେଘମାନଙ୍କ ସହ ସନ୍ଧି ଚୁକ୍ତି ଲେଖିଲା ବେଳେ,
ମାଟିଠୁ ମାଟିର ମୋହ ଅଲଗା ହେଲାବେଳେ !

♥ ପ୍ରଫୁଲ୍ଲ ନଗର, ବାରିପଦା
ମୟୂରଭଞ୍ଜ



▲ ଲିପିକା ଦାସ

# ସ୍ୱାଭିମାନ

## ଶ୍ୟାମାକିଙ୍କର ମହାନ୍ତି

ତୁ ବସି ଜପୁଥା ସ୍ୱାଭିମାନର ମାଳା
ଗୋବରଲିପା ପିଣ୍ଡାରେ ତୋର,
ଗଣୁଥା ଓଳିରୁ ପଡୁଥିବା ବର୍ଷାଟୋପା
ଏକ...ଦୁଇ...ତିନି
କି ଦେଖୁଥା ସୂର୍ଯ୍ୟ ଚନ୍ଦ୍ର
ତୋ ଅଧା ଛପର ଚାଳରୁ
ସିଏ ତେଣେ ନେଉଥାଉ ସେଲ୍‌ଫି
ତ୍ରିତଳ ପ୍ରାସାଦର ବାଲ୍‌କୋନୀରେ ତା'ର ।

ସୁଅ ମୁହଁରେ ପତର ହୋଇଯିବାରେ
କାହିଁକି ତୋର ଏ କାର୍ପଣ୍ୟ,
ଅଭିମାନରେ ଭରା ଏଇ ଛାତି
ଭେଦିପାରେ କ'ଣ ସୁଅର ପ୍ରଖରତା ?

ଏବେ ଏବେ ଭେଟିଲି ତତେ
ଗୋଟେ ହ୍ୟାଣ୍ଡେଲ୍ ନ ଥିବା କପ୍‌ରେ
ତୁ ମୋତେ ନାଲି ଚା' ଦେଲୁ
ମୁଁ କହିଲି
ଭାଇ, ଟିକେ ସାଲିସ୍ କରିନେଲେ
କେମିତି ହୁଅନ୍ତା...
ପ୍ରଶାନ୍ତ ଅଥଚ ଗମ୍ଭୀର ପାହାଡ଼କୁ
ଟେକା ପକେଇବା
ଆଉ ତତେ ଏମିତି ଗୋଟେ
ପ୍ରଶ୍ନ ପଚାରିବା
ଏକା କଥା ଥିଲା ହୁଏତ...

ତୁ ହସିଲୁ,
ସେ ହସରେ ଖୁ' ଗୋଟେ ଚମକ ଥିଲା
ଥିଲା ବି ଦୃଢ଼ତା
କିନ୍ତୁ
ସତରେ ତୁ କଣ ଖୁସି ଥିଲୁ ?

♥ ମାର୍କଣ୍ଡେଶ୍ୱର ସାହି, ପୁରୀ
ଫୋନ: ୯୮୬୧୧୯୧୩୮୦



▲ ଶ୍ୟାମାକିଙ୍କର ମହାନ୍ତି

# ଭଙ୍ଗା ମନ

**ଶୁଭେନ୍ଦୁ ଦାସ**

କାହିଁକି କେଜାଣି ଆସେ
ଅଦିନରେ ଆକାଶରେ ମେଘ
ନଈରେ ପ୍ରବଳ ସୁଅ
ପ୍ରେମରେ ବିଫଳ ହୋଇ
ଆତତାୟୀର ଆତ୍ମହତ୍ୟା ଘଟଣା
ଖବର କାଗଜର ମୁଖ୍ୟ ଖବର
ହେଲେ ମୋର ଏଥିରେ
ନେଣ ଦେଣ କଣ
ମୁଁ କାହିଁକି ବିବ୍ରତ !

ଏସନ ବର୍ଷା ହେଉ କି ମରୁଡ଼ି
ମୋର କଣ ଯାଏ ଆସେ
ଦର ବଢ଼ିଲେ ବଢୁ
ପ୍ରେମିକର ମନ ପାଇଁ
ପରିଣତ ବୟସ
ଗୋଟେ ବାଧକ କି !

ସବୁ ଯଦି ନା,
ଡେରି କାହିଁକି
ତେବେ ଚାଲ ଯିବା
ସଉଦା କରିବା
ସଅଳ ଫେରିବା
ସଞ୍ଜକୁ ସଲା ବୁଢ଼ାର
ଜୁଇରେ ନିଆଁ ଲାଗିବା
ପୂର୍ବରୁ ଫେରି ଆସିବା ।

ନଚେତ ଡର ଲାଗିବ
ଜ୍ୱର ହେବ
ପୁଣି ଜଂଜାଳ ବଢ଼ିଯିବ
ବଦଳି ଯିବ ଜୀବନର ରାସ୍ତା ।

ନଈ ହେଉ କି ନାରୀ
ସବୁ ଏକା କଥା
ଟିକିଏ ନରମ ପାଇଲେ
ମାଟି ହେଉକି ମନ
ଫଟେଇ ଦିଅନ୍ତି
ଦେଖିବାକୁ ମିଳେ
ନଈ ବଢ଼ିର ଦୃଶ୍ୟ ।

ନାଆ ନଥିଲେ
କେମିତି ପାରିହେବ
ଏ କୂଳରୁ ସେ କୂଳକୁ
ପାରି ହେବା ବେଳକୁ
ବଢ଼ି ଯାଇଥିବ ବୟସ
ଭାଙ୍ଗି ଯାଇଥିବ ବିଶ୍ୱାସ
ପୁଣି ଥରେ
ନିଶ୍ୱାସ ଫେରିବା ବେଳକୁ
ଜୁଇରେ ଜଳୁଥିବ ଜୀବ,ଜଂଜାଳ

ଧେତ୍, ଟିକେ ସୁଖ ପାଇଁ
ଏତେ କଷ୍ଟ କଣ ଯେ
ଅମ୍ରୀୟତାର ଅତ୍ୟାଚାର
ନା, ଝରି ପଡୁଥିବା ପତ୍ରରେ
ଘୋଡ଼େଇ ପଡ଼ିଥିବା ମାଟିର
ମଉନ ମନ
କିଏ କହି ପାରିବ
କାହିଁକି ଅଦିନରେ ହୁଏ ମେଘ
ଉଜାଡି ଦିଏ
ପାଚିଲା ଧାନ, ସବୁଜ ମନ !

ବନ୍ଧ ଭାଙ୍ଗିଲେ
ଭାଙ୍ଗିଯାଏ ଘର,
ଅନେକ ସଂସାର
ହେଲେ ତାର ବା
ଯାଏ ଆସେ କେତେ

ଯିଏ ଭାଙ୍ଗେ ସିଏ
କେମିତି ବୁଝିବ ଯେ
ସେଇ ଘର କି ସଂସାର ଭିତରେ
ଗଢିଲା ବାଲାର ଉର୍ଦ୍ଧି ହେଇଥାଏ
କେତେ ଆବେଗ ଓ ସ୍ୱପ୍ନ
ଗୋଟିଏ ଛଳଛଳ ମନ
ଆଉ ଗୋଟିଏ
ମହୁମାଛିର ଜୀବନ !

ଭାଙ୍ଗିବା ଲୋକ ଭାଙ୍ଗି ଚାଲେ
ଗଢିବା ଲୋକ ଗଢ଼ି ଜାଣେ
ଅନବରତ ବୁଣୁଥାଏ
ଶୂନ୍ୟରେ ସ୍ୱପ୍ନ
ଶବ ବାହକ ମାନଙ୍କୁ ବି ଶୁଣାଉଥାଏ
ସଂସାର ପାରି ହେବାର ସୂତ୍ର ।

♥ 'ସେଇଠୁ ଆରମ୍ଭ', ନୂଆବଜାର, ବାଲେଶ୍ୱର-୧
ଫୋନ: ୯୪୩୮୬୦୦୮୮୬



▶ ଫଟୋ ଶୁଭେନ୍ଦୁ ଦାସ

# ଚଲାପଥ

**ଶିବ ଶଙ୍କର ଦାସ**

ବୋଧହୁଏ,
ତୁମର ଯିବାଟା
ନିହାତି ଦରକାର ଥିଲା,
ଆଉ କେତେ ଦିନ ବା ଏମିତି
ଗୋଟେ ବରଷି ପାରୁନଥିବା
କଳା ଘୁମର ମେଘକୁ
ସାଙ୍ଗ କରି, ସାଥିରେ ଧରି
ତୁମେ ବାଟ ଚାଲୁଥାଆନ୍ତ... ?

ସତରେ,
ତୁମର ନୂଆ ରାସ୍ତାଟେ
ବାଛିବା, ନିହାତି ଦରକାର ଥିଲା,
ଏମିତି ଗୋଟେ ରାସ୍ତା
ଯେଉଁଠି ମୋର ଛାଇ ନଥିବ,
ନଥିବ ବି,
ରାସ୍ତାରେ ଅଯଥା ଗହଳି
କି, ଅନାବଶ୍ୟକ କୋଳାହଳ... !

ଦେଖୁନ,
ତୁମେ ସେ ନୂଆ ରାସ୍ତାରେ
ପାଦ ଥାପିଲା ପରେ,
ମୁଁ ଏବେ କେମିତି
ଚାଲିବା ଶିଖି ଯାଇଛି
ବିନା ଆଶା ବାଡ଼ିରେ...,
ଏଇ ଦିନ କେଇଟାରେ,
ହଁ, ଏକଥା ସତ...
ତୁମେ ଗଲା ପରେ,
ମୁଁ ଏବେ ଶିଖି ବି ଯାଇଛି
କେମିତି ନିଜର କରିବାକୁ ହୁଏ
କିଛି ଫମ୍ପା ମଣିଷଙ୍କୁ
ଆଉ କିଛି ଅପରିଚିତ ଅନ୍ଧାରକୁ,
ମୋ ଜୀବନର
ଏ ଅବଶ ଅପରାହ୍ନରେ... !

♥ ବିଭାଗୀୟ ମୁଖ୍ୟ: ପ୍ରାଣୀ ବିଜ୍ଞାନ ବିଭାଗ
ହିନ୍ଦୋଳ ମହାବିଦ୍ୟାଳୟ, ଢେଙ୍କାନାଳ-୨୦
ଫୋନ:୯୯୩୮୦୪୬୪୪୬

▶ ଫଟୋ ଶିବ ଶଙ୍କର ଦାସ



# ବିଶ୍ୱାସ

## ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ

ଜାଣିଛ,
ପଦିଏ ମିଛରେ ବି ଏଠି ଚୁରମାର୍ ହେଇପାରେ
ବର୍ଷ ବର୍ଷର ସାଇତା ବିଶ୍ୱାସ,
ଅବିଶ୍ୱାସର ଅପତ୍ୟ କୋଷରୁ ତାଳପତ୍ର ମେଲାଉଥାଏ ଶୁଖିଲା ସମ୍ପର୍କ
କିଛି ଯାଏ ଆସେ ନାହିଁ
କେହି ମନେ ରଖିଲେ କିମ୍ବା ଭୁଲିଗଲେ,
ଘୃଣା ଓ ପ୍ରେମର ଛକାପଞ୍ଝାରେ
ମରି ସାରିଥାଏ ଦୁଇଟି ନିଷ୍ପାପ ହୃଦୟ ।

ପରିବାର କହିଲେ କେବଳ ଯେ ସମାନ ରକ୍ତ,ମାଂସ,
କି ବଂଶାନୁକ୍ରମିକ ଭାବେ ସମାନ ଗୁଣ ବହନ କରୁଥିବା
ତେଇଶି ଯୋଡ଼ା ଗୁଣସୂତ୍ର !
ତା ନୁହେଁ,
ଦରଦକୁ ସମାନ ଭାବେ ବାଣ୍ଟି ନେଉଥିବା
କେଇଟା ସମଭାବାପନ୍ନ ଚିତ୍ର ଓ ଚରିତ୍ର,
ଯାହାର ମୂଳରେ ଚକା ପକେଇ ବସିଥାଏ ବିଶ୍ୱାସର ବୀଜ ।

ଏଠି ଆକାଶ ବିସ୍ତିର୍ଣ୍ଣ ହୁଏ ବିଶ୍ୱାସରେ,
ପାହାଡ଼ ଲମ୍ବିଯାଏ ପଥରର ପ୍ରାପ୍ତିରେ
ପୃଥିବୀ ସର୍ବଂସହା ହୁଏ ପ୍ରେମରେ
ପୁଣି
ଝରଣା ଝରୁଥାଏ ଯୁଗ ଯୁଗ ଧରି ପ୍ରେମିକାର ଆପ୍ତ ବାକ୍ୟରେ ।

ନୀରବରେ ନିର୍ବାସନ ଭୋଗୁଥାଏ ଓ
ମୁହୂର୍ମୁହୁ ଭାଙ୍ଗୁଥାଏ,
ଅବିଶ୍ୱାସର ସହର,
ତାଳପତ୍ରର ଦେହକୁ ଯେତେ ମସୃଣ କଲେ ବି
ଲେଖି ହୁଏନା ଉତ୍ତରଣର ଭାଗ୍ୟ,
ଯେବେ ନିଖୋଜ ଥାଏ ବିଶ୍ୱାସର ରଙ୍ଗ ।

♥ ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧
ଫୋନ:୭୭୮୮୯୭୭୨୭୬

# ଶୀତ ଓ ସୌନ୍ଦର୍ଯ୍ୟ

## ସନ୍ତୋଷ କୁମାର ମେହେର

ସୌନ୍ଦର୍ଯ୍ୟ,
ସେ ତ ପାହାନ୍ତି ଶୀତର ଘନ କୁହୁଡ଼ିଟିଏ;
ଧଳାଶାଢ଼ି ପରିଧାନ କରିଥିବା
ଲାଜକୁଳି ଲତାଟିଏ ।
ସୌନ୍ଦର୍ଯ୍ୟ,
ସେ ତ କାକର ଭିଜା ଶୀତ ସକାଳର କଅଁଳ ଖରାଟିଏ;
ବୁଢ଼ୀମା ପାଶେ ସେକି ହେଉଥିବା
ନବଜାତ ଶିଶୁର ନରମ ହସଟିଏ ।

ସୌନ୍ଦର୍ଯ୍ୟ,
ସେ ତ ଅଳସୀ ଶୀତର ଅପରାହ୍ନଟିଏ;
ହଳଦିଆ ଶାଢ଼ି ପରିଧାନ କରିଥିବା
ସୁନାରଙ୍ଗର ସୋରିଷ କ୍ଷେତଟିଏ ।
ସୌନ୍ଦର୍ଯ୍ୟ,
ସେ ତ ଶୀତ ସାୟାହ୍ନର ରକ୍ତିମ ଆଭାଟିଏ;
ଅସ୍ତମିତ ସୂର୍ଯ୍ୟର ଗୋଧୂଳି ଲଗନଟିଏ
ଦେହକୁ ଥରେଇ ଦେଉଥିବା
ଶୀତୁଆ ସଞ୍ଜର ସୁଲୁସୁଲିଆ ବାଆଟିଏ ।

ସୌନ୍ଦର୍ଯ୍ୟ,
ସେ ତ ପବିତ୍ର କାର୍ତ୍ତିକ ମାସଟିଏ;
ମାଣବସା ଗୁରୁବାରେ ମୋ ସ୍ତ୍ରୀ ଆଙ୍କିଥିବା
ଲକ୍ଷ୍ମୀପାଦ ଚିତ୍ରିତ ମୂରୁଜ ମୁଠାଏ ।
ସୌନ୍ଦର୍ଯ୍ୟ,
ସେ ତ ବିଳମ୍ବିତ ଶୀତରାତିର ମୁଗ୍ଧ ଅନୁଭବଟିଏ;
ଉପଲବ୍ଧିର ସତ୍ତାରେ ଅହରହ ଛଟପଟ ହେଉଥିବା
ମୋ ପରି ଜଣେ ସୃଜନଶୀଳ ଶିଳ୍ପୀଟିଏ ।


♥ ଜୁନାଗଡ଼,କଳାହାଣ୍ଡି-୭୬୬୦୧୪
ଫୋନ୍:୯୦୭୮୭୭୨୧୭୪



▶ଫଟୋ ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ



▶ଫଟୋ ସନ୍ତୋଷ କୁମାର ମେହେର


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

ଧାରାବାହିକ
ଚରିତ-ଉପନ୍ୟାସ



# ଦାସେ ଆପଣେ

୩୬

# ଦାସେ ଆପଣେ


## ପବିତ୍ର ମୋହନ ଦାଶ

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ଲୋକେ ସତ୍ୟବାଦୀ ବିଦ୍ୟାଳୟ କଥା ପଡିଲେ ଶ୍ଳେଷ କରି କହନ୍ତି, "ନୀଳକଣ୍ଠ, ଗୋଦାବରୀଶ ଓ କୃପାସିନ୍ଧୁ ତିନିହେଁ ଏମ୍.ଏ. । ଏକୁ ଆରେକ ବଳି । ସରକାରୀ ଚାକିରୀ କରିଥିଲେ ଏମାନେ କେତେ ଉଚ୍ଚରେ ଥାଆନ୍ତେ । ଏ ତିନି ତିନି ବାଘଙ୍କୁ ଯନ୍ତାରେ ପୂରାଇ ରଖିଛନ୍ତି ଗୋପବନ୍ଧୁ । ସିଏ ରିଂ ମାଷ୍ଟର – ମସ୍ତ ସର୍କସ ଖେଳାଳି ।" କାହା କାହା ମୁହଁରୁ ପରୋକ୍ଷରେ ଏ କଥା ଶୁଣିଲେ ଗୋପବନ୍ଧୁ ହସି ପକାନ୍ତି । ଜୀବନ ତାଙ୍କ ନିଜକୁ ସର୍କସ ଖେଳାଉଛି କେତେ ଢଙ୍ଗରେ ତା'ର ତୁଳନା ନାହିଁ । ମନେ ହୁଏ ବିଦ୍ୟାଳୟକୁ ସେ ଆଉ ସମ୍ଭାଳି ପାରୁ ନାହାନ୍ତି । ଉତ୍କଳ ସମ୍ମିଳନୀର କାମ, କଂଗ୍ରେସ ପ୍ରତି ଆକର୍ଷଣ, ବଢି ମରୁଡ଼ିରେ ଜନସେବା ଭିତରେ ସେ ହୁଏତ ତାଙ୍କର ଏ ସ୍ୱପ୍ନ ପୀଠକୁ ଗୁରୁତ୍ୱ ଦେଇ ପାରୁ ନାହାନ୍ତି । ନୀଳକଣ୍ଠ, ଗୋଦାବରୀଶ, କୃପାସିନ୍ଧୁ ହରିହର ଏ ସମସ୍ତେ ଯେ ସମନ୍ୱୟ ରଖି ଅନୁଷ୍ଠାନକୁ ଆଗେଇ ନେବେ ଏ ବିଶ୍ୱାସ ତାଙ୍କୁ ଦୃଢ଼ କରିଥିଲା । ଏମାନେ ପରସ୍ପରର ପରିପୂରକ ହୋଇ ବିଦ୍ୟାଳୟକୁ ଉଚ୍ଚକୁ ନେବେ ଏ ଧାରଣା ଥିଲା । ହେଲେ ପରିସ୍ଥିତି ବଦଳୁଛି । ମଝିରେ ମଝିରେ ବିଦ୍ୟାଳୟ ସମ୍ପର୍କରେ ଶୁଣିବାକୁ ମିଳୁଛି ନାନାଦି ଅଭିଯୋଗ ।

ଥରେ କଟକ ଠାରେ ବ୍ରଜ ସୁନ୍ଦର କହିଲେ, "ଶୁଣିବାକୁ ପାଉଛି ସତ୍ୟବାଦୀ ବିଦ୍ୟାଳୟରେ ପଢ଼ା ଠିକ ହେଉ ନାହିଁ । ଶିକ୍ଷକମାନଙ୍କ ଭିତରେ ପାରସ୍ପରିକ ସୌହାର୍ଦ୍ଦ୍ୟ କମୁଛି ।"

"ତୁମ ଶୁଣିବା ସତ୍ୟ ହୋଇପାରେ । ହେଲେ ମୋର ମୋ ସହକର୍ମୀମାନଙ୍କ ଉପରେ ଗଭୀର ଆସ୍ଥା ଅଛି ।"

"କଥା ସେଠି ନାହିଁ ଗୋପ । ଏତେ ଉଚ୍ଚ ଶିକ୍ଷିତ ଯୁବକ କାମ କରୁଛନ୍ତି । ସେମାନେ ଚାହିଁଥିଲେ ସରକାରୀ ଅଧିକାରୀ ହୋଇ ପାରିଥାନ୍ତେ । ତୁମ ଆଦର୍ଶର ଗୁରୁତ୍ୱ ହୁଏତ କେବେ କେମିତି ସେମାନଙ୍କୁ ବୋଝ ଲାଗୁଥାଇ ପାରେ ।"

"ତୁମ ଆଶଂକା ଅମୂଳକ ନୁହେ ବ୍ରଜ । ହେଲେ ମୋର ବିଶ୍ୱାସ ସେମାନଙ୍କ ଭିତରେ ଆଦର୍ଶ ଓ ଉଚ୍ଚାକାଂକ୍ଷାର ଲଢେଇରେ ଶେଷରେ ଆଦର୍ଶର ବିଜୟ ହେବ ।"

"ସ୍ୱଳ୍ପ ବେତନ ମଧ୍ୟ ସେମାନଙ୍କୁ ନିସ୍ପୃହ କରୁଥାଇ ପାରେ ।"

"ସେମାନେ ତ ମୂଳରୁ ସ୍ୱଳ୍ପ ବେତନ ପାଇବେ ଜାଣି ମଧ୍ୟ ଏ ଶିକ୍ଷା ବ୍ରତ ଗ୍ରହଣ କରିଛନ୍ତି । ହଁ ଯଦି ପଦବୀ ଓ ଗୁରୁତ୍ୱ ପ୍ରସଙ୍ଗ ହୋଇଥିବ ତା ହେଲେ କଥା ଭିନ୍ନ ।"

"ଯାହା ବାସ୍ତବତା ତାହା ତୁମେ ମୋ ଠାରୁ ଭଲ କରି ଜାଣ । ମୁଁ କିଛି ଅଭିଭାବକଙ୍କ ଠାରୁ ଯାହା ଶୁଣିଥିଲି ତାହା କହିଲି ।" ସେଥର ବ୍ରଜଙ୍କ ପରି ଜଣେ ଘନିଷ୍ଠ ବନ୍ଧୁ ଠାରୁ ଏ କଥା ଶୁଣି ଗୋପବନ୍ଧୁ ସଚେତନ ହେଲେ ।

ଥରେ ତ ପୁରୀର ଜଣେ ମୁରବୀ କହିଲେ, "ଆପଣେ ! ଏବେ ବିଦ୍ୟାଳୟରେ ପାଠ ପଢ଼ା ଶିଥିଳ ଧରିଲାଣି । ଶିକ୍ଷକମାନଙ୍କ ମନରେ ଆଉ ଉତ୍ସାହ ନାହିଁ । କିଛି ସମସ୍ୟା ହୋଇଛି କି ?"

"ଏ କଥା ଆପଣ କେମିତି ଜାଣିଲେ ?"

"ତୁଣ୍ଡ ବାଇଦ ସହସ୍ର କୋଶ ଆଜ୍ଞା । ଆପଣ ତ ଚାରି ଆଡକୁ ଝିଙ୍କି ହେଉଛନ୍ତି ଆପଣଙ୍କ ଲଗାମ ଟିକେ ହୁଗୁଳା ହେବାରୁ ହୁଏତ ଏପରି ପରିସ୍ଥିତି ହୋଇ ଥାଇ ପାରେ । ଆପଣ ସେମାନଙ୍କୁ ସ୍ୱଚ୍ଛନ୍ଦତା ଦେବାରୁ ହୁଏତ ଏ ସମସ୍ୟା ଉପୁଜି ଥାଇ ପାରେ ।"

"ମୁଁ ତ ଅନେକଙ୍କ ଠାରୁ ଏକଥା ଶୁଣୁଛି । ଥରେ ନୁହଁ ବାରମ୍ବାର ଶୁଣୁଛି । ମୋତେ ଟିକେ ଫିଟାଇ କୁହନ୍ତୁ ।"

ତହୁଁ ଲୋକ ଜଣଙ୍କ କହିଲେ, "ପାଠ ପଢ଼ା ସମୟରେ କିଏ ଶ୍ରେଣୀକୁ ନଯାଇ ଘରେ ବସି ଇଂରାଜୀ ପଦ୍ୟ ଓଡ଼ିଆ କରିବାରେ ସମୟ ବିତାଉଛି – ସାହିତ୍ୟ ସାଧନା କରୁଛି, କିଏ ଗାଁକୁ ଯାଇ ଘର ସମସ୍ୟା ଚାଷବାସ କଥା ବୁଝୁଛି, କିଏ ବିଦ୍ୟାଳୟ ସମୟରେ ବନ୍ଧୁ ଘରେ ଉଠୁଛି, କିଏ ଥାଇ ମଧ୍ୟ ପାଠ ପଢାଉ ନାହିଁ । ଏଥିକୁ କି ଉପାୟ ବା ଅଛି ।"

ସେଦିନ ଏପରି ଅଭିଯୋଗ ଶୁଣି ଗୋପବନ୍ଧୁ ତଟସ୍ଥ ହୋଇଗଲେ । ମନ କ୍ଷୋଭରେ ଭରି ଗଲା । ପ୍ରତିକ୍ରିୟା ସ୍ୱରୂପ ସେହି ଖରା ରେ ବାର ମାଇଲ ରାସ୍ତା ଚାଲିଚାଲି ପୁରୀରୁ ଆସି ସତ୍ୟବାଦୀରେ ପହଞ୍ଚିଲେ । ଉଦ୍ୟାନ ଭିତରେ ସ୍କୁଲ ଚାଲିଥାଏ । ସେ ଘେରାଏ ସବୁ ଶ୍ରେଣୀ ବୁଲି ଅଇଲେ । ଅନେକ କ୍ଲାସ୍ ଖାଲି ପଡିଥାଏ । ପିଲାମାନେ ବିଶୃଙ୍ଖଳିତ ହୋଇ ପାଟିତୁଣ୍ଡ କରୁଥାନ୍ତି । ଉଚ୍ଚ ଶ୍ରେଣୀର ଶିକ୍ଷକଙ୍କ ଭିତରୁ ଗୋଦାବରୀଶ ଓ ହରିହର ଥାଆନ୍ତି । ଗୋଦାବରୀଶଙ୍କ ମଳିନ ମୁହଁ ଦେଖି ସେ ତାଙ୍କ ଦେହରେ ହାତ ଦେଇ ଦେଖିଲେ ଜ୍ୱର । ଶ୍ରେଣୀରେ ଅନ୍ୟମାନଙ୍କ ଅନୁପସ୍ଥିତି ତାଙ୍କୁ ଗଭୀର ଆଘାତ ଦେଲା । ବିରକ୍ତି ଓ ତୀବ୍ର ଅସନ୍ତୋଷରେ ସେ ଛୁଟି ଘଂଟା ବଜାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଅସମୟରେ ବିଦ୍ୟାଳୟ ଛୁଟି ହେଲା ।ସନ୍ଧ୍ୟାକୁ ଶିକ୍ଷକମାନଙ୍କ ବୈଠକ ରଖାଯାଇଥିଲା । ସେ ଦିନ ଆପଣାର ବିରକ୍ତିକୁ ସେ ସ୍ପଷ୍ଟ ଭାବେ ପ୍ରକାଶ କଲେ । ବହୁ ସମୟ ଆତ୍ମ ବିଶ୍ଳେଷଣ ପରେ କେତେକ କଥା ନିର୍ଦ୍ଧାରଣ କରାଯାଇଥିଲା ।

"ଆଜିଠାରୁ ପ୍ରଧାନ ଶିକ୍ଷକ ପଦ ଗୌଣ କରି ଦିଆଗଲା । ହରିହର ଆଚାର୍ଯ୍ୟ ଭାବେ ସର୍ବୋପରି ରହି ବିଦ୍ୟାଳୟର ପରିଚାଳନା ଦେଖିବେ ବୋଲି ନିଷ୍ପତ୍ତି ହେଲା ।"

ତାଙ୍କର ଏ ନିଷ୍ପତ୍ତି ପରେ ହରିହର ଦାୟିତ୍ୱ ନେଲେ ସତ ହେଲେ ଭଲ ପରିଚାଳକ ହେବାରେ ଅସମର୍ଥ ହେଲେ । ତାଙ୍କ ଭିତରେ ଜଣେ ସହିଷ୍ଣୁ,ଉଦାର ଓ ସତ୍ୟନିଷ୍ଠ ଶିକ୍ଷକ ଥାଏ । ହେଲେ ଯେଉଁ କଠୋରତା ଓ ଦୃଢତା ଅନୁଷ୍ଠାନର ପରିଚାଳନା ଲାଗି ଜରୁରୀ ତାହାର ଅଭାବ ପରିଲକ୍ଷିତ ହେଲା । ଏହାର ପ୍ରତିକ୍ରିୟାରେ ନୀଳକଣ୍ଠ ଗୋଦାବରୀଶଙ୍କୁ କହିଥିଲେ, "ଏ ହେଲା ଗୋରୁ ମୁଣ୍ଡ ଥାପନା । ହରିଭାଇନା ତ ଗୋଟାଏ ଗୋରୁ ଆଉ ଗୋପବନ୍ଧୁ ବାବୁ ହେଲେ ଅନ୍ଧ । ଏଥିରେ ବିଶେଷ କିଛି ଲାଭ ହେବାର ଦେଖା ଯାଉନାହିଁ ।"

ନୀଳକଣ୍ଠଙ୍କ ତୁଣ୍ଡରୁ ଉଭୟଙ୍କର ସମାଲୋଚନା କାହିଁକି କେଜାଣି ଗୋଦାବରୀଶଙ୍କୁ ଢେର୍ ବାଧିଥିଲା । ତାଙ୍କ ବିଚାରରେ ଆଚାର୍ଯ୍ୟ ଗୋରୁ ପରି ସରଳ ନିରୀହ ହୋଇ ପାରନ୍ତି, ମାତ୍ର ଗୋପବନ୍ଧୁ ଅନ୍ଧ ହେବେ କିଆଁ ।

ବୈଠକର କେତେ ସପ୍ତାହ ପରେ ପୁଣି ଏକ ବୈଠକ ହୁଏ । ସମସ୍ତଙ୍କ ଉପସ୍ଥିତିରେ ହରିହର ନିଜର ସମସ୍ୟା କହିଲେ । ବିଦ୍ୟାଳୟ ପ୍ରଶାସନଗତ ଦକ୍ଷତା ତାଙ୍କ ନିଜଠାରେ ଅଭାବ ବୋଲି ସୂଚାଇଲେ । ଏହାପରେ ହରିହର ତାଙ୍କ ଉପରେ ପଡିଥିବା ନୂଆ ଭାର ଛାଡିଲେ ।

ନିଜର ଅକ୍ଷମତା ପ୍ରକାଶ କରି କହିଲେ ଯେ ସେ ଏ କର୍ମକୁ ଭାଜନ ନୁହଁନ୍ତି । ସମସ୍ତେ ଦ୍ୱନ୍ଦ୍ୱରେ ପଡିଲେ । ନୀଳକଣ୍ଠ ଅଳ୍ପ ହସି କହିଲେ, "ବିଦ୍ୟାଳୟ ପରିଚାଳନା ଏକ ବିଷମ ପଥ ।"

ଗୋପବନ୍ଧୁ କହିଲେ, "ତୁମ ଠାରୁ ଏକଥା ଭଲରେ ବା କିଏ ଜାଣିଛି ?"

"ତଥାପି ତ ତଟ୍ଟମାନେ ପାଣି କଣ୍ଟି ବାହାରନ୍ତି ।"

ତାଙ୍କର ଏ କଥା ହୁଏତ ଗୋଦାବରୀଶଙ୍କୁ ଉପଲକ୍ଷ୍ୟ କରି ପ୍ରକାଶ ପାଇଥିଲା । ତେବେ ଅନ୍ୟମାନେ ସଭାରୁ ଗଲା ପରେ ଗୋପବନ୍ଧୁ ଏକାନ୍ତରେ ହରିହରଙ୍କୁ ପଚାରନ୍ତି ବିଦ୍ୟାଳୟ ର ଭିତିରି କଥା ।

"କଣ ହେ ହରି ! ଦେଶ କାମରେ ମାତି ମୁଁ ବିଦ୍ୟାଳୟକୁ ଗୁରୁତ୍ୱ ଦେଇ ପାରିନି । ତୁମେ ଟିକେ ଭିତିରି କଥା କୁହ ।"

"ମୁଁ କଣ କହିବି ଆପଣେ ଆମମାନଙ୍କ ଭିତରେ ଥିବା ସଂକଳ୍ପ କେଉଁଠି ଠାଏ ଶିଥିଳ ହୋଇଛି । ପିଲାମାନେ ହୁଏତ ପାଠ ପାଇଁ ବ୍ୟାକୁଳ । ହେଲେ ଆମ ଶିକ୍ଷକକୁଳ କେଉଁଠି ଠାଏ ସ୍ୱପ୍ନ ହରା ହୋଇ ପଡିଛନ୍ତି ।"

"କଥା ସ୍ପଷ୍ଟ କରି କୁହ ହରି । ଆମେ ବିଦ୍ୟାଳୟକୁ ସ୍ୱପ୍ନର କଞ୍ଚା ମାଟିରେ

ଗଡ଼ିଛେ । ଲୋକେ କେତେ ଆଶାରେ ଏ ପୀଠକୁ ଚାହିଁଛନ୍ତି ।"

"କଥା ଆମ ଶିକ୍ଷକଙ୍କ ଉଚ୍ଚାକାଂକ୍ଷାରେ ନିହିତ ଅଛି ।"

"କାହାର ?"

"ସମସ୍ତେ ନିଜ ନିଜ ବାଟରେ ଯୋଗ୍ୟତାକୁ ନେଇ ମତ୍ତ । ଗୋଦାବରୀଶ ଗତ ବର୍ଷ ବି.ଟି. ପଢ଼ିବା ଲାଗି ଯାଇଥିଲେ । ଏ ଭିତରେ ବି.ଟି. ପରୀକ୍ଷା ଫଳ ବାହାରିଛି । ସେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଛନ୍ତି । ନୀଳକଣ୍ଠ କେବଳ ଏମ.ଏ. । ଗୋଦାବରୀଶ ଏବେ ଏମ.ଏ. ବି.ଟି. । ତେଣୁ ପ୍ରଧାନ ଶିକ୍ଷକ ପଦ ପାଇଁ ସେ ନିଜକୁ ଅଧିକ ଯୋଗ୍ୟ ମନେ କରୁଛନ୍ତି । ତାଙ୍କ ମନରେ ପ୍ରଧାନ ଶିକ୍ଷକ ହେବାର ଆଶା ପ୍ରବଳ । ତେଣେ ନୀଳକଣ୍ଠ ନିଜର ପରିଚାଳନାଗତ ଦକ୍ଷତାକୁ ନେଇ ଦୃଢ଼ । କହି ପାରନ୍ତି ଦୁହିଁଙ୍କ ଭିତରେ ଅଦୃଶ୍ୟ ପ୍ରତିଯୋଗିତା ।"

"ଆଚ୍ଛା ଗୋଦାବରୀଶ କଣ ଏ ବାବଦରେ କିଛି ଖୋଲା ଖୋଲି କହୁଛି ?"

"କିଛି କହିବା ଆବଶ୍ୟକ ନାହିଁ ଆପଣେ । ତାଙ୍କ କାର୍ଯ୍ୟକଳାପରୁ ସବୁ କଥା ସ୍ପଷ୍ଟ ହୋଇ ଯାଉଛି । ସେ ଦେଖିଲେ ହୁଏତ ଏଠି ପ୍ରଧାନ ଶିକ୍ଷକ ହେବେ କି ନହେବେ ଭିନ୍ନ କଥା । ତେବେ ବି.ଟି. ଫଳ ବାହାରିବା ପରେ ସେ ଖୋର୍ଦ୍ଧା ହାଇସ୍କୁଲର ପ୍ରଧାନ ଶିକ୍ଷକ ହେବା ପାଇଁ ଦରଖାସ୍ତ କରିଛନ୍ତି । ପଚାରିଲେ କହୁଛନ୍ତି ଖୋର୍ଦ୍ଧାରେ ଥିବା ତାଙ୍କର ବନ୍ଧୁମାନେ ତାଙ୍କୁ ଦରଖାସ୍ତ ଦେବା ପାଇଁ ଅନୁରୋଧ କରିଛନ୍ତି ।"



ଗୋଦାବରୀଶ ମିଶ୍ର

ହରିହରଙ୍କ ଠାରୁ ଏ କଥା ଶୁଣିଲା ପରେ ଗୋପବନ୍ଧୁଙ୍କ ଆଖି ଛଳଛଳ ହୋଇ ଉଠିଲା । ସେ କହିଲେ, "ଖୋର୍ଦ୍ଧାରୁ ଏପରି ଅନୁରୋଧ ଆସିଛି ବୋଲି ଗୋଦାବରୀଶ ନିଜେ ମୋତେ କହିଛନ୍ତି ।"

ସେଦିନ କଥା ଏତିକିରେ ରହେ । କିଛି ବିଧିବଦ୍ଧ ବ୍ୟବସ୍ଥା ହୋଇ ପାରେନା ।

କିଛିଦିନ ପରେ ଗୋପବନ୍ଧୁ ସମସ୍ତଙ୍କୁ ନେଇ ପୁଣି ବୈଠକ ଡାକନ୍ତି । ମନ୍ଦିର ଦେବୋତ୍ତର କମିଟିର ସଦସ୍ୟ ହିସାବରେ ସେ ମନ୍ଦିର ବଙ୍ଗଳାରେ ରହୁଥାନ୍ତି । ନୀଳକଣ୍ଠ,ହରିହର ଓ ଗୋଦାବରୀଶଙ୍କୁ ଡକାଯାଇଥାଏ ସମସ୍ତେ ପହଁଚିବା ପରେ ସେ କହିବା ଆରମ୍ଭ କଲେ ।

"ଆଜି ତୁମ ସମସ୍ତଙ୍କୁ ଆମ ସ୍ୱପ୍ନ ଓ ସଂକଳ୍ପ ବିଷୟରେ ପୁଣି ଥରେ ମନେ ପକାଇ ଦେବା ପାଇଁ ଡକାଇଛି । ଆମେ ଥରେ ଜହ୍ନ ରାତିରେ ଭାର୍ଗବୀ କୂଳେ ଶପଥ କରିଥିଲେ – ଆମେ ପାଠ ପଢ଼ି ସରକାରୀ ଚାକିରୀ କରିବା ନାହିଁ । ତୁମେମାନେ ସମସ୍ତେ ଉଚ୍ଚ ସରକାରୀ ପଦ ପାଇଁ ଯୋଗ୍ୟ । ତା'ର ମୋହ ଛାଡ଼ି ତୁମେ ସତ୍ତିଏ ବିଦ୍ୟାଳୟରେ ଯୋଗ ଦେଇଥିଲ । ହେଲେ ଆଜି କଣ ସେ ସଂକଳ୍ପ ପାଶୋର ଯାଇଛି ?"

ତାଙ୍କର ଏ ପ୍ରକାର କଥାର କାହାରି ଠାରୁ କିଛି ଉତ୍ତର ଆସିଲା ନାହିଁ ।

ଗୋଦାବରୀଶ ସଙ୍କୋଚର ସହ କହିଲେ, "ଆମ ଭିତରେ ବୋଧହୁଏ କାହାର କାହା ସହିତ ମନ ମିଳୁନାହିଁ ।"

"ସେପରି କୁହ ନାହିଁ ଗୋଦାବରୀଶ । ତୁମେ କଲିକତାର ମୂକ ବଧିର ବିଦ୍ୟାଳୟରେ ରହିଥାନ୍ତ । ସେଇ ସୂତ୍ରେ ବିଦେଶ ଯାଇଥାନ୍ତ । କେତେ ବୁଝାଇ ତୁମକୁ ମୁଁ ଯିବାରୁ ଅଟକାଇଥିଲି । ତୁମକୁ ବୁଝାଇବା ପାଇଁ ଶଶିଦାଙ୍କୁ ଲଗାଇ ସଫଳ ହୋଇଥିଲି । ଓଡ଼ିଶାର ଦରିଦ୍ର ଛାତ୍ରମାନଙ୍କୁ ଅନ୍ଧ, ମୂକ, ବଧିର କହି ସେମାନଙ୍କ ପ୍ରତି ତୁମକୁ ତୁମ ଦାୟିତ୍ୱ ବିଷୟରେ ସୂଚାଇଥିଲି । ସତ୍ୟବାଦୀ ବିଦ୍ୟାଳୟକୁ ନେଇ ମୋ ମନରେ କେତେ ଆଶା । ସେସବୁ କଣ ଲୋପ ହୋଇଯିବ ?"

ଏତିକି କହି ସେ କୋହ ଉଠାଇ କାନ୍ଦିଲେ । ତାଙ୍କୁ ଲୁହ ସଂକ୍ରାମକ ଭାବେ ଅନ୍ୟମାନଙ୍କ ଆଖିକୁ ବ୍ୟାପିଗଲା । ସମସ୍ତେ ଲୁହ ଝରାଇଲେ ।

ମଝିରେ ଗୋଦାବରୀଶ ଉଠାଇଲେ ଖୋର୍ଦ୍ଧା ହାଇ ସ୍କୁଲ କଥା । ତାଙ୍କର ବନ୍ଧୁମାନେ ତାଙ୍କୁ ସେଠି ପ୍ରଧାନ ଶିକ୍ଷକ ହେବା ଚାହୁଁଛନ୍ତି ବୋଲି କହିଲେ । ଏଥିରେ ବିଚଳିତ ଗୋପବନ୍ଧୁ ତାଙ୍କୁ କୁଣ୍ଢେଇ ଧରି କଇଁ କଇଁ ହୋଇ କାନ୍ଦିଲେ । ପ୍ରତିକ୍ରିୟାରେ ଗୋଦାବରୀଶ ମଧ୍ୟ କାନ୍ଦିଲେ । ଏତିକିରେ ଖୋର୍ଦ୍ଧା ଯିବା ଯୋଜନାରେ ଭଟ୍ଟା ପଡ଼ିଲା ।

ତା ପରେ ସେ ପୁଣି କହିବା ଆରମ୍ଭ କଲେ, "ଯାହା କିଛି ଅନୁଷ୍ଠାନ ଭିତରେ ଘଟୁଛି ତା'ର ମୂଳରେ ଅଛି ପ୍ରଧାନ ଶିକ୍ଷକ ପଦବୀ । ତୁମେ ସମସ୍ତେ ମୋର ଅନ୍ତରଙ୍ଗ । ଆଜି ସେହି ଘନିଷ୍ଠତାର ଦୁହାଇ ଦେଇ ମୁଁ କେତୋଟି ପ୍ରସ୍ତାବ ଦେଉଛି – ସତ୍ୟବାଦୀରେ କେହି ସ୍ଥାୟୀ ପ୍ରଧାନ ଶିକ୍ଷକ ରୂପେ ପଦବୀରେ ରହିପାରିବେ ନାହିଁ । ଗୋଦାବରୀଶ,କୃପାସିନ୍ଧୁ ଓ ନୀଳକଣ୍ଠ ପ୍ରତ୍ୟେକେ ତିନି ବର୍ଷ ଲେଖାଏଁ ପ୍ରଧାନ ଶିକ୍ଷକ ରହିବେ ।"

ଗୋଦାବରୀଶ ଦାୟିତ୍ୱ ନେଇ ଲେଖିଲେ, Today afternoon as the headmaster of the school,I took charge of the school,the hostel and the industrial department from the former head master and the superintendent Babu Nilkanth DasM.A.

17th September, ୧୯୧୮.

ଅବଶ୍ୟ ଏ ପ୍ରକାରର ସମଯୋଜନ ନୀଳକଣ୍ଠଙ୍କ ପସନ୍ଦ ନଥିଲା । ସେ ପ୍ରତିକ୍ରିୟାରେ କହିଥିଲେ, "ତିନି ବର୍ଷ ଲେଖାଏଁ ପ୍ରଧାନ ଶିକ୍ଷକ ହେବାର ବ୍ୟବସ୍ଥାଟି ସମସ୍ୟାର ସମାଧାନ ନୁହେଁ । ଯେଉଁ ଅଭିଳାଷ ନେଇ ବିଦ୍ୟାଳୟ ଆଗକୁ ବଢ଼ୁଥିଲା ତାହା ହୁଏତ ଆଉ ପୂରଣ ହୋଇ ପାରିବ ନାହିଁ । ସମସ୍ତଙ୍କୁ ସନ୍ତୁଷ୍ଟ କରିବାର ଯେଉଁ ବାଟ ଗୋପବନ୍ଧୁ ବାବୁ ଦେଖାଇଲେ ସେ ବାଟ ଦେଇ ଅନୁଷ୍ଠାନ ସଫଳ ହେବାର ନାହିଁ । ବାସ୍ତବରେ ସମସ୍ତଙ୍କୁ ସନ୍ତୁଷ୍ଟ କରିବାର ଚେଷ୍ଟାରେ କେହି ସନ୍ତୁଷ୍ଟ ହୁଏ ନାହିଁ ।"

ଗୋଦାବରୀଶ ପ୍ରଧାନ ଶିକ୍ଷକ ହୋଇ କାର୍ଯ୍ୟାଳୟର କୁଞ୍ଚି କାଠି ରଖିଲେ । କିନ୍ତୁ ତାଙ୍କ ନିଜକୁ ଲାଗିଲା ତାଙ୍କ ନିଜ ଗୋଡ଼ରେ ଧାନ ମଳି ହେଉ ନାହିଁ । ମାସେ ଦୁଇ ମାସ ଭିତରେ ବିଦ୍ୟାଳୟ ଅଚଳ ହେଲା ପରି ପ୍ରତେ ହେଲା । ପିଲାଙ୍କ ମାସିକ ଦରମା ବାକି,ମେସ ଖର୍ଚ୍ଚ ବାକି । ପିଲାଙ୍କ ମେସ ବନ୍ଦ ହୋଇ ଗଲେ ସେମାନେ ଧାର କରଜ କରି କିଛି ଶୁଝିଲେ । ତେବେ ଅବସ୍ଥା ଅସମ୍ଭାଳ ହେଲା ପରି ମନେ ହେଲା । ଗୋଦାବରୀଶଙ୍କୁ ଲାଗିଲା କେହି ଯେମିତି ଅବସ୍ଥା ଅଚଳ କରାଉଛି । କେହି ଯେମିତି ଚାହୁଁଛି କାମ ସୁରୁଖୁରୁରେ ନ ଚାଲୁ ।

ଏ ବୈଠକର କେତେ ଦିନ ପରେ ଗୋପବନ୍ଧୁ ନୀଳକଣ୍ଠଙ୍କୁ କହିଥିଲେ,

"ତୁମେ ବୋର୍ଡିଂ ଛାଡି ଦିଅ ।"

"ବୋର୍ଡିଂ ଛାଡି ଦେଲେ ମୁଁ ରହିବି କେଉଁଠି ?"


"ତୁମେ ଯାଇ ଗାଁରେ ରୁହ ।"

ନୀଳକଣ୍ଠ ଗାଁରେ ରହିବା ପରେ ବୋର୍ଡିଂ ପରିଚାଳନା ଠିକ ରୂପେ ହୋଇ ପାରିଲା ନାହିଁ । ମେସ ଖର୍ଚ୍ଚର ବାକି ବଢି ଚାଲିଲା । ଦେୟ ଆଦାୟ ହୋଇ ପାରିଲା ନାହିଁ । ପରିସ୍ଥିତିର ଚାପରେ ପଡି ଗୋପବନ୍ଧୁ ପୁଣି ନୀଳକଣ୍ଠଙ୍କୁ ଡକାଇଲେ

"ଦେଖ ନୀଳକଣ୍ଠ ମେସ୍ ଖର୍ଚ୍ଚ ବାକି ଦେଢ଼ ହଜାର ଟଙ୍କାରେ ପହଂଚି ଗଲାଣି । ତୁମେ ଏସବୁ ଆଦାୟ କରି ପାରିବ ?"

ନୀଳକଣ୍ଠ ଦିନ ତମାମ ଲାଗି ବାକି ଆଦାୟରେ ମନ ଦେଲେ । କିଛିମାତ୍ରାରେ ସଫଳ ବି ହେଲେ । ତେବେ ବାକି ବନ୍ଦ କରିବାର ଆଉ ଉପାୟ ନଥିଲା ।

ବିଦ୍ୟାଳୟ ଏହିପରି ଅଦ୍ଭୁତ ସ୍ଥିତିରେ ଥିଲା । ତଥାପି ଗୋପବନ୍ଧୁଙ୍କର ତାକୁ ନେଇ ଆବେଗରେ ଘାଟ୍‌ତି ଆସି ନଥିଲା । ଲେଫ୍ଟନାଣ୍ଟ ଗଭର୍ଣ୍ଣର କ୍ରୀସ୍‌ମାସ୍ ଛୁଟିରେ ଓଡିଶା ଆସିବାର ଥିଲା । ପୁରୀ ମଧ୍ୟ ତାଙ୍କ ପରିଦର୍ଶନ ତାଲିକାରେ ସ୍ଥାନ ପାଇଥିଲା । ସେ ତାଙ୍କ ଘରୋଇ ସଚିବଙ୍କୁ ଚିଠିଲେଖି ସତ୍ୟବାଦୀରେ କିଛି ସମୟ ରେଳ ଅଟକାଇବାକୁ ଅନୁରୋଧ କରିଥିଲେ ଯଦ୍ୱାରା ବିଦ୍ୟାଳୟର ପିଲାମାନେ ତାଙ୍କୁ ଅଭିବାଦନ କରି ପାରିବେ, ତାଙ୍କର ଦର୍ଶନ ପାଇ ପାରିବେ ।


Nilakantha Das, Legislator, Delhi Central Assembly *(1924-30, 1935-45)*

To the p.s. to Lt.Governor on behalf of the satyabadi school

Satyabadi

17/10/1918

Dear Sir,

I communicated to my students and teachers the very sympathetic inquiries His Honour was pleased to make about the satyabadi school during my last interview with him at Ranchi.They are exceedingly grateful for the interest His Honour takes in the well being and future progress of the school. In the mean time His Honours proposed visit to Orissa during the next Xmas has been announced in some papers.It is hoped that a visit to Puri will be included in his tour programme in Orissa .The satyabadi school is desirous of paying it's humble tribute of respect to his Honour on his way to Puri. My students and teachers ask me to request His Honour's permission for the stoppage of His Honour's express for a few minutes at the Sakhigopal railway station just to give them an opportunity to offer their loyal and grateful greetings to him on the station platform. I would request you to state this properly before His Honour and favour me with an early communication of pleasure.

Your sincerely

Gopabandhu Das.

ଆଗକୁ ବିଦ୍ୟାଳୟ କି ଅବସ୍ଥାରେ ପଡ଼ିବାକୁ ଯାଉଛି ସେ ଆଶଙ୍କା କରି ପାରୁଥିଲେ । ମାତ୍ର ପିଲାମାନଙ୍କ ପାଇଁ ଭଲ ଚିନ୍ତାରୁ ସେ ବିରତ ହୋଇ ନଥିଲେ । ସତ୍ୟବାଦୀରୁ ରେଭେନ୍ସା କଲେଜ ପଢିବା ଲାଗି ଯାଉଥିବା ଛାତ୍ରମାନଙ୍କ ପାଇଁ ସ୍ୱତନ୍ତ୍ର ବୋର୍ଡିଂ ବ୍ୟବସ୍ଥା ପାଇଁ ଅନୁରୋଧ କରି ରେଭେନ୍ସାର ଅଧ୍ୟକ୍ଷଙ୍କୁ ପତ୍ର ଲେଖିଲେ ।

To principal,Ravenshaw college, on Boarding house for students from satyabadi school.

Satyabadi,

3/11/1918

To

Mr. H.Lambert,

Principal,Ravenshaw college,

Cuttack .

Dear Mr Lambert,

I have proposed to have a boarding house at cuttack for the students that go to college from the Satyabadi school. Care shall be taken to manage this boarding house on the lines of our school hostel here.The rules of the Satyabadi school Hostel and it's method of discipline have been given in the Appendix to our school report,a copy of which was sent to you before and for your ready reference another copy is being sent today per book post .They have been highly approved by the Inspecting officers as also by thoughtful educated guardians of some of our students.I shall be glad to have any suggestions from you towards improvement which will be thankfully accepted and worked out.The proposal to have a hostel for college students of our school proceeds from an idea not only to enable the students most of whom are poor to manage more cheaply than else where but also to keep up the spirit of satyabadi life of simplicity and devotion.For the present Babu Shyam Mohan Ray of Manikghose bazaar,cuttack is selected to act as guardian of the

hostel which I saw the other day .

The idea of Satyabadi hostel at cuttack was broached to His Honour Sir Edward Gait in my discussion with him in September last.As one taking interest in our Educational work, His Honour expressed his appreciation of it.

I of course admit that one of our staff would do better as a superintendent of our Cuttack hostel. But as that cannot be done now- for we have non to spare- Babu Shyam Mohan Ray is appointed as a reliable man to take charge of the inmates of the hostel.



କୃପାସିନ୍ଧୁ ମିଶ୍ର ୧୮୮୭ ୧୯୨୭

By the way, I may state for your information that two of our students who have joined the college this year are entirely maintained by us and they will be workers in our educational cause when they complete their education in the college.Our teachers will constantly visit the hostel when they come to cuttack and will live with the boarders there giving them the benefit of their constant communication and advice.

I hope and request that you will lend your support to this very idea and sympathise with the object the Satyabadi school has in view.

With regards,

Yours sincerely

Sd/ Gopabandhu Das

ଘଟଣା ଚକ୍ରରେ ପରିସ୍ଥିତିର ବାଧ୍ୟବାଧକତରେ ପଡି ଗୋପବନ୍ଧୁ କିସ୍ତିଭିତ୍ତିକ ପ୍ରଧାନ ଶିକ୍ଷକ ପ୍ରଥା ଚଳାଇଲେ । କିନ୍ତୁ ସେ ବେଶ ବୁଝି ପାରିଥିଲେ ଯେ ଏ ପ୍ରକାର ଆୟୋଜନ କେବଳ ସମସ୍ୟା ଉପରେ ଲେପ ଦେଇ ତାହା ନାହିଁ ବୋଲି ନିଜକୁ ବିଶ୍ୱାସ ଦିଆଇବା । ସେ ଦୃଢ଼ ଭାବରେ ବୁଝିଲେ ଯେ ତାଙ୍କ ହାତରେ ଥିବା ଲଗାମ କୋହଳ ହେବାରେ ଲାଗିଛି । ଆଦର୍ଶ ଚାପରେ ବିଦ୍ୟାଳୟ ଗଠନ ପାଇଁ ଶପଥ ନେଇଥିବା ବନ୍ଧୁମାନେ ନିଜର ଅହଂ ଓ ପଦବୀ ମୋହରୁ ଉଠି ପାରି ନାହାଁନ୍ତି । କାହାକୁ କହିବେ ସମସ୍ତେ ତାଙ୍କର ଆପଣାର । ସତ୍ୟବାଦୀରେ ସଂହତି ପାଇଁ ସେ ନିଜର ଶେଷ କୌଶଳ ପ୍ରୟୋଗ କରିବାକୁ ଚାହିଁଲେ । ସେ ସ୍ଥିର କଲେ ତିନି ଏମ.ଏ.ଙ୍କ ଭିତରୁ ଜଣକୁ ଦୂରକୁ ନ ପଠାଇଲେ ଅବସ୍ଥା ସମ୍ଭଳା ପଡିବ ନାହିଁ । ସେତେବେଳେ ତାଙ୍କ ମନକୁ ଆସିଲା ସିଂହ ଭୂମିର ଓଡ଼ିଆ ଜାଗରଣର ପ୍ରସଙ୍ଗ । ସେ ନିଜେ ସେଠି ସାଂଗଠନିକ କାର୍ଯ୍ୟ ଚଳାଇଛନ୍ତି । ଅନନ୍ତ ମିଶ୍ରଙ୍କୁ ସେ ଅଞ୍ଚଳରେ କାର୍ଯ୍ୟରେ ନିୟୋଜିତ କରିଛନ୍ତି । ଏମାନଙ୍କ ଭିତରୁ ଜଣେ କେହି ଗଲେ ସେଠି ଶିକ୍ଷା ପ୍ରସାରରେ ସହାୟକ ହେବ । ତେଣୁ ପ୍ରଥମେ ସେ ନୀଳକଣ୍ଠଙ୍କ ଆଗରେ ଏ ପ୍ରସ୍ତାବ ଦେଇ କହିଲେ

"ଦେଖ ତୁମେ ଜଣେ ସମର୍ଥ ସଂଗଠକ ଓ ପରିଚାଳକ । ସତ୍ୟବାଦୀରେ ପ୍ରଧାନ ଶିକ୍ଷକ ଓ ସୁପରିଟେଣ୍ଡେଣ୍ଟ୍ ରୂପେ ତୁମେ ତା'ର ପ୍ରମାଣ ଦେଇଛ । ମୁଁ ଚାହେଁ ତୁମେ ସିଂହଭୂମି ଯାଅ ।"

ନୀଳକଣ୍ଠ ସେତେବେଳକୁ ବୋଡିଂ ଛାଡି ଗାଁରେ । ତାଙ୍କର ନନା ବାର୍ଦ୍ଧକ୍ୟ ପ୍ରପୀଡ଼ିତ । କେତେବେଳେ ଯେ କଣ ହୋଇଯିବ ତାହା କହି ହେବ ନାହିଁ । ତେଣୁ ସେ ଜବାବ ଦେଲେ, "ନନାଙ୍କ ଜୀବନରେ ସନ୍ଧ୍ୟା ଉପଗତ । ତାଙ୍କ ପାଖରେ ମୋ ଛଡା ଆଉ କେହି ନାହିଁ । ତେଣୁ ମୁଁ ଆପଣଙ୍କ ପ୍ରସ୍ତାବରେ ସମ୍ମତି ଦେଇ ପାରୁନାହିଁ ।"

ଗୋପବନ୍ଧୁ କିଛିଟା ଆହତ ହେଲେ । ମନେ ମନେ ଚିନ୍ତା କଲେ – "କୁଆଡେ ଗଲା ଉଦ୍ଧାମ,କର୍ମ ପ୍ରବଣ ନୀଳକଣ୍ଠ ।"

ସମାନ ପ୍ରସ୍ତାବ ଦେଇ ସେ କୃପାସିନ୍ଧୁଙ୍କୁ କହିଲେ, "ପ୍ରିୟ କୃପାସିନ୍ଧୁ ! ମୁଁ ଚାହେଁ ତୁମେ ସିଂହଭୂମି ଯାଅ । ସେଠି ବିଛିନ୍ନାଞ୍ଚଳରେ ବିଦ୍ୟା ଦାନ କରି ଓଡ଼ିଆ ସଂସ୍କୃତି ବଞ୍ଚାଅ । ମୋର ଅଖଣ୍ଡ ବିଶ୍ୱାସ ତୁମେ ଏହା ପାରିବ ।"

ମାତ୍ରାଧିକ ବଶମ୍ବଦ ମନେ ହେଉଥିବା କୃପାସିନ୍ଧୁ କହିଲେ, "ମୁଁ ଟିକେ ଘରୁ ବୁଝିଲେ ଆପଣଙ୍କୁ ମୋ ନିଷ୍ପତ୍ତି ଜଣାଇବି ।"

ଗୋପବନ୍ଧୁ ବୁଝିଲେ କୃପାସିନ୍ଧୁ ନିଜ ପତ୍ନୀଙ୍କ ମତାମତ ଚାହୁଁଛନ୍ତି । ଯଥା ସମୟରେ ସେ ତାଙ୍କର ମତାମତ ଦେଲେ, "ମୋ ସ୍ତ୍ରୀ ପ୍ରବାସରେ ରହିବାକୁ ରାଜି ନୁହେ । ଏ ପରିସ୍ଥିତିରେ ମୁଁ ସତ୍ୟବାଦୀ ଛାଡି ପାରିବି ନାହିଁ ।"


ଗୋପବନ୍ଧୁ ଆହୁରି ହତାଶ ହେଲେ । ଶେଷରେ ସିଂହଭୂମି ଯିବାର ପ୍ରସ୍ତାବ ଗୋଦାବରୀଶଙ୍କୁ ଦିଆଗଲା । ଗୋପବନ୍ଧୁ ତାଙ୍କର ସ୍ୱଭାବ ସୁଲଭ ଶ୍ଳେଷରେ କହିଲେ, "ଆହେ ଗୋଦାବରୀଶ ତୁମ ଘରେ ତ କେହି ବାର୍ଦ୍ଧକ୍ୟ ପୀଡିତ ନାହାନ୍ତି । ତୁମେ ବି କଣ ତୁମ ପତ୍ନୀଙ୍କୁ ପଚାରି କହିବ ?"

ଗୋଦାବରୀଶ ତୁରନ୍ତ ଜବାବ ଦେଲେ, "ମୋର ପିତା କେବେଠୁ ଦେହ ତ୍ୟାଗ କଲେଣି । ଏସବୁ କାମ ମୁଁ ସ୍ତ୍ରୀକୁ ପଚାରି କରେ ନାହିଁ ।"

ଗୋପବନ୍ଧୁ କିଛିଟା ଆତ୍ମପ୍ରସାଦ ଲାଭ କଲେ ।

୧୯୧୯ ମସିହା ଫେବୃୟାରୀ ମାସ ସାତ ତାରିଖରେ ରେଳ ଯୋଗେ ସେ ଯିବାର ଥାଏ । ସନ୍ଧ୍ୟା ସମୟ । ଶିକ୍ଷକ ଓ ଛାତ୍ରମାନେ ଆସି ଷ୍ଟେସନରେ ଜମା ହେଲେ । ସେ ସତ୍ୟବାଦୀରେ ଯୋଗ ଦେଇଥିଲେ ୧୯୧୩ରେ । କେତେ ଘାତ ପ୍ରତିଘାତ ଦେଇ ଛ ବର୍ଷ ବିତିଗଲା ଜଣା ପଡିଲା ନାହିଁ । ଛ ବର୍ଷର ଛୋଟିଆ ମୂଳଟି କିଛି କମ ମାଟି ଭିତରକୁ ଭେଦି ନଥିଲା । ସହକର୍ମୀ ଓ ଛାତ୍ରମାନଙ୍କ ଆଖିରୁ ଲୁହ ଝରୁଥାଏ । ଗୋଦାବରୀଶ ଭାବ ପ୍ରବଣ ହୋଇ ପଡ଼ିଥାନ୍ତି । ପୁରୀ ଏକ୍ସପ୍ରେସ ଗାଡି ସିଟି ମାରିଲା । ଗୋଦାବରୀଶ ବଳ ପ୍ରୟୋଗ କରି ସତ୍ୟବାଦୀରୁ ନିଜ ମୂଳ ଓପାଡି ଦେଲେ ।

# ଛାୟାଚିତ୍ର



# ଛାୟାଚିତ୍ର

**ଚିତ୍ତରଞ୍ଜନ ଚିରଞ୍ଜିତ**

ଦେଉଳପଡ଼ା,କେନ୍ଦ୍ରାପଡ଼ା-୭୫୪୨୧୨

ଫୋନ: ୯୪୩୭୪୪୯୬୪୪

ଅଳଙ୍କରଣ: ସୁସ୍ମିତା ମିଶ୍ର

**ଲକ୍ଷ୍ୟ ମୁହଁର ପ୍ରଥମ ଶବ୍ଦ, ଶବ୍ଦ ନୁହେଁ ତ ପ୍ରଥମ ଅର୍ଦ୍ଧଳି । ନିଜକୁ ଆଉ ସମ୍ଭାଳି ପାରିଲାନି ତୁଷାର । ଲକ୍ଷ୍ୟକୁ ଜାବୁଡ଼ିଧରି ଭୋ ଭୋ ହୋଇ କାନ୍ଦିଉଠିଲା ସେ । ତା'ର ଏହି କାନ୍ଦ ଖୁସିର ନା ଦୁଃଖର ? ଲକ୍ଷ୍ୟ ମୁହଁରୁ ଉଚ୍ଚାରିତ ପ୍ରଥମ ଶବ୍ଦ ପାଇଁ ଖୁସି ନା ଏଯାଏ କଳ୍ପନା ରାଇଜରେ କୃତ୍ରିମ ମଣିଷ ସାଇତିବାର ଦୁଃଖ ? ଏକ ଅସହାୟତାରେ ଖଣ୍ଡଖଣ୍ଡ ହୋଇ ଯାଉଥିଲା ତୁଷାର । ଯେତେବେଳେ ସେ ଟିଭି ପରଦାକୁ ଫେରି ଚାହିଁଲା, ସେତେବେଳକୁ ଉଭାନ ହୋଇ ସାରିଥିଲା ସେହି ମୁହଁ ? ତା' ଥିବାନଥିବାର ପରିସୀମାକୁ ଥରୁଟିଏ ଛୁଇଁଦେଇ ଲକ୍ଷ୍ୟ ଆଡ଼କୁ ଚାହିଁଲା ବେଳେ, ତା' ଆଖିରେ ଝକଝକ ହେଉଥିଲା ଲୁହ । ଏଇ ଲୁହ ତ ଆଉ କୃତ୍ରିମ ନୁହେଁ !**



ଆଜି ପ୍ରଥମଥର ସ୍କୁଲ୍ ଯାଇଛି ଲକ୍ଷ୍ୟ । ତା' କୁନିକୁନି ପାଦରେ ଜୋତା ଗଳାଇ ଲେସ୍ ବାନ୍ଧୁଥିଲା ବେଳେ ଭାବପ୍ରବଣ ହୋଇଉଠୁଥିଲା ତୁଷାର । ତା' ଭାବପ୍ରବଣ ହେବା ପଛରେ ତ ଅନେକ କାରଣ ! ପ୍ରତିଟି କାରଣ ସତେ ଯେମିତି ଗୋଟିଏ ଗୋଟିଏ ଯନ୍ତ୍ରଣା ! ସେହି ଯନ୍ତ୍ରଣାକୁ ସେ ଦେଖାଇବାକୁ ଚାହେଁ ନାହିଁ, ଯଦିଓ ତାହା ପ୍ରତି ମୁହୂର୍ତ୍ତରେ ରୁନ୍ଧି ଚାଲୁଥାଏ ତାକୁ । ମନକୁ ଆଉ ଦେହକୁ । ମନ ଆଉ ଦେହ ଏକାକାର ହୋଇଗଲେ ତାହା କୁଆଡ଼େ ଆତ୍ମା ପାଲଟି ଯାଏ । ଆତ୍ମାକୁ ବି !

ଲକ୍ଷ୍ୟକୁ ସ୍କୁଲ୍ ପଠାଇବ ନା ନାହିଁ ? ଏହି ପ୍ରଶ୍ନରେ ଛଟପଟ ହେଉଥିଲା ତୁଷାର । ଆଜି ସ୍କୁଲ୍ ଗଲା ପରେ ମନରେ ତା'ର ଗୋଟିଏ ନୁହେଁ, ବେଜାଏ ପ୍ରଶ୍ନ । କ'ଣ କରୁଥିବ ପୁଅ ତା'ର ? ପ୍ରଥମ କରି ବାହାର ଦୁନିଆକୁ ଦେଖିଲା ପରେ କି ପ୍ରତିକ୍ରିୟା ସୃଷ୍ଟି ହେଉଥିବ ତା' ମନରେ ? ସାଙ୍ଗମାନଙ୍କ ସହିତ ମିଶୁଥିବ ନା ଏକୁଟିଆ ରହିଥିବ ? ତା' କଥା କ'ଣ ମନେ ପକାଉଥିବ ? ଏହି ପ୍ରଶ୍ନସବୁ ବି ଗୋଟିଏ ଗୋଟିଏ ଯନ୍ତ୍ରଣାର ପ୍ରତିରୂପ, ଯାହା ମନଭିତରେ ଓହଳି ରହିଛି ସେତେବେଳଠୁ । ତାଳଗଛରେ ବାୟା ଚଢ଼େଇ ବସା କିମ୍ବା ଏବେ ଆକାଶ ଛାତିରେ କଳାହାଣ୍ଡିଆ ମେଘ ଓହଳିବା ପରି ।

ସେମିତି ଦରଜା ପାଖରେ ତୁଷାର । ନିର୍ଦ୍ଦିଷ୍ଟ ପରିସୀମା ଯାଏ ଲମ୍ବିଥିଲା ତା'ର ଦୃଷ୍ଟି । ସତେ ଯେମିତି ତା'ର ଦୃଷ୍ଟି ସେପାଖରେ ଆଉ ଗୋଟିଏ ପୃଥିବୀ ଅଛି, ଅଥଚ ତା' ପାଇଁ ଅପହଞ୍ଚ । ଏହି ସମୟରେ ଗାଡ଼ିର ହର୍ଣ୍ଣ ବାଜିଲା ଯେ ଚମ୍‌କି ପଡ଼ିଲା ସେ । ପୁଣି ଭାବିଲା, ଧେତ୍ ! ଏଇ ତ ଯାଇଛି, କ'ଣ ଏତେ ଶୀଘ୍ର ଫେରି ଆସିବ ? ପ୍ରତିଟି ଗାଡ଼ିର ଶବ୍ଦ ଖାଲି ଗୋଟିଏ ସଙ୍କେତ, ତାହା ଯିବାର ଆଉ ଆସିବାର !

ଡୋର୍ ବନ୍ଦ କରୁଥିବା ବେଳେ ନିଜ ଦେହ ବେଶ୍ ଓଜନିଆ ଲାଗିଲା ତୁଷାରକୁ । ବୋଧହୁଏ ପ୍ରଥମ କରି ଓହଳି ପଡ଼ିଛି ଶୂନ୍ୟତା । କେହିଜଣେ କହିଥିଲେ, ଶୂନ୍ୟତା ଗୋଟିଏ ଅପଦାର୍ଥ କି ପାଣିଫୋଟକା ନୁହେଁ । ଏହା କଳ୍ପନାର ଗୋଟିଏ ଅଦ୍‌ଭୁତ ତାରକସି, ଯାହାର ବି ଓଜନ ଅଛି । କଳ୍ପନାରେ କିଛି କଥା ଭାବିବା ଏବଂ ସାଇତି ରଖିବା ଅର୍ଥ ସାଙ୍ଗରେ ଓଜନକୁ ଧରି ରହିବା ।

ପ୍ରଥମ ଥର ଲକ୍ଷ୍ୟର ଅନୁପସ୍ଥିତରେ ବିଭିନ୍ନ ସ୍ଥାନରେ ଗୋଳିଆଘାଣ୍ଟିଆ ହୋଇପଡ଼ିଥିବା ତା'ର ପ୍ରତିଟି ଜିନିଷ ଉପରେ ଆଖି ବୁଲାଇ ଆଣିଲା ତୁଷାର । ସେସବୁକୁ ସଜଡ଼ାସଜୁଡ଼ି କରି ରଖିଦେବ ନା ସେମିତି ପଡ଼ିଥିବ ? ବେଳେବେଳେ ଅସଜଡ଼ା ହୋଇ ପଡ଼ିଥିବା ଜିନିଷଗୁଡ଼ା ବି ଅଧିକ ଆକର୍ଷଣ ପାଲଟେ । ଲକ୍ଷ୍ୟର ଚପଳାମିରେ କୋଉ ଅସଜଡ଼ା ହୋଇଛି ଏସବୁ ? ବରଂ, ତା' ମୁହଁରେ ହସ ଟିକେ ଖେଳାଇବା ପାଇଁ ଏବଂ କିଛି ଶବ୍ଦ ବାହାର କରିବା ପାଇଁ ଯେତେ ସବୁ ତୁଷାରର କାରସାଦି । ନା ଲକ୍ଷ୍ୟ ମୁହଁରୁ ହସ ଝରେ ନା ଶବ୍ଦ ବାହାରେ ! ବରଂ, ତା' ଖେଳଣାପତ୍ର, ଡ୍ରେସ୍ ଏବଂ ଘରର ଯାବତୀୟ ଟୁକୁରାଟୁକୁରି ଜିନିଷ ସ୍ଥାନଚ୍ୟୁତ ହୋଇଯା'ନ୍ତି କିଛି ମୁହୂର୍ତ୍ତକ ଭିତରେ । ଆଜି ସେମିତି ପଡ଼ିଛି । ପଡ଼ିଥାଉ ଏମିତି, ତା' ଫେରିବା ଯାଏ ବି । ମନେମନେ କହୁଥିଲା ତୁଷାର ।

ଲକ୍ଷ୍ୟ ଫେରିବାର ଗୋଟିଏ ପରିକଳ୍ପିତ ଦୃଶ୍ୟ ଅଚାନକ ଉଭା ହୋଇ ଯାଉଥିଲା, ତୁଷାରର ମନ ଦିଗନ୍ତ ଭିତରେ । ସତେ ଯେମିତି ସେ ଉଠେଇ ନେଇ କୋଳାଗ୍ରତ କରିବା ସହିତ ବୋକ ପରେ ବୋକ ଦେଉଛି ତାକୁ । ଏକ ଭାବାବେଗରେ ଜୁଡୁବୁଡୁ ହୋଇଯାଉଛି, ସେଇଥିରେ ଆପଣା ଛାଏଁ ନିଶ୍ଚିହ୍ନ ହୋଇ ଯାଉଛି ତା' ପ୍ରତିଟି ଯନ୍ତ୍ରଣାର ବୁନ୍ଦ୍ ।

**କାହାଣୀ ପଛର କାହାଣୀ**

**'ଛାୟାଚିତ୍ର' କେବଳ ରଙ୍ଗୀନ ପରଦାରେ ଉଭାସିତ କେଉଁ ଏକ ଦୃଶ୍ୟ ନୁହେଁ, ଜୀବନ ସହିତ ଯୋଡ଼ି ହୋଇଥିବା କୌଣସି ଏକ ଚରିତ୍ର ଏବଂ କୌଣସି ଏକ ମୁହୂର୍ତ୍ତ । ମନରେ ସବୁବେଳେ ଅଦୃଶ୍ୟ ଭାବେ ଚିତ୍ରଟିଏ ଲାଖି ରହିଥାଏ । ସେ ବି ସ୍ୱପ୍ନର ମଣିଷଟିଏ ହୋଇପାରେ । ସେ ସତ କି ମିଛ ଜାଣିବା ପୂର୍ବରୁ ଅନେକ ସମ୍ମୋହନ, ଅନେକ ଶିହରଣ ସେହି ସ୍ୱପ୍ନର ମଣିଷ ସହ । ସେହି ସ୍ୱପ୍ନର ମଣିଷକୁ ଖୋଜୁ ଖୋଜୁ ଯାହା ଯାହା ଘଟଣା ଘଟେ, ତାହା ଆଦୌ କୃତ୍ରିମ ନୁହେଁ ବରଂ ବାସ୍ତବତାର ଘଟଣା ଯେତେ । ଯାହା କିଛି ଘଟେ କିଛି ପ୍ରାପ୍ତି, ଅନେକ ଅପ୍ରାପ୍ତି । କିଛି ସୁଖ, ଅମାପ ଦୁଃଖ । ଜୀବନଟା ଯୋଡ଼ି ହେଉହେଉ ଅନେକବାର ଛିଣ୍ଡିଯାଏ । ପ୍ରାପ୍ତିର ପୁଲକରେ ଜୁଡୁବୁଡୁ ହେଉ ହେଉ ଅପ୍ରାପ୍ତିର ଗହ୍ୱରରେ ପଡ଼ିଯାଏ । ତା' ଭିତରେ ସରିଯାଏ ସମୟ ଓ ଆୟୁଷ । ଯେତେବେଳେ ବୁଝିହୁଏ ସେହି 'ଛାୟାଚିତ୍ର' କେବଳ ଏକ କୃତ୍ରିମତାର ରୂପ, ସେତେବେଳେ ଜୀବନ ପୁଣିଥରେ ଅଭାବବୋଧର ଗର୍ତ୍ତରେ ଟପ୍‌କିନା ପଡ଼ିଯାଏ । ତଥାପି ଏଇ 'ଛାୟାଚିତ୍ର'- ମଣିଷ ସହ ବନ୍ଧା ।**

ଚିତ୍ତରଞ୍ଜନ ଚିରଞ୍ଜିତ

ଶୁଣିବାକୁ ଚାହୁଁଛି ଲକ୍ଷ୍ୟର ପ୍ରଥମ କଥାସବୁକୁ । ସାଙ୍ଗସାଥୀଙ୍କ ସହ ବିତାଇଥିବା ମୁହୂର୍ତ୍ତର କଥା, ଏକ୍‌ଲାପଣ ପାଇଁ ମନରେ ତା'ର ସଂଚରିତ ଭୟ କଥା । ସର୍ବୋପରି, ବାପା ଅନୁପସ୍ଥିତ ଦୁନିଆ କେତେ ଶୂନ୍ୟ, ସେଇ କଥା । ତା'ରି ଭାଷାରେ, ତା'ରି ଶବ୍ଦରେ । ଚମ୍‌କି ପଡ଼ିଲା ତୁଷାର । ସ୍ୱଗତୋକ୍ତି ଭଳି ଉଚ୍ଚାରଣ କଲା ସେ, ତିନିବର୍ଷ ହେବ ପଦୁଟିଏ ବି କଥା ସ୍ଫୁରିନାହିଁ ତା' ମୁହଁରୁ !

ଏମିତି ଭାବୁଭାବୁ ସୋଫା ଉପରେ ବସିବାକୁ ଯାଉଥିବା ବେଳେ ହଠାତ୍ ମୁଣ୍ଡ ଉପରେ ଟଙ୍ଗା ହୋଇଥିବା ଫଟୋ ଉପରେ ଦୃଷ୍ଟି ପଡ଼ିଗଲା ତୁଷାରର । ଲକ୍ଷ୍ୟ ଆଉ ଏଇ ଫଟୋଚିତ୍ର ? କ'ଣ ଫରକ ଯେ ? ଉଭୟ ସ୍ଥିର ଓ ନିସ୍ପନ୍ଦ ଆଉ ନିର୍ବେଦ ! ଧୀରେଧୀରେ ଖୋଲି ଆଣିଲା ସେହି ଫଟୋଟାକୁ, ଗୋଟିଏ ବିମୁଗ୍ଧ ଉଚ୍ଚାରଣରେ । ଫଟୋଟାକୁ ନିର୍ଲିପ୍ତ ନୟନରେ ଚାହିଁ ରହିଲା ବେଳେ ଛଳଛଳ ହୋଇଉଠିଲା ତୁଷାରର ଆଖି । ହଠାତ୍ ତା' ପାଟିରୁ ବାହାରି ଆସିଲା, "କିଛି କଥା କହ ତ ବାବା ମୋର !"

ଏମିତି ଅସହାୟତା କାବୁ କରିପକାଇଲା ଯେ ଲଥ୍‌କି'ନା ସୋଫା ଉପରେ ବସି ପଡ଼ିଲା ତୁଷାର । ହାତରେ ଥାଏ ଲକ୍ଷ୍ୟର ଫଟୋ ଆଉ ଫଟୋ ଉପରେ ତା'ର ନିରୀହ ଆଉ ବିକଳ ଦୃଷ୍ଟି ।

ଲକ୍ଷ୍ୟର ପ୍ରଥମ ଜନ୍ମଦିନର ଫଟୋ । କାନ୍ଧଗଳା ଜିନ୍ ପ୍ୟାଣ୍ଟ, କୁଞ୍ଚିକୁଞ୍ଚିଆ କେଶରେ କେତେ ସୁନ୍ଦର ଦିଶୁଛି ଲକ୍ଷ୍ୟ ! ତା' ସାଙ୍ଗକୁ ମୁଣ୍ଡରେ ଗୋଟାଏ ବଡ଼ କଳାଟୋପା । ଏହି କଳାଟୋପା କିଏ ଲଗାଇଥିଲା ତାକୁ ? ମନେପଡ଼ିଗଲା ତା'ର, ବନ୍ଧୁ ଅଂଶର ପତ୍ନୀ ଜନ୍ମଦିନ ଉତ୍ସବକୁ ଆସିଥିବା ବେଳେ ଲକ୍ଷ୍ୟକୁ କାଳେ କିଏ ଦୃଷ୍ଟି ପକାଇଦେବ, ସେଇଥିପାଇଁ ତା'ର କପାଳରେ ଲଗାଇ ଦେଇଥିଲା । ତୁଷାର ସାମ୍ନାରେ ପ୍ରତିବିମ୍ବିତ ହୋଇ ଉଠୁଥିଲା ସେଇ ଦୃଶ୍ୟ ଓ ସେଇ ଘଟଣା ।

ଅଳ୍ପ କେତେ ସାଙ୍ଗସାଥୀ ଓ ସେମାନଙ୍କ ପରିବାର ଗହଣରେ ସେଦିନ ଲକ୍ଷ୍ୟର ଜନ୍ମଦିନ ପାଳିଥିଲା ତୁଷାର । ଅନ୍ୟ ଜଣେ ବନ୍ଧୁଙ୍କ ପତ୍ନୀ ହଠାତ୍ କହି ପକାଇଲା, "ଇଏ ତ ସରୋଗାସି ଚାଇଲ୍‌ଡ୍ । ତାକୁ କିଏ ବା କାହିଁକି ନଜର ପକାଇବ ?"

ଏହିକଥା ଯେତେବେଳେ ତା' କାନରେ ବାଜିଲା, ସେତେବେଳେ ତୁଷାରର ଛାତି ଭିତରୁ ଦମ୍‌କି'ନା ଖସି ପଡ଼ିଲା କିଛି ଗୋଟାଏ । କେତେକେତେ ପ୍ରଶ୍ନ ଉଙ୍କି ମାରିଲା ତା' ମନ ଭିତରେ । ଲକ୍ଷ୍ୟ କ'ଣ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ? ଅନ୍ୟପିଲାଙ୍କ ଭଳି ସେ କ'ଣ ଅଳିଅର୍ଦ୍ଦଳି କରିବ ନାହିଁ କିମ୍ବା ତା' ଉପରେ କେହି କ'ଣ ଦୃଷ୍ଟି ପକାଇବେ ନାହିଁ ? ତାକୁ ଦେଖିଦେଲେ କ'ଣ ଜାଣିଯିବ କି ସେ ଜଣେ ସରୋଗାସି ଚାଇଲ୍‌ଡ୍ ବୋଲି ? ସରୋଗାସି ଚାଇଲ୍‌ଡ୍ ବୋଲି କ'ଣ ସେ ଏତେ ଚୁପ୍ ଏବଂ ପ୍ରତିକ୍ରିୟାହୀନ ?"

ସେହି ରାତିରେ ଅତିଥିମାନେ ପରସ୍ପର ସହିତ ଖୁସି, ମଜାଗପ କରୁଥିଲା ବେଳେ ଏବଂ ସେମାନଙ୍କ ମଧ୍ୟରୁ କେହିକେହି ଫେରିଯିବା ପାଇଁ ବିଦାୟ ନେଉଥିବା ବେଳେ ନିଜକୁ ଏକ ନିଭୃତ କୋଣକୁ ନେଇ ଆସିଥିଲା ତୁଷାର । ପୁଅ ଲକ୍ଷ୍ୟ ନଥିଲା ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ । ଅତିଥିମାନଙ୍କ ଏକୋଳରୁ ସେକୋଳକୁ ହେଉଥିଲା ସେ । ତା' ଭାବନା ଭିତରେ ବି ସତର୍କ ରହିଥିଲା ତୁଷାର । ଯେତେବେଳେ ସବୁକୋଳ ଲୋଡ଼ିବାପଣରୁ ନିବୃତ ହୋଇଯିବ, ସେତେବେଳେ ସେ ହିଁ ଟେକି ଆଣିବ ପୁଅକୁ ତା'ର ! ନିଜ କୋଳକୁ, ନିଜସ୍ୱ ପୃଥିବୀକୁ । ସେତେବେଳକୁ ଥମି ଯାଇଥିବ ଜନ୍ମଉତ୍ସବର ମାହୋଲ ଏବଂ ନିଶ୍ଚୁପ ହୋଇ ସାରିଥିବ ଏକ କୋଳାହଳପୂର୍ଣ୍ଣ ଚଉହଦୀ । ସମସ୍ତେ ବିଦାୟ ନେବା ପରେ ଯେଉଁ ସ୍ଥିର ପୃଥିବୀ ସ୍ୱାଗତ୍ କରିବ, ସେଇଥିରେ କେବଳ ଦୁଇଜଣ ଥିବେ । ସେ ଆଉ ଲକ୍ଷ୍ୟ ।

ତୁଷାରର ପୃଥିବୀଟା ସବୁବେଳେ ସ୍ଥିର ଆଉ ନିସ୍ତବ୍ଧ । ଯେତେବେଳେ ସେ କୌଣସି ଏକ ଦୁର୍ବଳ ମୁହୂର୍ତ୍ତରେ ଭାବପ୍ରବଣ ହୋଇଉଠେ, କେବଳ ତା' ପୃଥିବୀ ଟିକେ ଯାହା ଚଳଚଞ୍ଚଳ ହୋଇଯାଏ । ସରିସରି ଆସୁଥିଲା ଜନ୍ମୋତ୍ସବର ରାତି ଏବଂ ନିଜସ୍ୱ ପୃଥିବୀର ପ୍ରତୀକ୍ଷମାଣତାରେ ତୁଷାର ।

ପୁଅର ଜନ୍ମଦିନ ଉତ୍ସବରେ ଘର ଗୋଟିଏ ଖୁସିର ଉପତ୍ୟକା । ହେଲେ, ତା'ରି ଭିତରେ ତୁଷାର ଯେତେସବୁ ଅନାବନା କଥା ଭାବି ଚାଲୁଥିଲାବେଳେ ଡାକ ଛାଡ଼ିଲେ ପଟ୍ଟନାୟକ ବାବୁ । ଘରକୁ ଫେରିଯିବେ ବୋଲି ପ୍ରସ୍ତୁତ ହେଉଥିଲେ ସେ ।

ତୁଷାର କୋଳକୁ ଲକ୍ଷ୍ୟକୁ ବଢ଼େଇଲା ବେଳେ ପଟ୍ଟନାୟକ ବାବୁ କହିଲେ, "ଆପଣଙ୍କ ପୁଅ ବହୁତ ଡଲଲଡାଉଲ ହୋଇଛି, ହେଲେ ସେ ଆପଣଙ୍କ ଭଳି ପୂରା ଚୁପଚାପ୍ ! ପୂରାପୂରି ଫଟୋ ଭଳି, ନଚେତ୍ କଣ୍ଢେଇ ଭଳି । ଏମିତି ନିରବପଣରେ ନିର୍ଜୀବ ଆଉ ସଜୀବ ଭିତରେ କୋଉ ଫରକ ଥାଏ ଯେ ?"

କ'ଣ ଗୋଟାଏ ଦମ୍‌କି'ନା ଖସିଗଲା ତୁଷାରର ଛାତିରୁ । ଖଣ୍ଡେ ପଥର ନୁହେଁ ତ, ସତେ ଯେମିତି ପାହାଡ଼ଟା । ପଟ୍ଟନାୟକ ବାବୁଙ୍କ ଏହି କଥାରେ ଖୁସି ହେବ ନା ଦୁଃଖ କରିବ, କିଛି ବି ଜାଣି ପାରୁନଥିଲା ସେ । ଜନ୍ମଦିନ ଉତ୍ସବ ଶେଷ ହେବା ପରେ ସମସ୍ତେ ଫେରି ଯାଇଥିଲେ ଯେଝାଯେଝା ଘରକୁ । କେଇଘଣ୍ଟା ପାଇଁ ଯେଉଁ ପୃଥିବୀଟା ଚଳଚଞ୍ଚଳ ଥିଲା, ହଠାତ୍ ତାହା ପୁଣିଥରେ ନିଜସ୍ୱ ନିରବତାର କୋଳକୁ ଫେରି ଆସିଥିଲା ଯେମିତି !

ରାତିସାରା ତୁଷାର ସେହି ନିରବତାର ଭିତରେ ଅପେକ୍ଷା କରିଥିଲା କିଛି ଶବ୍ଦକୁ । ପ୍ରତି ମୁହୂର୍ତ୍ତରେ ସେ ଯେମିତି ଖୋଜି ଚାଲିଥାଏ ଶବ୍ଦ । ଖୋଜି ଚାଲିଥାଏ କିଛିକିଛି ପ୍ରଶ୍ନ ଭିତରୁ ବି । କାନପାତି ଶୁଣିବ କି ସେହି ଶବ୍ଦକୁ ? ତା'ର ହଲୁଥିବା ହାତଗୋଡ଼, କାରଣ ନଥିବା କାନ୍ଦଣା ଅବା ଖିଲିଖିଲି ହସକୁ ଢେର୍ ସମୟ ଯାଏ ଅପେକ୍ଷା କଲା ତୁଷାର । ମଧ୍ୟରାତିର ନିସ୍ତବ୍ଧତା ଭିତରେ କେତେବେଳେ କଣ୍ଢେଇ ଦେଖେଇ ହଲେଇଲା ତ ପୁଣି କେତେବେଳେ ନିଜେ କଣ୍ଢେଇର ଆକୃତି ପାଲଟିଗଲା । ହେଲେ, ଟିକିଏ ବି ଶବ୍ଦ ବାହାରିଲାନି ଲକ୍ଷ୍ୟର ମୁହଁରୁ । ସତେ ଯେମିତି ଏକ ନିରବତାର ଗଣ୍ଡିଲି ଭିତରେ ନିଜକୁ ଆବଦ୍ଧ କରିଦେଇଛି ସେ ! ଏମିତି ଆବଦ୍ଧତାରେ ନା ସେହି ଗଣ୍ଡିଲି ଫିଟୁଛି ନା ତା' ଶବ୍ଦ ବାହାରୁଛି ! କିଛି ସମୟ ଭିତରେ ସେ ଯେତେବେଳେ ଶୋଇ ପଡ଼ିଲା, ତୁଷାରକୁ ଲାଗିଲା ଏ ପୃଥିବୀଟା ହିଁ ନିଃଶବ୍ଦମୟ !

ବୋଧେ ପୂରାପୂରି କ୍ଳାନ୍ତ ହୋଇ ଯାଇଥିଲା ଲକ୍ଷ୍ୟ । ବାକିତକ ରାତି ନିରବରେ ଶୋଇ ଯାଇଥିଲା । ହେଲେ, ଶୋଇ ପାରିନଥିଲା ତୁଷାର । ଏକ ଅବ୍ୟକ୍ତ ଯନ୍ତ୍ରଣାରେ ସେ ଛଟପଟ ହେଉଥିଲା ପ୍ରତିଟି ମୁହୂର୍ତ୍ତ, ସାରାରାତି ।

ସକାଳ ହେଲାକ୍ଷଣି ଲକ୍ଷ୍ୟକୁ ସାଙ୍ଗରେ ଧରି ତୁଷାର ଦୌଡ଼ିଲା ଡାକ୍ତରଙ୍କ ପାଖକୁ । ସବୁକଥା ଶୁଣିଲା ପରେ ଡାକ୍ତର ଟିକେ ହସିଦେଇ କହିଲେ, "ଏଇଟା ଗୋଟେ ରୋଗ ନୁହେଁ, ଏଥିପାଇଁ ଡାକ୍ତର ହିସାବରେ ମୁଁ ଆପଣଙ୍କୁ ଔଷଧ ଦେବି ! ସରୋଗାସି ଚାଇଲ୍‌ଡ୍ ଭିତରେ ଯେ ହସ, କାନ୍ଦ ରହିବନି ଯିଏ ଆପଣଙ୍କୁ କହିଛି କିମ୍ବା ଯାହା ଆପଣ ଭାବୁଛନ୍ତି ତାହା ଭୁଲ୍ । ଶିଶୁଟି ଜନ୍ମହେଲା ପରେ ଏବଂ ବଢ଼ିଲା ପରେ ତାହା ଅନ୍ୟ ଶିଶୁଙ୍କ ଭଳି ସମାନ ପ୍ରତିକ୍ରିୟା ବ୍ୟକ୍ତ କରିବ । ଏଥିରେ ତିଳେମାତ୍ର ବ୍ୟତିକ୍ରମ ହେବ ନାହିଁ ।"

ଡାକ୍ତରଙ୍କ ଏହି କଥାରେ ଟିକିଏ ଖୁସି ହେଉ ହେଉ ଅଟକିଗଲା ତୁଷାର । ପୁଣି ପଚାରିଲା, "ତା'ହେଲେ ମୋ ପୁଅ ଲକ୍ଷ୍ୟ ଏମିତି ପୂରାପୂରି ଚୁପଚାପ୍ କାହିଁକି ? ନା, କେବେ ସେ ହସୁଛି ନା କାନ୍ଦୁଛି ? ସେହି ଅପେକ୍ଷାରେ ପ୍ରତିମୁହୂର୍ତ୍ତରେ ମୁଁ ତ ଯନ୍ତ୍ରଣାରେ କୁହୁଳି ଉଠୁଛି ।"

ଡାକ୍ତର ଜାଣି ପାରୁଥିଲେ ଯେ ଏକ ମନସ୍ତାତ୍ତ୍ୱିକ ଅବସାଦର ଶିକାର ହୋଇଛି ତୁଷାର । ତୁଷାର ଜୀବନ ସହିତ ସେ ବି ଓତପ୍ରୋତ ଜଡ଼ିତ । ସେଇଥିପାଇଁ ତ ତା'ପ୍ରତି ସବୁବେଳେ ସମ୍ବେଦନଶୀଳ ରହିଥା'ନ୍ତି । ସବୁକଥା ଡାକ୍ତରୀ

ଭାଷାରେ ନହେଲେ ନାହିଁ, ଏକ ଭିନ୍ନ ଭାଷାରେ ବୁଝେଇବାକୁ ଚେଷ୍ଟା କରନ୍ତି ସେ ।


ଡାକ୍ତର କହିଲେ, "ମୋତେ ଲାଗୁଛି, ତମ ଘର ପରିବେଶ ଗୋଟିଏ ନିରବତା ଭାଙ୍ଗିବାକୁ ଯଥେଷ୍ଟ ହେଉ ନାହିଁ । ଲକ୍ଷ୍ୟ ଏକ ଚପଳାମି ଆଚରଣର ପରିପ୍ରକାଶ କରିବା ପାଇଁ ଏକ ସମ୍ପୂର୍ଣ୍ଣ ଭାବେ କୋଳାହଳମୟ ପରିବେଶ ଦରକାର । ତମେ ତ ଏବେ ଭାଗ୍ୟବାନ ଯେ ଏକ ସିଙ୍ଗଲ୍ ପାରେଣ୍ଟ ହୋଇ ବି ଏକ ସରୋଗାସି ଚାଇଲଡ଼୍‌ର ପିତୃତ୍ୱ ଲାଭ କରିପାରିଛ । ଏବେ ତ ଆଇନ ବଦଳି ଗଲାଣି । କେବଳ ନିଃସନ୍ତାନ ଦମ୍ପତି ହିଁ ଏହିଭଳି ଶିଶୁ ଗ୍ରହଣ କରିପାରିବେ ବୋଲି ନୂଆ ଆଇନ ହୋଇ ଯାଇଛି । ଏହାପଛର ଅର୍ଥ ବି ସେଇଆ । ସରକାର ଚାହାନ୍ତି, ଏହିଭଳି ଭାବେ ଜନ୍ମିତ ଶିଶୁ ଉଭୟ ବାପାମା'ର ସ୍ନେହଶ୍ରଦ୍ଧା ପାଆନ୍ତୁ ବୋଲି । ହୁଏତ ସେ ଅଭାବ ଅନୁଭବ କରୁଥିବ, ଯେଉଁ କଥାକୁ ପ୍ରକାଶ କରିବା ତା' ପକ୍ଷେ ଆଦୌ ସମ୍ଭବପର ନୁହେଁ ।"

ସେଦିନ ଘରକୁ ଫେରି ଆସିଲା ଆହୁରି ଦ୍ୱିଗୁଣିତ ହୋଇ ସାରିଥିଲା ତୁଷାର ଭିତରର ଯନ୍ତ୍ରଣା । ସେ ମନେମନେ କହିଲା, "ମୁଁ ଯେତେବେଳେ ଉଭୟ ବାପାମା'ର କାର୍ଯ୍ୟ କରୁଛି ଏବଂ ଜନ୍ମ ହେବା ପର ଠାରୁ ସେ ମା' କ'ଣ ଜାଣିନି, ତା'ହେଲେ ସେ ଖୋଜିବ ବା କେମିତି ?"

ଘରେ ପହଞ୍ଚିଲା ପରେ ଗୋଟିଏ ନିରବତା ଯେମିତି ଆବୋରି ପକାଇଲା ତୁଷାରକୁ । ଖାଁ ଖାଁ ଗୋଡ଼ାଇଲା କିଛି ଗୋଟାଏ । ମନେମନେ ଭାବିଲା, ଲକ୍ଷ୍ୟ ପାଇଁ କ'ଣ ସେ ଯଥେଷ୍ଟ ନୁହେଁ ? ହସ, କାନ୍ଦ ଭରା ଚଳଚଞ୍ଚଳ ଦୁନିଆ ଭିତରେ ତାକୁ ବାନ୍ଧି ରଖିବା ପାଇଁ ?

ହେଲେ, ସବୁକିଛି ଓଲଟପାଲଟ ହୋଇଗଲା ଯେମିତି । ତୁଷାରର ପ୍ରତିଟି ଚେଷ୍ଟା ବର୍ଜ୍ୟବସ୍ତୁ ଭଳି ପଡ଼ିରହିଲା ଅପାଙ୍‌କ୍ତେୟ ହୋଇ । ଦୁଇବର୍ଷ ଧରି ଏକ ନିଃସଙ୍ଗତାର ଯନ୍ତ୍ରଣାକୁ ବୋହି ସାରିଲାଣି ସେ । ଯେତେବେଳେ ସେ ଭାବନା ଭିତରେ ବୁଡ଼ି ରହୁଥିଲା ତାକୁ ଲାଗୁଥିଲା ଏହା ଗୋଟିଏ ଘର ନୁହେଁ, ବରଂ ଏକ ନିଃସଙ୍ଗ ଆକାଶ । ଯେତେବେଳେ ଭାବପ୍ରବଣ ହୋଇ ଲକ୍ଷ୍ୟକୁ ଜାବୁଡ଼ି ଧରୁଥିଲା ତାକୁ ଲାଗୁଥିଲା ଏହାଘର ନୁହେଁ, ବରଂ ଏକ ଆତ୍ମୀୟତାର ପୃଥିବୀ । ଏହିଭଳି ଦୁଇପ୍ରକାରର ଭାବନାରେ ବିତି ଯାଉଥିଲା ଦିନରାତି ଏବଂ ସରିସରି ଯାଉଥିଲା ସମୟ ଓ ଆୟୁଷ । ହେଲେ, ଲକ୍ଷ୍ୟ ଥିଲା ତା'ର ସେହି ନିର୍ଦ୍ଦିଷ୍ଟ ଜାଗାରେ, ସ୍ଥିର ଏକ ବିନ୍ଦୁରେ ।

ଏମିତି ଦିନପରେ ଦିନ, ମାସ ପରେ ମାସ ଅତିକ୍ରାନ୍ତ ହୋଇ ଯାଉଥିଲା ଆପଣାଛାଏଁ । କିଛିଦିନ ତଳେ ଘରକୁ ଆସିଥିବା ଜଣେ ବନ୍ଧୁ କହିଲା, କାହିଁକି ବ୍ୟସ୍ତ ହେଉଛ କହିଲ ? ଏବେ ତାକୁ ପ୍ଲେ'ସ୍କୁଲ୍‌କୁ ଛାଡ଼ିଦିଅ । ଦେଖିବ, ସାଙ୍ଗମାନଙ୍କ ସହିତ ମିଶାମିଶି କଲେ ସେ ଆଉ ଚୁପ୍‌ହୋଇ ରହିବନି । ଜିଦ୍, ଅଳିଅର୍ଦ୍ଦଳି, ହସକାନ୍ଦ ଯାହା ତମେ ଚାହୁଁଛ ସବୁକିଛି ପାଇଯିବ । ଏବେ କେବଳ ସେହିସମୟକୁ ଅପେକ୍ଷା କର । ଏଯାଏ ଗୋଟିଏ ଶବ୍ଦ ବି କହୁନି ବୋଲି ଯେଉଁ ବ୍ୟସ୍ତ ହେଉନ, ଦେଖିବ ଅଜସ୍ର ଶବ୍ଦ ଅଜାଡ଼ିଦେବ ସେ !



ଘଣ୍ଟାକୁ ଚାହିଁଲା ତୁଷାର । ଲକ୍ଷ୍ୟ ଯିବା ମାତ୍ର ଅଧ ଘଣ୍ଟାଏ ହୋଇଛି । ହେଲେ, ତାକୁ ଲାଗୁଛି ଏହା ଭିତରେ ଅନେକ ଘଣ୍ଟା ଅତିକ୍ରାନ୍ତ ହୋଇଗଲାଣି ଯେମିତି ! ଆହୁରି ଯେ ତାକୁ ପାଖାପାଖି ତିନିଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ, ଏହା ଭାବିଲାକ୍ଷଣି ଛାତିଭିତରଟା କୋରି ହୋଇଯାଉଥିଲା ତା'ର ।

ଏଇସମୟରେ ବାଣଫୁଟିଲା ଭଳି ଆକାଶରୁ ଶୁଭିଲା ଘଡ଼ଘଡ଼ି ଶବ୍ଦ । ଚମ୍‌କି ପଡ଼ିଲା ତୁଷାର । ଖଣ୍ଡଖଣ୍ଡ ହୋଇଗଲା ଭାବନା ତା'ର ।

କେଉଁ ଭୌଗୋଳିକ କାରଣ ପାଇଁ କେଜାଣି, ଖଣି ଏବଂ ଜଙ୍ଗଲ ପାଖର ଏହି ଛୋଟିଆ ସହରରେ ଜୁନ୍‌ମାସରେ ମୌସୁମୀ ଆସିବା ମାତ୍ରକେ ବର୍ଷା ଆସିଯାଏ । ସକାଳେ ବି ଆକାଶରେ ଘେରି ରହିଥିଲା ବର୍ଷାର ଆଦି । ତା' ଛାତିରେ ଥିଲା ଭସାଭସା ବଉଦର ମେଳଣ । ଲକ୍ଷ୍ୟକୁ ଛାଡ଼ିବ ନା ନାହିଁ, ଦ୍ୱନ୍ଦ୍ୱରେ ଥିଲା ସେ । ପୁଣି ଭାବିଲା, ପ୍ରଥମଦିନ ଯେହେତୁ ଏକ ଅନୁପସ୍ଥିତରୁ ଆରମ୍ଭ କରିବା ଠିକ୍ ନୁହେଁ । ହେଲେ, ଏହି ଘଡ଼ଘଡ଼ି ଶବ୍ଦରେ ତ ଛାନିଆଁ ହୋଇ ଯାଇଥିବ ଲକ୍ଷ୍ୟ ? ଛଟପଟ ହେଲା ତୁଷାର ।

କିଛି ସମୟ ପରେ ଧୁ' ଧୁ' ହୋଇ ଗାଳି ପକାଇଲା ବର୍ଷା । ଆହୁରି ବ୍ୟସ୍ତ ହୋଇପଡ଼ିଲା ସେ, ଯଦିଓ ସେ ଜାଣିଛି ବର୍ଷାର ଏହି କୋପ ବେଶି ସମୟ ପାଇଁ ନୁହେଁ ।

ଧୀରେଧୀରେ ଘର ଭିତରକୁ ପ୍ରବେଶ କରୁଥିଲା ବାହାରର ଥଣ୍ଡାପବନ, ଯାହାର ସ୍ପର୍ଶରେ ତଲ୍ଲୀନ ଆଉ ଆନମନା ହୋଇ ଯାଉଥିଲା ତୁଷାର । ପ୍ରତିଥରର ବର୍ଷା ଭଳି, ଏଇ ବର୍ଷାରେ ଭାସି ଆସୁଥିଲା ସେହି ମୁହଁ । ଯେଉଁ ମୁହଁକୁ ଛବିରେ ଆଙ୍କିବା ପାଇଁ ଚେଷ୍ଟାକରିଛି ଅନେକଥର, ହେଲେ ପାରିନି । କେବଳ କଳ୍ପନାରେ ସାଇତି ରଖିଛି ଏଯାଏଁ । ତଫାତ୍ ହେଉଛି, ଆଗରୁ ବର୍ଷା ହେଲେ ପାଖରେ ଲକ୍ଷ୍ୟଥାଏ, ତା' ପୃଥିବୀ ଥାଏ । ଲକ୍ଷ୍ୟ ଥାଉଥାଉ ସେହି ପୃଥିବୀରେ ଆଉ କାହାରିକୁ ଲୋଡ଼ିପାରେନି ସେ । ହେଲେ, ଆଜି ଲକ୍ଷ୍ୟ ନାହିଁ, ଅଛି ଗୋଟିଏ ବିସ୍ତୀର୍ଣ୍ଣ ଆକାଶର ଚଉହଦୀ । ଯେଉଁ ଆକାଶରେ ଲେସି ହୋଇଛି ଅତୀତର ଗୋଟିଏ ସଫେଦ ଚିତ୍ର । ସେହି ଆକାଶ ଆଡ଼କୁ ଝୁଙ୍କି ପଡ଼ିଲା ସେ ।

ଆଉ ନିଜକୁ ସମ୍ଭାଳି ରଖି ପାରୁନଥିଲା ତୁଷାର । ଏଥରକ ବେଡ୍ ଉପରେ ଶୋଇ ରହିବାକୁ ବାଧ୍ୟ ହୋଇଥିଲା ଏକ ଅଦ୍‌ଭୁତ ଉଲ୍ଲାସପଣ ଓ ଉତ୍ତେଜନାରେ, ଶୂନ୍ୟ ଆକାଶରେ ଏବଂ ଦୋଳାୟମାନ ଅବସ୍ଥାରେ ।

ମନେପଡ଼ିଯାଉଥିଲା ପିଲାବେଳର କଥା ।

ବର୍ଷାଦିନେ କାହିଁକି କେଜାଣି ଚହଲି ଯାଉଥିଲା ତୁଷାରର ମନ । ଧୁ ଧୁ ବର୍ଷାରେ ଗାଁଦାଣ୍ଡରେ ଧାର ଛୁଟୁଥିବା ପାଣି, ବତୁରି ଯାଉଥିବା ମାଟିଘର, ଆଉ ଟିକେ ଅଧିକ ସବୁଜ ଦିଶୁଥିବା ଗଛପତ୍ର ଏବଂ ବେଙ୍ଗଙ୍କ କେଁ କଟର ବୋବାଳି ସବୁକିଛି ପାଗଳ ପ୍ରାୟ କରିଦେଉଥିଲା ତାକୁ । ଠିକ୍ ସଞ୍ଜବେଳେ ସଁ ସଁ ହୋଇ ବାଜୁଥିବା ରେଡିଓରୁ ଯେତେବେଳେ ଆଦିବାସୀଙ୍କ ଗୀତ ବାଜି ଉଠୁଥିଲା, ସେ ଲମ୍ଫମାରୁଥିଲା ଏକ ଭିନ୍ନ ଦୁନିଆକୁ । ତାକୁ ଦିଶୁଥିଲା, ଗୋଟିଏ ସୁନ୍ଦର ମନୋଲୋଭା ଆଦିବାସୀ ଗାଁ ଏବଂ ତା' ଭିତରେ ଅଧାଫୁଙ୍ଗୁଳା ଦେହର ଚିତ୍ରଭଳି ଦିଶୁଥିବା ଆଦିବାସୀ ମଣିଷମାନେ । ତା'ଭିତରେ ଭାସିଆସୁଥିଲା ଗୋଟିଏ ସୁନ୍ଦର ମୁହଁ । ସେ ବି ଜାଣେନି କାହିଁକି ଏମିତି ଝୁରେ ସେ ଆଦିବାସୀ ଗାଁକୁ ? କାହିଁକି ଝୁରିମରେ କେଉଁ ଏକ ଉଦାସୀ ସମୟର ତଡିତ୍ ଆବେଗରେ ? କାହିଁକି, ଆନମନା ହୋଇଉଠେ ଗୋଟିଏ ପ୍ରତୀକ୍ଷିତ ସମୟ ଆଉ ସ୍ୱପ୍ନର ଲୋଡ଼ାପଣରେ ? କାହିଁକି ଗୁଞ୍ଜରିତ ହୋଇଉଠେ ସେ ଏକ ସ୍ୱୟଂକ୍ରିୟ ଉଚ୍ଚାରଣରେ ?

ଏହାପରେ ତୁଷାର ବଡ଼ହୋଇଛି, ସ୍କୁଲ୍‌ରେ ପାଠ ପଢ଼ିଛି ହେଲେ ସେହି ମୁହଁ ସତେଯେମିତି ଗୋଟିଏ ସ୍କେଚ୍ ହୋଇ ଆଙ୍କି ହୋଇଯାଇଛି ଛାତି ଭିତରେ । ସମୟ ଓ ସ୍ୱପ୍ନକୁ ସାଙ୍ଗରେ ଧରି ସେ ଆଗକୁ ଯେତେ ଗଲେ ବି, ସେହି ଦୃଶ୍ୟ ତା' ସହିତ ରହି ଆସିଥିଲା ।

ଏଇଟା ଗୋଟିଏ ସଂଯୋଗ ହୋଇପାରେ କି କ'ଣ, ମାଟ୍ରିକ୍ ପରେ ମାଇନିଂରେ ଡିପ୍ଲୋମା ଇଞ୍ଜିନିୟରିଂ ପାଇଁ ଯେଉଁ କଲେଜରେ ନାଁ ଲେଖାଇଲା ତୁଷାର, ସେଠି ଅଧିକ ମାତ୍ରାରେ ପ୍ରତିଭାତ ହୋଇଉଠିଲା ସେହି ଦୃଶ୍ୟ ।

ମାଇନିଂ କଲେଜ ନିକଟରେ ଥିଲା ଏକ ଆଦିବାସୀ ଗାଁ । ବର୍ଷାହେଲେ ଆହୁରି ସୁନ୍ଦର ପାଲଟେ ସେଇ ଗାଁ । ସେହି ଗାଁରୁ ଯେତେବେଳେ ଭାସିଆସୁଥିବ ଗୀତ, ସେତେବେଳେ ନିଜକୁ ଆଉ ସମ୍ଭାଳି ପାରେନି ତୁଷାର । କେହି ତାକୁ ଡାକୁଛି ଭାବି ସେ ପହଞ୍ଚି ଯାଏ ସେହି ଗାଁରେ । ଦୂରରେ ରହି ଅଣ୍ଟାରେ ହାତକୁ ହାତ ଛନ୍ଦି ନାଚୁଥିବା ଧାଙ୍ଗଡ଼ାଧାଙ୍ଗଡ଼ିଙ୍କ ଭିତରୁ ସେହି ମୁହଁକୁ ଖୋଜେ । ହେଲେ, ପାଏନି । ନିରାଶ ହୋଇ ଫେରିଆସେ ସେ ହଷ୍ଟେଲ୍‌ର ରୁମ୍ ଭିତରକୁ । କିଏ ସେ, ଯିଏକି ପ୍ରତିମୁହୂର୍ତ୍ତରେ ଆନମନା କରେ ତାକୁ ?

ସମୟ କେତେକେତେ ଘଟଣାପ୍ରବାହକୁ ସାଙ୍ଗରେ ଧରି ଆଗକୁ ଚାଲୁଥିବା ବେଳେ ନିର୍ଦ୍ଦିଷ୍ଟ ଭାବନା ସେମିତି ଝୁଲୁଥାଏ ତୁଷାର ମନରେ । ସେହି ଚେହେରା, ସେହି ମୁହଁ ! ଆଶ୍ଚର୍ଯ୍ୟର ବିଷୟ ହେଉଛି, ବଢୁଥିବା ସମୟର ତାଳେ ତାଳେ ସେହି ପରିକଳ୍ପିତ ମୁହଁର ବୟସ ଆଉ ସୁନ୍ଦରପଣ ବି ବଢ଼େ । ଅର୍ଥାତ୍, ପିଲାବେଳେ ଯେଉଁ ମୁହଁକୁ ଦେଖିଥିଲା ସେ ଏବେ ଏକ ପରିପୂର୍ଣ୍ଣ ସୁନ୍ଦର ତରୁଣୀ । ତୁଷାରର ବିଶ୍ୱାସ, ସେ ନିଶ୍ଚୟ ତ କେଉଁଠି ଅଛି । ପୁଣି ନିଜ ଭିତରେ ଯେତେବେଳେ ପ୍ରଶ୍ନ ଉଙ୍କିମାରେ ନିଜେ ଉତ୍ତର ରଖି କୁହେ, ଯଦି ନଥା'ନ୍ତା ତା' କଳ୍ପନା ଭିତରେ କେମିତି ପ୍ରତିଭାତ ହୁଅନ୍ତା ଯେ ?

ଲକ୍ଷ୍ୟ କଥା ଭାବୁଭାବୁ ଧୀରେଧୀରେ ତା' ମନ ଭିତରେ ଜାଗା ମାଡ଼ି ବସୁଥିଲା ସେ । ଏହା କୋଉ ପ୍ରଥମ ଘଟଣା ଯେ ? ଅନେକ ସମୟରେ ଏମିତି ଘଟେ । ଏକ ଅଦ୍‌ଭୁତ ଭାବପ୍ରବଣତାରେ ଚହଲିଯାଏ ଏବଂ ଆନମନା ହୋଇଯାଏ ତୁଷାର । ଏହି ଜିଦ୍‌ରେ ଜୀବନର ସବୁ ଲୋଡ଼ାପଣ ବି ତୁଚ୍ଛା ହୋଇଯାଏ ।

ଧୀରେଧୀରେ ବର୍ଷା କମି ଆସୁଥିଲା, ଆଉ ବର୍ଷା ଟୋପାର ଶବ୍ଦ ବି । ହେଲେ, ତୁଷାରର ଛାତି ଭିତରେ କିନ୍ତୁ ଗୁଞ୍ଜରିତ ହୋଇଉଠୁଥିଲା ଅନେକ ଶବ୍ଦ । ସତେଯେମିତି, ନିଜ ଭିତରେ ସାଇତି ରଖିଥିବା ଘଟଣାସବୁ ଜୀବନ୍ତ ହୋଇଉଠୁଛନ୍ତି ଆପଣାଛାଏଁ ! ଜୀବନ୍ତ ମଣିଷ ଏବଂ ପାର୍ଥିବ ଜିନିଷ ଭିତରେ ସେତିକିବେଳେ ସମାନ ଲାଗିବ, ଯେତେବେଳେ କେବଳ ଅନୁଭବ କରିହେବ । ଅନୁଭବ ବି ଜୀବନ୍ତ ଓ ପାର୍ଥିବ ମଧ୍ୟରେ କୌଣସି ପାର୍ଥକ୍ୟ ରଖେନାହିଁ । ସେହି ଅତୀତକୁ ଜାବୁଡ଼ି ଧରିଲା ବେଳେ ଅଧିକ ତରଙ୍ଗ ଖେଳାଇ ଦେଉଥିଲା ସେହି ଶବ୍ଦ ।

ସେହି ମୁହଁକୁ ଖୋଜିଖୋଜି ନୟାନ୍ତ ହୋଇ ଯାଇଛି ତୁଷାର । ତା'ରି ଭିତରେ କଲେଜର ପାଠପଢ଼ା ବି ସରିଛି, ହେଲେ ପାଇନି । ସତେଯେମିତି ତାକୁ ନପାଇଲେ ଜୀବନଟା ଅପୂର୍ଣ୍ଣାଙ୍ଗ ହୋଇ ରହିଯିବ ତା'ର ! ପୁଣିକୁହେ, ସେହି ଅପୂର୍ଣ୍ଣାଙ୍ଗ ବି ଜୀବନର ଏକ ସାର୍ଥକତା ଏବଂ ଏକ ନିଆରା ଉପଲବ୍ଧି । ବରଂ, ସାରାଜୀବନ ଖୋଜିବ ତାକୁ । ଖୋଜିବା ପାଇଁ ଏ ଜୀବନଟା ନିଅଣ୍ଟ ପଡ଼ିଲେ ବି ସେ କେବେ ଅଟକି ଯିବନାହିଁ ।

ପାଠପଢ଼ା ସରିବାଯାଏ ଗୋଟିଏ ଧାରାରେ ଚାଲିଥିଲା ତୁଷାର ଜୀବନ । ହେଲେ, ପାଠପଢ଼ା ପରେ ଯେତେବେଳେ ସେ ଏକ ମାଇନିଂ କମ୍ପାନିରେ ଯୋଗ ଦେଲା, ଘରୁ ଆରମ୍ଭ ହୋଇଗଲା ଝିଅଦେଖା ପର୍ବ । ସତେଯେମିତି, ଏଇ ଗୋଟାଏ କାର୍ଯ୍ୟ ନସାରିଲେ ଗୋଟିଏ ବିରାଟ କର୍ତ୍ତବ୍ୟରେ ଅବହେଳା କରିଦେବେ ସେମାନେ । ହେଲେ, ତୁଷାର ଘୋଷଣା କରିଦେଲା ସେ ବାହାହେବ ନାହିଁ । ଅବଶ୍ୟ କହିଲାନି, ତା'ର ଈପ୍‌ସିତ ଝିଅ ନପାଇବା ପର୍ଯ୍ୟନ୍ତ ଏହିଭଳି ଏକ ଜିଦ୍‌ରେ ଅଟଳ ରହିବ ବୋଲି ।

ମନେପଡ଼ି ଯାଉଥିଲା ତୁଷାରର, ତା'ମୁହଁରୁ ଏକଥା ଶୁଣିବା ପରେ କେମିତି ବାପାଙ୍କ ମୁଣ୍ଡ ଉପରେ ଆକାଶଟା ଖଣ୍ଡଖଣ୍ଡ ହୋଇ ଭାଙ୍ଗି ପଡୁଥିଲା । ଗୋଟିଏ ଉତ୍ତାପ ଓ ଉତ୍ତେଜନାର ଫେଣ୍ଟାଫେଣ୍ଟି ଆବର୍ତ୍ତ ଭିତରେ ରହି ହଜାରେବାର ପରାଜିତ ହେଉଥିଲେ ସେ । ଆଉ ଚିତ୍କାର କରି କହୁଥିଲେ, "ତୁ ଆମର ଗୋଟିଏ ବୋଲି ପୁଅ । ବାହା ହେବୁନୁ, ଆମର ବଂଶରକ୍ଷା ହେବ କେମିତି ?"

କିଛିନକହି ସେଦିନ ଫେରି ଆସିଥିଲା ତୁଷାର, ତା'ର ଚାକିରି ସ୍ଥଳକୁ ନୁହେଁ । ସେ ଯେଉଁ ମାଇନିଂ ସ୍କୁଲ୍‌ରେ ପଢୁଥିଲା, ତା' ପାଖରେ ଥିବା ସେହି ଆଦିବାସୀ ବସ୍ତିକୁ । ପୁଣିଥରେ ଖୋଜିଲା ତାକୁ, ତନ୍ନତନ୍ନ ହୋଇ ଖୋଜିଲା । ଜଙ୍ଗଲର ଫାଙ୍କରେ ଖେଳି ବୁଲୁଥିବା ପବନ, ଝରଣାର ଢେଉରେ ଗୁଞ୍ଜରିତ ଉଠୁଥିବା ଗୀତ, ଖଣି ଭିତରେ କାମ ସାରି ଫେରିଲା ବେଳର ଶବ୍ଦ ଏବଂ ତମାମ୍ ଆଦିବାସୀ ଗାଁରେ ପଇଁତରା ମାରୁଥିବା ଶୂନ୍ୟତା ଭିତରେ ଖୋଜିଲା ତାକୁ । ହେଲେ, ଉକୁଟି ଉଠିଲାନି ସେହି ମୁହଁ, ଉଦ୍‌ଭାସିତ ହୋଇଉଠିଲାନି ସେହି ପରିପୂର୍ଣ୍ଣ ଦେହ । ଯାହାକି ସାଇତି ରଖିଛି ଏଯାଏ ପିଲାବେଳୁ ଏବଂ ସଦାକାଳେ । ଯାହାପାଇଁ ଜୀବନଟାକୁ ଅଲେଖା କାଗଜଫର୍ଦ୍ଦ ଭଳି ଟୁକୁଡ଼ା କରିବାକୁ ବି ପଛଘୁଞ୍ଚା ଦେଉନାହିଁ ସେ ।

ସେଦିନ ଗୋଟିଏ ଅସହାୟତାରେ ନିଜକୁ ଜଡ଼େଇ ଧରି ଚାକିରି କରିଥିବା ଜାଗାକୁ ଫେରି ଆସିଲା । ଭାରି ଛଟପଟ ହେଉଥିଲା ସେ । ସେ ବୁଝିସାରିଥିଲା ତା' ସଶରୀର ଆଉ ସଶବ୍ଦ ପରିପ୍ରକାଶ ନହେବା ଯାଏ, ସତେ ଯେମିତି ନିରର୍ଥକ ହୋଇଯିବ ତା'ର ଜୀବନ ।

ଘରଆଡୁ କେବଳ ଶୁଣିବାକୁ ମିଳୁଥିଲା ଗୋଟିଏ ଶବ୍ଦ 'ବଂଶରକ୍ଷା' । ତୁଷାର ଭାବିଲା, ଏହା ଯଦି ଏକମାତ୍ର ଧ୍ୟେୟ ବଂଶରକ୍ଷା ପାଇଁ ସରୋଗେଟ୍ ମଦର ଓ ତା' ଗର୍ଭାଶୟର ସାହାରା ନେବ ପଛକେ ବିବାହ କରିବନି । ବିବାହ କରିବନି ଯେତେଦିନ ଯାଏଁ ସେହି ପରିକଳ୍ପିତ ଚେହେରା ବାସ୍ତବତାର ରୂପ ନେଇ ତା' ସାମ୍‌ନାରେ ଉଭା ନ ହୋଇଛି ! ଏହାପରେ ଡାକ୍ତରଙ୍କ ସହଯୋଗ ଲୋଡ଼ିଲା ତୁଷାର । ଡାକ୍ତର ଆବଶ୍ୟକ ସର୍ତ୍ତ ପୂରଣ କରିବା ପରେ ଏଥିପାଇଁ ସମସ୍ତପ୍ରକାର ବ୍ୟବସ୍ଥା କରିଦେଲେ ।

ଯେତେବେଳେ ଲକ୍ଷ୍ୟ ଜନ୍ମହେଲା ଏବଂ ତାକୁ ସେ ପ୍ରଥମ କରି ଧରିଲା ପିତୃତ୍ୱର ଏକ ଅବ୍ୟକ୍ତ ଉନ୍ମାଦନାରେ ଭାବବିହ୍ୱଳ ହୋଇଉଠିଲା ତୁଷାର । କାହିଁକି କେଜାଣି ତାକୁ ଲାଗୁଥିଲା, ଯିଏ ତା'ର କୃତ୍ରିମ ପତ୍ନୀ ଭୂମିକାରେ ଅବତୀର୍ଣ୍ଣ ହୋଇ ତା' ମନରେ ଏହିଭଳି ଏକ ପୁଲକ ଭରି ଦେଇଛି, ସେ ତା'ଛଡ଼ା ଆଉ କେହି ନୁହେଁ । କେବେକେବେ ତା' ସ୍ୱପ୍ନର


SMiLE GOLD
Agarbati
SMiLE
AN ISO 9001:2008 Certified
Since : 20years
Our Product
SMiLE+ SANITISER
SMiLE GOLD
LEMON GOLD
Rose Gold
MALLI GOLD
ROSE
BLACK DIMOND
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796

ରାଜକୁମାରୀକୁ କରବୀ ବୋଲି ନିଜକୁ ନିଜେ ସମ୍ବୋଧନ କରିବସେ ତୁଷାର । ସେ କରବୀ ହୋଇଥିବ ! ହେଲେ କରବୀ ସେମିତି ରହିଗଲା ଅଦୃଶ୍ୟ ହୋଇ ଓ ତା'ର ସତ୍ତା ଭିତରେ, ନିର୍ଦ୍ଦିଷ୍ଟ କିଛି ସର୍ତ୍ତର ଦାୟବଦ୍ଧତାରେ ।

ଏତେ ସମୟ ଧରି ଏମିତି ଏକ ଭାବନାରେ ରହିଗଲା ପରେ ଅଣନିଶ୍ୱାସୀ ହୋଇଯାଉଥିଲା ତୁଷାର । କାନ୍ଥଘଣ୍ଟାର ଟିକ୍‌ଟିକ୍ ଶବ୍ଦ କେବଳ ବଢ଼ନ୍ତା ସମୟକୁ ସୂଚଉ ନଥିଲା, ତା' ଉପରକୁ ଦୃଷ୍ଟି ପଡ଼ିଲା ପରେ ଲକ୍ଷ୍ୟ ଆଗମନର ସଙ୍କେତ ବି ଦେଉଥିଲା । କେଉଁ ମୁହୂର୍ତ୍ତରେ ଶୁଭିବ ଗାଡ଼ି ଅଟକିବାର ଏବଂ ଲକ୍ଷ୍ୟ ଫେରନ୍ତା ପାଦର ଶବ୍ଦ । ହେଲେ, ଯେଉଁ ଶବ୍ଦମାନ ଏଯାଏଁ ତାକୁ ଜାବୁଡ଼ି ଧରିଛି ତାହା ଏତେ ଭାରୀ ଯେ ତାକୁ କୋଉ ଉଠାଇ ଦେଉଛି ? ବରଂ, ଅମାପ ଦ୍ୱନ୍ଦ୍ୱରେ ଜୁଡୁବୁଡୁ କରିଦେଉଛି ତାକୁ । ଉଠିବ ନା ଉଠିବନି ?

ହେଲେ, ଲକ୍ଷ୍ୟ ତ ତା' ବର୍ତ୍ତମାନ, ତା' ଜୀବନ ଓ ସର୍ବସ୍ୱ । ଗୋଟିଏ ବେପରୱା ଆବେଗରେ ଅତୀତକୁ ପଛକୁ ଠେଲିଦେବା ପାଇଁ ଟେବୁଲ୍ ଉପରେ ଥୁଆହୋଇଥିବା ଖବରକାଗଜକୁ ଟାଣି ଆଣିଲା ତୁଷାର । ଆଜି ଲକ୍ଷ୍ୟକୁ ସ୍କୁଲ୍‌କୁ ବିଦା କରିବା ପାଇଁ ଏତେ ବ୍ୟସ୍ତ ହୋଇ ପଡ଼ିଥିଲା ଯେ ସମୟ ପାଇନି ଖବରକାଗଜ ପଢ଼ିବାକୁ । ଯେତେବେଳେ ପ୍ରଥମ ପୃଷ୍ଠାରେ ତା'ର ଆଖି ପଡ଼ିଲା, ଗୋଟିଏ ବିଜ୍ଞାପନରେ ବାହାରିଥିବା ଫଟୋ ଦେଖି ଚମ୍‌କି ପଡ଼ିଲା ତୁଷାର, ଶୀତେଇ ଉଠିଲା ତା' ଦେହ । ସେଥିରେ ଲେଖାଥିଲା, "ଖବର ପଢ଼ିବେ ଏଆଇ ଆଙ୍କର୍ !"

ଓହୋ ! ଏଇ ତ ସେଇ ? ସେହି ଆଖି, ସେହି ମୁହଁ ଏବଂ ତା'ରି ଭିତରେ ଲେସି ହୋଇଯାଇଥବା ଉଦାସୀନତା ଓ ସୁନ୍ଦରତା । ଆପଣାଛାଏଁ ଈପ୍‌ସା ଓ ପ୍ରାପ୍ୟର ଏକ ନିର୍ବାକ୍ ଛନ୍ଦ ତରଙ୍ଗାୟିତ ହୋଇଗଲା ଚଉହଦୀ । ବର୍ଷବର୍ଷ ଧରି ଯାହା ଜମାଟ ବାନ୍ଧି ହୋଇ ରହିଥିଲା ମନରେ ଆଉ ଦେହରେ । ସତେ ଯେମିତି, ସାରା ପୃଥିବୀଟା ଉଦ୍‌ବେଳନମୟ ଆଉ ଦୋଳାୟମାନ ଏହିକ୍ଷଣି ।

ତତ୍‌କ୍ଷଣାତ୍ ଟିଭି ଖୋଲି ନିର୍ଦ୍ଦିଷ୍ଟ ସେହି ଚ୍ୟାନେଲ୍ ଉପରେ ସ୍ଥିର ରଖିଲା ରିମୋଟ୍‌ର ବଟନ୍ । ସଂଯୋଗ ହୁଏତ, ସେହିସମୟରେ ହିଁ ତା'ର ଆବିର୍ଭୂତ ହେବାର ଥିଲା । ପୂରାପୂରି ନିର୍ବାକ୍ ଆଉ ଅଭିଭୂତ ହୋଇ ଯାଉଥିଲା ତୁଷାର, ସେ ଯେତେବେଳେ ଉଦ୍‌ଭାସିତ ହୋଇ ଉଠୁଥିଲା ଟିଭି ସ୍କ୍ରିନ୍‌ରେ । ଯେତେବେଳେ ଶୁଣୁଥିଲା ଖଞ୍ଜାଯାଇଥିବା ମିଠାମିଠା କୃତ୍ରିମ କଥା ଯେତେ । ମୁହଁରେ ଉକୁଟି ଉଠୁଥିବା ଗୋଟିଏ ଅପୂର୍ବ ଲାବଣ୍ୟ, ବେକରେ ସରିସରିକା ମାଳି, ମୁଣ୍ଡରେ ରଙ୍ଗୀନ ଫୁଲର ଖୋସା । ପିଲାବେଳୁ ମନ ଭିତରେ ସାଇତି ରଖିଥିବା ସତେଯେମିତି ସେହି ଅପୂର୍ବ ଲାବଣ୍ୟମୟୀ ।


ଆନମନା ହେଇଯାଉଥିଲା ତୁଷାର । ଆଖିକୋଣରେ ଜକେଇ ଆସୁଥିଲା ଲୁହ । ତା' ଅତୀତ, ତା' ଜୀବନ ଓ ତା'ର ବର୍ତ୍ତମାନ ଠୁଳ ହୋଇ ଯାଉଥିଲା ଯେମିତି ଗୋଟିଏ ବିନ୍ଦୁରେ । ଭାବନା ଭିତରେ ନିଜକୁ ଏତେ ବାନ୍ଧି ଦେଇଥିଲା ଯେ କେତେବେଳେ ଲକ୍ଷ୍ୟ ଘରେ ପହଞ୍ଚିଥିଲା ଜାଣି ପାରିଲାନି ସେ ।

ଚମ୍‌କି ପଡ଼ିଲା ତୁଷାର, ଯେତେବେଳେ ତା' କାନ୍ଧ ଉପରେ ହାତରଖି ଆଉ ଏକ ହାତକୁ ଟିଭି ସ୍କ୍ରିନ୍ ଆଡ଼କୁ ବଢ଼ାଇଲା ଏବଂ କହିଲା 'ମା' !

ଲକ୍ଷ୍ୟ ମୁହଁର ପ୍ରଥମ ଶବ୍ଦ, ଶବ୍ଦ ନୁହେଁ ତ ପ୍ରଥମ ଅର୍ଦ୍ଧଳି । ନିଜକୁ ଆଉ ସମ୍ଭାଳି ପାରିଲାନି ତୁଷାର । ଲକ୍ଷ୍ୟକୁ ଜାବୁଡ଼ିଧରି ଭୋ ଭୋ ହୋଇ କାନ୍ଦିଉଠିଲା ସେ । ତା'ର ଏହି କାନ୍ଦ ଖୁସିର ନା ଦୁଃଖର ? ଲକ୍ଷ୍ୟ ମୁହଁରୁ ଉଚ୍ଚାରିତ ପ୍ରଥମ ଶବ୍ଦ ପାଇଁ ଖୁସି ନା ଏଯାଏ କଳ୍ପନା ରାଇଜରେ କୃତ୍ରିମ ମଣିଷ ସାଇତିବାର ଦୁଃଖ ? ଏକ ଅସହାୟତାରେ ଖଣ୍ଡଖଣ୍ଡ ହୋଇ ଯାଉଥିଲା ତୁଷାର । ଯେତେବେଳେ ସେ ଟିଭିପରଦାକୁ ଫେରି ଚାହିଁଲା, ସେତେବେଳକୁ ଉଭାନ ହୋଇ ସାରିଥିଲା ସେହି ମୁହଁ ? ତା' ଥିବାନଥିବାର ପରିସୀମାକୁ ଥରୁଟିଏ ଛୁଇଁଦେଇ ଲକ୍ଷ୍ୟ ଆଡ଼କୁ ଚାହିଁଲା ବେଳେ, ତା' ଆଖିରେ ଝକଝକ ହେଉଥିଲା ଲୁହ । ଏଇ ଲୁହ ତ ଆଉ କୃତ୍ରିମ ନୁହେଁ !




# ସନ୍ଧିକାଳ



# ସନ୍ଧିକାଳ

**ସରୋଜ ଦାସ**
କ୍ଷେତ୍ରୀୟ କାର୍ମିକ ପ୍ରବନ୍ଧକ, ତାଳଚେର ଏରିଆ,
ଏମ୍. ସି. ଏଲ୍., ତାଳଚେର,
ଅନୁଗୋଳ-୭୫୯୧୦୩
ଫୋନ: ୮୬୦୨୭୬୪୫୧୫

ଅଳଙ୍କରଣ: ସୁସ୍ମିତା ମିଶ୍ର

ଗାଁ ମୁଣ୍ଡର ଛୋଟ ପାହାଡର ସେଇ ବଡ ପଥର ଉପରେ ଅନେକ ସମୟରୁ ବସି ରହିଥିଲା ବିକାଶ । ଏଇଠୁ କେତେ ସୁନ୍ଦର ଦିଶୁଛି ତାର ଗାଁ ।

ଗାଁର ସେ ମୁଣ୍ଡର ଆମ୍ବତୋଟା, ମଝିରେ ଦୀନାନାଥ ମଉସାଙ୍କ ପଛପଟ ବାଡିର ପାଞ୍ଚଟା ନଡିଆ ଗଛ, ଗାଁର ଗୋଟେ କଡରେ ଦିଗନ୍ତ ଯାଏ ଲମ୍ବିଥିବା ସୁନାରଙ୍ଗର ଧାନକ୍ଷେତ, ଆଉ ଗୋଟେ ପଟେ ଏଇ ପାହାଡକୁ ଲାଗି ଶାଳ ଗଛର ଜଙ୍ଗଲ, କେବେ ବି ଶୁଖୁ ନ ଥିବା ଗାଁର କଇଁପୋଖରୀ, ତାକୁ ମଣିଷ କରି ଏ ଯାଏଁ ପହଞ୍ଚେଇଥିବା ତାଙ୍କ ଗାଆଁର ହାଇସ୍କୁଲ, ଗାଁର ଶିବମନ୍ଦିର ଆଉ ତା ପାଖର ପଡିଆ, ଯେଉଁଠି ପ୍ରତିବର୍ଷ ଶିବରାତ୍ରୀ ବେଳେ, ତିନିଦିନ ପାଇଁ ବଡ ମେଳା ବସେ । ଆଖପାଖ ନଅ ଦଶ ଗାଁ ର ଲୋକ ଜମା ହୁଅନ୍ତି ମେଳା ସମୟରେ । ଅପେରା ପାର୍ଟି ବି ପଡୁଛିଗଲା ଦଶବର୍ଷ ହେଲା । ତାର ମନେଅଛି, ସେ ଆଉ ତାର ସାଙ୍ଗମାନେ ସାହସ କରି ପ୍ରଥମ ଥର ପାଇଁ ଆଣିଥିଲେ ଅପେରା । ଦିନକୁ ପଚାଶ ହଜାର ଟଙ୍କା ଦେବାର ରିସ୍କ ନେଇ । ସେଥିରେ ତା ବାପା ରମାକାନ୍ତ ଚୌଧୁରୀଙ୍କ ମଧ୍ୟ ଅନେକ ଅର୍ଥନୈତିକ ସହଯୋଗ ଥିଲା ।

କେତେ ସୁନ୍ଦର ଥିଲା ସେ ଜୋଶ୍‌ଭରା ଦିନସବୁ । ତାର ମନେ ଅଛି,ସେ ନବମ ଶ୍ରେଣୀରେ ପଢିବା ଯାଏଁ ତାଙ୍କ ଗାଆଁକୁ ବିଜୁଳିବତୀ ଆସି ନ ଥିଲା । ତାର ବାପା, ବହୁତ କୁହାବୋଲା ଆଉ ଲଢେଇ କରି, ଦଶ କିଲୋମିଟର ଦୂର ଟାଉନରୁ ଖୁଣ୍ଟ ପକେଇ ଆଣିଥିଲେ ବିଜୁଳି ଆଲୁଅ । ଚମକି ଉଠିଥିଲା ତାଙ୍କ ଗାଁ । ମିଞ୍ଜି ମିଞ୍ଜି ଲଣ୍ଠନ ଆଲୁଅରେ ପାଠ ପଢୁଥିବା ତା ବ୍ୟାଚ୍‌ର ପିଲାମାନେ ବିଜୁଳି ଆଲୁଅରେ ମନ ଦେଇ ପାଠ ପଢିଥିଲେ । ତାଙ୍କ ବ୍ୟାଚ୍‌ରେ ସବୁଠୁ ଅଧିକା ଏକୋଇଶ ଜଣ ଫାଷ୍ଟକ୍ଲାସ୍ ପାଇଥିଲେ, ଆଉ ସେ ହେଇଥିଲା ତାଙ୍କ ସ୍କୁଲର ଟପ୍ପର୍ । ଏତେ ଭଲ ରେକର୍ଡ, ଆଗରୁ ତାଙ୍କ ହାଇସ୍କୁଲ୍ କରି ନ ଥିଲା । ରେଜଲ୍ଟ ବାହାରିବା ଦିନ କେତେ ଖୁସି ହେଇ ନ ଥିଲେ ତା ବାପା ! ତା ପରଦିନ ତାଙ୍କ ଘରେ ହେଇଥିବା ଗୋଟେ ବଡ ଭୋଜିରେ, ଗାଁର ସବୁ ଲୋକ ଖାଇଥିଲେ ।

ସେତେବେଳେ, ତା ବାପା ଥିଲେ ଗାଁର ସରପଞ୍ଚ ଆଉ ମୁଖିଆ । ସେ ସମୟରେ ମୁଖିଆ ମାନେ ହିଁ ଗାଁ ର ସରପଞ୍ଚ ହେଉଥିଲେ, ଯେଉଁମାନେ କାୟମନୋବାକ୍ୟରେ ଗାଁର ଉନ୍ନତି ପାଇଁ ଚେଷ୍ଟା କରୁଥିଲେ । ଏହା ତାଙ୍କର ଅସ୍ଥି ମଜ୍ଜାଗତ ଥିଲା । ସେତେବେଳେ ସରକାରଙ୍କ ତରଫରୁ ଏତେ ସାହାଯ୍ୟ ମିଳୁ ନ ଥିଲା । ଯାହା କରୁଥିଲେ, ସରପଞ୍ଚ, ଗାଁଲୋକଙ୍କ ସହଯୋଗରେ । ଗାଁର ସମସ୍ତେ, ତାଙ୍କ କଥା ବି ମାନୁଥିଲେ ।

ହେଲେ, ଆଜିକାଲି ବଦଳିଗଲାଣି ସମୟ । ଟୋକାଟାକଳିଆ ମାନେ ସରପଞ୍ଚ ହେଲେଣି । ଅନ୍ତର୍ନିହିତ ଉଦ୍ଦେଶ୍ୟ: ଗାଁର ଉନ୍ନତି ଦୂରେ ଥାଉ, କେମିତି ସରକାରଙ୍କ ତରଫରୁ ଗାଁର ଅଗ୍ରଗତି ପାଇଁ ମିଳୁଥିବା ଅର୍ଥର ସିଂହଭାଗ, ଆତ୍ମସାତ୍ କରିବା ।



**କାହାଣୀ ପଛର କାହାଣୀ**

**ଥରେ ଥରେ ଭୂଗୋଳ ପୃଷ୍ଠାରୁ ଲିଭିଯାଏ କିଛି ଗାଆଁର ନାଆଁ । ଆଖି ଆଗରେ ଉଜୁଡି ଯାଉଥାଏ ସେ ଗାଁ, ବଦଳି ଯାଉଥାଏ ତା ଚାରିପାଖର ପରିବେଶ । ଅଥଚ ଆମେ କିଛି କରିପାରୁନା । ଦେଶର ବିକାଶ ପାଇଁ, ଅର୍ଥନୈତିକ ପ୍ରଗତି ପାଇଁ ଏଇ ଗାଁମାନଙ୍କୁ ବଳିଦାନ ଦେବାକୁ ହୁଏ । ସେମାନଙ୍କ ଆତ୍ମୋତ୍ସର୍ଗରେ ତିଆରି ହେଇପାରେ କୌଣସି ଜଳଭଣ୍ଡାର, ଖୋଲି ଯାଇପାରେ କୌଣସି କାରଖାନା ଅଥବା ମାଟି ତଳୁ ଖୋଳି ଖୋଳି ଉଦ୍ଧାର କରାଯାଇପାରେ କିଛି ଖଣିଜ ସମ୍ପଦ । କିନ୍ତୁ ଗାଁଟିଏ ଭାଙ୍ଗି ଯାଉଥିବାର ଦୃଶ୍ୟ ବଡ କରୁଣ । ବହୁତ କଷ୍ଟକର, ପରିସ୍ଥିତି ସହିତ ସାଲିସ୍ କରିବାର ସେ ସମୟ । କେତେ ମଧୁର ସ୍ମୃତିକୁ ଜୋର୍‌କରି ଭୁଲେଇ ଦେବାର ସେ ଯନ୍ତ୍ରଣା । କେତେ ପୁରୁଷର ଭିଟାମାଟିକୁ ଛାଡିଦେଇ ଅନ୍ୟତ୍ର ବିସ୍ଥାପିତ ହେବାର ବାଧ୍ୟତାମୂଳକ ନିଷ୍ପତ୍ତି ।**

**କୋଇଲାଖଣିରେ ଚାକିରୀ କଲାବେଳେ ମୁଁ ବହୁତ ପାଖରୁ ଦେଖିଛି, ଖଣି ଖୋଲିବା ପାଇଁ ଏମିତି ଗାଁ ସବୁ ଉଜୁଡି ଯିବାର ଦୃଶ୍ୟ । ଦେଖିଛି ପରିବର୍ତ୍ତିତ ପରିବେଶ ଆଉ ନୂଆ ଜୀବନ ସହିତ ସଂଘର୍ଷ କରୁଥିବା ଲୋକମାନଙ୍କୁ । ଭେଟିଛି ନୂଆ ଜୀବନ ସହିତ ଖୁସି ଦିଶୁଥିବା ଲୋକଙ୍କୁ, ଆଉ ଦୁଃଖର ସ୍ୱେଦବିନ୍ଦୁରେ ଭିଜିଥିବା ଲଲାଟର କିଛି ନାଚାର ବ୍ୟକ୍ତିଙ୍କୁ ବି । ବିସ୍ଥାପନର ପୃଷ୍ଠଭୂମିରେ ଲିଖିତ ଏ କାହାଣୀରେ,ନାୟକ ମନରେ ଅନେକ କ୍ଷୋଭ, ଅନେକ ଦ୍ୱନ୍ଦ୍ୱ । ସେଇ ଅସମାହିତ ସମସ୍ୟା, ପାଠକଙ୍କୁ ଆଲୋଡିତ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।**

ସରୋଜ ଦାସ

ଏଇନେ ବାନାମ୍ବର, ତାଙ୍କ ଗାଁର ସରପଞ୍ଚ । ତାଠୁ ବୋଧହୁଏ ବୟସରେ ତିନି ଚାରିବର୍ଷ ବଡ ହେବ । ମାଟ୍ରିକ ଥାର୍ଡକ୍ଲାସ୍‌ରେ ପାସ୍ କଲା ପରେ କିଛିଦିନ ଏଣୁତେଣୁ ବ୍ୟବସାୟ କଲା । ତା ପରେ ଏଇନେ ରାଜ୍ୟର ଶାସକୀୟ ଦଳଙ୍କ ମନୋନୀତ ସଦସ୍ୟ ହେଇ, ସରପଞ୍ଚ ହେଇଛି । ଗାଁର ଏକତାକୁ ଭାଗ ଭାଗ ନ କରିବା ପାଇଁ କେହି ତା ବିରୁଦ୍ଧରେ ଠିଆ ହେଲେନି । ତାଙ୍କ ଗାଁ ରେ ଇଲେକ୍‌ସନ୍ ହେଲାନି । ତା ବାପା ବି ତାକୁ ସପୋର୍ଟ କଲେ ।

ସରପଞ୍ଚ ନ ହେଲେ ବି ତାର ବାପା, ରମାକାନ୍ତ ଚୌଧୁରୀ, ଆଜି ବି ତାଙ୍କ ଗାଁର ମୁଖିଆ । ଆଜି ବି କେହି ତାଙ୍କ କଥାକୁ ତଳେ ପକାନ୍ତିନି । ହେଲେ ବାନାମ୍ବର ଆଜି ଗାଁରେ ଫାଟ ପକେଇ ଦେଇଛି । ମାନୁନି ତାର ବାପାଙ୍କର ନିଷ୍ପତ୍ତି ।

ବାପା ନିଷ୍ପତ୍ତି ନେବାରେ କେବେ ଡେରି କରନ୍ତିନି, ସେ କିନ୍ତୁ ଡେରି କରିଦେଲା ନିଜ ଜୀବନର ଅହମ୍ ନିଷ୍ପତ୍ତି । କଲ୍ୟାଣୀ ଏକଥା ତାକୁ ଅନେକ ଥର ପରୋକ୍ଷରେ କହିବାକୁ ଚେଷ୍ଟା କରିଥିଲା, କିନ୍ତୁ ସେ ସେଥିପାଇଁ ପ୍ରସ୍ତୁତ ହେବା ବେଳକୁ ଡେରି ହେଇଗଲା ।

କଲ୍ୟାଣୀ, ଦୀନନାଥ ମଉସାଙ୍କ ଝିଅ । ତା ସାଙ୍ଗରେ ହାଇସ୍କୁଲ୍‌ରେ ପଢୁଥିଲା । ହାଇସ୍କୁଲ କାହିଁକି, ପିଲାବେଳୁ ସେ ଥିଲା ତାର ସହପାଠିନୀ । ଭଲ ପଢୁଥିଲା ବି । କେତେବେଳେ କ୍ଲାସ୍‌ରେ ସେ ଫାଷ୍ଟ ହୁଏ ତ, କେତେବେଳେ କଲ୍ୟାଣୀ । ଛୋଟ ଥିବା ଯାଏଁ ସବୁ ଠିକ୍ ଥିଲା, ମାତ୍ର ଟିକେ ତାରୁଣ୍ୟ ବୟସକୁ ଛୁଇଁଗଲା ପରେ ହିସାବ ଗୋଳମାଳ ହେଇଗଲା ।

ଯେଉଁଥର ସେ ସେକେଣ୍ଡ୍ ହୁଏ, କଲ୍ୟାଣୀର ମୁହଁ ଶୁଖିଯାଏ । ବିକାଶ ନିଜେ ପ୍ରଥମ ହେବାର ଖୁସିକୁ ଉପଭୋଗ କରି ପାରେନି । ମନେମନେ ଠାକୁରଙ୍କୁ କହେ : ଆର ପରୀକ୍ଷାରେ ତାକୁ ପ୍ରଥମ କରିଦିଅ ପ୍ରଭୁ । ତା ଚନ୍ଦ୍ରବଦନରେ ଆଉ ଦୁଃଖର କଳାବାଦଲ ନ ଡାକୁ ।

ବୋର୍ଡ ପରୀକ୍ଷାରେ ସେ ଯେତେବେଳେ ତାଙ୍କ ସ୍କୁଲ୍‌ରେ ପ୍ରଥମ ହେଇଥିଲା, ସେ ଭାବିଥିଲା, କଲ୍ୟାଣୀ ବୋଧେ ତା ସହିତ ରାଗିଯାଇ ଆଉ କଥା ହେବନି ।

କାରଣ ସେ ପ୍ରଥମରୁ ପଞ୍ଚମ ସ୍ଥାନକୁ ଖସି ଆସିଥିଲା । ସେ ବି ନିଜେ ଆଶ୍ଚର୍ଯ୍ୟ ହେଇଥିଲା । ଟୋଟାଲ ମାର୍କ ରେ, ତାଠୁ ସେ ଏଗାର ନମ୍ବର କମ୍ ରଖିଲା କେମିତି ?

ମାର୍କସିଟ୍ ନେବାଦିନ କଲ୍ୟାଣୀ ତାକୁ ହସି ହସି ଅଭିବାଦନ ଜଣେଇ ଥିଲା । କେମିତି ତାର ମାର୍କ କମିଗଲା ବୋଲି ପଚାରିଲାରୁ କହିଲା : ମ୍ୟାଥ୍‌ରେ ମୁଁ ଦୁଇଟା ସର୍ଟକୋଷ୍ଟିନ୍‌ର ଉତ୍ତର ଦେଇ ନ ଥିଲି ।

: କାହିଁକି, କଣ, ସମୟ ହେଲାନି ?

: ଥିଲା ଯେ, ମୁଁ ଜାଣିଶୁଣି ଛାଡି ଦେଇଥିଲି ।

: କିନ୍ତୁ କାହିଁକି ?

: ମୁଁ ଚାହୁଁଥିଲି, ତୁ ଏ ପରୀକ୍ଷାରେ ମୋ ଠୁ ବେଶୀ ମାର୍କ ରଖ ବୋଲି !

ଛୁଟିରେ ଯେବେ ସେ ଗାଆଁକୁ ଆସୁଥିଲା, କିଛି ନା କିଛି ବାହାନାରେ କଲ୍ୟାଣୀ ଘରକୁ ବୁଲିବା ପାଇଁ ଚାଲି ଯାଉଥିଲା । କିଛି ନ ହେଲେ, ପଇଡ ପିଇବା ପାଇଁ । କାରଣ, ଗାଆଁରେ କେବଳ ତାଙ୍କରି ଘରେ ହିଁ ନଡିଆ ଗଛ ଥିଲା । ଆଉ କଲ୍ୟାଣୀର ମାଆ ବି ତାକୁ ବହୁତ ଶ୍ରଦ୍ଧା କରୁଥିଲେ । ଗାଁ ମୁଖିଆଙ୍କ ବଡପୁଅ ହେଇଥିବାରୁ ଆଉ ବୋର୍ଡ ପରୀକ୍ଷାରେ ଭଲ କରି ରାଜ୍ୟରେ ବେଷ୍ଟ ଟେନଥ୍ ର ଦଶମ ସ୍ଥାନ ରଖିଥିବାରୁ ତାର ଗୋଟେ ଅଲଗା ଖ୍ୟାତି ଥିଲା । ତାରି ପାଇଁ ସେତେବେଳେ ତାଙ୍କ ସ୍କୁଲ ଆଉ ଗାଁର ନାଆଁ ପ୍ରଥମ ଥର ଖବରକାଗଜ ପୃଷ୍ଠାରେ ବାହାରିଥିଲା । ଏହା କିଛି ଛୋଟମୋଟ ଖବର ନ ଥିଲା ସେତେବେଳେ ।

ବିକାଶର ଛାତି ଧଡ଼୍ କରିଥିଲା ସେଦିନ । କି ବୋକି ଝିଅ ! ସେ କଣ ଭୁଲିଗଲା, ସେଇଟା ବୋର୍ଡ ପରୀକ୍ଷା ବୋଲି । ତାଠୁ ଅଧିକା ମାର୍କ ରଖିଥିଲେ, ବିକାଶ ବରଂ ବେଶୀ ଖୁସି ହେଇଥାନ୍ତା ।

ପରୀକ୍ଷା ପରେ ତା ସହିତ ଆଉ ବେଶୀ ଦେଖା ହେଇ ନ ଥିଲା ବିକାଶର । ସେ ରେଭେନ୍‌ସାରେ ଆଇ.ଏସ୍‌ସି. ପଢିଲା । ତା ପରେ ଇଞ୍ଜିନିୟରିଂ ପାଇ ମାଇନିଂଗ୍ ପଢିବା ପାଇଁ ଚାଲିଗଲା ଧାନବାଦ ।

କଲ୍ୟାଣୀ ପାଖ ସହରର କଲେଜ୍‌ରେ ଆର୍ଟସ୍ ପଢିଲା । ତା ବାପା ତାକୁ ଏକାକୀ ଦୂର କଲେଜ୍‌ରେ ପଢିବା ପାଇଁ ଛାଡିବାକୁ ରାଜି ନ ଥିଲେ । ବି.ଏ.ରେ ସେ ଓଡିଆ ଅନର୍ସ ରଖି ପଢୁଥିଲା । ସେଇ ସମୟରେ ଛୋଟ ଛୋଟ କବିତା ଲେଖିବା ବି ଆରମ୍ଭ କରିଥିଲା ।

ଛୁଟିରେ ଯେବେ ସେ ଗାଆଁକୁ ଆସୁଥିଲା, କିଛି ନା କିଛି ବାହାନାରେ କଲ୍ୟାଣୀ ଘରକୁ ବୁଲିବା ପାଇଁ ଚାଲି ଯାଉଥିଲା । କିଛି ନ ହେଲେ, ପଇଡ ପିଇବା ପାଇଁ । କାରଣ, ଗାଆଁରେ କେବଳ ତାଙ୍କରି ଘରେ ହିଁ ନଡିଆ ଗଛ ଥିଲା । ଆଉ କଲ୍ୟାଣୀର ମାଆ ବି ତାକୁ ବହୁତ ଶ୍ରଦ୍ଧା କରୁଥିଲେ । ଗାଁ ମୁଖିଆଙ୍କ ବଡପୁଅ ହେଇଥିବାରୁ ଆଉ ବୋର୍ଡ ପରୀକ୍ଷାରେ ଭଲ କରି ରାଜ୍ୟରେ ବେଷ୍ଟ ଟେନଥ୍‌ର ଦଶମ ସ୍ଥାନ ରଖିଥିବାରୁ ତାର ଗୋଟେ ଅଲଗା ଖ୍ୟାତି ଥିଲା । ତାରି ପାଇଁ ସେତେବେଳେ ତାଙ୍କ ସ୍କୁଲ୍ ଆଉ ଗାଁର ନାଆଁ ପ୍ରଥମ ଥର ଖବରକାଗଜ ପୃଷ୍ଠାରେ ବାହାରିଥିଲା । ଏହା କିଛି ଛୋଟମୋଟ ଖବର ନ ଥିଲା ସେତେବେଳେ ।

ତାଙ୍କ ଘରକୁ ଯାଇଥିବା ବେଳେ ସେ ଆଉ ଆଗ ପରି ତା ସହିତ ବେଶୀ କଥା ହେଉ ନ ଥିଲା । ଖୁବ୍ ମାପଚୁପ୍ କଥାବାର୍ତ୍ତା, ତାର ପଢାପଢି, ଆଉ କଲେଜ ବିଷୟରେ । ଥରେ ତା ମା ପାଣି ଆଣିବା ପାଇଁ ଭିତରକୁ ଯାଇଥିବା ବେଳେ ସେ ଗୋଟେ ଡାଏରୀ ଆଣି ଶେଷ ପୃଷ୍ଠାଟା ଓଲଟେଇ କହିଲା : ଏଇଥିରେ ଲେଖିଲୁ ତୋ ଠିକଣା । ଯଦି କେବେ ଦରକାର ପଡେ ମୁଁ ଲେଖିବି । ତୁ କିନ୍ତୁ ଭୁଲରେ ବି ମୋ ପାଖକୁ ଲେଖିବୁନି । ବୁଝିଲୁ ?

ତା କଥା ମାନି, ସେ କେବେ ବି ତା ପାଖକୁ ଚିଠି ଲେଖି ନ ଥିଲା । କିନ୍ତୁ ତା ପାଖକୁ ଆସିଥିଲା ତିନୋଟି ଚିଠି । ଦୁଇଟି ଚିଠିରେ ଆସିଥିଲା, କୌଣସି ଖବରକାଗଜର ସାହିତ୍ୟ ପୃଷ୍ଠାରେ ପ୍ରକାଶିତ ହେଇଥିବା ଦୁଇଟି ଛୋଟ ଛୋଟ କବିତାର ପେପରକଟ୍ । ସେ କବିତା ଦୁଇଟି ପଢିବା ବେଳେ ତାର ମନେହୁଏ, ସତେ ଯେମିତି ତାର ପାଇଁ ହିଁ ଲେଖା ହେଇଥିଲା ସେ କବିତା । ଗୋଟେ କବିତା ତ, ତାର ଆଜିଯାଏଁ ମନେଅଛି, ଯାହାର ଶୀର୍ଷକ ଥିଲା ଝର୍କା । ସେ ଲେଖିଥିଲା :

'ଝର୍କା ସେପାଖରେ ଏବେ
ଘନଘୋର ଶୀତରାତି,
ଆଉ ମେଞ୍ଚା ମେଞ୍ଚା
ବହଳ ଅନ୍ଧାର;
ଝର୍କା ଖୋଲିଦେଲେ କିନ୍ତୁ
ଶୁଭେ ମତେ ବଇଁଶୀର ସ୍ୱର;
କିଏ ସେ ବଜାଏ ବଂଶୀ
ଏ ଗଭୀର ନିଶୀଥେ ?
କାହିଁ କେତେ ଦୂରେ;
ମୋତେ କିନ୍ତୁ ଲାଗେ କିଆଁ
ତାର ସ୍ୱର, ଏତେ ଆପଣାର !!'

ତାର ମନେ ହେଇଥିଲା, କବିତାଟି ତା ପାଇଁ ଲେଖିଛି ସେ । କିନ୍ତୁ ସେ ତ ରୋକ୍‌ଠୋକ୍ ତାକୁ ସବୁକଥା କହି ପାରିବ । ବୟସ ବଢିଲେ କଣ

ଝିଅମାନେ ଲାଜେଇ ଯାଆନ୍ତି ? ସେ କଣ ଚାହୁଁଥିଲା ? ବିକାଶ ତା ମନକଥା ବୁଝୁ ଆଉ ପ୍ରଥମେ ନିଜ ହୃଦୟର ଚଢେଇକୁ ଫୁର୍ କରି ଉଡେଇ ଦେଉ ତା ପାଖକୁ । ସେଇକଥା ତ ସେ ଲେଖିଥିଲା ତାର ଦ୍ୱିତୀୟ କବିତାରେ, ଯାହାର ଶୀର୍ଷକ ଥିଲା: ଚଢେଇ । କବିତାର କିଛି ଅଂଶ ତାର ମନେ ପଡୁଥିଲା :

'ଛୋଟ ଗୋଟେ ଚଢେଇଟେ
ଉଡି ଆସି ବସିଲା ମୋ ହାତ ପାପୁଲିରେ,
ପଚାରିଲି ତାକୁ ମୁଁ ଅତି ସରାଗରେ
କିଛି ଖାଇବୁ ?
ନାଇଁ,ନାଇଁ, ସେ ହଲେଇଲା ମୁଣ୍ଡ
ପାଣି ପିଇବୁ ?
ନାଇଁ ନାଇଁ
କିଛି କହିବୁ ?
ଚିଁ...ଚିଁ...ଚିଁ...ଚିଁ ...ବୁଝ ମୋ କଥା..
କେମିତି ବୁଝିବି କହ ?
ଶିଖେଇ ଥାନ୍ତୁ କି ତାକୁ କଥା କହିବା
ନ ହେଲେ ଛୋଟ ଚିଠିଟେ ଗୁଡେଇ
ଦେଇ ଥାଆନ୍ତୁ ତା ଗୋଡରେ ।'

ବୁଝି ପାରିଥିଲା ବିକାଶ, ତା ମନକଥା । ଠିକ୍ କରିଥିଲା, ଏଥର ଫାଇନାଲ ପରୀକ୍ଷା ସରିବା ପରେ, ସେ ଖୋଲି କହିଦେବ ତା ମନକଥା । ଆଉ ତାଙ୍କ ଘରକୁ ଯାଇ ମଉସାଙ୍କୁ ମାଗିଦେବ ତା ହାତ ।

ସେ ଯଦି ରାଜି ହେଇଯାନ୍ତି, ବାପାଙ୍କୁ କହିବ ସେ କଥା । ବାପା ପ୍ରଥମେ ଅରାଜି ହେବେ ନିଶ୍ଚୟ, ମାତ୍ର କିଛିଦିନ ପରେ ରାଜି ହେଇଯିବେ ମା'ର କଥା ମନ ପକେଇ । ମା'ର ଦେହଖରାପ ହେଇ ଏଇ ଘଟଣାର ଦୁଇବର୍ଷ ଆଗରୁ ସ୍ୱର୍ଗବାସ ହେବା ଆଗରୁ ବାପାଙ୍କୁ ମୃତ୍ୟୁଶଯ୍ୟାରେ କହିଥିଲା : ଭାରି ଇଚ୍ଛା ଥିଲା ନୂଆ ବୋହୂ ମାନଙ୍କର ମୁହଁ ଦେଖି ସେ ପାରିକୁ ଯିବା ପାଇଁ । ହେଇ ପାରିଲାନି । ମୁଁ ଯାଉଛି । ମୋ ସୁନା ପୁଅ ମାନଙ୍କୁ ଦେଖିବ । ସେମାନଙ୍କ ମନକଥା ବୁଝିବ ।"

ବାପାଙ୍କୁ ନିଜ ମନକଥା କହିବାର ସୁଯୋଗ ମିଳିଲାନି । ଆସିଗଲା କଲ୍ୟାଣୀର ତୃତୀୟ ଚିଠି । ଯେଉଁଥିରେ ସେ ଲେଖିଥିଲା : "ମୋର ବାହାଘର ଠିକ୍ ହେଇ ଯାଇଛି । ଆଉ ପଚିଶ ଦିନ ପରେ ବାହାଘର ।

ନିଶ୍ଚୟ ଆସିବୁ । ତୋତେ ନ ଦେଖି, ଅଜଣା ମୁଲକକୁ ଏ ଗାଁ ଛାଡି ଯାଇ ପାରିବିନି ।"

ପରୀକ୍ଷା ସାରି ଗାଁ ରେ ପହଞ୍ଚିବା ବେଳକୁ ବହୁତ ଡେରି ହେଇ ଯାଇଥିଲା । ତାର ଦୁଇଦିନ ପରେ ଥିଲା କଲ୍ୟାଣୀର ବାହାଘର । ଏକାନ୍ତରେ ଶେଷ ଦେଖା ହେବା ଦିନ କଲ୍ୟାଣୀ କହିଲା : "ତୁ କଣ କହିବାକୁ ଚାହୁଁଛୁ ମୁଁ ଜାଣିଛି । ହେଲେ ବାପା ମାଙ୍କର ଇଚ୍ଛାକୁ ସମ୍ମାନ ଦେବାକୁ ଯାଇ, ମୁଁ ନିଜ ଇଚ୍ଛାକୁ ବଳି ପକେଇ ଦେଇଛି । ଏହା ଆମ ଦୁଇ ପରିବାରଙ୍କ ଭବିଷ୍ୟତ ପାଇଁ ମଧ୍ୟ ଭଲ ହେବ । ଆମେ ଦୁଇଜଣ ସବୁଦିନ ଏମିତି ସାଙ୍ଗ ହେଇ ରହିବା । କଣ କହୁଛୁ ?"

ସେ କିଛି କହିପାରି ନଥିଲା । କେବଳ ଚୁପଚାପ୍ ଶୁଣିଥିଲା ତା କଥା ଆଉ ସମ୍ମତିସୂଚକ ମୁଣ୍ଡ ହଲେଇଥିଲା । ନିଜକୁ ବୁଝେଇଥିଲା : ଯଦି କଲ୍ୟାଣୀ ପରିସ୍ଥିତି ସହିତ ଏତେ ସହଜରେ ସାଲିସ୍ କରିନେଇ ପାରୁଛି, ସେ କାହିଁକି ପାରିବନି ?

ପବନରେ ଭାସି ଆସୁଥିବା ଘଂଟାମାଡ ଆଉ ଶଂଖଧ୍ୱନିରେ ବିକାଶ, ବର୍ତ୍ତମାନକୁ ଫେରିଲା । ସନ୍ଧ୍ୟା ହେଇଗଲାଣି । ସୂର୍ଯ୍ୟ କେତେବେଳୁ ଦୂର ଦିଗ୍‌ବଳୟରେ ଅସ୍ତ ହେଇ ସାରିଲେଣି । ଗୋଠ ଘରବାହୁଡା କରି ସାରିଲେଣି । ଗୋଧୂଳି ବେଳା ସରି ଆସିଲାଣି ।

ଆଉ କିଛି ସମୟ ପରେ ଅନ୍ଧାରର ଆବର୍ତ୍ତ ଭିତରେ ହଜିଯିବ ତାଙ୍କ ଗାଁ । ଆଉ କିଛି ଦିନ ପରେ ବୋଧହୁଏ ପୁରାପୁରି ନିଶ୍ଚିହ୍ନ ହେଇଯିବ ଭୁଗୋଳ ପୃଷ୍ଠାରୁ । ଗାଁ ଥିବା ଜାଗାରେ ହେଇଯିବ କୋଇଲା ଖଣି । ପୋଖରିଆ ଖଣି, ଓପନ୍‌କାଷ୍ଟ୍ ମାଇନ୍ସ । ଏ ଗାଁ, ଘର ସବୁ ମାଟିରେ ମିଶିଯିବ । ହୁଏତ ଅନ୍ୟଜାଗାକୁ ତାଙ୍କ ଗାଁ ଉଠି ଯାଇପାରେ, ଅଥବା ସେମାନେ ଚାଲି ଯାଇପାରନ୍ତି ପନ୍ଦର କିଲୋମିଟର ଦୂର ସହରରେ ଥିବା ତାଙ୍କ ଘରକୁ, ଯୋଉଠି ଏଇନେ ରହୁଛନ୍ତି ଭଡାଟିଆ ମାନେ ।

ଗାଁ ର ଅଧାଲୋକ ନୂଆ ଜାଗାକୁ ଉଠି ଯିବା ପାଇଁ ରାଜି ହେଇ ସାରିଲେଣି । କମ୍ପାନୀ ଦ୍ୱାରା ଦିଆ ଯାଇଥିବା କ୍ଷତିପୂରଣ ପଇସା ବି ନେଇ ସାରିଲେଣି । କମ୍ପାନୀ କହିଛି, ସେମାନେ ନିଜର ଭିଟାମାଟି ଓ ଜାଗା ଛାଡିବା ପରେ ପରିବାର ର ଜଣକୁ ଚାକିରୀ ବି ମିଳିବ । ଯେଉଁମାନଙ୍କର ଅଳ୍ପ ଜମି ଆଉ ଛୋଟ ମୋଟ ଘର ଅଛି, ସେମାନଙ୍କ ପାଇଁ ତ ବଢିଆ ମଉକା । ଏମିତି ସୁଯୋଗ ତ ଭାଗ୍ୟରେ ଥିଲେ ମିଳେ ।

କିନ୍ତୁ ଯେଉଁମାନଙ୍କର ବଢିଆ ଚାଷଜମି ଆଉ ବଢିଆ ଘର ଅଛି, ସେମାନେ ଗାଁ ଛାଡି ଅନ୍ୟତ୍ର ଯିବା ପାଇଁ ଭାବି ବି ପାରୁ ନାହାନ୍ତି । ବହୁତ କଷ୍ଟ ହେଉଛି ସେମାନଙ୍କୁ । ସେଇମାନେ ହିଁ ତା ବାପାଙ୍କ ସହିତ ଏକାଠି ଠିଆ ହେଇଛନ୍ତି, ଗାଁ ନ ଛାଡିବା ପାଇଁ । ତା ବାପା ନିଜ ଜିଦ୍‌ରେ ଅଟଳ ରହିଛନ୍ତି, ଗାଁ ଖାଲି ନ କରିବା ପାଇଁ ।

ଏଥିପାଇଁ କମ୍ପାନୀ ବାଲାଏ କେତେଥର ଗାଁ ବାଲାଙ୍କ ସହିତ ମିଟିଙ୍ଗ କରି ସାରିଲେଣି । ବୁଝେଇଲେଣି ବାରବାର । ଏଇ ଗାଁ ତଳେ କୁଆଡେ ବହୁତ କୋଇଲା ଅଛି । ଦେଶର ଉର୍ଜା ଶକ୍ତି ବଢେଇବା ପାଇଁ ସେଇ କୋଇଲା ଖୋଳାଯାଇ ବାହାରକୁ ଅଣାଯିବା ଜରୁରୀ ।

ଏଇ ସେଦିନ ମହାପ୍ରବନ୍ଧକ ରାଠୋର ସାହେବ ବି ତ ମିଟିଙ୍ଗ୍‌କୁ ଆସିଥିଲେ । ଘଂଟାଏ ଧରି ଏ ଅଂଚଳର ପ୍ରଗତି ତଥା ଦେଶର ବିକାଶ ଉପରେ ଲୋକମାନଙ୍କୁ ବୁଝେଇଥିଲେ । କହିଥିଲେ : ଆପଣମାନଙ୍କର ଏଇ ବଦଳି ପାଇଁ ସରକାର ପର୍ଯ୍ୟାପ୍ତ କ୍ଷତିପୂରଣ ଦେଉଛି, ଚାକିରୀ ଦେଉଛି, ନୂଆ କଲୋନୀ ତିଆରି କରି ଦେଉଛି, ଯେଉଁଠି ସବୁ ସୁବିଧା ଥିବ: ପାଣି. ବିଜୁଳି, ସଡକ, ସ୍କୁଲ, ଡିସ୍‌ପେନ୍‌ସରି । ଏତେ ସୁବିଧା ମିଳୁଛି, ଆଉ କଣ



ଦରକାର ?

ପାଟି କରି ଉଠିଥିଲେ ତାର ବାପା ରମାକାନ୍ତ ଚୌଧୁରୀ : "ମହାପ୍ରବନ୍ଧକ ମହୋଦୟ, ତମେ କଣ ଆମକୁ ଫେରେଇ ଦେଇପାରିବ, ଏମିତି ଫସଲ ଦେଉଥିବା, ସବୁଜ ଧାନକ୍ଷେତ ? ପଚାଶ ବର୍ଷର ଗାଁମୁଣ୍ଡରେ ଥିବା ଆମ୍ବତୋଟା, ଗୋଟେ କଡକୁ ଥିବା ଶାଳଗଛର ଜଙ୍ଗଲ ଆଉ କଇଁ ପୋଖରୀ ? ତମେ ତ ପାଞ୍ଚଦିନରେ ଏସବୁକୁ ଉଜୁଡେଇ ଦେଇ ରାତିଦିନ ମେସିନ୍ ଲଗେଇ, ଏ ଧରଣୀ ମାଆର ବୁକୁ ଚିରି କୋଇଲା ଖୋଳା ଆରମ୍ଭ କରିଦେବ, କିନ୍ତୁ ଆମକୁ ଫେରେଇ ପାରିବ ଏମିତି ପରିବେଶ ? ଆମର ଅଧିକା ପଇସା ଦରକାର ନାହିଁ । କେତେ ପିଢିର ଭିଟାମାଟି ଛାଡି, ଏ ଗାଁକୁ ମାରିଦେଇ ଆମେ ଅନ୍ୟତ୍ର ଚାଲିଯାଇ ପାରିବୁନି । ଆମେ ଏ ଗାଁ ଖାଲି କରି ପାରିବୁନି ।"

ବିକାଶ ଜାଣୁଥିଲା, ତା ବାପା ଶତ ପ୍ରତିଶତ ଠିକ୍ କହୁଛନ୍ତି, ସେ ତାଙ୍କୁ ଏ ଘଡିସନ୍ଧି ମୁହୂର୍ତ୍ତରେ ସପୋର୍ଟ କରିବା ଉଚିତ । କିନ୍ତୁ ସେ ବାସ୍ତବିକତା କଣ ଜାଣୁଥିଲା । ଇଏ ସରକାରୀ ଆଇନ୍, ସରକାରଙ୍କ ନିର୍ଦ୍ଦେଶ । ଏଇନେ ସେମାନେ ଅନୁରୋଧ କରୁଛନ୍ତି, ସବୁକିଛି ଭଲ ବୁଝାମଣାରେ କରିବାକୁ ଚାହୁଁଛନ୍ତି । କାଲି ସେମାନେ ଦରକାର ପଡିଲେ ପୋଲିସ୍ ଫୋର୍ସ ଲଗେଇ ଗାଁକୁ ଖାଲି କରେଇ ଦେବେ । ଅଧାରୁ ବେଶୀ ଲୋକ ଗାଁ ଖାଲି କରିବାକୁ ରାଜି ହେଇଗଲେଣି । ବାନାମ୍ବରକୁ ପଟେଇ ମ୍ୟାନେଜମେଂଟ ଗାଁଟାକୁ ଦୁଇଭାଗ କରି ସାରିଲେଣି । ସୁବିଧାଯୁକ୍ତ ନୂଆ ଗାଁକୁ ଉଠିଯିବାର ସ୍ୱପ୍ନ ସମସ୍ତଙ୍କୁ ଆଚ୍ଛନ୍ନ କରି ସାରିଲାଣି । କେବଳ ସତରଟା ଫାମିଲି ଏ ମୁଭ୍‌ମେଣ୍ଟ୍‌କୁ ପ୍ରତିରୋଧ କଲେ କଣ ହେବ ?

ଏଇ କିଛି ଦିନ ହେଲା, ସେ ନିଜେ ବି ବଡ ଦ୍ୱନ୍ଦ୍ୱରେ ପଡିଯାଇଛି । ଏମିତି ହେବ ଜାଣିଥିଲେ ସେ କେବେ ବି ଏଇଠୁ ତେଇଶ କିଲୋମିଟର ଦୂରରେ ଖୋଲିଥିବା ନୂଆ ମାଇନ୍‌କୁ ଟ୍ରାନ୍ସଫର୍ ହେଇ ଆସି ନ ଥାନ୍ତା । ଦୂରରେ ରହିଥାନ୍ତା, ଭଲ ହେଇଥାନ୍ତା । ମ୍ୟାନେଜମେଣ୍ଟ୍ ଟ୍ରେନି ଭାବରେ କିଛି ବର୍ଷ ବାହାରେ କଟେଇବା ପରେ ବରଂ ଶେଷବେଳକୁ ପାଖକୁ ଆସିଥାନ୍ତା ।

ରାଠୋର ସାହେବ ବି ବଡ ବିଚକ୍ଷଣ ଲୋକ । ତାର ଜନ୍ମକୁଣ୍ଡଳି ଉପରେ ଗବେଷଣା କରି, ସି.ଏମ.ଡି. ଙ୍କୁ କହି, ଜାଣିଶୁଣି ତାକୁ ଏ ଏରିଆକୁ ବଦଳି କରେଇଛନ୍ତି । ଉଦ୍ଦେଶ୍ୟ : ତାରି ମାଧ୍ୟମରେ ତା ବାପାଙ୍କ ଉପରେ ପ୍ରେସର୍ ପକେଇବା, ତାଙ୍କୁ ଗାଁ ଛାଡିବା ପାଇଁ ବାଧ୍ୟ କରିବା । ସେ ରମାକାନ୍ତ ଚୌଧୁରୀଙ୍କ ପୁଅ ବୋଲି ଜାଣିବା ପରେ,ୟା ଠୁ ବଳି ବଡ ଯୋଗସୂତ୍ର ଆଉ କଣ ହେଇପାରେ ?

ସେଇଥିପାଇଁ ଜାଣିଶୁଣି ମହାପ୍ରବନ୍ଧକ କାର୍ଯ୍ୟାଳୟରେ ତାର ପୋଷ୍ଟିଂ କରି ରଖିଛନ୍ତି ଜି.ଏମ୍ ସାର୍ ଲ୍ୟାଣ୍ଡ୍ ଡିପାର୍ଟମେଣ୍ଟ୍‌ରେ । ଯେଉଁ ଗାଁ ଲୋକଙ୍କ ଜମି ଆଉ ଘରବାଡି ନିଆଯିବ, ସେସବୁକୁ ଟିମ୍ ସାଙ୍ଗରେ ଯାଇ ସର୍ଭେ କରିବା ଆଉ ଗାଁ ଲୋକଙ୍କ ସହିତ ମିଟିଙ୍ଗ କରିବା, ତାର ମୁଖ୍ୟ କାମ । ତା ନିଜ ଗାଁ ସହିତ, ପାଖାପାଖି ଆହୁରି ଛଅଟା ଗାଁ ବି ଉଠିବ । ଏ ସମଗ୍ର ଅଞ୍ଚଳ ହେଇଯିବ କୋଇଲାଞ୍ଚଳ । ନିଶ୍ଚିହ୍ନ ହେଇଯିବ ଏ ଘର, ଗାଁ ଜମି ବାଡି । ମାଟିର ବଡ ବଡ ସ୍ତୁପ ସବୁ ଠିଆ ହେଇଯିବ ପାହାଡ ପରି । ସେଇ ପାଖରେ ଦେଖାଯିବ ପୋଖରିଆ କୋଇଲା ଖଣି, ହେବ ଓପନ୍‌କାଷ୍ଟ ମାଇନିଂଗ୍ ।

ଗାଁ ଲୋକଙ୍କ ସହିତ ଗଣ୍ଡଗୋଳ ନ କରି ସବୁ ସୁରୁଖୁରୁରେ କରେଇ ନେବାକୁ ଚାହୁଁଛନ୍ତି ରାଠୋର ସାହେବ । ଅଧିକା କମ୍ପେନ୍‌ସେସନ୍ ଦେବାକୁ ବି ରାଜି ଅଛନ୍ତି । ହେଲେ ମାନୁନାହାନ୍ତି ତା ବାପା । କୌଣସି ପ୍ରକାର ସେ ନିଜର ଭିଟାମାଟି ଛାଡି ଚାଲିଯିବାକୁ ରାଜି ହେଉନାହାନ୍ତି । ସେ ଦୁଇ ଚାରିଥର ପରୋକ୍ଷରେ ବୁଝେଇ ସାରିଲାଣି, ସରକାରୀ ନିୟମ କାନୁନ, ଜବରଦସ୍ତି ଗାଁ କୁ ଉଠେଇଯିବାର ନିୟମ କଥା । କେବଳ ଅଳ୍ପ କିଛି ପରିବାର ଯଦି ରାଜି ନ ହୁଅନ୍ତି, ତେବେ ପୋଲିସ ଫୋର୍ସ ସହାୟତାରେ ସରକାର ସେମାନଙ୍କୁ ଉଠେଇ ଦେଇ ପାରେ !

ଆଜିକାଲି ବାପାଙ୍କୁ ସେ ବୁଝେଇବାକୁ ଚେଷ୍ଟା କଲାବେଳେ, ବାପା ତା ଉପରେ ରାଗି ଯାଉଛନ୍ତି । ଓଲଟି ତାକୁ ଦୋଷାରୋପ କରି କହୁଛନ୍ତି : "ମୋତେ ବେଶୀ ବୁଝାନା ସେ ନିୟମକାନୁନ । ତୁ ଏଇନେ ଏମିତି ମେନେଜମେଣ୍ଟ୍ ପଟିଆ ହେଇ ମୋତେ ବୁଝେଇବୁ ଜାଣିଥିଲେ, ମୁଁ ତୋତେ ଇଂଜିନିୟରିଙ୍ଗ ପଢେଇବାକୁ ଧାନବାଦ ପଠେଇ ନ ଥାନ୍ତି । ସାତ ପୁରୁଷର ଭିଟାମାଟି ଛାଡି, କେଉଁ ଅପନ୍ତରାରେ ଯାଇ ମୁଁ ମୁଣ୍ଡ ଗୁଞ୍ଜି ପାରିବିନି ।"

ଏଇନେ ମଝି ନଈରେ ପହଁରିବା ପରି ଲାଗୁଛି ବିକାଶକୁ । ନା, ସେ ବାପାଙ୍କ ପଟ ନେଇପାରୁଛି, ନା ମେନେଜମେଣ୍ଟ୍‌ର କାମ କରିପାରୁଛି । ଯଦି ଏ ଅଞ୍ଚଳର ସବୁ ଗାଁ ଏକାଠି ଜୋର୍ ଦିଅନ୍ତେ, ଜିଦ୍ ଧରି ବସନ୍ତେ, ତା ହେଲେ କିଛି ଗୋଟେ ହୁଅନ୍ତା । ହେଲେ ଗୋଟେ ଗାଁର ଲୋକ ତ ଗାଁ ଖାଲି କରି ସାରିଲେଣି । ଆଉ ଦୁଇ ଗାଁର ଲୋକ ପନ୍ଦରଦିନ ଭିତରେ ଖାଲି କରିବେ ବୋଲି ମିଟିଙ୍ଗରେ ଲେଖାପଢା ହେଇ ସାରିଲାଣି । ତା ନିଜ ଗାଁର ଅଧାରୁ ବେଶୀ ଲୋକ, ମନେ ମନେ ପ୍ରସ୍ତୁତ ହେଇ ସାରିଲେଣି । ଆଉ ଛୋଟ ଛୋଟ ତିନି ଗାଁ ସହିତ, ମିଟିଙ୍ଗ ସିଟିଙ୍ଗ ଚାଲିଛି ।

କଣ ଭାବି, ତା ପ୍ରିୟ ସାଙ୍ଗ ଯତୀନ୍ ହାତରେ ସେ ସେଦିନ ଖବର ପଠେଇଥିଲା ବାନାମ୍ବର ପାଖକୁ । କାହିଁକି ସେ ଅଣ୍ଟା ଭିଡି ଠିଆ ହେଉନି, ତା ବାପାଙ୍କ ସହିତ ? କାହିଁକି ସେ ଲୋକଙ୍କୁ ମତଉନି ଗାଁ ଛାଡିବା ପାଇଁ ? ସମସ୍ତେ ଏକାଠି ଗୋଟିଏ ଉଦ୍ଦେଶ୍ୟ ନେଇ ଠିଆ ହେଲେ ସିନା ହେବ ! ତା ହେଲେ ସିନା ଏ ସୁନ୍ଦର ଗାଁକୁ ବଞ୍ଚେଇ ହେବ !

ହସିଦେଇ ବାନାମ୍ବର ଜବାବ୍ ଦେଇଥିଲା : "ତାଙ୍କ ନିଜ ପୁଅ ତ ତାଙ୍କ ବିରୁଦ୍ଧରେ ଠିଆ ହେଇଛି । ମେନେଜମେଣ୍ଟ୍ ସ୍ୱରରେ ସ୍ୱର ମିଳେଇଛି । ମିଟିଙ୍ଗରେ ଗାଁ ଲୋକଙ୍କୁ ଗାଁ ଛାଡିବା ପାଇଁ ପ୍ରବର୍ତ୍ତଉଛି । ଆଉ ମୁଁ ତା ବାପାଙ୍କୁ ସପୋର୍ଟ କଲେ କଣ ହେବ ? ବରଂ ଯେଉଁକଥା, ଅଧିକାଂଶ ଗାଁ ବାଲା ଚାହୁଁଛନ୍ତି,ତାହା ମାନିବାଟା ଠିକ୍ ।"

ରାଠୋର ସାହେବ ଏପଟେ ତାକୁ ଅଲଟିମେଟମ୍ ଦେଇ ସାରିଲେଣି: "ଆଉ ପନ୍ଦରଦିନ ଭିତରେ ବାପାଙ୍କୁ ମନାଅ ବିକାଶ । ନ ହେଲେ ମୋତେ ବାଧ୍ୟ ହେଇ ଅନ୍ୟ ପନ୍ଥା ଦେଖିବାକୁ ହେବ ।"

"ଅନ୍ୟ ପନ୍ଥା ମାନେ ? ଏଭିକ୍ସନ୍ ? ? ସେ ଶୁଣିଥିଲା, କଲ୍ୟାଣୀର ସ୍ୱାମୀ କୁଆଡେ ଏସ୍.ପି. ହେଇ ବଦଳି ଆସିଛନ୍ତି ଏ ଅଞ୍ଚଳକୁ । ତାଙ୍କରି ଅର୍ଡର ରେ ଏଭିକ୍‌ସନ୍ କରାଯିବ, ମାନେ ଗାଁ ଲୋକଙ୍କୁ ଜବରଦସ୍ତି ଉଠେଇ ଦିଆଯିବ । କଲ୍ୟାଣୀ ବି କଣ ମନା କରିବନି ଏ ପଦକ୍ଷେପ ନେବା ପାଇଁ ? ସେ ବି କଣ ଚାହିଁବ, ତାଙ୍କ ଗାଁ ଉଠିଯାଉ ?"

ମୁଣ୍ଡ ଗୋଳମାଳ ହେଇ ଯାଉଥିଲା ବିକାଶର । ସେ ଜାଣିପାରୁ ନ ଥିଲା, କେମିତି କରିବ ଏ ସମସ୍ୟାର ସମାଧାନ ! କେଉଁ ପଟରେ ସେ ସାମିଲ ହେବ, କାୟୋମନୋବାକ୍ୟରେ ? ବାପାଙ୍କ ପଟରେ ରହି ଗାଁ ଉଠେଇବାର ବିରୋଧ କରିବ, ନା ମ୍ୟାନେଜମେଂଟ ସପକ୍ଷରେ ରହି, ଜଲ୍‌ଦି ଗାଁ ଛାଡିବା ପାଇଁ ଗାଁ ବାଲାଙ୍କୁ ଅନୁରୋଧ କରିବ ? କେବେ ସରିବ ତା ମନର ଏ ସନ୍ଧିକାଳ ? ?

ତା ପକେଟ୍‌ରେ ଥିବା ମୋବାଇଲ୍ ରିଂ ହେଲା । ବର୍ତ୍ତମାନକୁ ଫେରିଲା ବିକାଶ । ସାନଭାଇ ଆକାଶର ଫୋନ୍ : "ଭାଇ କେଉଁଠି ଅଛ, ଜଲ୍‌ଦି ଆସ । ବାପାଙ୍କର ଛାତି କଣ ହେଇଯାଉଛି । ସେ ତୁମକୁ ଖୋଜୁଛନ୍ତି । ବୋଧହୁଏ ହାର୍ଟ ଆଟାକ୍ ହେଇଛି ।"

ବସିବା ସ୍ଥାନରୁ ଉଠି ପଡିଲା ବିକାଶ । ଜଲ୍‌ଦି ଜଲ୍‌ଦି ମୁଣ୍ଡିଆରୁ ତଳକୁ ଓହ୍ଲେଇବାକୁ ଚେଷ୍ଟା କଲା । ତଳେ ଠିଆ କରେଇଥିବା ବାଇକ୍ ପାଖରେ ପହଞ୍ଚିବା ବେଳକୁ କରେଣ୍ଟ୍ ଚାଲିଗଲା । ଲିଭିଗଲା ଦୁକ୍‌ଦୁକ୍ ହେଇ ଜଳୁଥିବା ଗାଁର ଷ୍ଟ୍ରିଟ୍ ଲାଇଟ୍ ସବୁ । ପୁରା ଗାଁ ହଜିଗଲା ତିମିରରେ । ବିକାଶ ଅନୁଭବ କଲା, ଏବେ ଆଉ କିଛି ନାହିଁ । ତା ଚାରିପଟେ କେବଳ ନିରନ୍ଧ୍ର ଅନ୍ଧକାର ।



# ଦିବ୍ୟପୁଷ୍ପ ସ୍ଥଳପଦ୍ମ

# ଶୋଭାମୟ ସ୍ଥଳପଦ୍ମ


## ଶ୍ୱେତା ରାଉତ

ରାଉତ କମ୍ପ୍ଲେକ୍ସ, ୨୨୬-ଲକ୍ଷ୍ମୀସାଗର
କଟକ ରୋଡ, ଭୁବନେଶ୍ୱର-୭୫୧୦୦୬
ଫୋନ: ୯୪୩୯୭୨୬୦୬୦


ଫଟୋ ସୌଜନ୍ୟ: ଗୁଗୁଲ/ଲେଖିକା

ଫୁଲ କାହାକୁ ବା ଭଲ ନ ଲାଗେ, ଫୁଲର ଶବ୍ଦ ଉଚ୍ଚାରଣ କଲାବେଳେ ହେଉ କିମ୍ବା ଫୁଲର ଦୃଶ୍ୟ ଦେଖିବା ବେଳେ, ଫୁଲକୁ ଛୁଇଁବା ବେଳେ, ଫୁଲକୁ ଯେକୌଣସି ଦିଗରେ, ଭାବରେ, ସ୍ୱପ୍ନରେ, ଅନୁଭବରେ, ବାସ୍ତବରେ କଳ୍ପନାରେ ଯେଉଁଠି ଦେଖିଲେ ବି ଫୁଲ ସଦାସର୍ବଦା ଏକ ନିଷ୍ପାପ, କୋମଳ, ମନୋରମ, ଶାନ୍ତ, ଶୀତଳ, ସ୍ନିଗ୍ଧ ଆକର୍ଷଣର ଭାବ ଉଦ୍ରେକ କରାଏ । ତା'ର ମନମୋହକ ସୁଗନ୍ଧ ଆତ୍ମାକୁ ବିମୋହିତ କରେ । ପୁରାଣମାନଙ୍କରେ ଫୁଲକୁ ନେଇ ଅନେକ ମାନ୍ୟତା ଥିବାର ଦେଖିବାକୁ ମିଳେ । ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମରେ ପଦ୍ମ ସାଂସ୍କୃତିକ ଓ ଧାର୍ମିକ ମହତ୍ତ୍ୱକୁ ପ୍ରତିପାଦନ କରେ । ସୂର୍ଯ୍ୟ ଉଦୟ ପରେ ପଦ୍ମ ଫୁଟିବା ଆରମ୍ଭ କରେ ଓ ଅସ୍ତ ସମୟରେ ବୁଜି ହୋଇଯାଏ । ମଣିଷକୁ ପଦ୍ମ ଏହି ବାର୍ତ୍ତା ଦିଏ ଯେ ମଣିଷ ଭିତରେ ସୁପ୍ତ ଜ୍ଞାନର ଅଭିବୃଦ୍ଧି ହେଲେ ଏମିତି ଆମନ ମନ ଖୋଲିଯାଏ, ସୁଖଦ ବାତାବରଣ ଓ ଜୀବନ ସରସ ସୁନ୍ଦର ହୁଏ । ସେଥିପାଇଁ ପଦ୍ମକୁ ମନର ପବିତ୍ରତାର ପ୍ରତୀକ କୁହାଯାଏ । ସହସ୍ର ଯୋଗ ସାଧନାର ଅବସ୍ଥା, ଯେଉଁଥିରେ ଯୋଗୀ ପ୍ରଖର ଜ୍ଞାନ ପ୍ରାପ୍ତ କରେ ଓ ଈଶ୍ୱରତ୍ୱକୁ ବହନ କରେ, ତାହା କେବଳ ବସିବାର ଏକ ମୁଦ୍ରା ଓ ଆସନ ଦ୍ୱାରା ସମ୍ଭବ ହୋଇଥାଏ । ଯାହାକୁ 'ପଦ୍ମାସନ' କୁହାଯାଏ । ବିଷ୍ଣୁଙ୍କ ନାଭିରୁ ଜାତ ପଦ୍ମ ଓ ବିଷ୍ଣୁଙ୍କ ନାଭିରୁ ଜାତ ବ୍ରହ୍ମା ଓ ବ୍ରାହ୍ମାଙ୍କ ସୃଷ୍ଟି ସର୍ଜନା ସହିତ ପଦ୍ମର ସମ୍ବନ୍ଧ ସମଗ୍ର ସୃଷ୍ଟିକୁ ଜ୍ଞାତ । ପଦ୍ମ ସବୁବେଳେ ପବିତ୍ର । ଜଳରେ ଫୁଟୁ କି ସ୍ଥଳରେ ପଦ୍ମର ଆକର୍ଷଣ, କୋମଳତା, ପବିତ୍ରତା, ନିଶ୍ଚିତ ଭାବେ ଏକ ଦିବ୍ୟତ୍ୱର ଉପଲବ୍ଧ କରାଏ । ତେବେ ଏହି ପଦ୍ମ ସ୍ଥଳଭାଗରେ ମଧ କାହିଁକି ଫୁଟିଛି ଓ ତା'ର ବିଶେଷତ୍ୱ କ'ଣ ଆସନ୍ତୁ ଜାଣିବା ଶୋଭାମୟ ସ୍ଥଳପଦ୍ମ ସମ୍ପର୍କରେ କିଛି ଜାଣିବା କଥା ।

### ସ୍ଥଳପଦ୍ମର ପରିଚୟ

ସ୍ଥଳପଦ୍ମ ଏକ ଆକର୍ଷଣୀୟ ଭାରତୀୟ ଫୁଲ ଯାହା ଶରତ ଋତୁରେ ଫୁଟିଥାଏ । ଏହାର ଆକାର ୪-୬ ଇଞ୍ଚ ବ୍ୟାସ ପର୍ଯ୍ୟନ୍ତ ହୋଇଥାଏ । ଏହି ଫୁଲ ଏକକ ଓ ବହୁ ପାଖୁଡା ବା ଥୋପା, ଦୁଇ ପ୍ରକାର ହୋଇଥାଏ । ସ୍ଥଳପଦ୍ମ ସକାଳୁ ସ୍ୱଚ୍ଛ ଧଳା ରଙ୍ଗର ହୋଇ ଫୁଟିବା ଆରମ୍ଭକରେ, ମଧ୍ୟାହ୍ନରେ ହାଲୁକା ଗୋଲାପୀ ଓ ସନ୍ଧ୍ୟା ହେବା ବେଳକୁ ଗାଢ଼ ଗୋଲାପୀ ରଙ୍ଗରେ ପରିବର୍ତ୍ତିତ ହୋଇଥାଏ । ସୂର୍ଯ୍ୟର ଚଳନ ସହ ସ୍ଥଳପଦ୍ମର ରଙ୍ଗର ପରିବର୍ତ୍ତନ ହେଉଥିବା ଯୋଗୁଁ ଏହା ପ୍ରମାଣ କରେ ଯେ ପଦ୍ମ ଜଳରେ ଫୁଟୁ କି ସ୍ଥଳରେ ସୂର୍ଯ୍ୟ ସହିତ ତା'ର ନିବିଡତା ଓ ପ୍ରଗାଢ ସମ୍ପର୍କ ରହିଛି । ପଦ୍ମର ଏହି ପ୍ରଜାତିକୁ 'ମୁଟାବିଲିସ୍' କୁହନ୍ତି, ଯାହା ଅର୍ଥ ପରିବର୍ତ୍ତନଶୀଳ । ସେଥିପାଇଁ ଏହାକୁ 'ଚେଞ୍ଜେବୁଲ୍ ଗୁଲାବ' କହିଥାନ୍ତି ।

ସ୍ଥଳପଦ୍ମ ଏକ ବହୁତ ବଡ଼ ବୁଦା ସଦୃଶ ବୃକ୍ଷ । ଏହାର ଉଚ୍ଚତା ୧୫ ଫୁଟ ଓ ୧୦ ଫୁଟ୍ ପର୍ଯ୍ୟନ୍ତ ବ୍ୟାପକ ହୋଇଥାଏ । ଫୁଲ ଫୁଟିବା ପରେ ପରେ ଏହି ବୃକ୍ଷ ତୁରନ୍ତ ତାର ପତ୍ର ଝଡ଼ାଇ ଦେଇଥାଏ ଓ ଏକ ଗୋଲାକାର ଲୋମଯୁକ୍ତ କ୍ୟାପସୁଲ୍ ସୃଷ୍ଟିକରେ, ଯାହା ଶୁଖିଗଲା ପରେ ମଞ୍ଜି ବାହାରି ଥାଏ । ଏହି ଫୁଲ ଭୂମିରେ ଫୁଟୁଥିବା, ପଦ୍ମ ଫୁଲ ଭଳି ଦେଖାଯାଏ, ତେଣୁ ଏହାକୁ 'ଭୂମିପଦ୍ମ' ମଧ କୁହାଯାଏ । ଏହି ଫୁଲର ଡାଳ, ପତ୍ର, ମଞ୍ଜି ଓ ସମ୍ପୂର୍ଣ୍ଣ ଗଠନ କପା ଗଛ ଭଳି ହୋଇଥିବାରୁ ଏହାକୁ ଇଂରାଜୀରେ 'କଟନ ରୋଜ' ମଧ କୁହାଯାଏ ସ୍ଥଳପଦ୍ମ ଫୁଲ ତାପମାନ ଅନୁସାରେ ରଙ୍ଗ ବଦଳାଉଥିବାର ଦେଖାଯାଏ । ସକାଳୁ ସ୍ୱଚ୍ଛ ଧଳା, ମଧ୍ୟାହ୍ନରେ ହାଲୁକା ଗୋଲାପୀ ଓ ଅପରାହ୍ନରେ ସମ୍ପୂର୍ଣ୍ଣ ଗାଢ ଗୋଲାପୀ ବା ଲାଲ ହୋଇଯାଉଥିବା ଏହି ଫୁଲକୁ ଯଦି ଆପଣ ରେଫ୍ରିଜିରେଟରରେ ରଖିବେ, ତା'ହେଲେ ନିଶ୍ଚୟ ଜାଣି ପାରିବେ ଯେ ସକାଳୁ ସ୍ୱଚ୍ଛ ଧଳା ରଙ୍ଗର ସ୍ଥଳପଦ୍ମ ସନ୍ଧ୍ୟା ପର୍ଯ୍ୟନ୍ତ ରେଫ୍ରିଜିରେଟର ଭିତରେ ରହିଲେ ତା'ର ରଙ୍ଗ ସେଇ ଧଳା ରହିଥାଏ, କାରଣ ବାହାର ତାପମାନ ପାଇନଥିବାରୁ ତା' ରଙ୍ଗ ପରିବର୍ତ୍ତନ ହୋଇନଥାଏ । ସେଥିପାଇଁ ଆମେ ନିଶ୍ଚିତ କହିପାରିବା ସ୍ଥଳପଦ୍ମ ସୂର୍ଯ୍ୟଙ୍କ ତାପମାନ ଅନୁସାରେ ରଙ୍ଗ ବଦଳାଏ । ଏହି ଫୁଲ ବିଶେଷ କରି ତିନି ପ୍ରକାର ହୋଇଥାଏ ଯଥା- ରାଇଜୋମ୍ ଲୋଟସ୍, ସିଡ୍ ଲୋଟସ୍ ଓ ଫ୍ଲାୱାର ଲୋଟସ୍ । ଭାରତର ଉତ୍ତରପୂର୍ବ- ଅଞ୍ଚଳ ଲୋକମାନେ ଏହି ଫୁଲକୁ ସ୍ୱାଦିଷ୍ଟ ଭୋଜନ ବା ରେସିପି ଭାବେ ପ୍ରସ୍ତୁତ କରିଥାନ୍ତି । ଓଡ଼ିଶାରେ ଯେମିତି କଖାରୁ ଫୁଲ ପିଠୋଉ ପ୍ରସ୍ତୁତ କରାଯାଏ, ଭାରତର ଉତ୍ତର-ପୂର୍ବ ଅଞ୍ଚଳର ଲୋକମାନେ ସ୍ଥଳପଦ୍ମ ଫୁଲର ପାଖୁଡାକୁ ଆଣ ବା ପିଠୋଉରେ ବୁଡାଇ ତେଲରେ ଭାଜି ସ୍ୱାଦିଷ୍ଟ ପିଠୋଉ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ଆୟୁର୍ବେଦରେ ଏହି ସ୍ଥଳପଦ୍ମ ଫୁଲକୁ ବିଭିନ୍ନ ଔଷଧ ଓ ଜଡିବୁଟିରେ ପ୍ରୟୋଗ କରି ଅନେକ ରୋଗରୁ ଉପଶମ ପାଇବାକୁ ବ୍ୟବହାର କରାଯାଏ ।



▶ଲେଖିକା ଶ୍ୱେତା ରାଉତ

## ବିଭିନ୍ନ ସ୍ଥାନରେ ସ୍ଥଳପଦ୍ମର ନାମ

ଦିବ୍ୟ ପୁଷ୍ପ ପଦ୍ମର ଅନେକ ନାମ ରହିଛି, ଯଥା- ପଙ୍କଜ, ପଦ୍ମ, ନୀରଜ, କମଳ, କମଳାକ୍ଷୀ, ଅମ୍ବୁଜା ଇତ୍ୟାଦି । ଠିକ୍ ସେମିତି ସ୍ଥଳପଦ୍ମର ଅନେକ ପର୍ଯ୍ୟାବାଚୀ ନାମ ରହିଛି, ଯଥା- ଭୂମି ପଦ୍ମ, ଭୂମି କମଳ, ସ୍ଥଳ କମଳ, ଚେଞ୍ଜେବୁଲ୍ ଗୁଲାବ ଇତ୍ୟାଦି । ଏହାର ବନସ୍ପତିକ ନାମ ହେଉଛି 'ଆୟୋନିଡିୟମ୍ ସ୍କଟିକୋସମ' ଏହାକୁ ହାଇବେନ୍ଥସ ଏନସ୍ପର୍ମସ ମଧ୍ୟ କୁହାଯାଏ । ଇଂରାଜୀରେ ଏହାକୁ ପିଙ୍କ୍ ଲେଡି ସ୍ଲିପର, କଟନ୍ ରୋଜ୍, ଚିନି ଗୁଲାବ, ଚେଞ୍ଜେବୁଲ୍ ଗୁଲାବ୍, କନ୍‌ଫେଡେରେଟ୍ ଗୁଲାବ ଡିସ୍କି ରୋଜମଲି କହିଥାନ୍ତି । ମରାଠୀରେ- ରଥନ ପରାସ, ବଙ୍ଗାଳୀରେ – ମୁନ୍‌ବୋରା, ସ୍ଥଳ ପଦ୍ମ, ଭୂମିପଦ୍ମ, ସଂସ୍କୃତରେ- ପଦ୍ମଚାରିଣୀ, ଅତିଚର, ଅବ୍ୟଥା, ପଦ୍ମା, ଶାରଦା, ପଦ୍ମପତ୍ରା, ପଦ୍ମାବତୀ, ପୁସ୍କର ପର୍ଣ୍ଣିକା, ଲକ୍ଷ୍ମୀ ସ୍ରେସ୍ଥା, ଗଣ୍ଡାମୁଳା, କଶ୍ମୀରା ଚରତି କହିଥାନ୍ତି । ହିନ୍ଦୀରେ- ରତନ ପୁରୁଷ, ଭୂମି କମଲ, ସ୍ଥଳ କମଲ, ତାମିଲ୍‌ରେ – ସେମ୍ପୁରୁଟ୍ଟୀ, ପୁରୁଷ ରତ୍ନଂ, କନ୍ନଡରେ – ନେଲାଦାଓ୍ୱରେ, ଚାରାଟେ,ଚନ୍ଦ୍ରକାନ୍ତି ପିଡା, ବେଟା ଦାବିରେ, ସୂର୍ଯ୍ୟକାନ୍ତି, ମାଲାୟଲମ୍‌ରେ – ଅରିଲ ଥମତାର, କଲ୍‌ଥାମାରା, ଚିନ୍ନପ୍ରାଙ୍ଗୀ, ଉର୍ଦ୍ଦୁରେ – ଗୁଲ୍-ଏ- ଆଜାଇବ, ତେଲଗୁରେ – ପତି ମନ୍ଦାରମ, ଶମ୍ କା ଚୁଲାବ, ପଞ୍ଜାବରେ – ଗୁଲ-ଏ-ଜାଇବ ଓ ଓଡ଼ିଆରେ ସ୍ଥଳପଦ୍ମ କହିଥାନ୍ତି ।



## ସ୍ଥଳପଦ୍ମର ଇତିହାସ

ପ୍ରାଚୀନକାଳରୁ ପଦ୍ମଫୁଲକୁ ସାରା ଦୁନିଆଁରେ ବିଭିନ୍ନ ଧର୍ମରେ ଓ ଦେଶମାନଙ୍କରେ, ଐତିହାସିକ କୀର୍ତ୍ତିରାଜି ଓ ପୁରାଣ କିମ୍ବଦନ୍ତୀରେ ଚିତ୍ରଣ କରାଯାଇଛି । ପଦ୍ମ ତା'ର ଅପରୂପ ସୌନ୍ଦର୍ଯ୍ୟ, ଗରିମା କମନୀୟ ରୂପ, କୋମଳତା ଓ ଦିବ୍ୟତ୍ୱ ପାଇଁ ଈଶ୍ୱରଙ୍କ ସାନିଧ୍ୟ ପାଇବା ସହିତ ଦେବ, ନର, ଅସୁର ସମସ୍ତଙ୍କ ପ୍ରିୟ ଓ ଦୁର୍ଲ୍ଲଭ ହୋଇପାରିଛି ପଦ୍ମ । ଜଳରେ ହେଉ କି ସ୍ଥଳରେ, ପ୍ରତୀକାତ୍ମକ ଫୁଲ ପଦ୍ମ ନମ୍ରତାର ପ୍ରତିନିଧିତ୍ୱ କରେ, ଏହାର ଇତିହାସକୁ ବ୍ୟାଖ୍ୟା କଲାବେଳେ ଶବ୍ଦ ନିଅଣ୍ଟ ପଡ଼େ । ହଜାର ହଜାର ବର୍ଷ ପୂର୍ବରୁ ପଦ୍ମର ଏକ ଲମ୍ବା ସମୃଦ୍ଧ ଇତିହାସ ରହିଛି । ଦକ୍ଷିଣପୂର୍ବ ଏସିଆ, ଅଷ୍ଟ୍ରେଲିଆ ଓ ଭାରତ ପରି ଅନେକ ରାଷ୍ଟ୍ରରେ ସ୍ୱାଭାବିକ ଭାବେ ଦେଖାଯାଉଥିବା ପଦ୍ମ ପ୍ରାଚୀନ ମିଶ୍ରଯୁଗର ଚିତ୍ରଲିପି ସହିତ ପ୍ରାଚୀନ ଗ୍ରୀସ୍ ଲୋକକଥାରେ ମଧ୍ୟ ଦେଖିବାକୁ ମିଳେ । କଲରାଡୋ ମହାବିଦ୍ୟାଳୟର ଧାର୍ମିକ ଅଧ୍ୟୟନ ବିଭାଗର ସହକାରୀ ପ୍ରଫେସର ଭାବରେ ଗବେଷକ ଷ୍ଟିଭେନ୍ ଭୋସ୍‌ଙ୍କ ଅନୁସାରେ ଦକ୍ଷିଣ ଏସିଆରେ ଥିବା କେତେକ ପ୍ରାଚୀନ ବୌଦ୍ଧ ଏବଂ ଜୈନ ମନ୍ଦିର ମାନଙ୍କରେ ଥିବା କାରୁକାର୍ଯ୍ୟରେ ପଦ୍ମଫୁଲ ଖୋଦିତ ହୋଇଥିବାର ଦେଖାଯାଏ ଏବଂ ଖ୍ରୀଷ୍ଟପୂର୍ବ ୨୫୦ ପୂର୍ବର ସମ୍ରାଟ୍ ଅଶୋକଙ୍କ ସମୟରେ ପଦ୍ମଫୁଲକୁ ଅନେକ ମନ୍ଦିର ଚିତ୍ରକଳାରେ ଦେଖିବାକୁ ମିଳେ । ଖ୍ରୀଷ୍ଟପୂର୍ବ ୧୮୦ ପୂର୍ବରୁ ଭଗବାନ ବୁଦ୍ଧଙ୍କୁ ପଦ୍ମାସନରେ ବସି ଧ୍ୟାନ କରିବାର କିର୍ତ୍ତୀସ୍ତମ୍ଭ ଅନେକ ବୌଦ୍ଧସ୍ତୁପରେ ଦେଖିବାକୁ ମିଳେ । ଭାରତୀୟ ହିନ୍ଦୁ ମନ୍ଦିର ମାନଙ୍କରେ ଦେବୀ ଦେବତାଙ୍କ ଆସନ ଅଳଙ୍କୃତ କରୁଥିବା ପଦ୍ମକୁ ଏକ ଦିବ୍ୟ ଦୁର୍ଲଭ ଓ ଲକ୍ଷ୍ମୀଙ୍କ ପ୍ରତୀକାତ୍ମକ ରୂପ ଭାବେ ବର୍ଣ୍ଣନା କରାଯାଏ । ଡେନଭର ବିଶ୍ୱବିଦ୍ୟାଳୟ ପ୍ରଫେସରଙ୍କ ମତରେ ହିନ୍ଦୁ ଧର୍ମରେ ପଦ୍ମକୁ ବ୍ରହ୍ମାଣ୍ଡର ଗର୍ଭ ବୋଲି ବିବେଚନା କରାଯାଏ, ଯେଉଁଠି ବ୍ରହ୍ମାଙ୍କ ଉତ୍ପତ୍ତି ବା ସବୁକିଛିର ଉତ୍ପତ୍ତିସ୍ଥଳ କୁହାଯାଏ । ଜ୍ୟୋତିଷ ଶାସ୍ତ୍ର, ଟାରଟା କାର୍ଡ, ବୌଦ୍ଧ କୀର୍ତ୍ତି, ସ୍ଫଟିକ (କ୍ରିଷ୍ଟଲ୍) ଆରୋଗ୍ୟ, ରାଜବଂଶ ଓ ଆଧ୍ୟାତ୍ମିକ ମାର୍ଗଦର୍ଶନରେ ପ୍ରଭାବଶାଳୀ ଖୁବ୍ ପ୍ରଭାବଶାଳୀ ଶ୍ୟାମ ଇଗୋଇଙ୍କ ଅନୁଯାୟୀ ପୂର୍ବ ଏସିଆରେ ପଦ୍ମକୁ ଏକ ସମ୍ମାନ ଭାବେ ବିବେଚନା କରାଯାଏ, କାରଣ ଲଟାଫୁଲ ବା ଲଟାକୁ ଅଖଣ୍ଡତାର ପ୍ରତୀକ ଭାବେ ମାନ୍ୟତା ଦିଆଯାଏ । ଇଗୋୟୀଙ୍କ ଅନୁଗାମୀଙ୍କ ମତରେ ଆବର୍ଜନା ଭିତରୁ ଭୂତଳ ଜଳ ଦେଇ ଫୁଟିବା, ଆକର୍ଷକ ଓ କୋମଳ ରୂପ ଧାରଣ କରିବା, ଶୁଦ୍ଧତାକୁ ବହନ କରିବା ହେତୁ ପଦ୍ମ, ପୁନର୍ଜନ୍ମ, ଜ୍ଞାନ, ବିଜୟର ପ୍ରତୀକ ଭାବେ ପ୍ରତିନିଧିତ୍ୱ କରେ, ଯାହା ମଣିଷ ଜୀବନରେ ଅତିକ୍ରମ କରିବାକୁ ଅଧିକାଂଶ ଅସମର୍ଥ ଅଟନ୍ତି । କେବଳ ଇତିହାସରେ ନୁହେଁ ପଦ୍ମ ଧାର୍ମିକ ମାନ୍ୟତା ଓ ଲୋକକଥାରେ ମଧ୍ୟ ନିଜର ଶ୍ରେଷ୍ଠତା ଓ ଦିବ୍ୟତ୍ୱର ଅବତାରଣା କରେ ।

## ସ୍ଥଳପଦ୍ମର ଲୋକକଥା

ଦୁଇଜଣ ବାଟୋଇ ଜଙ୍ଗଲ ଭିତର ଦେଇ ଗଲାବେଳେ ବାଟରେ ଗୋଟେ ପୋଖରୀ ପଡ଼ିଲା । ପୋଖରୀ କୂଳର ଥଣ୍ଡା ପବନ ଓ ପୋଖରୀର ସୁନ୍ଦର ସୁନ୍ଦର ପଦ୍ମଫୁଲ ଫୁଟିଥିବାର ଦେଖି ଦୁହେଁ ସେହି ପୋଖରୀ କୂଳରେ ଥିବା ଏକ ବୃକ୍ଷ ମୂଳେ ବସିପଡ଼ିଲେ । ଜଣେ ପଥିକ ପଦ୍ମକୁ ପଙ୍କ ଦହଲରେ ଦେଖି ଛି ଛି କେତେ ଅପରିସ୍କାର ଜାଗାରେ ଫୁଟିଛି ବୋଲି ଅନାଗ୍ରହ ଭାବ ଦେଖାଇବାରୁ ଅନ୍ୟ ପଥିକ ଜଣକ ତାଙ୍କୁ ବୁଝାଇବାକୁ ଯାଇ କହିଲେ ପଦ୍ମଠାରୁ ପବିତ୍ର ଫୁଲ ସଂସାରରେ ନାହିଁ, ବିଷ୍ଣୁ ନାରାୟଣଙ୍କ ନାଭିରୁ ଜାତ ପଦ୍ମ ଯେତିକି ସ୍ୱଚ୍ଛ ସେତିକି କୋମଳ । ପଦ୍ମ ଆମକୁ ଶିଖାଏ ଅନେକ ପ୍ରତିବନ୍ଧକ ସତ୍ତ୍ୱେ ଜୀବନକୁ କେମିତି ମଧୁର ଭାବେ ଗଢ଼ି ତୋଳିହୁଏ, ତା ପାଖୁଡାରେ ପାଣି ଲାଗେ ନାହିଁ, ଜଳରେ ରହିବି ପରିଶୁଦ୍ଧ ରହିଥାଏ ପଦ୍ମ । ସଂସାରରେ ରହି ବି ଆମ ଭିତରେ ସଂସାର ନରହୁ ତାହା ଆମେ ପଦ୍ମଠୁ ହିଁ ଶିଖିଥାନ୍ତି । ପଦ୍ମକୁ ଯେତେ ପ୍ରଶଂସା କରି କହିଲେ ମଧ୍ୟ ନିନ୍ଦା କରୁଥିବା ପଥିକ ଜଣକ ଆଦୌ ପ୍ରଭାବିତ ହେଲେ ନାହିଁ, ବରଂ କହିଲେ କୋମଳ ଫୁଲଟିଏ ପ୍ରାପ୍ତ କରିବା ପାଇଁ କେହି କ'ଣ ଏଭଳି ପଙ୍କରେ ଯାଇ ନିଜକୁ ଆବର୍ଜନାରେ ଲିପ୍ତ କରିବାକୁ ଚାହିଁବ । କେତେ ଅପରିସ୍କାର ସ୍ଥାନରେ ପଦ୍ମ ଫୁଟିଛି । ଫୁଲତ ଦୂରର କଥା ଏଭଳି ପଙ୍କ, କାଦୁଅ ଦେଖି ଘୃଣା ଲାଗୁଛି । ପଥିକର ଏଭଳି ତିରସ୍କାର ଶୁଣି ପଦ୍ମଫୁଲକୁ ଖୁବ୍ ବାଧିଲା । ଆଖିରୁ ଅଶ୍ରୁ ଝରି ପଡ଼ିଲା । ବିନୟ ହୋଇ ପଦ୍ମ ନାରାଣଙ୍କୁ ପ୍ରାର୍ଥନା କରି କହିଲା: "ପ୍ରଭୁ ମୋର କେଉଁ ଦୋଷ ପାଇଁ ମୋତେ ଏମିତି ଅସ୍ୱଚ୍ଛ, ଆବର୍ଜନାମୟ ସ୍ଥାନରେ ରଖିଦେଲେ ? ସାମାନ୍ୟ ମନୁଷ୍ୟଟିଏ ଯଦି ଘୃଣା କରୁଛି, ଦେବତାମାନେ ମୋତେ କେମିତି ଗ୍ରହଣ କରିବେ ।" ପଦ୍ମର ଗୁହାରୀ ଶୁଣି ନାରାୟଣ ଆକର୍ଷିତ ହୋଇ କହିଲେ 'ପଦ୍ମ' ତୁମେ ଦେବତାର ଆସନ ଅଳଙ୍କୃତ କରିଥାଅ ।

ତୁମର ସୌନ୍ଦର୍ଯ୍ୟକୁ ମୋର ନୟନ ସହିତ ତୁଳନା କରି ଭକ୍ତମାନେ ମୋତେ ଶ୍ରଦ୍ଧାରେ 'କମଳ ନୟନ' କହିଥାନ୍ତି । ତୁମ ଉପରେ ଜଗତର ମାତା ଲକ୍ଷ୍ମୀ ବାସ କରନ୍ତି ବୋଲି ଲକ୍ଷ୍ମୀଙ୍କ ଆଉ ଗୋଟେ ନାମ ରହିଛି 'କମଳିନୀ' । କେହି ପୁଣି 'କମଳା' କୁହନ୍ତି ତ କେହି ପଦ୍ମାଳୟା, ତୁମେ ସଂଖ୍ୟାରେ ପରିଗଣିତ ହୁଅ । ମନୁଷ୍ୟ ଜଗତରେ ପଦ୍ମଶ୍ରୀ, ପଦ୍ମ ବିଭୂଷଣ ଭାବେ ଶ୍ରେଷ୍ଠ ମର୍ଯ୍ୟାଦା ବହନ କରୁଥିବା ପଦ୍ମ କିନ୍ତୁ ତଥାପି ସନ୍ତୁଷ୍ଟ ହେଉନଥାଏ । ନାରାୟଣ ସ୍ମିତହାସ୍ୟ ଦେଇ କହିଲେ, "ପଦ୍ମ, ନିଜକୁ କାହିଁକି ଏତେ ନିକୃଷ୍ଟ ଭାବୁଛ ? ତୁମେ ଯଦି

ମନଦୁଃଖ କରିବ କମଳାଙ୍କୁ ଭଲ ଲାଗିବ ନାହିଁ, ତୁମେ ମାନବ ସମାଜ ପାଇଁ ପ୍ରେରଣାର ଉତ୍ସ, ମୋ ନାଭିରୁ ଜାତ ବୋଲି ସାରା ସଂସାର ତୁମକୁ ସମ୍ମାନ କରେ ।" ନାରାୟଣଙ୍କ କଥା ଶୁଣି ପଦ୍ମ ଆଖିରୁ ଲୁହ ପୋଛିଲା । ଦୁଃଖ ଓ ଅନୁଶୋଚନାରେ ମଉଳି ପଡ଼ିଥିବା ପଦ୍ମ ଧିରେ ଧିରେ ତାର ପାଖୁଡ଼ା ମେଲିବାକୁ ଲାଗିଲା ଓ ମଥାନତ କରି ପ୍ରଣାମ ଜଣାଇଲା ନାରାୟଣଙ୍କୁ । ଗୁହାରୀ କରି କହିଲା 'ନାରାୟଣ' ମୋତେ ଏ ଆବର୍ଜନା ସ୍ଥାନରେ ରହିବାର କିଛି ଅସୁବିଧା ନାହିଁ, ଦେବାଦେବୀଙ୍କ ସ୍ପର୍ଶ ମାତ୍ରେ ମୁଁ ବୈକୁଣ୍ଠ ପ୍ରାପ୍ତିର ଆନନ୍ଦ ଲଭିବି ଏଇ ପଙ୍କରୁ, କିନ୍ତୁ ମୋତେ ସମସ୍ତଙ୍କ ଆଦର ପ୍ରାପ୍ତ ହେବନାହିଁ, ସମ୍ଭବ ନୁହେଁ କେହି ଏ ପଙ୍କ ଭିତରେ ମୋତେ ଗ୍ରହଣ କରିବେ । ଏହି ପଥିକ ଭଳି ଅନେକ ମୋର ତିରସ୍କାର କରିପାରନ୍ତି । ମୋତେ ଆପଣ ସ୍ଥଳଭାଗରେ ଫୁଟିବାର ସୁଯୋଗଟିଏ ଦିଅନ୍ତେନି ? ନାରାୟଣ ସ୍ମିତହାସ୍ୟରେ ସମ୍ମତି ଜଣାଇ କହିଲେ "ଠିକ୍ ଅଛି ତୁମକୁ ଅତ୍ୟନ୍ତ ସୁନ୍ଦର ରଙ୍ଗ ଓ ବିଭା ଦେଇ ସ୍ଥଳଭାଗରେ ଫୁଟିବାର ଅନୁମତି ଦେଉଛି, କିନ୍ତୁ ତୁମେ ନିଜେ ଜାଣି ପାରବ କେଉଁ ସ୍ଥାନରେ ତୁମେ କିଭଳି ଆଦର ପାଉଛ, ଯଦିଓ ତୁମର ସୌନ୍ଦର୍ଯ୍ୟକୁ ସବୁ ସ୍ଥାନରେ ପ୍ରଶଂସା ମିଳିବ । କିଛି କ୍ଷଣ ପରେ ପୋଖରୀ କୂଳରେ ସ୍ଥଳଭାଗରେ ଏକ ଖୁବ୍ ସୁଶୋଭିତ ଗହଳିଆ ଗଛଟିଏ ଉଭା ହୋଇଗଲା ଓ ସେଥିରେ ବଡ଼ ବଡ଼ ସୁନ୍ଦର ଆକର୍ଷକ ଫୁଲ ଫୁଟିବାକୁ ଲାଗିଲା । ପଦ୍ମ ଭଳି ଦିବ୍ୟ, କୋମଳ ପାଖୁଡ଼ା, ଆକର୍ଷକ ରଙ୍ଗ ପଥିକଙ୍କୁ ଆକୃଷ୍ଟ କରୁଥିଲା । ଏହାକୁ ସମସ୍ତେ 'ସ୍ଥଳପଦ୍ମ' କହିବାକୁ ଲାଗିଲେ । ସକାଳୁ ଶୁଭ୍ର, ସ୍ୱଚ୍ଛ, ଧବଳ ରଙ୍ଗର ଫୁଟିବା ଆରମ୍ଭ କରି ସ୍ଥଳପଦ୍ମ ସୂର୍ଯ୍ୟ ନାରାୟଣଙ୍କ ଶ୍ରଦ୍ଧା ରଙ୍ଗରେ ଧିରେ ଧିରେ ରଙ୍ଗୀନ ହୋଇ ଯାଉଥିଲା, ମଧ୍ୟାହ୍ନରେ ହାଲୁକା ଗୋଲାପୀ ଓ ଅପରାହ୍ନରେ ଗାଢ ଗୋଲାପୀ ରଙ୍ଗରେ ପରିବର୍ତ୍ତିତ ହେଉଥିଲା । ସ୍ଥଳପଦ୍ମ ତା'ର ସୁନ୍ଦରତା ପାଇଁ ନାରାୟଣଙ୍କୁ ଅଭିବାଦନ କଲା, କିନ୍ତୁ ଅତ୍ୟଧିକ ଖରା ଶୁଷ୍କତା ଓ ଜଳାଭାବ ପାଇଁ ସ୍ଥଳପଦ୍ମ ଝାଉଁଳି ପଡୁଥିଲା ଓ ଜଳରେ ଫୁଟିଥିବା ପଦ୍ମକୁ ଚାହିଁ ତାର କୋମଳତା ନମ୍ରତା ଓ ଚିର ଯୌବନା କିଶୋରୀ ପରି ବିମୁଗ୍ଧ ରୂପକାନ୍ତି ଦେଖି ସେ ତା'ର ପୂର୍ବାବସ୍ଥା ଫେରି ଯିବାକୁ ଚାହୁଁଥିଲା, ଅଥଚ ନାରାୟଣଙ୍କୁ ଆଉ ଥରେ ନିବେଦନ କରିପାରିଲା ନାହିଁ । ଜଳଜ ପଦ୍ମର ଆଉ ଏକ ଅଂଶ ହୋଇ ସ୍ଥଳ ଭାଗରେ ସ୍ଥଳପଦ୍ମ ନାମରେ ରହିଗଲା ।



### ସ୍ଥଳପଦ୍ମର ବିଭିନ୍ନ ରଙ୍ଗ ଓ ପ୍ରତୀକ

ପଦ୍ମ କହିଲେ ମନ ଭିତରେ ଏକ ପବିତ୍ର ଭାବ ସୃଷ୍ଟି ହୁଏ । ପଦ୍ମ ଦିବ୍ୟତା, ପବିତ୍ରତାର ପ୍ରତିନିଧିତ୍ୱ କରେ । ପଦ୍ମର ବିଭିନ୍ନ ରଙ୍ଗକୁ ମଧ ପ୍ରତୀକାତ୍ମକ ଭାବେ ଆଧାତ୍ମରେ ବିଶେଷ ଆଲୋଚନା କରାଯାଏ ଯଥା–

### ଧବଳ ପଦ୍ମ

ପବିତ୍ରତା ସହିତ ଯିଏ ସ୍ୱଚ୍ଛତା, ଉତ୍କୃଷ୍ଟତାକୁ ପ୍ରତିପାଦନ କରିଥାଏ । ଧଳା ରଙ୍ଗ ଧାତୁ ତତ୍ତ୍ୱ ସହିତ ମଧ ଯୋଡା ଯାଇଥାଏ, ଯେଉଁଥିରେ କି ବିପଦା ବା ବାଧକ ଖଣ୍ଡନ କରିବାର ଶକ୍ତି ନିହିତ ଥାଏ ।

### ଗୋଲାପୀ ପଦ୍ମ

ପରିଶୁଦ୍ଧ ପ୍ରେମ, ସମର୍ପଣ ଓ ନମ୍ରତାକୁ ଏହି ରଙ୍ଗ ପ୍ରତିପାଦନ କରେ । ସମ୍ମୋହନ ଶକ୍ତି, ଆକର୍ଷଣ ଭାବ ଓ ସ୍ତ୍ରୀ ଉର୍ଜାର ବୃଦ୍ଧି କରେ ଗୋଲାପୀ ରଙ୍ଗ । ଏହି ରଙ୍ଗର ପଦ୍ମକୁ ହିନ୍ଦୁ ଦେବତାମାନଙ୍କ ପ୍ରିୟ ଫୁଲ ବିବେଚନା କରାଯାଏ ।

### ଲାଲ ପଦ୍ମ

ବୌଦ୍ଧ ଧର୍ମରେ ପାଞ୍ଚଟି ମୁଖ୍ୟ ପରିବାର ରହିଛି । ତନ୍ମଧ୍ୟରୁ ପଦ୍ମ ପରିବାର ଅନ୍ୟତମ । ପଦ୍ମ ପରିବାର ଜନମାନସକୁ ସଂକଟରୁ ବଞ୍ଚାଇଥାଏ, ତେଣୁ ଏହି ପରିବାର ଅଗ୍ନିତତ୍ତ୍ୱ ସହିତ ସମ୍ବନ୍ଧିତ ହୋଇଥିବାରୁ ଲାଲ ପଦ୍ମ ଅଗ୍ନି ଉର୍ଜାର ପ୍ରତିନିଧିତ୍ୱ କରିଥାଏ ବୋଲି କୁହାଯାଏ । ଲାଲ୍ ପଦ୍ମ ପ୍ରେରଣା, ନିଷ୍ଠା ଓ ଅଭିବ୍ୟକ୍ତିର ପ୍ରତୀକ ଭାବେ ବିବେଚନା କରାଯାଏ ।

### ନୀଳପଦ୍ମ

ନୀଳପଦ୍ମକୁ 'ନୀଳୋତ୍ପଳା' ମଧ କୁହାଯାଏ । ବୌଦ୍ଧ ଧର୍ମରେ ପ୍ରାଣୀର ଅନ୍ତର୍ନିହିତ ବୁଦ୍ଧ ପ୍ରକୃତିକୁ ଉପଲବ୍ଧି କରିବାର କ୍ଷମତା ବୌଦ୍ଧ ଧର୍ମାବଲମ୍ବନୀମାନଙ୍କ କରୁଣା ଭାବ, ବୌଦ୍ଧିସତ୍ତା ଯାହା ନିର୍ବାଣ ପର୍ଯ୍ୟନ୍ତ ପହଞ୍ଚାଇବାର ଦକ୍ଷତାକୁ ନୀଳକମଳ ଏକ ପ୍ରତୀକାତ୍ମକ ଭାବ ଜାଗ୍ରତ କରାଏ । ନିବୁଜ ନୀଳପଦ୍ମ ସଂଯମତାର ଭାବ ପ୍ରକଟ କରାଇଥାଏ । ପଦ୍ମ ଆମକୁ ଜୀବନରେ ବଞ୍ଚିବାର କଳା ଶିଖାଇଥାଏ । ସ୍ୱଚ୍ଛତା, ପବିତ୍ରତା, ବିନମ୍ରତା, ସଂଯମତା,ସକରାତ୍ମକ ଉର୍ଜା, କରୁଣାଭାବ, ସେବା ଭାବ ଓ ଦିବ୍ୟତା ଅନୁଭବ କରିବାକୁ ପ୍ରବର୍ତ୍ତାଇଥାଏ ଏହି ପବିତ୍ର ପଦ୍ମ । ଜଳରେ ହେଉ କି ସ୍ଥଳରେ ପଦ୍ମ ଯେଉଁଠି ଫୁଟେ ସେ ଚତୁର୍ଦ୍ଦିଗ କେବଳ ବୌଦ୍ଧିକ ଜ୍ଞାନ ବିକଶିତ ହେବାକୁ ସାହାଯ୍ୟ କରେ । ଆମେ ଏ ଭାବକୁ ଧାରଣ କରିପାରିଲେ ଉତ୍ତମତାକୁ ସ୍ପର୍ଶ କରିପାରିବା ।


### ସ୍ଥଳପଦ୍ମର ପ୍ରଜାତି ଓ ପ୍ରକାର

ପୁରାଣ ଅନୁସାରେ ପଦ୍ମ ଫୁଲ ୪ ପ୍ରକାର ବର୍ଣ୍ଣନା କରାଯାଏ ଯଥା– ନୀଳ ପଦ୍ମ, ବ୍ରହ୍ମ ପଦ୍ମ (ବ୍ରହ୍ମ କମଳ), ଫଣା ପଦ୍ମ (ନାଗଲିଙ୍ଗ ବାଶିବ କମଳ) କସ୍ତୁରବା କମଳ (ସ୍ଥଳ ପଦ୍ମ) । ଉଦ୍ଭିଦ ବିଜ୍ଞାନୀମାନଙ୍କ ଅନୁସାରେ କମଳ ବା ପଦ୍ମକୁ ଜଳପଦ୍ମ 'ନିଲେମ୍ବିୟନ ନ୍ୟୁସିଫେରା' ଓ ସ୍ଥଳପଦ୍ମ 'ହିବିସ୍କସ୍ ମୁଟାବିଲିସ୍' ଦୁଇ ଭାଗରେ ବିଭକ୍ତ କରାଯାଇଛି । ସ୍ଥଳ ପଦ୍ମର ଏକ ପ୍ରଜାତି ଭାବେ ଆମେ ବ୍ରହ୍ମକମଳକୁ ମଧ ନେଇପାରିବା ଯାହା ହିମାଳୟରେ ବହୁଳ ଭାବେ ଦେଖାଯାଏ ଓ ଏହା ଏକ ଦୁର୍ଲଭ ଫୁଲ । ଏହା ବ୍ୟତୀତ ପଦ୍ମଫୁଲର ଅନେକ ପ୍ରଜାତି ଓ ପ୍ରକାର ରହିଛି ଯାହାର ସୌନ୍ଦର୍ଯ୍ୟର ପଟାନ୍ତର ନାହିଁ । ଆସନ୍ତୁ ଜାଣିବା ଆଉ କିଛି ପଦ୍ମଫୁଲର ପ୍ରଜାତି ସମ୍ପର୍କରେ ।

### ଏସିଆୟୀ କମଳ (ଏସୀୟ ପଦ୍ମ)

ଭାରତର ସବୁଠାରୁ ସାଧାରଣ ପ୍ରକାରର ଲଟା ଫୁଲ ମଧ୍ୟରୁ ଏହି ପଦ୍ମ ଗୋଟିଏ । ଏହାର ମୂଳ ଉତ୍ପତ୍ତି ସ୍ଥଳ ହେଉଛି ଏସିଆ । ଏହା ସର୍ବୋଚ୍ଚ ୪ ଫୁଟ ପର୍ଯ୍ୟନ୍ତ ବଢିଥାଏ, ଏହି ପଦ୍ମ ଖୁବ୍ ବଡ଼ ଓ ଆକର୍ଷକ ହୋଇଥାଏ, ପତ୍ରଗୁଡ଼ିକ ମଟର ଦାନା ଭଳି ସବୁଜ ରଙ୍ଗର ହୋଇଥାଏ । ଏହି

ପଦ୍ମ ନଦୀ କୂଳମାନଙ୍କରେ ଗୁଚ୍ଛ ଆକାରରେ ଲଟା ଭଳି ମାଡ଼ିଥିବାର ଦେଖାଯାଏ । ଏହି ପଦ୍ମ ଧଳା ଓ ଗୋଲାପୀ ମିଶ୍ରିତ, ଚିକ୍କଣ ପାଖୁଡାଗୁଚ୍ଛ ଓ ଢାଙ୍କି ହୋଇ ରହିଥିବା ଭଳି ଦେଖାଯାଏ ।



## ସ୍ୱର୍ଣ୍ଣ ଚକ୍ର କମଳ (ସ୍ୱର୍ଣ୍ଣ ପଦ୍ମ)

ଯଦି ଆପଣ ପଦ୍ମଫୁଲର ଅତି ସୂକ୍ଷ୍ମ ପ୍ରଜାତି ଦେଖିବାକୁ ଚାହାନ୍ତି, ତେବେ ସ୍ୱର୍ଣ୍ଣ ପଦ୍ମକୁ ହିଁ ଚୟନ କରିବେ । ଏହି ପଦ୍ମ ଧଳା, ହଳଦିଆ ଓ ସବୁଜ ରଙ୍ଗ ମିଶ୍ରିତ ହୋଇଥିବା ଏବଂ ପତ୍ର ସହିତ ପୁରୁଣା ହୁଏ । ପତ୍ରଗୁଡ଼ିକ ହାଲୁକା ଏବଂ ସବୁଜ ରହିଥିବା ବେଳେ ପେଟପତ୍ରଗୁଡ଼ିକ ଧଳା ରଙ୍ଗର ହୋଇଥାଏ ଓ ମଝିରେ ହଳଦିଆ ରଙ୍ଗର ଚକ ଥିବା ପରି ଦେଖାଯାଏ । ସହଜରେ ବୃଦ୍ଧି ବା ବିକଶିତ ହେଉଥିବା ପଦ୍ମ ମଧ୍ୟରୁ ଏହା ଗୋଟିଏ ଯାହାକି ଯେକୌଣସି ଦଳୀୟ ସ୍ଥାନରେ ରୋପଣ କରାଯାଇପାରେ ।

## ଆଞ୍ଜେଲଓ୍ୱିଙ୍ଗ୍ସ୍ (ରୌପ୍ୟ ପଦ୍ମ)

ରୌପ୍ୟକମଳର ପ୍ରଜାତି ଭିତରେ ଆଞ୍ଜେଲ ଓ୍ୱିଙ୍ଗ୍ସ୍ ସବୁଠାରୁ ସୁନ୍ଦର ଓ ଆକର୍ଷଣୀୟ ପଦ୍ମ, କାରଣ ଏହା ଦଶ ଇଞ୍ଚ ବୃହତ୍ ପାଖୁଡା ବିଶିଷ୍ଟ ସ୍ୱଚ୍ଛ ଧଳା ରଙ୍ଗ ଫୁଲ ହୋଇଥାଏ । ଏହି ପଦ୍ମ ଯେକୌଣସି ପରିବେଶରେ ଯେକୌଣସି ତାପମାତ୍ରାରେ ବି ସହଜେ ବୃଦ୍ଧି ହୋଇଥାଏ । ଗ୍ରୀଷ୍ମ ପରେ ଓ ଶରତ ପୂର୍ବରୁ, ଏହି ସମୟ ଫୁଲ ପାଇଁ ଖୁବ୍ ଅନୁକୂଳ ହୋଇଥାଏ । ଏହି ପଦ୍ମ ଖୁବ୍ ନମନୀୟ ଓ ଯେକୌଣସି ଅସ୍ଥାୟୀ ପାତ୍ରରେ, ଅସ୍ଥାୟୀ ଜଳରେ ବି ଭଲଭାବେ ବଢ଼ିପାରେ । ବଢ଼ିବା ପାଇଁ ଅଧିକ ଜଳ ଆବଶ୍ୟକ କରେନାହିଁ ଓ ପବିତ୍ରତା, ଶୁଦ୍ଧତା ଉପଲବ୍ଧି କରାଇଥାଏ ।

## ଚେରି କମଳ (ଚେରି ପଦ୍ମ)

ଚେରିପଦ୍ମ ଦେଖିବାକୁ ଖୁବ୍ ଭବ୍ୟ, ଆକର୍ଷକ ଓ ଆରାମଦାୟକ । ଏହି ପଦ୍ମ ମାତ୍ର ଆଠ ଇଞ୍ଚ ପର୍ଯ୍ୟନ୍ତ ବଢ଼ିଥାଏ ତେଣୁ ଅଧିକ ସ୍ଥାନ ଆବଶ୍ୟକ କରେନାହିଁ । ଏହି ଫୁଲ ଛିଟ ରଙ୍ଗର ଛୋଟ ଛୋଟ ଓ ଅଠର ପାଖୁଡା ବିଶିଷ୍ଟ ହୋଇଥାଏ । ଆକାରରେ ଛୋଟ ହେଲେ ମଧ୍ୟ ଯେକେହି ବି ତାର ରୂପରେ ମନ୍ତ୍ରମୁଗ୍ଧ ହୋଇଯାନ୍ତି । ଏହି ପଦ୍ମ ପ୍ରସ୍ଫୁଟିତ ହେଲେ ସ୍ୱର୍ଗୀୟ ବାତାବରଣ ଉପଲବ୍ଧି ଦିଏ ।

## ଆମେରିକନ୍ ଲୋଟସ୍ (ଆମେରିକୀୟ ପଦ୍ମ)

ଏହି ପଦ୍ମକୁ 'ଓ୍ୱାଟର-ଚିନକ୍ୱାପିନ୍' ମଧ୍ୟ କୁହାଯାଏ । ଉଦାସୀନ ଦେଖାଯାଉଥିବା ଏହି ପଦ୍ମକୁ ବିଶ୍ୱ ପାଇଁ ଏକ ଉପହାର ବୋଲି ଉଦ୍ଭିଦବିଜ୍ଞାନୀ ବିବେଚନା କରନ୍ତି । ଏହାର ପରିଷ୍କୃତ ରୂପ, ସ୍ୱରୁଚିପୂର୍ଣ୍ଣ ସୌନ୍ଦର୍ଯ୍ୟ ଓ ମନୋମହକ ପୁଷ୍ପପ୍ରେମୀଙ୍କୁ ଖୁବ୍ ଆକୃଷ୍ଟ କରେ । ଏହି ଫୁଲ ୨୦ ପାଖୁଡା ବିଶିଷ୍ଟ ହଳଦିଆ ଓ ଧଳା ରଙ୍ଗର ହୋଇଥାଏ ।

## କ୍ଲିଅର ମୁନ କମଳ (ତୋଫାଜହ୍ନ ପଦ୍ମ)

ଏସୀୟ ଅଞ୍ଚଳ ଗୁଡ଼ିକରେ ଅନ୍ୟତମ ପ୍ରିୟ ସ୍ୱଚ୍ଛଚନ୍ଦ୍ର ପରି ଖୁବ୍ ଆକର୍ଷକ ଓ ଲୋକପ୍ରିୟ ପଦ୍ମ ପ୍ରଜାତି ହେଉଛି ତୋଫାଜହ୍ନ ପଦ୍ମ । ଏହି ପଦ୍ମ ଅତି କମ୍‌ରେ ୨୬ ପାଖୁଡା ବିଶିଷ୍ଟ, ଅତ୍ୟଧିକ ଉଚ୍ଚ ଓ କଠିନ ଡାଳରେ ଫୁଟିଥାଏ । ପରିପକ୍ୱ ହେବା ପରେ ଏହା ୧୬ ଇଞ୍ଚ ପର୍ଯ୍ୟନ୍ତ ବଢ଼ିଥାଏ ।

## ସୂର୍ଯ୍ୟମୁଖୀ ପଦ୍ମ

ସୂର୍ଯ୍ୟମୁଖୀ ଫୁଲ ପରି ଏହି ପଦ୍ମ ଶକ୍ତିଶାଳୀ । ସୂର୍ଯ୍ୟର ଉଷ୍ମତା ଓ ଅନୁଗ୍ରହକୁ ପସନ୍ଦ କରେ । ସତେ ଯେମିତି ସେ ସୂର୍ଯ୍ୟ ସହିତ କଥାବାର୍ତ୍ତା କରିବାକୁ ଭଲପାଏ । ଏହି ପଦ୍ମର କେନ୍ଦ୍ର ହଳଦିଆ, ଧଳା ପୁଂକେଶର ଆଚ୍ଛାଦିତ ହୋଇଥାଏ ଓ ପାଖୁଡା ଗୁଡ଼ିକ ଗଭୀର ଗୋଲାପୀ ରଙ୍ଗ ହୋଇଥାଏ । ଏହି ପଦ୍ମ ଉଷ୍ଣକଟିବନ୍ଧୀୟ ଜଳବାୟୁ ପସନ୍ଦ କରେ ଓ ଖୁବ୍ ଆକର୍ଷକ ଫୁଲ ଦେଇଥାଏ ।

## ବ୍ଲୁ ଷ୍ଟାର କମଳ (ନୀଳ ପଦ୍ମ)

ଦକ୍ଷିଣ ପୂର୍ବ ଏସିଆ ଓ ଏସିଆ ଏହି ପଦ୍ମର ମୂଳ ଉତ୍ପତ୍ତି ସ୍ଥଳ । ଏହା ଏପରି ଏକ ପ୍ରଜାତି ଯାହାର ରଙ୍ଗ ଅତିବ ମନୋରମ ଓ ବିବିଧତାରେ ଦେଖିବାକୁ ମିଳେ ଯଥା- ବାଇଗଣି, ନୀଳ, ମାଭ୍ ଓ ଫୁଟିଆଠୁ ଧଳା ପର୍ଯ୍ୟନ୍ତ ଚିଈାଯାଇଥିବା ରଙ୍ଗର ଫ୍ଲାସ ପାଇଁ ଏହା ଜଣାଶୁଣା । ଏହି ଫୁଲ କୋଣ ଅନୁରୂପ ପାଖାପାଖି ୧୫ଟି ଜ୍ୟାମିତିକ ରୂପରେ ପରିପୂର୍ଣ୍ଣ ପାଖୁଡା ବିଶିଷ୍ଟ ହୋଇଥାଏ ଓ ଉର୍ଦ୍ଧ୍ୱକୁ ଚାହିଁ ରହିବା ଭଳି ଦିଶେ । ଏହାର ଆଭ୍ୟନ୍ତରୀଣ ରଙ୍ଗ ସବୁଜ ଓ ହଳଦିଆ ହୋଇଥାଏ ।

## ଔଷଧୀୟ ଉପଚାରରେ ସ୍ଥଳପଦ୍ମ

ଆୟୁର୍ବେଦରେ ସ୍ଥଳପଦ୍ମକୁ ବିଭିନ୍ନ ରୋଗର ଉପଶମ ପାଇଁ ବ୍ୟବହୃତ କରାଯାଇଛି ଯଥା- ଫୁଲିବା, ବିଷାକ୍ତ ହେବା, ସଂକ୍ରମଣ, ପରିସ୍ରାରେ କଷ୍ଟ ହେବା, ଆସ୍ଥମା, ବାତ ରୋଗ, ରକ୍ତସ୍ରାବ, ବିକାର ଇତ୍ୟାଦି । ଗର୍ଭାବସ୍ଥାରେ ସ୍ଥଳପଦ୍ମର ସମ୍ପୂର୍ଣ୍ଣ ଗଛଠିକୁ ଟନିକ୍‌ଭାବେ ପ୍ରସ୍ତୁତ କରାଯାଇ ସେବନ କରାଯାଏ । ଏହାର ଶୁଖିଲା ପତ୍ରକୁ ଚୂର୍ଣ୍ଣ କରି ସେବନ କଲେ ଆସ୍ଥମା ଦୂର ହୋଇଥାଏ । ନବଜାତ ଶିଶୁକୁ କ୍ଷୀର ସେବନ କରାଇବା ଅତ୍ୟନ୍ତ ଜରୁରୀ । ପିଲାକୁ ସ୍ତନ୍ୟପାନ କରାଇବାର କ୍ଷମତା ବଢ଼ାଇବାକୁ ଏହି ପଦ୍ମ ଉପଯୁକ୍ତ ହୋଇଥାଏ । ସ୍ଥଳପଦ୍ମର ଉପଯୋଗ ହୋମିଓପାଥି ସହିତ ଦୁଷ୍ପଭାବ ଦେଇନଥାଏ । ଏହାକୁ ଯେକୌଣସି ଖାଦ୍ୟ ସହିତ ମିଶାଇ ସେବନ କରାଯାଇପାରେ । ସ୍ଥଳପଦ୍ମକୁ ଜଡ଼ିବୁଟିର ଦୁଇଟି ବିଭାଗ କୁହାଯାଏ (୧) ଆଇନିଡିୟମ୍ ସ୍କୁଟି- କୋସମ୍‌ରେ ଏକ୍କଲାଇଜ୍, ଡାଇପେପ୍ଟୋଇଡ୍ ଆଇସୋ ଆର୍ବୋରିନାଲ୍, ସିଟୋସ୍ଟେରାଲ୍, ଫ୍ଲେବୋନାଇଡ୍, ଶର୍କରା, ଟେନିନ୍ ଆଦି ରାସାୟନିକ ଘଟକ ଥାଏ ଯାହା ଅନେକ ରୋଗକୁ ପ୍ରତିରୋଧ କରି ଶରୀରକୁ ଉପଶମ ଦେଇଥାଏ ହିବିସ୍କସ୍, ମିଟାବିଲ୍‌ସ୍‌ରେ ଥାଏ ଆଣ୍ଟି-ଅକ୍ସିଡେଣ୍ଟ, ଜୀବାଣୁରୋଧି , ସୁଜନରୋଧି ଗତିବିଧି, ଯାହା ଉପଚାର ପାଇଁ ଉପଯୋଗ ହୋଇଥାଏ । ସ୍ଥଳପଦ୍ମକୁ ଯଦି ଆପଣ ଉପଶମ ପାଇଁ ପ୍ରତିଦିନ ବ୍ୟବହାର କରିବାକୁ ଚାହୁଁଥାନ୍ତି, ତେବେ ଆୟୁର୍ବେଦ ବିଶେଷଜ୍ଞଙ୍କ ପରାମର୍ଶ ନିତାନ୍ତ ଜରୁରୀ ।



# ସ୍ୱୟଂଭୂ

## ଶିବକଥା ଓ ଶିବଗାଥାରେ ବର୍ଣ୍ଣିତ ଏକ ମହାର୍ଘ୍ୟ ସଂକଳନ

ଚତୁର୍ଦ୍ଦଶ ଭୁବନର ସଦା ମଙ୍ଗଳମୟ କର୍ତ୍ତା ତୁମେ,
ହେ ମହାଶିବ ।
ତୁମେ ଓଁ କାର, ଅନଘ, ଅଗାଧ, ଆଶୁତୋଷ ଆଦିନାଥ ।
ତୁମେ ବି ନଟରାଜ, ନୀଳକଣ୍ଠ, ନାଗଭୂଷଣ, ନୃତ୍ୟପ୍ରିୟ ।
ତୁମେ ମଧ୍ୟ ପରମଜ୍ୟୋତି, ପରମେଶ୍ୱର, ପଶୁପତି, ପିନାକି ।
ତୁମେ ନିତ୍ୟ, ତୁମେ ଚନ୍ଦନ, ଏକ ଅନୁପମ ସାଧନ ।
ତୁମେ ପ୍ରାଣର ପ୍ରାଣସ୍ୱରୂପ, ଜୀବନ ଓ ଜଗତର କାରଣ ।
ତୁମେ ସତ୍ୟ, ଶିବ ଓ ସୁନ୍ଦର ।
ସଂସାରର ସଂଚାଳକ, ସଂସ୍ଥାପକ ଓ ପରିପାଳକ ମଧ୍ୟ ତୁମେ ।
ନର-ସୁର-ଅସୁର-ଦାନବ-ଯକ୍ଷ-ପିଶାଚ, ସବୁରି ଦେବାଧିଦେବ ।
ସକଳ ଇନ୍ଦ୍ରିୟ ଶକ୍ତିର ପ୍ରକାଶକ ।

ତୁମେ ବେଦର ଓଁ କାର, ଶବ୍ଦର ଝଙ୍କାର ।
ସବୁ ମାୟା ଓ ଛାୟାର ଅତୀତ ।
ତ୍ୟାଗ ତୁମର ଭୂଷଣ, ଆଶୁ ଆଶୀର୍ବାଦ ତୁମର ସଂପତ୍ତି ।
ସଂସାରର ସକଳ ଭୟ ଓ ବିପତ୍ତି ନାଶ କରୁଥିବାରୁ ତୁମେ ଶିବ ।
ତୁମେ ତର୍କ ଓ ସ୍ତବର ଉର୍ଦ୍ଧ୍ୱରେ ।
ନିତ୍ୟ ଆନନ୍ଦର ଅପାର ମହାସିନ୍ଧୁରେ
ସକଳ ପ୍ରାଣର ପ୍ରାଣସ୍ୱରୂପ ତୁମେ ।
ସବୁ ସୁଖ, ସଂପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି
ଜୀବଙ୍କ ଅକ୍ଷୟାନନ୍ଦ ପାଇଁ ତୁମେ ସାଜିଛ ନୀଳକଣ୍ଠ ।
ତୁମେ କାହା ଠାରୁ ଜାତ ନୁହେଁ, ନିଜେ ହିଁ ଭୂମିରୁ ପରିପ୍ରକାଶ
ହୋଇଥିବାରୁ ତୁମେ - **ସ୍ୱୟଂଭୂ** ॥

ଅନୁପମ ଶିବକଥା, ଶିବଗାଥା ଏବଂ ଓଡ଼ିଶା - ଓଡ଼ିଶା ବାହାରର ବହୁ ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଉପରେ ଆଲେଖ୍ୟକୁ ନେଇ ପ୍ରକାଶ ପାଇଛି ଏହି ସଂଗ୍ରହଣୀୟ ସଂକଳନ : **ସ୍ୱୟଂଭୂ** ।
**୮୦ ଜଣ ବିଶିଷ୍ଟ ଲେଖକ/ଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି ଏହାର ପୃଷ୍ଠା ।**

**ହାଡ଼ବୋର୍ଡ଼ ବାଇଣ୍ଡିଂ ସହ ୩୮୮ + ୪୦ ପୃଷ୍ଠା ରଙ୍ଗୀନ ଫଟୋଚିତ୍ର ସହିତ**
**ମୂଲ୍ୟ : ୬୦୦ ଟଙ୍କା**


**ପ୍ରାପ୍ତିସ୍ଥାନ :**
**ଏ.କେ. ନାୟକ ଏଜେନ୍‌ସି,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୮୬୧୦୪୬୧୭୯)
**ନାରାୟଣୀ ବୁକ୍ ଷ୍ଟଲ୍,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୬୬୮୧୮୬୯୨୬)
**ମାଧବ ବୁକ୍ ଷ୍ଟୋର୍,** ଭରତିଆ ଟାୱାର, ବାଦାମବାଡ଼ି, କଟକ (୯୩୪୮୮୨୮୭୮୩)
**ନିରଂଜନ ବେହେରା,** BSNL ଅଫିସ୍ ସାମ୍ନା, ଲିଙ୍କରୋଡ଼, କଟକ (୯୪୩୭୨୫୫୭୪୪)
**ଲୋକସଂପର୍କ ବିଭାଗ,** ରୁଚି ଉଦ୍ୟୋଗ, ମଧୁପାଟଣା, କଟକ (୮୧୧୪୩୭୪୭୦୫)

**ପ୍ରକାଶକ:**
**ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର**
**ରଜତ ଜୟନ୍ତୀ ମହୋତ୍ସବ କମିଟି**
ରୁଚି ପରିସର, ଶିଳ୍ପାଂଚଳ
ମଧୁପାଟଣା, କଟକ-୭୫୩୦୧୦
ଯୋଗାଯୋଗ: ୯୪୩୭୨୨୬୭୯୭

* ରୁଚି ଅନୁଷ୍ଠାନରୁ ବିଶେଷ ରିହାତି ମୂଲ୍ୟରେ ପୁସ୍ତକ ଉପଲବ୍ଧ *

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



## ଜୟନ୍ତୀ ରଥ

‘ସାଇସୁଧା’, ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬


ଫଟୋ ସୌଜନ୍ୟ :ଲେଖିକା

**‘ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ’: ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । ‘ରେବତୀ’ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



▲ ଲେଖିକା ଜୟନ୍ତୀ ରଥ

# ୨୯ ପ୍ରଜ୍ଞାପୀଠରେ ତେତିଶ ବର୍ଷ

ଯେତେବେଳେ ଈଶ୍ୱର ସମ୍ମାନ ଦେବାକୁ ଚାହାନ୍ତି, ସେତେବେଳେ ମଣିଷର ଅପମାନ କରିବାର ଇଚ୍ଛା ମାଟିରେ ମିଶିଯାଏ । ଅଭିଲେଖାଗାରରେ କାର୍ଯ୍ୟ କରିବା ସମୟରେ ଏହି ଧାରଣା ତା’ର ଦୃଢ଼ୀଭୂତ ହୋଇଥିଲା । ଦୁଃଖ ଦହନର ସ୍ୱର୍ଣ୍ଣାଲୋକ ଭିତରେ ସେ ଈଶ୍ୱରଙ୍କ ଅସ୍ତିତ୍ୱ ଉପଲବ୍ଧି କରିଥିଲା । ବୃତ୍ତି ଜୀବନର ଅଗ୍ନିପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇଥିଲା ।

ଲୁପ୍ତ କଳା ସାମଗ୍ରୀ ତାକୁ ହାତ ଠାରି ଡାକୁଥିଲେ ସ୍ୱପ୍ରକାଶ ପାଇଁ । ସାରା ଓଡ଼ିଶାର ବଣ, ମାଟି, ପବନ ତାକୁ ଡାକୁଥିଲା । ଖିଚିଙ୍ଗ୍‌ର କୀଚକେଶ୍ୱରୀ ମନ୍ଦିର ଦର୍ଶନ ନକଲେ ପରମାନନ୍ଦଙ୍କ ଉପରେ ଲେଖୁଥିବା ମନୋଗ୍ରାଫ୍ ସଂପୂର୍ଣ୍ଣ ହୋଇନଥାନ୍ତା । ସମଗ୍ର ବିଶ୍ୱର ମନ୍ଦିର ନିର୍ମାଣର ଇତିହାସରେ କୀଚକେଶ୍ୱରୀ ମନ୍ଦିର ଏକ ଅନନ୍ୟ ବ୍ୟତିକ୍ରମ । ଏହି ମନ୍ଦିରଟି କାଳର ପ୍ରବାହରେ ଧ୍ୱଂସପ୍ରାପ୍ତ ହୋଇଥିଲା । ସେହି ପୁରାତନ ପ୍ରସ୍ତର ଖଣ୍ଡ ଯୋଡ଼ି ଯୋଡ଼ି ଏହି ମନ୍ଦିରର ପୁନର୍ନିର୍ମାଣ କରିଥିଲେ ପରମାନନ୍ଦ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିଦ୍ ରମା ପ୍ରସାଦ ଚାନ୍ଦଙ୍କ ତତ୍ତ୍ୱାବଧାନରେ । ଏହି ମନ୍ଦିରର ପାର୍ଶ୍ୱରେ କମନୀୟ କାରୁକାର୍ଯ୍ୟ ସମ୍ପନ୍ନ କୁଟେଇଚୁଣ୍ଡୀ ମନ୍ଦିର । ଜୀର୍ଣ୍ଣ ପ୍ରତ୍ନସମ୍ପଦକୁ ନେଇ ଏକ କ୍ଷୁଦ୍ର ଅଥଚ ସୁନ୍ଦର ସଂଗ୍ରହାଳୟ । ଏହି ସଂଗ୍ରହାଳୟର ପୁନଃ ସଂଗଠନ ପାଇଁ ଏକ ବିସ୍ତୃତ ବିବରଣୀ ପ୍ରସ୍ତୁତ କରିଥିଲା ବେବି । ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ  ଆତ୍ମା ଶାନ୍ତି ପାଇବ ଏ ସଂଗ୍ରହାଳୟର ପୁନଃନିର୍ମାଣ ହେଲେ । ଖିଚିଙ୍ଗ୍‌ରେ କଳା ମୁଗୁନି ପଥରରେ ସୁନ୍ଦର ସୁନ୍ଦର ମୂର୍ତ୍ତି କିଣିବାକୁ ମିଳେ । ଗସ୍ତକାଳରେ ସେ ଦୁଇଟି ମୂର୍ତ୍ତି ବାଛିଥିଲା । ଗୋଟିଏ ବ୍ୟାଘ୍ର ଉପରେ ଆସୀନ ଚତୁର୍ଭୁଜା ଦୁର୍ଗାମୂର୍ତ୍ତି । ଆଉ ଗୋଟିଏ କଦମ୍ବ ବୃକ୍ଷ ତଳେ ବଂଶୀବାଦନ କରୁଥିବା କୃଷ୍ଣମୂର୍ତ୍ତି । ଦୁର୍ଗାମୂର୍ତ୍ତିଟି ଏବେ ବି ତା’ର ପୂଜା ଆସ୍ଥାନରେ । କୃଷ୍ଣ ମୂର୍ତ୍ତିଟି ତା’ର ସ୍ମୃତି ଭିତରେ ସତେଜ ଅଛନ୍ତି । ଦୁଇଟି ମୂର୍ତ୍ତି ଏକକାଳୀନ ଆଣି ପାରିଲା ନାହିଁ । ପାଖରେ ଟଙ୍କା ନଥିଲା । ତା’ର ବିଶ୍ୱାସ ଅଛି ସେଇଭଳି ବିଗ୍ରହଟିଏ ସେ ଦିନେ ନା ଦିନେ ପାଇବ ।

ସାଲେପୁରର ଅବକ୍ଷୟ ଗ୍ରସ୍ତ ସଂଗ୍ରହାଳୟର ନବୀକରଣ ନିମନ୍ତେ ଯତ୍‌ପରୋନାସ୍ତି ଚେଷ୍ଟା କରିଥିଲା ବେବି । ଯେତେବେଳେ ଏହି ସଂଗ୍ରହାଳୟର କାର୍ଯ୍ୟ ତଦାରଖ କରିବାକୁ ଯାଏ, ସେ ନିଶ୍ଚିତ ଭାବରେ ଯାଏ ଶୁକ୍ଳେଶ୍ୱରୀ ଭଗବତୀଙ୍କୁ ଦର୍ଶନ କରିବା ପାଇଁ । ବିରାଟ ଦଶଭୁଜା ମୂର୍ତ୍ତି ଦଶ ହାତରେ ଦଶଟି ଆୟୁଧ । କଳା ପାହାଡ଼ ଆକ୍ରମଣ ବେଳେ ମୂର୍ତ୍ତିଟି କ୍ଷତବିକ୍ଷତ ହୋଇଥିଲା ସଂପୂର୍ଣ୍ଣ ବିନଷ୍ଟ ହୋଇ ନଥିଲା । ମୂର୍ତ୍ତିଟିର ପୁନଃ ଗଠନ କରାଯାଇ ପୂଜାବିଧି ପାଳନ କରାଯାଉଚି ମନ୍ଦିରର ଅନତି ଦୂରରେ ଏକ ପ୍ରାଚୀନ ମହାଦେବ ମନ୍ଦିର ସମ୍ଭବତଃ ୭ମ /୮ମ ଶତାବ୍ଦୀର । ମନ୍ଦିରର ଦଧିନଉତି ଭାଙ୍ଗି ପଡ଼ିଛି । ତା ଉପରେ ସ୍ଥାନୀୟ ଲୋକେ ଗୋବରରେ ଘଷି ପକଉଛନ୍ତି । ମନ୍ଦିରର ଅବଶିଷ୍ଟାଂଶର କାରୁକାର୍ଯ୍ୟ ଦେଖିଲେ ଅବାକ୍ ହେବାକୁ ପଡ଼େ ।

ସାଲେପୁର ନିକଟସ୍ଥ ଚାଟେଶ୍ୱର ମନ୍ଦିର । ପୂର୍ବକଚ୍ଛର ପ୍ରାଚୀନ ନୃସିଂହ ମନ୍ଦିର ଦେଖିଲେ ମନେହୁଏ ଅତୀତରେ ଏହା ଏକ ବିରାଟ ପୁଣ୍ୟସ୍ଥଳ ଥିଲା । ସାଲେପୁର ଶାକ୍ତ, ଶୈବ, ବୈଷ୍ଣବମାନଙ୍କର ଉପାସନା ପୀଠ ଥିଲା । ଏବେ ବି ମାଟି ତଳୁ ଏଠି ବିରାଟ ନୃସିଂହ ମୂର୍ତ୍ତି ବାହାରୁଚି ।

ବେବିର ବୃତ୍ତିଗତ କାର୍ଯ୍ୟ ସହ ଦେବ ଦର୍ଶନ ସଂଯୁକ୍ତ ହୋଇଯାଉଥିଲା ।

ମନ ଭିତରେ ସେ ଅପୂର୍ବ ଶାନ୍ତି ପାଉଥିଲା ବିକଳ କରଙ୍କ ଦୋକାନର ବରା, ଡାଲମା, ରସଗୋଲା ବି ଥିଲା ତା’ର ସାଲେପୁର ଗସ୍ତର ଅନ୍ୟ ଏକ ଆକର୍ଷଣ ।

ଯେତେବେଳେ ସାଲେପୁର ଯାଉଥିଲା ସେ କଦାପି ଭୁଲୁ ନ ନଥିଲା । ମଧୁବାବୁ ପବିତ୍ର ଜନ୍ମଭୂମି ସତ୍ୟଭାମାପୁର ଯିବାକୁ । ମଧୁବାବୁ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ । ମଧୁବାବୁ ଓଡ଼ିଶାର ଗର୍ବ ଓ ଗୌରବ । ସତ୍ୟଭାମାପୁରର ଘରର ଅଙ୍ଗନରେ ଠିଆ ହେଲେ ଏବେବି ଲାଗେ ମଧୁବାବୁ ଅଛନ୍ତି । ସୁରେନ୍ଦ୍ର ମହାନ୍ତିଙ୍କ କାଳଜୟୀ ଉପନ୍ୟାସ ‘ଶତାବ୍ଦୀର ସୂର୍ଯ୍ୟ’, ‘କୁଳବୃଦ୍ଧ’ ପଢ଼ିଲା ବେଳେ ତାକୁ ଲାଗିଥିଲା ସେ ମଧୁବାବୁଙ୍କୁ ପ୍ରତ୍ୟେକ୍ଷରେ ଦର୍ଶନ କରୁଛି । ବହୁବର୍ଷ ପରେ ‘ପଗଡ଼ି ପୁରୁଷ’ ଉପନ୍ୟାସ ପଢ଼ିଲା ବେଳେ ସ୍ମୃତିରେ ଜିଇଁ ଉଠିଥିଲା ମଧୁବାବୁଙ୍କ ଶୈଶବ, କୈଶୋର, ତାଙ୍କ ଜୀବନର ସଂଗ୍ରାମ ଓ ସଂଘର୍ଷ ।

ସତ୍ୟଭାମାପୁରର କୋଠିରେ ଏବେ ବି ଗୋଟିଏ ଗଛ ଅଛି....ତୀକ୍ଷ୍‌ଣ ସବୁଜ ରଙ୍ଗର କଣ୍ଟା ଉପରେ ଛୋଟ ଛୋଟ ନାଲି ଫୁଲ ଫୁଟେ । ସେଇ ନାଲି ଫୁଲ ଗଛକୁ ସ୍ଥାନୀୟ ଛୋଟ ପିଲାମାନେ ନାଁ ଦେଇଛନ୍ତି ଟିକିଲି ଫୁଲ ।

▼କୀଚକେଶ୍ୱର ମନ୍ଦିର, ଖିଚିଂ



ମଧୁବାବୁଙ୍କ ସମଗ୍ର ଜୀବନଟା ଥିଲା କଣ୍ଟା ଉପରେ ଫୁଲ ପରି । ଫୁଲର ଶୋଭା ଥିଲା ଅନ୍ୟମାନଙ୍କ ପାଇଁ । କଣ୍ଟାର ଆଘାତ ଥିଲା ନିଜ ପାଇଁ । ସେଇ ଘର ଭିତରେ ସଂରକ୍ଷିତ ହୋଇ ରହିଛି ମଧୁବାବୁଙ୍କ ଜନ୍ମକୋଷ୍ଠୀ । ସେ କୋଷ୍ଠୀରେ ସୂଚନା ଅଛି ଯେ ଜୀବନରେ ଦାମ୍ପତ୍ୟ ସୁଖ ନଥିଲା...ଆଉ ଯାହା ଯାହା କୁହାଯାଇଛି ତାହା ବି ସତ୍ୟ ପ୍ରମାଣିତ ହୋଇଛି ତାଙ୍କ ଜୀବନରେ । ଜାତକ ମିଛ । ପୁରୁଷାର୍ଥ ବଳରେ ମଣିଷ ଅସାଧ ସାଧନ କରିପାରେ । ମଧୁବାବୁ ଅସାଧ୍ୟ ସାଧନ କରିଥିଲେ ।

କିନ୍ତୁ ତାଙ୍କ ଜୀବନ ଯେ ବିଡ଼ମ୍ବିତ ଥିଲା, ରିକ୍ତ ଥିଲା, ଏକଥା କ'ଣ କିଏ ଅସ୍ୱୀକାର କରିବେ ?

ଅଭିଲେଖାଗାରରେ କାମ କଲାବେଳେ ସେ ଦେଖିଥିଲା ଜଣେ ମଧୁପ୍ରେମୀ- ମଧୁପାଗଳ ମଣିଷଙ୍କୁ । ଖରା ବର୍ଷା ନ ମାନି କିଛି ବାଟ ବସ୍‌ରେ କିଛି ବାଟ ଚାଲି ଚାଲି ସେ ଆସି ପହଞ୍ଚି ଯାଉଥିଲେ ଅଭିଲେଖାଗାରରେ । ଉଦ୍ଦେଶ୍ୟ ମଧୁବାବୁଙ୍କ ଜୀବନର ଅନାଲୋଚିତ ଅଧ୍ୟାୟ ଉଦ୍‌ଘାଟନ କରିବା । ତାଙ୍କ ନାଁ ସୁରସିଂହ ପଟ୍ଟନାୟକ । ଅବିବାହିତ ଥିଲେ । ଉଚ୍ଚ ପଦାଧିକାରୀ ଥିଲେ । ନିଜର ଘର କରି ନଥିଲେ । ଜଣେ କୃତବିଦ୍ୟ ପ୍ରଧାନ ଶିକ୍ଷକ ଦିବ୍ୟସିଂହ ପଟ୍ଟନାୟକଙ୍କ ପୁତ୍ର ସୁରସିଂହ କେତେ ବେଶି ଭଲ ପାଉଥିଲେ ମଧୁବାବୁଙ୍କୁ କହିହେବ ନାହିଁ ।

ଭଲ ପାଇବାଟା ଗୋଟାଏ ଅଦ୍ଭୁତ ଭାବ । ମଧୁବାବୁଙ୍କର ବ୍ୟକ୍ତିତ୍ୱ ଉତ୍ତୁଙ୍ଗ ଥିଲା । ଦେଶ ପାଇଁ, ଓଡ଼ିଆ ଜାତି ପାଇଁ ତାଙ୍କର ଅବଦାନ ଅତୁଳନୀୟ ଥିଲା । ତାଙ୍କୁ ଭଲପାଇବା ପଛରେ ଯଥାର୍ଥ କାରଣ ଥିଲା । ସେଥିପାଇଁ ସେ ଆଜୀବନ ତାଙ୍କୁ ଖୋଜୁଥିଲେ ।

କିନ୍ତୁ ଜଣକୁ ଖୋଜିବା ଆଉ ଜଣକ ପାଇଁ ଜୀବନ ହାରିଦେବା- ଏକାକଥା ନୁହେଁ । ତାମିଲନାଡୁର ମୁଖମନ୍ତ୍ରୀ ଜୟ ଲଳିତାଙ୍କୁ ମୃତ୍ୟୁ ସମ୍ବାଦ ଶୁଣି ବହୁଜଣ ଆତ୍ମହତ୍ୟା କରିଥିଲେ । କାହିଁକି ? ଜିଆଖାନ୍ ନାମରେ ଜଣେ ନବାଗତା ଚଳଚ୍ଚିତ୍ର ଅଭିନେତ୍ରୀଙ୍କ ଆତ୍ମହତ୍ୟା ଖବର ଶୁଣି ୧୦/୧୧ ବର୍ଷର କିଶୋରଟିଏ ଆତ୍ମହତ୍ୟା କରି ଦେଇଥିଲା । ଭଗ୍ନପ୍ରେମ, ବୃତ୍ତିଗତ ବିଫଳତା ପାଇଁ ଜୀବନ ହାରିଲେ ଜିଆ । ମାତ୍ର ଏ କିଶୋରଟି କାହିଁକି ବରିନେଲା ମୃତ୍ୟୁ ।

ଏମିତି କେତେ ଅଗଡ଼ ବଗଡ଼ କଥା ଭିତରେ କଥା ଭିତରେ କେତେ ମଂଜ କଥା ବି ଥାଏ । ଅନୁରକ୍ତି / ବିରକ୍ତି, ଆସକ୍ତି / ଅନାସକ୍ତି, ପ୍ରେମ / ଘୃଣା ଏସବୁ ଅଦୃଶ୍ୟ ବନ୍ଧନ । ବେବି ତା'ର ଅନୁଭବରୁ ଜାଣେ ।

ସଂଗ୍ରହାଳୟରେ ରତ୍ନଗିରି ମହାବିହାରର ଏକ ସ୍ତୁପ ତଳୁ ଆବିଷ୍କୃତ ବୁଦ୍ଧଙ୍କ ଦନ୍ତର ପ୍ରଦର୍ଶନୀ ହୋଇଥିଲା ୭ଦିନ ପାଇଁ । ୨୦୧୩ ମସିହାରେ । କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ । ମାଟିର ବଡ଼ ଫରୁଆ । ତା ଭିତରେ ରୂପାର ଫରୁଆ । ତା' ଭିତରେ ସୁନାର ଫରୁଆ । ତା ଭିତରେ ପବିତ୍ର ଦନ୍ତର ଅବଶେଷ । ପ୍ରଦର୍ଶିତ ଦନ୍ତାବଶେଷକୁ ଦେଖିବା ପାଇଁ ନେପାଳ, ଶ୍ରୀଲଙ୍କା, ଥାଇଲାଣ୍ଡ, ତିବ୍ବତ, ଜାପାନରୁ ବୌଦ୍ଧ ଭିକ୍ଷୁମାନେ ଆସୁଥିଲେ । ସେମାନଙ୍କ ମଧ୍ୟରୁ କେତେ ଜଣ କୋହ ସମ୍ବରଣ କରି ନପାରି କାନ୍ଦି ପକଉଥିଲେ ।

ଯେମିତି କାଳିଆର ଚକା ଆଖି ଦେଖି ଓଡ଼ିଆ କାନ୍ଦେ । ସେ କାନ୍ଦିବାର କାରଣ ବର୍ଣ୍ଣି ହେବ ନାହିଁ ।

ସଂଗ୍ରହାଳୟରେ ସଂରକ୍ଷିତ ଏ ବ୍ରୋଞ୍ଜ୍‌ର ବଜ୍ରହୁଙ୍କାର ମୂର୍ତ୍ତି ବି କିଛିଦିନ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ରଖା ଯାଇଥିଲା । ଏହି ମୂର୍ତ୍ତିଟି ଫେଷ୍ଟିଭାଲ ଅଫ ଇଣ୍ଡିଆ (ବେଲଜିୟମ)ରେ ପ୍ରଦର୍ଶିତ ହୋଇ ଆସିଥିଲା । ଦିଲ୍ଲୀ, ମୁମ୍ବାଇ, ଗୁଜୁରାଟରୁ ଗବେଷକମାନେ ଆସି ଏହି ମୂର୍ତ୍ତି ସମ୍ମୁଖରେ ଧ୍ୟାନରେ ବସୁଥିଲେ । ଉଗ୍ର, କରାଳ ରୂପ ଏ ବୌଦ୍ଧ ଦେବତାଙ୍କର । ତଥାପି ଏ ମୂର୍ତ୍ତି ଦେଖିବା ପାଇଁ କେତେ ଗହଳି ।

ହିନ୍ଦୁମାନେ ନୃସିଂହଙ୍କର କରାଳ ମୂର୍ତ୍ତି ପୂଜା କରନ୍ତି । କାଳୀଙ୍କର ଭୟଙ୍କର ମୂର୍ତ୍ତି ପୂଜା କରନ୍ତି । ବୋଧହୁଏ ଏଇଥିପାଇଁ ଯେ ଭୟଜନିତ ଭକ୍ତି ବେଶୀ ଗଭୀର ବୋଲି ସେମାନଙ୍କର ବିଶ୍ୱାସ ।

ହଁ । ପ୍ରଦର୍ଶନୀ ପୁଣି କେତେ ପ୍ରକାର । ଛୁଆଟେ ଲଙ୍କା ଖାଇଦେଲେ କେମିତି କାନ୍ଦେ । ଭୋକ ହେଲେ କେମିତି କାନ୍ଦେ । ସବୁ ପ୍ରକାର କାନ୍ଦରେ ମୁହଁର ଭଙ୍ଗୀ ଅଲଗା । ନାସିକ ନିକଟସ୍ଥ ଅଞ୍ଜନେରିରେ ଥିବା ମୁଦ୍ରା ସଂଗ୍ରହାଳୟରେ ଦେଶ ବିଦେଶର ପ୍ରାଚୀନ ମୁଦ୍ରାର ପ୍ରଦର୍ଶନୀ ସହ ରହିଛି ଏମିତି ବିରଳ ଫଟୋର ପ୍ରଦର୍ଶନୀ । ଫଟୋଗ୍ରାଫର ଏ.କେ. ମାହେଶ୍ୱରୀ । ଏଭଳି ବିଚିତ୍ର ଖିଆଲ ମୁଣ୍ଡକୁ ଆସେ କେମିତି । ଫୁଲର, ପାହାଡ଼ର, ପର୍ବତର, କୁନି ପିଲାର କଢ଼ି ପରି ଆଙ୍ଗୁଠିରେ....କେତେ ଜୀବନ୍ତ, ମନୋହର ଫଟୋ ପ୍ରଦର୍ଶନୀ ।

ଖବର କାଗଜରେ ପଢ଼ିଥିଲା ଭଗ୍ନ ସଂପର୍କର ପ୍ରଦର୍ଶନ ପାଇଁ କୁଆଡ଼େ ଗୋଟିଏ ମ୍ୟୁଜିୟମ ଅଛି । ସେଠି ବହୁ ପ୍ରତିଷ୍ଠିତ ଅଭିନେତା, ଶିଳ୍ପୋଦ୍ୟୋଗୀ ଏବଂ ନାମୀ ଦାମୀ ମଣିଷଙ୍କ ବିଫଳ ପ୍ରଣୟର କଥା ଦର୍ଶା ଯାଇଛି । ପ୍ରକାଶିତ ଏକ ସେଇ ଛୋଟ ସମ୍ବାଦରୁ ଜାଣିଥିଲା ଅଭିନେତା ନବୀନ ନିଶ୍ଚଳଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଥିଲେ ମଦ୍ୟପ ସ୍ୱାମୀର ନିର୍ଯାତନା ସହି ନପାରି । ଚଳଚ୍ଚିତ୍ର ପରଦାରେ ଅତି ଶାନ୍ତ, ଅତି ସଂଯମୀ ଦେଖାଯାଉଥିବା ମଣିଷଟି ବ୍ୟକ୍ତିଗତ ଜୀବନରେ ନିଷ୍ଠୁର ଥିଲେ । ସେ ନିଃସନ୍ତାନ ଥିଲେ ।



▲ଚାଟେଶ୍ୱର ମନ୍ଦିର, ସାଲେପୁର

ସାନଭାଇଙ୍କ ନାଁରେ ଘର କିଣିଥିଲେ ନବୀନ । ଦୁଃସମୟରେ ଭାଇ ତାଙ୍କୁ ସେ ଘରୁ ତଡ଼ି ଦେଇଥିଲେ ।

କଳା, ସାହିତ୍ୟ ଜଗତରେ ବହୁ ପ୍ରତିଭାବାନ୍ ଶିଳ୍ପୀଙ୍କର ଜୀବନରେ ଏଭଳି କରୁଣ ପରିଣତି ବିଷୟରେ ସେ ଶୁଣିଛି । ସବୁଠି କାରଣ ପାରିବାରିକ ନୁହେଁ । କେଉଁଠି ବୃତ୍ତିଗତ ଅସଫଳତା, କେଉଁଠି ବନ୍ଧୁ ବିଦ୍ୱେଷ, କେଉଁଠି ସତୀର୍ଥମାନଙ୍କ ଷଡ଼ଯନ୍ତ୍ର ଟାଣି ନେଇଛି ସେମାନଙ୍କୁ କାଳର ଗହ୍ୱରକୁ ।

"ତେବେ କାହିଁ ବନ୍ଧୁତା କାହିଁ
ପ୍ରେମ ସୁନ୍ଦର
ଯା'ର ପ୍ରାପତି ଯୋଗୁଁ
ଦେବତା ନର ।"

କବିଙ୍କର ଏହି ଉକ୍ତିଟି ବାରମ୍ବାର ଅନୁରଣିତ ହୋଇଛି ତା' ଜୀବନରେ । ବାନ୍ଧବୀ ସୁଦେଷ୍ଣା । ଚିତ୍ରାନୁରାଗିଣୀ । ମ୍ୟୁଜିୟମର ଚିତ୍ରଶିଳ୍ପୀ ହରିଶ ଚନ୍ଦ୍ର ସିହ୍ନାବାବୁଙ୍କ ପାଖକୁ ମଝିରେ ମଝିରେ ଆସୁଥିଲା ସେ ଆଙ୍କୁଥିବା ପୋଟ୍ରେଟ୍ ଦେଖେଇବା ପାଇଁ । ତାଙ୍କଠୁ କାମ ସରିଲେ, ବେବି ପାଖେ ଆସି ବସୁଥିଲା । ହସେଇ ରସେଇ କଥା କହିବାରେ ନିପୁଣା ସୁଦେଷ୍ଣା । ଶିଶୁ ଓ ନାରୀ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ଗୋଟିଏ ଏନ୍‌ଜିଓ ସଂସ୍ଥାରେ କାମ କରୁଥିଲା । ଥରେ ନାରୀ ପ୍ରସଙ୍ଗକୁ ନେଇ ତାଙ୍କ ସଂସ୍ଥା ତରଫରୁ ଏକ ଆଲୋଚନାଚକ୍ରକୁ ତାକୁ ଡାକିଥିଲା । ସେଠି ନିର୍ଭୟା ହତ୍ୟାକାଣ୍ଡକୁ ନେଇ ସେ ଲେଖିଥିବା ଏକ କବିତା ପଢ଼ିଥିଲା ବେବି । ଚିରଶ୍ରୀ ନାନୀ ଉପରେ ଲେଖିଥିବା କେତୋଟି କବିତା ପଢ଼ିଥିଲେ । ସମବେତ ଶ୍ରୋତା ମୁଗ୍ଧ ହୋଇ ଯାଇଥିଲେ ସେମାନଙ୍କ କବିତା ଶୁଣି । ପଛକୁ ପଛ ଆହୁରି ବହୁତ କବିତା ପଢ଼ାଗଲା । ଶୀତଦିନର ଅପରାହ୍ନ । ବେବି ପାଖରେ ଗରମ ପୋଷାକ ନଥିଲା । ସେ ଜାକିଜୁକି ହୋଇ ବସିଥିବା ଦେଖି ସୁଦେଷ୍ଣା ତା'ପାଖରେ ଆସି ବସିଲା । ସେ ଘୋଡ଼େଇ ହୋଇଥିବା ଲମ୍ବା କାଣ୍ଡିଆ ଚାଦରଟି ତା ଉପରେ ବେଢ଼େଇ ଦେଲା ।

ସ୍ନେହରେ ଅନାବିଳ ଭଲ ପାଇବାରେ ଏତେ ଉଷ୍ମତା ଥାଏ ! ବେବିର ଆଖି ଜକେଇ ଯାଇଥିଲା ଲୁହରେ ।

ବୋଉ ଚାଲିଯିବା ପରେ ତା' ମନ ଶୋକାଚ୍ଛନ୍ନ ରହୁଥିଲା ସବୁବେଳେ । ସେତେବେଳେ ଏକ ପ୍ରକାର ବାଧ୍ୟ କରି ତାକୁ ଭାଇଜାଗ୍ ନେଇଯାଉଥିଲା ଇତି ଅପା, ତା'ପାଖକୁ । ଇତି ଅପା ଇତିହାସର ଛାତ୍ରୀ । ତା' ଉପର ବ୍ୟାଚ୍‌ର ବିଜେବିରେ, ବାଣୀବିହାରରେ ପଢୁଥିଲା । ପଢ଼ା ସରିଲା ପରେ କିଛିଦିନ ରେଭେନ୍ସା କଲେଜରେ ଅଧ୍ୟାପନା କରୁଥିଲା । ଇତିଅପାର ସ୍ୱାମୀ ଧୀର ଭାଇ (ଧୀରେନ୍ଦ୍ର ମହାନ୍ତି) ଭାଇଜାଗ୍ ପୋର୍ଟଟ୍ରଷ୍ଟର ପ୍ରବନ୍ଧକ ପଦବୀରେ ଥିଲେ । ଇତି ଅପା ରାତି ଦୁଇଟା ତିନିଟା ଯାଏଁ ତା'ପାଖେ ବସି ଗପେ । ତା'ର ମନ ବଦଳେଇବା ପାଇଁ ବଖାଣେ ତା' ଜୀବନରେ ଅନୁଭୂତି । ତା' ଶ୍ୱଶୁର ବପ୍ର ଚରଣ ମହାନ୍ତି ବିରାଟ ସ୍ଥପତି । ସେ କାମ କରୁଥିବା ବେଳେ ଇତି ଅପା ଚା' ଧରି ପଛରେ ଠିଆ ହୋଇଥାଏ । ଡାକି ପାରେ ନାହିଁ । ଭାବେ ତାଙ୍କର ଧ୍ୟାନ ଭଗ୍ନ ହେବ । ସେ ଏମିତି ନିମଗ୍ନ ଥାଆନ୍ତି ଯେ, ଚା' ନେବାକୁ ଭୁଲି ଯାଆନ୍ତି । ବେଳେବେଳେ ୩/୪ ଥର ଚା କରି ତାକୁ ତାଙ୍କ ପଛରେ ଠିଆ ହେବାକୁ ପଡ଼େ । ଅପେକ୍ଷା କରିବାକୁ ପଡ଼େ ତାଙ୍କର ଧ୍ୟାନ ଭାଙ୍ଗିବାର ମୁହୂର୍ତ୍ତକୁ ।



▼ସୁଲେଖିକା ପୁଣ୍ୟପ୍ରଭା ଦେବୀ

ପାର୍ଲିଆମେଣ୍ଟ ପରିସରରେ ଥିବା ବିର୍ସାମୁଣ୍ଡାଙ୍କ ଆବକ୍ଷ ପ୍ରତିମୂର୍ତ୍ତି ତାଙ୍କର କୃତି । ବିର୍ସାମୁଣ୍ଡାଙ୍କୁ ସେ ଦେଖି ନଥିଲେ । ତାଙ୍କର ପରିଷ୍କାର ଭାବେ ଦୃଶ୍ୟ ହେଉଥିବା ଫଟୋ ନଥିଲା । ତାଙ୍କର ଜିଦ୍ ସେ କାମଟି କରିବେ । ଗଲେ ତାଙ୍କ ଗାଁକୁ । ବୁଢ଼ା ବୁଢ଼ୀ ଲୋକମାନଙ୍କର ତାଙ୍କ ଚେହେରା ସଂପର୍କରେ ବୟାନ ଶୁଣିଲେ । ତାଙ୍କ ପୁତୁରା ଓ ଅନ୍ୟାନ୍ୟ ବଂଶଧରଙ୍କ କପାଳ, ନାକ, ଓଠ, ଆଖି ଏସବୁ ତନ୍ନ ତନ୍ନ ନିରୀକ୍ଷଣ କଲେ । ତା'ପରେ ଆଗେଇଲେ ତାଙ୍କ କାମରେ । କଳ୍ପନା କେବଳ କଳ୍ପନାରୁ ଉଦ୍‌ଭୂତ ସେଇ ପ୍ରତିମୂର୍ତ୍ତି କେତେ ଜୀବନ୍ତ !

ଇତି ଅପା ସାଧମତେ ଚେଷ୍ଟା କରୁଥିଲା ତାକୁ ଅକ୍ଷର ପାଖକୁ, ଶବ୍ଦ ପାଖକୁ ଫେରାଇ ଆଣିବାକୁ । ଭାଇଜାଗ୍‌ରେ ରହୁଥିଲେ ବିଶିଷ୍ଟ ଓଡ଼ିଆ କବି, ଗାଳ୍ପିକା, ଔପନ୍ୟାସିକା ପୁଣ୍ୟପ୍ରଭା ଦେବୀ । ସମସ୍ତଙ୍କର ଆଦରଣୀୟା ସମ୍ମାନନୀୟା ମାଉସୀ । ତାଙ୍କୁ ଏବଂ ଆଉ କେତେ ଜଣ ସାହିତ୍ୟାନୁରାଗୀ ବାନ୍ଧବୀଙ୍କ ଇତି ଅପା ଘରକୁ ଡାକି ଏକ ବନ୍ଧୁମିଳନର ଆୟୋଜନ କରିଥିଲା । ସେମାନଙ୍କ ସହିତ ଅନ୍ତରଙ୍ଗ ଆଳାପ ବିନିମୟ କରି ବେବିର ଶୋକ ଜର୍ଜରିତ ହୃଦୟ ଶୀତଳ ହୋଇଥିଲା ।

ଏମିତି ସବୁବେଳେ ଚିଠିପତ୍ର କି ଫୋନ୍‌ରେ କଥାବାର୍ତ୍ତା ନଥାଏ । କିନ୍ତୁ ଦରକାର ବେଳେ ଇତି ଅପା ଆସି ପାଖରେ ଠିଆ ହୋଇଥାଏ ।

ଭାଇଜାଗ୍‌ରେ ଏବେ ବି ଅଛନ୍ତି ବନ୍ଧୁ ପ୍ରମୋଦ ମହାପାତ୍ର । ଷ୍ଟିଲ୍ ପ୍ଲାଣ୍ଟରେ Executive Director ଭାବରେ ଅବସର ନେଲେ । ଇତି ଅପା ପାଖକୁ ଭାଇଜାଗ୍ ଯାଇଥିବା ବେଳେ ପ୍ରମୋଦ ଆସିଥିଲେ ପାଖକୁ । ବୋରା କେଭ୍‌ସ୍, ଆରକୁ ଭ୍ୟାଲି, ସୀମାଞ୍ଚଳ ମନ୍ଦିର ସ୍ୱାମୀଙ୍କ ସହ ସେ ଯାଇଥିଲା ପ୍ରମୋଦଙ୍କ ତତ୍ତ୍ୱାବଧାନରେ । ପ୍ରମୋଦ ତାର ସହପାଠୀ ଥିଲେ । ଭାଇଜାଗ୍‌ରୁ ଓଡ଼ିଶାଆସିଲା ବେଳେ, ଅନ୍ୟ ବନ୍ଧୁମାନଙ୍କୁ ଭେଟିଲା ବେଳେ ତା' ପାଖକୁ ବି ଚାଲି ଆସନ୍ତି । ପଢ଼ା ସରିଲାଣି, ଚାକିରି ସରିଗଲାଣି । କିନ୍ତୁ ଏବେ ବି ଯୋଗାଯୋଗ ଅଛି । ତାଙ୍କ ବାଡ଼ିର ମିଠା ଆମ୍ବ, ନଡ଼ିଆ ପ୍ୟାକେଟ୍ କରି ପଠାଇଥାନ୍ତି ଇନ୍ଦ୍ରାଣୀ, ପ୍ରମୋଦଙ୍କ ସ୍ତ୍ରୀ । ପ୍ରମୋଦ ଦେଇଥିବା Alex Rutherfordଙ୍କ ରଚିତ ଆଉରଙ୍ଗଜେବ୍, ହୁମାୟୁନ୍ ବହି, ନାରାୟଣ ମୂର୍ତ୍ତିଙ୍କ ରଚିତ A better India, A better World ବହି ଏବେ ବି ଅଛି ତା' ପାଖରେ । ଇତି ଅପା ସହିତ ଏକାଠି ଦେଖିଥିବା ଉଚ୍ଚ ପର୍ବତର ଘେର ପଛରେ ଦିଗନ୍ତ ବ୍ୟାପୀ ସମୁଦ୍ର ଦୃଶ୍ୟ ଏବେ ବି ଜୀବନ୍ତ ଅଛି ତା' ଭିତରେ ।

ସତ୍ ଭାବରେ ବନ୍ଧୁତାରେ କେବେ ଭଟ୍ଟା ପଡ଼େ ନାହିଁ । ପ୍ରତ୍ୟାଶାହୀନ ବନ୍ଧୁତା କେବେ ମଳିନ ହୁଏନା ।



▲ମଧୁବାବୁଙ୍କ ଏକ୍ତୁଡ଼ିଶାଳ : ସତ୍ୟଭାମାପୁର

# ବୟସର କୁଞ୍ଚନ

**ଡକ୍ଟର ପ୍ରୀତିପଦ୍ମା ପଣ୍ଡା**
ବରିଷ୍ଠ ପ୍ରସାଧନ ଗବେଷଣା ବିଶେଷଜ୍ଞା,
ଆସ୍ଥେଟିକ୍ ଇନ୍‌ସାଇଟ୍, ହାଇଦ୍ରାବାଦ
ଫୋନ:୯୪୩୯୮୯୪୧୧୫



**ଉଜ୍ଜ୍ୱଳ, କମନୀୟ ଓ କାନ୍ତିଯୁକ୍ତ ତ୍ୱଚା ଓ ଚର୍ମର ଅଧିକାରୀ ହେବାକୁ କିଏ ବା ନଚାହେଁ! ଯୁଗେ ଯୁଗେ ଉଜ୍ଜ୍ୱଳ ଓ ଆଭା ଯୁକ୍ତ ତ୍ୱଚାକୁ ସୌନ୍ଦର୍ଯ୍ୟର ପରିମାପକ ହିସାବରେ ଗଣନା କରାଯାଏ । ବିଶ୍ୱ ପ୍ରସାଧାନ ଓ ସୌନ୍ଦର୍ଯ୍ୟ ଜଗତରେ ଏସିଆ, ଆଫ୍ରିକା ଓ ମଧ୍ୟପ୍ରାଚ୍ୟ ଦେଶମାନଙ୍କର ବ୍ୟକ୍ତି ବିଶେଷଙ୍କ ଶରୀରର ରଙ୍ଗ ବହୁ ସମୟରେ ସମସ୍ୟା ବା ବିତର୍କ ଭାବରେ ଉଭା ହୋଇଛି ।**



▶ ଡକ୍ଟର ପ୍ରୀତିପଦ୍ମା ପଣ୍ଡା

## ଉପକ୍ରମ

According to Ingrid Bergman, "Getting old is like climbing a mountain, you get a little out of breath, but the view is much better". ଏହାର ଅର୍ଥ ହେଉଛି ଯେ ଆମେ ଯେତେବେଳେ ପର୍ବତ ଆରୋହଣ କରୁ ଆମକୁ ସେତେବେଳେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ହୁଏ । କିନ୍ତୁ ପର୍ବତ ଶିଖରରେ ପହଂଚିବାର ଇଚ୍ଛା ଆମ ମନୋବଳକୁ ଦୃଢ଼ କରେ । ମଣିଷ ଶରୀର ଚାରୋଟି ଅବସ୍ଥା ଦେଇ ମୁଖ୍ୟତଃ ଗତି କରିଥାଏ । ଶୈଶବ, କୈଶୋର, ଯୌବନ ଓ ବାର୍ଦ୍ଧକ୍ୟ । ଆମର ବୟସ ବଢ଼ିବା ସଙ୍ଗେ ସଙ୍ଗେ ଆମର ଶାରିରୀକ, ମାନସିକ, ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ବିକାଶ ଘଟେ । ଆମେ ଯେତେ ଯେତେ ବୟସ୍କ ହେଉ ସମାଜ ପ୍ରତି ଆମର ଦୃଷ୍ଟିଭଙ୍ଗୀ ସେତେ ସେତେ ବଦଳେ ଏବଂ ଆମେ ଅଭିଜ୍ଞ ହେଉ । କିନ୍ତୁ ବେଳେବେଳେ ଦେଖାଯାଏ କି ବାର୍ଦ୍ଧକ୍ୟ ଅବସ୍ଥା ଆସିବାର ବହୁତ ପୂର୍ବରୁ ବାର୍ଦ୍ଧକ୍ୟର ପ୍ରାଥମିକ ଲକ୍ଷଣ ଯେପରିକି ଚୁଟି ଝଡ଼ିବା, ଚୁଟି ପାଚିବା, ମୁହଁରେ ସୂକ୍ଷ୍ମ ରେଖା, କୁଂଚନ ଓ ଭାଙ୍ଗ ପଡ଼ିବା ଆରମ୍ଭ ହୋଇଯାଏ । ଯଦି ଯୌବନ ଅବସ୍ଥାରୁ ଏହି ସବୁ ସମସ୍ୟା ଦେଖାଯାଏ, ତେବେ ଆମେ ସାବଲୀଳ ଜୀବନଶୈଳୀ, ସ୍ୱାସ୍ଥ୍ୟକର ଖାଦ୍ୟପେୟ, ଉତ୍ତମ ପରିବେଶ ଓ ଉପଯୁକ୍ତ ଚିକିତ୍ସା ମାଧ୍ୟମରେ ଆମର ଶୀଘ୍ର ବାର୍ଦ୍ଧକ୍ୟର ଆଗମନକୁ କିଛି ମାତ୍ରାରେ ରୋକିପାରିବା ଏବଂ ଏକ ସୁସ୍ଥ, ସୁନ୍ଦର ଏବଂ ସ୍ୱାସ୍ଥ୍ୟପ୍ରଦ ଜୀବନ ଜୀଇଁପାରିବା । ସେଥିପାଇଁ କୁହାଯାଏ, anyone who keeps the ability to see beauty never grown old. ଏହି କାରଣରୁ ଚିତ୍ରଶିଳ୍ପୀ, କବି, ଗାଳ୍ପିକ, ଅଭିନେତା ଏବଂ କଣ୍ଠଶିଳ୍ପୀ ମାନଙ୍କର ସୌନ୍ଦର୍ଯ୍ୟ ପ୍ରତି ଅହେତୁକ ଆକର୍ଷଣ ହେତୁ ମାନସିକ ସ୍ତରରେ ସେମାନେ ସହଜରେ ଦୁର୍ବଳ ହୋଇପଡନ୍ତି ନାହିଁ । ଯତ୍ ଦ୍ୱାରା ସେମାନଙ୍କର ଯୌବନ ଅନେକ ଦିନ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଥାଏ ।


## ତ୍ୱଚା ବା ଚର୍ମର ପ୍ରାକୃତିକ ବାର୍ଦ୍ଧକ୍ୟର କାରଣ

ବୟସ ବଢ଼ିବା ସଙ୍ଗେ ସଙ୍ଗେ ଆମ ଚର୍ମର ଉପର ସ୍ତର ପତଳା ହେବାକୁ ଲାଗେ । ତେଣୁ ଚର୍ମର ତଳେ ଥିବା ରକ୍ତବାହୀ ନଳୀମାନ ଦୃଶ୍ୟମାନ ହୁଏ ଏବଂ ଏହା ସହଜରେ ଭଗ୍ନ ହୋଇଯାଏ । ଯଦ୍ୱାରା ଚେହେରାରେ କୁଂଚନ ଏବଂ ନୀଳ ଶିରା ଦେଖାଯିବା ଆରମ୍ଭ ହୁଏ । ବୟସ ବଢ଼ିଲେ ମଧ ଚର୍ମରେ ଥିବା ଇଲାଷ୍ଟିନ ତନ୍ତୁ ଭାଙ୍ଗି ଯାଇଥାଏ, ତ୍ୱଚା ଏବଂ ଆଖି ତଳ ଭାଗ ରେ ଶୁଷ୍କ ସୂକ୍ଷ୍ମ ରେଖା ମାନ ଦେଖାଯାଏ । ସବ୍ କ୍ୟୁଟାନିଆସ୍ ଟିସୁର ସ୍ତର ମଧ ହ୍ରାସ ପାଇବାରେ ଲାଗେ । ତେଣୁ ତ୍ୱଚା ଓ ଚର୍ମ ଶରୀରକୁ ବାହ୍ୟ କ୍ଷତିକାରକ କଣିକାର ପ୍ରାଦୁର୍ଭାବରୁ ରକ୍ଷା କରିବାରେ ବିଫଳ ହୁଏ ।

## ତ୍ୱଚା ବା ଚର୍ମର ଶୀଘ୍ର ବାର୍ଦ୍ଧକ୍ୟର କାରଣ

୧. **କୋଲାଜେନ୍ ଭାଙ୍ଗିବା :** ଆମ ତ୍ୱଚା ବା ଚର୍ମକୁ ଶକ୍ତ ଭାବରେ ବାନ୍ଧି ରଖୁଥିବା କୋଲାଜେନ୍ ଯଦି କୌଣସି କାରଣରୁ ଦୁର୍ବଳ ହୋଇଯାଏ, ତେବେ ତ୍ୱଚାରେ କୁଂଚନ ଏବଂ ସୂକ୍ଷ୍ମ ରେଖା ଆରମ୍ଭ ହୁଏ ।

୨. **ଅତି ବାଇଗଣୀ ରଶ୍ମିର ପ୍ରଭାବ :** ଯଦି ଆମର ତ୍ୱଚା ବା ଚର୍ମ ଅତ୍ୟଧିକ ସମୟ ସୂର୍ଯ୍ୟ କିରଣ ପ୍ରଭାବରେ ରୁହେ, ତେବେ ସୂର୍ଯ୍ୟଙ୍କ ଠାରୁ ନିର୍ଗତ ଅତି ବାଇଗଣୀ ରଶ୍ମିର ପ୍ରଭାବରେ ତ୍ୱଚାରେ ସୂକ୍ଷ୍ମ ରେଖା ଓ କୁଞ୍ଚନ ସୃଷ୍ଟି ହୁଏ ।



୩. **ଅକ୍ସିଡେସନ୍ :** ଯଦି କୌଣସି କାରଣବଶତଃ ଚର୍ମ କୋଷରେ ଅତ୍ୟଧିକ ଅକ୍ସିଡେସନ୍ ହୋଇ ମୁକ୍ତ ରାଡ଼ିକାଲ ସୃଷ୍ଟି ହୁଏ, ତେବେ ତ୍ୱଚାର ଔଜ୍ଜ୍ୱଲ୍ୟ ଶୀଘ୍ର ନଷ୍ଟ ହେବାରେ ଲାଗେ ।

୪. **ପ୍ରଦାହ :** ବାରମ୍ୱାର ଆମ ତ୍ୱଚା ବା ଚର୍ମ ରେ ପୋଡ଼ାଜଳା ବା ଦୁର୍ଘଟଣା ଜନିତ ପ୍ରଦାହ ହେଲେ ତ୍ୱଚା ବା ଚର୍ମର ରୋଗ ପ୍ରତିରୋଧକ ଶକ୍ତି କମି ଯିବାରେ ଲାଗେ ଓ ଶୀଘ୍ର ବାର୍ଦ୍ଧକ୍ୟ ଗ୍ରାସ କରେ ।

୫. **ପ୍ରଦୂଷଣ :** ଧୂଳି, ଧୂଆଁ ଏବଂ ପ୍ରଦୂଷିତ ଜଳବାୟୁରେ କାମ କରୁଥିବା ଲୋକମାନେ ଶୀଘ୍ର ବୟସ୍କ ଦେଖାଯାଆନ୍ତି ।

୬. **ଖାଦ୍ୟପେୟ :** ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଏବଂ ଜଳବାୟୁର ପ୍ରଭାବରେ ମଧ୍ୟ ଶୀଘ୍ର ବାର୍ଦ୍ଧକ୍ୟ ଲକ୍ଷଣ ଦେଖା ଯାଇଥାଏ ।

୭. **ଧୂମ୍ରପାନ :** ଅତ୍ୟଧିକ ଧୂମ୍ରପାନ ମଧ୍ୟ ତ୍ୱଚା ଓ ଚର୍ମର ସ୍ୱାସ୍ଥ୍ୟ ପ୍ରତି ହାନିକାରକ ସାବ୍ୟସ୍ତ ହୋଇଥାଏ ।


୮. **ଶରୀରରେ ଜଳର ଅଭାବ :** ଦେହରେ ଜଳୀୟ ଅଂଶ କମିଗଲେ ତ୍ୱଚା ଓ ଚର୍ମ ଶୁଷ୍କ ଏବଂ ରୁକ୍ଷ ହୋଇ ବ୍ୟକ୍ତି ବୟସ୍କ ଦେଖାଯାଏ ।

୯. **ଚର୍ମର ଯତ୍ନର ଅଭାବ :** ଶିଶୁକୁ ଯତ୍ନ କଲା ଭଳି ଚର୍ମ ଓ ତ୍ୱଚାର ଉପଯୁକ୍ତ ଯତ୍ନ ନିୟମିତ ଭାବେ ନେବା ଏକାନ୍ତ ଅପରିହାର୍ଯ୍ୟ । ଚର୍ମକୁ ଠିକରେ ଯତ୍ନ ନକଲେ ଏହା ସମୟ କ୍ରମେ ତାର ଚମକ ଏବଂ ଔଜଲ୍ୟ ହରାଇଥାଏ ।

## ଶୀଘ୍ର ଚର୍ମ ବାର୍ଦ୍ଧକ୍ୟର ପ୍ରକାର ଭେଦ

### - ସେଲୁଲାର ବା କୋଷ ବାର୍ଦ୍ଧକ୍ୟ

ବୟସର ବୃଦ୍ଧି ସଙ୍ଗେ ସଙ୍ଗେ କିମ୍ୱା କୌଣସି ରୋଗ ହେତୁ ପୁରୁଣା କୋଷ ଗୁଡ଼ିକ ଖରାପ ହେବାକୁ ଲାଗେ ଏ୍ଂ ନୂତନ କୋଷ ଉତ୍ପାଦନ ମନ୍ଥର ହୋଇଯାଏ । ଚର୍ମରେ କୋଲାଜେନ୍ ଏବଂ ଇଲାଷ୍ଟିନ୍‌ର ପରିମାଣ ହ୍ରାସ ହେବାରେ ଲାଗେ । ଯଦ୍ ଦ୍ୱାରା ତ୍ୱଚାର ଚର୍ମ ଓହଳି ପଡେ ଏବଂ ସେଲୁଲାର ବା କୋଷ ବାର୍ଦ୍ଧକ୍ୟ ସୃଷ୍ଟି ହୁଏ ।



### - ହର୍ମୋନ୍ ବାର୍ଦ୍ଧକ୍ୟ

ବୟସର ତାଳେ ତାଳେ ବିଭିନ୍ନ ପ୍ରକାର ଶାରିରୀକ ସମସ୍ୟା ହେତୁ ଶରୀରରେ ହର୍ ମୋନ ସ୍ତରରେ ପରିବର୍ତନ ଏବଂ ଅସନ୍ତୁଳନ ଦେଖାଯାଏ । ତ୍ୱଚା ଶୁଷ୍କ ହେବାରେ ଲାଗେ, ଚର୍ମରେ କୁଞ୍ଚନ ଏବଂ ସୂକ୍ଷ୍ମରେଖା ବଢ଼ିବାରେ ଲାଗେ ।

### - ମେଟାବୋଲିକ ବାର୍ଦ୍ଧକ୍ୟ

ବୟସ ବଢିବା ସହିତ ଶରୀରର କୋଷ ଗୁଡିକରେ ପରିବର୍ତ୍ତନ ଘଟେ । ଶରୀରର ଖାଦ୍ୟ ହଜମ କରିବାର ଦକ୍ଷତା ଏବଂ ଶକ୍ତି ସ୍ତର ହ୍ରାସ ପାଇବାରେ ଲାଗେ । ଏହି ପରିବର୍ତନ ଚେହେରାରେ ଦୃଶ୍ୟମାନ ହୁଏ ଏବଂ ମଣିଷ ବୟସ୍କ ଦିଶିବାକୁ ଲାଗେ ।

## ଶୀଘ୍ର ବାର୍ଦ୍ଧକ୍ୟକୁ ପ୍ରତିରୋଧ କରିବାର ଡାକ୍ତରୀ ଚିକିତ୍ସା ପଦ୍ଧତି

୧. ଆଜିକାଲି ତ୍ୱଚାର ଶୀଘ୍ର ବାର୍ଦ୍ଧକ୍ୟକୁ ରୋକିବା ପାଇଁ ଡରମାଲ ଫିଲରସ୍, କୋଲାଜେନ୍, ହ୍ୟାଲୁରୋନିକ ଏସିଡ ଆଦି ଇଞ୍ଜେକସନ୍ ଦିଆଯାଉଛି

୨.ବଟୁଲିନୁମ୍ ଟକ୍ସିନ୍ ଦ୍ୱାରା ଚର୍ମର ମାଂସପେଶୀକୁ ପାରାଲାଇଜ୍ କରି ତ୍ୱଚାକୁ କୁଞ୍ଚନ ଏବଂ ସୂକ୍ଷ୍ମରେଖା ସୃଷ୍ଟିକୁ ପ୍ରତିହତ କରାଯାଉଛି ।

୩.ବୋଟକ୍ସ ଓ ଡରମାଲ ଫିଲରସ୍‌ର ମିଶ୍ରଣକୁ ଦିଆଯାଇ ତରଳ ଫେସ୍ ଲିଫ୍ଟ କରାଯାଉଛି ।

୪.Deoxy cholic acid ଇଞ୍ଜେକସନ୍ ଦେଇ ଓହଳି ଯାଇଥିବା ତ୍ୱଚାରୁ ଚର୍ବି କଢା ଯାଇଥାଏ । ଏହାକୁ ଫେସ୍ ମେଲ୍ଟିଙ୍ଗ କୁହାଯାଏ ।

୫. ଗ୍ଲାଇକୋଲିକ, ଲାକ୍ଟିକ ବା ଟ୍ରାଇକ୍ଲୋରୋ ଏସିଟିକ ଏସିଡ୍ ଦ୍ୱାରା ଚର୍ମର ମୃତ କୋଷକୁ ବାହାର କରାଯାଏ ଯଦ୍ ଦ୍ୱାରା ସୂକ୍ଷ୍ମ ରେଖା, କୁଞ୍ଚନ ଏବଂ ସୂର୍ଯ୍ୟ କିରଣ ଦ୍ୱାରା କ୍ଷତିଗ୍ରସ୍ତ ଚର୍ମ ବାଗରିଯାଏ । ଏହାକୁ କେମିକାଲ୍ ପିଲ୍ସ କୁହାଯାଏ ।

୬. ବାଲି ଗରଡ଼ା ବା କ୍ରିଷ୍ଟାଲ ଦ୍ୱାରା ତ୍ୱଚାର ମୃତକୋଷ କଣିକାକୁ ବାହାର କରି ତ୍ୱଚାକୁ ଉଜ୍ଜ୍ୱଳ ଓ କାନ୍ତିମୟ କରାଯାଇଥାଏ । ଏହାକୁ ଫିଜିକାଲ ଆବ୍ରାସନ୍ କୁହାଯାଏ ।

୭. ଲେଜର ଥେରାପି ପଦ୍ଧତିରେ ଶୁଷ୍କ ମୃତ ଚର୍ମକୁ ବାହାର କରି ନୂତନ ସୁସ୍ଥ କୋଷ ପ୍ରତିରୋପଣ କରାଯାଇଥାଏ କିମ୍ୱା ତ୍ୱଚା କୋଷ ଦୃଢ଼ ଏବଂ ଟାଣ କରାଯାଇଥାଏ ।

## ବୟସର କୁଞ୍ଚନକୁ ପ୍ରତିରୋଧ କରିବାର ଘରୋଇ ଟିପ୍‌ସ୍

୧. ଶରୀରକୁ ଅତ୍ୟଧିକ ସୂର୍ଯ୍ୟକିରଣ ପ୍ରଭାବରୁ ରକ୍ଷା କରିବାକୁ ଚେଷ୍ଟା କରନ୍ତୁ

୨. ଧୂଳି, ଧୂଆଁ ଓ ପ୍ରଦୂଷଣର ପ୍ରଭାବରୁ ନିଜକୁ ଯଥା ସମ୍ଭବ ଦୂରେଇ ରଖନ୍ତୁ ।

୩. ସ୍ୱାସ୍ଥ୍ୟକର ଖାଦ୍ୟପେୟ, ଅଧିକ ଆଣ୍ଟି ଅକ୍ସିଡ଼ାଣ୍ଟ୍ ଯୁକ୍ତ ଖାଦ୍ୟ ଖାଆନ୍ତୁ ଏବଂ ପ୍ରଚୁର ପରିମାଣରେ ବିଶୁଦ୍ଧ ଜଳ ପାନ କରନ୍ତୁ ।

୪. ଧୂମ୍ରପାନ ଶରୀର ପାଇଁ କ୍ଷତିକାରକ ହୋଇଥାଏ ଏବଂ ଶୀଘ୍ର ତ୍ୱଚାରେ ବୟସର ଛାପ ସୃଷ୍ଟି କରିଥାଏ । ଧୂମ୍ରପାନରୁ ଦୂରେଇ ରୁହନ୍ତୁ ଏବଂ ସୁସ୍ଥ ଜୀବନ ଜୀଅଁନ୍ତୁ ।

୫. ନିଜ ତ୍ୱଚା ଓ ଚର୍ମ ର ଆବଶ୍ୟକ ଯତ୍ନ ନିଅନ୍ତୁ । ନିୟମିତ ବ୍ୟବଧାନରେ ତ୍ୱଚାକୁ ସଫା କରିବା, ଟୋନିଂ ଏବଂ ମଇଶ୍ଚରାଇଜିଂ କରିବାକୁ ଭୁଲନ୍ତୁ ନାହିଁ ।

୬. ଯେପରି ଆମେ ବଂଚିବା ପାଇଁ ଶରୀରରେ ଖାଦ୍ୟର ଆବଶ୍ୟକତା ରହିଛି ସେହିପରି ତ୍ୱଚାର ସୌନ୍ଦର୍ଯ୍ୟ ପାଇଁ ପୋଷଣରମଧ ଆବଶ୍ୟକତା ରହିଛି । ୩୦ ବର୍ଷ ପରରପ୍ରତ୍ୟେକ ବ୍ୟକ୍ତି ବିଶେଷ ପ୍ରତିଦିନ ଦିନରେ ସନସ୍କ୍ରିନ୍ ଯୁକ୍ତ କ୍ରୀମ୍ ଲଗାନ୍ତୁ ଏବଂ ରାତିରେଆଣ୍ଟି ଏଜିଂ କ୍ରୀମ୍ ବା ସେରମ ବ୍ୟବହାର କରନ୍ତୁ ।

୭. ଆଖି ତଳେ କଳା ଦାଗ, ସୂକ୍ଷ୍ମ ରେଖା ଏବଂ କୁଞ୍ଚନ ବୟସ୍କ ଲୁକ୍ ଦେଇଥାଏ । ତେଣୁ ପ୍ରତିଦିନ ଶୋଇବା ପୂର୍ବରୁ ଏକ ଅଣ୍ଡର ଆଇ କ୍ରୀମ୍ ବା ସିରମ୍ ବ୍ୟବହାର କରନ୍ତୁ ।

ନିଜ ତ୍ୱଚା ଓ ଚର୍ମର ଉପଯୁକ୍ତ ଯତ୍ନ ନିଅନ୍ତୁ । ଜୀବନର ଶେଷ ଦିନ ପର୍ଯ୍ୟନ୍ତ ସୁନ୍ଦର, କର୍ମମୟ ଏବଂ ଚଳଚଞ୍ଚଳ ଜୀବନ ଅତିବାହିତ କରନ୍ତୁ ।

# ଗୁଣକାରୀ ଗୁଡ଼ ସ୍ୱାସ୍ଥ୍ୟ ବର୍ଦ୍ଧକ

**ରବୀନ୍ଦ୍ର କୁମାର ବିଶ୍ୱାଳ**
ମହେନ୍ଦ୍ରଦେବ ଟାୱାର୍, ଫ୍ଲାଟ୍ ନଂ ବି-୧୦୨, ପୁରୀ କଟକ ରୋଡ଼, ବମିଖାଲ୍, ଭୂଚିହ୍ନ: ରତ୍ନା କମ୍ପ୍ଲେକ୍ସ ପଛ, ଭୁବନେଶ୍ୱର-୭୫୧୦୦୬
ଫୋନ : ୯୯୩୭୨୮୮୫୫୪

ଫଟୋ ସୌଜନ୍ୟ: ଗୁଗୁଲ

**ଗୁଣକାରୀ ଗୁଡ଼ର ରହିଛି ଅନେକ ଉପକାରିତା । ପ୍ରାକୃତିକ ମିଠା ଭାବରେ ପ୍ରସିଦ୍ଧ ଗୁଡ଼, ସ୍ୱାସ୍ଥ୍ୟ ପାଇଁ ଅନେକ ଉପାୟରେ ଲାଭଦାୟକ । ଗୁଡ଼ରେ ରହିଛି ଅନେକ ଗୁରୁତ୍ୱପୂର୍ଣ୍ଣ ଭିଟାମିନ୍ ଏବଂ ପୋଷକ ତତ୍ତ୍ୱ । ଏଥିରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା, ଶରୀରକୁ ଗରମ ରଖିବା, ସଂକ୍ରାମକ ରୋଗର ଚିକିତ୍ସା ଠାରୁ ଆରମ୍ଭ କରି ଶରୀରରେ ରକ୍ତ ଅଭାବକୁ ପୂର୍ଣ୍ଣ କରିବା ଏବଂ ଅନ୍ୟାନ୍ୟ ରୋଗ ସହ ଲଢ଼ିବା ପାଇଁ ରହିଛି ପ୍ରଚୁର କ୍ଷମତା ।**





ପ୍ରାକୃତିକ ମିଠା ଭାବରେ ପ୍ରସିଦ୍ଧ ଗୁଡ଼, ସ୍ୱାସ୍ଥ୍ୟ ପାଇଁ ଅନେକ ଉପାୟରେ ଲାଭଦାୟକ ହୋଇଥାଏ । ଗୁଡ଼ରେ ଅନେକ ଗୁରୁତ୍ୱପୂର୍ଣ୍ଣ ଭିଟାମିନ ଏବଂ ପୋଷକ ତତ୍ତ୍ୱ ଭରପୂର ରହିଥାଏ । ଏଥିରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା, ଶରୀରକୁ ଗରମ ରଖିବା, ସଂକ୍ରାମକ ରୋଗର ଚିକିତ୍ସା ଠାରୁ ଆରମ୍ଭ କରି ଶରୀରରେ ରକ୍ତ ଅଭାବକୁ ସଂପୂର୍ଣ୍ଣ କରିବା ଏବଂ ଅନ୍ୟାନ୍ୟ ରୋଗ ସହ ଲଢ଼ିବା ପାଇଁ କ୍ଷମତା ରହିଛି ।

ଆସନ୍ତୁ ଗୁଡ଼ର କିଛି ସ୍ୱାସ୍ଥ୍ୟ ଉପକାରିତା, ଖାଇବା ପାଇଁ ଉପଯୁକ୍ତ ସମୟ, ଉପାୟ ଏବଂ କାହା ପାଇଁ ଏହା ବିପଜ୍ଜନକ ହୋଇପାରେ ସେ ବିଷୟରେ ଜାଣିବା ।

## ଗୁଡ଼ରେ ରହିଥିବା କ୍ୟାଲୋରୀ କାଉଣ୍ଟ୍ ଓ ପୋଷକ ତତ୍ତ୍ୱ



କେବଳ ୨୦ ଗ୍ରାମ୍ ଗୁଡ଼ରେ ୩୮ କ୍ୟାଲୋରୀ ମିଳିଥାଏ । ଏଥିରେ ୯.୮ ଗ୍ରାମ କାର୍ବୋହାଇଡ୍ରେଟ୍, ୯.୭ ଗ୍ରାମ ଚିନି, ୦.୦୧ ଗ୍ରାମ ପ୍ରୋଟିନ, କୋଲିନ, ବିଟାଲାଇନ, ଭିଟାମିନ ଇ୧୨, ଇ୬, ଫୋଲେଟ, କ୍ୟାଲସିୟମ, ଆଇରନ, ଫସଫରସ, ମ୍ୟାଗ୍ନେସିୟମ, ସେଲେନିୟମ, ଏବଂ ମାଙ୍ଗାନିଜ ରହିଥାଏ । ଏଥିରେ କୌଣସି ପ୍ରକାରର ଫ୍ୟାଟ୍ ନଥାଏ । ତେବେ ଏହାର ପୋଷକ ତତ୍ତ୍ୱ ଚିନି ସହିତ ସମାନ ହୋଇଥାଏ, ତେଣୁ ମଧୁମେହ ରୋଗୀମାନଙ୍କୁ ଏହାକୁ ସେବନ କରିବା ଠାରୁ ଦୂରେଇ ରହିବା ଉଚିତ ।

## ଭରପୂର ଅଛି ୧୫ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ

## ଫ୍ଲୁ ପରି ସଂକ୍ରାମକ ରୋଗର ଚିକିତ୍ସା ସମ୍ଭବ

ଗୁଡ଼ ସାହାଯ୍ୟରେ ଥଣ୍ଡା ଏବଂ କାଶ ଭଳି ସଂକ୍ରାମକ ରୋଗରୁ ମୁକ୍ତି ମିଳିପାରିବ । ଏହା ଶରୀରରେ ଗରମ ସୃଷ୍ଟି କରିଥାଏ । ଏହି କାରଣରୁ ଥଣ୍ଡା ହେଲେ ଏହାକୁ ଖାଇବାକୁ ପରାମର୍ଶ ଦିଆଯାଏ । ଆପଣ ଏହାକୁ ଗରମ ପାଣିରେ ମିଶାଇ ପିଇ ପାରିବେ । ଏହା ବ୍ୟତୀତ ଚିନି ସ୍ଥାନରେ ଏହାକୁ ଚା' ସହିତ ମିଶାଇ ପିଇ ପାରିବେ ।

## କୋଷ୍ଠକାଠିନ୍ୟରେ ଲାଭଦାୟକ

ଗୁଡ଼ ଶରୀରରେ ହଜମକାରୀ ଏନ୍‌ଜାଇମ୍‌କୁ ସକ୍ରିୟ କରିଥାଏ । ଯେଉଁ କାରଣରୁ ମଳତ୍ୟାଗ ପ୍ରକ୍ରିୟା ବହୁତ ସହଜ ହୋଇ ଯାଇଥାଏ । ଏହା କୋଷ୍ଠକାଠିନ୍ୟରୁ ମୁକ୍ତି ଦେଇଥାଏ । ଅନ୍ତନଳୀ ପାଇଁ ଉପଯୋଗୀ ଗୁଡ଼ ମଧ ମୂତ୍ରବର୍ଦ୍ଧକ ଭାବରେ କାମ କରିଥାଏ । ମଧ୍ୟାହ୍ନ ଭୋଜନ ପରେ ଗୁଡ଼ର ଏକ ଛୋଟ ଖଣ୍ଡ ଖାଇବା ଦ୍ୱାରା ପେଟ କିମ୍ବା ହଜମ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ ।

## ଯକୃତକୁ ଡିଟକ୍ସ କରିବା ପାଇଁ ଆବଶ୍ୟକ



ଏହାକୁ ପ୍ରାକୃତିକ ଶରୀର କ୍ଲିନର୍ କୁହାଗଲେ ମଧ କିଛି ଭୁଲ୍ ହେବ ନାହିଁ । ଗୁଡ଼ ଶରୀରରୁ କ୍ଷତିକାରକ ବିଷାକ୍ତ ପଦାର୍ଥ ବାହାର କରି ଯକୃତକୁ ସଫା କରିବାରେ ସାହାଯ୍ୟ କରିଥାଏ ।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ଲାଭଦାୟକ

ଗୁଡ଼ ଆଣ୍ଟିଅକ୍ସିଡାଣ୍ଟ୍ ଏବଂ ସେଲେନିୟମ୍ ପରି ପୋଷକ ତତ୍ତ୍ୱରେ ଭରପୂର ହୋଇଥାଏ । ଏହି କାରଣରୁ ରକ୍ତରେ ହେମୋଗ୍ଲୋବିନ ସଂଖ୍ୟା ବୃଦ୍ଧି କରିବାରେ ଗୁଣ୍ଡ ସାହାଯ୍ୟ କରିଥାଏ ।



## ରକ୍ତ ସଫା କରିବାରେ ଲାଭଦାୟକ

ଗୁଡ଼ରେ ଆମ ରକ୍ତକୁ ସଫା କରିବାର କ୍ଷମତା ରହିଥାଏ । ନିୟମିତ ଭାବରେ ଏବଂ ସୀମିତ ପରିମାଣରେ ଏହାକୁ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଉପକାର ହୋଇଥାଏ । କହିରଖୁଛୁ ଯେ ସ୍ୱଚ୍ଛ ରକ୍ତ ହେତୁ କୌଣସି ରୋଗ ହୋଇନଥାଏ । ଏହା ଗର୍ଭବତୀ ମହିଳାମାନଙ୍କ ପାଇଁ ବିଶେଷ ଲାଭଦାୟକ ହୋଇଥାଏ । ପ୍ରକୃତରେ ଗର୍ଭବତୀ ମହିଳାମାନଙ୍କର ରକ୍ତହୀନତା ଏକ ସାଧାରଣ ସମସ୍ୟା ଅଟେ ।

## ଋତୁସ୍ରାବ ସମୟରେ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ

ଅନେକ ଆବଶ୍ୟକୀୟ ପୋଷକ ତତ୍ତ୍ୱ ଥିବା ମହିଳାମାନଙ୍କ ପାଇଁ ଏହା ବିଶେଷ ଲାଭଦାୟକ ହୋଇଥାଏ । ଏହାର ନିୟମିତ ସେବନ ଦ୍ୱାରା ଋତୁସ୍ରାବରୁ ଆରାମ ମିଳିଥାଏ । ଏହା ଦ୍ୱାରା ପେଟ ଯନ୍ତ୍ରଣା , ମନୋବଳର ପରିବର୍ତ୍ତନ ଇତ୍ୟାଦି ସାଧାରଣ ସମସ୍ୟାରୁ ମୁକ୍ତି ମିଳିଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ ପ୍ରତିଦିନ ଗୁଡ଼ର ଏକ ଛୋଟ ଖଣ୍ଡ ଖାଇବା ଉଚିତ । ଏହା ଶରୀରରୁ ଏଣ୍ଡୋରଫିନ ରିଲିଜ କରିବାରେ କାମ କରିଥାଏ । ଯାହାଦ୍ୱାରା ଶରୀରକୁ ଆରାମ ମିଳିଥାଏ । ଏହା premenstrual syndrome (PMS)କୁ ରୋକିପାରେ ।

## ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ମିଳେ

ଗୁଡ଼ ଖାଇବା ଦ୍ୱାରା ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ଅନେକ ମାତ୍ରାରେ ଆରାମ ମିଳିଥାଏ । ଏକ ରିପୋର୍ଟ ଅନୁଯାୟୀ ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଅଦା ଖଣ୍ଡ ସହିତ ଗୁଡ଼ ଖାଇବା ଉଚିତ । ଏଥିସହିତ କ୍ଷୀରରେ ମିଶାଇ ପିଇବା ଦ୍ୱାରା ହାଡ ଶକ୍ତିଶାଳୀ ହୋଇଥାଏ । ଆହୁରି ମଧ୍ୟ ଆଣ୍ଠୁଗଣ୍ଠି ରୋଗରୁ ମୁକ୍ତି ମିଳିଥାଏ ।

## ରକ୍ତହୀନତାରୁ ରକ୍ଷା କରିଥାଏ

ଆଇରନ ଏବଂ ଫୋଲେଟ୍‌ରେ ଗୁଡ଼ ଭରପୂର ହୋଇଥାଏ । ଯାହା ରକ୍ତହୀନତା ରୋଗୀଙ୍କ ପାଇଁ ଲାଭଦାୟକ ଅଟେ ।

## ଅନ୍ତନଳୀ ପାଇଁ ଜରୁରୀ

ଗୁଡ଼ରେ ବହୁ ପରିମାଣର ମ୍ୟାଗ୍ନେସିୟମ ମିଳିଥାଏ ଯାହା ଅନ୍ତନଳୀକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରିଥାଏ । ପ୍ରତି ୧୦ ଗ୍ରାମ ଗୁଡ଼ରେ ୧୬ ମିଲିଗ୍ରାମ ମ୍ୟାଗ୍ନେସିୟମ ମିଳିଥାଏ , ଯାହା ଆମର ଦୈନନ୍ଦିନ ଆବଶ୍ୟକତାର ୪ ପ୍ରତିଶତ ଅଟେ ।



## ସମଗ୍ର ଶରୀରକୁ ସଫା ରଖିବାରେ ସାହାଯ୍ୟକାରୀ

ଗୁଡ଼ ସମଗ୍ର ଶରୀରକୁ ପ୍ରାକୃତିକ ଉପାୟରେ ସଫା ରଖିବା ପାଇଁ ଜଣା ଯାଇଥାଏ । ଏହା ଶରୀରରୁ ଅବାଞ୍ଛିତ କଣିକାକୁ ବାହାର କରି ଆମର ଶ୍ୱାସନଳୀ, ଫୁସଫୁସ, ଅନ୍ତନଳୀ, ପେଟ ଏବଂ ଭଜନ ନଳୀକୁ ମଧ୍ୟ ସଫା କରିଥାଏ ।

## ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ

ଗୁଡ଼ରେ ପୋଟାସିୟମ୍ ଏବଂ ସୋଡିୟମ୍ ରହିଥାଏ । ଏହା ଶରୀରରେ ଏସିଡ୍ ସ୍ତରକୁ ବଢ଼ାଇଥାଏ । ଏହା ସହିତ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣ କରିଥାଏ ।

## ଓଜନ ହ୍ରାସ କରିଥାଏ

ଏଥିରେ ଥିବା ପୋଟାସିୟମ୍ ପରିମାଣ ହେତୁ ଆମର ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନ ହୋଇଥାଏ । ଏହା ସହିତ ମାଂସପେଶୀ ଗଠନ ଏବଂ ମେଟାବୋଲିଜିମ୍ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ନ୍ୟୁଟ୍ରିସନ୍ ବିଶେଷଜ୍ଞଙ୍କ ଅନୁଯାୟୀ ଏହା ଶରୀରରେ ଜଳ ସନ୍ତୁଳିତ କରିଥାଏ । ହାଇଡ୍ରେଟ୍ କରି ଏହା ଆମ ଓଜନକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ ।

## ଶ୍ୱାସ ସମସ୍ୟା ପାଇଁ ଗୁଡ଼

ନିୟମିତ ଭାବରେ ଗୁଡ଼ ଖାଇବା ଦ୍ୱାରା ଆମର ଶ୍ୱାସ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ । ଏଥି ମଧ୍ୟରେ ଆଜମା, ବ୍ରୋଙ୍କାଇଟିସ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି । ବିଶେଷଜ୍ଞମାନେ ଏହାକୁ ଏକ ପ୍ରାକୃତିକ ମିଠା ବୋଲି ବିବେଚନା କରନ୍ତି । ଏହାର ଅନେକ ଲାଭ ବିଷୟରେ ଆୟୁର୍ବେଦରେ ମଧ୍ୟ ବର୍ଣ୍ଣନା କରାଯାଇଛି ।

## ପେଟ ଥଣ୍ଡା ପାଇଁ ଜରୁରୀ

ଗୁଡ଼ ଶରୀରର ସାଧାରଣ ତାପମାତ୍ରା ତିଆରି କରିଥାଏ ଓ ପେଟକୁ ଥଣ୍ଡା କରିଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ, ଶୀତଦିନରେ କିମ୍ବା ଗ୍ରୀଷ୍ମଦିନରେ ଗୁଡ଼ ସରବତ ପିଇବା ଉଚିତ ।

## ଶକ୍ତିର ଉତ୍ତମ ଉତ୍ସ

ଚିନି ଏକ ପ୍ରକାର କାର୍ବୋହାଇଡ୍ରେଟ୍ ଅଟେ, ଯାହା ରକ୍ତରେ ଅବଶୋଷିତ ହୋଇଯାଏ ଏବଂ ତୁରନ୍ତ ଶରୀରକୁ ଶକ୍ତିଶାଳୀ କରିଥାଏ । ତଥାପି ଗୁଡ଼ ଏକ ଜଟିଳ କାର୍ବୋହାଇଡ୍ରେଟ୍ ଅଟେ, ଯାହା ଶରୀରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଶକ୍ତି ଯୋଗାଇବାରେ ସାହାଯ୍ୟ କରିଥାଏ । ଏହା ଥକ୍କାପଣ ଏବଂ ଦୁର୍ବଳତାକୁ ଦୂର କରିବାରେ ମଧ୍ୟ ସହାୟକ ହୋଇଥାଏ ।

ତେବେ 'ଇଣ୍ଡିଆ ଟୁଡେ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଏଥିରେ କ୍ୟାଲୋରୀର ମାତ୍ରା ସାମାନ୍ୟ ଅଧିକ ରହିଥାଏ । ଏଥିରେ ୪ କ୍ୟାଲୋରୀ / ଗ୍ରାମ ମିଳିଥାଏ । ଏହି କ୍ଷେତ୍ରରେ ମଧୁମେହ ରୋଗୀ କିମ୍ବା ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ଏହାକୁ ଖାଇବା ସମୟରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ ।

# ପୋଡ଼ା ବେଲ ପଣା



## ଅବିନାଶ ସାହୁ

ଅବିକା ଟ୍ରେଣ୍ଡିପଲସ୍, ପ୍ଲଟ୍ ନମ୍ବର- ୩୦୯୫,
ଭୂଚିହ୍ନ: ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ପାଖ, ଡେରାଙ୍ଗ,
କଣିହା, ଅନୁଗୁଳ-୭୫୯୧୧୭
ଫୋନ: ୭୮୭୩୦୭୪୧୪୨


ଫଟୋ ସୌଜନ୍ୟ: ଲେଖକ

**ବେଲର ମଞ୍ଜି ଏବଂ ବୁତାଗୁଡିକୁ କାଢ଼ି ଦିଅନ୍ତୁ । ତାପରେ ଏଥିରେ ତିନି ଚାରି ଚାମଚ ଛେନା, ମିଠାର ସ୍ୱାଦ ଅନୁସାରେ ପାଣି ଗୁଡ଼, ଗୋଟିଏ ପାଚିଲା କଦଳୀ ଦେଇ ଭଲକରି ଚକଟି ଦିଅନ୍ତୁ । ଏହାକୁ ଅତି ବହଳିଆ ଅବା ଅତି ପାଣିଆ କରିବେ ନାହିଁ । ଏବେ ଦୁଇ କପ୍ ନଡ଼ିଆ କ୍ଷୀର, ଗୋଟେ କପ୍ କୋରା ନଡ଼ିଆ, ଅଧା ଚାମଚ ଗୋଲମରିଚ ଗୁଣ୍ଡ ଦେଇ ଭଲକରି ଗୋଳେଇ ନିଜେ ନିଜକୁ ସର୍ଭ କରି ପ୍ରଥମେ ପିଅନ୍ତୁ । ତା'ପରେ ନିଜ ପରିଜନଙ୍କୁ ପିଆନ୍ତୁ । ଗ୍ୟାରେଣ୍ଟି : ଆପଣଙ୍କୁ ନିଶ୍ଚିତ ଭଲ ଲାଗିବ । ପରିଜନେ ପିଇ ପ୍ରଶଂସା ନିଶ୍ଚିତ କରିବେ । ଥରେ ଟ୍ରାଏ କରିବେ । କେମିତି ଲାଗିଲା କହିବେ ।**


▶ ଲେଖକ ଅବିନାଶ ସାହୁ




### ପୋଡ଼ା ବେଲ ପଣା

**ଆବଶ୍ୟକ ସାମଗ୍ରୀ :** ଗୋଟେ ବଡ଼ ପାଚିଲା ଅକ୍ଷତ ପାଚିଲା ବେଲ, ନଡ଼ିଆ କ୍ଷୀର, କୋରା ନଡ଼ିଆ, ଛେନା, ପାଣି ଗୁଡ଼, ପାଚିଲା କଦଳୀ, ଗୋଲମରିଚ ଗୁଣ୍ଡ, ପାଣି ।

**ପ୍ରସ୍ତୁତି ପ୍ରଣାଳୀ:** ଗୋଟେ ବଡ଼ ପାଚିଲା ଅକ୍ଷତ ବେଲ ଆଣି ତାକୁ ପୋଡ଼ି ଦିଅନ୍ତୁ । କାଠଚୁଲି ନିଆଁରେ ପୋଡ଼ିଲେ ବେଲର ବାସ୍ନା ଦ୍ୱିଗୁଣିତ ହେବା ସହିତ ଅତି ସ୍ୱାଦିଷ୍ଟ ହେବ । କାଠଚୁଲି ନଥିଲେ ଆପଣ ଗ୍ୟାସ୍ ଷ୍ଟୋଭ୍‌ରେ ମଧ୍ୟ ପୋଡ଼ି ପାରିବେ । ପୋଡ଼ା ବେଲ ଥଣ୍ଡା ହୋଇଗଲା ପରେ ତାକୁ ଫଟେଇ ଫାଳ ଫାଳ କରିଦିଅନ୍ତୁ । ଗୋଟିଏ ବଡ଼ ପାତ୍ର ନିଅନ୍ତୁ । ଖଣ୍ଡ ଖଣ୍ଡ ପୋଡ଼ା ବେଲର ଖୋଳପାରୁ ଏକ ଚାମଚ ସାହାଯ୍ୟରେ ବେଲର ଭିତର ଅଂଶ କାଢ଼ି ପାତ୍ରରେ ରଖନ୍ତୁ । ଏବେ ସେଥିରେ ଆବଶ୍ୟକ ପରିମାଣରେ ପାଣି ଦେଇ ଭଲକରି ଚକଟନ୍ତୁ । ଏବେ ସେଥିରୁ ବେଲର ମଞ୍ଜି ଏବଂ ବୁତାଗୁଡିକୁ କାଢ଼ି ଦିଅନ୍ତୁ । ତାପରେ ଏଥିରେ ତିନି ଚାରି ଚାମଚ ଛେନା, ମିଠାର ସ୍ୱାଦ ଅନୁସାରେ ପାଣି ଗୁଡ଼, ଗୋଟିଏ ପାଚିଲା କଦଳୀ ଦେଇ ଭଲକରି ଚକଟି ଦିଅନ୍ତୁ । ଏହାକୁ ଅତି ବହଳିଆ ଅବା ଅତି ପାଣିଆ କରିବେ ନାହିଁ । ଏବେ ଦୁଇ କପ୍ ନଡ଼ିଆ କ୍ଷୀର, ଗୋଟେ କପ୍ କୋରା ନଡ଼ିଆ, ଅଧା ଚାମଚ ଗୋଲମରିଚ ଗୁଣ୍ଡ ଦେଇ ଭଲକରି ଗୋଳେଇ ନିଜେ ନିଜକୁ ସର୍ଭ କରି ପ୍ରଥମେ ପିଅନ୍ତୁ । ତା'ପରେ ନିଜ ପରିଜନଙ୍କୁ ପିଆନ୍ତୁ । ମୁଁ ଗ୍ୟାରେଣ୍ଟି ଦେଉଛି ଆପଣଙ୍କୁ ନିଶ୍ଚିତ ଭଲ ଲାଗିବ । ପରିଜନେ ପିଇ ପ୍ରଶଂସା ନିଶ୍ଚିତ କରିବେ । ଥରେ ଟ୍ରାଏ କରିବେ । କେମିତି ଲାଗିଲା ମତେ କହିବେ ।

### ଛତୁଆ ପଣା



**ଆବଶ୍ୟକ ସାମଗ୍ରୀ :** ଚୁଡ଼ା ଛତୁଆ , କ୍ଷୀର, କୋରା ନଡ଼ିଆ, ଛେନା, ବୁନ୍ଦି, ପାଣି ଗୁଡ଼, ପାଚିଲା କଦଳୀ, ଗୋଲମରିଚ ଗୁଣ୍ଡ, ପାଣି ।

**ପ୍ରସ୍ତୁତି ପ୍ରଣାଳୀ:** ଗୋଟିଏ ବଡ଼ ପାତ୍ର ନିଅନ୍ତୁ । ଦୁଇ ଗ୍ଲାସ୍ ପାଣି ନିଅନ୍ତୁ । ଘର ତିଆରି ଛତୁଆ ଦେଢ଼ କପ୍ ନେଇ ଅଳ୍ପ ଅଳ୍ପ ପାଣିରେ ପକାଇ ଗୋଳାନ୍ତୁ । ଘର ଛତୁଆ ନଥିଲେ କିଣା ଛତୁଆ ନେଇ ପାରିବେ । ଏବେ ଗୋଟେ କପ୍ କ୍ଷୀର, ଅଧା କପ୍ କୋରା ନଡ଼ିଆ, ଅଧା କପ୍ ଛେନା, ଅଳ୍ପ ବୁନ୍ଦି, ଅଧା କପ୍ ପାଣି ଗୁଡ଼, ଗୋଟିଏ ପାଚିଲା କଦଳୀ ଚକଟା ଏବଂ ଅଧା ଚାମଚ ଗୋଲମରିଚ ଗୁଣ୍ଡ ଦେଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ଏହାକୁ ଅତି ବହଳିଆ ଅବା ଅତି ପାଣିଆ କରିବେ ନାହିଁ । ଏବେ ଏହା ତିନି ଜଣଙ୍କୁ ଆରାମରେ ସର୍ଭ କରି ପାରିବେ । ଟ୍ରାଏ କରିବେ ନିଶ୍ଚିତ । ଦେଖିବେ ଏହି ଛତୁଆ ପଣା ସବୁଦିନ ପିଇବାକୁ ମନ ବଳିବ ଆପଣଙ୍କର । ଏହା ସ୍ୱାଦିଷ୍ଟ ହେବା ସହିତ ଦେହ ପାଇଁ ହିତକର ମଧ୍ୟ । କେମିତି ଲାଗିଲା ଜଣେଇବେ ।

# ଗୀତିକାଙ୍କ ରେସିପି


**ଗୀତିକା ଜ୍ୟୋତିପର୍ଣ୍ଣା ବିଶ୍ୱାଳ**

ନିଉ କଲୋନୀ, ନୀଳିଆବାଗ, ଶ୍ରୀକଣ୍ଠପୁର,
ବାଲେଶ୍ୱର-୭୫୬୦୦୧
ଫୋନ : ୬୩୭୦୪୬୦୩୦୬


ଫଟୋ ସୌଜନ୍ୟ: ଲେଖିକା



## ପଣସ କୋପ୍ତା ମସଲା

**ଆବଶ୍ୟକ ସାମଗ୍ରୀ :** ୩୦୦ ଗ୍ରାମ କଟା କଞ୍ଚା ପଣସ (ଇଞ୍ଚଡ଼), ୨ଟି କଟା ପିଆଜ, କିଛି କଟା କଞ୍ଚା ଲଙ୍କା, ୩ରୁ ୪ ଚାମଚ ବେସନ, ୨ରୁ ୩ ମାଚ କର୍ଣ୍ଣଫ୍ଲୋର, ଅଧା ଚାମଚ ହଳଦୀ, ଅଧା ଚାମଚ ରେଡ଼୍‌ଚିଲ୍ଲି ପାଉଡ଼ର, ଅଧା ଚାମଚ ଗରମ ମସଲା, ଚିମୁଟାଏ ଧନିଆ ଗୁଣ୍ଡ, ଅଧା ଚାମଚ ଜୀରା ଗୁଣ୍ଡ, ୧ଟି ଟମାଟୋ, ୩ ରୁ ୪ଟି କାଜୁ, ୧ଟି ତେଜପତ୍ର, ଅଧା ଚାମଚ ଗୋଟା ଜିରା, ୨ରୁ ୩ ଖଣ୍ଡ କଟା ଅଦା, ୫ଟି ରସୁଣ କୋଳା, ଅଧା ଚାମଚ କସ୍ତୁରୀମେଥି, କିଛି କଟା ଧନିଆପତ୍ର, ୧ କପ୍ ରିଫାଇନ ତେଲ, ସ୍ୱାଦ ଅନୁଯାୟୀ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଟା ପଣସକୁ ଭଲ ଭାବେ ଧୋଇ ରଖନ୍ତୁ । ବର୍ତ୍ତମାନ କଡ଼େଇରେ ୨କପ୍ ପାଣି ଏବଂ ୧ ଚାମଚ ଲୁଣ ପକାଇ ପଣସକୁ ୫ରୁ ୭ ମିନିଟ୍ ଅଧା ସିଟି ହେବା ପର୍ଯ୍ୟନ୍ତ ସିଝାନ୍ତୁ । ବର୍ତ୍ତମାନ ସିଝା ପଣସକୁ ଗୋଟାଏ ପ୍ଲେଟ୍‌ରେ ବାହାର କରି ଅଳ୍ପ ଅଳ୍ପ ହାତରେ ଚକଟି ରଖନ୍ତୁ । ଏବେ ଗୋଟାଏ ପ୍ୟାନ୍‌ରେ ୧ ଚାମଚ ତେଲ ପକାଇ ସେଥିରେ କଟାପିଆଜ, ଟମାଟୋ, କାଜୁ ପକାଇ ୨ରୁ ୩ ମିନିଟ୍ ଭାଜନ୍ତୁ । ଏହା ଭଲ ଭାବେ ଥଣ୍ଡା ହେବା ପରେ ମିକ୍ସି ସହାୟତାରେ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଚକଟା ହୋଇଥିବା ପଣସରେ କର୍ଣ୍ଣଫ୍ଲୋର୍, ବେସନ, ଲୁଣ, କଟା କଞ୍ଚାଲଙ୍କା ପକାଇ ବଲ୍‌ର ଆକୃତି ଦେଇ ଛୋଟ ଛୋଟ କୋପ୍ତା ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ କଡ଼େଇରେ ରିଫାଇନ୍ ତେଲ ପକାନ୍ତୁ । ତେଲ ଗରମ ହେବା ପରେ କୋପ୍ତା ଗୁଡ଼ିକୁ ପକାଇ ଛାଣନ୍ତୁ । କୋପ୍ତାକୁ ଭଲ ଭାବେ ଛାଣି ହେବା ପରେ ଏହାକୁ ଏକ ପାତ୍ରରେ ବାହାର କରି ରଖନ୍ତୁ ।

ଏବେ ଏକ ପ୍ୟାନ୍‌କୁ ଗରମ କରି ସେଥିରେ ୨ରୁ ୩ ଚାମଚ ରିଫାଇନ୍ ତେଲ ପକାନ୍ତୁ । ତେଲ ଗରମ ହେବା ପରେ ସେଥିରେ ଗୋଟା ଜିରା, ତେଜପତ୍ର, କଟା ପିଆଜ ପକାଇ ଅଳ୍ପ ଭାଜନ୍ତୁ । ଅଳ୍ପ ରାଜି ହେବା ପରେ ସେଥିରେ ଅଧାଚାମଚ ରେଡ୍ ଚିଲ୍ଲି ପାଉଡ଼ର ପକାନ୍ତୁ (ଏତଦ୍‌ଦ୍ୱାରା ତରକାରୀରେ ଭଲ ରଙ୍ଗ ଆସିଥାଏ), ବର୍ତ୍ତମାନ ସେଥିରେ ପ୍ରସ୍ତୁତ ହୋଇଥିବା ପେଷ୍ଟ ପକାଇ କଷନ୍ତୁ । ଅଳ୍ପ କଷି ହେବା ପରେ ହଳଦୀ, ଧନିଆଗୁଣ୍ଡ ଜୀରାଗୁଣ୍ଡ ପକାଇ କଷନ୍ତୁ । ମସଲାରୁ ଭଲ ଭାବେ ତେଲ ବାହାରିବା ପରେ ସେଥିରେ ୨ କପ୍ ପାଣି ପକାଇ ଫୁଟାନ୍ତୁ । ତରକାରୀ ଫୁଟିବା ସମୟରେ ଛଣା ହୋଇଥିବା କୋପ୍ତା ପକାଇ ଆଉ ୩ରୁ ୪ ମିନିଟ୍ ଫୁଟାନ୍ତୁ । ଏବେ ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ଏବଂ ଅଧାଚାମଚ ଗରମ ମସଲା ପକାଇ ଓହ୍ଲାଇ ଆଣନ୍ତୁ । ଏହାକୁ ଏବେ ଏକ ପ୍ଲେଟ୍‌ରେ ବାହାର କରି କିଛି କଟା ଧନିଆପତ୍ର ସଜାଇ ଗରମ ରୁଟି କିମ୍ବା ଭାତ ସହ ପରଷି ଦିଅନ୍ତୁ ।



▶ ଲେଖିକା ଗୀତିକା ଜ୍ୟୋତିପର୍ଣ୍ଣା ବିଶ୍ୱାଳ

## ଚିକେନ୍ ୬୫

**ଆବଶ୍ୟକ ସାମଗ୍ରୀ :** ୫୦୦ଗ୍ରାମ୍ ଚିକେନ୍, ୨ରୁ ୩ ଚାମଚ ବେସନ, ୩ରୁ ୪ ଚାମଚ କର୍ଣ୍ଣଫ୍ଲୋର୍, ୧ଟି ଅଣ୍ଡା, ଅଧା ଚାମଚ ହଳଦୀ, ଅଧା ଚାମଚ ରେଡ୍ ଚିଲ୍ଲି ପାଉଡ଼ର, ଅଧା ଚାମଚ ଗରମ ମସଲା, ୧ ଚାମଚ ଅଦା ରସୁଣ ପେଷ୍ଟ, କିଛି କଟା ରସୁଣ, କଟା କଞ୍ଚାଲଙ୍କା, ୨ବୁନ୍ଦା ରେଡ୍‌ଫୁଡ୍ କଲର (ଇଚ୍ଛାଧୀନ), କିଛି ଭୁର୍ସୁଙ୍ଗ ପତ୍ର, ୨ କପ୍ ରିଫାଇନ ତେଲ ଏବଂ ସ୍ୱାଦ ଅନୁଯାୟୀ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ରଖନ୍ତୁ । ବର୍ତ୍ତମାନ ସେଥିରେ ବେସନ, କର୍ଣ୍ଣଫ୍ଲୋର୍ ପକାଇ ଗୋଳାନ୍ତୁ । ବେସନ ଓ କର୍ଣ୍ଣଫ୍ଲୋର୍ ଭଲ ଭାବେ ମିଶିଯିବା ପରେ ସେଥିରେ ଅଣ୍ଡା, ଲୁଣ, ହଳଦୀ, ରେଡ୍ ଚିଲ୍ଲି ପାଉଡ଼ର, ଗରମ ମସଲା, ଚିକେନ୍ ମସଲା, ରେଡ୍ ଫୁଡ୍ କଲର୍ ପକାଇ ଗୋଳାନ୍ତୁ । ଆବଶ୍ୟକ ହେଲେ ଅଳ୍ପ ପାଣି ପକାଇ ଭଲ ଭାବେ ଗୋଳାନ୍ତୁ । ଚିକେନ୍‌କୁ ବର୍ତ୍ତମାନ ଢାଙ୍କୁଣି ଦେଇ ଅତି କମ୍‌ରେ ୪୫ ମିନିଟ୍ ପର୍ଯ୍ୟନ୍ତ ମେରିନେଟ୍ କରନ୍ତୁ । ଚିକେନ୍ ମେରିନେଟ୍ ହେବା ପରେ ଏକ କରେଇରେ ୨ କପ୍ ରିଫାଇନ୍ ତେଲ ପକାଇ ଭଲ ଭାବେ ଗରମ କରନ୍ତୁ । ତେଲ ଗରମ ହେବା ପରେ ସେଥିରେ ଚିକେନ୍‌କୁ ଗୋଟା ଛାଣନ୍ତୁ । ଗ୍ୟାସ୍‌ର ଆଞ୍ଚକୁ ମଧ୍ୟମ କରି ୮ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ଚିକେନ୍‌କୁ ଫ୍ରାଏ କରନ୍ତୁ । ଚିକେନ୍ ସବୁ ଫ୍ରାଏ ହେବା ପରେ ଏହାକୁ ଏକ ପାତ୍ରକୁ ବାହାର କରି ରଖନ୍ତୁ । ଏବେ ଏକ ପ୍ୟାନ୍ ଗରମ କରି ସେଥିରେ ୨ ଚାମଚ ତେଲ ପକାନ୍ତୁ । ତେଲ ଗରମ ହେବା ପରେ ସେଥିରେ କଟା କଞ୍ଚାଲଙ୍କା, କଟା ରସୁଣ ଏବଂ ଭୁର୍ସୁଙ୍ଗ ପତ୍ରକୁ ହାଲୁକା ଭାଜନ୍ତୁ । ଏସବୁ ଭାଜି ହେବା ପରେ ସେଥିରେ ଚିକେନ୍ ଫ୍ରାଏକୁ ପକାଇ ୨ରୁ ୩ ମିନିଟ୍ ଛୁଙ୍କ ଦିଅନ୍ତୁ । ପ୍ରସ୍ତୁତ ହୋଇଥିବା ଚିକେନ୍ ୬୫କୁ ଏକ ପାତ୍ରକୁ ବାହାର କରି ନିଅନ୍ତୁ । ଚିକେନ୍ ୬୫କୁ ଆପଣ ଷ୍ଟାର୍ଟର୍ ହିସାବରେ ଖାଇ ପାରିବେ । ଏହାକୁ ଆପଣ କିଛି କଟା ପିଆଜ ସହ ସଜାଇ ପରଷି ପାରିବେ ।



ଶେଷପୃଷ୍ଠା

# ସାହିତ୍ୟିକର ସ୍ୱଧର୍ମ

ପ୍ରତ୍ୟେକଟି ମଣିଷର 'ସ୍ୱଧର୍ମ' ବୋଲି କଥାଟିଏ ଅଛି । ଆମେ ଆମର ସ୍ୱଧର୍ମରୁ ବିଚ୍ୟୁତ ନହୋଇ ଜୀବନଯାପନ କରିବା ଆବଶ୍ୟକ । ନିଜ ଧର୍ମ ବା ନିଜ ପାଇଁ ନିଧାର୍ଯ୍ୟ କର୍ମ ହିଁ ଆମକୁ ପରିଚିତ କରାଏ । ଆମେ ସ୍ୱଧର୍ମକୁ ପାଳନ କରିବା ପାଇଁ ପ୍ରତିବଦ୍ଧ । ଆମକୁ ସେଥିପାଇଁ ପ୍ରସ୍ତୁତ କରାଯାଇଛି । ଆମେ ନିଜେ ଯେଉଁ ଧାରାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁ, ତାହା ହିଁ ଆମ ସ୍ୱଧର୍ମ । ସ୍ୱଧର୍ମ ହେଉଛି ଜୀବନର ଏକ ଅନୁପମ ଭୂମିକାକୁ ନିଭାଇବା ବେଳେ ନିଜର କର୍ମକୁ ବୁଝିବା ଏବଂ ତଦନୁସାରେ ପରିପୂର୍ଣ୍ଣତା ଆଣିବା । ପ୍ରତ୍ୟେକଟି ମଣିଷକୁ ଈଶ୍ୱର ଏକ 'ୟୁନିକ୍‌ନେସ୍' ବା 'ଅନନ୍ୟତା' ପ୍ରଦାନ କରି ସୃଷ୍ଟି କରିଥାନ୍ତି । ତାହା ହିଁ ପ୍ରତ୍ୟେକ ମଣିଷର ଆଜନ୍ମ 'ୟୁଆଇଡ଼ି' ବା ୟୁନିକ୍ ଆଇଡ଼େଣ୍ଟିଫିକେସନ୍ ନମ୍ବର । ସୁତରାଂ 'ମୁଁ' 'ଆପଣ' ହେଇ ପାରିବିନି କି 'ଆପଣ' 'ମୁଁ' ହେଇ ପାରିବେନି । ପ୍ରତ୍ୟେକଟି ମଣିଷ କେଉଁଠି ନା କେଉଁଠି ଅପର ଠୁ ଭିନ୍ନ । ଏଇ 'ଭିନ୍ନତା' ହିଁ ଆମର ସ୍ୱତନ୍ତ୍ର ପରିଚୟ । ଏଇଠି ହିଁ ଲୁଚିଥାଏ ନିଜକୁ ଆବିଷ୍କାର କରିବାର ସୂତ୍ର । ଆମେ ନିଜକୁ ବା ନିଜ ଭିତରକୁ ଝାଙ୍କି ଦେଖୁ କମ୍ । ଆମେ ବାହ୍ୟଦୃଷ୍ଟିରେ ଅଧିକତର ଭାସମାନ ଥାଉ । ଫଳରେ ଅନ୍ୟ ପରି ହେବାକୁ ଚାହୁଁ । ଅନ୍ୟ ସହ ତୁଳନା କରି ତା' ଠାରୁ ଅଧିକ ଶ୍ରେୟସ୍କର ହେବାକୁ ବୃଥା ପ୍ରୟାସ କରୁ । ଆମେ ଅନ୍ତର୍ଦୃଷ୍ଟି ସମ୍ପନ୍ନ ହେବାକୁ ଚାହୁଁନା । କିନ୍ତୁ ପ୍ରକୃତରେ ଆତ୍ମ-ନିରୀକ୍ଷଣ ଭିତରେ ହିଁ ଲୁଚି ରହିଥାଏ ନିଜକୁ ପ୍ରତିପାଦିତ କରିବାର ସମସ୍ତ ଉପାୟ । ନିଜ ଭିତରେ ଲୁଚି ରହିଥିବା 'ଅଭିନବତ୍ୱ'କୁ ଆମେ ଆବିଷ୍କାର କରିବା ଦିଗରେ ସମୟ ଦେଉ କମ୍ । ବେଶି ସମୟ ଆମର ଖର୍ଚ୍ଚ ହୋଇଯାଏ ଅପରର କାର୍ଯ୍ୟକଳାପକୁ ତର୍ଜମା କରିବାରେ । ଅପରର ଚୁଗୁଲି ବା କୁତ୍ସା କରିବାରେ । ଅପରର ପାଇଁ ଗାତ ଖୋଳିବାରେ । ଏଇଠି ହିଁ ଆମେ 'ସ୍ୱଧର୍ମ'ରୁ ଦୂରେଇ ଯାଉ । ପରଧର୍ମରେ ପ୍ରବେଶ କରୁ । ଗୀତାରେ କୁହାଯାଇଛି: ସ୍ୱଧର୍ମ ହିଁ ଶ୍ରେଷ୍ଠ । ପରଧର୍ମରେ ପ୍ରବେଶ, ଆମ ପକ୍ଷେ ଚରମ କ୍ଷତିକାରକ ।

ସାହିତ୍ୟ କର୍ମ ବା ସାହିତ୍ୟ ଧର୍ମରେ ବିଶ୍ୱାସୀ ଆମେ ଯେଉଁମାନେ ଲେଖାଲେଖି କରୁ, ପ୍ରକୃତରେ ଆମେ ଆମର ସ୍ୱଧର୍ମ ପ୍ରତି କେତେ ବିଶ୍ୱସ୍ତ ଓ ପ୍ରତିବଦ୍ଧ- ସେକଥା କେବେ ଭାବିଛୁ କି? ଲେଖକର ସ୍ୱଧର୍ମ କ'ଣ ? ଏକଥା ମୁଁ ଭିନ୍ନ ଭିନ୍ନ ଲେଖକଙ୍କୁ ପଚାରିବା ବେଳେ ଭିନ୍ନ ଭିନ୍ନ ମତ ପାଇଲି । ତେବେ ଜଣେ ଅଧ୍ୟୟନରତା ଛାତ୍ରୀ ଶୁଚିସ୍ମିତା ମଲ୍ଲିକ ଯେତେବେଳେ ମୋତେ ପ୍ରଶ୍ନ କରିଥିଲେ "ସାର, ସ୍ୱଧର୍ମ କ'ଣ" ବୋଲି, ସେତେବେଳେ ଏ ବିଷୟରେ ଭାବିବାକୁ ବାଧ୍ୟ ହୋଇଥିଲି ମୁଁ । ଯେହେତୁ ମୁଁ ଜଣେ ପ୍ରବଚକ ନୁହେଁ କି ଭାଷ୍ୟକାର ନୁହେଁ, ଏସବୁ ବିଷୟରେ ମୋର ଗବେଷଣା ନାହିଁ, ସୁତରାଂ ଛାତ୍ରୀଟିର ପ୍ରଶ୍ନରେ ମୁଁ ମଧ୍ୟ ପ୍ରଶ୍ନାୟିତ ହୋଇପଡ଼ିଲି । ମୋର ଅବବୋଧ ଅନୁସାରେ ମୁଁ ଶୁଚିସ୍ମିତାଙ୍କୁ କହିଲି: "ମୋର ଧର୍ମ କ'ଣ ମୁଁ ଯଦି ବୁଝିଛି, ଏବଂ ତଦନୁସାରେ କର୍ମ କରୁଛି, ତେବେ ସମସ୍ୟା ନାହିଁ । କିନ୍ତୁ ମୁଁ ନିଜ ଦାୟିତ୍ୱବୋଧ ଭୁଲି ଅନ୍ୟର ଧର୍ମରେ ମୁଣ୍ଡ ପୂରେଇଲେ ଇ ସମସ୍ୟା ଉପୁଜିବ । ମାନବଧର୍ମ ଆମକୁ ନିଭେଇବାକୁ ପଡ଼ିବ । କାରଣ ଈଶ୍ୱର ଆମକୁ ଏକ ଦାୟିତ୍ୱ ଦେଇ ସୃଷ୍ଟି କରିଛନ୍ତି, ଭୁଲିଯିବା ଅନୁଚିତ ।


ମାଛ ପାଣିରେ ବସବାସ କରିବ- ଏହା ତା'ର ଧର୍ମ । କ୍ଷୀର ପାଣି ଠୁ ବେଶି ମୂଲ୍ୟବାନ ହେଲେ ହେଁ, ମାଛ ଯଦି ସ୍ୱଧର୍ମ ଭୁଲି କ୍ଷୀରରେ ବସବାସ କରିବା ଆରମ୍ଭ କରିବ, ମୃତ୍ୟୁ ତ ଅନିବାର୍ଯ୍ୟ ।"

ମୋର ଏଇ ଉତ୍ତରରେ ସନ୍ତୁଷ୍ଟ ହୋଇଥିବା ଶୁଚିସ୍ମିତା କିନ୍ତୁ ମୋ ଭିତରେ ରଚି ଦେଇଗଲେ ଆଉ ଏକ ଜିଜ୍ଞାସା: ଲେଖକର ସ୍ୱଧର୍ମ କ'ଣ ? ଏ ବିଷୟରେ, ମୁଁ ଜଣେ ଲେଖକ ହୋଇଥିବାରୁ, ଅନ୍ୟ ଲେଖକମାନଙ୍କର ଧାରଣା ଜାଣିବା ମୋ ପାଇଁ ଜରୁରୀ ହୋଇ ପଡ଼ିଲା । କେତେଜଣଙ୍କ ସହ କଥା ହେଲି । ସମସ୍ତଙ୍କର ଭିନ୍ନ ଭିନ୍ନ ମତ ଥିଲା ସତ, କିନ୍ତୁ ତା' ଭିତରୁ ଗୋଟିଏ ସତ୍ୟକୁ ଆବିଷ୍କାର କରିବା ବେଳେ ମୋ ମନରେ ମଧ୍ୟ ରହିଲା ସଂଶୟ ! ସତରେ କ'ଣ ଲେଖକ ତା'ର ନିଜସ୍ୱ ଧର୍ମ ପାଳନ କରୁଛି !

ସାହିତ୍ୟ କ'ଣ ? ସାହିତ୍ୟ ଏକ ମେଡ଼ିସିନ୍ ବା ଔଷଧ । ଆମେ ସାହିତ୍ୟକୁ ଗୋଟେ 'ନିଦାନ' ଭାବେ ଗ୍ରହଣ କରିବା ଉଚିତ । ରୋଗଟିଏ ହେଲେ ଆମେ ଔଷଧ ଖାଉ ଏବଂ ସେଇ ଔଷଧର 'ଆଣ୍ଟିଜେନ୍' ଗୁଣ, ରୋଗର ଜୀବାଣୁକୁ ନଷ୍ଟ କରି ଆମକୁ ରୋଗମୁକ୍ତ କରାଏ । ସାହିତ୍ୟ ମଧ୍ୟ ଅନୁରୂପ ଭାବେ ମାନବ ସମାଜକୁ ଗ୍ରାସୁଥିବା ନାନାଦି ବ୍ୟାଧିରୁ ମୁକ୍ତ କରାଇବା ପାଇଁ ଉଦ୍ଦିଷ୍ଟ । ସାହିତ୍ୟକୁ ଆମେ ଏକ ଔଷଧ ଭାବରେ ବ୍ୟବହାର କରିବା ଦରକାର । ଫଳରେ ଏକ ସୁସ୍ଥ ଓ ସଶକ୍ତ ମାନବ ସମାଜ ଗଠନ ହୋଇପାରିବ । ଆଜିର ସମୟରେ ମଣିଷ ଭିତରୁ ହଜିହଜି ଯାଉଛି 'ମାନବିକତା' । ସମ୍ବେଦନା ଓ ଆବେଗ ମରିଯାଉଛି ମଣିଷ ଭିତରୁ । ମଣିଷ ଭିତରେ ସଂବେଦନା, ମାନବିକତାର ମଂଜି ବୁଣେ ଏଇ ସାହିତ୍ୟ । ସାହିତ୍ୟ ଆଜି 'ଆଣ୍ଟିଜେନ୍'ର କାମ କରୁଛି କି ? ସମାଜକୁ ଓ ମଣିଷକୁ ନାନାପ୍ରକାର ସାମାଜିକ ବ୍ୟାଧି, ହିଂସ୍ରତା, ଅମାନବୀୟତା ଏବଂ ପାଶବିକତାରୁ ସୁରକ୍ଷା ଦେଉଛି କି? ମଣିଷ ଭିତରେ ତିଆରି କରୁଛି କି ଦୟା, କ୍ଷମା ଓ ମାନବିକତା ଭଳି ସଦାଚାର । ସାହିତ୍ୟ କ'ଣ ହରାଇ ସାରିଛି ତା'ର 'ଆଣ୍ଟିଜେନ୍' ଗୁଣ ବା ପ୍ରତିରୋଧକ ଶକ୍ତି ! ଯଦି ଏହାର ଉତ୍ତର 'ହଁ' ହୁଏ, ତେବେ ଲେଖକ କ'ଣ ସ୍ୱଧର୍ମ ଠୁ ବିଚ୍ୟୁତ ? ଏ ଏକ ବିରାଟ ପ୍ରଶ୍ନ । ଏ ପ୍ରଶ୍ନରେ ବିଚଳିତ ହେବା ବେଳେ ମୋ ପାଖରେ ଲେଖକ ହେବାର ପରିଚୟ ଓ ପ୍ରସିଦ୍ଧିକୁ ନେଇ ଖୁସି ହେବାର ଗୋଟେ ବି କାରଣ ଖୋଜି ପାଉନି ମୁଁ । ସର୍ବତ୍ର ଚୁଗୁଲି ଓ ଚାଟୁକାରିତା । କେହି କାହାରିକୁ ସହ୍ୟ କରିବାକୁ ପ୍ରସ୍ତୁତ ନୁହେଁ ।

ଲେଖକ ଯେତେବେଳେ ନିଜର ସ୍ୱଧର୍ମରେ ରହିବ, ସେତେବେଳେ ସେ ନିଜର ଲେଖାଲେଖି ପ୍ରତି ବିଶ୍ୱସ୍ତ ହେବ । ପ୍ରତିବଦ୍ଧ ହେବ । ସେ କେବେ ବି ଭାବିବ ନାହିଁ, ମୁଁ ମନୋଜ ଦାସଙ୍କ ପରି ହେବି କି ରମାକାନ୍ତ ରଥଙ୍କ ପରି ହେବି ! କାରଣ ଆମେ ଜାଣୁ, ମନୋଜ ଦାସ ହୁଅନ୍ତୁ କି ରମାକାନ୍ତ ରଥ ଅବା ସୁଜିତ ପଣ୍ଡା ହୁଅନ୍ତୁ କି ସଂଜୟ ଭଞ୍ଜ- ଏମାନେ ଏକ ଓ ସ୍ୱତନ୍ତ୍ର । ଏମାନଙ୍କ 'ୟୁନିକ୍‌ନେସ୍' ବା 'ୟୁଆଇଡ଼ି' ପୃଥକ ପୃଥକ । ଜଣେ ମନୋଜ ଦାସଙ୍କ ପରି ଲେଖିଦେଲେ କି ମନୋଜ ଦାସଙ୍କ ପରି ବେଶଭୂଷା ପିନ୍ଧିଦେଲେ ତ ମନୋଜ ଦାସ ହେଇ ଯିବେନି । ଆମେ ତାଙ୍କୁ ଖୁବ୍ ବେଶିରେ ମନୋଜ ଦାସଙ୍କ 'ନକଲ' ବୋଲି ହିଁ କହିବୁ । ମନୋଜ ଦାସ ନୁହେଁ । କାରଣ କେଉଁଠି ନା କେଉଁଠି ମନୋଜ ଦାସ ଏମିତି ସ୍ୱତନ୍ତ୍ର ଯେ, ଠିକ୍ ସେମିତି ହେବା ଅସମ୍ଭବ । ଈଶ୍ୱର ମନୋଜ ଦାସଙ୍କୁ ତାଙ୍କ 'ୟୁନିକ୍‌ନେସ୍' ପ୍ରଦାନ କରିଛନ୍ତି ଯେତେବେଳେ, ସଂଜୟ ଭଞ୍ଜଙ୍କୁ ବି ଦେଇଛନ୍ତି ତାଙ୍କର ନିଆରାପଣ । ଏଣୁ ପୃଥିବୀର କୌଣସି ବ୍ୟକ୍ତି ଆଉ ଜଣେ ବ୍ୟକ୍ତି ପରି ଅବିକଳ ହେବା ଅସମ୍ଭବ ଖାଲି ନୁହେଁ, ଅକଳ୍ପନୀୟ ମଧ୍ୟ ।

ଲେଖକଟିଏ ଯେତେବେଳେ ସମାଜରେ ଲେଖକ ଭାବେ ପରିଚିତ ହୁଏ, ସେତେବେଳେ ସେ 'ବ୍ୟକ୍ତିସତ୍ତା'ରୁ ବାହାରି ଆସି ନିଜେ 'ସମାଜ'ଟିଏ ହୋଇ ଛିଡ଼ା ହୁଏ । ତା'ର ସ୍ୱଧର୍ମ ଅବା ତାର କର୍ମ ହିଁ ସେତେବେଳେ ସମାଜର ବ୍ୟାଧିକୁ ପ୍ରତିରୋଧ କରିବା ପାଇଁ ନିଜେ 'ଆଣ୍ଟିଜେନ୍' ହୁଏ, ନତୁବା ସାହିତ୍ୟକୁ 'ଆଣ୍ଟିବଡ଼ି' ଭାବେ ତିଆରି କରେ । ପ୍ରତିଟି ଲେଖକର ଏହା ହିଁ ଧର୍ମ ବୋଲି ମୁଁ ଭାବେ ।





HIGHLAND
A Highland Group Entity
A state of the art shrimp processing plant
Our Certifications :
SGS
FSSC 22000
BRCGS
Best Aquaculture Practices
Follow us on :
/ highlandagro
Product Profile
Headless (HL)
PUD
PD
Karikadi
Easy Peel
PDTO
/highlandagro
HIGHLAND AGRO FOOD PVT. LTD.
Plot No. 347-358, Gadabhanga, Khantapada, Balasore, Odisha, India - 756043
Email : info@highlandgroups.com
Website : www.highlandgroups.com


RUCHI
FOODLINE
Since 1976
Karlo Dosti Sehat Se
Premium Besan for
Healthy Indian Snacks
RUCHI
FOODLINE
Since 1976
Chana
BESAN
Made from the
finest quality Gram Dal
PREMIUM QUALITY
Net Weight
500g
100%
PURE & HEALTHY
Suggested Serving Only
Made from
100% Pure
Chana Dal